ଧରିତ୍ରୀ
DHARITRI
ଭୁବନେଶ୍ୱର, ଗୁରୁବାର, ମାର୍ଚ୍ଚ ୨/୨୦୨୩ (୧୮ ପୃଷ୍ଠା) Bhubaneswar, Thursday, March 2/2023 Page 18 ₹ 7.00
୪୯ଶ ଭାଗ ୯୮ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul VOLUME 49 ISSUE 98 ମୂଲ୍ୟ ₹୭/-




KP GROUP
Quality Since 1965
Safal
PAN MASALA
କିଛି ଅତୁଲ୍ୟ ସ୍ୱାଦ!
ଶବ୍ଦରେ ବର୍ଣ୍ଣନା କରିହୁଏ ନାହିଁ
KP GROUP
MADHUBAN
Safal
PAN MASALA
NO TOBACCO, NO NICOTINE ADDED
ସର୍ବସାଧାରଣ ସ୍ଥାନରେ ପାନ କିମ୍ବା ପାନ ମସଲା ଛେପ ପକାନ୍ତୁ ନାହିଁ ।
କରୋନା ମହାମାରୀରୁ ବଞ୍ଚନ୍ତୁ ।
ସଫଳ ପାନ ମସଲା ଦ୍ୱାରା ଜନହିତରେ ଜାରି ।
0% TOBACCO • NICOTINE NOT ADDED • NOT FOR MINORS ବୈଧାନିକ ଚେତାବନୀ: ପାନ ମସଲା ଚୋବାଇବା ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ ଅଟେ ।

ଧରିତ୍ରୀ
DHARITRI
ଭୁବନେଶ୍ୱର, ଗୁରୁବାର, ମାର୍ଚ୍ଚ ୨/୨୦୨୩ | Bhubaneswar, Thursday, March 2/2023 | ପୃଷ୍ଠା-୧



## ଜାଡେଜାଙ୍କ ରେକର୍ଡ

ଅଲ୍‌ରାଉଣ୍ଡର ରବୀନ୍ଦ୍ର ଜାଡେଜା ଦ୍ୱିତୀୟ ଭାରତୀୟ ଭାବେ ଅନ୍ତର୍ଜାତୀୟ କ୍ରିକେଟରେ ୫,୦୦୦ ରନ କରିବା ସହ ୫୦୦ ଉଇକେଟ ପୂରଣ କରିଛନ୍ତି।

୧୩

୧୪

## ଦୀପିକାଙ୍କ ସହ ଏକାଠି ନଜର ଆସିବେ କ୍ୟାଟ୍ରିନା

ଦୀପିକା ପାଦୁକୋନ୍ ଏବଂ କ୍ୟାଟ୍ରିନା କୈଫ୍ ଯଶରାଜ୍ ଫିଲ୍ମ ସ୍ପାଏ ୟୁନିଭର୍ସରେ ଏକାଠି ନଜର ଆସିବେ ବୋଲି ଚଳଚ୍ଚିତ୍ର ଲେଖକ ଶ୍ରୀଧର ରାଘବନ୍ କହିଛନ୍ତି।



# ଘର ପାଖରେ ବାଘ, ଲୋକେ ଆତଙ୍କିତ



ଗାଁ ପାଖ ବିଲରେ ବାଘ। (ବୃତ୍ତ ଚିହ୍ନିତ)




ସୁନ୍ଦରଗଡ଼/ ବଡ଼ଗାଁ/ କୁତ୍ରା, ୧।୩(ଡି.ଏନ୍.ଏ.)

ସୁନ୍ଦରଗଡ଼ ଜିଲା ବଡ଼ଗାଁ ବ୍ଲକ ଅନ୍ତର୍ଗତ ଟିମନା ଗାଁରେ ବାଘ ଆତଙ୍କ ସୃଷ୍ଟି ହୋଇଛି। ବୁଧବାର ସକାଳେ ଲୋକମାନେ ନିଜ ଘରଠାରୁ ୨୦୦ରୁ ୩୦୦ ମିଟର ଦୂରରେ ଏକ କଲରାପତରିଆ ବାଘ ଦେଖିବାକୁ ପାଇ ଆତଙ୍କିତ ହୋଇପଡ଼ିଛନ୍ତି। ବାଘଟି ଗାଁ ଚାରିପଟେ ବିଲରେ ଘୂରିବୁଲୁଛି। ଏହାର ଭିଡିଓ ମଧ୍ୟ ଏବେ ଭାଇରାଲ ହେବାରେ ଲାଗିଛି। ଗ୍ରାମବାସୀ ରୁଣ୍ଡ ହୋଇ ଶବ୍ଦ କରି ବାଘକୁ ଘଉଡ଼ାଇବାକୁ ଚେଷ୍ଟା କରିଛନ୍ତି। ଖବରପାଇ ବଡ଼ଗାଁ ପୋଲିସ, ଡିଏଫ୍‌ଓ ପ୍ରଦୀପ ମିରାସେ, ବଡ଼ଗାଁ ସହକାରୀ ରେଞ୍ଜର ଉମାଶଙ୍କର ନାୟକ ଓ ☞ପୃଷ୍ଠା-୨

# ୫୦ ଟଙ୍କା ବଢ଼ିଲା ଏଲ୍‌ପିଜି

## ହାଣ୍ଡିଶାଳକୁ ପୁଣି ଟାର୍ଗେଟ

- କମର୍ସିଆଲ ଗ୍ୟାସ୍ ସିଲିଣ୍ଡର ପିଛା ୩୫୦ ଟଙ୍କା ବୃଦ୍ଧି
- ଲୋକେ ପଚାରୁଛନ୍ତି ହୋଲି କେମିତି ପାଳିବୁ: ଖାର୍ଗେ

ନୂଆଦିଲ୍ଲୀ,୧।୩

ସରକାରୀ ଗ୍ୟାସ୍ ଯୋଗାଣକାରୀମାନେ ବୁଧବାର ଦେଶର ୩୧୩.୭୦ ନିୟୁତ ଗ୍ରାହକଙ୍କ ପାଇଁ ରନ୍ଧନ ଗ୍ୟାସ୍ ସିଲିଣ୍ଡର ପିଛା ୫୦ ଟଙ୍କା ବଢ଼ାଇଛନ୍ତି। ଉତ୍ତର-ପୂର୍ବାଞ୍ଚଳର ନାଗାଲାଣ୍ଡ, ତ୍ରିପୁରା ଓ ମେଘାଳୟ ବିଧାନସଭା ନିର୍ବାଚନ ଶେଷ ହେବା ମାତ୍ରେ ଲିକ୍ୱିଫାଏଡ୍ ପେଟ୍ରୋଲିୟମ୍ ଗ୍ୟାସ୍ (ଏଲ୍‌ପିଜି)ରେ ଏହି ଦରବୃଦ୍ଧି ଘଟିଛି। ଫଳରେ ଦିଲ୍ଲୀରେ ଘରୋଇ ସିଲିଣ୍ଡର ପିଛା ୧୧୦୩ ଟଙ୍କା ହୋଇଛି। ଭୁବନେଶ୍ୱରରେ ବର୍ଦ୍ଧିତ ଦର ୧୧୨୯ ରହିଛି। ସେହିପରି ବ୍ୟବସାୟିକ ଉଦ୍ଦେଶ୍ୟରେ କିଣାଯାଉଥିବା କମର୍ସିଆଲ ଏଲ୍‌ପିଜି ମୂଲ୍ୟ ମଧ୍ୟ ୩୫୦.୫ ଟଙ୍କା ବଢ଼ିଛି। ଉଚ୍ଚ ମୁଦ୍ରାସ୍ଫୀତି ଯୋଗୁ ଦେଶବାସୀଙ୍କ ପକେଟରୁ ଟଙ୍କା ଉଭାନ ହେବାରେ ଲାଗିଥିବାବେଳେ ଗ୍ୟାସ୍ ଦର ବଢ଼ାଇବା ସିଧାସଳଖ ହାଣ୍ଡିଶାଳକୁ ଟାର୍ଗେଟ୍ ବୋଲି କୁହାଯାଉଛି।




ଫୁଏଲ୍ ରିଟେଲର୍ସ ପ୍ରତିମାସ ଆରମ୍ଭରେ ଏଲ୍‌ପିଜି ସିଲିଣ୍ଡର ଦାମ୍‌କୁ ନେଇ ସମୀକ୍ଷା କରିବା ପରେ ଆବଶ୍ୟକତା ଅନୁସାରେ ମୂଲ୍ୟ ନିର୍ଦ୍ଧାରଣ କରିଥାଆନ୍ତି। ୨୦୨୨ ଜୁଲାଇ ୬ରେ ରାଷ୍ଟ୍ରାୟତ୍ତ ଉଦ୍ୟୋଗ ଇଣ୍ଡିଆନ୍ କର୍ପୋରେଶନ୍ (ଆଇଓସି), ହିନ୍ଦୁସ୍ଥାନ ପେଟ୍ରୋଲିୟମ୍ କର୍ପୋରେଶନ୍ ଏବଂ ଭାରତ ପେଟ୍ରୋଲିୟମ୍ କର୍ପୋରେଶନ୍ ପକ୍ଷରୁ ସମୀକ୍ଷା ପରେ ଏଲ୍‌ପିଜି ମୂଲ୍ୟ ବୃଦ୍ଧି କରାଯାଇଥିଲା। ଏହାର ୮ ମାସ ☞ପୃଷ୍ଠା-୨

## ବିଧାନସଭାରେ ପ୍ରତିବାଦ କଲା କଂଗ୍ରେସ

ଭୁବନେଶ୍ୱର, ୧।୩(ବ୍ୟୁରୋ)

ଯୁବମୋର୍ଚ୍ଚା କର୍ମୀଙ୍କୁ ପୋଲିସ୍‌ର ମାଡ଼ ଘଟଣା ନେଇ ବିଧାନସଭାରେ ବୁଧବାର ଭାଜପା ସଦସ୍ୟମାନେ ରୁଲିଂ ଦାବି କରିଥିଲେ। ଏହି ସମୟରେ କଂଗ୍ରେସ ସଦସ୍ୟ ତାରା ପ୍ରସାଦ ବାହିନୀପତି ରନ୍ଧନ ଗ୍ୟାସ୍ ଦର ବୃଦ୍ଧି ପ୍ରସଙ୍ଗ ଉଠାଇ କେନ୍ଦ୍ର ଉପରେ ବର୍ଷିଥିଲେ। ସେ କହିଥିଲେ ଯେ, ଘରୋଇ ଗ୍ୟାସ୍ ଦର ୫୦ ଟଙ୍କା ବଢ଼ାଇଲେ। ବର୍ଷକ ଭିତରେ କେନ୍ଦ୍ର ସରକାର ୭୫ ଟଙ୍କା ବଢ଼ାଇ ସାରିଲେଣି। ଏବେ ଗ୍ୟାସ୍ ଦର ଆସିକି ୧୧୩୦ ଟଙ୍କାରେ ପହଞ୍ଚିଲାଣି। ଉପା ସରକାର ସମୟରେ ଗ୍ୟାସ୍ ଦର ୪୫୦ ଟଙ୍କା ଥିଲାବେଳେ ଭାଜପା ମହିଳା କର୍ମୀମାନେ ଗ୍ୟାସ୍ ମୁଣ୍ଡାରେ ରାସ୍ତାରେ ଡେଉଁଥିଲେ। କେନ୍ଦ୍ରରେ ଭାଜପା ସରକାରକୁ ଆସିବା ପରେ ଉଜ୍ୱଳା ଗ୍ୟାସ୍ ମାଗଣା ଦେଉଛନ୍ତି କହି ବାହୁସ୍ଫୋଟ ମାରିଲେ। ପ୍ରଥମରୁ ଥରେ ମାଗଣା ଦେଇ ଦେଲା ପରେ ଟଙ୍କା ନେବା ଆରମ୍ଭ କରିଦେଲେ। ତୁରନ୍ତ ବାଚସ୍ପତି ଏହା ଉପରେ ରୁଲିଂ ଦେବାକୁ ତାରା ଦାବି କରିଛନ୍ତି।

# ଅଭିନେତା ପିଣ୍ଟୁ ନନ୍ଦଙ୍କ ପରଲୋକ



ଭୁବନେଶ୍ୱର,୧।୩(ବ୍ୟୁରୋ)

ଓଲିଉଡ୍ ଅଭିନେତା ପିଣ୍ଟୁ ନନ୍ଦଙ୍କ ବୁଧବାର ରାତି ୧୧ଟା୨୫ମିନିଟ୍‌ରେ ହାଇଦ୍ରାବାଦର ଯଶୋଦା ହସ୍ପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ପରଲୋକ ଘଟିଛି। ତାଙ୍କୁ ୪୭ବର୍ଷ ହୋଇଥିଲା। ସେ କିଛିଦିନ ହେବ ଲିଭର୍ ସିରୋସିସ୍ ରୋଗରେ ପୀଡିତ ହୋଇ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ପ୍ରଥମେ ଚିକିତ୍ସିତ ହେଉଥିଲେ। ଅଧିକ ଚିକିତ୍ସା ପାଇଁ ଡାକ୍ତର ତାଙ୍କୁ ଦିଲ୍ଲୀ ନେବାକୁ କହିଥିଲେ। ଗତ ୭ ତାରିଖରେ ତାଙ୍କୁ ଦିଲ୍ଲୀର ଆଇଏଲ୍‌ବିଏସ୍ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ପରେ ତାଙ୍କୁ ଗତ ୨୫ତାରିଖରେ ହାଇଦ୍ରାବାଦର ଯଶୋଦା ☞ପୃଷ୍ଠା-୨

ବିଧାନସଭାର ପ୍ରଥମ ପର୍ଯ୍ୟାୟ ବଜେଟ ଅଧିବେଶନ ସରିଲା | ପୃଷ୍ଠା-୧୨

ଆଜିର ସମ୍ପାଦକୀୟ
ଅଧାଙ୍ଗାନକୁ ସାବଧାନ




**ଆଜିର ମନ୍ତବ୍ୟ**

“ଶିକ୍ଷା ବ୍ୟବସ୍ଥାରେ ପରିବର୍ତ୍ତନ ଆଣି ମନୀଷ ସିସୋଡିଆ ଓ ସତ୍ୟେନ୍ଦ୍ର ଜୈନ ଦେଶକୁ ଗୌରବାନ୍ୱିତ କରିଛନ୍ତି। କିନ୍ତୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସେମାନଙ୍କୁ ଜେଲ ପଠାଇଛନ୍ତି। **- ଅରବିନ୍ଦ କେଜ୍‌ରିୱାଲ, ଦିଲ୍ଲୀ ମୁଖ୍ୟମନ୍ତ୍ରୀ**

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଅଘଟ ଘଟେଇ କହୁଛି କଥା,
ଗୋଟାଏ ଗଣ୍ଡିକି ଚାରିଟା ମଥା।**

କିଛି ବ୍ୟକ୍ତି ଏପରି କଥା କହିଥାନ୍ତି ଯେ ଶୁଣିବା ଲୋକ ତଟସ୍ଥ ହୋଇଯାଏ। ଆଚମ୍ବିତ କଥା ଶୁଣି କାନକୁ ବିଶ୍ୱାସରେ ନେବା କାଠିକର ପାଠ ହୋଇଯାଏ। ଗୋଟିଏ ଶରୀରରେ ଚାରିଟି ମୁଣ୍ଡ ରହିବା ଭଳି ନିହାତି ଅସମ୍ଭବ କଥା କହୁଥିବା ବ୍ୟକ୍ତି ପ୍ରତି ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଅଳପ ଦିନକୁ ବହୁତ କଥା
ଝୁରି ମରିବାକୁ କଲା ବିଧାତା।**

ବିଧାତା ଭଲ ଲୋକଙ୍କୁ ବେଶି ଦିନ ରଖନ୍ତି ନାହିଁ ବୋଲି ଲୋକେ କହନ୍ତି। ଅଳ୍ପ ସମୟ ଭିତରେ ବ୍ୟକ୍ତି ଏତେ ଭଲ କାମ କରିଥାଏ ଯେ ସେ ମୃତ୍ୟୁବରଣ କଲେ ତା’ କଥା ସୁମରିବାକୁ ସମସ୍ତେ ବାଧ୍ୟ ହୁଅନ୍ତି। ତାଙ୍କ ଗୁଣଗ୍ରାମ ଏତେ ମୁଗ୍ଧକର ହୋଇଥାଏ ଯେ ସେ ମରିଗଲା ପରେ ବି ପିତାମାତା, ଜ୍ଞାତି କୁଟୁମ୍ବ ପରିଜନ ଆଖିରୁ ଲୁହ ଗଡ଼ାଇବା ସହ ବାହୁନିଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢ଼ମାଳି ଓ ଲୋକଗୀତ - ଫ୍ରେଣ୍ଡସ୍ ପବ୍ଲିଶର୍ସ

# ମୁଖ୍ୟ ଶାସନ ସଚିବ ଦାୟିତ୍ୱ ନେଲେ ପ୍ରଦୀପ ଜେନା

**ଭୁବନେଶ୍ୱର,୧।୩(ବ୍ୟୁରୋ)**

ବରିଷ୍ଠ ଆଇଏଏସ୍ ଅଫିସର ପ୍ରଦୀପ କୁମାର ଜେନା ରାଜ୍ୟର ନୂଆ ମୁଖ୍ୟ ଶାସନ ସଚିବ ଭାବେ ବୁଧବାର ଦାୟିତ୍ୱ ଗ୍ରହଣ କରିଛନ୍ତି । ଏହି ଅବସରରେ ବିଭିନ୍ନ ବିଭାଗର ଅତିରିକ୍ତ ଶାସନ ସଚିବ, ପ୍ରମୁଖ ଶାସନ ସଚିବ, ବରିଷ୍ଠ ଅଧିକାରୀ, କର୍ମଚାରୀ ପ୍ରମୁଖ ଲୋକସେବା ଭବନରେ ତାଙ୍କୁ ଭେଟି ଅଭିନନ୍ଦନ ଜଣାଇଛନ୍ତି।

ଜଳ ସମ୍ପଦ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ବୁଧବାର ନୂଆ ଉନ୍ନୟନ କମିଶନର ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି। ସେହିପରି ନିକୁଞ୍ଜ ଧଳ ମଧ୍ୟ ଏସ୍ଆର୍‌ସି ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି।

ପୂର୍ବରୁ ପ୍ରଦୀପ ଜେନା ଉନ୍ନୟନ କମିଶନର ଓ ସ୍ୱତନ୍ତ୍ର ରିଲିଫ୍ କମିଶନର (ଏସ୍ଆର୍‌ସି) ଭାବେ କାର୍ଯ୍ୟ କରୁଥିଲେ। ପ୍ରଦୀପ ୧୯୮୯ ବ୍ୟାଚ୍‌ର ଆଇଏଏସ୍ ଅଫିସର। ପ୍ରଶାସନିକ ଦକ୍ଷତା ପାଇଁ ସେ ବେଶ୍ ପରିଚିତ। ୧୯୬୪ ଜାନୁୟାରୀ ୧ରେ ଢେଙ୍କାନାଳରେ ଜନ୍ମଗ୍ରହଣ କରିଥିବା ପ୍ରଦୀପ ଧର୍ମଗଡ଼ର



ମୁଖ୍ୟ ଶାସନ ସଚିବ ଭାବେ ପ୍ରଦୀପ କୁମାର ଜେନା ଦାୟିତ୍ୱ ଗ୍ରହଣ କରୁଛନ୍ତି।

### କାର୍ଯ୍ୟରେ ଯୋଗଦେଲେ ଉନ୍ନୟନ କମିଶନର

ଉପଜିଲାପାଳ ଭାବେ କ୍ୟାରିୟର ଆରମ୍ଭ କରିଥିଲେ। ଏଥିସହିତ ସେ ଶ୍ରୀଜଗନ୍ନାଥ ମନ୍ଦିର ମୁଖ୍ୟ ପ୍ରଶାସକ, ଜଳସମ୍ପଦ ଓ ଗ୍ରାମ୍ୟ ଉନ୍ନୟନ, ଶକ୍ତି ଓ ଆଇଟି ବିଭାଗର ସଚିବ ଭାବେ କାର୍ଯ୍ୟ କରି ନିଜର ଦକ୍ଷତା ପ୍ରତିପାଦନ କରିଛନ୍ତି। ମହାବାତ୍ୟା ସମୟରେ କଟକ ଜିଲାପାଳ ଥିବାବେଳେ ସେ ନିଜର ଦକ୍ଷତା ପ୍ରଦର୍ଶନ କରିଥିଲେ। ପ୍ରଦୀପ ମଙ୍ଗଳବାର ନବୀନ ନିବାସ ଯାଇ ମୁଖ୍ୟମନ୍ତ୍ରୀଙ୍କୁ ସାକ୍ଷାତ କରିଥିଲେ । ତାଙ୍କ ସହ ବିଦାୟୀ ମୁଖ୍ୟ ଶାସନ ସଚିବ ସୁରେଶ ମହାପାତ୍ର ଓ ନୂଆ ଉନ୍ନୟନ କମିଶନର ଅନୁ ଗର୍ଗ ମଧ୍ୟ ମୁଖ୍ୟମନ୍ତ୍ରୀଙ୍କୁ ଭେଟିଥିଲେ। ନିର୍ବାଚନୀ ବର୍ଷରେ ରାଜ୍ୟ ସରକାର ପ୍ରଦୀପଙ୍କୁ ଏହି ଗୁରୁଦାୟିତ୍ୱ ଦେଇଛନ୍ତି ।

# ଓଇଆର୍‌ସି ଅଧ୍ୟକ୍ଷ ଭାବେ ଶପଥ ନେଲେ ସୁରେଶ ମହାପାତ୍ର

**ଭୁବନେଶ୍ୱର,୧।୩(ବ୍ୟୁରୋ)**

ଓଡ଼ିଶା ବିଦ୍ୟୁତ୍ ନିୟାମକ ଆୟୋଗ (ଓଇଆର୍‌ସି) ଅଧ୍ୟକ୍ଷ ଭାବେ ସୁରେଶ ଚନ୍ଦ୍ର ମହାପାତ୍ର ବୁଧବାର ଶପଥ ଗ୍ରହଣ କରିଛନ୍ତି। ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ୍ ନବନିଯୁକ୍ତ ଅଧ୍ୟକ୍ଷଙ୍କୁ ରାଜଭବନଠାରେ ପଦ ଓ ଗୋପନୀୟତାର ଶପଥପାଠ କରାଇଛନ୍ତି। ଶପଥ ପାଠ ଉତ୍ସବର ପ୍ରାରମ୍ଭରେ ଶକ୍ତି ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ନିକୁଞ୍ଜ କିଶୋର ଧଳ ରାଜ୍ୟପାଳଙ୍କ ନିଯୁକ୍ତିପତ୍ର ପାଠ କରିଥିଲେ । ଶକ୍ତି, ଶିଳ୍ପ, ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ମନ୍ତ୍ରୀ ପ୍ରତାପ କେଶରୀ ଦେବ, ମୁଖ୍ୟ ଶାସନ ସଚିବ ପ୍ରଦୀପ ଜେନା, ରାଜ୍ୟପାଳଙ୍କ ପ୍ରମୁଖ ସଚିବ ଶାଶ୍ୱତ ମିଶ୍ର,



ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ଓଇଆର୍‌ସି ଅଧ୍ୟକ୍ଷ ସୁରେଶ ମହାପାତ୍ରଙ୍କୁ ଶପଥପାଠ କରାଉଛନ୍ତି।

କୃଷି ଓ କୃଷକ ସଶକ୍ତୀକରଣ ବିଭାଗର ପ୍ରମୁଖ ଶାସନ ସଚିବ ଅରବିନ୍ଦ ପାଢ଼ୀ, ଅର୍ଥ ବିଭାଗର ପ୍ରମୁଖ ଶାସନ ସଚିବ ବିଶାଳ ଦେବ, ସମବାୟ ବିଭାଗର ପ୍ରମୁଖ ଶାସନ ସଚିବ ସଞ୍ଜୀବ ଚଢ଼ା ଓ ଆୟୋଗ ସଦସ୍ୟଙ୍କ ସମେତ ବହୁ ବରିଷ୍ଠ ଅଧିକାରୀ ଏହି ଉତ୍ସବରେ ଯୋଗଦେଇଥିଲେ ।

# ହାତୀ ଆକ୍ରମଣରେ ମହିଳା ମୃତ

କୁତ୍ରା/ବଡ଼ଗାଁ, ୧।୩(ଡି.ଏନ୍.ଏ.)-ସୁନ୍ଦରଗଡ଼ ଜିଲା କୁତ୍ରା ବ୍ଲକ ଅନ୍ତର୍ଗତ ପଞ୍ଚରା ପଞ୍ଚାୟତ କୁଲସର ଛୁଆଲିଘାଟି ଜଙ୍ଗଲରେ ବୁଧବାର ହାତୀ ଆକ୍ରମଣରେ ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି। ସୌଭାଗ୍ୟବଶତଃ ସାଙ୍ଗରେ ଯାଇଥିବା ଜଣେ ଯୁବକ ବର୍ତ୍ତି ଯାଇଛନ୍ତି। ମୃତକ ହେଲେ ରାଜଗାଙ୍ଗପୁର ବ୍ଲକ ତେତେରକେଲା ଗ୍ରାମର କମଲି କୁଜୁର(୩୫)। କମଲି ନିଜର ସମ୍ପର୍କୀୟ ଭାଇ କୁହାଯାଉଥିବା କୁତ୍ରା ବ୍ଲକ ଝାରବେଡ଼ା ଗ୍ରାମର ମନୋଜ ତିଗା(୩୭)ଙ୍କ ସହିତ ବାଇକ୍‌ରେ ଛୁଆଲିଘାଟି ଜଙ୍ଗଲକୁ ବୁଲିବା ପାଇଁ ଯାଇଥିଲେ। ସେଠାରେ ବୁଲୁଥିବା ସମୟରେ ହଠାତ ହାତୀ ହାବୁଡ଼ରେ ପଡ଼ିଯାଇଥିଲେ। ମନୋଜ ବାଇକ୍ ଛାଡ଼ି ଦୌଡ଼ି ପଳାଇଯାଇଥିଲେ। କମଲି ଯାଇ ନ ପାରିବାରୁ ହାତୀ ତାଙ୍କୁ ଶୁଣ୍ଢରେ ଟେକିନେଇ କଚାଡ଼ି ଦେଇଥିଲା। ଫଳରେ ଘଟଣାସ୍ଥଳରେ କମଲିଙ୍କ ମୃତ୍ୟୁ ଘଟିଥିଲା। ମନୋଜ ବଡ଼ଗାଁ ଥାନାକୁ ଯାଇ ପୋଲିସକୁ ଖବର ଦେବା ସହ ଗାଁ ଲୋକଙ୍କୁ ଜଣାଇଥିଲେ। ଖବରପାଇ ବଡ଼ଗାଁ ଏସ୍‌ଡିପିଓ ଅଭିଷେକ ପାଣିଗ୍ରାହୀ ଓ କୁତ୍ରା ଥାନା ଅଧିକାରୀ ମନୋରଞ୍ଜନ ବିଶି, ବନ ବିଭାଗ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି କମଲିଙ୍କ ମୃତଦେହ ଜବତ କରିଥିଲେ। ଜଙ୍ଗଲରେ ହାତୀଟି ଘୂରିବୁଲି ରଡ଼ି ଛାଡୁଥିବା ଶୁଣିବାକୁ ମିଳୁଛି।

# ଭୁଲ୍ ଇଞ୍ଜେକ୍ସନ ଯୋଗୁ ନାବାଳକଙ୍କ ମୃତ୍ୟୁ ଅଭିଯୋଗ

**ଭଦ୍ରକ ଅଫିସ,୧।୩**

ଭଦ୍ରକ ସହର ଜଗନ୍ନାଥପୁର ଅଞ୍ଚଳରେ ଥିବା ଏକ କ୍ଲିନିକରେ ଭୁଲ୍ ଇଞ୍ଜେକ୍ସନ ଯୋଗୁ ବୁଧବାର ରାତିରେ ଜଣେ ନାବାଳକଙ୍କ ମୃତ୍ୟୁ ଘଟିଥିବା ତାଙ୍କ ବାପା ଅଭିଯୋଗ କରିଛନ୍ତି। ଗୁରୁତର ନାବାଳକଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଆଣିଥିବା ଉକ୍ତ କ୍ଲିନିକର ଦୁଇ କର୍ମଚାରୀଙ୍କୁ ଅଟକ ରଖିଥିଲେ ମୃତକଙ୍କ ପରିବାର ଲୋକେ। ଏହାକୁ ନେଇ ରାତିରେ ଡାକ୍ତରଖାନାରେ ଉତ୍ତେଜନା ପ୍ରକାଶ ପାଇଥିଲା। ମୃତକ ହେଲେ ବନ୍ତ ବ୍ଲକ ବସନ୍ତିଆ ଅଞ୍ଚଳର ମନୋଜ ରାଉଳଙ୍କ ପୁଅ ଶୁଭେନ୍ଦୁ(୧୬)। ସେ ଭଦ୍ରକ ବନ୍ତ ଛକ ଆଚାର୍ଯ୍ୟନଗରରେ ରହନ୍ତି। ଅପରାହ୍ନରେ ଶୁଭେନ୍ଦୁଙ୍କ ଦେହ ଅସୁସ୍ଥ ହେବାରୁ ପରିବାର ଲୋକେ ଏକ କ୍ଲିନିକକୁ ଚିକିତ୍ସା ପାଇଁ ନେଇଥିଲେ । ସେଠାରେ ଡାକ୍ତର ତାଙ୍କୁ ଏକ ଇଞ୍ଜେକ୍ସନ ଦେବା ପରେ ଶୁଭେନ୍ଦୁ ସଂଜ୍ଞାହୀନ ହୋଇଯାଇଥିଲେ। କ୍ଲିନିକର ଦୁଇ କର୍ମଚାରୀ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଆଣିବା ପରେ ସେଠାରେ ମୃତ୍ୟୁ ଘଟିଥିଲା। ମୃତ ନାବାଳକଙ୍କ ପରିବାର ଓ ସମ୍ପର୍କୀୟ ଜିଲା ମୁଖ୍ୟ ଚିକିତ୍ସାଳୟରେ ହୋହାଲ୍ଲା କରିବା ପରେ ମୃତଦେହକୁ ନେଇ କ୍ଲିନିକ ଆଗରେ ରଖିଥିଲେ। ସିଟି ଡିଏସ୍‌ପି ଅଂଶୁମାନ ଦ୍ୱିବେଦୀ ଓ ଟାଉନ ଥାନା ଅଧିକାରୀ ଉମାଶଙ୍କର ନାୟକ ପୋଲିସ ଫୋର୍ସ ସହ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିଥିଲେ। ଖବର ଲେଖାହେବା ବେଳକୁ ବହୁସଂଖ୍ୟକ ଲୋକ ହୋହାଲ୍ଲା କରୁଥିବା ବେଳେ କ୍ଲିନିକ ଭିତରେ ଓ ବାହାରେ ପୋଲିସ ମୁତୟନ ରହିଛି।

# ଲିଙ୍ଗରାଜଙ୍କ ରୁକୁଣା ରଥ ପାଇଁ କାଠ ଅନୁକୂଳ

**ଖଣ୍ଡପଡ଼ା,୧।୩(ସ୍ୱ.ପ୍ର.)**

ପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ପବିତ୍ର ରୁକୁଣା ରଥଯାତ୍ରା ପ୍ରତିବର୍ଷ ପରି ଭୁବନେଶ୍ୱରରେ ଚଳିତ ମାସ ୨୯ରେ ଅନୁଷ୍ଠିତ ହେବ। ଏ ପରିପ୍ରେକ୍ଷୀରେ ରୁକୁଣା ରଥ ନିର୍ମାଣ ନିମନ୍ତେ ପାରମ୍ପରିକ ରୀତିନୀତି ଅନୁଯାୟୀ ଖଣ୍ଡପଡ଼ାଠାରେ ବୁଧବାର କାଠ ଅନୁକୂଳ ହୋଇଛି। ଭୁବନେଶ୍ୱର ଲିଙ୍ଗରାଜ ମନ୍ଦିର ପ୍ରଶାସନ ପକ୍ଷରୁ ପ୍ରଭୁଙ୍କ ଆଜ୍ଞାମାଳ ନେଇ ବରିଷ୍ଠ ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ହେମନ୍ତ କୁମାର ମହାପାତ୍ର, ଖଣ୍ଡପଡ଼ା ବନାଞ୍ଚଳ ଅଧିକାରୀ ଶରତ ଚନ୍ଦ୍ର ଶତପଥୀ, ବନପାଳ ଶ୍ରୀନିବାସ ଦାଶଙ୍କ ସମେତ ଏସିଏଫ୍ ହିମାଂଶୁ ଶେଖର ମୁଦୁଲି ଓ ଶ୍ୱେତାଲିନା ସାହୁଙ୍କ ଉପସ୍ଥିତିରେ ଖଣ୍ଡପଡ଼ା ଅଞ୍ଚଳର ୨ଟି ସ୍ଥାନରେ ଆମ୍ବଗଛ ପୂଜାର୍ଚ୍ଚନା କରାଯାଇଛି। ଆସନ୍ତା ୧୫ ଦିନ ମଧ୍ୟରେ ଆମ୍ବଗଛ କଟାଯାଇ କାଠଗଣ୍ଡିଗୁଡିକୁ ପ୍ରଭୁ ଶ୍ରୀ ଲିଙ୍ଗରାଜଙ୍କ ମନ୍ଦିର ନିକଟସ୍ଥ ରଥଖଳାକୁ ପଠାଇ ଦିଆଯିବ ବୋଲି ବନାଞ୍ଚଳ ଅଧିକାରୀ ସୂଚନା ଦେଇଛନ୍ତି । ପ୍ରଭୁ ଲିଙ୍ଗରାଜଙ୍କ ବାନା ଓ ଆଜ୍ଞାମାଳକୁ ବୃକ୍ଷରେ ବାନ୍ଧି ଦିଆଯାଇଛି। ସୂଚନାଯୋଗ୍ୟ, ପ୍ରତିବର୍ଷ ରୁକୁଣା ରଥ ପାଇଁ ଖଣ୍ଡପଡା ଅଞ୍ଚଳରୁ ଆମ୍ବ କାଠ ପଠାଯିବାର ପରମ୍ପରା ରହିଛି ।

# ଯୁକ୍ତ୨ ପରୀକ୍ଷା ଆରମ୍ଭ

- **ପ୍ରଥମ ଦିନରେ କପି କରି ୫ଜଣ ଏମ୍‌ପି**
- **ସବୁଠି ସୁରୁଖୁରୁରେ ପରୀକ୍ଷା ହୋଇଛି: ମନ୍ତ୍ରୀ**

**ଭୁବନେଶ୍ୱର, ୧।୩(ବ୍ୟୁରୋ)**

ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ(ସିଏଚ୍ଏସ୍‌ଇ) ଦ୍ୱାରା ପରିଚାଳିତ ଯୁକ୍ତ୨ ପରୀକ୍ଷା ବୁଧବାରଠାରୁ ଆରମ୍ଭ ହୋଇଛି। ପ୍ରଥମ ଦିନ ବିଜ୍ଞାନ ବିଭାଗର ଓଡ଼ିଆ ବିଷୟରେ ପରୀକ୍ଷା ହୋଇଥିଲା। ଏଥିରେ ତିନୋଟି ଜୋନ୍‌ରୁ ମୋଟ ୫ଜଣ କପି କରି ଏମ୍‌ପି ହୋଇଛନ୍ତି। ବ୍ରହ୍ମପୁର ଜୋନ୍ ଏବଂ ବାରିପଦା ଜୋନ୍‌ରୁ ୨ଜଣ ଲେଖାଏ ଥିବାବେଳେ ଜଣେ ପରୀକ୍ଷାର୍ଥୀ ସମ୍ବଲପୁର ଜୋନ୍‌ର ରହିଥିବା ସିଏଚ୍ଏସ୍‌ଇ ପକ୍ଷରୁ ସୂଚନା ଦିଆଯାଇଛି। ସେପଟେ ସାରା ରାଜ୍ୟରେ ସୁରୁଖୁରୁରେ ପରୀକ୍ଷା ହୋଇଛି ବୋଲି ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ସୂଚନା ଦେଇଛନ୍ତି। ଯୁକ୍ତ୨ ପରୀକ୍ଷା ପରିଚାଳନା ତଦାରଖ ପାଇଁ ମନ୍ତ୍ରୀ ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ ଯାଇଥିଲେ। ସେଠାରେ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ସହ ପରୀକ୍ଷା ପରିଚାଳନା ବ୍ୟବସ୍ଥା ନେଇ ପଚାରି ବୁଝିଥିଲେ। ରମାଦେବୀ ଉଚ୍ଚ ମାଧ୍ୟମିକ ସ୍କୁଲ ପରୀକ୍ଷା କେନ୍ଦ୍ର ପରିଦର୍ଶନ କରିଥିଲେ। ଏହି ଅବସରରେ ମନ୍ତ୍ରୀ କହିଛନ୍ତି, ସମସ୍ତ ଜିଲାରେ ପରୀକ୍ଷା ଠିକ୍ ଭାବେ ଚାଲୁଥିବା ପଚାରି ବୁଝିଛି। ଅନ୍ୟପଟେ ସୋସିଆଲ ମିଡିଆରେ ନକଲି ପ୍ରଶ୍ନପତ୍ର ଭାଇରାଲ ସମ୍ପର୍କରେ ପ୍ରତିକ୍ରିୟା ରଖି ସେ କହିଲେ, ସାଇବର ଥାନାରେ ଏ ନେଇ ଏତଲା ଦିଆଯାଇଛି। କିଛି ଲୋକ ଦଲାଲି କରିବା ପାଇଁ ଏଭଳି ନକଲି ପ୍ରଶ୍ନପତ୍ରକୁ ସୋସିଆଲ ମିଡିଆରେ ଭାଇରାଲ କରୁଛନ୍ତି। ତେବେ ପିଲାମାନେ ପ୍ରଭାବିତ ହୁଅନ୍ତୁ ନାହିଁ। ଏଥିରେ କୌଣସି ସତ୍ୟତା ନାହିଁ ବୋଲି ମନ୍ତ୍ରୀ ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଛନ୍ତି। ନିର୍ଦ୍ଧାରିତ ସୂଚୀ ଅନୁସାରେ, ଚଳିତବର୍ଷ ଯୁକ୍ତ୨ ବିଜ୍ଞାନ, ବାଣିଜ୍ୟ ଓ ଧନ୍ଦାମୂଳକ ଶିକ୍ଷାରେ ମୋଟ ୧,୫୯୦ଟି ଉଚ୍ଚ ମାଧ୍ୟମିକ ସ୍କୁଲର ୩,୫୭,୯୪୨ ଛାତ୍ରୀଛାତ୍ର ପରୀକ୍ଷା ଦେଉଛନ୍ତି। ପୂର୍ବାହ୍ନ ୧୦ଟାରେ ପରୀକ୍ଷା ଆରମ୍ଭ ହୋଇଥିଲା। ପିଲାମାନେ ଅଧଘଣ୍ଟା ପୂର୍ବରୁ ପରୀକ୍ଷା କେନ୍ଦ୍ରରେ ପହଞ୍ଚିଥିଲେ। ଏଥିପାଇଁ ୧,୧୪୫ ପରୀକ୍ଷା କେନ୍ଦ୍ର ହୋଇଥିବା ବେଳେ ୪୪୫ଟି ଉଚ୍ଚ ମାଧ୍ୟମିକ ସ୍କୁଲକୁ ଟ୍ୟାଗ୍ କରାଯାଇଛି। ୬ଟି ସବ୍‌ସେଣ୍ଟର କରାଯାଇଥିବାବେଳେ ପରୀକ୍ଷାରେ ସ୍ୱଚ୍ଛତା ଆଣିବା ପାଇଁ ପ୍ରଶ୍ନପତ୍ର ସୁରକ୍ଷାକୁ ଗୁରୁତ୍ୱ ଦେଇ ୨୦୨ଟି ହବ୍ କେନ୍ଦ୍ର ପ୍ରସ୍ତୁତ କରାଯାଇଛି। ଏହି ପରୀକ୍ଷା ଏପ୍ରିଲ ୫ରେ ଶେଷ ହେବ।



ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟରେ ଯୁକ୍ତ୨ ପରୀକ୍ଷା ଦେବା ପାଇଁ ବୁଧବାର ଛାତ୍ରୀମାନେ ଧାଡ଼ିରେ ପ୍ରବେଶ କରୁଛନ୍ତି। **(ଫଟୋ-ବିକାଶ)**

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ମୁଖଭାବରେ ମଙ୍ଗଳ ଥିବାରୁ ଆପଣଙ୍କ କଠୋର କଥା ବନ୍ଧୁଙ୍କ ମନରେ ଆଘାତ ଦେଇପାରେ। କର୍ମକ୍ଷେତ୍ରରେ ଅନ୍ୟକୁ ସରଳ ଭାବେ ବିଶ୍ୱାସ କରି ହଇରାଣରେ ପଡ଼ିପାରନ୍ତି। ବନ୍ଧୁମାନଙ୍କ ସହାୟତା ଫଳରେ ଆନୁଷ୍ଠାନିକ କ୍ଷେତ୍ରରେ ସଫଳତା ମିଳିବ। ଆଜି ଯୁକ୍ତିତର୍କଠାରୁ ଦୂରେଇ ରହିବା ଭଲ ହେବ।

**ବୃଷ** ଚନ୍ଦ୍ରଙ୍କ ଶୁଭ ପ୍ରଭାବରୁ ପରିହାସଯୁକ୍ତ କଥା ବନ୍ଧୁମାନଙ୍କ ପ୍ରୀତିଭାଜନ କରାଇବ। ସାଧାରଣ କଥାରେ ଯୁକ୍ତିତର୍କ ହେତୁ ସହକର୍ମୀଙ୍କ ସହ ବିବାଦ ଉପୁଜିପାରେ। କିଛି କରି ନ ପାରିଲେ ମଧ୍ୟ ଭାଇଙ୍କ ସ୍ୱାସ୍ଥ୍ୟ ସକାଶେ ଚିନ୍ତା କରିପାରନ୍ତି। ଅର୍ଥ ସମ୍ପର୍କିତ ବୁଝାମଣାରେ ତ୍ରୁଟି ରହିଯିବା ଦ୍ୱାରା ସମସ୍ୟା ସୃଷ୍ଟି ହୋଇପାରେ।

**ମିଥୁନ** କର୍ମସ୍ଥାନରେ ଗୁରୁ ଓ ଶୁକ୍ର ଥିବାରୁ ପ୍ରତ୍ୟେକ କ୍ଷେତ୍ରରେ ସୁବିଧା ସୁଯୋଗ ପାଇ କାମ ହାସଲ କରିବେ। ସାମାଜିକସ୍ତରରେ ସଭାସମିତି ଓ ସଂଗଠନ କ୍ଷେତ୍ରରୁ ପ୍ରଶଂସିତ ହେବେ। ଆଲୋଚନା କ୍ଷେତ୍ରରେ ସତ୍ୟ ପ୍ରକାଶ କରି ବିବାଦଗ୍ରସ୍ତ ହୋଇପାରନ୍ତି। ପାରିବାରିକ ଜୀବନ ସୁଖ ସନ୍ତୋଷରେ କାଟିବେ।

**କର୍କଟ** ଚତୁର୍ଥସ୍ଥ କେତୁଜନିତ ଦୀର୍ଘଦିନରୁ ରହିଆସିଥିବା ପାରିବାରିକ କ୍ଷେତ୍ରରେ ସମସ୍ୟା ସମାଧାନ ହେବ। ସ୍ଥଗିତ କାମକୁ ପୂରାଦମ୍‌ରେ କରିବା ପାଇଁ ନିଷ୍ପତ୍ତି ନେବେ। କର୍ମକ୍ଷେତ୍ରରେ ଶୁଣାକଥାକୁ ବିଶ୍ୱାସ କଲେ ଅସୁବିଧାର ସମ୍ମୁଖୀନ ହୋଇପାରନ୍ତି। ସାହିତ୍ୟ, ସାମ୍ବାଦିକତା, ପ୍ରଶାସନ ଓ ପ୍ରକାଶନ କ୍ଷେତ୍ରରେ ଶୁଭଫଳ ପାଇବେ।

**ସିଂହ** ଷଷ୍ଠଭାବରେ ଏକାଧିକ ଗ୍ରହ ରହିଥିବାରୁ ଖର୍ଚ୍ଚଭାର ବୃଦ୍ଧି ପାଇବା ସାଙ୍ଗକୁ ସ୍ୱାସ୍ଥ୍ୟ ମଧ୍ୟ ଭଲ ରହି ନ ପାରେ। ବନ୍ଧୁଙ୍କ ସହ ବହୁତ ଦିନରୁ ଭାଙ୍ଗିପଡ଼ିଥିବା ସମ୍ପର୍କ ପୁଣି ଯୋଡ଼ିହୋଇଯିବ। ପଡ଼ୋଶୀଙ୍କ ଦୁଃଖଦ ପରିସ୍ଥିତିକୁ ନେଇ ମାନସିକ ବ୍ୟଥା ଅନୁଭବ କରିବେ। ପରିବାରର ଛୋଟ ଛୋଟ ଘଟଣା ପ୍ରତି ଗୁରୁତ୍ୱ ଦିଅନ୍ତୁ ନାହିଁ।

**କନ୍ୟା** ରାଶ୍ୟାଧିପ ଷଷ୍ଠସ୍ଥାନରେ ରହିଥିବାରୁ ସ୍ୱାସ୍ଥ୍ୟ ସମସ୍ୟା ମନକୁ ଭାରାକ୍ରାନ୍ତ କରିପାରେ। ବୃହସ୍ପତିଙ୍କ ଶୁଭତ୍ୱ କାରଣରୁ ବନ୍ଧୁଙ୍କ ପରାମର୍ଶକୁ ଗ୍ରହଣ କରି ଉପକୃତ ହେବେ। ପିଲାମାନଙ୍କ କଳହକୁ କେନ୍ଦ୍ରକରି ପଡ଼ୋଶୀ କ୍ରୋଧ ପ୍ରକାଶ କରିପାରନ୍ତି। ବାଣିଜ୍ୟ, ବ୍ୟବସାୟ ଓ ପରିବହନରେ ସମସ୍ୟା ଦୂର ହେବ।

**ତୁଳା** ଭାଗ୍ୟସ୍ଥାନରେ ଚନ୍ଦ୍ରଙ୍କ ସୁପ୍ରଭାବଜନିତ ଆଶା ପୂରଣ ହେବାରୁ ମନ ଖୁସି ରହିବ। ନୂତନ ଯୋଜନାରମ୍ଭ କ୍ଷେତ୍ରରେ ସ୍ତ୍ରୀଙ୍କ ପରାମର୍ଶ ନେଇ କାର୍ଯ୍ୟକଲେ ବିଶେଷ ଭାବେ ଉପକୃତ ହେବେ। କର୍ମକ୍ଷେତ୍ରରେ ସାଧାରଣ କଥାକୁ କେନ୍ଦ୍ରକରି ଉତ୍ତେଜିତ ରହିପାରନ୍ତି। ଦୈନନ୍ଦିନ ଜୀବନଯାତ୍ରାରେ ନୀତିଗତ କାମରୁ ପ୍ରଶଂସିତ ହେବେ।

**ବିଛା** ରାଶ୍ୟାଧିପ ମଙ୍ଗଳଙ୍କ ପ୍ରଭାବରୁ ଦୈହିକ ସୁସ୍ଥତା ରହିଲେ ମଧ୍ୟ ମାନସିକ ଅସ୍ଥିରତା ପ୍ରାୟତଃ ଲାଗି ରହିବ। ପରିବାର ଲାଗି ଔଷଧପତ୍ର ଓ ସୌଖୀନ ଦ୍ରବ୍ୟ କ୍ରୟ କରିପାରନ୍ତି। ବନ୍ଧୁମାନଙ୍କ ସାହାଯ୍ୟ ଫଳରେ ଅସମ୍ପୂର୍ଣ୍ଣ କାର୍ଯ୍ୟ କିଛିମାତ୍ରାରେ ବଢ଼ିଚାଲିବ। ବୁଝାମଣାରେ ତ୍ରୁଟି ରହିଯିବା କାରଣରୁ ସମ୍ପର୍କୀୟଙ୍କ ସହଯୋଗ ପାଇବେନି।

**ଧନୁ** କେତୁଙ୍କ କୁପ୍ରଭାବ ହେତୁ ଛୋଟ ଛୋଟ କାମ ହାତକୁ ନେଲେ ଦ୍ୱନ୍ଦ୍ୱରେ ପଡ଼ିପାରନ୍ତି। ଯାନବାହନ ଚାଳନାରେ ସତର୍କତା ଅବଲମ୍ବନ ନ କଲେ ଅସୁବିଧାର ସମ୍ମୁଖୀନ ହୋଇପାରନ୍ତି। ଯେଉଁ ଜିନିଷଟି ପାଇବାକୁ ଅପେକ୍ଷା କରିଛନ୍ତି ତାହା ସାମାନ୍ୟ ବିଳମ୍ବରେ ପାଇବେ। ଯେ କୌଣସି କ୍ଷେତ୍ର ହେଉନା କାହିଁକି, ତରବରିଆ ପଦକ୍ଷେପ ନିଅନ୍ତୁ ନାହିଁ।

**ମକର** ପରିବାର ସ୍ଥାନରେ ରାହୁଙ୍କ କୁପ୍ରଭାବରେ ପାରସ୍ପରିକ ବୁଝାମଣାରେ ବ୍ୟତିକ୍ରମ ପରିଲକ୍ଷିତ ହୋଇପାରେ। ଆବଶ୍ୟକତା ପୂରଣ ସକାଶେ ଧାର କରଜ କରିବାକୁ ବାଧ୍ୟ ହୋଇପାରନ୍ତି ଏବଂ ପ୍ରତ୍ୟେକ ପରିସ୍ଥିତିରେ ନିଜକୁ ନିୟନ୍ତ୍ରଣ ମଧ୍ୟରେ ରଖିବା ପାଇଁ ସମର୍ଥ ହେବେ।

**କୁମ୍ଭ** ସହକର୍ମୀଙ୍କ ସହାୟତାରେ ଭାଙ୍ଗିପଡ଼ିଥିବା ସମ୍ପର୍କ ପୁଣି ଯୋଡ଼ିହୋଇଯିବ। ବହୁଦିନରୁ ଲାଗିରହିଥିବା ଶାରୀରିକ ପୀଡ଼ାରେ କଷ୍ଟ ପାଇପାରନ୍ତି। ମାଙ୍ଗଳିକ କାମ ପରିପ୍ରେକ୍ଷୀରେ ବନ୍ଧୁଦ୍ୱାରକୁ ଯାତ୍ରା କରିବାକୁ ପଡ଼ିପାରେ। ଆନୁଷ୍ଠାନିକ କାର୍ଯ୍ୟରେ ସମ୍ବର୍ଦ୍ଧିତ ହେବା ସହ ବସ୍ତ୍ରଭୂଷଣ ପ୍ରାପ୍ତି ଯୋଗ ରହିଛି।

**ମୀନ** ବୃଥା ସନ୍ଦେହ ଓ ଭୁଲ୍ ବୁଝାମଣା କାରଣରୁ ସାଧାରଣ କଥାକୁ କେନ୍ଦ୍ରକରି ଗୃହରେ କଳହ ସୃଷ୍ଟି ହୋଇପାରେ। ସତ୍‌ସଙ୍ଗ, ପୁରାଣ ପଠନ, ଆଲୋଚନା ସାଙ୍ଗକୁ ଧର୍ମକାର୍ଯ୍ୟ ପ୍ରତି ମନ ବଳିବ। କର୍ମଦକ୍ଷତା ହେତୁ ପ୍ରଶାସନିକ ସ୍ତରରେ ଓ ରାଜନୀତିରେ ପ୍ରଶଂସିତ ହେବେ। ମାଲିମକଦ୍ଦମାରେ ସ୍ଥିତି ଅନୁକୂଳ ହୋଇପାରେ।

ଆଜି ଫାଲ୍‌ଗୁନ ଶୁକ୍ଳ ଦଶମୀ ଯୁକ୍ତ ଏକାଦଶୀ ଗୁରୁବାର, ଶ୍ରୀମନ୍ଦିରରେ ଫଗୁଦଶମୀ, ଶ୍ରୀଜୀଉଙ୍କର ଚାଚେରୀ ବେଶ ଓ ଦୋଳଯାତ୍ରା ଆରମ୍ଭ, ମାର୍ଚ୍ଚ ୨ ତାରିଖ, ସାମାନ୍ୟ ଗୋବିନ୍ଦ ଦ୍ୱାଦଶୀ ସ୍ନାନ, ରାଶି ନକ୍ଷତ୍ର- ଦିବା ଘ.୧୨।୪୩ମି ଗତେ, ପୁନର୍ବସୁ/ମିଥୁନ, ଏକାଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଅଦ୍ୟ ବ୍ରତୋପନୟନ, ଗୃହାରମ୍ଭ, ଗୃହପ୍ରବେଶ, ବିଦ୍ୟାରମ୍ଭ, ଦେବତା ପ୍ରତିଷ୍ଠା ପାଇଁ ଶୁଭଦିନ। ସକାଳ ଘ.୦୬।୦୯ମି. ଗତେ ଘ.୦୭।୪୨ମି. ମଧ୍ୟେ, ଘ.୧୦।୪୯ମି. ଗତେ ଘ.୦୧।୦୮ମି. ମଧ୍ୟେ ଶୁଦ୍ଧ ଶୁଭବେଳା। ଦିବା ଘ.୦୧।୦୨ମି. ଗତେ ଘ.୦୨।୫୩ମି. ମଧ୍ୟେ ରାହୁକାଳ।

## ପ୍ରଥମ ପୃଷ୍ଠାରୁ...

### ୫୦ ଟଙ୍କା ବଢ଼ିଲା ...

ନ ପୂରୁଣୁ ପୁଣି ଏଲ୍‌ପିଜି ଦର ବଢ଼ାଯାଇଛି। ଭାରତର ରନ୍ଧନ ଗ୍ୟାସ୍ ବଜାରକୁ ମୁଖ୍ୟତଃ ଏହି ୩ ସରକାରୀ ଶକ୍ତି ଉଦ୍ୟୋଗ ଏଲ୍‌ପିଜି ଯୋଗାଇଥାନ୍ତି। ଆଇଓସି ପକ୍ଷରୁ ସ୍ଥିର କରାଯାଇଥିବା ମୂଲ୍ୟକୁ ବେଞ୍ଚମାର୍କ ଭାବେ ଗ୍ରହଣ କରାଯାଇଥାଏ। ଆଇଓସି ତଥ୍ୟାନୁସାରେ ସଦ୍ୟ ମୂଲ୍ୟ ସମୀକ୍ଷା ପରେ ୧୪.୨ କେ.ଜି. ଗ୍ୟାସ୍ ସିଲିଣ୍ଡର ମୂଲ୍ୟ ଦିଲ୍ଲୀରେ ୧୧୦୩, ମୁମ୍ବାଇରେ ୧୧୦୨.୫୦, ଚେନ୍ନାଇରେ ୧୧୧୮.୫୦, ଓ କୋଲକାତାରେ ୧୧୨୯ ଟଙ୍କାରେ ପହଞ୍ଚିଛି। ଘରୋଇ ରନ୍ଧନ ଗ୍ୟାସ୍‌ର ମୂଲ୍ୟ ସ୍ଥାନୀୟ ଟିକସ ଯୋଗୁ ବିଭିନ୍ନ ରାଜ୍ୟରେ ଭିନ୍ନ ଭିନ୍ନ ରହିଥାଏ। ଗତବର୍ଷ ଜୁଲାଇ ୬ ପରଠୁ କମର୍ସିଆଲ୍ ଗ୍ୟାସ୍ ମଧ୍ୟ ପ୍ରଥମ ଥର ପାଇଁ ବଢ଼ିଛି। ଦିଲ୍ଲୀରେ ୧୯ କେ.ଜି.ର କମର୍ସିଆଲ୍ ଏଲ୍‌ପିଜି ମୂଲ୍ୟ ୩୫୦ ଟଙ୍କା ବୃଦ୍ଧି ପରେ ବର୍ତ୍ତମାନ ଦିଲ୍ଲୀରେ ୨୧୧୯ ଟଙ୍କା ହୋଇଛି। କମର୍ସିଆଲ୍ ସିଲିଣ୍ଡରଗୁଡ଼ିକୁ ହୋଟେଲ, ରେଷ୍ଟୁରାଣ୍ଟ ଓ ଶିଳ୍ପାଞ୍ଚଳରେ ବ୍ୟବହାର କରାଯାଇଥାଏ। ହୋଲି ପୂର୍ବରୁ ଏହି ଦରବୃଦ୍ଧିକୁ କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେ କେନ୍ଦ୍ର ସରକାରଙ୍କୁ ସମାଲୋଚନା କରିଛନ୍ତି। ମୋଦି ସରକାରଙ୍କ ଅମଳରେ ଉଚ୍ଚ ମୁଦ୍ରାସ୍ଫୀତି ମାଡ଼ରେ ଘାଇଲା ହୋଇଯାଇଥିବା ସାଧାରଣ ଲୋକଙ୍କୁ ଏହା ଆହୁରି ପ୍ରଭାବିତ କରିବ। ହୋଲିରେ ଲୋକେ କିପରି ବ୍ୟଞ୍ଜନ ପ୍ରସ୍ତୁତ କରିବେ। ଏହି ଲୁଟ୍ କେତେଦିନ ପର୍ଯ୍ୟନ୍ତ ଚାଲିବ ବୋଲି ଜନତା ପ୍ରଶ୍ନ କରୁଥିବା ଖାର୍ଗେ କହିଛନ୍ତି। ଏଲ୍‌ପିଜି ମୂଲ୍ୟ ବୃଦ୍ଧି ପ୍ରତିବାଦରେ ମଧ୍ୟପ୍ରଦେଶ ବିଧାନସଭାରେ ବିରୋଧୀ କଂଗ୍ରେସ କକ୍ଷତ୍ୟାଗ କରି ବିକ୍ଷୋଭ କରିଛି। ପ୍ରକାଶ ଯେ, ୨୦୨୨ ମେ’ରେ କେନ୍ଦ୍ର ସରକାର ୧୪.୨ କେ.ଜି. ବିଶିଷ୍ଟ ଏଲ୍‌ପିଜି ସିଲିଣ୍ଡରରେ ୨୦୦ ଟଙ୍କା ସବ୍‌ସିଡି ଦେବାକୁ ଘୋଷଣା କରିଥିଲେ। ୨୦୨୨-୨୩ ଆର୍ଥିକବର୍ଷରେ ପ୍ରଧାନମନ୍ତ୍ରୀ ଉଜ୍ଜ୍ୱଳା ଯୋଜନାରେ ୧୨ ଥର ରିଫିଲ୍ ପର୍ଯ୍ୟନ୍ତ ୯୦ ନିୟୁତ ହିତାଧିକାରୀ ଉପକୃତ ହୋଇଥିବା ସରକାରୀ ସୂତ୍ରରୁ ପ୍ରକାଶ। ସେହିପରି ଚଳିତ ଆର୍ଥିକବର୍ଷର ପ୍ରଥମାର୍ଦ୍ଧରେ ଏଲ୍‌ପିଜି ସବ୍‌ସିଡି ବାବଦକୁ ହିତାଧିକାରୀମାନଙ୍କୁ ୭,୫୦୦ କୋଟି ଟଙ୍କା ଦିଆଯାଇଛି।

### ଅଭିନେତା ପିଣ୍ଟୁ ନନ୍ଦଙ୍କ ...

ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା। ପିଣ୍ଟୁଙ୍କର ଯକୃତ ପ୍ରତିରୋପଣ କରିବା ପାଇଁ ଡାକ୍ତର ପରାମର୍ଶ ଦେଇଥିଲେ। ଏପରି କି ଏଥିପାଇଁ ୩୫ଲକ୍ଷ ଟଙ୍କା ଖର୍ଚ୍ଚ ହେବ ବୋଲି ହସ୍ପିଟାଲ କର୍ତ୍ତୃପକ୍ଷ ସୂଚନା ଦେଇଥିଲେ। ଯକୃତ ପ୍ରତିରୋପଣ ପୂର୍ବରୁ ବିଭିନ୍ନ ପରୀକ୍ଷା ମଧ୍ୟ କରାଯାଇଥିଲା। ହେଲେ ବୁଧବାର ସନ୍ଧ୍ୟାରେ ତାଙ୍କ ଅବସ୍ଥା ଗୁରୁତର ହୋଇଯାଇଥିଲା। ଡାକ୍ତରଙ୍କ ସମସ୍ତ ଚେଷ୍ଟା ବିଫଳ ହୋଇଛି। ପିଣ୍ଟୁଙ୍କ ମୃତ୍ୟୁ ହେବା ନେଇ ଅଭିନେତା ଶ୍ରୀତମ ଦାସ ଟୁଇଟ କରି ସୂଚନା ଦେଇଛନ୍ତି। ଗୁରୁବାର ସକାଳ ୬ଟା ରେ ତାଙ୍କ ପାର୍ଥିବ ଶରୀର ବିମାନ ଯୋଗେ ଆସି ଭୁବନେଶ୍ୱର ବିମାନ ବନ୍ଦରରେ ପହଞ୍ଚିବ ବୋଲି ସୂଚନା ମିଳିଛି। ତାଙ୍କ ପରଲୋକ ଖବର ଜଣାପଡ଼ିବା ପରେ ଓଡ଼ିଆ ସିନେ ଜଗତରେ ଶୋକର ଛାୟା ଖେଳିଯାଇଛି।

ସୂଚନାଯୋଗ୍ୟ, ଅଭିନେତା ପିଣ୍ଟୁ ଓଲିଉଡର ଜଣେ ଲୋକପ୍ରିୟ କଳାକାର ଥିଲେ। ସେ ୧୯୭୭ ଜୁଲାଇ ୭ ରେ ଜଗତ୍‌ସିଂହପୁରଠାରେ ଜନ୍ମ ଗ୍ରହଣ କରିଥଲେ। ତାଙ୍କ ପିତାଙ୍କ ନାମ ଅଶୋକ କୁମାର ନନ୍ଦ ଓ ମାତାଙ୍କ ନାମ କାନ୍ତିଲତା । ସେମାନେ ଦୁଇ ଭାଇ ଓ ଗୋଟିଏ ଭଉଣୀ । ତାଙ୍କ ବଡ଼ ଭାଇ ଅଭିରାମ ନନ୍ଦ ଜଣେ ବଂଶୀବାଦକ। ପିଣ୍ଟୁ ଜଗତସିଂହପୁରର ଏସ. କେ. ଏକାଡେମୀରୁ ବିଦ୍ୟାଳୟ ଶିକ୍ଷା ଶେଷ କରିବା ପରେ ଦିଲ୍ଲୀରେ ଉଚ୍ଚଶିକ୍ଷା ଗ୍ରହଣ କରିଥିଲେ। ସେ ପ୍ରଥମେ ଓଡ଼ିଆ ଦୂରଦର୍ଶନ ଜରିଆରେ ଅଭିନୟ ଆରମ୍ଭ କରିଥିଲେ। ଏହାପରେ ସେ ୧୯୯୬ରେ ଓଡ଼ିଆ ଚଳଚ୍ଚିତ୍ର ‘କୋଇଲି’ ଜରିଆରେ ଅଭିନୟ ଆରମ୍ଭ କରିଥିଲେ। ଏଥିସହ ସେ ଓଡ଼ିଆ ଆଲ୍‌ବମ୍‌ରେ ମଧ୍ୟ ଅଭିନୟ କରିଥିଲେ। ‘ଏ ଗଉରା କ’ଣ ଖାଉଚୁ’ ଆଲ୍‌ବମ୍ ପିଣ୍ଟୁଙ୍କୁ ସବୁଠୁ ଅଧିକ ଲୋକପ୍ରିୟ କରାଇଥିଲା। ପରେ ସେ ରାମ ଲକ୍ଷ୍ମଣ, ତୋ ଆଖି ମୋ ଆଇନା, ରଙ୍ଗ ନମ୍ବର, ବାହୁଡ଼ିବେ ମୋ ଜଗା ବଳିଆ, ଓଃ ମାଇଁ ଲଭ, ଆଇ ଲଭ ୟୁ, ଆଇ ଲଭ ମାଇଁ ଇଣ୍ଡିଆ, ପ୍ରେମ ରୋଗୀ, ଜୟ ଜଗନ୍ନାଥ, ନନ୍ଦିନୀ ଆଇ ଲଭ ୟୁ, ମିତରେ ମିତ, ମୁଁ କ’ଣ ଏତେ ଖରାପ, ସ୍ୱୟଂସିଦ୍ଧା, ପହିଲି ରଜ, ପ୍ରେମ ଅଢ଼େଇ ଅକ୍ଷର, ଦୋସ୍ତି, ଶପଥ, ଗୁଡ୍ ବୟ, ଲଭ ମାଷ୍ଟର, ହରି ଓମ୍ ହରି, ଡାହା ବାଲୁଙ୍ଗା, ସୁନା ପିଲା ଟିକେ ସ୍କ୍ରୁ ଢିଲା ଆଦି ଚଳଚ୍ଚିତ୍ରରେ ଅଭିନୟ କରିଥିଲେ। ପିଣ୍ଟୁ ଓଡ଼ିଆ ଧାରାବାହିକ ଶଙ୍ଖା ସିନ୍ଦୂରରେ ମଧ୍ୟ ଅଭିନୟ କରିଥିଲେ। ନିଜର ଅଭିନୟର ଯାଦୁରେ ଯିଏ ଦିନେ ସମସ୍ତଙ୍କୁ ହସାଉଥିଲେ, ସେ ଆଜି ସମସ୍ତଙ୍କୁ ଛାଡ଼ି ଚାଲି ଯାଇଛନ୍ତି। ଅନେକ ଫିଲ୍ମରେ ସେ ହାସ୍ୟ ଅଭିନେତା ଭାବେ ଅଭିନୟ କରିଛନ୍ତି। ପରେ ପରେ ତାଙ୍କୁ ଖଳ ନାୟକ ଚରିତ୍ରରେ ମଧ୍ୟ ଦେଖିବାକୁ ମିଳିଥିଲା।

### ଘର ପାଖରେ ବାଘ, ...

ବନ କର୍ମଚାରୀମାନେ ପହଞ୍ଚି ବାଘର ଗତିବିଧି ଉପରେ ନଜର ରଖିଛନ୍ତି। ପାହାଡ଼ ପାଦଦେଶରେ ଟିମନା ଗାଁ ଥିବାବେଳେ ଉକ୍ତ କଲରାପତରିଆ ବାଘ ଏକ ବୁଦାମୂଳେ ଲୁଚି ରହିଥିବା ଜଣାପଡ଼ିଛି। ବନକର୍ମଚାରୀ ଓ ଟ୍ରାଙ୍କୁଲାଇଜ୍ ଟିମ୍ ବାଘକୁ ଧରିବା ପାଇଁ ଉଦ୍ୟମ ଚଳାଇଛନ୍ତି। ବୁଦା ନିକଟବର୍ତ୍ତୀ ଅଞ୍ଚଳରେ ଏକ ଛେଳିକୁ ବାନ୍ଧି ରଖାଯାଇଛି। ଛେଳିକୁ ଖାଇବା ଉଦ୍ଦେଶ୍ୟରେ ବାଘ ବୁଦାରୁ ବାହାରିଲେ ସହଜରେ ଟ୍ରାଙ୍କୁଲାଇଜ୍ କରାଯାଇପାରିବ ବୋଲି ବନ ବିଭାଗ କର୍ମଚାରୀ କହିଛନ୍ତି। ମାତ୍ର ରାତି ପର୍ଯ୍ୟନ୍ତ ବାଘକୁ ଧରାଯାଇନାହିଁ। ସବ୍‌ଡେଗା ଅଞ୍ଚଳର ଜଙ୍ଗଲରୁ ଏହି ବାଘ ଆସିଥାଇପାରେ ବୋଲି କୁହାଯାଉଛି।

## ଘରୋଇ ଏଲ୍‌ପିଜି ସିଲିଣ୍ଡର ୫୦ଟଙ୍କା ବଢିଲା




# ସିପିଆର୍‌କୁ ବିଦେଶୀ ପାଣ୍ଠି ମନା

## ଏଫ୍‌ସିଆର୍‌ଏ ଲାଇସେନ୍ସ ରଦ୍ଦ କଲା କେନ୍ଦ୍ର

ନୂଆଦିଲ୍ଲୀ,୧।୩

ଜଣାଶୁଣା ପବ୍ଲିକ୍ ଥିଙ୍କ୍‌ଟ୍ୟାଙ୍କ୍ ସେଣ୍ଟର୍ ଫର୍ ପଲିସି ରିସର୍ଚ୍ଚ (ସିପିଆର୍)ର ଫରେନ୍ କଣ୍ଟ୍ରିବ୍ୟୁଶନ୍ ରେଗୁଲେଶନ୍ ଆକ୍ଟ (ଏଫ୍‌ସିଆର୍‌ଏ) ଲାଇସେନ୍ସକୁ ବୁଧବାର କେନ୍ଦ୍ର ସରକାର ରଦ୍ଦ କରିଦେଇଛନ୍ତି। ଆୟକର ଆଇନ ଉଲ୍ଲଂଘନ ଅଭିଯୋଗରେ ଏହି କାର୍ଯ୍ୟାନୁଷ୍ଠାନ ନିଆଯାଇଥିବା ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ଫଳରେ ଏଣିକି ସିପିଆର୍ କୌଣସି ବିଦେଶୀ ପାଣ୍ଠି ଗ୍ରହଣ କରିପାରିବ ନାହିଁ।




ସାଇନ୍ସ ଆଣ୍ଡ ଟେକ୍ନୋଲୋଜି ବିଭାଗ ଦ୍ୱାରା ସ୍ୱୀକୃତିପ୍ରାପ୍ତ ଅଣଲାଭକାରୀ ସଂସ୍ଥା ସିପିଆର୍ ଇଣ୍ଡିଆନ୍ କାଉନ୍‌ସିଲ୍ ଫର୍ ସୋସିଆଲ ସାଇନ୍ସ ଆଣ୍ଡ ରିସର୍ଚ୍ଚଠାରୁ ଅନୁଦାନ ଲାଭ କରିଥାଏ। ଏହାର ଦାତାଙ୍କ ମଧ୍ୟରେ ଅଛନ୍ତି ବିଲ୍ ଆଣ୍ଡ୍ ମେଲିଣ୍ଡା ଗେଟ୍ସ ଫାଉଣ୍ଡେଶନ, ପେନ୍‌ସିଲଭାନିଆ ୟୁନିଭର୍ସିଟି, ୱାର୍ଲ୍ଡ ରିସୋର୍ସେସ୍ ଇନ୍‌ଷ୍ଟିଚ୍ୟୁଟ୍ ଏବଂ ଡ୍ୟୁକ୍ ୟୁନିଭର୍ସିଟି। ଏହି କାର୍ଯ୍ୟାନୁଷ୍ଠାନ ପରେ ସିପିଆର୍ ପକ୍ଷରୁ ଜାରି ଏକ ବିବୃତିରେ କୁହାଯାଇଛି ଯେ, ଗତବର୍ଷ ସେପ୍ଟେମ୍ବରରେ ଥିଙ୍କ୍‌ଟ୍ୟାଙ୍କ୍ ଅଫିସଗୁଡ଼ିକରେ ଆଇଟି ବିଭାଗ ଚଢ଼ାଉ କରିଥିଲା। ପରବର୍ତ୍ତୀ ସମୟରେ ବିଭାଗ ପକ୍ଷରୁ ଅନେକ ନୋଟିସ୍ ଜାରି ହୋଇଥିଲା। ଆୟକର ବିଭାଗରେ ଆବଶ୍ୟକ ଦସ୍ତାବିଜ ଦାଖଲ କରାଯାଇଛି। ଅଧିକାରୀମାନଙ୍କୁ ସମ୍ପୂର୍ଣ୍ଣ ସହଯୋଗ କରାଯିବ। ଆମେ ଉପଲବ୍ଧ ସମସ୍ତ ବିକଳ୍ପ ଉପରେ ବିଚାର କରୁଛୁ। ତୁରନ୍ତ ଏହାର ସମାଧାନ ହୋଇଯିବ ବୋଲି ସିପିଆର୍ ଆଶାବାଦୀ ଥିବା ଏଥିରେ କୁହାଯାଇଛି। ଅନ୍ୟପକ୍ଷେ ୨୦୨୧ରୁ ଲାଇସେନ୍ସ ନବୀକରଣ କରି ନ ଥିବା ସିପିଆର୍‌କୁ କେନ୍ଦ୍ର ସରକାର ଏଫ୍‌ସିଆର୍‌ଏ ପାଣ୍ଠି ଗ୍ରହଣ ସମ୍ପର୍କିତ ଦସ୍ତାବିଜ ମାଗିଥିବା ଜଣାପଡ଼ିଛି।

# ଭିସୁଟ୍ ପୁରାତନ ଛାତ୍ରୀଙ୍କ ମୃତଦେହ ମିଳିଲା

## ହତ୍ୟା ମାମଲା ରୁଜୁ, ପୁରୁଷ ବନ୍ଧୁ ସହ ୨ ଅଟକ

ସମ୍ବଲପୁର,୧।୩(ବ୍ୟୁରୋ)

ସମ୍ବଲପୁର ଜିଲା ବୁର୍ଲା ଥାନା ପିସି ବ୍ରିଜ୍ ଉପରୁ ଡେଇଁ ନିଖୋଜ ଥିବା ଭିସୁଟ୍ ଆଇଟି ବିଭାଗ ପୁରାତନ ଛାତ୍ରୀ ଚିନ୍ମୟୀ ପ୍ରିୟଦର୍ଶିନୀ ସାହୁଙ୍କ ମୃତଦେହ ଅଗ୍ନିଶମ ବିଭାଗ ବୁଧବାର ସକାଳେ ପାୱାର ଚ୍ୟାନେଲରୁ ଜବତ କରିଛି। ପ୍ରିୟଦର୍ଶିନୀଙ୍କ ମା' ଲବଙ୍ଗ ଝିଅକୁ ହତ୍ୟା କରାଯାଇଥିବା ଅଭିଯୋଗ କରିଛନ୍ତି। ସେ କହିଛନ୍ତି, ମୃତ ଶରୀର ବେକରେ ଦାଗ ରହିଛି, ସୁନାଚେନ୍ ମଧ୍ୟ ନାହିଁ। ତା'ର ମନୋବଳ ଦୃଢ଼ ରହିଥିଲା। ସେ କେବେ ଆତ୍ମହତ୍ୟା କରିପାରିବ ନାହିଁ। ପ୍ରଥମେ ସନ୍ଧ୍ୟା ୬ଟାରେ ଫୋନ୍‌ରେ କଥା ହୋଇଥିଲି। ସେ ଭୁବନେଶ୍ୱର ଯାଉଛି ବୋଲି କହିଥିଲା। ପରେ ରାତି ସାଢେ ୯ଟାରେ ଫୋନ୍ କରିଥିଲି। ସେ ଫୋନ୍ ଉଠାଇଥିଲେ ମଧ୍ୟ କଥା ହୋଇପାରି ନ ଥିଲା। ତଣ୍ଟିକୁ କେହି ଚିପିଧରିଥିବା ଭଳି କେବଳ ଶବ୍ଦ ଶୁଭିଥିଲା। ଏସବୁ କାରଣରୁ ଝିଅକୁ ହତ୍ୟା କରାଯାଇଥିବା ସ୍ପଷ୍ଟ ହେଉଛି। ଏହି ଘଟଣାରେ କେତେଜଣଙ୍କର ସମ୍ପୃକ୍ତି ରହିଥିବା ସେ ଅଭିଯୋଗ କରିଛନ୍ତି। ଅଭିଯୋଗକୁ ଆଧାରକରି ବୁର୍ଲା ପୋଲିସ ଆଇପିସି ଦଫା ୩୦୨, ୨୦୧, ୩୪ରେ


ଚିନ୍ମୟୀ ପ୍ରିୟଦର୍ଶିନୀ

ମାମଲା (ନଂ.୯୬/୨୨) ରୁଜୁ କରିଛି। ମୃତଦେହ ବ୍ୟବଚ୍ଛେଦ ପରେ ପରିବାରବର୍ଗଙ୍କୁ ହସ୍ତାନ୍ତର କରାଯାଇଛି। ଘଟଣାରେ ପୁରୁଷବନ୍ଧୁ ପ୍ରତିମାନ ଦେ ଓ ଅନ୍ୟ ଜଣେ ସହଯୋଗୀଙ୍କୁ ପୋଲିସ ଥାନାରେ ଅଟକ ରଖି ପଚରାଉଚୁରା କରୁଥିବା ଥାନା ଅଧିକାରୀ ସୁଶାନ୍ତ ଦାସ କହିଛନ୍ତି। ସେ ଆହୁରି କହିଛନ୍ତି, ମୋବାଇଲ ଫୋନ୍ ରେକର୍ଡ ସହ ବିଭିନ୍ନ ଦିଗକୁ ନେଇ ତଦନ୍ତ କରାଯାଉଛି। ଅଟକ ପ୍ରତିମାନ ପୁରୁଷ ବନ୍ଧୁ ଅଟନ୍ତି। ହତ୍ୟା ମାମଲା ରୁଜୁ ହୋଇଛି, ହେଲେ ବ୍ୟବଚ୍ଛେଦ ରିପୋର୍ଟକୁ ଅପେକ୍ଷା କରାଯାଇଛି। ଅଟକ ପ୍ରତିମାନ ଗୃହ ବିଭାଗ ଯୁଗ୍ମ ସଚିବ ପ୍ରଣବ କୁମାର ଦେଙ୍କ ପୁଅ ବୋଲି ବୟାନ ଦେଇଥିବା ଥାନା ଅଧିକାରୀ କହିଛନ୍ତି। ମଙ୍ଗଳବାର ଭିସୁଟ୍‌ର ସମାବର୍ତ୍ତନ ଉତ୍ସବରେ ଯୋଗଦେଇ ଚିନ୍ମୟୀ ଡିଗ୍ରୀ ପାଇଥିଲେ। ଅପରାହ୍ନରେ ସେ ସ୍ଥାନୀୟ ଅଞ୍ଚଳର ଜଣେ ସାଙ୍ଗଙ୍କ ଘରକୁ ଯାଇଥିଲେ। ସେଠାରେ ସେ କିଛି ସାମଗ୍ରୀ ଛାଡି ଚାଲିଆସିଥିଲେ। ଅପରାହ୍ନ ୩ଟାରୁ ସାଙ୍ଗ ଘରୁ ବାହାରି ଆଉ ଫେରି ନ ଥିଲେ। ରାତି ପ୍ରାୟ ୧୦ଟାରେ ସେ ପାୱାର ଚ୍ୟାନେଲକୁ ଡେଇଁ ପଡ଼ିଥିବା ନେଇ ଖବର ପ୍ରଚାରିତ ହୋଇଥିଲା। ହେଲେ ଅପରାହ୍ନ ୩ଟାରୁ ରାତି ୧୦ଟା ପର୍ଯ୍ୟନ୍ତ ଚିନ୍ମୟୀ କୁଆଡ଼େ ଯାଇଥିଲେ, କାହା ସାଙ୍ଗରେ ଥିଲେ ତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଅନ୍ୟପଟେ ଚିନ୍ମୟୀଙ୍କ ଭଉଣୀ ମଧ୍ୟ ସମାନ ଅଭିଯୋଗ ଆଣିଛନ୍ତି। ସେ କହିଛନ୍ତି, ଆମେ ପ୍ରତିମାନଙ୍କୁ ପୂର୍ବରୁ ଜାଣିଥିଲୁ। ଭୁବନେଶ୍ୱରରେ ଚିନ୍ମୟୀ ସହିତ ତାଙ୍କୁ ଏକାଠି ଦେଖିଥିଲି ବୋଲି ସେ କହିଥିଲେ।

# କେମ୍ବ୍ରିଜ୍‌ରେ ରାହୁଲଙ୍କ ନୂଆ ଲୁକ୍

ଲଣ୍ଡନ, ୧।୩

କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କ ନୂଆ ଲୁକ୍‌କୁ ନେଇ ଏବେ ଚର୍ଚ୍ଚା ଜୋର୍ ଧରିଛି। ୫୨ ବର୍ଷୀୟ ରାଜନେତାଙ୍କ ନୂଆ ଲୁକ୍‌ର ଫଟୋ ସୋସିଆଲ ମିଡିଆରେ ବହୁଳ ପ୍ରସାର ହେବାରେ ଲାଗିଛି। ୭ ଦିନିଆ ଲଣ୍ଡନ ଗସ୍ତରେ ଥିବା ରାହୁଲ ବୁଧବାର କେମ୍ବ୍ରିଜ୍ ଜଜ୍ ବିଜ୍‌ନେସ୍ ସ୍କୁଲରେ ଭାଷଣ ଦେଇଛନ୍ତି। ଏହି ଅବସରରେ ସେ ଶୁଣିବାର କୌଶଳ ଉପରେ ବକ୍ତବ୍ୟ ରଖିବା ସହ ବିଶ୍ୱରେ ଏକ ଗଣତାନ୍ତ୍ରିକ ବାତାବରଣକୁ ପ୍ରୋତ୍ସାହନ ଦେବା ସକାଶେ ଚିନ୍ତା କରିବା ପାଇଁ ଆହ୍ୱାନ ଦେଇଛନ୍ତି। ଭାରତ ଓ ଆମେରିକା ଭଳି ଗଣତାନ୍ତ୍ରିକ ରାଷ୍ଟ୍ରରେ ଉତ୍ପାଦନ ହ୍ରାସ ପାଉଥିବାବେଳେ କମ୍ୟୁନିଷ୍ଟ ଚାଇନାରେ ମାନୁଫାକ୍‌ଚରିଂ ବଢ଼ିବାରେ ଲାଗିଛି। ଫଳରେ ଅସମାନତା ଓ କ୍ରୋଧ ବ୍ୟାପୁଛି। ଏହାଉପରେ ଅଧିକ ଗୁରୁତ୍ୱ ଦେଇ ଆଲୋଚନା କରାଗଲେ ସମାଧାନ ସମ୍ଭବ ବୋଲି ସେ କହିଛନ୍ତି। ଭାରତ ଯୋଡ଼ୋ ଯାତ୍ରା ସମୟର ରାହୁଲଙ୍କ ଲୁକ୍ ଓ ବର୍ତ୍ତମାନର ଲୁକ୍ ସମ୍ପୂର୍ଣ୍ଣ ଭିନ୍ନ ରହିଛି। ରାହୁଲ ଦାଢ଼ି ଓ କେଶକୁ କାଟି ଦେଇଥିବା ଫଟୋରେ ଦେଖିବାକୁ ମିଳିଛି। ଅନ୍ୟପକ୍ଷେ କେମ୍ବ୍ରିଜ୍‌ରେ ଭାଷଣ ଦେଇ ରାହୁଲ ଖୁସି ଥିବା ଟୁଇଟରରେ ଏକ ପୋଷ୍ଟ ଶେୟାର କରି କହିଛନ୍ତି।


ରାହୁଲ ଗାନ୍ଧୀ









ଅତିମାନବ ନିଶ୍ଚୟ ପୃଥିବୀରେ ଉଦ୍‌ଭବ ହେବ। କିନ୍ତୁ ଅତିରଂଜିତ ଏକ ମାନସିକ ବୁଦ୍ଧିସମ୍ପନ୍ନ ମଣିଷ ରୂପେ ନୁହେଁ। ଏକ ଅତିମାନସ ଶକ୍ତିର ଅବତରଣ ପାଇଁ ସେ ହେବ ଏକ ମାଧ୍ୟମ। ତା'ଫଳରେ ସେ ଏକ ନୂତନ ଜୀବନ ବଞ୍ଚିବ ଓ ଏକ ରୂପାନ୍ତରିତ ଦିବ୍ୟ ଶରୀରର ଅଧିକାରୀ ହେବ। **-ଶ୍ରୀଅରବିନ୍ଦ**

# ଅଧା ଜ୍ଞାନକୁ ସାବଧାନ



ଦେବଦତ୍ତ ପଟ୍ଟନାୟକ

ଅଭିମନ୍ୟୁ ଥିଲେ ଅର୍ଜୁନ ଏବଂ ସୁଭଦ୍ରା(କୃଷ୍ଣଙ୍କ ଭଉଣୀ)ଙ୍କ ପୁତ୍ର। ଯଦିଓ ପ୍ରତ୍ୟେକ ପାଣ୍ଡବ ଦ୍ରୌପଦୀଙ୍କ ଗର୍ଭରୁ ଗୋଟିଏ ଲେଖା ସନ୍ତାନ ଲାଭ କରିଥିଲେ, ତଥାପି ସେମାନେ ପ୍ରତ୍ୟେକ ଅନ୍ୟ ସ୍ତ୍ରୀଙ୍କଠାରୁ ଗୋଟିଏ କରି ସନ୍ତାନର ଜନକ ହୋଇପାରିଥିଲେ। ତେବେ ସବୁ ସନ୍ତାନଙ୍କ ମଧ୍ୟରେ ଅଭିମନ୍ୟୁଙ୍କ କାହାଣୀ ମହାଭାରତର ସବୁଠୁ ଚର୍ଚ୍ଚିତ ଓ ପୀଡ଼ାଦାୟକ। ଅଭିମନ୍ୟୁଙ୍କ ପିତା ଅର୍ଜୁନ ଧନୁର୍ବିଦ୍ୟା ଏବଂ ଯୁଦ୍ଧ ସମ୍ପର୍କରେ କୃଷ୍ଣଙ୍କ ସହ ପ୍ରାୟତଃ ଆଲୋଚନା କରନ୍ତି। ସୁଭଦ୍ରାଙ୍କ ଗର୍ଭରେ ଅଭିମନ୍ୟୁ ଥିବାବେଳେ ସେ ଅର୍ଜୁନଙ୍କ ପାଖରେ ବସି ଏହା ଶୁଣନ୍ତି। ଗର୍ଭସ୍ଥ ଅଭିମନ୍ୟୁ ପିତାଙ୍କ କଥା ଶୁଣି ଧନୁର୍ବିଦ୍ୟା ଉପରେ ସବୁ ଜାଣିପାରିଥିଲେ। ଫଳରେ ଜନ୍ମ ହେଲାବେଳକୁ ସେ ଜଣେ ଯୋଦ୍ଧା ହୋଇଯାଇଥିଲେ। ତେବେ ଯୁଦ୍ଧରେ ଚକ୍ରବ୍ୟୂହକୁ କିଭଳି ଭାଙ୍ଗିହେବ ସେ ବିଷୟରେ ଅର୍ଜୁନ କହୁଥିବା ସମୟରେ କୃଷ୍ଣ ବାଧା ଦେଇ ତାଙ୍କୁ ସୁଭଦ୍ରାଙ୍କ ପାଖ ଛାଡ଼ିବାକୁ କହିଥିଲେ। ଫଳରେ ଅଭିମନ୍ୟୁ ଚକ୍ରବ୍ୟୂହରେ ପ୍ରବେଶ କରିବା କୌଶଳ ଜାଣିପାରିଥିଲେ, କିନ୍ତୁ ତାକୁ ଭାଙ୍ଗି ବାହାରକୁ ବାହାରିବା ବାଟ ଜାଣିପାରି ନ ଥିଲେ। ସେଥିପାଇଁ ୧୬ ବର୍ଷ ପରେ ଏହି ଘଟଣା ଅଭିମନ୍ୟୁଙ୍କ ମୃତ୍ୟୁର କାରଣ ପାଲଟିଥିଲା। ଅଭିମନ୍ୟୁ ମାତୃଗର୍ଭରେ ଥାଇ ଚକ୍ରବ୍ୟୂହ ସମ୍ପର୍କରେ ଶିକ୍ଷା କରୁଥିବା ସମୟରେ ଶ୍ରୀକୃଷ୍ଣ କାହିଁକି ସେଥିରେ ବାଧା ଦେଇଥିଲେ ତାହାର କାରଣକୁ ନେଇ ଭାରତର ବିଭିନ୍ନ ଅଞ୍ଚଳରେ ଅନେକ କିମ୍ବଦନ୍ତୀ ବା ଲୋକକଥା ସାମ୍ନାକୁ ଆସେ।

ଗୋଟିଏ କାହାଣୀ କହେ, ଅଭିମନ୍ୟୁ ବାସ୍ତବରେ ଜଣେ ରାକ୍ଷସ। ସେ ଯଦି କୁରୁକ୍ଷେତ୍ର ଯୁଦ୍ଧରୁ ବଞ୍ଚିଯାଇଥାଆନ୍ତେ ତେବେ ତାଙ୍କର ରାକ୍ଷସ ପ୍ରବୃତ୍ତି ପ୍ରକାଶ ପାଇଥାନ୍ତା। କୃଷ୍ଣ ଏହା ଜାଣିଥିଲେ। ଏଣୁ ଏହି କାର୍ଯ୍ୟ ମାଧ୍ୟମରେ ସେ ନିଜେ ଯୁଦ୍ଧରେ ଅଭିମନ୍ୟୁଙ୍କ ମୃତ୍ୟୁ ନିଶ୍ଚିତ କରିଥିଲେ। ଅନ୍ୟ ଏକ କାହାଣୀ ଅନୁଯାୟୀ, ଅଭିମନ୍ୟୁ ଥିଲେ ଚନ୍ଦ୍ରଙ୍କ ପୁତ୍ର। ସେ ମରଣଶୀଳ ଭାବେ ମର୍ତ୍ତ୍ୟରେ ରହିବାକୁ ଅଭିଶାପ ପାଇଥିଲେ। ଏଣୁ ଚନ୍ଦ୍ର ତାଙ୍କ ପୁତ୍ରକୁ ପାଖରେ ପାଇପାରୁ ନ ଥିଲେ। ଏଥିପାଇଁ ସେ ୧୬ ବର୍ଷ ବୟସରେ ତାଙ୍କ ପୁତ୍ରକୁ ମାରିବା ଲାଗି ଉପାୟ କରିବାକୁ କୃଷ୍ଣଙ୍କୁ ଅନୁରୋଧ କରିଥିଲେ। ଏହା କରିବାକୁ କୃଷ୍ଣଙ୍କ ପାଖରେ ଏକମାତ୍ର ଉପାୟ ଥିଲା ଅଭିମନ୍ୟୁଙ୍କୁ ଚକ୍ରବ୍ୟୂହ ରହସ୍ୟ ଶିକ୍ଷା କରାଇ ନ ଦେବା। ତୃତୀୟ କାହାଣୀ ଅତ୍ୟନ୍ତ କପଟସୂଚକ ତଥା ଭୟାବହ। ଅର୍ଜୁନ ତାଙ୍କ ପୁତ୍ର ଅଭିମନ୍ୟୁଙ୍କୁ କେତେ ଭଲ ପାଉଥିଲେ ତାହା କୃଷ୍ଣ ଜାଣିଥିଲେ। କେବଳ ଅଭିମନ୍ୟୁଙ୍କ ମୃତ୍ୟୁ ତାଙ୍କ ଗୁରୁଙ୍କ ହାତରେ ହେଲେ ହିଁ ତାହା ବ୍ୟକ୍ତିଗତ ଭାବେ ଯୁଦ୍ଧକୁ ଗମ୍ଭୀରତାର ସହ ନେବା ଓ ଭୟଙ୍କର ଲଢ଼େଇ କରିବା ପାଇଁ ଅର୍ଜୁନଙ୍କୁ ଉସୁକାଇବ ବୋଲି କୃଷ୍ଣ ନିଶ୍ଚିତ ଥିଲେ।



ପାଣ୍ଡବମାନେ ଜୁଆଖେଳରେ ସେମାନଙ୍କ ରାଜ୍ୟ ହରାଇ ୧୩ ବର୍ଷ ନିର୍ବାସନରେ ଯିବାବେଳକୁ ଅଭିମନ୍ୟୁଙ୍କୁ ମାତ୍ର ୨ ବର୍ଷ ହୋଇଥିଲା। ପାଣ୍ଡବମାନେ ଅଜ୍ଞାତବାସରୁ ଫେରିବା ସମୟରେ ଅଭିମନ୍ୟୁଙ୍କ ବୟସ ଥିଲା ୧୫। ପାଣ୍ଡବ ସେମାନଙ୍କ ରାଜ୍ୟ ଫେରାଇବା ଲାଗି କୌରବଙ୍କୁ କହିବାରୁ ସେମାନେ ମନା କରିଦେଲେ। ଏହାଯୋଗୁ କୌରବଙ୍କ ବିରୋଧରେ ଯୁଦ୍ଧ କରିବା ପାଇଁ ପ୍ରସ୍ତୁତ ହେବାକୁ ପାଣ୍ଡବଙ୍କୁ ୧ ବର୍ଷ ଲାଗିଯାଇଥିଲା। ଏଣୁ ଯୁଦ୍ଧ ଆରମ୍ଭ ହେବାବେଳକୁ ଅଭିମନ୍ୟୁଙ୍କୁ ହୋଇଥିଲା ୧୬ ବର୍ଷ। ଦ୍ୱାରକା ଥିଲା ଅଭିମନ୍ୟୁଙ୍କ ମାମୁଘର। ସେଠାରେ ମାମୁ କୃଷ୍ଣ ଓ ବଳରାମଙ୍କ ସହିତ ତାଙ୍କ ପିଲାଦିନ କଟିଥିଲା। ଦ୍ୱାରକାରେ ରହିବା ସମୟରେ ସେ ବଳରାମଙ୍କ କନ୍ୟା ବତ୍ସଳା(କେତେକ ପୁରାଣରେ ନାମ ଶଶିରେଖା)ଙ୍କ ପ୍ରେମରେ ପଡ଼ିଯାଇଥିଲେ। କିନ୍ତୁ ବଳରାମ ତାଙ୍କ କନ୍ୟାର ବିବାହ ଜଣେ ଜୁଆଡ଼ିଙ୍କ ପୁତ୍ର ସହ ନ କରି ଜଣେ ଧନୀ ବ୍ୟକ୍ତି ସହିତ କରିବାକୁ ଚାହୁଁଥିଲେ। ଏଣୁ ସେ ଦୁର୍ଯ୍ୟୋଧନଙ୍କ ପୁତ୍ର ଲକ୍ଷ୍ମଣଙ୍କୁ ତାଙ୍କ ଝିଅକୁ ବିବାହ କରିବା ଲାଗି ଆମନ୍ତ୍ରଣ କଲେ। ଏଥିରେ ଅଭିମନ୍ୟୁ ଭାଙ୍ଗିପଡ଼ିଲେ ଓ ସାହାଯ୍ୟ କରିବାକୁ ମାମୁ କୃଷ୍ଣଙ୍କୁ ଅନୁରୋଧ କଲେ। କୃଷ୍ଣ ଏଥିରେ ହସ୍ତକ୍ଷେପ କରିପାରିବେ ନାହିଁ କହି ଭୀମଙ୍କ ପୁତ୍ର ଘଟୋତ୍କଚ(ହିଡ଼ିମ୍ବାଙ୍କ ଗର୍ଭରୁ ଜନ୍ମ)ଙ୍କ ସାହାଯ୍ୟ ନେବା ଲାଗି ଅର୍ଜୁନଙ୍କୁ ପରାମର୍ଶ ଦେଇଥିଲେ। ଘଟୋତ୍କଚ୍ ରାଜିହୋଇ ଅଭିମନ୍ୟୁ ଓ ବତ୍ସଳାଙ୍କୁ ଦ୍ୱାରକା ବାହାରକୁ ନେଇ ଜଙ୍ଗଲରେ ଉଭୟଙ୍କ ବିବାହ କରାଇଥିଲେ। ପରେ ଘଟୋତ୍କଚ୍ ଅଲୌକିକ ମାୟାବଳରେ ବତ୍ସଳା ରୂପ ନେଇ ବିବାହ ଉତ୍ସବରେ ଉପସ୍ଥିତ ହେଲେ। ବଳରାମ କନ୍ୟାଦାନ କରିବା ସମୟରେ ଘଟୋତ୍କଚ୍ ଲକ୍ଷ୍ମଣଙ୍କ ହାତକୁ ଜୋର୍‌ରେ ଚାପିଦେବାରୁ ସେ ମୂର୍ଚ୍ଛା ହାଇଗଲେ। ଦୁର୍ଯ୍ୟୋଧନ ଯେତେବେଳେ ଜାଣିଲେ ଯେ ବତ୍ସଳା ହେଉଛି ଘଟୋତ୍କଚ୍, ସେତେବେଳେ ସେ ରାଗିଗଲେ। ଦୁର୍ଯ୍ୟୋଧନଙ୍କ ବଦଳରେ ସୁଭଦ୍ରା ଯେଭଳି ଅର୍ଜୁନଙ୍କୁ ବିବାହ କରିଥିଲେ ଠିକ୍ ସେହିଭଳି ବତ୍ସଳା ଦୁର୍ଯ୍ୟୋଧନଙ୍କ ପୁତ୍ରକୁ ବାହା ନ ହୋଇ ଅର୍ଜୁନଙ୍କ ପୁତ୍ରଙ୍କୁ ବିବାହ କରିଥିଲେ। ଦ୍ୱିତୀୟଥର ଠକାମିର ଶିକାର ହେବା ଦ୍ୱାରା ପୁନର୍ବାର ପାଣ୍ଡବମାନଙ୍କ ପ୍ରତି ଦୁର୍ଯ୍ୟୋଧନଙ୍କ ଘୃଣା ବଢ଼ିଯାଇଥିଲା।

ପାଣ୍ଡବମାନେ ଅଜ୍ଞାତବାସରୁ ବାହାରିବା ପରେ ଅର୍ଜୁନ ତାଙ୍କ ପୁଅ ଅଭିମନ୍ୟୁଙ୍କୁ ମତ୍ସ୍ୟର ରାଜା ବିରାଟଙ୍କ କନ୍ୟା ଉତ୍ତରା ସହ ଦ୍ୱିତୀୟ ପତ୍ନୀ ରୂପେ ବିବାହ କରାଇଥିଲେ। ମାତ୍ର ବିରାଟ ତାଙ୍କ କନ୍ୟାଙ୍କୁ ଅର୍ଜୁନଙ୍କ ସହ ବିବାହ ଦେବାକୁ ଚାହୁଁଥିଲେ। କିନ୍ତୁ ଉତ୍ତରା ତାଙ୍କ ପୁତ୍ରବଧୂ ହେବା ଲାଗି ଅଧିକ ଯୋଗ୍ୟ ବୋଲି ଅର୍ଜୁନ ଅନୁଭବ କରିଥିଲେ। ଠିକ୍ ଏହି ସମୟରେ କୁରୁକ୍ଷେତ୍ରରେ ଯୁଦ୍ଧ ଘୋଷଣା ହେଲା। ସେତେବେଳକୁ ଅଭିମନ୍ୟୁଙ୍କ ଦୁଇ ସ୍ତ୍ରୀ ଥିଲେ। ସେ ଯେତେବେଳେ ଯୁଦ୍ଧକ୍ଷେତ୍ରକୁ ଗଲେ ସେତେବେଳେ ତାଙ୍କ ଦ୍ୱିତୀୟ ସ୍ତ୍ରୀ ଉତ୍ତରାଙ୍କ ଗର୍ଭରେ ପରିକ୍ଷିତ ଥିଲେ। ପାଣ୍ଡବଙ୍କ ଉତ୍ତରାଧିକାରୀ ଭାବେ ସେ ହିଁ କେବଳ ଯୁଦ୍ଧରୁ ବଞ୍ଚିଯାଇଥିଲେ। ମହାଭାରତ ଯୁଦ୍ଧର ତ୍ରୟୋଦଶ ଦିବସରେ ଚକ୍ରବ୍ୟୂହ ରଚନା କରି ଦ୍ରୋଣ ପାଣ୍ଡବ ସେନାଙ୍କ ଉପରେ ଭୟଙ୍କର ଆକ୍ରମଣ କଲେ। ଏହି ଚକ୍ରବ୍ୟୂହକୁ ଭେଦ କରିବାରେ ଏକମାତ୍ର ବୀର ଥିଲେ ଅର୍ଜୁନ। କିନ୍ତୁ କୃଷ୍ଣ ରଥାରୂଢ଼ ଯୋଦ୍ଧାମାନଙ୍କୁ ନିପାତ କରିବା ଲାଗି ଅର୍ଜୁନଙ୍କୁ ଯୁଦ୍ଧକ୍ଷେତ୍ରର ବହୁଦୂରକୁ ନେଇଗଲେ। ଏହି ସମୟରେ ପାଣ୍ଡବ ସେନା ଚକ୍ରବ୍ୟୂହରେ ଫସିଗଲେ। ଯୁଧିଷ୍ଠିର ନିରାଶ ହୋଇଗଲେ। ସେ କହିଲେ କେହି କ'ଣ ଏହି ଚକ୍ରବ୍ୟୂହକୁ ଭାଙ୍ଗିପାରିବ ନାହିଁ? ଏହା ଶୁଣି ଅଭିମନ୍ୟୁ କହିଲେ, ସେ ଏହାକୁ ଭାଙ୍ଗିବାର କୌଶଳ ଜାଣିଛନ୍ତି, ଯେଉଁଥିରେ ପାଣ୍ଡବ ସେନା ରକ୍ଷାପାଇଯିବେ। କିନ୍ତୁ କେହି ଜଣେ ମୋତେ ସେହି ବ୍ୟୂହରୁ ବାହାର କରି ରକ୍ଷା କରିବା ଲାଗି ଆସିବାକୁ ପଡ଼ିବ, କାରଣ ମୁଁ ସେଥିରୁ ବାହାରିବାର ବାଟ ଜାଣିନାହିଁ। ପାଣ୍ଡବ ସେନା ରକ୍ଷା ପାଇବା ପରେ ଯୁଧିଷ୍ଠିର ତାଙ୍କୁ ରକ୍ଷା କରିବା ଲାଗି ଯିବେ ବୋଲି ପ୍ରତିଶ୍ରୁତି ଦେଲେ। କିନ୍ତୁ ଦୁର୍ଭାଗ୍ୟବଶତଃ, ସେ ତାହା କରିବାକୁ ଅକ୍ଷମ ହୋଇଥିଲେ। କାରଣ ଦୁର୍ଯ୍ୟୋଧନଙ୍କ ଭିଣୋଇ ଜୟଦ୍ରଥ ତାଙ୍କ ବାଟ ଓଗାଳିଥିଲେ।

ଚକ୍ରବ୍ୟୂହରେ ପଡ଼ି ଅଭିମନ୍ୟୁ ସିଂହ ଭଳି ଯୁଦ୍ଧ କରିଥିଲେ। ସେ ଦୁର୍ଯ୍ୟୋଧନଙ୍କ ପୁତ୍ର ଲକ୍ଷ୍ମଣଙ୍କୁ ବଧ କରିଥିଲେ। କିନ୍ତୁ ପରେ ଯୁଦ୍ଧର ସବୁ ନୀତିନିୟମ ବିରୋଧରେ ଯାଇ ଅନେକ କୌରବ ବୀର ତାଙ୍କ ଉପରେ ବାରମ୍ବାର ଆକ୍ରମଣ କରିଥିଲେ। ଅଭିମନ୍ୟୁଙ୍କ ଧନୁ ଓ ରଥକୁ କର୍ଣ୍ଣ ଭାଙ୍ଗିଦେଇଥିଲେ। ହେଟାମାନେ ଯେଉଁଭଳି ଏକ ଆହତ ସିଂହକୁ ଘେରିଯାଇ ଆକ୍ରମଣ କରନ୍ତି ସେହିଭଳି ଅନ୍ୟ ରଥୀମାନେ ଅଭିମନ୍ୟୁଙ୍କୁ ଘେରିଯାଇ ଆକ୍ରମଣ କରିଥିଲେ। ଚକ୍ରବ୍ୟୂହ ବାହାରେ ରହି ପାଣ୍ଡବମାନେ କେବଳ ତାଙ୍କ କାନ୍ଦ ଶୁଣୁଥିଲେ। ଶେଷରେ ଦୁଃଶାସନ ପୁତ୍ରର ଶେଷ ଆକ୍ରମଣରେ ଅଭିମନ୍ୟୁଙ୍କ ମୃତ୍ୟୁ ହୋଇଥିଲେ ବି ବୀରତ୍ୱର ସହ ଲଢ଼ି ତାଙ୍କୁ ମଧ୍ୟ ମାରିଦେଇଥିଲେ ଅଭିମନ୍ୟୁ। ବହୁ ସମୟରେ ଗୁରୁମାନେ କୁହନ୍ତି 'ଅଧା ଜ୍ଞାନକୁ ସାବଧାନ', ଯାହାର ଏକ ବଡ଼ ଉଦାହରଣ ରଖିଯାଇଛନ୍ତି ଅଭିମନ୍ୟୁ।

-devduttofficial@gmail.com

## ଅବସର ସମୟ



ଅଲେଖ ଚନ୍ଦ୍ର ମିଶ୍ର

"What is this life if full of care, we have no time to stand and stare. W.H. Davies (Leisure)." ପ୍ରଖ୍ୟାତ ଇଂରାଜୀ କବି ଉଇଲିୟମ ହେନେରି ଡେଭିସ୍‌ଙ୍କ ଭାଷାରେ ଯେଉଁ ଜୀବନରେ ଦଣ୍ଡେ ଠିଆ ହେବା ଏବଂ କିଛି ଦେଖିବା ପାଇଁ ଫୁର୍‌ସତ ନାହିଁ ସେଭଳି ଜୀବନରେ କି ଲାଭ ? ଏଥିରୁ ବ୍ୟସ୍ତବହୁଳ ଜୀବନରେ ଉଦ୍‌ବୃତ୍ତ ସମୟ, ଅବସର ବା ଫୁର୍‌ସତର ତାତ୍ପର୍ଯ୍ୟ ସହଜରେ ଅନୁମେୟ। ସମୟ ଯେତିକି ମୂଲ୍ୟବାନ୍ ଅବସର ସେତିକି ଅପରିହାର୍ଯ୍ୟ। ଅବସର ବିନା ସମୟ ଅସମ୍ପୂର୍ଣ୍ଣ ଏବଂ ଜୀବନ ଅର୍ଥହୀନ। ସେଥିପାଇଁ ତ ରାତି ଓ ଦିନର ସୃଷ୍ଟି। କର୍ମକ୍ଷେତ୍ରରେ ବି ଏହାର ଆବଶ୍ୟକତା ସମ୍ୟକ୍ ଉପଲବ୍ଧ। ତେଣୁ ଶିକ୍ଷାୟତନ, ଶିଳ୍ପାୟନ, ବ୍ୟବସାୟିକ ସଂସ୍ଥା, ସରକାରୀ ଦପ୍ତର, ଘରୋଇ ସଂସ୍ଥାନ, ସାମାଜିକ ଅନୁଷ୍ଠାନ ଏ ପ୍ରତ୍ୟେକ କ୍ଷେତ୍ରରେ ସପ୍ତାହାନ୍ତ ଅବକାଶ ପାଇଁ ବ୍ୟବସ୍ଥା କରାଯାଇଅଛି। ଏପରି କି କାରାଗାରର ଶୃଙ୍ଖଳା ଭିତରେ ବି ଅନ୍ତେବାସୀଙ୍କର ଅବସର ବିନୋଦନ ପାଇଁ କେତେକ ବନ୍ଦୋବସ୍ତ କରାଯାଇଥାଏ। କର୍ମଜୀବୀଙ୍କ ପାଇଁ ମଧ୍ୟାହ୍ନ ବିରତି ଏହାର ଅନ୍ୟ ଏକ ଦୃଷ୍ଟାନ୍ତ। ଅବସରର ଅନ୍ୟତମ ଉଦ୍ଦେଶ୍ୟ ହେଲା ଏହା କ୍ଲାନ୍ତି ଓ ଅବସାଦ ଦୂର କରେ ଏବଂ କାର୍ଯ୍ୟରେ ଦକ୍ଷତା ବୃଦ୍ଧି ପାଇଁ ସହାୟକ ହୁଏ। ତେଣୁ ଧରାବନ୍ଧା ଜଞ୍ଜାଳରୁ ଟିକିଏ ତ୍ରାହି ପାଇଁ ଛୁଟିଦିନକୁ ସମସ୍ତେ ଚାତକ ପରି ଚାହିଁ ରହିଥାନ୍ତି ଏବଂ ସେ ଦିନ ଆସିଗଲେ ବିଭିନ୍ନ ଉପାୟରେ ମନୋରଞ୍ଜନ ଲାଗି ଲାଗିପଡ଼ନ୍ତି। ବଣଭୋଜି, ବନ୍ଧୁ ଦର୍ଶନ, ସିନେମା ଥିଏଟର, ରିୟଲିଟି ଶୋ', ପ୍ରବଚନ, ପାର୍କ ଭ୍ରମଣ, ଦର୍ଶନୀୟ ସ୍ଥାନ ଭ୍ରମଣ, ଅବସର ବିନୋଦନ କେନ୍ଦ୍ର, ବାର୍, ହୋଟେଲ, ରେସ୍ତୋରାଁ, କ୍ଲବ, ପାର୍ଟି, ଭୋଜିଭାତ, ଜିମ୍, ସ୍ପୋର୍ଟ୍ସ କ୍ଲବ, ସାଇବର ହବ୍, ସଙ୍ଗୀତ, ନାଇଟ୍ କ୍ଲବ(ରାଗା ଡବ୍ ଫେଷ୍ଟ ଇତ୍ୟାଦି) ଏବଂ ସାଂସ୍କୃତିକ କେନ୍ଦ୍ର ଏ ପ୍ରତ୍ୟେକ ମନୋରଞ୍ଜନ ପାଇଁ ଖୋରାକ ଯୋଗାଇଥାଏ। ଖେଳ କସରତ ମଧ୍ୟ ଏ କ୍ଷେତ୍ରରେ ଏକ ପ୍ରମୁଖ ଭୂମିକା ଗ୍ରହଣ କରିଥାଏ। ପାରମ୍ପରିକ ପଶାପାଲି, ଲୁଡୁ, ପୁଚି, କବାଡ଼ିଠାରୁ ଆଧୁନିକ ଖେଳ ଯାଏ ମଣିଷକୁ ଭରପୂର ଆନନ୍ଦ ଦେଇଥାଏ। ବୈଦ୍ୟୁତିକ ସରଂଯାମ ଯଥା ଟିଭି, ଭିଡିଓ, ମୋବାଇଲ, କମ୍ପ୍ୟୁଟର ଇତ୍ୟାଦି ବି ଆମୋଦପ୍ରମୋଦର ଅନ୍ୟ ଏକ ଉତ୍ସ। କିନ୍ତୁ ଅବସର ବିନୋଦନ ପାଇଁ ପୁସ୍ତକ ହିଁ ସର୍ବଶ୍ରେଷ୍ଠ ଉପାଦାନ। ବହି ମଣିଷର ଚିରସହଚର। ଯେତେ ବେଳେ ଅନ୍ୟମାନେ ତା'ଠାରୁ ଦୂରେଇଯାଆନ୍ତି ବହି ହିଁ ତା' ପାଖେ ପାଖେ ରହିଥାଏ ଏବଂ ତା'ର ସଦୁପଯୋଗ ମଣିଷର ସମସ୍ତ ଅବସାଦ ଦୂର କରିଦିଏ। ସୂଚନାଯୋଗ୍ୟ, ସଂପ୍ରତି ଦିଲ୍ଲୀରେ ଏକ ଅଭିନବ ସଂସ୍ଥା ପ୍ରତିଷ୍ଠିତ ହୋଇଛି, ଯାହାର ନାମ ବିୱାଇଓବି (BYOB) ଅର୍ଥାତ୍ 'ବ୍ରିଙ୍ଗ୍ ଇଓର୍ ଓନ୍ ବୁକ୍' କ୍ଲବ। ଏଠାରେ ପ୍ରତ୍ୟେକେ ନିଜ ନିଜର ବହି ଆଣି ପଢ଼ନ୍ତି ଏବଂ ଅନ୍ୟମାନଙ୍କ ସହିତ ବହି ଅଦଳବଦଳ କରନ୍ତି। ତାରି ମାଧ୍ୟମରେ ପରସ୍ପର ସହିତ ଭାବ ଆଦାନପ୍ରଦାନ କରନ୍ତି। ମାତ୍ର ଗଭୀର ପରିତାପର ବିଷୟ, ସମୟ ଭଳି ଏକ ଦୁର୍ଲଭ ସମ୍ପଦର ମୂଲ୍ୟ ବୁଝି ନ ପାରି ଅନେକେ ତା'ର ଅପଚୟ କରନ୍ତି ଏବଂ ଟିକିଏ ଫୁର୍‌ସତ୍ ମିଳିଲେ ପରଚର୍ଚ୍ଚା, ପରଛିଦ୍ର, ପରର ଦୁର୍ବଳତା, କୁତ୍ସାରଟନା, ପରଶ୍ରୀକାତରତା ଇତ୍ୟାଦି ନକାରାତ୍ମକ ଚିନ୍ତାଧାରାରେ ମଗ୍ନ ହୋଇଯା'ନ୍ତି। ବିଶେଷକରି ଗାଁ ଗହଳିର ଗୃହିଣୀମାନେ ବୃଥା ଗପସପରେ ଯେତିକି ସମୟ ନଷ୍ଟ କରନ୍ତି ତା'ର ହିସାବ ନାହିଁ। ସେ ଗାଧୁଆତୁଠରେ ହେଉ, ଦାଣ୍ଡଦୁଆରେ ହେଉ, ସମ୍ମିଳିତ ଉପାସନା ସ୍ଥଳୀ ହେଉ କିମ୍ବା ସାହିପଡ଼ିଶାଙ୍କ ସହିତ ହେଉ ସେମାନେ ଗପରେ ଏମିତି ମଜ୍ଜିଯାଆନ୍ତି ଯେ ସମୟ କେମିତି କଟିଯାଏ ଜଣାପଡ଼େନା। ଅଳସୁଆମାନଙ୍କ ପାଇଁ ତ ସମୟ ଏକ ବୋଝ ସଦୃଶ। କିଛି କାମଦାମ ନ ଥିବାରୁ ତାଙ୍କ ମନରେ ନାନା ପ୍ରକାରର ଅସାର ଓ ଅବାସ୍ତବ କଳ୍ପନା ରୂପ ନିଏ, ଯାହା ବେଳେବେଳେ ଧ୍ୱଂସାତ୍ମକ ସାବ୍ୟସ୍ତ ହୁଏ। ତେଣୁ କୁହାଯାଏ "ଖାଲି ମସ୍ତିଷ୍କ ସୈତାନ୍‌ର ଘର(କର୍ମଶାଳା)।" ଅବସର ସମୟର ସଦୁପଯୋଗ ପାଇଁ ଆମର ପୁରାଣ ଶାସ୍ତ୍ରରେ ଅନେକ ଉପଦେଶ ଦିଆଯାଇଅଛି। ତନ୍ମଧ୍ୟରୁ ନିମ୍ନୋକ୍ତ ଆପ୍ତବାଣୀଟି ପ୍ରଣିଧାନଯୋଗ୍ୟ। "କାବ୍ୟଶାସ୍ତ୍ର ବିନୋଦେନ କାଲୋ ଗଚ୍ଛତି ଧୀମତାଂ, ବ୍ୟସନେନ ଚ ମୂର୍ଖାଣାଂ ନିଦ୍ରୟା କଳହେନ ବା।" ଅର୍ଥାତ୍ ଗୁଣୀଜନମାନଙ୍କର ସମୟ କାବ୍ୟଶାସ୍ତ୍ର ଆଲୋଚନାରେ କଟିଯାଏ। କିନ୍ତୁ ମୂର୍ଖମାନଙ୍କର ସମୟ ବିଳାସବ୍ୟସନ (ଅଳସୁଆମି), ନିଦ୍ରା କିମ୍ବା କଳହ ମାଧ୍ୟମରେ କଟେ।

**ସାରଦାଶ୍ରୀ, ୯୦୪, ଶାସ୍ତ୍ରୀନଗର,**
**ୟୁନିଟ୍-୪, ଭୁବନେଶ୍ୱର,**
**ମୋ:- ୯୪୩୮୬୭୩୮୯୮**

## ଏଇ ଭାରତରେ

ଧର୍ମୀୟ ପରମ୍ପରାରେ ଅନ୍ଧବିଶ୍ୱାସର ପ୍ରଭାବ କାଳକାଳକୁ ରହି ଆସିଛି, ଯାହାର ଏକ ଦୃଷ୍ଟାନ୍ତ ହେଉଛି ଝାଡ଼ଖଣ୍ଡର ଦୁର୍ଗାପୁର ଗାଁ। କସମାର ବ୍ଲକ ଅନ୍ତର୍ଗତ ଏହି ଗାଁରେ ହୋଲି ପର୍ବକୁ ନେଇ ଏକ ଅନ୍ଧବିଶ୍ୱାସ ଏଯାବତ ବଳବତ୍ତର ରହିଥିବା ଦେଖାଯାଏ, ଯେଉଁଥିପାଇଁ ଆଜକୁ ୧୦୦ ବର୍ଷ ହେଲା ଏହି ପର୍ବ ପାଳନ କରାଯାଉନାହିଁ। ଏହି ଘଟଣା ପଛରେ ବି ଏକ କାହାଣୀ ରହିଛି। ୧୦୦ ବର୍ଷ ପୂର୍ବେ ଜଣେ ରାଜାଙ୍କ ଝିଅର ମୃତ୍ୟୁ ହୋଲି ଦିନ ହୋଇଥିଲା। ଏହା ସତ୍ତ୍ୱେ ଦୁର୍ଗାପୁରରେ ହୋଲି ପାଳନ କରାଯାଇଥିଲା। ହୋଲି ପରେ ସେହି ଗାଁରେ ମହାମାରୀ ବ୍ୟାପିବା ଯୋଗୁ ବହୁ ଲୋକଙ୍କର ମୃତ୍ୟୁ ଘଟିଥିଲା। ଏହା ଦେଖି ରାଜା ସେବେଠାରୁ ସେହି ଗାଁରେ ହୋଲି ପାଳନ ହେବ ନାହିଁ ବୋଲି ଆଦେଶ ଦେଇଥିଲେ। ସେବେଠାରୁ ଦୁର୍ଗାପୁରର ଲୋକେ ସେହି ଆଦେଶ ପାଳନ କରି ଆସୁଛନ୍ତି। ଏହା ବ୍ୟତୀତ ସେଠାରେ ଲୋକଙ୍କର ଏବେ ବି ବିଶ୍ୱାସ ରହିଛି ଯେ, ଯଦି କୌଣସି ବ୍ୟକ୍ତି ଅନ୍ୟ ଜଣଙ୍କୁ ରଙ୍ଗ ଲଗାଇବେ ତେବେ ଗାଁରେ ମହାମାରୀ ପୁଣି ବ୍ୟାପିଯିବ। ଏହି ଭୟ ସେଠାକାର ଲୋକଙ୍କୁ ହୋଲି ପାଳନରୁ ବଞ୍ଚିତ କରିଆସିଛି।

## ୨୫ ବର୍ଷ ତଳର ଧରିତ୍ରୀ DHARITRI

୨ ମାର୍ଚ୍ଚ ୧୯୯୮

- ପୂର୍ବତନ ରାଷ୍ଟ୍ରପତି ଜେନେରାଲ ଏର୍ସାଦଙ୍କୁ ଜେଲରେ ଅଟକ ରଖାଯିବା ଘଟଣାକୁ ବାଂଲାଦେଶର ସୁପ୍ରିମ୍ କୋର୍ଟ ବେଆଇନ ବୋଲି ଘୋଷଣା କରିଛନ୍ତି।
- ମରଣୋତ୍ତର ଭାବେ ଫିଲ୍ମ ହସ୍ତୀ ସତ୍ୟଜିତ୍ ରାୟ, ସ୍ୱାଧୀନତା ସଂଗ୍ରାମୀ ଅରୁଣ ଆସଫ ଅଲ୍ଲୀ ଓ ପୂର୍ବତନ ପ୍ରଧାନମନ୍ତ୍ରୀ ଗୁଲଜାରିଲାଲ ନନ୍ଦାଙ୍କ ସମେତ କ୍ଷେପଣାସ୍ତ୍ର ପ୍ରଯୁକ୍ତିର ଜନକ ଡଃ. ଏ.ପି.ଜେ. ଅବଦୁଲ କଲାମ ଏବଂ ବିଶିଷ୍ଟ ଶାସ୍ତ୍ରୀୟ ସଙ୍ଗୀତ କଣ୍ଠଶିଳ୍ପୀ ଏମ୍.ଏସ୍. ସୁବବୁଲକ୍ଷ୍ମୀଙ୍କୁ ଭାରତରତ୍ନ ପ୍ରଦାନ।
- ପ୍ରବୀଣ ମାର୍କ୍ସବାଦ ଦାର୍ଶନିକ, ରିଭୋଲ୍ୟୁସନାରୀ ସୋସାଲିଷ୍ଟ ପାର୍ଟିର ବରିଷ୍ଠ ନେତା, ଶିକ୍ଷାବିତ୍ ବୁଦ୍ଧଦେବ ଭଟ୍ଟାଚାର୍ଯ୍ୟଙ୍କ ୬୧ ବର୍ଷ ବୟସରେ ପରଲୋକ।

## su|do|ku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | | 2 | 3 | 9 | | |
| 4 | | | | 1 | 9 | 6 | | 3 |
| | | | | | | | | |
| | 7 | | | 4 | 5 | 3 | | 9 |
| | | | | | | | 8 | |
| | | | | | 7 | 4 | | |
| 9 | | 8 | | | | 7 | | 6 |
| | | 3 | | 9 | 2 | 1 | | |
| 5 | | 1 | | | | | | 2 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 7 | 6 | 9 | 1 | 3 | 5 | 8 | 2 | 4 |
| 3 | 1 | 4 | 2 | 8 | 9 | 6 | 7 | 5 |
| 2 | 5 | 8 | 4 | 7 | 6 | 1 | 9 | 3 |
| 4 | 2 | 7 | 6 | 9 | 1 | 5 | 3 | 8 |
| 1 | 9 | 6 | 3 | 5 | 8 | 2 | 4 | 7 |
| 8 | 3 | 5 | 7 | 4 | 2 | 9 | 6 | 1 |
| 9 | 4 | 2 | 5 | 1 | 7 | 3 | 8 | 6 |
| 5 | 8 | 3 | 9 | 6 | 4 | 7 | 1 | 2 |
| 6 | 7 | 1 | 8 | 2 | 3 | 4 | 5 | 9 |

ଗତକାଲିର ଉତ୍ତର

# ଭଞ୍ଜ ସାହିତ୍ୟରେ ନାରୀ



ବାଦଲ ଭୂୟାଁ

କବିତାକୁ କଳାମଞ୍ଜୁଳ ଓ ରସାଳତମ ସଙ୍ଗୀତ ବାହାନାରେ ଅଧିଷ୍ଠିତ କରାଇବା ପାଇଁ ବହୁ ଶତାବ୍ଦୀ କାଳ ଓଡ଼ିଆ ଜାତି ସାଧନା କରିଥିଲା। କିନ୍ତୁ କବି ସମ୍ରାଟ ଉପେନ୍ଦ୍ର ଭଞ୍ଜଙ୍କ କାବ୍ୟ ହିଁ ଏହି ସାଧନାର ମୁଣ୍ଡି ମାରିଥିଲା। ଯେଉଁ ଅଳଙ୍କାର ବିଭବ ଓ ରସବିଭବ ନେଇ ସଂସ୍କୃତ ଭାଷା ବିଶ୍ୱବନ୍ଦ୍ୟା, ସେ ସବୁକୁ ନିଜ କାବ୍ୟ କବିତାରେ ପ୍ରବର୍ତ୍ତନ କରି ଓଡ଼ିଆ ଭାଷାର ସ୍ଥିତି ଦୃଢ଼ କରିଥିଲେ କବି ସମ୍ରାଟ। ତେବେ ସେତେବେଳର ସମାଜରେ ନାରୀର ଦୟନୀୟ ସ୍ଥିତିକୁ ପରିବର୍ତ୍ତନ କରିବାର ଚିନ୍ତା ନେଇ ସେ ଯେଉଁ କାବ୍ୟ କବିତାମାନ ରଚନା କରିଯାଇଥିଲେ ତା'ର ପ୍ରଭାବ ଆଜିର ସମାଜରେ ଦେଖିବାକୁ ମିଳୁଛି। ଓଡ଼ିଆ ଜାତି ଯେଉଁ ଜଣକୁ କବିଭାବେ ହୃଦୟର ସହିତ ଗ୍ରହଣ କରିଛି ସେ ହେଉଛନ୍ତି କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ। ଗତାନୁଗତିକ ସାହିତ୍ୟରୁ ବ୍ୟତିକ୍ରମ ଥିଲା ଭଞ୍ଜ ସାହିତ୍ୟ। ସମାଜକୁ ସୁସ୍ଥ ସୁନ୍ଦର କରିବାରେ ସହାୟକ ହେଉଥିବା ପୁରାଣ ବର୍ଣ୍ଣିତ ବିଚାରଧାରାକୁ ଗ୍ରହଣ କରିବା ସହ ଏହାର ପରିପନ୍ଥୀ ବିଚାରଧାରାକୁ ପ୍ରତ୍ୟାଖ୍ୟାନ କରିଥିଲେ ସେ। ସେଥିମଧ୍ୟରୁ ମୁଖ୍ୟ ଥିଲା ନାରୀମାନଙ୍କ ସମ୍ପର୍କରେ ପୁରାଣ ଆଦିରେ ରହିଥିବା ଚିନ୍ତାଧାରା। ମାନବ ସମାଜର ଅର୍ଦ୍ଧେକ ନାରୀ ଶକ୍ତି ହୋଇଥିଲେ ମଧ୍ୟ ବିଭିନ୍ନ ଧର୍ମରେ, ଧର୍ମଗ୍ରନ୍ଥରେ ସେମାନଙ୍କୁ ସର୍ବଦା ନ୍ୟୂନଭାବେ ଦର୍ଶାଯାଇଛି। ଏହାକୁ ଉପେନ୍ଦ୍ର ଭଞ୍ଜ ସହଜରେ ଗ୍ରହଣ କରିପାରି ନ ଥିଲେ।

ଭାଗବତରେ ନାରୀମାନଙ୍କୁ ଶୂଦ୍ରମାନଙ୍କ ସହ ତୁଳନା କରାଯାଇ ବେଦ, ଶାସ୍ତ୍ର ଶୁଣିବା, ପଢ଼ିବା, ଆଲୋଚନା କରିବା ନିମନ୍ତେ ଅଯୋଗ୍ୟ ବୋଲି କୁହାଯାଇଛି। କୋରାନ୍ ଓ ବାଇବେଲ୍‌ରେ ମଧ୍ୟ ନାରୀମାନଙ୍କ ଉପରେ ପୁରୁଷଙ୍କ ଆଧିପତ୍ୟକୁ ସ୍ୱୀକୃତି ଦିଆଯାଇଛି। ତ୍ରିପିଟକରେ କୁହାଯାଇଛି, "ଯେଉଁ ପର୍ଯ୍ୟନ୍ତ ସ୍ତ୍ରୀମାନଙ୍କ ପ୍ରତି ପୁରୁଷମାନଙ୍କର ଅଣୁମାତ୍ର କାମନା ରହିବ ସେ ପର୍ଯ୍ୟନ୍ତ ପୁରୁଷ ମଧ୍ୟ ଦୁଗ୍ଧ ପିଉଥିବା ବାଛୁରୀ ଯେପରି ଗାଈ ସହିତ ରହିଥାଏ, ସେହିଭଳି ସ୍ତ୍ରୀ ସହିତ ବାନ୍ଧି ହୋଇ ରହିଥିବ।" ଧର୍ମଗ୍ରନ୍ଥଗୁଡ଼ିକରେ ନାରୀ ନିର୍ଯାତନା କେବଳ ଲେଖନୀରେ ସୀମିତ ନ ଥିଲା ବରଂ ତାହା ପ୍ରକୃତରେ ହେଉଥିଲା। ରାମାୟଣ, ମହାଭାରତ ଆଦି ଗ୍ରନ୍ଥରେ ନାରୀ ନିର୍ଯାତନାର ନିଛକ ଉଦାହରଣ ଦେଖିବାକୁ ମିଳିଥାଏ। ରାମାୟଣରେ ସୀତା, ମହାଭାରତରେ ଦ୍ରୌପଦୀ ଯେଉଁଭଳି ଭାବେ ସର୍ବସମ୍ମୁଖରେ ନିର୍ଯାତିତା ହୋଇଛନ୍ତି ତାହା ଏବେ ମଧ୍ୟ ସଚେତନ ବ୍ୟକ୍ତିର ଲୋମ ଟାଙ୍କୁରାଇ ଦିଏ। କବି ସମ୍ରାଟ ଭଞ୍ଜଙ୍କ ହୃଦୟ ଏହି ଅତ୍ୟାଚାରରେ ବ୍ୟଥିତ ହୋଇଛି। ସେ ନାରୀ ପୁରୁଷଙ୍କ ଜୀବନ ଓ ଆତ୍ମା ଭିତରେ କୌଣସି ପାର୍ଥକ୍ୟ ଦେଖିନାହାନ୍ତି। ତେଣୁ ତାଙ୍କ ମତରେ ଅତ୍ୟାଚାର ତ ଦୂରର କଥା ପୁରୁଷ ନାରୀ ଉପରେ ଆଧିପତ୍ୟ ବିସ୍ତାର କରିବା ଉଚିତ ନୁହେଁ। ନାରୀ ପୁରୁଷ ଦୁଇରେ, ଘେନି ଏକ ଜୀବନ କେବଳ ତନୁ ଭିନ୍ନ, ଯୋଗେ ଏକତ୍ୱ ହୋଇରେ। (ଲା.ବ.-୪୭/୧୮)

ହିନ୍ଦୁ ପୁରାଣଗୁଡ଼ିକରେ ନାରୀର ପାତିବ୍ରତ୍ୟ ଓ ସତୀତ୍ୱ ଉପରେ ଗୁରୁତ୍ୱ ଆରୋପ କରାଯାଇଛି। ଏଥି ନିମନ୍ତେ ବହୁବିଧ ଉପାସବ୍ରତ, କଠୋର ନୀତିନିୟମ ପାଳନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ବୃନ୍ଦାବତୀ, ସୀତା, ସାବିତ୍ରୀ, ସତୀ ଅନସୂୟା ଭଳି ଚରିତ୍ରର ସତୀତ୍ୱ ଓ ପତିଭକ୍ତିର ବର୍ଣ୍ଣନା କରାଯାଇ ନାରୀମାନଙ୍କ ସେହିଭଳି ହେବାପାଇଁ ପ୍ରେରିତ କରାଯାଇଛି। ଶିବପୁରାଣ, ଲକ୍ଷ୍ମୀପୁରାଣ ଆଦିରେ ନାରୀମାନଙ୍କୁ ଦାସୀଭାବେ ବର୍ଣ୍ଣନା କରାଯାଇଛି। କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ ପୁରାଣ ବର୍ଣ୍ଣିତ ଏହି ମତବାଦକୁ ଗ୍ରହଣ କରିପାରିନାହାନ୍ତି। କେବଳ ସେତିକି ନୁହେଁ, ପୁତ୍ର ସନ୍ତାନକୁ ଉତ୍କୃଷ୍ଟ ବୋଲି ମାନିନାହାନ୍ତି ସେ। ତାଙ୍କ ମତରେ ପୁତ୍ର, କନ୍ୟା ଉଭୟେ ଈଶ୍ୱରଙ୍କ ଅବଦାନ। ତେଣୁ ସେମାନଙ୍କ ଭିତରେ ଶ୍ରେଷ୍ଠ ଓ ନିକୃଷ୍ଟର ପାତରଅନ୍ତର ବିଚାର ଈଶ୍ୱରଙ୍କ ଇଚ୍ଛା ନୁହେଁ। ରାଜା, ମହାରାଜା ଓ ମୋଗଲ ସମ୍ରାଟମାନଙ୍କ ଅମଳରେ ନାରୀମାନଙ୍କୁ ପଣ୍ୟଦ୍ରବ୍ୟ ଭଳି ବ୍ୟବହାର କରାଯାଉଥିଲା। କବି ଉପେନ୍ଦ୍ର ଏହା ବିରୋଧ କରିପାରିଥିଲେ। ଏକ ସୁସ୍ଥ ସୁନ୍ଦର ସମାଜ ପାଇଁ ସେ ନାରୀମାନଙ୍କୁ ଉପଯୁକ୍ତ ମର୍ଯ୍ୟାଦା ଦେବାକଥା ଚିନ୍ତା କରିଥିଲେ।



ଉପେନ୍ଦ୍ର ଭଞ୍ଜଙ୍କ କବିତାରେ ନାରୀର ସର୍ବଦା ମୁଖ୍ୟ ସ୍ଥାନ ରହିଛି। ତାଙ୍କର ଶହ ଶହ କାବ୍ୟରେ ନାରୀର ସ୍ଥାନ ବନ୍ଦନୀୟା ହୋଇ ରହିଛି। ନିଜସ୍ୱ ରୀତିରେ ସେ ନାରୀକୁ ଉପଯୁକ୍ତ ମର୍ଯ୍ୟାଦା ଦେବାକଥା ଚିନ୍ତା କରିଥିଲେ। ତେଣୁ ସେ ସ୍ତ୍ରୀକୁ ସମସ୍ତ ମୂଲ୍ୟବାନ୍ ରତ୍ନଠାରୁ ଭିନ୍ନ, ଅନନ୍ୟ ଓ ଅମୂଲ୍ୟ ଭାବେ ବର୍ଣ୍ଣନା କରିଛନ୍ତି। କବି ଉପେନ୍ଦ୍ର ଜାଣିଥିଲେ ସୌନ୍ଦର୍ଯ୍ୟ ଦ୍ୱାରା ନାରୀକୁ ପୁରୁଷଠାରୁ ଭିନ୍ନ ଓ ଅନନ୍ୟ କରାଯାଇପାରିବ। ତେଣୁ ତାଙ୍କର କାବ୍ୟ କବିତାରେ ସେ ନାରୀର ସୌନ୍ଦର୍ଯ୍ୟକୁ ଅତ୍ୟନ୍ତ ସୁନ୍ଦର ଭାବେ ବର୍ଣ୍ଣନା କରିଛନ୍ତି। 'କୋଟି ବ୍ରହ୍ମାଣ୍ଡ ସୁନ୍ଦରୀ', 'ଲାବଣ୍ୟବତୀ', 'ପ୍ରେମ ସୁଧାନିଧି' ଆଦି କାବ୍ୟଗ୍ରନ୍ଥରେ ସେ ନାରୀର ପ୍ରତିଟି ଅଙ୍ଗକୁ ଶବ୍ଦ ଚାତୁରୀରେ ବହୁ ଉପମା ଦେଇ ଉତ୍କର୍ଷ ପ୍ରମାଣ କରିଛନ୍ତି। କିଏ କୁରଙ୍ଗ କି ଅବା ତୁରଙ୍ଗ। ଏଣି ତେଣିକି କରାଇ ସୁରଙ୍ଗ। କିଏ ନବ ବିକଚ ପଦ୍ମଦଳ। ପଡ଼ି କାଳନ୍ଦୀ ଜଳେ ଢଳଢଳ। କିଏ ସୁଧା ସିନ୍ଧୁର ଅବତରି। ହୁଏ ତରଳ ଗରଳ ଲହରୀ। କି ଏ ଗଙ୍ଗା କଲ୍ଲୋଳେ ବାତ ଯୋଗେ। ନୀଳ ଉତ୍ପଳ ଚଳେ ଢଳେ ଦୁଇ ଦିଗେ। (ର.ଲେ. ୫-୫-୮) କେବଳ ସୌନ୍ଦର୍ଯ୍ୟରେ ନାରୀକୁ ଶ୍ରେଷ୍ଠତା ପ୍ରଦାନ କରି ଚୁପ୍ ହୋଇ ବସି ଯାଇ ନ ଥିଲେ କବି ଉପେନ୍ଦ୍ର। ଏବେଠାରୁ ତିନିଶହ ବର୍ଷ ତଳେ ମଧ୍ୟ ସେ ନାରୀ ଶିକ୍ଷାର ମହତ୍ତ୍ୱ ବିଷୟରେ ଚିନ୍ତା କରିପାରିଥିଲେ। ସେ ଜାଣିଥିଲେ ଯେ ଶିକ୍ଷିତା ନ ହେଲେ ନାରୀ ପୁରୁଷର ସମକକ୍ଷ ହୋଇପାରିବ ନାହିଁ। ତେଣୁ ନିଜର କାବ୍ୟ ନାୟିକାମାନଙ୍କୁ ସେ ବିଭିନ୍ନ ବିଦ୍ୟାରେ ପାରଦର୍ଶୀ ବିଦ୍ୟା ସହିତ ସଙ୍ଗୀତ ଶାସ୍ତ୍ର, ନୃତ୍ୟଶାସ୍ତ୍ର, ଚିତ୍ରକଳା, ତନ୍ତ୍ର ବିଦ୍ୟା, ଜ୍ୟୋତିଷ ବିଦ୍ୟାରେ ମଧ୍ୟ ପାରଙ୍ଗମ କରାଇଛନ୍ତି ସେମାନଙ୍କୁ। କେବଳ କାବ୍ୟ ନାୟିକା ନୁହେଁ ସଖୀ ଓ ଦାସୀମାନଙ୍କୁ ମଧ୍ୟ ସେ ଶିକ୍ଷିତା କରାଇ ନାରୀମାନଙ୍କୁ ଉପଯୁକ୍ତ ମର୍ଯ୍ୟାଦା ପ୍ରଦାନ କରିଛନ୍ତି। ପୁଣି ପୋଥିଗତ ବିଦ୍ୟାରେ ସନ୍ତୁଷ୍ଟ ହୋଇନାହାନ୍ତି କବି ଉପେନ୍ଦ୍ର। ବୁଦ୍ଧିବଳରେ ନାରୀ ପୁରୁଷର ସମକକ୍ଷ ହୋଇପାରିବ ଭାବି ସେ ନିଜ ରଚନାରେ ନାରୀ ଚରିତ୍ରମାନଙ୍କୁ ବିଦୂଷୀ, ତୀକ୍ଷ୍ଣ ବୁଦ୍ଧିସମ୍ପନ୍ନା ଭାବରେ ଚିତ୍ରଣ କରିଛନ୍ତି। ନାରୀକୁ ପୁରୁଷର ସହକର୍ମୀ ଭାବେ ସମଭୂମିରେ ଅବସ୍ଥାପନ କରାଇଛନ୍ତି।

ନାରୀମାନଙ୍କ ସମ୍ବନ୍ଧରେ ନିଜର ମନ୍ତବ୍ୟ ଦେଇ ଉପେନ୍ଦ୍ର ଭଞ୍ଜ ଲେଖିଛନ୍ତି, "ନାରୀରୁ ଅଧିକ ହୋଇନାହିଁ ତିନିପୁରୀ, ପରମ ପଦାର୍ଥ ଏକା ବୋଲି ସେ ନାରୀ।" ଉପେନ୍ଦ୍ର ଭଞ୍ଜଙ୍କ କଳ୍ପନାର ନାରୀ ଆଜି ସେହି ସ୍ତରରେ ପହଞ୍ଚିପାରିଛି। ଆମେ ଏବେ ନାରୀମାନଙ୍କୁ ଶିକ୍ଷା, କର୍ମକ୍ଷେତ୍ର, କଳା, ସାହିତ୍ୟ, ବିଜ୍ଞାନ, ରାଜନୀତି, କ୍ରୀଡ଼ା ଆଦି କ୍ଷେତ୍ରରେ ସର୍ବୋଚ୍ଚ ସ୍ଥାନରେ ଦେଖିବାକୁ ପାଉଛୁ। ଏବେ ନାରୀମାନଙ୍କ ଅଧିକାର ସମ୍ପର୍କରେ ଦାବି କରାଯାଉଛି। ମହିଳା ସଶକ୍ତୀକରଣ କଥା କୁହାଯାଉଛି। କିନ୍ତୁ ତାହା ବହୁ ବର୍ଷ ପୂର୍ବେ ଦୂରଦୃଷ୍ଟିସମ୍ପନ୍ନ ଉପେନ୍ଦ୍ର ଭଞ୍ଜଙ୍କ ସାହିତ୍ୟରେ ଦେଖିବାକୁ ମିଳିଥାଏ।

**ପ୍ରତିଷ୍ଠାତା ସମ୍ପାଦକ 'ସିଂହଭୂମ', ୭ ଏକ୍ସଟେନ୍‌ସନ ରୋଡ୍, ପୁରୁଣା ସୋନାରୀ, ଜାମସେଦପୁର, ମୋ- ୭୪୮୮୯୯୮୫୩୨**

## ପାଠକ ଶ୍ରେଷ୍ଠ ବିଚାରକ

### ଆଇନଶୃଙ୍ଖଳାକୁ ନେଇ ବାକ୍‌ଯୁଦ୍ଧ

ମହାଶୟ,

ରାଜ୍ୟବାସୀଙ୍କ ଅଳସୁଆମି ଯୋଗୁ ରାଜ୍ୟର ଶାସକବର୍ଗ ସୁପ୍ତ। ଫଳରେ ସମାଜର ସାଧାରଣ ବର୍ଗର ଲୋକମାନେ ଭୀତତ୍ରସ୍ତ। ସରକାରରେ ଥିବା କ୍ୟାବିନେଟ୍ ମନ୍ତ୍ରୀ ଓ ଗୁରୁତ୍ୱପୂର୍ଣ୍ଣ ବିଭାଗ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ପୂର୍ବତନ ମନ୍ତ୍ରୀ ନବକିଶୋର ଦାସ ନିଜ ସୁରକ୍ଷାକର୍ମୀଙ୍କ ହାତରେ ଗୁଳିବିଦ୍ଧ ହୋଇ ମୃତ୍ୟୁବରଣ କରିବା ରାଜ୍ୟରେ ଚାଞ୍ଚଲ୍ୟ ସୃଷ୍ଟି କରିଛି। ରାଜ୍ୟ ଇତିହାସରେ ଏଭଳି ଘଟଣା ପ୍ରଥମ ଥର ପାଇଁ ଘଟିଛି। ଏଡି ଘଟଣାକୁ ଲକ୍ଷ୍ୟ କଲେ ଏବେ ଜନ ପ୍ରତିନିଧିଙ୍କ ସୁରକ୍ଷାକୁ ନେଇ ପ୍ରଶ୍ନ ଉଠିଛି। ଉକ୍ତ ଘଟଣାର ତଦନ୍ତ କ'ଣ ଚାଲିଛି ଏବଂ ଏହାର ମୋଡ଼ କୁଆଡ଼କୁ ଯିବ ତାହା ବୁଝିବା ସମଗ୍ର ରାଜ୍ୟବାସୀଙ୍କ ପାଇଁ ଏକ ଜଟିଳ ପ୍ରଶ୍ନ ସୃଷ୍ଟି କରିଛି। ବିରୋଧୀ ଓ ଶାସକଙ୍କ ମଧ୍ୟରେ ଏହି ଘଟଣାକୁ ନେଇ ବାକ୍ୟ ଯୁଦ୍ଧ ଚାଲିଛି। ତେବେ ଏଭଳି ଘଟଣାରୁ ମନେହେଉଛି ଯେ, ଶାନ୍ତିପ୍ରିୟ ଓଡ଼ିଶାରେ ଆଇନଶୃଙ୍ଖଳା ବିଗିଡ଼ିବାରେ ଲାଗିଛି।

**-ଦେବତିକ୍ତ ମିଶ୍ର, ବରିଷ୍ଠ ନାଗରିକ, ଶ୍ରୀରାମଚନ୍ଦ୍ରପୁର, ସତ୍ୟବାଦୀ, ପୁରୀ**

## ଚିରନ୍ତନୀ

ରୂପର ମୋହେ ମୁଗ୍ଧ କବି
ମୁରୁଛି ନାହିଁ ପାରେ
ଅବାକ୍ ହୋଇ ରହିଲା ଚାହିଁ
ପଥର ସେହି ଧାରେ।

-(କୁହୁ ପ୍ରାସ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

**ବୃଦ୍ଧଙ୍କୁ କଚାଡ଼ି ମାରିଲା ହାତୀ**

**ଅନୁଗୋଳ ଅଫିସ:** ଶୌଚ ହେବାକୁ ଯାଇଥିବାବେଳେ ବୃଦ୍ଧଙ୍କୁ କଚାଡ଼ି ମାରିଦେଲା ହାତୀ। ଅନୁଗୋଳ ବନଖଣ୍ଡ ବନ୍ତଳା ରେଞ୍ଜରେ ବୁଧବାର ଘଟିଛି ଏଭଳି ଦୁଃଖଦ ଘଟଣା। ମୃତକ ହେଲେ ବସଲା ପଞ୍ଚାୟତ ସୁନାଭୁଇଁ ଗ୍ରାମର ଦିବାକର ସାହୁ (୬୭)। ଏହାକୁ ନେଇ ତୀବ୍ର ଉତ୍ତେଜନା ପ୍ରକାଶ ପାଇଥିଲା। ଦିବାକର ସକାଳ ୬ଟାରେ ଘର ପାଖ ପଡ଼ିଆକୁ ଶୌଚ ପାଇଁ ଯାଇଥିଲେ। ଏହି ସମୟରେ ଏକ ପଲରେ ୩୦ ହାତୀ ପାର୍ ହୋଇଥିଲେ। ପଛରେ ମା' ସହ ଛୁଆ ହାତୀ ଆସୁଥିଲା। ହେଲେ ହାତୀ ଚାଲିଯାଇଥିବା ଭାବି ସେ ଘରକୁ ଆସୁଥିବାବେଳେ ମାଈ ହାତୀ ହାବୁଡ଼ରେ ପଡ଼ିଯାଇଥିଲେ। ହାତୀ ତାଙ୍କୁ ଶୁଣ୍ଢରେ ଟେକି ନେଇ କଚାଡ଼ି ଦେଇଥିଲା। ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା।

# ଶିକ୍ଷାରେ ସୃଜନଶୀଳତାକୁ ଗୁରୁତ୍ୱ

ଧରିତ୍ରୀ | OrissaPOST BUSINESS EMINENCE AWARDS

**ପଶ୍ଚିମବଙ୍ଗର ଦୁର୍ଗାପୁରସ୍ଥିତ ଏକ ଗରିବ ୱାର୍କର୍ସ କଲୋନିରୁ ଆମେରିକା ପର୍ଯ୍ୟନ୍ତ ଯାତ୍ରା ବେଶ୍ ସ୍ମରଣୀୟ। ଦୁର୍ଗାପୁରରୁ ପାଠପଢ଼ି ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରର ଅନେକ ବହୁରାଷ୍ଟ୍ରୀୟ କମ୍ପାନୀରେ ଅଧିକାରୀ ଭାବେ କାର୍ଯ୍ୟକରି ସେ ଅନେକ ସଫଳତା ହାସଲ କରିଛନ୍ତି। ଏପରିକି କର୍ମମୟ ଜୀବନରେ ମଧ ସେ ବହୁ ସଫଳ ହୋଇଛନ୍ତି। ଜଣେ ମେଧାବୀ ଓ ଦକ୍ଷ ଇଞ୍ଜିନିୟରଙ୍କର ମନ କିନ୍ତୁ ଥିଲା ଓଡ଼ିଶାରେ କିଛି ଭିନ୍ନ କରିବା ପାଇଁ ଏବଂ ଆମେରିକାରେ ଥାଇ ମଧ ସେ ଆରମ୍ଭ କରିଥିଲେ ତାଙ୍କ ଯାତ୍ରାର ଅୟମାରମ୍ଭ। ବିଶେଷକରି ଦୀର୍ଘ ବର୍ଷର ଅଭିଜ୍ଞତା ଓ ଦେଖିଥିବା ସ୍ୱପ୍ନକୁ ସାକାର କରିବା ପାଇଁ ଭୁବନେଶ୍ୱର ନିକଟସ୍ଥ ଖୋର୍ଦ୍ଧାଠାରେ ଏକ ବିଶ୍ୱସ୍ତରୀୟ ବିଦ୍ୟାଳୟ କେ.ଟି. ଗ୍ଲୋବାଲ ସ୍କୁଲ ଜରିଆରେ ଆରମ୍ଭ ହେଲା ତାଙ୍କ ଭାବନାର ପ୍ରୟୋଗଶାଳା। ଭିନ୍ନ ଏକ ଚିନ୍ତାଧାରାରେ ସୃଷ୍ଟି ହୋଇଥିବା ବିଶ୍ୱସ୍ତରୀୟ ବିଦ୍ୟାଳୟର ଚେୟାରମ୍ୟାନ ସୋମଦତ୍ତ ବେହୁରାଙ୍କ ସହ ଧରିତ୍ରୀର ବିଶେଷ ଆଲୋଚନା....**


ସୋମଦତ୍ତ ବେହୁରା

**ପ୍ର-୧: ରାଜ୍ୟର ଅନ୍ୟ ପ୍ରମୁଖ ଇଂରାଜୀ ମାଧ୍ୟମ ବିଦ୍ୟାଳୟଠାରୁ କେ.ଟି. ଗ୍ଲୋବାଲ ସ୍କୁଲ ଭିନ୍ନ କାହିଁକି?**

ଉ- ରାଜ୍ୟରେ ଯେଉଁ କେତେକ ପ୍ରମୁଖ ଇଂରାଜୀ ମାଧ୍ୟମ ବିଦ୍ୟାଳୟ ରହିଛି, ସେ ସମସ୍ତଙ୍କଠାରୁ ଆମେ ସମ୍ପୂର୍ଣ୍ଣ ଭିନ୍ନ ଏବଂ ଏକ ପ୍ରଥମ ଧରଣର ବିଦ୍ୟାଳୟ ଭାବେ କମ୍ ଦିନ ମଧ୍ୟରେ ବେଶ୍ ପରିଚିତ ହୋଇପାରିଛୁ। ବିଶେଷକରି ଅନ୍ୟ ସ୍କୁଲ ଭଳି ପାଠପଢ଼ା ଓ ଅନ୍ୟ କେତେକ କ୍ଷେତ୍ରରେ ଶିକ୍ଷା ଦିଆଯାଉଛି। ହେଲେ ଆମ ବିଦ୍ୟାଳୟରେ ପାଠପଢ଼ାଠାରୁ ଆରମ୍ଭକରି ସବୁ ପ୍ରକାର କ୍ଷେତ୍ରରେ ଭିନ୍ନତା ରହିଛି। ଏଠାରେ ଆମେ ପିଲାଙ୍କୁ ପରିପକ୍ୱ ଓ ସୃଜନଶୀଳତାର ଶିକ୍ଷା ଦେଇଥାଉ।

**ପ୍ର-୨: ବର୍ତ୍ତମାନର ଭାରତୀୟ ଶିକ୍ଷା ବ୍ୟବସ୍ଥାକୁ କିଭଳି ଦେଖୁଛନ୍ତି?**

ଉ- ବର୍ତ୍ତମାନ ସମୟରେ ପିଲାଙ୍କଠାରୁ ଅଭିଭାବକ ବେଶି ବ୍ୟସ୍ତ ଓ ନମ୍ବର ପଛରେ ପଡ଼ିଛନ୍ତି। ଫଳରେ ଦେଶର ଶିକ୍ଷା ବ୍ୟବସ୍ଥା ମଧ ସେହି ଅନୁଯାୟୀ ଅଗ୍ରସର ହେଉଛି। କାରଣ ଶିକ୍ଷକ ଓ ଶିକ୍ଷାନୁଷ୍ଠାନଗୁଡ଼ିକ ମଧ ଭଲ ନମ୍ବର ଓ ବିଦ୍ୟାଳୟ ନାମକୁ ଆଗକୁ ନେବା ପାଇଁ ଦିନ ତମାମ ପରିଶ୍ରମ କରୁଛନ୍ତି। ଏପରିକି ପିଲା କିପରି ଅଧିକ ନମ୍ବର ପାଇବେ ସେ ବିଷୟରେ ଅଧିକ ଗୁରୁତ୍ୱାରୋପ କରାଯାଉଛି। ଶିକ୍ଷାର ମାନ ପରିବର୍ତ୍ତନ ହେବା ଆବଶ୍ୟକତା ରହିଛି ନ ହେଲେ ନମ୍ବର ଓ ନାଁ ପଛରେ ଶିକ୍ଷାର ଗଭୀର ଭଣ୍ଡାର ଶେଷ ହୋଇଯିବ।

**ପ୍ର-୩: ଜାତୀୟ ଶିକ୍ଷାନୀତିକୁ କିଭଳି ଦେଖୁଛନ୍ତି। ସେ ସମ୍ପର୍କରେ କ'ଣ କହିବେ?**

ଉ- ଭାରତୀୟ ଶିକ୍ଷା ବ୍ୟବସ୍ଥାର ଆବଶ୍ୟକ ଦିଗଗୁଡ଼ିକ ପରିବର୍ତ୍ତନ କରାଯିବା ସହ ପିଲାଙ୍କୁ ପ୍ରାଥମିକ ସ୍ତରରୁ ସୃଜନଶୀଳତାର ଶିକ୍ଷା ଦେବାକୁ ଲକ୍ଷ୍ୟ ରଖାଯାଇଛି। ଏପରିକି ଦକ୍ଷତା ବିକାଶକୁ ଅଧିକ ଗୁରୁତ୍ୱ ଦିଆଯାଉଥିବା ବେଳେ ଶିକ୍ଷାକୁ ସରଳୀକରଣ କରାଯାଇ ଛାତ୍ରୀଛାତ୍ରଙ୍କର ବିକାଶ ଉପରେ ଅଧିକ ଧ୍ୟାନ କେନ୍ଦ୍ରିତ କରାଯାଉଛି। ଯେପର୍ଯ୍ୟନ୍ତ ଯାଏ ତା'ର ପ୍ରଣୟନ କରାଯାଇ ନାହିଁ, ସେ ସମ୍ପର୍କରେ ବିସ୍ତୃତ ଆଲୋଚନ କରିବା ମଧ ମନଗଢ଼ା ଭଳି ଲାଗିବ। ଏପରିକି ଶିକ୍ଷାକୁ ବହି ଖାତାରେ ସୀମିତ ନ ରଖି ପରିମଣ୍ଡଳ ପରି ବ୍ୟାପକ କରିଦେଲେ ପିଲାର ବିକାଶ ହୋଇପାରିବ।

**ପ୍ର-୪: ଛାତ୍ରର ଦକ୍ଷତା ବିକାଶ ପାଇଁ କିଭଳି ପରିବେଶ ଆବଶ୍ୟକ?**

ଉ- ମାଆ ପରେ ମାଉସୀ ପରି ଘର ପରେ ବିଦ୍ୟାଳୟ ହେଉଛି ପିଲାର (ଛାତ୍ରୀଛାତ୍ରଙ୍କର) ପ୍ରାଥମିକ ଶିକ୍ଷା ବୃଦ୍ଧିର ପ୍ରୟୋଗଶାଳା ଭାବେ ପରିଗଣିତ ହୋଇଥାଏ। ହେଲେ ପିଲାର ଆବଶ୍ୟକତାକୁ ଠିକ୍ ଭାବେ ଚିହ୍ନଟକରି ତା'ର ଦକ୍ଷତା ବିକାଶ ପାଇଁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବା ଜରୁରୀ ହୋଇଥାଏ, ଯାହା ଘରଠାରୁ ବିଦ୍ୟାଳୟରେ ଅଧିକ ମିଳିଥାଏ। କାରଣ ଘର ଅପେକ୍ଷା ବିଦ୍ୟାଳୟରେ ପିଲାର ସୃଜନଶୀଳତା ଅଧିକ ବୃଦ୍ଧି ଘଟିଥାଏ। ବିଶେଷକରି ସେ ଏକ ବୃହତ୍ ପରିବେଶ ଓ ବାତାବରଣରେ ସମୟ ଅତିବାହିତ କରିଥାଏ। ଫଳରେ ବିଦ୍ୟାଳୟ ପରିବେଶ ସେହି ଅନୁଯାୟୀ ପ୍ରସ୍ତୁତ ହେବା ଆବଶ୍ୟକ।

**ପ୍ର-୫: ପ୍ରତିଯୋଗିତାମୂଳକ ବ୍ୟବସ୍ଥାରେ ଆଗକୁ ବଢ଼ିବା ପାଇଁ କ'ଣ କରିବେ?**

ଉ- ପ୍ରତିଯୋଗିତା ମଇଦାନରେ ହୋଇଥାଏ। ହେଲେ ବିଦ୍ୟାଳୟରେ ପ୍ରତିଯୋଗୀ ଚୟନ କରାଯାଇଥାଏ। ପ୍ରତିଯୋଗିତାମୂଳକ ବ୍ୟବସ୍ଥାରେ ଖାଲି ଯେ ଭଲ ନମ୍ବର ଓ ବଡ଼ ବଡ଼ କ୍ୟାମ୍ପସ କରିଦେଲେ ହେବ ନାହିଁ, ସେଥିପାଇଁ ସ୍ୱତନ୍ତ୍ର ପଥ ନିର୍ଣ୍ଣୟ କରିବାକୁ ପଡ଼ିବ। ସଫଳତା ପାଇବା ଓ ଆଗକୁ ବଢ଼ିବା ପାଇଁ ହେଲେ ପିଲାର ବିକାଶ ଓ ସୃଜନଶୀଳତାର ଅଭିବୃଦ୍ଧି ପାଇଁ ସେହି ଅନୁସାରେ ପରିବେଶ ସହ ପ୍ରତିଷ୍ଠାନର ବ୍ୟବସ୍ଥାକୁ ମଧ ଆଦରିନେବାକୁ ହେବ।

**ପ୍ର-୬: ଆଗାମୀ ଯୋଜନା କ'ଣ ରହିଛି?**

ଉ- କାଲିକୁ କେହି ଦେଖିନାହାନ୍ତି, ହେଲେ କାଲି ପାଇଁ ସ୍ୱପ୍ନ ଦେଖିବା ମନା ନାହିଁ। ଏଭଳି ଏକ ଯୋଜନା ପଥରେ ଅଗ୍ରସର ହେଉଛି। ପିଲାଙ୍କ ଜରିଆରେ ପରିବର୍ତ୍ତନ ଆଣିବା ପାଇଁ ଆବଶ୍ୟକ ପଦକ୍ଷେପ ନିଆଯାଉଛି। ଶିକ୍ଷା ସାଙ୍ଗକୁ ଆବଶ୍ୟକ କଳାକୌଶଳକୁ କିଭଳି ପିଲା ଠିକ୍ ବାଟରେ ପ୍ରୟୋଗ କରିବେ, ସେ ନେଇ ମଧ ସମସ୍ତ ଯୋଜନା କାର୍ଯ୍ୟକାରୀ କରାଯାଉଛି। ଆଗାମୀ ଦିନରେ ତାହା ଏକ ବୃହତ୍ ଫଳାଫଳ ଦେବ ବୋଲି ଆଶା ରହିଛି।

# ଖୁବ୍‌ଶୀଘ୍ର ୪୦ ହଜାର ଶିକ୍ଷକ ନିଯୁକ୍ତ ହେବେ

ଭୁବନେଶ୍ୱର,୧୩(ବ୍ୟୁରୋ)

ଖୁବ୍‌ଶୀଘ୍ର ରାଜ୍ୟର ବିଭିନ୍ନ ସରକାରୀ ସ୍କୁଲରେ ୪୦ ହଜାର ଶିକ୍ଷକ ପଦବୀ ପୂରଣ କରାଯିବ। ପ୍ରାଥମିକ ସ୍କୁଲ ପାଇଁ ୨୦ ହଜାର ଓ ହାଇସ୍କୁଲ ପାଇଁ ମଧ୍ୟ ୨୦ ହଜାର ଶିକ୍ଷକଙ୍କୁ ନିଯୁକ୍ତି ମିଳିବ। ଏନେଇ ବିଜ୍ଞାପନ ବାହାରି ସାରିଛି। ମୋଟ ୪୦ ହଜାର ଶିକ୍ଷକ ନିଯୁକ୍ତି ପାଇଁ ସରକାର ପଦକ୍ଷେପ ନେଇଛନ୍ତି ବୋଲି ସ୍କୁଲ ଓ ଗଣଶିକ୍ଷା ବିଭାଗ ମନ୍ତ୍ରୀ ସମୀର ରଞ୍ଜନ ଦାଶ ବୁଧବାର ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। କମ୍ପ୍ୟୁଟର ବେସ୍ ଟେଷ୍ଟ ମାଧ୍ୟମରେ ଏହି ପରୀକ୍ଷା ହେବ। ସମସ୍ତଙ୍କୁ ନିଯୁକ୍ତି ପ୍ରକ୍ରିୟାରେ ଭାଗ ନେବାକୁ ସୁଯୋଗ ମିଳିବ। ଏନେଇ ବିଧାନସଭାରେ ଜଣେ ସଦସ୍ୟଙ୍କ ପ୍ରଶ୍ନର ଉତ୍ତର ମଧ୍ୟ ଦିଆଯାଇଛି ବୋଲି ସେ କହିଛନ୍ତି। ହାଇସ୍କୁଲଗୁଡ଼ିକରେ ଶିକ୍ଷକ ଅଭାବ ପରିଲକ୍ଷିତ ହେଉଥିବାରୁ ପୂର୍ଣ୍ଣ ଅନୁଦାନ ଏବଂ ବ୍ଲକ ଗ୍ରାଣ୍ଟ ପ୍ରାପ୍ତ ହାଇସ୍କୁଲଗୁଡ଼ିକରେ ଶିକ୍ଷକ ନିଯୁକ୍ତି କରାଯିବା ପାଇଁ ସରକାର କି ବ୍ୟବସ୍ଥା କରିଛନ୍ତି। କେଉଁ ହାଇସ୍କୁଲ ଗୁଡ଼ିକରେ ଯୁକ୍ତ ୨ ଖୋଲାଯିବା ଯୋଜନା ଅଛି। ବୁଧବାର ବିଜେଡି ସଦସ୍ୟ ଲତିକା ପ୍ରଧାନ ତାରକା ପ୍ରଶ୍ନ ନଂ. ୧୫୩ ଜରିଆରେ ବିଧାନସଭାରେ ସ୍କୁଲ ଓ ଗଣଶିକ୍ଷା ମନ୍ତ୍ରୀଙ୍କୁ ପଚାରିଥିଲେ।

ଏହାର ଉତ୍ତରରେ ମନ୍ତ୍ରୀ ସମୀର ରଞ୍ଜନ ଦାଶ କହିଥିଲେ, ଶିକ୍ଷକ ଅଭାବକୁ ଦୃଷ୍ଟିରେ ରଖି ୨୦୨୧-୨୨ରେ ମୋଟ ୧୪,୦୦୪ ଶିକ୍ଷକ ପଦବୀ ପୂରଣ କରାଯାଇଛି। ଏଥିସହ ୭୫୪୦ ଖାଲିଥିବା ଶିକ୍ଷକ ପଦବୀ ପୂରଣ ପାଇଁ ଓଡ଼ିଶା ଷ୍ଟାଫ୍ ସିଲେକ୍ସନ କମିଶନକୁ ଦାୟିତ୍ୱ ଦିଆଯାଇଛି। ଏହାଛଡ଼ା ୬୦୨୫ ଗୋଟି ଏଲ୍‌ଟିଆର୍ ପଦବୀ ପୂରଣ ପାଇଁ ପ୍ରକ୍ରିୟା ଜାରି ରହିଛି। ପୂର୍ଣ୍ଣ ଅନୁଦାନପ୍ରାପ୍ତ ହାଇସ୍କୁଲରେ ଖାଲିଥିବା ବିଭିନ୍ନ ବର୍ଗର ୨୦୬୪ ଗୋଟି ପଦବୀ ପୂରଣ ପାଇଁ ସରକାର ନିର୍ଦ୍ଦେଶ ଦେଇଛନ୍ତି। ସେଗୁଡ଼ିକ ଖୁବ୍ ଶୀଘ୍ର ପୂରଣ କରାଯିବ ବୋଲି ମନ୍ତ୍ରୀ କହିଛନ୍ତି। ସେହିପରି ୨୦୨୨-୨୩ରେ ୧୦୬ଟି ହାଇସ୍କୁଲକୁ ଉନ୍ନୀତ କରାଯାଇ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଖୋଲାଯିବାର ନିଷ୍ପତ୍ତି ଗ୍ରହଣ କରାଯାଇଛି। ସେଥିମଧ୍ୟରୁ ଗଞ୍ଜାମ ଜିଲାର ୯ ଗୋଟି ସ୍କୁଲ ରହିଛି ବୋଲି ମନ୍ତ୍ରୀ କହିଛନ୍ତି।

### ପ୍ରାଥମିକ ସ୍କୁଲରେ କନିଷ୍ଠ ନିଯୁକ୍ତିକୁ ବିରୋଧ

ପ୍ରାଥମିକ ସ୍କୁଲରେ ୨୦ହଜାର କନିଷ୍ଠ ଶିକ୍ଷକ(ଯୋଜନାଭିତ୍ତିକ) ଭାବେ ନିଯୁକ୍ତି ଦେବା ନିଷ୍ପତ୍ତିକୁ ଓଡ଼ିଶା କନିଷ୍ଠ ଶିକ୍ଷକ ସଂଘ ସମ୍ପୂର୍ଣ୍ଣ ବିରୋଧ କରିଛି। ସଂଘ ମହାସଚିବ ଆଦିତ୍ୟ ନାରାୟଣ ସ୍ୱାଇଁ କହିଛନ୍ତି, ଓଡ଼ିଶାରୁ ଚୁକ୍ତିଭିତ୍ତିକ ଉଚ୍ଛେଦ ଘୋଷଣା ହେବା ପରେ କନିଷ୍ଠ ଶିକ୍ଷକମାନେ ନିୟମିତ ହେବେ ବୋଲି ପ୍ରତିଶ୍ରୁତି ଦିଆଯାଇଥିଲା। କିନ୍ତୁ ପରେ ମୁଖ୍ୟ ଶାସନ ସଚିବ ସଂଘକୁ କହିଥିଲେ, ବର୍ତ୍ତମାନ କାର୍ଯ୍ୟରତ କନିଷ୍ଠ ଶିକ୍ଷକଙ୍କ ଚୁକ୍ତିଭିତ୍ତିକ ଉଚ୍ଛେଦ କରାଯାଇ ନାହିଁ। ଚୁକ୍ତିଭିତ୍ତିକରେ ଥିବା ଶିକ୍ଷକ ନିୟମିତ ହେବା ପରେ ପ୍ରାଥମିକ ବିଦ୍ୟାଳୟରେ ନିୟମିତ ନିଯୁକ୍ତି ଦିଆଯିବ। କିନ୍ତୁ ଚୁକ୍ତିଭିତ୍ତିକ ଶିକ୍ଷକ ନିୟମିତ ହୋଇ ନ ଥିବାବେଳେ ଏବେ ପୁଣିଥରେ ସରକାର ଚୁକ୍ତିଭିତ୍ତିକ ନାଁ ଉଠାଇ ଯୋଜନାଭିତ୍ତିକ ଭଳି ଏକ ନୂଆ ନାଁ ଦେଇ ନିଯୁକ୍ତି ଦେବେ ବୋଲି କହିଛନ୍ତି, ଯାହାକୁ ସଂଘ ବିରୋଧ କରୁଛି। ପ୍ରାଥମିକ ଶିକ୍ଷାରେ ଶିକ୍ଷକ ନିଯୁକ୍ତିକୁ ସଂଘ ସ୍ୱାଗତ କରୁଛି। ହେଲେ ଏହି ଯୋଜନାଭିତ୍ତିକ ନିଯୁକ୍ତି ପାଇଁ ନୂତନ ଭାବେ ଉଚ୍ଚଶିକ୍ଷିତ ତାଲିମପ୍ରାପ୍ତ ଯୁବପିଢ଼ୀ ପୁଣି ପ୍ରଶାସନିକ କଳରେ ପେଶିହେବେ। ତେଣୁ ବର୍ତ୍ତମାନ ପ୍ରାଥମିକ ବିଦ୍ୟାଳୟରେ କାର୍ଯ୍ୟରତ କନିଷ୍ଠ ଶିକ୍ଷକଙ୍କୁ ନିୟମିତ କରିବା ସହ ବର୍ତ୍ତମାନର ନିଯୁକ୍ତି ବିଜ୍ଞପ୍ତିକୁ ନିୟମିତ କରିବା ନିମନ୍ତେ ମୁଖ୍ୟମନ୍ତ୍ରୀଙ୍କୁ ସଂଘ ଅନୁରୋଧ କରିଛି। ଉଚ୍ଚ ବିଦ୍ୟାଳୟର ଶିକ୍ଷକଙ୍କୁ ନିୟମିତ ଶିକ୍ଷକ ଭାବେ ନିଯୁକ୍ତି କରିବାକୁ ଆଉଏକ ବିଜ୍ଞପ୍ତି ପ୍ରକାଶ ପାଇଛି, ହେଲେ ପ୍ରାଥମିକ ଶିକ୍ଷା ଏବଂ ଶିକ୍ଷକଙ୍କ ପ୍ରତି ସରକାରଙ୍କ ଆନ୍ତରିକତାର ଅଭାବ ରହିଛି ବୋଲି ସ୍ପଷ୍ଟ ଜଣାପଡୁଥିବା ସଂଘ ମହାସଚିବ ସ୍ୱାଇଁ କହିଛନ୍ତି।

# ରାଜ୍ୟରେ ଆରମ୍ଭ ହେବ ଓବିସି ସର୍ଭେ

ଭୁବନେଶ୍ୱର,୧୩(ବ୍ୟୁରୋ)

ରାଜ୍ୟରେ ପଛୁଆ ବର୍ଗ(ଓବିସି) ସର୍ଭେ ଆରମ୍ଭ କରିବାକୁ ରାଜ୍ୟ ସରକାର ନିଷ୍ପତ୍ତି ନେଇଛନ୍ତି। ଏପ୍ରିଲ କିମ୍ବା ମେ ମାସରେ ଏହି ସର୍ଭେ ଆରମ୍ଭ ହେବା ନେଇ ସୂଚନା ମିଳିଛି। ତେବେ ଚଳିତବର୍ଷ ଜୁଲାଇ ୧୨ ସୁଦ୍ଧା ରାଜ୍ୟରେ ଓବିସି ଗଣନାର ସମସ୍ତ ପ୍ରକ୍ରିୟା ଶେଷ ହେବ। ମିଳିଥିବା ସୂଚନା ଅନୁଯାୟୀ ରାଜ୍ୟର ୩୧୪ ବ୍ଲକ ଓ ୧୧୪ଟି ପୌରାଞ୍ଚଳରେ ପଛୁଆ ବର୍ଗ ଲୋକଙ୍କ ସାମାଜିକ ଓ ଅର୍ଥନୈତିକ ସ୍ଥିତି ଜାଣିବା ପାଇଁ ସର୍ଭେ ଆରମ୍ଭ ହେବ। ଏଥିପାଇଁ ରାଜ୍ୟ ଓବିସି କମିଶନଙ୍କ ସଦସ୍ୟ ସଚିବ ଭି ଭି ଯାଦବ ଫେବୃୟାରୀ ୨୪ରେ ସମସ୍ତ ଜିଲାପାଳ ଓ ମହାନଗର ନିଗମ କମିଶନରଙ୍କୁ ନିର୍ଦ୍ଦେଶନାମା ଓ ଗାଇଡଲାଇନ୍ ଜାରି କରିଛନ୍ତି। ଏଥିସହିତ ୬ଜଣ ଅତିରିକ୍ତ ସଚିବ ପାହ୍ୟାର ଅଫିସରଙ୍କୁ ୩୦ ଜିଲାର ଜୋନାଲ ଅଫିସର ଦାୟିତ୍ୱ ନ୍ୟସ୍ତ ହୋଇଛି। ନିର୍ବାଚନ ଓ ଜନଗଣନାରେ ଅଭିଜ୍ଞତା ଥିବା ବରିଷ୍ଠ ଓଏଏସ୍ ଅଧିକାରୀମାନଙ୍କୁ ପ୍ରଶିକ୍ଷଣ ମଧ୍ୟ ଦିଆଯାଇଛି। ଆସନ୍ତା ସପ୍ତାହରେ ବ୍ଲକ ସ୍ତରରେ ସୁପରଭାଇଜର ଓ ଗଣନାକାରୀଙ୍କ ପାଇଁ ବିଡିଓ ଓ ତହସିଲଦାରଙ୍କ ଦ୍ୱାରା ପ୍ରଶିକ୍ଷଣ କାର୍ଯ୍ୟକ୍ରମ କରାଯିବ। ପଞ୍ଚାୟତରେ ଅଙ୍ଗନୱାଡି କର୍ମୀ ଓ ସହରାଞ୍ଚଳରେ ୱାର୍ଡ ଅଫିସର, ଟ୍ୟାକ୍ସ କଲେକ୍ଟରମାନେ ଗଣନାକାରୀ କାର୍ଯ୍ୟ ତୁଲାଇବେ। ସେହିପରି ପ୍ରତ୍ୟେକ ୧୦ଜଣ ଗଣନାକାରୀଙ୍କ କାର୍ଯ୍ୟ ତଦାରଖ ପାଇଁ ଜଣେ ଲେଖାଏ ସୁପରଭାଇଜରଙ୍କୁ ନିଯୁକ୍ତି ଦିଆଯାଇଛି।

# ଦମ୍ପତିଙ୍କୁ ଗଳାକାଟି ହତ୍ୟା

ସୋର, ୧୩(ଡି.ଏନ.ଏ.)

ବାଲେଶ୍ୱର ଜିଲା ସୋର ବ୍ଲକ ସବିରା ପଞ୍ଚାୟତ ମୁନିସବିରା ଗ୍ରାମରେ ଏକ ନୃଶଂସ ହତ୍ୟାକାଣ୍ଡ ଘଟିଛି। ବୁଧବାର ରାତି ପ୍ରାୟ ୮ଟାରେ ଦମ୍ପତିଙ୍କୁ ଗଳାକାଟି ହତ୍ୟା କରାଯାଇଛି। ମୃତ ଦମ୍ପତି ହେଲେ ରଘୁନାଥ ବେହେରା ଓ ତାଙ୍କ ସ୍ତ୍ରୀ ପ୍ରଭାତି। ସେମାନେ ଘରଠାରୁ ୨ କି.ମି. ଦୂରରେ କରିଥିବା କୁକୁଡ଼ା ଫାର୍ମକୁ ଶୋଇବାକୁ ଯାଉଥିବା ବେଳେ କେହି ଦୁର୍ବୃତ୍ତ ସେମାନଙ୍କୁ ଗଳା କାଟି ଫିଙ୍ଗି ଦେଇଥିଲେ। ସ୍ଥାନୀୟ ଲୋକେ ରକ୍ତ ଜୁଡ଼ୁବୁଡ଼ୁ ମୃତଦେହ ପଡିଥିବା ଦେଖି ପୋଲିସକୁ ଖବର ଦେଇଥିଲେ। ସୋର ଥାନା ଆଇଆଇସି ସୁଜାତା ଖମାରୀ ଏକ ଟିମ୍ ସହ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ପୂର୍ବରୁ ତାଙ୍କର କାହା ସହ କୌଣସି ବିବାଦ ନ ଥିବା ବେଳେ କେହି ଚୋରି ଉଦ୍ଦେଶ୍ୟରେ ଆସି ଏଭଳି କାଣ୍ଡ ଘଟାଇଥିବା ଅନୁମାନ କରାଯାଉଛି।

**ଛାଡ଼ପତ୍ର ଦେଲେନି ବୋଲି...**

# ବୋହୂଙ୍କ ଗୋଡ଼ ଭାଙ୍ଗିଦେଲେ

ଢେଙ୍କାନାଳ ଅଫିସ, ୧୩

କୁହାଯାଏ ବିବାହ ଏକ ପବିତ୍ର ବନ୍ଧନ। ଦାମ୍ପତ୍ୟ ଜୀବନ ଆରମ୍ଭ ହେଲେ ଅଜାଡ଼ି ହୋଇପଡ଼େ ଗୁରୁଜନଙ୍କ ଆଶୀର୍ବାଦ। ନବଦମ୍ପତିଙ୍କ ସୁଖମୟ ଜୀବନ କାମନା କରନ୍ତି ସଭିଏଁ। ହେଲେ ଢେଙ୍କାନାଳ ଜିଲା କଙ୍କଡ଼ାହାଡ଼ ଥାନା କେରଜୋଳି ପଞ୍ଚାୟତର ସରବେରେଣି ଗ୍ରାମରୁ ଆସିଛି ଏହାର ବିପରୀତ ଚିତ୍ର। ଛାଡ଼ପତ୍ର ଦେବାକୁ ଅମଙ୍ଗ ହେବାରୁ ପୁତ୍ର ଏବଂ ପୁତ୍ରବଧୂଙ୍କ ଉପରେ ମରଣାନ୍ତକ ଆକ୍ରମଣ ହୋଇଛି। ଏଥିରେ ମହିଳାଙ୍କ ଦୁଇ ଗୋଡ଼ ଭାଙ୍ଗିଯାଇଥିବାବେଳେ ସ୍ୱାମୀ ମଧ୍ୟ ଆହତ ହୋଇଛନ୍ତି। ଏଭଳି ଅମାନୁଷିକ ଘଟଣା ସାରା ଜିଲାରେ ଚର୍ଚ୍ଚାର ବିଷୟ ପାଲଟିଥିବାବେଳେ ପୋଲିସ ତନାଘନା ଆରମ୍ଭ କରିଛି।

ପୋଲିସ ସୂଚନା ଅନୁଯାୟୀ, ସରବେରେଣୀ ଗ୍ରାମର ଅଶୋକ କୁମାର ମହାନ୍ତଙ୍କ ସହ ନିର୍ମଳା ମହାନ୍ତଙ୍କ ବୈଦିକ ରୀତିରେ ବିବାହ ହୋଇଥିଲା। ତେବେ ଶାଶୁଘର ଲୋକେ ଯୌତୁକ ଦାବି କରି ତାଙ୍କୁ ନିର୍ଯାତନା ଦେଉଥିଲେ। ଏପରି କି ଛାଡ଼ପତ୍ର ଦେବାକୁ ପୁଅ-ବୋହୂଙ୍କ ଉପରେ ଚାପ ପକାଉଥିଲେ। ହେଲେ ଏଥିରେ ଅଶୋକ ରାଜି ହେଉ ନ ଥିଲେ। ବୁଧବାର ସକାଳେ ୩ ଜଣ ବ୍ୟକ୍ତି ହଠାତ୍ ପହଞ୍ଚି ଦମ୍ପତିଙ୍କୁ ଷ୍ଟିଲ୍ ରଡ଼ରେ ମରଣାନ୍ତକ ଆକ୍ରମଣ କରି ଫେରାର ହୋଇଯାଇଥିଲେ। ଗୁରୁତର ଅବସ୍ଥାରେ ଘରେ ପଡ଼ିଥିବାବେଳେ ପାଖପଡ଼ୋଶୀ ପହଞ୍ଚି ସେମାନଙ୍କୁ ଉଦ୍ଧାର କରି ୧୦୮ ଆମ୍ବୁଲାନ୍ସରେ ପ୍ରଥମେ କାମାକ୍ଷାନଗର ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରାଇଥିଲେ। ଆକ୍ରମଣରେ ନିର୍ମଳାଙ୍କ ଉଭୟ ଗୋଡ଼ ଭାଙ୍ଗିଯାଇଛି। ଅବସ୍ଥା ସଙ୍କଟାପନ୍ନ ଥିବାରୁ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ସୂଚନା ପାଇ କଙ୍କଡ଼ାହାଡ଼ ପୋଲିସ କାମାକ୍ଷାନଗର ଉପଖଣ୍ଡ ଚିକିତ୍ସାଳୟରେ ପହଞ୍ଚି ତଦନ୍ତ କରିଛି। ଏହି ଘଟଣାରେ କାହାରିକୁ ଗିରଫ କରାଯାଇନାହିଁ। ପୋଲିସ ନିଜ ଆଡୁ ମାମଲା (ନଂ. ୩୦/୨୩) ରୁଜୁ କରି ତଦନ୍ତ ଚଳାଇଥିବା ଥାନାଧିକାରୀ ନିର୍ମଳା ଗୋଛାୟତ ସୂଚନା ଦେଇଛନ୍ତି।


କାମାକ୍ଷାନଗର ମେଡିକାଲରେ ପୋଲିସ ପୀଡ଼ିତାଙ୍କୁ ପଚରାଉଚରା କରୁଛି।

# ନିଆଁ ଲିଭାଇବା ବେଳେ ଫାଟିଲା ଗ୍ୟାସ୍ ସିଲିଣ୍ଡର

## ୪ ଅଗ୍ନିଶମ କର୍ମଚାରୀ ଗୁରୁତର, କଟକ ସ୍ଥାନାନ୍ତର

ସମ୍ବଲପୁର,୧୩(ବ୍ୟୁରୋ)

ସମ୍ବଲପୁର ଜିଲା ବୁର୍ଲା ଥାନା ଚାଆଁରପୁର ଗ୍ରାମ ଛକରେ ଥିବା ଏକ ଚା' ଦୋକାନରେ ବୁଧବାର ଭୋର ସମୟରେ ଲାଗିଥିବା ନିଆଁକୁ ଅଗ୍ନିଶମ କର୍ମଚାରୀ ଆୟତ୍ତ କରୁଥିବା ବେଳେ ଅଘଟଣ ଘଟିଥିଲା। ଦୋକାନ ଭିତରେ ଥିବା ଗ୍ୟାସ୍ ସିଲିଣ୍ଡର ଫାଟିଯିବାରୁ ଅଗ୍ନିଶମ ବିଭାଗର ୪ଜଣ କର୍ମଚାରୀ ଗୁରୁତର ହୋଇଛନ୍ତି। ସେମାନେ ହେଲେ ଅଜୟ ମିଞ୍ଜ, ରଘୁମଣି କାଲୋ, ରତିକାନ୍ତ ମାଝି ଓ ଶ୍ରୀକାନ୍ତ ମଲ୍ଲିକ। ସମସ୍ତଙ୍କୁ ପ୍ରଥମେ ବୁର୍ଲା ଭିମ୍‌ସାରରେ ଭର୍ତ୍ତି କରାଯାଇଥିଲା। ହେଲେ ଅବସ୍ଥା ସଙ୍କଟାପନ୍ନ ହେବାରୁ କଟକ ଏସ୍‌ସିବିକୁ ସ୍ଥାନାନ୍ତର କରାଯାଇଛି।

ସୂଚନା ଅନୁସାରେ ଗାଁ ଛକରେ ଚାଆଁରପୁର ଗ୍ରାମର ରାହାସ ବିହାରୀ ବାଗଙ୍କ ଚା ଓ ଜଳଖିଆ ଦୋକାନ ରହିଛି। ପ୍ରତିଦିନ ଭଳି ମଙ୍ଗଳବାର ରାତିରେ ସେ ଦୋକାନ ବନ୍ଦ କରି ଘରକୁ ଯାଇଥିଲେ। ଭୋର ସମୟରେ ଦୋକାନରେ ନିଆଁ ଲାଗିଥିବା ଜାଣି ଗ୍ରାମବାସୀ ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ। ଅଗ୍ନିଶମ ବିଭାଗର ଏକ ଟିମ୍ ପହଞ୍ଚି ନିଆଁ ଲିଭାଇବାକୁ ଚେଷ୍ଟା କରିଥିଲେ। ଏହି ସମୟରେ ଦୋକାନ ଭିତରେ ଥିବା ଗ୍ୟାସ୍ ସିଲିଣ୍ଡର ଫାଟି ଯାଇଥିଲା। ଫଳରେ ନିଆଁ ଲିଭାରେ ନିୟୋଜିତ ଥିବା କର୍ମଚାରୀଙ୍କ ଦେହରେ ନିଆଁ ଲାଗିଯାଇଥିଲା। ଏହାସହ ସିଲିଣ୍ଡର ବିସ୍ଫୋରଣ ହେବା ଫଳରେ ଲୁହାଖଣ୍ଡ ସେମାନଙ୍କ ଶରୀରରେ ବାଜି ଆଘାତ ଲାଗିଥିଲା। ଶବ୍ଦ ଶୁଣି ଆଖପାଖ ଲୋକମାନେ ପହଞ୍ଚି ଯାଇଥିଲେ। ଗୁରୁତର ଅବସ୍ଥାରେ କର୍ମଚାରୀମାନଙ୍କୁ ବୁର୍ଲା ମେଡିକାଲ ନିଆଯାଇଥିଲା। ଦୋକାନ ମାଲିକ ବାଗ କହିଛନ୍ତି, କେହି ଦୁର୍ବୃତ୍ତ ଉଦ୍ଦେଶ୍ୟମୂଳକ ଭାବେ ନିଆଁ ଲଗାଇ ଦେଇଥିଲେ। ଏହାଦ୍ୱାରା ଦୋକାନରେ ଥିବା ସାମଗ୍ରୀ ପୋଡି ନଷ୍ଟ ହୋଇଯାଇଛି।


ଦୋକାନରେ ନିଆଁ ଲାଗିଛି।

**ଅଟୋ ସହ ବାଇକ୍ ଧକ୍କା**

# ପୋଲ ତଳକୁ ଖସିଲା ୨ ଗାଡ଼ି, ୮ ଆହତ

ଆର.ଉଦୟଗିରି,୧୩(ଡି.ଏନ୍.ଏ.)

ଗଜପତି ଜିଲା ମୋହନା ଥାନା ଚାନ୍ଦିପୁଟ ଗ୍ରାମର ହାଟପଦା ନିକଟରେ ଅଟୋ ସହ ବାଇକ ଧକ୍କା ହୋଇ ପୋଲର ୨୦ ଫୁଟ ତଳକୁ ଖସି ୮ ଜଣ ଆହତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ଜଣେ ଗୁରୁତର ଅଛନ୍ତି। ବୁଧବାର ଲୁହାଖମ୍ବରୁ ମୋହନା ଅଭିମୁଖେ ୬ଜଣ ଲୋକଙ୍କୁ ଧରି ଏକ ଅଟୋ ଆସୁଥିଲା। ବିପରୀତ ଦିଗରୁ ଏକ ବାଇକ୍‌ରେ ୨ଜଣ ଚାନ୍ଦିପୁଟରୁ ବାଘମାରି ଯାଉଥିଲେ। ହାଟପଦା ନିକଟରେ ଥିବା ପୋଲ ଉପରେ ଅଟୋ ଓ ବାଇକ୍ ମଧ୍ୟରେ ଧକ୍କା ହୋଇଥିଲା। ଫଳରେ ଦୁଇଟି ଗାଡ଼ି ପୋଲର ୨୦ଫୁଟ୍ ତଳକୁ ଖସିପଡ଼ିଥିଲା। ଅଟୋରେ ବସିଥିବା ୬ଜଣ ଓ ବାଇକରେ ଥିବା ୨ଜଣ ଯାତ୍ରୀ ଆହତ ହୋଇଥିଲେ। ବାଇକରେ ଯାଉଥିବା ଦୁଇଜଣ ବ୍ୟକ୍ତି ହେଲେ ବାଘମାରି ଗ୍ରାମର ବୈକୁଣ୍ଠନାଥ ଦଳବେହେରା ଓ ଗୁରୁଗଙ୍ଗା ଦଳବେହେରା। ସେହିପରି ଅଟୋରେ ଥିବା ଆହତ ଯାତ୍ରୀମାନେ ହେଲେ କେଶବ ସମରତ, ଚୈତନ୍ୟ ସମରତ, ବିଷ୍ଣୁ ବାତ୍ରା, ହିନ୍ଦୁ ବାତ୍ରା, ଦିବାକର ବାତ୍ରା ଓ ଗୁରୁତର ଜଣକ ହେଲେ ଲୋକଚନ୍ଦ୍ର ସମରତ। ସ୍ଥାନୀୟ ଲୋକେ ଆହତମାନଙ୍କୁ ଉଦ୍ଧାର କରି ଚନ୍ଦ୍ରଗିରି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ଚନ୍ଦ୍ରଗିରି ଫାଣ୍ଡି ଅଧିକାରୀ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛନ୍ତି।

**ପୂର୍ବ ତଟ ରେଳପଥ**

ଟେଣ୍ଡର ସଂ.: MCSW-CAMC-ABCP-22-23-23

କାର୍ଯ୍ୟର ନାମ: ରେଳ ଡବା ମରାମତି କାରଖାନା, ମଞ୍ଚେଶ୍ୱର ଠାରେ 03 (ତିନି) ବର୍ଷ ନିମନ୍ତେ ଏକ୍ସିଲ ବାକ୍ସ ସଫେଇ କାରଖାନାର ବ୍ୟାପକ ବାର୍ଷିକ ରକ୍ଷଣାବେକ୍ଷଣ ଚୁକ୍ତି।

ବିଜ୍ଞାପିତ ମୂଲ୍ୟ (ଟଙ୍କାରେ): 55,99,087.02, EMD (ଟଙ୍କାରେ): 1,12,000/-, ଟେଣ୍ଡର ନଥିପତ୍ରର ମୂଲ୍ୟ (ଟଙ୍କାରେ) : 5,000/-, ଶେଷ ହେବା ଅବଧି: 36 ମାସ, ପ୍ରସ୍ତାବର ବୈଧତା : 60 ଦିନ।

ବିକ୍ରି ଆରମ୍ଭ ହେବା ତାରିଖ : ତା.06.03.2023 ରିଖ

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.20.03.2023 ରିଖ 1500 ଘଣ୍ଟିକାରେ।

ଏହି ଟେଣ୍ଡର ସନ୍ଦର୍ଭରେ ମାନୁଆଲ ଅଫରଗୁଡ଼ିକୁ ଅନୁମତି ଦିଆଯିବ ନାହିଁ ଏବଂ ସେହିଭଳି ପ୍ରାପ୍ତ ଯେକୌଣସି ମାନୁଆଲ ପ୍ରସ୍ତାବକୁ ଗ୍ରହଣ କରାଯିବ ନାହିଁ।

ଟେଣ୍ଡର ନଥିପତ୍ର ସହିତ ସଂପୂର୍ଣ୍ଣ ବିସ୍ତୃତ ବିବରଣୀ ୱେବସାଇଟ୍ http://www.ireps.gov.in ରେ ଉପଲବ୍ଧ।

ଡେପୁଟି ଚିଫ୍ ମେକାନିକାଲ ଇଂଜିନିୟର(Production)/ ରେଳ ଡବା ମରାମତି କାରଖାନା, ମଞ୍ଚେଶ୍ୱର

PR-1041/N/22-23

**कार्यपालक अभियंता का कार्यालय**
**ग्रामीण विकास विशेष प्रमंडल, खूँटी**

**योजना स्थगन**

इस कार्यालय द्वारा आमंत्रित अल्पकालीन निविदा सूचना संख्या– RDD/SD/KHUNTI/46/2022-23 में जिसका पी0आर0 संख्या–290897 URAL DEVELOPMENT (2022-23).D है जिसका प्रकाशन विभिन्न समाचार पत्रों में प्रकाशित की गई थी। अपरिहार्य कारणों से अगले आदेश तक के लिए स्थगित की जाती है।

अगली सूचना दैनिक समाचार पत्रों में प्रकाशित की जाएगी।

कार्यपालक अभियंता
ग्रामीण विकास विशेष प्रमंडल,खूँटी

PR291574 (Rural Development)22-23*D

**कार्यपालक अभियंता का कार्यालय**
**पेयजल एवं स्वच्छता प्रमण्डल, लोहरदगा**
e-mail ID : eedwsd.lohardaga1@gmail.com

**शुद्धि पत्र**

पेयजल एवं स्वच्छता प्रमण्डल, लोहरदगा अंतर्गत प्रकाशित ई–प्रोक्योरमेंट अति अल्पकालीन निविदा आमंत्रण सूचना संख्या 11/2021-22 (नवम् आमंत्रण), जिसका PR – 290628 (Lohardaga) 22-23 (D) है, के ग्रुप संख्या Loh/SVS/ Cluster-04A में निम्न प्रकार से आंशिक संशोधन किया जाता है –

**Name of Work - Construction of Cluster wise Single Village Water Supply Scheme on Solar Energy based Mini Water Supply Scheme in different blocks of Lohardaga District which are not included in MVS/Other Schemes to supply water and house connection with 05 years Operation and maintenance works on "Turn-key basis" under D.W.& S.Division, Lohardaga for the year 2021-22 under JJM. (Cluster 4A)**

| | | |
|---|---|---|
| 3 | वेबसाइट पर निविदा प्रकाशन की तिथि एवं समय | 03.03.2023 के अपराह्न 3.30 बजे से |
| 4 | बीड प्राप्ति की अंतिम तिथि एवं समय | 09.03.2023 के अपराह्न 3.30 बजे से |
| 5 | अग्रधन की राशि एवं परिमाण विपत्र का मूल्य (हार्ड कॉपी में) जमा करने की तिथि, समय एवं स्थान | 10.03.2023 को 3.30 बजे अपराह्न तक |
| 6 | निविदा खोलने की संभावित तिथि एवं समय | 11.03.2023 को 11.30 बजे पूर्वाह्न से |

निविदा की शेष शर्तें यथावत रहेंगी।

कार्यपालक अभियंता
पेयजल एवं स्वच्छता प्रमण्डल, लोहरदगा

PR.NO.291601 Lohardaga(22-23):D

**ODISHA SUB-ORDINATE STAFF SELECTION COMMISSION**
**ଓଡ଼ିଶା ଅଧସ୍ତନ କର୍ମଚାରୀ ଚୟନ ଆୟୋଗ**
ବ୍ଲକ ନଂ.: ୩ ଏବଂ ୫, ୟୁନିଟ୍ – ୧, ଭୁବନେଶ୍ୱର – ୭୫୧୦୦୯
ଦୂରଭାଷ: ୦୬୭୪–୨୫୯୭୧୪୯, ୨୫୯୭୧୫୨ (ଅଫିସ୍)
ଫାକ୍ସ: ୦୬୭୪–୨୫୯୭୧୫୫, ୱେବ୍‌ସାଇଟ୍: www.osssc.gov.in

**BIDDING**

No. IIE-60/2022-248/OSSSC Dated: 01.03.2023

**CANCELLATION OF BID NOTIFICATION NO. 1581/OSSSC DATED: 30TH SEPTEMBER, 2022**

No. T-256: The Bid Notification No. 1581/OSSSC dated 30th September 2022 of this Commission inviting interested bidders for selection of recruitment Service Provider is hereby cancelled since, no bidder has qualified in the Technical Bid. The EMD deposited in favour of OSSSC will be refunded to the unqualified bidders.

OIPR-09007/11/0056/2223 Sd./- Secretary

**OFFICE OF THE SUPERINTENDING ENGINEER, RWSS DIVISION, BERHAMPUR**
Near Jarada Bunglow, PIN - 760004, Ph.: 0680-2296344
eerwss_bam@nic.in, rwssbam@gmail.com

**Government of Odisha "e" Procurement Notice**
**NATIONAL COMPETITIVE BIDDING**
**Bid Identification No. SERWSSBAM-26/2022-23**

No. O-1929: The Superintending Engineer, RWS&S Division, Berhampur, Ganjam on behalf of Governor of Odisha invites Bids in Single Cover & Double Cover System according to the norm of "e" Procurement System in Online mode for Supply, Drawing, Design, Construction, Testing and Commissioning and Maintenance of different PWS Schemes and electrification works in Ganjam district from the eligibile contractors as per DTCN.

| | | |
|---|---|---|
| 1 | Name of the work | Execution of different works of different P.W.S. Scheme in Ganjam District |
| 2 | No. of Work (Tender) | 02 Nos. |
| 3 | Estimated Cost (Approximate) | From Rs.5.61 lakhs to Rs.83.77 lakhs |
| 4 | Period of Completion | From 45 days to 180 days |
| 5 | Date & time of availability of bid document in the portal | From 06.03.2023 at 11.00 hrs. to 14.03.2023 upto 17.00 hrs. |
| 6 | Last date & time for seeking clarification | 10.03.2023 upto 17.00 hrs. |
| 7 | Dt. of Opening of Bid | 15.03.2023 at 11.00 hrs. |
| 8 | Last date/time for receipt of bids in the portal | 14.03.2023 upto 17.00 hrs. |
| 9 | Name & address of the Officer Inviting Tender | Executive Engineer, RWSS Division, Near Jarada Bunglow, Berhampur - 760004, Dist.- Ganjam, Odisha |

Further details can be seen from the e-procurement portal **https://tendersorissa.gov.in**.

Sd./- Superintending Engineer
RWS&S Division, Berhampur

OIPR-25035/11/0019/2223

## ସଂକ୍ଷେପରେ

### ଦେବସ୍ମିତା ସାହୁ ଉତ୍କଳିକାର ନୂତନ ସଭାପତି

ଭୁବନେଶ୍ୱର,୧।୩ (ବ୍ୟୁରୋ)- ରାଜ୍ୟ ସରକାରଙ୍କ ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗ ଅଧୀନ ଓଡ଼ିଶା ରାଜ୍ୟ ସମବାୟ ହସ୍ତଶିଳ୍ପ ନିଗମ (ଉତ୍କଳିକା)ର ନବ ନିର୍ବାଚିତ ସଭାପତି ଓ ସଭ୍ୟମାନଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଛି। ସଭାପତି ଭାବେ ଦେବସ୍ମିତା ସାହୁ ଦାୟିତ୍ୱ ଗ୍ରହଣ କରଛନ୍ତି। ରସୁଲଗଡ଼ ଶିଳ୍ପାଞ୍ଚଳସ୍ଥିତ ଉତ୍କଳିକା ମୁଖ୍ୟ କାର୍ଯ୍ୟାଳୟଠାରେ ଆୟୋଜିତ ଏକ ସଭାରେ ଖଦି ବୋର୍ଡ ସଭାପତି ସଂଗ୍ରାମ କେଶରୀ ପାଇକରାୟ, ଉତ୍କଳିକାର ପରିଚାଳନା ନିର୍ଦ୍ଦେଶକ ତଥା ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗର ସ୍ୱତନ୍ତ୍ର ସଚିବ ସରୋଜ କୁମାର ପଟେଲ, ଉତ୍କଳିକାର ପରିଚାଳିକା ତଥା ବିଭାଗୀୟ ସଚିବ କଲ୍ୟାଣୀ ପଟ୍ଟନାୟକ ନୂତନ ଭାବେ ନିର୍ବାଚିତ ହୋଇଥିବା ସଭ୍ୟ, ବରିଷ୍ଠ ଶିଳ୍ପୀ ଓ କାରିଗରଙ୍କ ସମେତ ଉତ୍କଳିକାର ଅନ୍ୟ କର୍ମଚାରୀମାନେ ଉପସ୍ଥିତ ଥିଲେ।

### ନନ୍ଦନକାନନରେ ନୂଆ ଉପନିର୍ଦ୍ଦେଶକ

ବାରଙ୍ଗ,୧।୩(ଡି.ଏନ୍.ଏ.)- ନନ୍ଦନକାନନରେ ଉପନିର୍ଦ୍ଦେଶକ ଭାବେ ୨୦୧୨ ବ୍ୟାଚର ଜଙ୍ଗଲ ବିଭାଗର ଅଧିକାରୀ ସନତ୍ କୁମାର ଏନ୍ ବୁଧବାର ଦାୟିତ୍ୱ ଗ୍ରହଣ କରିଛନ୍ତି। ସେ ଆଗରୁ ବଣେଇରେ ଡିଏଫ୍ଓ ଭାବେ ସୁପର ରୂପେ ନିଜର ଦାୟିତ୍ୱ ନିର୍ବାହ କରିଥିଲେ। ଅସଜଡା ନନ୍ଦନକାନନକୁ ସଜାଡିବାରେ ସେ ମୁଖ୍ୟ ଭୂମିକା ଗ୍ରହଣ କରିବେ ବୋଲି କର୍ମଚାରୀ ଓ ସ୍ଥାନୀୟ ଜନସାଧାରଣ ବିଶ୍ୱାସ ରଖିଛନ୍ତି। ବିଗତ ଦିନରେ ଟେଣ୍ଡର ଫିକ୍ସିଂ ବିବାଦ, ପର୍ଯ୍ୟଟକମାନଙ୍କୁ ମାରଧର କରିବା, ବେଆଇନ ଭାବେ ପାର୍କିଂ ଆଦାୟ କରିବା, ବସଷ୍ଟାଣ୍ଡର ଉନ୍ନତ ନ ହେବା, ବଦଳି ପରେ ଡାକ୍ତର ସିଟ୍ ନ ଛାଡ଼ିବା ଆଦି ବିବାଦରେ ଛନ୍ଦି ହୋଇପଡିଥିବା ନନ୍ଦନକାନନର ସମ୍ମାନ ଅକ୍ଷୁଣ୍ଣ ରଖିବାରେ ଉଦ୍ୟମ କରିବେ ବୋଲି ଆଶା କରାଯାଉଛି। ତେବେ ପୂର୍ବତନ ଉପନିର୍ଦ୍ଦେଶକ ଡ. ସଞ୍ଜିତ କୁମାର ପଦୋନ୍ନତି ପାଇ ଆଞ୍ଚଳିକ ବନସଂରକ୍ଷକ ଭାବେ ଭୁବନେଶ୍ୱରକୁ ବଦଳି ହୋଇଛନ୍ତି।

### ପଡୋଶୀଙ୍କୁ ଆକ୍ରମଣ, ଯୁବକ ଗିରଫ

ଭୁବନେଶ୍ୱର,୧।୩(ବ୍ୟୁରୋ): ପଡୋଶୀଙ୍କୁ ଆକ୍ରମଣ ଅଭିଯୋଗରେ ମୈତ୍ରୀବିହାର ଥାନା ସମ୍ପୃକ୍ତ ବ୍ୟକ୍ତିଙ୍କୁ ଗିରଫ କରିଛି। ସେ ହେଲେ ସାଲିଆସାହିରେ ରହୁଥିବା କଟକ ଜିଲା ବାଙ୍କୀର ରଞ୍ଜିତ କୁମାର ବେହେରା। ଅଭିଯୋଗକାରୀ ଅଟୋ ଡ୍ରାଇଭର ଜଣକ ହେଉଛନ୍ତି ରଞ୍ଜିତର ପଡୋଶୀ। ଉଭୟ ସାଲିଆ ସାହି ଅନ୍ତର୍ଗତ ଶକ୍ତିବିହାରରେ ରୁହନ୍ତି। ପାରିବାରିକ କଳହ ଯୋଗୁ ଅଭିଯୁକ୍ତ ରଞ୍ଜିତଙ୍କ ସ୍ତ୍ରୀ ଗତ ଦୁଇଦିନ ତଳେ ଘର ଛାଡି ପଳାଇଛନ୍ତି । ଏହାକୁ ନେଇ ଅଭିଯୁକ୍ତ ରଞ୍ଜିତ ଅଭିଯୋଗକାରୀଙ୍କ ଅନୁସ୍ଥିତିରେ ତାଙ୍କ ସ୍ତ୍ରୀଙ୍କୁ ଗାଳି କରିବା ସହ ବେକ ଚିପି ଜୀବନରୁ ମାରିଦେବା ଲାଗି ଉଦ୍ୟମ କରିଥିଲେ । ଏହି ସମୟରେ ମହିଳାଙ୍କ ସ୍ୱାମୀ ପହଞ୍ଚିଯିବାରୁ ତାଙ୍କୁ ମଧ ଆକ୍ରମଣ କରିଥିଲେ।

# ନାଟ୍ ଟେଷ୍ଟିଂ ଲାବ୍ ସ୍ଥାପନ ଉପରେ ଗୁରୁତ୍ୱ

**ପ୍ରସୂତିଙ୍କୁ ଏଚ୍ଆଇଭି ସଂକ୍ରମିତ ରକ୍ତ ଦେବା ମାମଲା**

- ନିର୍ଦ୍ଦିଷ୍ଟ ସତ୍ୟପାଠ ଦେବାକୁ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ
- ମେ' ୧ରେ ପରବର୍ତ୍ତୀ ଶୁଣାଣି

କଟକ ଅଫିସ, ୧।୩

ଏଚ୍ଆଇଭି ସଂକ୍ରମଣ ରୋକିବା ନିମନ୍ତେ ରାଜ୍ୟର ରକ୍ତ ଭଣ୍ଡାରଗୁଡ଼ିକରେ ନ୍ୟୁକ୍ଲିକ୍ ଏସିଡ୍ ଆମ୍ପ୍ଲିକେଶନ ଟେଷ୍ଟିଂ(ନାଟ୍) ଲାବ୍ ସ୍ଥାପନ କରିବା ଉପରେ ହାଇକୋର୍ଟ ଗୁରୁତ୍ୱାରୋପ କରିଛନ୍ତି। ରାଜ୍ୟର ରକ୍ତଭଣ୍ଡାରଗୁଡ଼ିକରେ କେବେ ନାଟ୍ ଟେଷ୍ଟିଂ ଲାବ୍ ସ୍ଥାପନ କାର୍ଯ୍ୟ ଆରମ୍ଭ ହେବ ଓ କେବେ ଶେଷ ହେବ ସେନେଇ ନିର୍ଦ୍ଦିଷ୍ଟ ଭାବେ ସତ୍ୟପାଠ ମାଧ୍ୟମରେ ତଥ୍ୟ ଦେବାକୁ ରାଜ୍ୟ ସରକାରଙ୍କୁ ହାଇକୋର୍ଟ ବୁଧବାର ନିର୍ଦ୍ଦେଶ ଦେଇଛନ୍ତି। ମୁଖ୍ୟ ବିଚାରପତି ଏସ୍. ମୁରଲୀଧର ଓ ବିଚାରପତି ମୁରାହରି ଶ୍ରୀରମଣଙ୍କ ଖଣ୍ଡପୀଠ ଏ ସମ୍ପର୍କିତ ୨ଟି ମାମଲାର ଶୁଣାଣି କରିଥିଲେ। ଆସନ୍ତା ମେ' ୧ରେ ମାମଲାର ପରବର୍ତ୍ତୀ ଶୁଣାଣି ହେବ।

ଆବେଦନକାରୀ ଅମିତ ଅଭିଜିତ୍ ସାମଲଙ୍କ ମାମଲାରେ ହାଇକୋର୍ଟରେ ୨୦୨୨ ଡିସେମ୍ବର ୨୧ ତାରିଖ ଶୁଣାଣିରେ ଷ୍ଟେଟ୍ ବ୍ଲଡ୍ ଟ୍ରାନ୍ସଫ୍ୟୁଜନ୍ କାଉନସିଲ ନିର୍ଦ୍ଦେଶକଙ୍କ ପକ୍ଷରୁ ଆଗାମୀ ୩ ବର୍ଷ ମଧ୍ୟରେ ନାଟ୍ ଟେଷ୍ଟିଂ ଲାବ୍ ସ୍ଥାପନ କରାଯିବ ବୋଲି କୁହାଯାଇଥିଲା। ବାର୍ଷିକ ୧୦ ହଜାର ୟୁନିଟ୍ ରକ୍ତ ସଂଗ୍ରହ ହେଉଥିବା ରକ୍ତଭଣ୍ଡାରଗୁଡ଼ିକରେ ନାଟ୍ ଟେଷ୍ଟିଂ ଲାବ୍ ସ୍ଥାପନ ପାଇଁ ଦର୍ଶାଯାଇଥିଲା। ହେଲେ ହାଇକୋର୍ଟ ଏହାକୁ ଅଗ୍ରାହ୍ୟ କରିଥିଲେ। ଆଗାମୀ ୩ ମାସ ମଧ୍ୟରେ ଏହି ଲାବ୍ ସ୍ଥାପନ କାର୍ଯ୍ୟ ଆରମ୍ଭ କରାଯାଇ ୧ ବର୍ଷ ମଧ୍ୟରେ ଶେଷ କରିବା ନେଇ ମାର୍ଚ୍ଚ ୧ ତାରିଖ ଶୁଣାଣିରେ ସତ୍ୟପାଠ ଦାଖଲ କରିବାକୁ ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ଅତିରିକ୍ତ ପ୍ରମୁଖ ଶାସନ ସଚିବଙ୍କୁ ନିର୍ଦ୍ଦେଶ ଦେଇଥିଲେ। ତଦନୁସାରେ ରାଜ୍ୟ ସରକାରଙ୍କ ପକ୍ଷରୁ ସତ୍ୟପାଠ ମାଧ୍ୟମରେ ଦର୍ଶାଯାଇଥିଲା ଯେ, ୩ ମାସ ମଧ୍ୟରେ ଲାବ୍ ସ୍ଥାପନ ଆରମ୍ଭ ଓ ୧ ବର୍ଷ ମଧ୍ୟରେ ଶେଷ କରିବା ସମ୍ଭବପର ନୁହେଁ। ସରକାରଙ୍କ ଏଭଳି ତଥ୍ୟକୁ ନେଇ ହାଇକୋର୍ଟ ବିରକ୍ତି ପ୍ରକାଶ କରିବା ସହ ଲାବ୍ ନିର୍ମାଣର ଆରମ୍ଭ ଓ ଶେଷ ସମୟସୀମା ନେଇ ନିର୍ଦ୍ଦିଷ୍ଟ ଭାବେ ସତ୍ୟପାଠ ଦାଖଲ କରିବାକୁ ବୁଧବାର ନିର୍ଦ୍ଦେଶ ଦେଇଛନ୍ତି।

ସେହିପରି ଆଇନଜୀବୀ ପ୍ରବୀର କୁମାର ଦାସଙ୍କ ପକ୍ଷରୁ ଆଗତ ବାଣପୁର ଅଞ୍ଚଳର ଜଣେ ପ୍ରସୂତିଙ୍କୁ ଏଚ୍ଆଇଭି ସଂକ୍ରମିତ ରକ୍ତ ଦିଆଯିବା ମାମଲାରେ ପ୍ରତ୍ୟେକ ରକ୍ତଭଣ୍ଡାରରେ ପଲିମର ଚେନ୍ ରିଆକ୍ସନ ଟେଷ୍ଟ (ପିସିଆର) କରି ରକ୍ତ ପରୀକ୍ଷା କରାଯିବାକୁ ପ୍ରାର୍ଥନା କରାଯାଇଥିଲା। ଉପରୋକ୍ତ ମାମଲା ଓ ଏହି ମାମଲାର ଏକତ୍ର ଶୁଣାଣି ପାଇଁ ଫେବୃଆରୀ ୧ ତାରିଖ ଶୁଣାଣିରେ ହାଇକୋର୍ଟ ନିର୍ଦ୍ଦେଶ ଦେଇଥିଲେ। ଆବେଦନକାରୀ ହାଇକୋର୍ଟଙ୍କ ନିର୍ଦ୍ଦେଶ ମୁତାବକ ସମ୍ପୃକ୍ତ ଏଚ୍ଆଇଭି ସଂକ୍ରମିତ ମହିଳାଙ୍କ ସ୍ଥିତି ସଂକ୍ରାନ୍ତରେ ଜଣାଇଥିଲେ। ମହିଳା ଜଣକ ଅନ୍ୟ ଜଣେ ଏଚ୍ଆଇଭି ଆକ୍ରାନ୍ତ ପୁରୁଷଙ୍କୁ ୨୦୧୩ ଜୁଲାଇ ୨୧ରେ ଦ୍ୱିତୀୟ ବିବାହ କରି ଏକାଠି ରହୁଥିବା ସତ୍ୟପାଠରେ ଦର୍ଶାଯାଇଥିଲା।

ସୂଚନାଯୋଗ୍ୟ, ସମ୍ପୃକ୍ତା ପୀଡ଼ିତା ମହିଳା ୨୦୧୧ ନଭେମ୍ବରରେ ପ୍ରସବ ପାଇଁ ବାଣପୁର ଡାକ୍ତରଖାନାରେ ଭର୍ତ୍ତି ହୋଇଥିଲେ। କିନ୍ତୁ ତାଙ୍କ ଅବସ୍ଥା ଶୋଚନୀୟ ହେବାରୁ ତାଙ୍କୁ ଖୋର୍ଦ୍ଧା ଡାକ୍ତରଖାନାକୁ ପଠାଇ ଦିଆଗଲା। ସେଠାରେ ତାଙ୍କୁ ୨ ବୋତଲ ରକ୍ତ ଦିଆଯାଇଥିଲା। ପରବର୍ତ୍ତୀ ସମୟରେ ସେ ଅସୁସ୍ଥ ହେବାରୁ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି ହୋଇଥିଲେ। ସେଠାରେ ପରୀକ୍ଷାନିରୀକ୍ଷା ପରେ ୨୦୧୨ ଏପ୍ରିଲରେ ଜଣାପଡ଼ିଲା ଯେ ସେ ଏଚ୍ଆଇଭି ସଂକ୍ରମିତ ହୋଇଛନ୍ତି। ଏଥିସହ ତାଙ୍କ ନବଜାତ କନ୍ୟାର ମୃତ୍ୟୁ ଘଟିଥିଲା। ଏହି ଘଟଣାରେ ପୀଡ଼ିତାଙ୍କୁ ୧୦ ଲକ୍ଷ ଟଙ୍କା କ୍ଷତିପୂରଣ ଦିଆଯିବାକୁ ଆବେଦନକାରୀ ପ୍ରବୀର ଦାସ ନିବେଦନ କରିଥିଲେ।

# ଚନ୍ଦକାରେ ଯୁବକଙ୍କୁ ହତ୍ୟା

**ଜଣେ ଅଟକ, କାରଣ ଅସ୍ପଷ୍ଟ, ପୋଲିସର ଛାନ୍‌ଭିନ୍**

ଭୁବନେଶ୍ୱର,୧।୩(ବ୍ୟୁରୋ)

ରାଜଧାନୀ ଉପକଣ୍ଠରେ ବୁଧବାର ଅପରାହ୍ନ ୪ଟାରେ ଏକ ହତ୍ୟାକାଣ୍ଡ ଘଟିଛି। ଚନ୍ଦକା ଥାନା ଅନ୍ତର୍ଗତ ତୁଳସୀଦେଇପୁର ଏକ ଫାର୍ମ ହାଉସରେ ଜଣେ ଯୁବକଙ୍କୁ ଗାମୁଛାରେ ତଣ୍ଟି ଚିପି ହତ୍ୟା କରାଯାଇଛି। ମୃତକ ହେଲେ ଯାଜପୁର ଜିଲା ବରୀ ରାମଚନ୍ଦ୍ରପୁର ଥାନା ଅଞ୍ଚଳର ଦୀପକ କୁମାର ସ୍ୱାଇଁ । ଖବର ପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିଛି। ରାତି ହୋଇଯିବାରୁ ଘଟଣାସ୍ଥଳରେ ମୃତ ଦେହ ପଡ଼ି ରହିଛି। ଗୁରୁବାର ସାଇଣ୍ଟିଫିକ୍ ଟିମ୍ ଘଟଣାସ୍ଥଳରେ ପହଞ୍ଚିବା ପରେ ବ୍ୟବଚ୍ଛେଦ ପାଇଁ ପଠାଯିବ। ଏହି ଘଟଣାରେ ବାପି ଓରଫ ଶୁଭେନ୍ଦୁ ଦାସ ନାମକ ଜଣେ ଯୁବକଙ୍କୁ ଅଟକ ରଖି ପୋଲିସ ପଚରାଉଚରା କରୁଥିବା କହିଛି। ହତ୍ୟାର କାରଣ ଜଣାପଡ଼ି ନ ଥିବା ପୋଲିସ ସୂଚନା ଦେଇଛି।

ସୂଚନାନୁସାରେ ମୃତ ଦୀପକ ଓ ଶୁଭେନ୍ଦୁ ଉକ୍ତ ଫାର୍ମ ହାଉସରେ ଇଲେକ୍ଟ୍ରିସିଆନ ଭାବେ କାମ କରି ସେଠାରେ ରୁହନ୍ତି। ଉଭୟଙ୍କ ମଧ୍ୟରେ ମଙ୍ଗଳବାର କୌଣସି କାରଣକୁ ନେଇ ଗଣ୍ଡଗୋଳ ହୋଇଥିଲା। ଯୁକ୍ତିତର୍କ ହେବା ସହ ହାତାହାତି ହେବାରୁ ସ୍ଥାନୀୟ ଲୋକେ ସେମାନଙ୍କୁ ବୁଝାଶୁଝା କରିବା ପରେ ସ୍ଥିତି ଶାନ୍ତ ପଡ଼ିଥିଲା। ବୁଧବାର ଅପରାହ୍ନରେ ମଧ ଉଭୟଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ଏହାର କିଛି ସମୟ ପରେ ଦୀପକଙ୍କ ମୃତଦେହ ଫାର୍ମ ହାଉସରେ କେତେଜଣ ଲୋକେ ଦେଖି ଆଶ୍ଚର୍ଯ୍ୟ ହୋଇ ଯାଇଥିଲେ। ଏନେଇ ସେମାନେ ଚନ୍ଦକା ଥାନା ପୋଲିସକୁ ଖବର ଦେଇଥିଲେ। ଖବରପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିଥିଲା। ଅନ୍ୟପଟେ ଦୀପକଙ୍କୁ ହତ୍ୟା ସନ୍ଦେହରେ ତାଙ୍କ ପାଖରେ ରହୁଥିବା ସହଯୋଗୀ ବାପିଙ୍କୁ ପୋଲିସ ଅଟକ ରଖିଛି । ଏନେଇ ପୋଲିସ ଆଇପିସି ଦଫା ୩୦୨ରେ ଏକ ମାମଲା (ନଂ ୬୫/୨୩) ରୁଜୁ କରି ଘଟଣାର ଅଧିକ ତଦନ୍ତ ଚଳାଇଛି।

# ୨.୫ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ବ୍ୟବସାୟ



ଆଦିବାସୀ ମେଳାର ଉଦ୍‌ଯାପନୀ ଉତ୍ସବରେ ଅନ୍ୟ ଅତିଥିଙ୍କ ଉପସ୍ଥିତିରେ ମନ୍ତ୍ରୀ ଜଗନ୍ନାଥ ସାରକା ପୁରସ୍କାର ପ୍ରଦାନ କରୁଛନ୍ତି।

**ସରିଲା ଆଦିବାସୀ ମେଳା**

ଭୁବନେଶ୍ୱର,୧।୩(ବ୍ୟୁରୋ)

ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ ପକ୍ଷରୁ ଆଦିବାସୀ ପଡ଼ିଆରେ ଫେବୃୟାରୀ ୨୦ରୁ ଚାଲିଥିବା ରାଜ୍ୟସ୍ତରୀୟ ଆଦିବାସୀ ମେଳା ବୁଧବାର ଶେଷ ହୋଇଛି। ଏଥିରେ ମୋଟ ୨.୫୦ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ବେପାର ହୋଇଛି। ଉଦ୍‌ଯାପନୀ ଦିବସରେ ମୁଖ୍ୟ ଅତିଥି ଭାବେ ବିଭାଗୀୟ ମନ୍ତ୍ରୀ ଜଗନ୍ନାଥ ସାରକା ଯୋଗଦେଇ କହିଛନ୍ତି, ବିକାଶ ସହ ସଂସ୍କୃତିକୁ ଯୋଡି ଉନ୍ନୟନ କାର୍ଯ୍ୟ କରାଗଲେ ଯଥାର୍ଥ ବିକାଶ ସମ୍ଭବ ହୋଇପାରିବ। ଅନ୍ୟତମ ଅତିଥି ଭାବେ ଅନୁସୂଚିତ ଜନଜାତି ବ୍ୟାପାର ଉପଦେଷ୍ଟା ସରୋଜିନୀ ହେମ୍ବ୍ରମ୍, ସଂଖ୍ୟାଲଘୁ ବ୍ୟାପାର ଉପଦେଷ୍ଟା ତାହାରା ଖାତୁନ୍, ଅନ୍ୟାନ୍ୟ ପଛୁଆ ବର୍ଗ ବ୍ୟାପାର ଉପଦେଷ୍ଟା ପୃଥ୍ୱୀରାଜ ସାହୁଙ୍କ ସମେତ ବିଭାଗୀୟ କମିଶନର ରୂପା ରୋଶନ ସାହୁ ଏବଂ ସ୍ୱତନ୍ତ୍ର ଶାସନ ସଚିବ ବିଶ୍ୱରଞ୍ଜନ ସାସ୍ମଲ ତଥା ଓଟିଇଏଲ୍‌ପିର ପ୍ରକଳ୍ପ ନିର୍ଦ୍ଦେଶକ ପି. ଅର୍ଥନାରୀ ଉପସ୍ଥିତ ଥିଲେ। ଏସ୍‌ସିଏସ୍‌ଟିଆର୍‌ଟିଆଇ ନିର୍ଦ୍ଦେଶକ ଇନ୍ଦ୍ରମଣି ତ୍ରିପାଠୀ ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ଜନଜାତି କ୍ଷେତ୍ରରେ କୃତବିଦ୍ୟ ୧୮ଜଣ ପ୍ରତିଭାଧାରୀ ବ୍ୟକ୍ତିବିଶେଷଙ୍କୁ ସମ୍ମାନିତ କରାଯାଇଥିଲା। ସେମାନେ ହେଲେ ଭୀଷ୍ମନାରାୟଣ ଶବର, ପବିତ୍ର ଶବର, ସଦନ ପ୍ରଗଣିଆ, କ୍ଷିତୀଶଚନ୍ଦ୍ର ମାଝୀ, କୁମାରୀ ଜୈମିନୀ ଝାଙ୍କର, କୁଶାଳ ହେମ୍ବ୍ରମ, କୁମୁଦଚନ୍ଦ୍ର ପୁଝାରୀ, ଗୋପୀନାଥ ଶବର, ପ୍ରଦୀପ କହଁର, କ୍ଷୀରେଶ୍ୱରୀ କିଷାନ, ସୁଦାମ ବିଶି, ଦମୟନ୍ତୀ କୁମୁରା, କୁମାରୀ ସଙ୍ଗୀତା ମାଝୀ, ଜୟରାମ ଟୁଡୁ, ଗଣେଶ୍ୱର ହେମ୍ବ୍ରମ, ସନ୍ତୋଷ କୁମାର ସିଂହ, ଦିବ୍ୟରଞ୍ଜନ ଦାସ ଓ ଡ. ରାଜକୁମାର ନାଏକ। ଏଥିସହ ଓଡ଼ିଶା ପ୍ରଶାସନିକ ସେବାରେ କୃତିତ୍ୱ ହାସଲ କରିଥିବା ଏକଲବ୍ୟ ଆଦର୍ଶ ବିଦ୍ୟାଳୟ ସୁନ୍ଦରଗଡ଼ର ୪ଜଣ ପୂର୍ବତନ ଛାତ୍ର ସୂର୍ଯ୍ୟକାନ୍ତ ବରିହା, ସୁନୀତା ଓରାମ୍, କରମ୍ ଓରାମ୍ ଏବଂ ଅଞ୍ଜୁନି କୁଜୁରଙ୍କୁ ସମ୍ମାନିତ କରାଯାଇଥିଲା। ଏକାଡେମୀ ଦ୍ୱାରା ପ୍ରକାଶିତ ପତ୍ରିକା 'ବନଜା' ଉନ୍ମୋଚିତ ହୋଇଥିଲା । ଆଦିବାସୀ ମେଳାରେ ପ୍ରାଚୀନ ଜନଜାତିଙ୍କ ନମୁନା ଘର ପ୍ରଦର୍ଶନରେ ରାୟଗଡ଼ା ଜିଲା ଗୁଣୁପୁରର ଲାଞ୍ଜିଆ ସଉରା ଘର ପ୍ରଥମ, ନୂଆପଡ଼ା ଜିଲା ସୁନାବେଡ଼ାର ଚୁକୁଟିଆ ଭୂଞ୍ଜିଆ ଓ ଜମରଡିହିର ପାଉଡ଼ି ଭୂୟାଁ ଘର ଦ୍ୱିତୀୟ ଏବଂ କନ୍ଧମାଳ ଜିଲା ବେଲଘରର କୁଟିଆ କନ୍ଧ ଘର ତୃତୀୟ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଥିଲା।

# ଜେସିବି ଭଡା ଟଙ୍କାକୁ ନେଇ ବୋମାମାଡ

**ମୁଖ୍ୟ ଅଭିଯୁକ୍ତଙ୍କ ସମେତ ୫ ଗିରଫ**

ଭୁବନେଶ୍ୱର,୧।୩(ବ୍ୟୁରୋ): ଜେସିବି ମାଲିକ ଭଡା ଟଙ୍କା ମାଗିବାରୁ ତାଙ୍କ ଉପରକୁ ବୋମା ମାଡ଼ ହୋଇଛି। ମଙ୍ଗଳବାର ଘଟିଥିବା ଏହି ଘଟଣାରେ ଲକ୍ଷ୍ମୀସାଗର ଥାନା ପୋଲିସ ସଂପୃକ୍ତ ମୁଖ୍ୟ ଅଭିଯୁକ୍ତଙ୍କ ସମେତ ୫ ଜଣଙ୍କୁ ଗିରଫ କରି ବୁଧବାର କୋର୍ଟ ଚାଲାଣ କରିଛି। ସେମାନେ ହେଲେ ବମିଖାଲରେ ରହୁଥିବା ମୁଖ୍ୟ ଅଭିଯୁକ୍ତ ପାରାଦୀପର ପୁନ୍ ଓରଫ୍ ବିଜୟ ଭରତ ମହାପାତ୍ର, ଖୋର୍ଦ୍ଧା ଜିଲାର ଟିନା ଓରଫ୍ ସିଦ୍ଧାନ୍ତ ବେହେରା, ଦିପୁ ଓରଫ୍ ସୁଦିପ୍ତ ସାମନ୍ତରାୟ, ଜଗତ୍‌ସିଂପୁରର ତପୁ ଓରଫ୍ ଶୁଭମ୍ ଦାସ ଓ ବୋଲଗଡର ଦିବ୍ୟଜ୍ୟୋତି ରାଉତ। ଜାମିନ୍ ନାମଞ୍ଜୁର ହେବାରୁ ସମସ୍ତଙ୍କୁ ଜେଲ୍ ହାତକୁ ପଠାଇ ଦିଆଯାଇଛି। ଏଥିରେ ମୁଖ୍ୟ ଅଭିଯୁକ୍ତଙ୍କ ସହଯୋଗୀ ସାଗର ଫେରାର ଥିବାରୁ ତାଙ୍କୁ ଧରିବାକୁ ପୋଲିସ ତନାଘନା ଚଳାଇଛି। ସୂଚନାନୁସାରେ, ଅଭିଯୁକ୍ତ ବିଜୟ କଣ୍ଟ୍ରାକ୍ଟ କାମ କରୁଥିବାରୁ ଶକ୍ତିକାନ୍ତ ବାଟୁଙ୍କ ଜେସିବିକୁ ଭଡାକୁ ଆଣିଥିଲେ। ଭଡା ବାବଦକୁ ଶକ୍ତିକାନ୍ତ ଅଢେଇ ଲକ୍ଷ ଟଙ୍କା ଭଡା ବାବଦକୁ ବିଜୟଙ୍କୁ କହିଥିଲେ। ଏହାକୁ ନେଇ ଉଭୟଙ୍କ ମଧ୍ୟରେ କଥା କଟାକଟି ମଧ ହୋଇଥିଲା। ପରେ ଅଭିଯୁକ୍ତ ବିଜୟଙ୍କ ନିର୍ଦ୍ଦେଶକ୍ରମେ ସାଗର କିଛି ଅନ୍ୟ ସହଯୋଗୀଙ୍କୁ ଧରି ଓଡି-୩୩-ଏଏଚ୍-୦୨୬୩ ନମ୍ବର ଏକ କାରକୁ ଭଡା ସୂତ୍ରରେ ଆଣି ଶକ୍ତିକାନ୍ତଙ୍କ ସାଙ୍ଗ ଟୁଆଁକୁ ପିଛା କରି ଝାରପଡା ଓଭର ବ୍ରିଜ ନିକଟରେ ହୋଇଥିବା ବେଳେ ତାଙ୍କ କାରକୁ ଲକ୍ଷ କରି ୨ ଟି ବୋମା ପକାଇଥିଲେ। ଏଥିରେ ଟୁନାଙ୍କ କାର ଭାଙ୍ଗ ଯିବା ସହ ବାମ ହାତରେ ଆଘାତ ଲାଗିଥିଲା।

# ୪ରୁ କଳାଭୂମି ମହୋତ୍ସବ

ଭୁବନେଶ୍ୱର,୧।୩(ବ୍ୟୁରୋ)

ଆସନ୍ତା ୪ତାରିଖରୁ ରବୀନ୍ଦ୍ର ମଣ୍ଡପରେ ଆରମ୍ଭ ହେବ କଳାଭୂମି ମହୋତ୍ସବ। ଏଥିରେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିବେ। ଏହି ଅବସରରେ ୩ଜଣଙ୍କୁ କଳାଭୂମି ସମ୍ମାନ ପ୍ରଦାନ କରାଯିବ। ଜନସେବା କ୍ଷେତ୍ରରେ ଡ. ଅଚ୍ୟୁତ ସାମନ୍ତ, ଭାଷା ଓ ସାହିତ୍ୟ ଲାଗି ପ୍ରଦ୍ୟୁମ୍ନ ଶତପଥୀ ଓ ନୃତ୍ୟ ଏବଂ ସଙ୍ଗୀତ କ୍ଷେତ୍ରରେ ଗୁରୁ ରାମହରି ଦାସ ଏହି ସମ୍ମାନ ପାଇବେ। ପୁରସ୍କାର ବାବଦକୁ ପ୍ରତ୍ୟେକଙ୍କୁ ୧୫ହଜାର ଲେଖାଏ ଅର୍ଥରାଶି ପ୍ରଦାନ କରାଯିବ। ୨ଦିନ ଧରି ଚାଲିବାକୁ ଥିବା କାର୍ଯ୍ୟକ୍ରମରେ ସାଂସ୍କୃତିକ ଶାସ୍ତ୍ରୀୟ ନୃତ୍ୟ ସଙ୍ଗୀତର ସନ୍ଧ୍ୟା ମଧ ଆୟୋଜିତ ହେବ। ଯେଉଁଥିରେ ଓଡ଼ିଶା ତଥା ଓଡ଼ିଶା ବାହାରୁ ମଧ ଶାସ୍ତ୍ରୀୟ ଶିଳ୍ପୀମାନେ ଯୋଗଦେବେ। ଏହି ଅବସରରେ ଓସ୍ତାଦ ୱାସିମ ଅହମ୍ମଦ ଖାଁ ଶାସ୍ତ୍ରୀୟ ସଙ୍ଗୀତ, ସମର୍ପଣ କଥକ ନୃତ୍ୟ ସୃଜନର କଳାକାରମାନେ ଓଡ଼ିଶୀ ନୃତ୍ୟ, ହିନ୍ଦୁସ୍ଥାନୀ ପଖଜ ଓ ଓଡ଼ିଶୀ ମର୍ଦ୍ଦଳ ଗୁରୁରାଜ ଭକ୍ତରାଜ ଭୋସଲେ ଢୋଲ ମହୁରି ଆଦି ପରିବେଷଣ କରାଯିବ। ଏହାସହ କଳା, ସ୍ଥାପତ୍ୟ ଏବଂ ଟେରାକୋଟା ପ୍ରଦର୍ଶନୀ ଦକ୍ଷ କଳାକାରମାନଙ୍କୁ ନେଇ ପ୍ରଦର୍ଶନୀ କରିବାର ଆୟୋଜନ କରାଯିବ ବୋଲି ବୁଧବାର ଖବରଦାତା ସମ୍ମିଳନୀରେ ଅଧ୍ୟକ୍ଷ ପ୍ରମୋଦ କୁମାର ପତି କହିଛନ୍ତି। ଏହି ସମ୍ମିଳନୀରେ ଶ୍ରୀନିବାସ ଘଟୁଆରୀ ପ୍ରମୁଖ ଉପସ୍ଥିତ ଥିଲେ।




ଖବରଦାତା ସମ୍ମିଳନୀରେ କଳାଭୂମି ମହୋତ୍ସବ ସମ୍ପର୍କରେ ସୂଚନା ଦିଆଯାଉଛି।

# ପୁଅର ମୃତ୍ୟୁ ପରେ ଚକ୍ଷୁଦାନ କଲେ ପରିବାର

**ପୋଲିସ ଇଣ୍ଟରଭ୍ୟୁରେ ଅଚେତ ହୋଇପଡ଼ିଥିଲେ**

ଡେଲାଙ୍ଗ,୧।୩(ଡି.ଏନ୍.ଏ.)

ଡେଲାଙ୍ଗ ବ୍ଲକ ଅନ୍ତର୍ଗତ ଚାଇଁପୁର ପଞ୍ଚାୟତର ଗୋରଡାପିଢ଼ ଗ୍ରାମର ଅନିଲ ପରିଡା(୨୫)ଙ୍କ ମଙ୍ଗଳବାର ଅକାଳ ବିୟୋଗ ଘଟିଛି। ପରିବାର ଲୋକେ ପୁତ୍ରକୁ ହରାଇଥିବା ବେଳେ ବୁଧବାର ଚକ୍ଷୁଦାନ କରିଛନ୍ତି। ସୂଚନା ଅନୁଯାୟୀ, ଅନିଲ ଭୁବନେଶ୍ୱରସ୍ଥିତ ଓଏସ୍ଏପି କ୍ୟାମ୍ପସରେ ଏକ ଇଣ୍ଟରଭ୍ୟୁ ଦେବାକୁ ଯାଇଥିବା ବେଳେ ୧୬ଶହ ମିଟର ଦୌଡ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ଦୌଡ ପରେ ସେ ହଠାତ୍ ଅଚେତ ହୋଇଯିବା ପରେ ବିଭାଗୀୟ ଅଧିକାରୀମାନେ ତାଙ୍କୁ ଉଦ୍ଧାର କରି ଏକ ଘରୋଇ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସେଠାରେ ଚିକିତ୍ସା ପରେ ସାମାନ୍ୟ ସୁସ୍ଥ ଅନୁଭବ କରିବା ପରେ ତାଙ୍କ ଗଙ୍ଗପଡାସ୍ଥିତ ମାଉସୀ ଘରକୁ ସାଙ୍ଗମାନଙ୍କ ସହାୟତାରେ ଅଣାଯାଇଥିଲା। ସେଠାରେ ଏକ ଘଣ୍ଟା ବିଶ୍ରାମ ନେବା ପରେ ହଠାତ୍ ପୁଣି ଅଚେତ ହୋଇପଡ଼ିଥିଲେ। ସେଠାରୁ ତାଙ୍କ ମା' ଓ ସମ୍ପର୍କୀୟମାନେ ତାଙ୍କୁ କ୍ୟାପିଟାଲ ହସ୍ପିଟାଲ ଓ ପରେ ଏମ୍ସ ହସ୍ପିଟାଲକୁ ସ୍ଥାନାନ୍ତର କରିଥିଲେ। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଗ୍ରୀଷ୍ମପ୍ରବାହ ସମୟରେ ବିଭାଗୀୟ ଅଧିକାରୀଙ୍କ ତ୍ରୁଟିପୂର୍ଣ୍ଣ ଦୌଡ ଯୋଗୁ ଅନିଲଙ୍କ ବିୟୋଗ ଘଟିଥିବା ସ୍ଥାନୀୟ ଜନସାଧାରଣ ନିନ୍ଦା କରିଛନ୍ତି। ଅନିଲ ଏକ ଗରିବ ପରିବାରରେ ଜନ୍ମଗ୍ରହଣ କରିଥିବା ବେଳେ ବିଜ୍ଞାନ ବିଭାଗରେ ସ୍ନାତକୋତ୍ତର ଡିଗ୍ରୀ ହାସଲ କରିଥିଲେ। ତାଙ୍କ ବାପା ଜଣେ ଦିନମଜୁରିଆ ହୋଇଥିବାରୁ ସରକାରୀ ସହାୟତା ପାଇଁ ସ୍ଥାନୀୟ ଜନସାଧାରଣ ଦାବି କରିଛନ୍ତି। ପୁଅ ମୃତ୍ୟୁ ପରେ ଅନିଲଙ୍କ ମା' ଓ ବାପା ପ୍ରସନ୍ନ ପରିଡା ପୁଅର ଚକ୍ଷୁଦାନ ପାଇଁ ନିଷ୍ପତ୍ତି ନେଇ ଦାନ କରିଥିଲେ। ପରେ ପୂର୍ବତନ ସରପଞ୍ଚ ପ୍ରଦ୍ୟୁମ୍ନ ପରିଡାଙ୍କ ଉପସ୍ଥିତିରେ ଚକ୍ଷୁଦାନର ଏକ ପ୍ରମାଣ ପତ୍ର ଖଣ୍ଡଗିରି ଥାନା ଆଇଆଇସି ଦୟାନିଧି ନାୟକଙ୍କଠାରୁ ଗ୍ରହଣ କରିଛନ୍ତି। ପରେ ମୃତଦେହକୁ ଗ୍ରାମ ପରିକ୍ରମା କରାଯାଇ ପୁରୀ ସ୍ୱର୍ଗଦ୍ୱାରରେ ଦାହ କରାଯାଇଛି।

# ନବୀକରଣ ନାଁରେ ନଷ୍ଟ ହେଉଛି ଐତିହ୍ୟ

**କୋରାପୁଟର ବିଷ୍ଣୁ, ଜୈନ ମନ୍ଦିର**

- ସର୍ଭେ ବେଳେ ଇନ୍‌ଟାକ୍ ଟିମ୍ ନଜରରେ ପଡ଼ିଲା
- ନୂତନ ଢାଞ୍ଚା ପାଇଁ ପୁରାତନ ଶୈଳୀକୁ ଭାଙ୍ଗିଦିଆଯାଉଛି

ଭୁବନେଶ୍ୱର,୧।୩(ବ୍ୟୁରୋ):







କୋରାପୁଟର ପ୍ରାଚୀନ ସମୟର ଦୁଇଟି କଳିଙ୍ଗନ ମନ୍ଦିର ନବୀକରଣ ନାଁରେ ନଷ୍ଟ ହେଉଥିବା ଦେଖିବାକୁ ମିଳିଛି। ଜିଲା ମୁଖ୍ୟାଳୟଠାରୁ ପ୍ରାୟ ୪୫ କିଲୋମିଟର ଦୂରରେ ଥିବା କୁନ୍ଦୁରା ବ୍ଲକର ଗୋରହାଣ୍ଡିର ବିଷ୍ଣୁ ମନ୍ଦିର ଏବଂ ଫୁଫୁଗାଁରେ ଥିବା ଜୈନ ମନ୍ଦିରକୁ ରାଜ୍ୟ ପ୍ରତ୍ନତତ୍ତ୍ୱ ବିଭାଗ ଦ୍ୱାରା ନବୀକରଣ କରିବା ନାମରେ ନଷ୍ଟ କରିଦିଆଯାଇଥିବା ଗବେଷଣା ସଂସ୍ଥା ଇନ୍‌ଟାକ୍ ଓଡ଼ିଶା ଟିମ୍ ପକ୍ଷରୁ ଏକ ସର୍ଭେରୁ ଜଣାପଡ଼ିଛି। ବିଷ୍ଣୁ ମନ୍ଦିରଟି ପ୍ରାୟତଃ ଷଷ୍ଠ ଶତାବ୍ଦୀ ସମୟର ହୋଇଥିବା ବେଳେ ସେହି ସମୟରେ ଅଞ୍ଚଳରେ ନାଳା ରାଜବଂଶଙ୍କ ଶାସନ ଚାଲିଥିଲା। ଏହା ପୁଷ୍କର ନାଳା ଦ୍ୱାରା ନିର୍ମିତ ହୋଇଥିବାର ଇନ୍‌ଟାକ ପକ୍ଷରୁ କୁହାଯାଇଛି। ସେହି ସମୟରେ ଏହା ଏକ ରେଖା ଭିମାନ ସହିତ ପ୍ରାରମ୍ଭିକ କଳିଙ୍ଗନ କ୍ରମର ଛୋଟ ମନ୍ଦିର ଥିଲା।

ଇନ୍‌ଟାକର ପ୍ରକଳ୍ପ ସଂଯୋଜକ ତଥା ବିଶିଷ୍ଟ ଐତିହାସିକ ଅନିଲ ଧୀରଙ୍କ ସମେତ ଗବେଷକ ଦୀପକ କୁମାର ନାୟକ, ବିକ୍ରମ ନାୟକ, କୋରାପୁଟର ସଦସ୍ୟ ସଞ୍ଜୀବ ହୋତା, ଏବଂ ଅଜିତ ପାତ୍ରଙ୍କୁ ନେଇ ଗଠିତ ଏକ ଟିମ୍ ନିକଟରେ କୋରାପୁଟରେ ଏକ ଐତିହ୍ୟ ସର୍ଭେ କରିବା ସମୟରେ ଏହା ନଜରକୁ ଆସିଥିଲା। ଜିଲା ପ୍ରଶାସନ ପକ୍ଷରୁ ଉକ୍ତ ୨ମନ୍ଦିରକୁ ସଂରକ୍ଷଣ କରାଯାଇ ମରାମତି ସହ ପୁନରୁଦ୍ଧାର କରାଯାଉଛି। ହେଲେ ଉକ୍ତ ପୁରାତନ ବିଷ୍ଣୁ ମନ୍ଦିରଟି ନଷ୍ଟ ହୋଇଯାଇଥିବା ବେଳେ ନୂତନ ଡାଞ୍ଚାରେ କରିବା ପାଇଁ ପ୍ରାଚୀନ ଗଠନ ଶୈଳକୁ ଭାଙ୍ଗି ଦିଆଯାଇଛି। ପୂର୍ବ ମନ୍ଦିରର ସମସ୍ତ ଖୋଦେଇ ଓ ଅଳଙ୍କାର ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଥିଲା। ଯାହାସବୁ ନୂତନ ଶୈଳୀରେ ମନ୍ଦିର ଗଠନ କରାଯାଉଛି, ତାହା ପୂର୍ବ ମନ୍ଦିର ସହିତ କୌଣସି ସମାନତା ରହୁ ନ ଥିଲା। ଏପରିକି ପୁରାତନ ଚତୁର୍ଭୁଜ ବିଷ୍ଣୁ ପ୍ରତିମୂର୍ତ୍ତିକୁ ପୁରାତନ ମନ୍ଦିରରୁ ହଟାଇ ଅବହେଳିତ ଭାବେ ଖୋଲା ସ୍ଥାନରେ ରଖାଯାଇଥିଲା। କେବଳ ଦୁଇଟି ଖୋଦିତ କବାଟ ବ୍ୟତୀତ ଅନ୍ୟ ସାଜସଜ୍ଜା ମୂର୍ତ୍ତି ନଷ୍ଟ ହୋଇଯାଇଛି। ସେହିପରି ବିଶିଷ୍ଟ ଗଜଲକ୍ଷ୍ମୀ ମୂର୍ତ୍ତି ସହିତ କବାଟ ଦ୍ୱାର ପରିତ୍ୟକ୍ତ ଅବସ୍ଥାରେ ପଡ଼ିଛି। ଏଥିସହ କିଛି ପ୍ରାଚୀନ ପଥରଗୁଡ଼ିକୁ ସ୍ଥାନୀୟ ଲୋକ ନେଇଯାଇଥିବା ଜଣାପଡ଼ିଥିଲା। ସେହିଭଳି ବିଷ୍ଣୁ ମନ୍ଦିରଠାରୁ ମାତ୍ର ୩ କି.ମି. ଦୂରରେ ଥିବା ଫୁଫୁଗାଁର ଜୈନ ମନ୍ଦିରରେ ମଧ ଅଧା ମରାମତି ହୋଇଛି। ଏହି ମନ୍ଦିର ମଧ ଏକ ପ୍ରାରମ୍ଭିକ କଳିଙ୍ଗନ ସମୟର, ଯାହାକି ଷଷ୍ଠ-ସପ୍ତମ ଶତାବ୍ଦୀରେ ନିର୍ମିତ ହୋଇଥାଇପାରେ। ଏଠାରେ ମଧ ମୂଳ ଗଠନକୁ ଭାଙ୍ଗି ଦିଆଯାଇଥିବାବେଳେ ପଥର ଖଣ୍ଡଗୁଡ଼ିକ ବିପର୍ଯ୍ୟସ୍ତ ହୋଇପଡ଼ିଛି। ପୁନରୁଦ୍ଧାର ନାମରେ ଉଭୟ ମନ୍ଦିର କିପରି ନଷ୍ଟ ହୋଇଯାଇଛି ତାହା କାର୍ଯ୍ୟରୁ ସ୍ପଷ୍ଟ ଉଲ୍ଲେଖ ହେଉଛି।

ଏ ସମ୍ପର୍କରେ ଇନ୍‌ଟାକ ମୁଖ୍ୟ ସଂଯୋଜକ ଅନିଲ ଧୀର କହିଛନ୍ତି, କୌଣସି ପ୍ରତ୍ନତତ୍ତ୍ୱବିତ୍ କିମ୍ବା ଐତିହ୍ୟ ବିଶେଷଜ୍ଞ ପୁରାତନ ସଂରଚନାକୁ ଭାଙ୍ଗି ସେହି ସ୍ଥାନରେ ଏକ ନୂତନ ନିର୍ମାଣ କରିବେ ନାହିଁ। ଉଭୟ ପୁରାତନ ମନ୍ଦିରଗୁଡିକ ପୁନରୁଦ୍ଧାର ଯୋଗ୍ୟ ଅବସ୍ଥାରେ ଥିଲା ଏବଂ ସେମାନଙ୍କର ମୂଳ ରୂପରେ ସଂରକ୍ଷିତ ହୋଇଥାନ୍ତା। ବାସ୍ତବରେ, ପୁରାତନ ମନ୍ଦିରଗୁଡିକ ଅକ୍ଷୁଣ୍ଣ ରହିବା ଉଚିତ ଏବଂ ନୂତନ ସଂରଚନା ଯେଉଁଠାରେ ଚିତ୍ର, ପ୍ରାଚୀନ ପଥରଗୁଡ଼ିକ ସୁରକ୍ଷିତ ରଖିବା ଆବଶ୍ୟକ। ସେହିଭଳି ଗବେଷକ ଦୀପକ ନାୟକ କୁହନ୍ତି, ଅର୍ଦ୍ଧ-କୁଶଳୀ ବ୍ୟକ୍ତିଙ୍କ ଦ୍ୱାରା ସଂରକ୍ଷଣ କାର୍ଯ୍ୟ କରାଯାଉଛି। ଏହି କାର୍ଯ୍ୟକୁ କୌଣସି ପ୍ରତ୍ନତତ୍ତ୍ୱ ବିଶେଷଜ୍ଞ କରି ନ ଥିବା ଜଣାପଡୁଛି। ଦୁଇଟି ପ୍ରାଚୀନ ପଥର ମନ୍ଦିର ଭାଙ୍ଗିବା ଦୁଃଖଦ ଘଟଣା। ବାସ୍ତବରେ ଯାହା ୧୪ ଶତାବ୍ଦୀରୁ ଅଧିକ ସମୟ ଧରି ବଞ୍ଚି ରହିଥିଲା, ତାହା ସଂରକ୍ଷଣ ନାମରେ ନଷ୍ଟ କରାଯାଉଛି। ଅନ୍ୟପଟେ ସଞ୍ଜୀବ ହୋତା ଏହା ଉପରେ ଏକ ରିପୋର୍ଟ ପ୍ରସ୍ତୁତ କରିଛନ୍ତି ଏବଂ ପୁନରୁଦ୍ଧାର କାର୍ଯ୍ୟ ପାଇଁ କର୍ତ୍ତୃପକ୍ଷଙ୍କୁ ଲେଖିଛନ୍ତି। ଅଜିତ ପାତ୍ର କହିଛନ୍ତି, ଜିଲାର ସମଗ୍ର ଐତିହ୍ୟକୁ ଦଲିଲ କରିବା ପାଇଁ ଇନ୍‌ଟାକର କୋରାପୁଟ ଦଳ ଖୁବ୍‌ଶୀଘ୍ର ଏକ ପ୍ରକଳ୍ପ ଆରମ୍ଭ କରିବ। ସମୃଦ୍ଧ ଜୈନ ସ୍ମାରକୀ ଏବଂ ପ୍ରାଥମିକ ଅବଧି ଐତିହ୍ୟ ସଂରଚନା ଏପର୍ଯ୍ୟନ୍ତ ଠିକ ତାଲିକାଭୁକ୍ତ ହୋଇନାହିଁ। ଏ ନେଇ କୁନ୍ଦୁରା ବିଡିଓ ସନ୍ଧ୍ୟା ସମରଥ କୁହନ୍ତି, କୌଣସି ଐତିହ୍ୟ ନଷ୍ଟ କରିବା ଉଦ୍ଦେଶ୍ୟ ନୁହେଁ। ମନ୍ଦିର ଜରାଜୀର୍ଣ୍ଣ ଅବସ୍ଥାରେ ଥିବାରୁ ଏହାର ନବୀକରଣ କରାଯାଉଛି। ଶ୍ରଦ୍ଧାଳୁଙ୍କ ଭିଡ଼ ହେଉଥିବାରୁ ପୁନରୁଦ୍ଧାର କରିବାକୁ ଅଞ୍ଚଳବାସୀ ଦାବି କରିଥିଲେ ବୋଲି ସେ କହିଛନ୍ତି। ଅନ୍ୟପଟେ ଐତିହାସିକ କିମ୍ବଦନ୍ତୀ ବହନ କରୁଥିବା ଜୈନ ମନ୍ଦିର ଓ ବିଷ୍ଣୁ ମନ୍ଦିର ଭଗ୍ନ ଅବସ୍ଥାରେ ଥିଲା। ଏବେ ପ୍ରଶାସନ ନବୀକରଣ କରୁଛନ୍ତି। କିନ୍ତୁ ଯେପରି ଐତହ୍ୟ, କୀର୍ତ୍ତିରାଜି ନଷ୍ଟ ନ ହେବ ସେଥିପ୍ରତି ଧ୍ୟାନ ଦିଆଯାଉ ବୋଲି ଫୁଫୁଗାଁର ତ୍ରିନାଥ ହରିଜନ କହିଛନ୍ତି।

## ସଂକ୍ଷେପରେ

### ୩ ବଖରା ଜଳିଗଲା

ବେଗୁନିଆ,୧।୩(ଡି.ଏନ୍.ଏ.): ବେଗୁନିଆ ତହସିଲ ରାଉତପଡ଼ା ପଞ୍ଚାୟତ ଅନ୍ତର୍ଗତ କୋତଲାଙ୍ଗ ଟାଙ୍ଗୀସାହିରେ ବୁଧବାର ଅଗ୍ନିକାଣ୍ଡ ଘଟି ଗୋଟିଏ ପରିବାରର ୩ ବଖରା ଜଳିଯାଇଛି। ଗ୍ରାମର ଚଞ୍ଚଳା ସାମନ୍ତରାୟଙ୍କ ଘର ଜଳିଯିବା ସହ ଲକ୍ଷାଧିକ ଟଙ୍କାର ଆସବାବପତ୍ର ଓ ଖାଦ୍ୟ ସାମଗ୍ରୀ ପୋଡ଼ି ପାଉଁଶ ହୋଇଯାଇଥିବା ପ୍ରାଥମିକ ଆକଳନରୁ ଜଣାପଡିଛି। ବେଗୁନିଆ ଅଗ୍ନିଶମ କର୍ମଚାରୀ ପହଞ୍ଚି ଗ୍ରାମବାସୀଙ୍କ ସହାୟତାରେ ନିଆଁକୁ ଆୟତ୍ତ କରିଥିଲେ। ବେଗୁନିଆ ଆର୍‌ଆଇ ଓ ସମିତିସଭ୍ୟ ପହଞ୍ଚି ବିପନ୍ନ ପରିବାରଙ୍କୁ ଭେଟି ଆଲୋଚନା କରିଥିଲେ। ଅନ୍ୟପକ୍ଷରେ ବିପନ୍ନ ପରିବାରଙ୍କୁ ତୁରନ୍ତ ସରକାରୀ ସହାୟତା ଯୋଗାଇଦେବାକୁ ସାଧାରଣରେ ଦାବି ହେଉଛି।

### ରାସ୍ତାକଡ଼ରୁ ମୃତଦେହ ଜବତ

ଜଟଣୀ,୧।୩(ଡି.ଏନ୍.ଏ.): ଜଟଣୀ ଥାନା ଅଧୀନ ସୀତାରାମ ଛକସ୍ଥିତ ବାଇକ୍ ଶୋ'ରୁମ ସମ୍ମୁଖ ରାସ୍ତା କଡ଼ରେ ବୁଧବାର ଜଣେ ବ୍ୟକ୍ତି ପଡ଼ିଥିବା ସ୍ଥାନୀୟ ଲୋକେ ଦେଖିବାକୁ ପାଇଥିଲେ। ୧୦୮ ଆମ୍ବୁଲାନ୍ସ ପହଞ୍ଚି ବ୍ୟକ୍ତିଙ୍କୁ ଉଦ୍ଧାର କରି ଜଟଣୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବରପାଇ ପୋଲିସ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲା। ତେବେ ମୃତ ବ୍ୟକ୍ତିଙ୍କ ପରିଚୟ ମିଳିପାରି ନାହିଁ। ଏନେଇ ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ.୧୧/୨୩)ରୁଜୁ ହୋଇଥିବା ଆଇଆଇସି ସୌମ୍ୟକାନ୍ତ ବଳିୟାରସିଂହ ସୂଚନା ଦେଇଛନ୍ତି।

### ବଜେଟ-୨୩ ସମ୍ପର୍କିତ ଆଲୋଚନାଚକ୍ର

ଖୋର୍ଦ୍ଧା ଅଫିସ,୧।୩
ପ୍ରାଣନାଥ ସ୍ୱୟଂଶାସିତ ମହାବିଦ୍ୟାଳୟ ଅର୍ଥନୀତି ବିଭାଗ ଆନୁକୂଲ୍ୟରେ ସାଧାରଣ ବଜେଟ-୨୩ ସମ୍ପର୍କିତ ଏକ ଆଲୋଚନାଚକ୍ର କ୍ୟାମ୍ପସ ପରିସର ମୈତ୍ରୀ ଭବନରେ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଭୁବନେଶ୍ୱରର ଏକ ଘରୋଇ ଶିକ୍ଷାନୁଷ୍ଠାନ ସହଯୋଗରେ ଅନୁଷ୍ଠିତ ଏହି ଆଲୋଚନାଚକ୍ରରେ ମହାବିଦ୍ୟାଳୟର ଅଧକ୍ଷା ଡ.ଅଜନ୍ତା ଶତପଥୀ ଅଧକ୍ଷତା କରିଥିଲେ। ଡ.ଗଙ୍ଗାଧର ମିଶ୍ର ଓ ସହକାରୀ ପ୍ରଫେସର ସନ୍ଧ୍ୟାଦର୍ଶନ ଦାସ ପ୍ରମୁଖ ବଜେଟ ସମ୍ପର୍କରେ ଆଲୋକପାତ କରିଥିଲେ। ବିଭାଗୀୟ ମୁଖ୍ୟ ମାଧବଚନ୍ଦ୍ର ବଜେଟ ଆଭିମୁଖ୍ୟ ଓ କାର୍ଯ୍ୟକାରିତା ସମ୍ବନ୍ଧରେ ଆଲୋକପାତ କରିଥିଲେ। ପ୍ରଫେସର ଜିତେନ୍ଦ୍ର ନନ୍ଦ, ପୂର୍ବତନ କୁଳପତି ମେଜର କ୍ଷୀରୋଦ ପ୍ରସାଦ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ବିଭାଗୀୟ ଛାତ୍ରୀଛାତ୍ର ଓ ଅଧାପିକା, ଅଧାପକ ମଧ ଉପସ୍ଥିତ ଥିଲେ। ପ୍ରାଧାପକ ଶୁଭେନ୍ଦୁ ମହାନ୍ତି ସଂଯୋଜନା କରିଥିବା ବେଳେ ପ୍ରାଧାପିକା ସ୍ନେହଲତା ମିଶ୍ର ଧନ୍ୟବାଦ ଦେଇଥିଲେ। ବିଭାଗୀୟ ଅଧାପକ ଡ.ତପସ୍ୱିନୀ ନାୟକ, ପ୍ରାଧାପକ ସୁନିଲ ରଞ୍ଜନ କର, ଡ.ଚକ୍ରଧର ବଳ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ସରିଲା ଟୋକନ ଅବଧି, ଧାନ ଉଠିଲାନି

- ପ୍ରତିଶ୍ରୁତି ଦେଇ ଯୋଗାଣ ବିଭାଗ ନୀରବଦ୍ରଷ୍ଟା
- ଚାଷୀ ହଇରାଣ, ଟାର୍ଗେଟ ଦେବାକୁ ଦାବି

ଖୋର୍ଦ୍ଧା ଅଫିସ,୧।୩


ଅଭିଯୋଗପତ୍ର ଦେବାକୁ ଆସିଥିବା ବେଗୁନିଆ ଗଡ଼ମାଣତିର ଅଞ୍ଚଳର ଚାଷୀମାନେ।

ଖୋର୍ଦ୍ଧା ଜିଲା ବେଗୁନିଆ ବ୍ଲକ ଗଡ଼ମାଣତିର ସେବା ସମବାୟ ସମିତିରେ ପଞ୍ଜୀକୃତ ଚାଷୀ ମଣ୍ଡିରେ ଧାନବିକ୍ରିର ଅବ୍ୟବସ୍ଥା ନେଇ ଜିଲାପାଳଙ୍କ କାର୍ଯ୍ୟାଳୟ ଘେରାଉ କରିବା ସହ ଦାବିପତ୍ର ପ୍ରଦାନ କରିଥିଲେ। ଟୋକନ ଅବଧି ସରି ଆସୁଥିବା ବେଳେ ଟାର୍ଗେଟ ନ ଥିବାରୁ ଚାଷୀ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଅନ୍ୟପଟେ ଟାର୍ଗେଟ ଦିଆଯିବ ବୋଲି ପ୍ରତିଶ୍ରୁତି ଦେଇ ଯୋଗାଣ ବିଭାଗ ନୀରବଦ୍ରଷ୍ଟା ସାଜିଛି। ଫଳରେ ଚାଷୀ ଖରାରେ ବସ୍ତା ଧରି ମଣ୍ଡିରେ ବସି ନିରାଶ ହୋଇ ଫେରୁଛନ୍ତି। ଏହି ସମିତି ଅଧୀନରେ ୧୬୩ ଚାଷୀଙ୍କ ମୋବାଇଲକୁ ଧାନବିକ୍ରି ଲାଗି ମେସେଜ ଆସିଥିଲା। ପୂର୍ବରୁ ଦିଆଯାଇଥିବା ଟୋକନ ବୁଧବାର ଲାପ୍ସ ହୋଇଗଲା। ଉକ୍ତ ପାକ୍ସରେ ଆବଶ୍ୟକ ୫ହଜାର ୬ଶହ କୁଇଣ୍ଟାଲ ଟାର୍ଗେଟ ଦିଆଗଲେ ଚାଷୀ ଉପକୃତ ହେବେ। ଦାବିପତ୍ର ପ୍ରଦାନ ବେଳେ ଏକାଧିକ ଚାଷୀ ଉପସ୍ଥିତ ଥିଲେ।

ପ୍ରକାଶ ଯେ, ବିଗତ ବର୍ଷ ଭଳି ଚଳିତ ବର୍ଷ ମଧ ଧାନକିଣାରେ ଜିଲାରେ ଅଚଳାବସ୍ଥା ଜାରି ରହିଛି। ଧାନର ମାନ ଏଫ୍ଏକ୍ୟୁ ରହିଥିବା ବେଳେ ଆରମ୍ଭରୁ କଟନିଛଟନିକୁ ଚାଷୀ ବିରୋଧ କରିଥିଲେ। ବିଭିନ୍ନ ସ୍ଥାନରୁ ଚାଷୀଙ୍କ ଅଭିଯୋଗ ପରେ କେତେକ ସ୍ଥାନରେ ଜିଲାପାଳ ସ୍ଥିତି ପରଖିଥିଲେ। ତଥାପି ବ୍ୟବସ୍ଥାରେ କୌଣସି ସୁଧାର ଆସିଲା ନାହିଁ। ପରବର୍ତ୍ତୀ ସମୟରେ କଟନିଛଟନି, ଟାର୍ଗେଟ ନ ଥିବା, ଟୋକନ ଲାପ୍ସକୁ ନେଇ ବିଭିନ୍ନ ଚାଷୀ ସଙ୍ଗଠନ ରାଜରାସ୍ତାକୁ ଓହ୍ଲାଇଥିଲେ। ଏପରିକି ନବ ନିର୍ମାଣ କୃଷକ ସଙ୍ଗଠନ ଧାନବସ୍ତା ଧରି ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଧସେଇ ପଶିବାକୁ ଉଦ୍ୟମ କରିଥିଲେ। ଭାଜପା କୃଷକ ମୋର୍ଚ୍ଚା ପକ୍ଷରୁ ଧାନକିଣାରେ ଅବ୍ୟବସ୍ଥା ଏବଂ ଚାଷୀଙ୍କ ଆକାଉଣ୍ଟକୁ ଟଙ୍କା ନ ଆସିବା ପ୍ରତିବାଦରେ ଜିଲାସ୍ତରରେ ବିକ୍ଷୋଭ ସହ ରାଜ୍ୟ ଯୋଗାଣ ବିଭାଗ କାର୍ଯ୍ୟାଳୟ ଘେରାଉ କରିଥିଲେ। ତେବେ ସ୍ଥିତିରେ କୌଣସି ସୁଧାର ଆସିନାହିଁ। ଗତ ଫେବୃୟାରୀ ୧୫ରୁ ଅଦ୍ୟାବଧି ଜିଲାର ବିଭିନ୍ନ ପାକ୍ସରୁ ଚାଷୀ ଦୈନିକ ଜିଲାପାଳଙ୍କ କାର୍ଯ୍ୟାଳୟ ଦୌଡୁଛନ୍ତି। ଚାଷୀଙ୍କ ପକ୍ଷରୁ ଅଭିଯୋଗ ହେଉଥିବା ବେଳେ ପ୍ରଶାସନ ପକ୍ଷରୁ ପ୍ରତିଶ୍ରୁତି ଦିଆଯାଉଛି। ତେବେ କୌଣସି ପଦକ୍ଷେପ ଗ୍ରହଣ କରାଯାଉନାହିଁ। ଫଳରେ ଚାଷୀ ହଇରାଣ ହେବା ଅଭାବ ବିକ୍ରିର ସମ୍ମୁଖୀନ ହେଉଛନ୍ତି। ସେପଟେ ମଣ୍ଡି ମିଲର୍ସଙ୍କ ମନମାନିରେ ଚାଲିଛି। ମିଲର୍ସ ଚାହିଁଲେ ଧାନ ଉଠାଯାଉଛି, ନ ହେଲେ ନାହିଁ। ଚଳିତବର୍ଷ ବହୁ ପ୍ରତିକୂଳ ପରିସ୍ଥିତି ସତ୍ତ୍ୱେ ଧାନ ଫସଲ ଭଲ ହୋଇଛି। ଧାନ ବିକ୍ରି ନେଇ ଚାଷୀ ଧାର୍ଯ୍ୟ ତାରିଖରେ ମଣ୍ଡିରେ ପଡି ରହୁଛନ୍ତି। ତେବେ ଟାର୍ଗେଟ ନ ଥିବା କହି ପାକ୍ସ ସମ୍ପାଦକ ଫେରାଉଛନ୍ତି। ଅନ୍ୟପଟେ ଏହାର ସୁଯୋଗ ନେଇ ଆନ୍ଧ୍ରବେପାରୀ ଗାଁରେ ପଶି କମ୍ ମୂଲ୍ୟରେ ଧାନ କିଣି ନେଉଛନ୍ତି। ଟାର୍ଗେଟ ନ ଥିବାରୁ ଚାଷୀଙ୍କ ଧାନ କିଣାଯାଉନଥିବା ବେଳେ ଜିଲାର ଏକାଧିକ ମିଲ୍‌ରେ ଧାନ ଗଚ୍ଛିତ ଥିବା ନେଇ ଚାଷୀ ସଙ୍ଗଠନମାନେ ପ୍ରଶ୍ନ ଉଠାଇଛନ୍ତି। ଏନେଇ ନବ ନିର୍ମାଣ କୃଷକ ସଙ୍ଗଠନ ଜିଲା ସଂଯୋଜକ ସୁରେଶ ମାନସିଂ କୁହନ୍ତି, ଚଳିତ ବର୍ଷ ଧାନକିଣାରେ ବ୍ୟାପକ ଅବ୍ୟବସ୍ଥା ରହିଛି। ଯୋଗାଣ ବିଭାଗ ଅବହେଳାରୁ ମଣ୍ଡିରେ ଅଚଳାବସ୍ଥା ସୃଷ୍ଟି ହୋଇଛି। ଚାଷୀ ଦହଗଞ୍ଜ ହେଉଥିବା ବେଳେ ଅସାଧୁ କର୍ମଚାରୀ ଏବଂ ମିଲ୍ ମାଲିକମାନେ ମାଲାମାଲ ହେଉଛନ୍ତି। ସେହିପରି ଭାଜପା କୃଷକ ନେତା ଶ୍ରୀରଞ୍ଜନ ମଙ୍ଗରାଜ କହିଛନ୍ତି, ସରକାର ଚାଷୀ ଓ ଚାଷ କାର୍ଯ୍ୟର ବିକାଶ ଲାଗି ଡିଣ୍ଡିମ ପିଟୁଛନ୍ତି। ତେବେ ଚାଷୀଙ୍କ ପାଇଁ ସରକାର କୁମ୍ଭୀର କାନ୍ଦଣା କରୁଛନ୍ତି। ଅନ୍ୟପକ୍ଷରେ ଏନେଇ ଯୋଗାଣ ଅଧିକାରୀ ସୁଗୁଡା ମୁର୍ମୁ କହିଛନ୍ତି, ଚାଷୀଙ୍କ ସମସ୍ୟା ପ୍ରତି ଅବଗତ ରହିଛି। ଆବଶ୍ୟକ ଟାର୍ଗେଟ ଲାଗି ବିଭାଗୀୟ କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରାଯାଇଛି। ସମସ୍ୟାର ସମାଧାନ ପ୍ରତି ଗୁରୁତ୍ୱ ଦିଆଯାଉଛ ବୋଲି ସେ କହିଛନ୍ତି।

## ପରୀକ୍ଷା ଦେଲେ ୨୨୧୦ ବିଦ୍ୟାର୍ଥୀ

ଗମ୍ଭାରୀମୁଣ୍ଡା/ ବାଣପୁର, ୧।୩(ଡି.ଏନ୍.ଏ.)

ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ (ସିଏଚ୍ଏସ୍ଇ) ଦ୍ୱାରା ପରିଚାଳିତ ଯୁକ୍ତ୨ ପରୀକ୍ଷା ବୁଧବାର ଠାରୁ ଆରମ୍ଭ ହୋଇଛି। କେତେକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟକୁ ହବ୍ ସେଣ୍ଟର ଭାବେ ଘୋଷଣା କରାଯାଇଛି। ଏହିକ୍ରମରେ ଖୋର୍ଦ୍ଧା ଜିଲା ବାଣପୁର ଗୋଦାବରୀଶ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ହବ୍ ସେଣ୍ଟର ହୋଇଛି। ଏହି ହବ୍ ସେଣ୍ଟର ଅଧୀନରେ ବାଣପୁର ଗ୍ରାମୀଣ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ଗମ୍ଭାରୀମୁଣ୍ଡା ପର୍ଶୁରାମ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ନାଚୁଣୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, କୁହୁଡି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ବାଲୁଗାଁ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ଆଙ୍କୁଲାଚଟି ପଞ୍ଚୁପଲ୍ଲୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ରହିଛି। ତେବେ ଏହି ହବ୍ ସେଣ୍ଟର ମାଧମରେ ୧୫୮୧ ଛାତ୍ରୀଛାତ୍ର କଳା, ୫୬୧ ବିଜ୍ଞାନ, ୩୬ ବାଣିଜ୍ୟ ଓ ୩୨ଜଣ ଛାତ୍ରୀଛାତ୍ର ଧନ୍ଦାମୂଳକ ଶିକ୍ଷାରେ ପରୀକ୍ଷା ଦେଉଛନ୍ତି ବୋଲି ହବ୍ ସେଣ୍ଟର ପରିଚାଳକ ଅଧକ୍ଷ ବିନାୟକ ହୋତା, ଅଧ୍ୟାପକ ଲକ୍ଷ୍ମୀ ପ୍ରସାଦ ମିଶ୍ର ସୂଚନା ଦେଇଛନ୍ତି।


**ଖୋର୍ଦ୍ଧା:** ପ୍ରାଣନାଥ ସ୍ୱୟଂଶାସିତ ମହାବିଦ୍ୟାଳୟ ଅର୍ଥନୀତି ବିଭାଗ ଆନୁକୂଲ୍ୟରେ ବୁଧବାର ଅନୁଷ୍ଠିତ ସାଧାରଣ ବଜେଟ-୨୩ ସମ୍ପର୍କିତ ଆଲୋଚନାଚକ୍ରରେ ଉପସ୍ଥିତ ଅତିଥିଙ୍କ ଗହଣରେ ଛାତ୍ରୀଛାତ୍ରମାନେ।

## ବିଦ୍ୟାଳୟରେ ଗପ ଶୁଣିବା, କହିବା କାର୍ଯ୍ୟକ୍ରମ

ବୋଲଗଡ଼,୧।୩(ଡି.ଏନ୍.ଏ.)

ଗଣଶିକ୍ଷା ବିଭାଗ ନିର୍ଦ୍ଦେଶକ୍ରମେ ପ୍ରାଥମିକ ବିଦ୍ୟାଳୟ ଗୁଡିକରେ ଗପ କହିବା ଓ ଶୁଣିବା କାର୍ଯ୍ୟକ୍ରମ ଆରମ୍ଭ କରାଯାଇଛି । ଶିକ୍ଷାର ବିକାଶ ପାଇଁ ବିଭିନ୍ନ ଉପାୟରେ ଛାତ୍ରୀଛାତ୍ରଙ୍କୁ ଶିକ୍ଷାଦାନ କରାଯାଉଥିବା ବେଳେ ଏହି କାର୍ଯ୍ୟକ୍ରମ ଅନ୍ୟତମ। ଗଳ୍ପ ମାଧମରେ ପିଲାଙ୍କ ପାଇଁ ଶିକ୍ଷାର ସରଳୀକରଣ ଉଦ୍ୟମ କରାଯାଇଥିବା ବେଳେ ବୋଲଗଡ ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟ ଅଧୀନ ପ୍ରାଥମିକ ବିଦ୍ୟାଳୟ ଗୁଡିକରେ ସ୍ଥାନୀୟ ବୁଦ୍ଧିଜୀବୀଙ୍କ ଉପସ୍ଥିତିରେ ଛାତ୍ରୀଛାତ୍ରଙ୍କୁ ଶିକ୍ଷଣୀୟ ଗପ ବାର୍ତ୍ତାଳାପ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଶିକ୍ଷୟିତ୍ରୀ ଓ ଶିକ୍ଷକମାନେ ଆଦର୍ଶ ଗପ ମାଧମରେ ଛାତ୍ରୀଛାତ୍ରଙ୍କୁ ଜୀବନର ଲକ୍ଷ୍ୟ ହାସଲ ସମ୍ବନ୍ଧରେ ପରାମର୍ଶ ଦେଇଥିଲେ। ଏହିକ୍ରମରେ ସଂପୁର ଗ୍ରାମର ହରିରାଜପୁର ପ୍ରାଥମିକ ବିଦ୍ୟାଳୟଠାରେ ଗପ ଶୁଣିବା ଓ କହିବା କାର୍ଯ୍ୟକ୍ରମ ମଙ୍ଗଳାବାର ଅନୁଷ୍ଠିତ ହୋଇଯାଇଛି। ପୂର୍ବତନ ଶିକ୍ଷକ ଗୋପୀନାଥ ପରିଜା, ପୂର୍ଣ୍ଣ ଚନ୍ଦ୍ର ସାହୁ ଓ ମୋ ସ୍କୁଲ ପରିଚାଳନା କମିଟି ସଭାପତି ନିରଞ୍ଜନ ନାୟକ ଯୋଗଦେଇ ରାଜ୍ୟ ସରକାରଙ୍କ ଏହି କାର୍ଯ୍ୟକ୍ରମକୁ ପ୍ରଶଂସା କରିଥିଲେ। ପ୍ରଧାନ ଶିକ୍ଷକ ମନମୋହନ ରାୟ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ସହକାରୀ ଶିକ୍ଷୟିତ୍ରୀ ସବିତା ସୁବୁଦ୍ଧି ଧନ୍ୟବାଦ ଦେଇଥିଲେ ।

## 'ଛାତ୍ରୀଛାତ୍ର ସମାଜର ମେରୁଦଣ୍ଡ'



ଅତିଥିଙ୍କ ଗହଣରେ କୃତୀ ଛାତ୍ରୀଛାତ୍ର।

### ଧଳାପଥର କଳାପଥର ବିଦ୍ୟାଳୟର ବାର୍ଷିକ ପୁରସ୍କାର ବିତରଣ ଉତ୍ସବ

ଖୋର୍ଦ୍ଧା ଅଫିସ,୧।୩

ବୋଲଗଡ଼ ବ୍ଲକ ଅନ୍ତର୍ଗତ ଧଳାପଥର କଳାପଥର ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ପୁରସ୍କାର ବିତରଣ ଉତ୍ସବ ବୁଧବାର ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ କୃଷ୍ଣଚନ୍ଦ୍ର ଦାସଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ସରପଞ୍ଚ ନାରାୟଣ ସାହୁ ମୁଖ୍ୟ ଅତିଥି, ବରିଷ୍ଠ ଖବରଦାତା ତଥା ମୋ ସ୍କୁଲର ସଭାପତି ରମେଶ ରଞ୍ଜନ ସାହୁ ମୁଖ୍ୟ ବକ୍ତାଭାବେ ଯୋଗଦେଇ କହିଥିଲେ ଛାତ୍ରୀଛାତ୍ର ଦେଶର ଭବିଷ୍ୟତ। ଛାତ୍ର ସମାଜକୁ ଗଢ଼ିବାରେ ଶିକ୍ଷୟିତ୍ରୀଶିକ୍ଷକଙ୍କ ଗୁରୁ ଦାୟିତ୍ୱ ରହିଛି। କଠିନ ପରିଶ୍ରମ କର, ସ୍ୱପ୍ନ ଦେଖ, ସାକାର ନ ହେବା ପର୍ଯ୍ୟନ୍ତ ପରିଶ୍ରମ ଜାରି ରଖିବାକୁ ଉପସ୍ଥିତ ଅତିଥି ମତବ୍ୟକ୍ତ କରିଥିଲେ। ଅନ୍ୟମାନଙ୍କ ମଧରେ ସିଆରସିସି ରତ୍ନପ୍ରଭା ସାହୁ, ସମିତିସଭ୍ୟ ବିଜୟ କୁମାର ସୁବୁଦ୍ଧି, ପରିଚାଳନା କମିଟି ସଭାପତି ଅଜୟ କୁମାର ଦାସ, ଶିକ୍ଷାବିତ୍ ଜୟକୃଷ୍ଣ ମହାପାତ୍ର, ମାୟାଧର କରଣ, ସରପଞ୍ଚ ଅଖିଳ ସିଂ ପ୍ରମୁଖ ଯୋଗଦେଇଥିଲେ। ଛାତ୍ରୀଛାତ୍ରଙ୍କ ଦ୍ୱାରା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ଏହି ଅବସରରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲାଠ। ବିଦ୍ୟାଳୟର ପ୍ରତିଷ୍ଠାତା ରାମଚନ୍ଦ୍ର ସାହୁ, ଡା.କାଶୀନାଥ ସାହୁ ଏବଂ ବିଦ୍ୟାଳୟର ପୂର୍ବତନ ଶିକ୍ଷକ ନିତ୍ୟାନନ୍ଦ ଚୌଧୁରୀଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। ବିଦ୍ୟାର୍ଥୀ ବିଷ୍ଣୁ ପ୍ରସାଦ ନାୟକ ପଠାଣି ସାମନ୍ତ ମେଧା ବୃତ୍ତି ପାଇ ବ୍ଲକରେ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ତାଙ୍କୁ ନିରୁପମା ସମ୍ମାନରେ ସମ୍ମାନିତ କରାଯାଇଥିଲା। ଶିକ୍ଷକ ବାସବ ମଲିକ, ରଜୀତା ସାହୁ, କୁମୁଦିନୀ ସାହୁ, ତୁଷାର ମହାପାତ୍ର ପ୍ରମୁଖ କାର୍ଯ୍ୟକ୍ରମ ସମ୍ପାଦନା କରିଥିଲେ।

# ପରିଚୟପତ୍ର ମିଳିବା ବିଳମ୍ବ ନେଇ ଉଦ୍‌ବେଗ

ଖୋର୍ଦ୍ଧା ଅଫିସ,୧।୩

ବରିଷ୍ଠ ନାଗରିକ ମଞ୍ଚ ଖୋର୍ଦ୍ଧାର ମାସିକ ସାଧାରଣ ସଭା ମୁକୁନ୍ଦପ୍ରସାଦ କଲେଜ ରୋଡ୍ ବିଶ୍ୱାମିତ୍ର ଜନସେବା ଟ୍ରଷ୍ଟଠାରେ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅନୁଷ୍ଠାନର ସଭାପତି ସତ୍ୟବାଦୀ ବଳିୟାରସିଂହ ସଭାପତିତ୍ୱ କରିଥିଲେ। ବିଭିନ୍ନ ପ୍ରସଙ୍ଗ ଉପରେ ଆଲୋଚନା ହୋଇଥିଲା। ଆଦର୍ଶ ଥାନା ପକ୍ଷରୁ ପରିଚୟପତ୍ର ମିଳିବା ବିଳମ୍ବ ନେଇ ଉଦ୍‌ବେଗ ପ୍ରକାଶ ପାଇଥିଲା। ପୂର୍ବତନ ଆରକ୍ଷୀ ଅଧୀକ୍ଷକ ତଥା ଉପଦେଷ୍ଟା ଦେବ ପ୍ରସାଦ ମଜୁମଦାର ଏ ଦିଗରେ ବିହିତ ପଦକ୍ଷେପ ନେବେ ବୋଲି ଜଣାଇଥିଲେ। ମଞ୍ଚର ସ୍ଥାୟୀ କାର୍ଯ୍ୟାଳୟ ଗୃହ, ଆଦର୍ଶ ପରିବାର ଚୟନ, ସ୍ୱାସ୍ଥ୍ୟ ସମସ୍ୟା ଆଦି ବିଭିନ୍ନ ପ୍ରସଙ୍ଗରେ ଅଖିଳ ଚନ୍ଦ୍ର ପ୍ରଧାନ, ଗୋବିନ୍ଦ ଚନ୍ଦ୍ର ମହାପାତ୍ର, ବୈକୁଣ୍ଠ ନାଥ ରାଜଗୁରୁ, ବସନ୍ତ କୁମାର ଦାଶ, ବଂଶୀଧର ଦାସ, ପ୍ରଭାତ କୁମାର ମିଶ୍ର ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଚଳିତ ମାସରେ ଜନ୍ମଦିନ ପଡୁଥିବା ବରିଷ୍ଠ ସଦସ୍ୟ ଭୀମସେନ ପ୍ରଧାନ, ଶରତ ଚନ୍ଦ୍ର ମହାପାତ୍ର, ତରୁଣ କୁମାର ଦେ, କେଳୁ ଚରଣ ମାନସିଂହ, ପ୍ରମୋଦ କୁମାର ଦାସ, ପ୍ରଫୁଲ୍ଲ କୁମାର ସାମନ୍ତରାୟ, ଦେବଦତ୍ତ କର, ପ୍ରତାପ ଚନ୍ଦ୍ର ମହାପାତ୍ର ପ୍ରମୁଖଙ୍କୁ ଫୁଲତୋଡ଼ା ଦେଇ ଜନ୍ମଦିନର ଶୁଭେଚ୍ଛା ଜଣାଇ ଦୀର୍ଘ ନିରାମୟ ଜୀବନ କାମନା କରାଯାଇଥିଲା। ସମ୍ପାଦକ ରାମଶଙ୍କର ଅତିଥିଙ୍କ ପରିଚୟ ଓ ଗୋବିନ୍ଦ ଚନ୍ଦ୍ର ମହାରଣା ଧନ୍ୟବାଦ ଦେଇଥିଲେ।


ବୈଠକରେ ଉପସ୍ଥିତ ବରିଷ୍ଠ ନାଗରିକ ମଞ୍ଚର ସଦସ୍ୟ।

# ଏସ୍‌ଏଚ୍‌ଜି ଉତ୍ପାଦିତ ସାମଗ୍ରୀର ତଦାରଖ କଲେ


ମିଶନ ଶକ୍ତି ଉପଦେଷ୍ଟା ଲୋପାମୁଦ୍ରା ବକ୍ସିପାତ୍ରଙ୍କ ସହ ଅନ୍ୟମାନେ।

### ମିଶନଶକ୍ତି ଉପଦେଷ୍ଟାଙ୍କ ଜଟଣୀ ବ୍ଲକ ପରିଦର୍ଶନ

ଜଟଣୀ,୧।୩(ଡି.ଏନ୍.ଏ.)

ରାଜ୍ୟ ସରକାରଙ୍କ ମିଶନଶକ୍ତି ବିଭାଗ ଉପଦେଷ୍ଟା ଲୋପାମୁଦ୍ରା ବକ୍ସିପାତ୍ର ବୁଧବାର ଜଟଣୀ ବ୍ଲକ କାର୍ଯ୍ୟାଳୟ ପରିଦର୍ଶନ କରିଛନ୍ତି। ବିଡିଓ ସରୋଜ କୁମାର ରାଉତ, ସିଡିପିଓ ବନ୍ଦନା କୁମାରୀ ଦେବୀ, ବିଏଲଏଫର ସଭାନେତ୍ରୀ ବିଦ୍ୟୁଲତା ବେହେରା, ସମ୍ପାଦିକା କାଦମ୍ବିନୀ ମହାନ୍ତି ପ୍ରମୁଖଙ୍କ ସହିତ ଆଲୋଚନା କରିଥିଲେ। ଏଥିସହିତ ବିଭିନ୍ନ ପଞ୍ଚାୟତ ପରିଦର୍ଶନରେ ଯାଇ ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ଦ୍ୱାରା ଉତ୍ପାଦିତ ସାମଗ୍ରୀର ସମୀକ୍ଷା କରିବା ସହ ଆଲୋଚନା କରିଥିଲେ। ଜଟଣୀ ବ୍ଲକ ଅନ୍ତର୍ଗତ ତରାବୋଇ ପଞ୍ଚାୟତର ଓ୍ୱିଭର୍ସ ପିଜି ହସ୍ତତନ୍ତ ଉତ୍ପାଦକ, ହରିପୁର ପଞ୍ଚାୟତର ପ୍ରଚେଷ୍ଟା ପିଜି ବଡ଼ି, ପାମ୍ପଡ଼, ଆଚାର ଉତ୍ପାଦକ, ଗଙ୍ଗପଡାର ମା'ଗଜଲକ୍ଷ୍ମୀ ପିଜି ମସଲା ଉତ୍ପାଦକ, ପଦନପୁରର ନାରାୟଣୀ ମହିଳା ମଣ୍ଡଳଙ୍କୁ ଭେଟି ସେମାନଙ୍କ ଉତ୍ପାଦିତ ସାମଗ୍ରୀର ମାନ, ପ୍ୟାକେଟିଂ ଓ ମାର୍କେଟିଂ ସଂକ୍ରାନ୍ତରେ ଆଲୋଚନା କରିଥିଲେ। ଏହା ବ୍ୟତୀତ ଛତାବର ପଞ୍ଚାୟତ ସୀତାରାମ ସ୍ୱୟଂ ସହାୟକ ଗୋଷ୍ଠୀର ୪ ହଜାର କ୍ଷମତା ବିଶିଷ୍ଟ କୁକୁଡ଼ା ପାଳନ, ପଞ୍ଚୁପଲିର ମା'ମଙ୍ଗଳା ସ୍ୱୟଂ ସହାୟକ ଗୋଷ୍ଠୀର ମାଛ ଚାଷ ସମୀକ୍ଷା କରିଥିଲେ। ସେହିପରି ଜଟଣୀ ପୌରାଞ୍ଚଳ ଅଧୀନ ମା'ନଟି ମଙ୍ଗଳା ସ୍ୱୟଂ ସହାୟକ ଗୋଷ୍ଠୀର ଆହାର କେନ୍ଦ୍ର, ସିଦ୍ଧି ବିନାୟକ ସ୍ୱୟଂ ସହାୟକ ସଂଘର ମିଶନ ଶକ୍ତି କାଫେ ପରିଚାଳନା ସଂକ୍ରାନ୍ତରେ ଗୋଷ୍ଠୀର ସଦସ୍ୟଙ୍କ ସହିତ ପୌର ପରିଷଦ କାର୍ଯ୍ୟ ନିର୍ବାହୀ ଅଧିକାରୀ ଦିଲୀପ କୁମାର ମହାନ୍ତିଙ୍କ ସହିତ ଆଲୋଚନା କରିଛନ୍ତି। ଏହି କାର୍ଯ୍ୟକ୍ରମରେ ମିଶନଶକ୍ତି ଡିପିସି ପୃଥ୍ୱୀରାଜ ପଟ୍ଟନାୟକ, ଡିପିଏମ ବିବେକ ବେଉରିଆ, ବିପିସି ସନ୍ତୋଷ କୁମାର ଦାଶ, ବିପିଏମ ସୁମିତ୍ରା ପରିଡା, ବିପିଏସିଏ ଦୀପକ କୁମାର ସାହୁ, ବିଏଲସି ଶିବରାମ ପାତ୍ର, ବିପିଏଲସି ମମତା ବସ୍ତିଆ ଓ ଭୃଗୁରାଜ ଆଚାର୍ଯ୍ୟ ପ୍ରମୁଖ ଉପସ୍ଥିତ ଥିଲେ।

# ନାଟ୍ ଟେଷ୍ଟିଂ ଲାବ୍ ସ୍ଥାପନ ଉପରେ ଗୁରୁତ୍ୱ

### ପ୍ରସୂତିଙ୍କୁ ଏଚ୍ଆଇଭି ସଂକ୍ରମିତ ରକ୍ତ ଦେବା ମାମଲା

- ନିର୍ଦ୍ଦିଷ୍ଟ ସତ୍ୟପାଠ ଦେବାକୁ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ
- ମେ' ୧ରେ ପରବର୍ତ୍ତୀ ଶୁଣାଣି



କଟକ ଅଫିସ, ୧।୩

ଏଚ୍ଆଇଭି ସଂକ୍ରମଣ ରୋକିବା ନିମନ୍ତେ ରାଜ୍ୟର ରକ୍ତ ଭଣ୍ଡାରଗୁଡ଼ିକରେ ନ୍ୟୁକ୍ଲିକ୍ ଏସିଡ୍ ଆମ୍ପ୍ଲିକେଶନ ଟେଷ୍ଟିଂ(ନାଟ୍) ଲାବ୍ ସ୍ଥାପନ କରିବା ଉପରେ ହାଇକୋର୍ଟ ଗୁରୁତ୍ୱାରୋପ କରିଛନ୍ତି। ରାଜ୍ୟର ରକ୍ତଭଣ୍ଡାରଗୁଡ଼ିକରେ କେବେ ନାଟ୍ ଟେଷ୍ଟିଂ ଲାବ୍ ସ୍ଥାପନ କାର୍ଯ୍ୟ ଆରମ୍ଭ ହେବ ଓ କେବେ ଶେଷ ହେବ ସେନେଇ ନିର୍ଦ୍ଦିଷ୍ଟ ଭାବେ ସତ୍ୟପାଠ ମାଧ୍ୟମରେ ତଥ୍ୟ ଦେବାକୁ ରାଜ୍ୟ ସରକାରଙ୍କୁ ହାଇକୋର୍ଟ ବୁଧବାର ନିର୍ଦ୍ଦେଶ ଦେଇଛନ୍ତି। ମୁଖ୍ୟ ବିଚାରପତି ଏସ୍. ମୁରଲୀଧର ଓ ବିଚାରପତି ମୁରାହରି ଶ୍ରୀରମଣଙ୍କ ଖଣ୍ଡପୀଠ ଏ ସମ୍ପର୍କିତ ୨ଟି ମାମଲାର ଶୁଣାଣି କରିଥିଲେ। ଆସନ୍ତା ମେ' ୧ରେ ମାମଲାର ପରବର୍ତ୍ତୀ ଶୁଣାଣି ହେବ।

ଆବେଦନକାରୀ ଅମିତ ଅଭିଜିତ୍ ସାମଲଙ୍କ ମାମଲାରେ ହାଇକୋର୍ଟରେ ୨୦୨୨ ଡିସେମ୍ବର ୨୧ ତାରିଖ ଶୁଣାଣିରେ ଷ୍ଟେଟ୍ ବ୍ଲଡ୍ ଟ୍ରାନ୍ସଫ୍ୟୁଜନ୍ କାଉନସିଲ ନିର୍ଦ୍ଦେଶକଙ୍କ ପକ୍ଷରୁ ଆଗାମୀ ୩ ବର୍ଷ ମଧ୍ୟରେ ନାଟ୍ ଟେଷ୍ଟିଂ ଲାବ୍ ସ୍ଥାପନ କରାଯିବ ବୋଲି କୁହାଯାଇଥିଲା। ବାର୍ଷିକ ୧୦ ହଜାର ୟୁନିଟ୍ ରକ୍ତ ସଂଗ୍ରହ ହେଉଥିବା ରକ୍ତଭଣ୍ଡାରଗୁଡ଼ିକରେ ନାଟ୍ ଟେଷ୍ଟିଂ ଲାବ୍ ସ୍ଥାପନ ପାଇଁ ଦର୍ଶାଯାଇଥିଲା। ହେଲେ ହାଇକୋର୍ଟ ଏହାକୁ ଅଗ୍ରାହ୍ୟ କରିଥିଲେ। ଆଗାମୀ ୩ ମାସ ମଧ୍ୟରେ ଏହି ଲାବ୍ ସ୍ଥାପନ କାର୍ଯ୍ୟ ଆରମ୍ଭ କରାଯାଇ ୧ ବର୍ଷ ମଧ୍ୟରେ ଶେଷ କରିବା ନେଇ ମାର୍ଚ୍ଚ ୧ ତାରିଖ ଶୁଣାଣିରେ ସତ୍ୟପାଠ ଦାଖଲ କରିବାକୁ ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ଅତିରିକ୍ତ ପ୍ରମୁଖ ଶାସନ ସଚିବଙ୍କୁ ନିର୍ଦ୍ଦେଶ ଦେଇଥିଲେ। ତଦନୁସାରେ ରାଜ୍ୟ ସରକାରଙ୍କ ପକ୍ଷରୁ ସତ୍ୟପାଠ ମାଧ୍ୟମରେ ଦର୍ଶାଯାଇଥିଲା ଯେ, ୩ ମାସ ମଧ୍ୟରେ ଲାବ୍ ସ୍ଥାପନ ଆରମ୍ଭ ଓ ୧ ବର୍ଷ ମଧ୍ୟରେ ଶେଷ କରିବା ସମ୍ଭବପର ନୁହେଁ। ସରକାରଙ୍କ ଏଭଳି ତଥ୍ୟକୁ ନେଇ ହାଇକୋର୍ଟ ବିରକ୍ତି ପ୍ରକାଶ କରିବା ସହ ଲାବ୍ ନିର୍ମାଣର ଆରମ୍ଭ ଓ ଶେଷ ସମୟସୀମା ନେଇ ନିର୍ଦ୍ଦିଷ୍ଟ ଭାବେ ସତ୍ୟପାଠ ଦାଖଲ କରିବାକୁ ବୁଧବାର ନିର୍ଦ୍ଦେଶ ଦେଇଛନ୍ତି।

ସେହିପରି ଆଇନଜୀବୀ ପ୍ରବୀର କୁମାର ଦାସଙ୍କ ପକ୍ଷରୁ ଆଗତ ବାଣପୁର ଅଞ୍ଚଳର ଜଣେ ପ୍ରସୂତିଙ୍କୁ ଏଚ୍ଆଇଭି ସଂକ୍ରମିତ ରକ୍ତ ଦିଆଯିବା ମାମଲାରେ ପ୍ରତ୍ୟେକ ରକ୍ତଭଣ୍ଡାରରେ ପଲିମର ଚେନ୍ ରିଆକ୍ସନ ଟେଷ୍ଟ (ପିସିଆର) କରି ରକ୍ତ ପରୀକ୍ଷା କରାଯିବାକୁ ପ୍ରାର୍ଥନା କରାଯାଇଥିଲା। ଉପରୋକ୍ତ ମାମଲା ଓ ଏହି ମାମଲାର ଏକତ୍ର ଶୁଣାଣି ପାଇଁ ଫେବୃୟାରୀ ୧ ତାରିଖ ଶୁଣାଣିରେ ହାଇକୋର୍ଟ ନିର୍ଦ୍ଦେଶ ଦେଇଥିଲେ। ଆବେଦନକାରୀ ହାଇକୋର୍ଟଙ୍କ ନିର୍ଦ୍ଦେଶ ମୁତାବକ ସମ୍ପୃକ୍ତ ଏଚ୍ଆଇଭି ସଂକ୍ରମିତ ମହିଳାଙ୍କ ସ୍ଥିତି ସଂକ୍ରାନ୍ତରେ ଜଣାଇଥିଲେ। ମହିଳା ଜଣକ ଅନ୍ୟ ଜଣେ ଏଚ୍ଆଇଭି ଆକ୍ରାନ୍ତ ପୁରୁଷଙ୍କୁ ୨୦୧୩ ଜୁଲାଇ ୨୧ରେ ଦ୍ୱିତୀୟ ବିବାହ କରି ଏକାଠି ରହୁଥିବା ସତ୍ୟପାଠରେ ଦର୍ଶାଯାଇଥିଲା।

ସୂଚନାଯୋଗ୍ୟ, ସମ୍ପୃକ୍ତା ପୀଡ଼ିତା ମହିଳା ୨୦୧୧ ନଭେମ୍ବରରେ ପ୍ରସବ ପାଇଁ ବାଣପୁର ଡାକ୍ତରଖାନାରେ ଭର୍ତ୍ତି ହୋଇଥିଲେ। କିନ୍ତୁ ତାଙ୍କ ଅବସ୍ଥା ଶୋଚନୀୟ ହେବାରୁ ତାଙ୍କୁ ଖୋର୍ଦ୍ଧା ଡାକ୍ତରଖାନାକୁ ପଠାଇ ଦିଆଗଲା। ସେଠାରେ ତାଙ୍କୁ ୨ ବୋତଲ ରକ୍ତ ଦିଆଯାଇଥିଲା। ପରବର୍ତ୍ତୀ ସମୟରେ ସେ ଅସୁସ୍ଥ ହେବାରୁ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି ହୋଇଥିଲେ। ସେଠାରେ ପରୀକ୍ଷାନିରୀକ୍ଷା ପରେ ୨୦୧୨ ଏପ୍ରିଲରେ ଜଣାପଡ଼ିଲା ଯେ ସେ ଏଚ୍ଆଇଭି ସଂକ୍ରମିତ ହୋଇଛନ୍ତି। ଏଥିସହ ତାଙ୍କ ନବଜାତ କନ୍ୟାର ମୃତ୍ୟୁ ଘଟିଥିଲା। ଏହି ଘଟଣାରେ ପୀଡ଼ିତାଙ୍କୁ ୧୦ ଲକ୍ଷ ଟଙ୍କା କ୍ଷତିପୂରଣ ଦିଆଯିବାକୁ ଆବେଦନକାରୀ ପ୍ରବୀର ଦାସ ନିବେଦନ କରିଥିଲେ।



**ଶ୍ରୀମନ୍ଦିର ହୁଣ୍ଡିରୁ ଆୟ**

୧।୩।୨୦୨୩

| | |
|---|---|
| ୩,୭୯,୦୮୯ଟଙ୍କା | |
| ସୁନା | ୧.୨୫୦ ଗ୍ରାମ |
| ରୁପା | ୬୦୦ ମିଲିଗ୍ରାମ |

## ସଂକ୍ଷେପରେ

### ବସନ୍ତାଇଙ୍କ ମନ୍ଦିର ପ୍ରତିଷ୍ଠା ଉତ୍ସବ

ବ୍ରହ୍ମଗିରି,୧।୩(ଡି.ଏନ୍.ଏ.)- ବ୍ରହ୍ମଗିରି ବ୍ଲକ ଅନ୍ତର୍ଗତ ପଲଙ୍କ ଚାରିଗ୍ରାମସ୍ଥିତ ମା' ବସନ୍ତାଇ ବାୟାଣୀଙ୍କ ମନ୍ଦିର ପ୍ରତିଷ୍ଠା ଉତ୍ସବ ବୁଧବାର ଅନୁଷ୍ଠିତ ହୋଇଯାଇଛି। ପଲଙ୍କ ଚଣ୍ଡିପୁଟ ପୂଜାରି ସାହିର ଆରାଧ୍ୟା ଦେବୀ ମା' ବସନ୍ତାଇ ବାୟାଣୀଙ୍କ ନୂତନ ମନ୍ଦିର ଓ ବିଗ୍ରହ ପ୍ରତିଷ୍ଠା ଉତ୍ସବ ରବିବାରଠାରୁ ଆରମ୍ଭ ହୋଇ ୪ ଦିନ ଧରି ଚାଲିଥିଲା। ଏହି ଉତ୍ସବରେ ପ୍ରତ୍ୟହ ନାମ ସଂକୀର୍ତ୍ତନ ସହ ବିଶ୍ୱଶାନ୍ତି ମହାଯଜ୍ଞ ଅନୁଷ୍ଠିତ ହୋଇ ବୁଧବାର ପ୍ରତିଷ୍ଠା କାର୍ଯ୍ୟ ସମାପନ ହୋଇଛି। ଏହା ସହ ନଗର ପରିକ୍ରମା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଉକ୍ତ କାର୍ଯ୍ୟକ୍ରମକୁ ପଲଙ୍କ ଚାରିଗ୍ରାମ ତରଫରୁ ପରିଚାଳନା କରାଯାଇଥିଲା।

### ଜୀବେ ନିଷ୍ଠୁରତା ନିରୋଧ ଆଇନ ସମ୍ପର୍କରେ ସଚେତନତା

କଣାସ,୧।୩(ସ୍ୱ.ପ୍ର.)- କଣାସ ବ୍ଲକ ଅନ୍ତର୍ଗତ ଦୟାବିହାରଠାରେ ପ୍ରତିଷ୍ଠିତ ନୀଳାଚଳ ସେବା ପ୍ରତିଷ୍ଠାନ ପରିସରରେ ବୁଧବାର ବେଆଇନ ଗୋଚାଲାଣ ଓ ଜୀବେ ନିଷ୍ଠୁରତା ନିରୋଧ ଆଇନ ସମ୍ପର୍କରେ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। କଣାସ ବ୍ଲକ ପ୍ରାଣୀ ଚିକିତ୍ସାଧିକାରୀ ଡା. ବିଶ୍ୱରଞ୍ଜନ ବେହେରା ଏଥିରେ ଅଧକ୍ଷତା କରିଥିଲେ। ସଭାରେ କଣାସ ତହସିଲଦାର ସନ୍ତୋଷ ପାଣିଗ୍ରାହୀ, କଣାସ ଥାନା ସବ୍‌ଇନ୍ସପେକ୍ଟର ମଧୁସ୍ମିତା ବଳ, ପ୍ରଶିକ୍ଷକ ରଞ୍ଜନ ମାନସିଂ ଅତିଥି ଭାବେ ଯୋଗଦେଇ ବେଆଇନ ଗୋଚାଲାଣ କିପରି ରୋକାଯାଇ ପାରିବ ଏବଂ ପ୍ରାଣୀଙ୍କ ପ୍ରତି ହେଉଥିବା ନିଷ୍ଠୁରତା ସମ୍ପର୍କରେ ଅତିଥି ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ। ପୁରୀ ଜିଲା ଜୀବେ ନିଷ୍ଠୁରତା ନିରୋଧ ସମିତି ସହାୟତାରେ ଏହି କାର୍ଯ୍ୟକ୍ରମ କଣାସ ମୁଖ୍ୟ ଚିକିତ୍ସାଳୟ ଆନୁକୂଲ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ୫୦ଜଣ ଯୋଗଦେଇଥିଲେ।

### ଭାଜପା ଯୁବ ମୋର୍ଚ୍ଚା ପକ୍ଷରୁ ବିକ୍ଷୋଭ

ପୁରୀ ଅଫିସ, ୧।୩: ଗତ ମଙ୍ଗଳବାର ଭାଜପା ଯୁବ ମୋର୍ଚ୍ଚା ପକ୍ଷରୁ ବିଧାନସଭା ଘେରାଉ ବେଳେ ପୋଲିସର ଆକ୍ରମଣକୁ ନିନ୍ଦା କରି ବୁଧବାର ସନ୍ଧ୍ୟାରେ ଭାଜପା ଯୁବ ମୋର୍ଚ୍ଚା ପୁରୀ ଶାଖା ତରଫରୁ ଅଠରନଳାଠାରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ମୋର୍ଚ୍ଚା ପକ୍ଷରୁ କୁହାଯାଇଛି ଯେ, ଓଡ଼ିଶାରେ ଆଇନଶୃଙ୍ଖଳା ବିପର୍ଯ୍ୟସ୍ତ ହୋଇପଡ଼ିଥିବାରୁ ଭାଜପା ଯୁବମୋର୍ଚ୍ଚା ଶାନ୍ତିପୂର୍ଣ୍ଣ ଭାବେ ବିଧାନସଭା ଘେରାଉ କରୁଥିବାବେଳେ କର୍ମୀମାନଙ୍କୁ ପୋଲିସ ଆକ୍ରମଣ କରିଥିଲା। ଏଥିସହ ଯୁବ ମୋର୍ଚ୍ଚା ସଭାପତି ଇରାଶିଷ ଆଚାର୍ଯ୍ୟଙ୍କ ସହିତ ୨୪ ଜଣଙ୍କୁ ଏକତରଫା ଗିରଫ କରାଯାଇ ଜେଲ୍ ପଠାଯାଇଛି। ମାତ୍ର ସରକାରଙ୍କ ପକ୍ଷରୁ ପୋଲିସ ଉପରେ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଇ ନାହିଁ ଯାହା ଦୁର୍ଭାଗ୍ୟର ବିଷୟ। ତୁରନ୍ତ ଗିରଫ ଭାଜପା ଯୁବମୋର୍ଚ୍ଚା ନେତା ଓ କର୍ମୀଙ୍କୁ ଛଡାଯିବା ସହ ଅଭିଯୁକ୍ତ ପୋଲିସମାନଙ୍କ ବିରୋଧରେ ସରକାର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରନ୍ତୁ ବୋଲି ଯୁବମୋର୍ଚ୍ଚା ଦାବି କରିଛି। ବିକ୍ଷୋଭ ପ୍ରଦର୍ଶନରେ ଜିଲା ଭାଜପାର ପୂର୍ବତନ ସଭାପତି ପ୍ରଭଞ୍ଜନ ମହାପାତ୍ର, ସଞ୍ଜୀବ ମୁଖାର୍ଜୀ, ପ୍ରତାପ ମହାନ୍ତି, ଜିତୁ ମହାନ୍ତି, ଜିଲା ଯୁବ ମୋର୍ଚ୍ଚା ସଭାପତି ଜୟନ୍ତ କୁମାର ଦାଶ, ରାଜ୍ୟ ଯୁବ ମୋର୍ଚ୍ଚା କାର୍ଯ୍ୟକାରିଣୀ ସଦସ୍ୟ ସୌମ୍ୟ ଲେଙ୍କା, ଯୁବ ମୋର୍ଚ୍ଚା ସାଧାରଣ ସମ୍ପାଦକ ବିଶ୍ୱଜିତ୍ ମହାନ୍ତି, ରାଜେଶ ପରିଡା, ଉପସଭାପତି ମନୋଜ ବିଶୋଇ, ବାହୁଡା ପ୍ରଧାନ, ସମ୍ପାଦକ ସଂଗ୍ରାମ ପରିଡ଼ା, ବିଭୁ ରଥ, ପ୍ରଦୀପ ପରିଡା, ପ୍ରଦୀପ ନାୟକ, ମଣ୍ଡଳ ସଭାପତି ପଦିଆ ନାୟକ, ସଞ୍ଜୀବ ବଲିୟାରସିଂ, ପ୍ରଜ୍ଞାନ ପାତ୍ର, ଭାସ୍କର ରେଡି, ଟୁନା ବାରିକ, ଦେବାଶିଷ ଚମ୍ପତି, ଅନିଲ ସାହୁ, ଶକ୍ତି ମିଶ୍ର, ଶିବ ନାରାୟଣ ଦାଶ, ଅଜୟ ପ୍ରଧାନ, ପ୍ରଶାନ୍ତ ପଣ୍ଡା, ପଞ୍ଚୁ ପ୍ରଧାନ, ଆଲୋକ ମହାନ୍ତି, ବିଶ୍ୱଭୂଷଣ ବାରିକ, ବିଶ୍ୱରଞ୍ଜନ ରାହୁଲ, ସ୍ନେହାଶିଷ ଦାଶ, ନିରୁ ପତି ଏବଂ ସୁମନ୍ତ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ।

# ଶ୍ରୀମନ୍ଦିରରେ ହୋଇନି ସ୍ୱତନ୍ତ୍ର ର୍‍ୟାମ୍ପ ବ୍ୟବସ୍ଥା

**ପୁରୀ ଅଫିସ, ୧।୩:**

ଦିବ୍ୟାଙ୍ଗ ଶ୍ରଦ୍ଧାଳୁମାନେ ଶ୍ରୀମନ୍ଦିରକୁ ଯାଇ ଦାରୁଦିଅଁଙ୍କୁ ଦର୍ଶନ କରିବାରେ ହଇରାଣ ହେଉଛନ୍ତି। ତେଣୁ ସେମାନଙ୍କ ନିମନ୍ତେ ସ୍ୱତନ୍ତ୍ର ର୍‍ୟାମ୍ପ ନିର୍ମାଣ କରାଯିବାକୁ ସାଧାରଣରେ ଦାବି ହେବା ପରେ ଉତ୍ତରଦ୍ୱାରଠାରୁ ଘଣ୍ଟିଦ୍ୱାର ପର୍ଯ୍ୟନ୍ତ ଏହି ବ୍ୟବସ୍ଥା ପାଇଁ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ୨୦୨୧ ନଭେମ୍ବରରେ ନିଷ୍ପତ୍ତି ନିଆଯାଇଥିଲା। ଇତିମଧ୍ୟରେ ୧୫ମାସ ବିତିଗଲାଣି, ହେଲେ ନିଷ୍ପତ୍ତି କାର୍ଯ୍ୟକାରୀ ହୋଇପାରିନାହିଁ। ସେହିପରି ଶ୍ରୀମନ୍ଦିରରେ ସ୍ୱତନ୍ତ୍ର ର୍‍ୟାମ୍ପ ବ୍ୟବସ୍ଥା ପାଇଁ ଆଇନଜୀବୀ ମୃଣାଳିନୀ ପାଢ଼ୀ ୨୦୨୨ ଡିସେମ୍ବର ୧୫ରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିକଟକୁ ଚିଠି ଲେଖିଥିଲେ। ସେତେବେଳେ ଏହି ପ୍ରସଙ୍ଗ ପୁଣି ତେଜିଥିଲା। ମାତ୍ର ପ୍ରଶାସନ ଏଥିପ୍ରତି ଗୁରୁତ୍ୱ ଦେଲାନାହିଁ। ଫଳରେ ଦିବ୍ୟାଙ୍ଗ ଶ୍ରଦ୍ଧାଳୁମାନେ ପୂର୍ବଭଳି ସମସ୍ୟା ଭୋଗୁଛନ୍ତି। ଏନେଇ ସେମାନଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଉଛି। ବୁଧବାର ଆନ୍ତର୍ଜାତିକ ହୁଇଲ ଚେୟାର ଦିବସ ପାଳନ ଅବସରରେ ଏହି ପ୍ରସଙ୍ଗକୁ ପୁଣି କେତେଜଣ ଦିବ୍ୟାଙ୍ଗ ଶ୍ରଦ୍ଧାଳୁ ଉଠାଇ ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଛନ୍ତି।

ସୂଚନା ଅନୁଯାୟୀ, ଦିବ୍ୟାଙ୍ଗ ଶ୍ରଦ୍ଧାଳୁଙ୍କ ପାଇଁ ଉତ୍ତର ଦ୍ୱାର ଓ ଘଣ୍ଟିଦ୍ୱାରରେ ର୍‍ୟାମ୍ପ ବ୍ୟବସ୍ଥା ରହିଛି। ମାତ୍ର କେତେକ ତ୍ରୁଟି ଯୋଗୁ ଏହି ର୍‍ୟାମ୍ପ ଦେଇ ହୁଇଲ ଚେୟାରରେ ଦିବ୍ୟାଙ୍ଗ ଶ୍ରଦ୍ଧାଳୁମାନେ ଯାଇପାରୁନାହାନ୍ତି। ସେମାନଙ୍କୁ ସମ୍ପର୍କୀୟ ଓ ସ୍ୱେଚ୍ଛାସେବୀମାନେ କାନ୍ଧରେ ବସାଇ ନେଉଥିବା ଦେଖିବାକୁ ମିଳୁଛି। ପ୍ରଶାସନର ଦୂରଦୃଷ୍ଟିର ଅଭାବ ଏବଂ ସେବାୟତଙ୍କ ସହ ବିନା ଆଲୋଚନାରେ ର୍‍ୟାମ୍ପ ନିର୍ମାଣ କରାଯିବାରୁ ଠିକ୍ ଭାବେ ସେବା ମିଳିପାରୁନାହିଁ ବୋଲି କୁହାଯାଉଛି। ଏହି ସମସ୍ୟାକୁ ଦୃଷ୍ଟିରେ ରଖି ଉତ୍ତରଦ୍ୱାରଠାରୁ ଆନନ୍ଦ ବଜାର ଓ କୀର୍ତ୍ତନ ଚକଡ଼ା ଦେଇ ଘଣ୍ଟିଦ୍ୱାର ପର୍ଯ୍ୟନ୍ତ ର୍‍ୟାମ୍ପ ବ୍ୟବସ୍ଥା କରାଯିବାକୁ ୨୦୨୧ ନଭେମ୍ବରରେ ନିଷ୍ପତ୍ତି ହୋଇଥିଲା। ମାତ୍ର ଏହା କାର୍ଯ୍ୟକାରୀ ନ ହେବାରୁ ଦିବ୍ୟାଙ୍ଗମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ପାର୍କିଂସ୍ଥଳଠାରୁ ଇ-ଅଟୋ ପର୍ଯ୍ୟନ୍ତ ଦିବ୍ୟାଙ୍ଗଙ୍କ ପାଇଁ ସ୍ୱତନ୍ତ୍ର ସୁବିଧା ରହିଛି। ମାତ୍ର ର୍‍ୟାମ୍ପ ସୁବିଧା ନ ଥିବାରୁ ମହାପ୍ରଭୁଙ୍କୁ ଦର୍ଶନ କରିବାରେ ସେମାନଙ୍କ ପାଇଁ ସମସ୍ୟା ଉପୁଜୁଛି। ତେଣୁ ଖୁବ୍‌ଶୀଘ୍ର ର୍‍ୟାମ୍ପ ବ୍ୟବସ୍ଥା କାର୍ଯ୍ୟକାରୀ କରାଯିବାକୁ ସବୁ ମହଲରେ ଦାବି ହେଉଛି।



ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ଆଧାରରେ ଏହି ପ୍ରକଳ୍ପ ଚାଲିଥିଲେ ମଧ୍ୟ ର୍‍ୟାମ୍ପ ବ୍ୟବସ୍ଥା ହୋଇ ନ ପାରିବା ପ୍ରଶ୍ନବାଚୀ ସୃଷ୍ଟି କରିଛି। ଶ୍ରୀମନ୍ଦିର ଭିତରକୁ ଦିବ୍ୟାଙ୍ଗଙ୍କ ପ୍ରବେଶ ପାଇଁ ର୍‍ୟାମ୍ପ ନିର୍ମାଣ ନେଇ ବରଗଡ଼ର ଜଣାଶୁଣା ଦିବ୍ୟାଙ୍ଗ ଅଭିନେତା ଜିତେନ୍ଦ୍ର ବିଶ୍ୱାଳ ଗତବର୍ଷ ହାଇକୋର୍ଟରେ ଏକ ମାମଲା ଦାଏର କରିଥିଲେ। ହାଇକୋର୍ଟ ଏହି ମାମଲାର ଶୁଣାଣି କରି ଶ୍ରୀମନ୍ଦିର ପ୍ରଶାସନ, ଶ୍ରୀମନ୍ଦିର ପରିଚାଳନା କମିଟି ଓ ପୁରୀ ଜିଲାପାଳ ମିଳିତ ଭାବେ ଏକ ଆଇନ ସମ୍ମତ ନିଷ୍ପତ୍ତି ନେବାକୁ ନିର୍ଦ୍ଦେଶ ଦେଇଥିଲେ। ଏହାସତ୍ତ୍ୱେ ଏପର୍ଯ୍ୟନ୍ତ ପଦକ୍ଷେପ ନିଆଯାଇ ନାହିଁ। ସେହିପରି ଆଇନଜୀବୀ ପାଢ଼ୀ ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖିବା ପରେ ଏହି ଦାବି ପୁଣି ଜୋର୍

### ହଇରାଣ ହେଉଛନ୍ତି ଦିବ୍ୟାଙ୍ଗ ଶ୍ରଦ୍ଧାଳୁ

ଧରିଥିଲା। ନୂତନ ର୍‍ୟାମ୍ପ ନିର୍ମାଣ ହେବ ବୋଲି ଆଶା କରାଯାଉଥିଲା, ମାତ୍ର ପରବର୍ତ୍ତୀ ସମୟରେ ପ୍ରଶାସନ ଚୁପ୍ ବସିପଡ଼ିଲା। ଏ ନେଇ ଦିବ୍ୟାଙ୍ଗ ସସ୍ମିତା ପ୍ରଧାନ କହିଛନ୍ତି, ଉତ୍ତରଦ୍ୱାର ର୍‍ୟାମ୍ପ କାର୍ଯ୍ୟକାରୀ ହେଉନାହିଁ। ଉତ୍ତରଦ୍ୱାର ବାଟେ ମଧ୍ୟ ଲୋକଙ୍କୁ ଛଡ଼ାଯାଉନାହିଁ। ତେଣୁ ସମସ୍ୟା ଉପୁଜୁଛି। ଏ ନେଇ ଦିବ୍ୟାଙ୍ଗଙ୍କ ପକ୍ଷରୁ ଜିଲାପାଳଙ୍କୁ ଦାବିପତ୍ର ଦିଆଯାଇଥିଲା। ମାତ୍ର ଅଦ୍ୟାବଧି ପଦକ୍ଷେପ ନିଆଯାଇନାହିଁ। ସେହିପରି ପୁରୀର ଦିବ୍ୟାଙ୍ଗ ସିର୍ଦ୍ଧାଥ ଦାସଙ୍କ କହିବା ଅନୁଯାୟୀ, ମହାପ୍ରଭୁଙ୍କ ଦର୍ଶନ ପାଇଁ ତାଙ୍କ ମନରେ ପ୍ରବଳ ଇଚ୍ଛା ରହିଛି। ମାତ୍ର ତାଙ୍କ ଗୋଡ଼ରେ ସମସ୍ୟା ଯୋଗୁ ସେ ଗହଳି ମଧ୍ୟରେ ଯାଇପାରନ୍ତି ନାହିଁ। ପ୍ରଶାସନ ଏବଂ ସ୍ୱେଚ୍ଛାସେବୀ ସଙ୍ଗଠନଗୁଡ଼ିକ ପକ୍ଷରୁ ହୁଇଲ ଚେୟାରର ବ୍ୟବସ୍ଥା କରାଯାଇଥିଲେ ମଧ୍ୟ ଶ୍ରୀମନ୍ଦିରରେ ର୍‍ୟାମ୍ପ ବ୍ୟବସ୍ଥା ନାହିଁ। ତେଣୁ ହଇରାଣ ହେବାକୁ ପଡୁଛି। ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବା ଜରୁରୀ। ଶ୍ରୀମନ୍ଦିରର ବରିଷ୍ଠ ଦଇତାପତି ସେବକ ବିନାୟକ ଦାସ ମହାପାତ୍ର କହିଛନ୍ତି, ଶ୍ରୀମନ୍ଦିର ପରିସରକୁ ଦିବ୍ୟାଙ୍ଗମାନେ କିପରି ଯିବେ ଓ ମହାପ୍ରଭୁଙ୍କୁ ଭଲରେ ଦର୍ଶନ କରିବେ ସେଥିପାଇଁ ବ୍ୟବସ୍ଥା ହେବା ଆବଶ୍ୟକ। ତେବେ ହୁଇଲ ଚେୟାରରେ ରବର ଲାଗିଥିବାରୁ ତାହା ମନ୍ଦିର ପରିସରକୁ ଯିବାକୁ ନେଇ ଅନେକ ସେବାୟତ ମନା କରୁଛନ୍ତି। ଫଳରେ ହୁଇଲଚେୟାର ଶ୍ରୀମନ୍ଦିର ପରିସରକୁ ଯାଉନାହିଁ। ସେହିପରି ଶ୍ରୀମନ୍ଦିର ଭିତରେ ପର୍ଯ୍ୟାପ୍ତ ସ୍ଥାନ ନ ଥିବାରୁ ହୁଇଲଚେୟାର ଗଲେ ଅଧିକ ଗହଳି ହେବ। ତେଣୁ ଏହାର ବିକଳ୍ପ ବ୍ୟବସ୍ଥା ପାଇଁ ଚିନ୍ତା କରାଯାଉଛି। ଆଗାମୀ ପରିଚାଳନା କମିଟି ବୈଠକରେ ଏ ନେଇ ଆଲୋଚନା କରାଯିବାକୁ ଦାସମହାପାତ୍ର ଦାବି କରିଛନ୍ତି।

ଅନ୍ୟପକ୍ଷରେ ଜିଲା ପ୍ରଶାସନ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ, ଉତ୍ତରଦ୍ୱାର ପଟେ ର୍‍ୟାମ୍ପ ବ୍ୟବସ୍ଥା ସମ୍ପୂର୍ଣ୍ଣ ହୋଇପାରିନାହିଁ। ତୁରନ୍ତ ତାହାକୁ ଶେଷ କରାଯିବ। ଶ୍ରୀମନ୍ଦିର ପ୍ରଶାସନ ଓ ସେବାୟତଙ୍କ ସହମତିରେ ଏକ ମଡେଲ ପ୍ରସ୍ତୁତ କରାଯିବ। ଫଳରେ ଦିବ୍ୟାଙ୍ଗମାନେ ସହଜରେ ଶ୍ରୀମନ୍ଦିର ଯାଇ ମହାପ୍ରଭୁଙ୍କୁ ଦର୍ଶନ କରିପାରିବେ।

## ଯୁବକଙ୍କ ଝୁଲନ୍ତା ମୃତଦେହ ଜବତ

**ନିମାପଡ଼ା,୧।୩(ଡି.ଏନ୍‌ଏ.)**

ନିମାପଡ଼ା ଥାନା ଅନ୍ତର୍ଗତ ଅଣ୍ଡିଆ ସାହି ସିଦ୍ଧମହାବୀର କଲୋନିସ୍ଥିତ ଏକ ଭଡ଼ାଘରୁ ବୁଧବାର ନିମାପଡ଼ା ପୋଲିସ ଜଣେ ଯୁବକଙ୍କ ଝୁଲନ୍ତା ମୃତଦେହ ଜବତ କରିଛି। ଯୁବକ ଜଣକ ହେଲେ ନିମାପଡ଼ା ଏନ୍‌ଏସି ଅନ୍ତର୍ଗତ ପାଟପୁର ଜଇନାବାଦ ଗ୍ରାମର ଜିତେନ୍ଦ୍ରିୟ ବସ୍ତିଆ(୨୭)। ଏନେଇ ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ. ୫/୨୩) ରୁଜୁ କରି ତଦନ୍ତ ଚଳାଇଛି। ପୋଲିସ ମୃତଦେହକୁ ବ୍ୟବଚ୍ଛେଦ ନିମନ୍ତେ ଚାରିଛକ ମେଡିକାଲକୁ ପଠାଇଛି।

ସୂଚନା ମୁତାବକ, ଜିତେନ୍ଦ୍ରିୟ ତାଙ୍କ ସାନ ଭାଇ ଓ ମା'ଙ୍କ ସହ ଦୀର୍ଘ ଦିନ ହେବ ଅଣ୍ଡିଆ ସାହିରେ ଭଡ଼ାରେ ରହୁଥିଲେ। ସେ ଗୋପ ଅଞ୍ଚଳର ଏକ ଡାକ ଘରେ କାମ କରୁଥିଲେ। ସବୁଦିନ ପରି ଜିତେନ୍ଦ୍ରିୟ ମଙ୍ଗଳବାର ରାତିରେ ଖାଇପିଇ ଶୋଇଥିଲେ। ବୁଧବାର ସକାଳେ ତାଙ୍କ ଶୋଇବା ଘର କବାଟ ନ ଖୋଲିବାରୁ ପରିବାର ଲୋକେ ଓ ସମ୍ପର୍କୀୟ କବାଟ ଭାଙ୍ଗିଥିଲେ। ପରେ ଜିତେନ୍ଦ୍ରିୟ ଫ୍ୟାନ୍‌ରେ ଝୁଲି ପଡ଼ିଥିବା ଦେଖି ପୋଲିସକୁ ଖବର ଦେଇଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିଲା। ଏ ସମ୍ପର୍କରେ ଜିତେନ୍ଦ୍ରିୟଙ୍କ ଦାଦା ପାର୍ଥ ରଞ୍ଜନ ବସ୍ତିଆ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି।

# ପୁଅର ମୃତ୍ୟୁ ପରେ ଚକ୍ଷୁଦାନ କଲେ ପରିବାର



ଆଇଆଇସି ଦୟାନିଧି ନାୟକ ପରିବାର ବର୍ଗଙ୍କୁ ଚକ୍ଷୁଦାନ ପ୍ରମାଣପତ୍ର ପ୍ରଦାନ କରୁଛନ୍ତି ।

**ଡେଲାଙ୍ଗ,୧।୩(ଡି.ଏନ୍.ଏ.)**

ଡେଲାଙ୍ଗ ବ୍ଲକ ଅନ୍ତର୍ଗତ ଚାଇଁପୁର ପଞ୍ଚାୟତର ଗୋରଡାପିଢ଼ ଗ୍ରାମର ଅନିଲ ପରିଡା(୨୫)ଙ୍କ ମଙ୍ଗଳବାର ଅକାଳ ବିୟୋଗ ଘଟିଛି। ପରିବାର ଲୋକେ ପୁତ୍ରକୁ ହରାଇଥିବା ବେଳେ ବୁଧବାର ଚକ୍ଷୁଦାନ କରିଛନ୍ତି। ସୂଚନା ଅନୁଯାୟୀ, ଅନିଲ ଭୁବନେଶ୍ୱରସ୍ଥିତ ଓଏସ୍‌ଏପି କ୍ୟାମ୍ପସରେ ଏକ ଇଣ୍ଟରଭ୍ୟୁ ଦେବାକୁ ଯାଇଥିବା ବେଳେ ୧୬ଶହ ମିଟର ଦୌଡ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ଦୌଡ ପରେ ସେ ହଠାତ୍ ଅଚେତ ହୋଇଯିବା ପରେ ବିଭାଗୀୟ ଅଧିକାରୀମାନେ ତାଙ୍କୁ ଉଦ୍ଧାର କରି ଏକ ଘରୋଇ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସେଠାରେ ଚିକିତ୍ସା ପରେ ସାମାନ୍ୟ ସୁସ୍ଥ ଅନୁଭବ କରିବା ପରେ ତାଙ୍କ ଗଙ୍ଗପଡାସ୍ଥିତ ମାଉସୀ ଘରକୁ ସାଙ୍ଗମାନଙ୍କ ସହାୟତାରେ ଅଣାଯାଇଥିଲା। ସେଠାରେ ଏକ ଘଣ୍ଟା ବିଶ୍ରାମ ନେବା ପରେ ହଠାତ୍ ପୁଣି ଅଚେତ ହୋଇପଡ଼ିଥିଲେ। ସେଠାରୁ ତାଙ୍କ ମା' ଓ ସମ୍ପର୍କୀୟମାନେ ତାଙ୍କୁ କ୍ୟାପିଟାଲ ହସ୍ପିଟାଲ ଓ ପରେ ଏମ୍ସ ହସ୍ପିଟାଲକୁ ସ୍ଥାନାନ୍ତର କରିଥିଲେ। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଗ୍ରୀଷ୍ମପ୍ରବାହ ସମୟରେ ବିଭାଗୀୟ ଅଧିକାରୀଙ୍କ ତ୍ରୁଟିପୂର୍ଣ୍ଣ ଦୌଡ ଯୋଗୁ ଅନିଲଙ୍କ ବିୟୋଗ ଘଟିଥିବା ସ୍ଥାନୀୟ ଜନସାଧାରଣ ନିନ୍ଦା କରିଛନ୍ତି। ଅନିଲ ଏକ ଗରିବ ପରିବାରରେ ଜନ୍ମଗ୍ରହଣ କରିଥିବା ବେଳେ ବିଜ୍ଞାନ ବିଭାଗରେ ସ୍ନାତକୋତ୍ତର ଡିଗ୍ରୀ ହାସଲ କରିଥିଲେ। ତାଙ୍କ ବାପା ଜଣେ

### ପୋଲିସ ଇଣ୍ଟରଭ୍ୟୁରେ ଅଚେତ ହୋଇପଡ଼ିଥିଲେ

ଦିନମଜୁରିଆ ହୋଇଥିବାରୁ ସରକାରୀ ସହାୟତା ପାଇଁ ସ୍ଥାନୀୟ ଜନସାଧାରଣ ଦାବି କରିଛନ୍ତି। ପୁଅ ମୃତ୍ୟୁ ପରେ ଅନିଲଙ୍କ ମା' ଓ ବାପା ପ୍ରସନ୍ନ ପରିଡା ପୁଅର ଚକ୍ଷୁଦାନ ପାଇଁ ନିଷ୍ପତ୍ତି ନେଇ ଦାନ କରିଥିଲେ। ପରେ ପରିବାର ଲୋକେ ପୂର୍ବତନ ସରପଞ୍ଚ ପ୍ରଦ୍ୟୁମ୍ନ ପରିଡାଙ୍କ ଉପସ୍ଥିତିରେ ଚକ୍ଷୁଦାନର ଏକ ପ୍ରମାଣ ପତ୍ର ଖଣ୍ଡଗିରି ଥାନା ଆଇଆଇସି ଦୟାନିଧି ନାୟକଙ୍କଠାରୁ ଗ୍ରହଣ କରିଛନ୍ତି। ମୃତଦେହକୁ ଗ୍ରାମ ପରିକ୍ରମା କରାଯାଇ ପୁରୀ ସ୍ୱର୍ଗଦ୍ୱାରରେ ଦାହ କରାଯାଇଛି।

## ୩ରେ ବୀରହରେକୃଷ୍ଣପୁର ଉଚ୍ଚ ବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ

**ପୁରୀ ଅଫିସ, ୧।୩:**

ବୀରହରେକୃଷ୍ଣପୁର ସରକାରୀ ଉଚ୍ଚ ବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ଚଳିତ ମାସ ୩ ତାରିଖରେ ବିଦ୍ୟାଳୟ ପରିସରରେ ପାଳନ କରାଯିବ। ଛାତ୍ରୀଛାତ୍ରଙ୍କ ପରୀକ୍ଷାକୁ ଦୃଷ୍ଟିରେ ରଖାଯାଇ ଏହି ଉତ୍ସବକୁ ଗୋଟିଏ ଦିନ ମଧ୍ୟରେ ସୀମିତ ରଖାଯିବାକୁ ସ୍ଥିର କରାଯାଇଛି। ଛାତ୍ରୀଛାତ୍ରଙ୍କ ମଧ୍ୟରେ ପ୍ରତିଯୋଗିତା ଶେଷ ହୋଇଥିବା ବେଳେ ସାଂସ୍କୃତିକ କାର୍ଯ୍ୟକ୍ରମ ପାଇଁ ଅଭ୍ୟାସ ଚାଲୁ ରହିଛି। ବିଦ୍ୟାଳୟ ଆରମ୍ଭ ଦିନଠାରୁ ପ୍ରତ୍ୟେକ ବର୍ଷ ମାଟ୍ରିକ ପରୀକ୍ଷାରେ ବିଦ୍ୟାଳୟରେ ସର୍ବୋଚ୍ଚ ନମ୍ବର ରଖିଥିବା କୃତି ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯିବ। ୧୯୭୧ ମସିହାରେ ରାଜ୍ୟରେ ବିଦ୍ୟାଳୟ ପକ୍ଷରୁ ସର୍ବୋଚ୍ଚ ନମ୍ବର ରଖିଥିବା ଚନ୍ଦ୍ରଶେଖର ଦାଶଙ୍କୁ ସମ୍ବର୍ଦ୍ଧିତ କରାଯିବ। ଉତ୍ସବରେ ଅତିଥି ଭାବେ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ, ରୁଦ୍ରପ୍ରତାପ ମହାରଥୀ, ଅତିରିକ୍ତ ଜିଲାପାଳ ପ୍ରଦୀପ କୁମାର ସାହୁ, କିଟ ସାଇନ୍ସ କଲେଜ ଅଧକ୍ଷ ଡ. ଚିତ୍ତ ରଞ୍ଜନ ମିଶ୍ର, ଏମ୍ସର ପୂର୍ବତନ ନିର୍ଦ୍ଦେଶକ ତଥା ବର୍ତ୍ତମାନର ସୋଆ ବିଶ୍ୱବିଦ୍ୟାଳୟର କୁଳପତି ଅଶୋକ କୁମାର ମହାପାତ୍ର, ଲୋକସେବକ ମଣ୍ଡଳର ଉପାଧ୍ୟକ୍ଷ ନିରଞ୍ଜନ ରଥ, ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ, ପୂର୍ବତନ ବାଚସ୍ପତି ମହେଶ୍ୱର ମହାନ୍ତି, ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟର ପ୍ରାକ୍ତନ କୁଳପତି ଡ. ହରେକୃଷ୍ଣ ଶତପଥୀ, ଜିନ୍ଦଲ ପାୱାର ଓ ଷ୍ଟିଲ ଲିମିଟେଡ୍ ସିଏସ୍‌ଆର୍ ଅଧକ୍ଷ ପ୍ରଶାନ୍ତ କୁମାର ହୋତା, ପଦ୍ମିନୀ ମିଶ୍ର ଏବଂ ପ୍ରତିଭା ମହାରଥୀ ପ୍ରମୁଖ ଯୋଗଦେବାର କାର୍ଯ୍ୟକ୍ରମ ରହିଛି।

## ମାସକରେ ୫୫୦ଜଣଙ୍କୁ ଏମ୍‌ଭି ଆକ୍ଟରେ ନୋଟିସ୍

**ନିମାପଡ଼ା,୧।୩(ଡି.ଏନ୍‌ଏ.)**

ନିମାପଡ଼ା ଥାନା ଓ ଚାରିଛକ ଥାନା ପୋଲିସ ପକ୍ଷରୁ ଏବେ ବାଇକ୍ ଚେକିଂ ଦିଗରେ କଡ଼ା ପଦକ୍ଷେପ ଗ୍ରହଣ କରାଯାଇଛି। ବିଭିନ୍ନ ଛକ, ବଜାରରେ ବିଭିନ୍ନ ସମୟରେ ବାଇକ୍ ଚେକିଂ କରାଯାଉଛି। ବିନା ହେଲମେଟ୍‌ରେ ବାଇକ୍ ଚଳାଉଥିବା, ଦ୍ରୁତଗତିରେ ବାଇକ୍ ଚାଳନା, ଗାଡ଼ିରେ ୩ଜଣ ବସି ଯାତ୍ରା କରୁଥିବା, ନିଶାସକ୍ତ ଅବସ୍ଥାରେ ଗାଡ଼ି ଚଳାଉଥିବା, ବିନା ଡ୍ରାଇଭିଂ ଲାଇସେନ୍ସରେ ଗାଡ଼ି ଚାଳନା ସମ୍ପର୍କରେ ପୋଲିସ ପକ୍ଷରୁ ଗତ ମାସକ ମଧ୍ୟରେ ୩୫୦ ଜଣ ଅମାନିଆ ବାଇକ୍ ଚାଳକଙ୍କ ବିରୋଧରେ ଏମ୍‌ଭି ଆକ୍ଟରେ ନୋଟିସ ଦିଆଯାଇଥିବା ନିମାପଡ଼ା ଥାନା ସୂତ୍ରରୁ ଜଣାପଡିଛି। ସେହିପରି ଗତ ମାସକ ମଧ୍ୟରେ ଚାରିଛକ ଥାନା ପୋଲିସ ପକ୍ଷରୁ ପ୍ରାୟ ୨୦୦ ଅମାନିଆ ବାଇକ୍ ଚାଳକଙ୍କ ବିରୋଧରେ ନୋଟିସ ଦିଆଯାଇଥିବାବେଳେ ମୋଟ ୫୫୦ଜଣଙ୍କୁ ଏମ୍‌ଭି ଆକ୍ଟରେ ନୋଟିସ୍ ଦିଆଯାଇଛି। ପୁରୀ ଜିଲା ଏସ୍‌ପି ଡ. କନୱାର ବିଶାଲ ସିଂଙ୍କ ନିର୍ଦ୍ଦେଶକ୍ରମେ ଏସ୍‌ଡିପିଓ ଦେବାଶିଷ ମିଶ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ନିମାପଡ଼ା ଥାନା ଆଇଆଇସି ଶଙ୍କର୍ଷଣ ଦଳାଇ, ଚାରିଛକ ଥାନା ଅଧିକାରୀ ମମତା ବିଶ୍ୱାଳ ପ୍ରମୁଖ ଏହି ବାଇକ୍ ଚେକିଂ ବ୍ୟବସ୍ଥାକୁ ଆହୁରି କଡ଼ାକଡ଼ି କରାଯିବ ବୋଲି ଏସ୍‌ଡିପିଓ ମିଶ୍ର ଓ ଆଇଆଇସି ଦଳାଇ ସୂଚନା ଦେଇଛନ୍ତି।

## ତୀର୍ଥଯାତ୍ରାରେ ଯିବେ ୧୫୯ ବରିଷ୍ଠ ନାଗରିକ

**ପୁରୀ ଅଫିସ, ୧।୩:**

ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନାରେ ୨୦୨୨-୨୩ ବର୍ଷ ପାଇଁ ପୁରୀ ଜିଲାରୁ ୧୫୯ ଜଣ ବରିଷ୍ଠ ନାଗରିକ ତୀର୍ଥଯାତ୍ରାରେ ଯିବେ। ଏହି ବରିଷ୍ଠ ନାଗରିକମାନେ ଚଳିତ ମାସ ୪ରୁ ୯ ତାରିଖ ପର୍ଯ୍ୟନ୍ତ ରାଜସ୍ଥାନର ଆଜମେର ଓ ପୁଷ୍କର ଆଦି ସ୍ଥାନ ପରିଭ୍ରମଣ କରିବାର କାର୍ଯ୍ୟକ୍ରମ ରହିଛି ବୋଲି ଅତିରିକ୍ତ ଜିଲାପାଳ (ପ୍ରଶାସନ) ପ୍ରଦୀପ କୁମାର ସାହୁ ବୁଧବାର ସୂଚନା ଦେଇଛନ୍ତି। ଏ ନେଇ ଅନୁଷ୍ଠିତ ବୈଠକରେ ଅଧକ୍ଷତା କରି ଅତିରିକ୍ତ ଜିଲାପାଳ ସାହୁ ତୀର୍ଥଯାତ୍ରାରେ ସାମିଲ ଥିବା ବରିଷ୍ଠ ନାଗରିକମାନଙ୍କୁ ଉପଯୁକ୍ତ ସ୍ଥାନ ଓ ସମୟରେ ପହଞ୍ଚିବାକୁ ସୂଚିତ କରିବା ସହ ସେମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଇବାକୁ ପର୍ଯ୍ୟଟନ ବିଭାଗର ସହକାରୀ ନିର୍ଦ୍ଦେଶକଙ୍କୁ ପରାମର୍ଶ ଦେଇଥିଲେ। ବୈଠକରେ ପର୍ଯ୍ୟଟନ ବିଭାଗର ସହକାରୀ ନିର୍ଦ୍ଦେଶକ ସରୋଜକାନ୍ତ ପ୍ରଧାନ ତୀର୍ଥଯାତ୍ରା ସମ୍ପର୍କରେ ବିସ୍ତୃତ ସୂଚନା ଦେଇଥିଲେ। ୧୫୯ ଜଣ ଯାତ୍ରୀଙ୍କ ମଧ୍ୟରୁ ୧୧୩ ଜଣ ବ୍ୟକ୍ତି ସିଙ୍ଗିଲ ଥିବାବେଳେ ୨୩ଜଣ ଦମ୍ପତି ରହିଛନ୍ତି। ଏହି ତୀର୍ଥଯାତ୍ରୀଙ୍କ ସହ ୫ ଜଣ ସହାୟକ ଯାତ୍ରା କରିବେ। ସମସ୍ତ ତୀର୍ଥଯାତ୍ରୀ ଚଳିତ ମାସ ୩ତାରିଖ ସକାଳ ୯ଟା ସୁଦ୍ଧା ଜିଲା ପର୍ଯ୍ୟଟନ କାର୍ଯ୍ୟାଳୟରେ ପହଞ୍ଚିବାକୁ କୁହାଯାଇଛି। ବୈଠକରେ ଉପସ୍ଥିତ ଥିବା ବିଭିନ୍ନ ବିଭାଗର ଅଧିକାରୀମାନେ କାର୍ଯ୍ୟରେ ସହଯୋଗ କରିବାକୁ ପ୍ରଶାସନ ପରାମର୍ଶ ଦେଇଛି।

# ସୁପର ଓଭରରେ କଟକକୁ ହରାଇ ଜଗତ୍‌ସିଂହପୁର ବିଜୟୀ

**ଅସ୍ତରଙ୍ଗ,୧।୩(ଡି.ଏନ୍.ଏ.)**

### ୨୫ତମ ମା' ତାରିଣୀ କ୍ରିକେଟ୍ କପ୍

ଅସ୍ତରଙ୍ଗ ମା' ତାରିଣୀ ସ୍ପୋର୍ଟିଂ କ୍ଲବ୍ ପକ୍ଷରୁ ଆୟୋଜିତ ୨୫ତମ ତାରିଣୀ କପ୍ ଚୌଧୁରୀ ଷ୍ଟାଡିୟମରେ ମଙ୍ଗଳବାରଠାରୁ ଆରମ୍ଭ ହୋଇଯାଇଛି। ବୁଧବାର ମ୍ୟାଚରେ ଇଲେଭେନ କଟକକୁ ହରାଇ ଜଗତ୍‌ସିଂହପୁର ଏସ୍‌ସିଏସ୍ ବିଜୟୀ ହୋଇଛି। ଇଲେଭେନ କଟକ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ୩ଉଇକେଟ ହରାଇ ୧୪୮ ରନ୍ ସଂଗ୍ରହ କରିଥିଲା। ଜବାବରେ ଏସ୍‌ସିଏସ୍ ଜଗତସିଂହପୁର ସମସ୍ତ ଉଇକେଟ ହରାଇ ୧୪୮ ରନ କରିବା ଫଳରେ ମ୍ୟାଚ ଟାଇ ହୋଇଥିଲା। ସୁପର ଓଭରରେ ଜଗତ୍‌ସିଂହପୁର ୨ଉଇକେଟ ହରାଇ ୨୦ ରନ୍ କରିଥିଲା। ଜବାବରେ କଟକ ୧୮ ରନ କରି ପରାଜିତ ହୋଇଥିଲା। ଦଳର ଦୀପ୍ତି ରଞ୍ଜନ ବିଶ୍ୱାଳଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ ଘୋଷଣା କରାଯାଇ ୧ ହଜାର ଟଙ୍କା ପୁରସ୍କାର ଦିଆଯାଇଥିଲା। ସୁରେଶ ତ୍ରିପାଠୀ, କୁମାର ବାପି ମ୍ୟାଚ ପରିଚାଳନା କରିଥିଲେ। ତୃତୀୟ ଅମ୍ପାୟାର ଭାବେ ରମାରଞ୍ଜନ ମହାନ୍ତି ଥିଲେ। ତାରିଣୀ ସ୍ପୋର୍ଟିଂ କ୍ଲବ୍ ସଭାପତି ମନୋଜ ବିଶ୍ୱାଳ, କ୍ରୀଡ଼ା ସମ୍ପାଦକ ସମୀର କର ପ୍ରମୁଖ ଖେଳ ପରିଚାଳନା କରିଥିଲେ।



ମ୍ୟାନ ଅଫ୍ ଦି ମ୍ୟାଚ ପୁରସ୍କାର ପ୍ରଦାନ କରାଯାଉଛି ।

# ଜାତୀୟ ହସ୍ତଶିଳ୍ପ ପ୍ରଦର୍ଶନୀ ଉଦ୍‌ଯାପିତ





ଜାତୀୟ ହସ୍ତଶିଳ୍ପ ପ୍ରଦର୍ଶନୀ- ଗାନ୍ଧୀ ଶିଳ୍ପ ବଜାର ଉଦ୍‌ଯାପନ କାର୍ଯ୍ୟକ୍ରମରେ ପୁରୀ ବିଧାୟକ ଜୟନ୍ତ କୁମାର ଷଡଙ୍ଗୀ ଏବଂ ଅନ୍ୟ ଅତିଥିମାନେ ।

**ପୁରୀ ଅଫିସ, ୧।୩:**

- ଖୋଲିଥିଲା ୯୮ ଷ୍ଟଲ, ୧୦ ଦିନରେ ହେଲା ୮୨ ଲକ୍ଷର ବ୍ୟବସାୟ
- ଆଗାମୀ ବର୍ଷ ୫୦୦ ଷ୍ଟଲକୁ ନେଇ ହେବ ଅନ୍ତର୍ଜାତୀୟ ଗାନ୍ଧୀ ଶିଳ୍ପ ବଜାର

ପୁରୀର ସ୍ୱର୍ଣ୍ଣାଭ ବେଳାଭୂମିରେ ଦଶଦିନ ବ୍ୟାପି ଚାଲିଥିବା ଜାତୀୟ ହସ୍ତଶିଳ୍ପ ପ୍ରଦର୍ଶନୀ- ଗାନ୍ଧୀ ଶିଳ୍ପ ବଜାର-୨୦୨୩ ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ମେଳାରେ ବିଭିନ୍ନ ରାଜ୍ୟର ୯୮ଟି ଷ୍ଟଲ ଖୋଲିଥିବାବେଳେ ପ୍ରାୟ ୮୨ ଲକ୍ଷ ଟଙ୍କାର ବ୍ୟବସାୟ ହୋଇଥିବା ଜାତୀୟ ମେଳା କମିଟିର ସମ୍ପାଦକ ରାଜେଶ କୁମାର ମହାନ୍ତି ସୂଚନା ଦେଇଛନ୍ତି। ଜାତୀୟ ମେଳା କମିଟିର ଅଧ୍ୟକ୍ଷ ବଦ୍ରୀ ମିଶ୍ରଙ୍କ ସଭାପତିତ୍ୱ ଏବଂ ଶ୍ରୀ ଶ୍ରୀକ୍ଷେତ୍ର ସୂଚନାର ସମ୍ପାଦକ ରାଜେଶ କୁମାର ମହାନ୍ତିଙ୍କ ପରିଚାଳନାରେ ଅନୁଷ୍ଠିତ ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପୁରୀ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ ଯୋଗଦେଇଥିଲେ। ବିଧାୟକ ଷଡ଼ଙ୍ଗୀ କହିଥିଲେ, କେନ୍ଦ୍ର ଓ ରାଜ୍ୟ ସରକାର ଏବଂ ଜିଲା ପ୍ରଶାସନର ମିଳିତ ସହଯୋଗରେ ଆସନ୍ତା ବର୍ଷ ଡିସେମ୍ବର ଶେଷାର୍ଦ୍ଧରେ ଦେଶ ବିଦେଶର ପାଞ୍ଚଶହଟି ଷ୍ଟଲକୁ ନେଇ ପୁରୀ ବେଳାଭୂମିରେ ଶ୍ରୀ ଶ୍ରୀକ୍ଷେତ୍ର ସୂଚନା ତରଫରୁ ଅନ୍ତର୍ଜାତୀୟ ଶ୍ରୀଜଗନ୍ନାଥ ହସ୍ତଶିଳ୍ପ ପ୍ରଦର୍ଶନୀ-ଗାନ୍ଧୀ ଶିଳ୍ପ ବଜାର ଆୟୋଜନ ପାଇଁ ସ୍ଥିର ହୋଇଛି। କେବଳ ହସ୍ତଶିଳ୍ପ ନୁହେଁ, ହସ୍ତକଳା, କୁଟୀର ଶିଳ୍ପ, ହସ୍ତତନ୍ତ ଓ ବସ୍ତ୍ରବଜାରକୁ ନେଇ ଏହା ଆୟୋଜନ ହେବ ବୋଲି ସେ ସୂଚନା ଦେଇଥିଲେ। ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ମୁଖ୍ୟ ବକ୍ତା ଭାବେ ଅତିରିକ୍ତ ଜିଲାପାଳ ପ୍ରଦୀପ କୁମାର ସାହୁ ଯୋଗଦେଇ ଶିଳ୍ପ ଓ ଶିଳ୍ପୀଙ୍କ ବିକାଶ ପାଇଁ ରାଜ୍ୟ ସରକାର ସମସ୍ତ ସହଯୋଗ କରିବେ ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ହସ୍ତଶିଳ୍ପ ଆୟୁକ୍ତର ବରିଷ୍ଠ ସହନିର୍ଦ୍ଦେଶକ ଅଶୋକ କୁମାର ହୋତା, ଓଡ଼ିଶା ଉଚ୍ଚ ନ୍ୟାୟାଳୟର ବରିଷ୍ଠ ଅଧିବକ୍ତା ବିଭୁ ପ୍ରସାଦ ତ୍ରିପାଠୀ, ପର୍ଯ୍ୟଟନ ବିଭାଗ ସହନିର୍ଦ୍ଦେଶକ ସରୋଜକାନ୍ତ ପ୍ରଧାନ, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସନ୍ତୋଷ କୁମାର ସେଠୀ, ଜିଲା ହସ୍ତଶିଳ୍ପ ବିଭାଗ ସହନିର୍ଦ୍ଦେଶକ ଶ୍ରୀକାନ୍ତ ଶେଖର ଶ୍ରୀଚନ୍ଦନ ଏବଂ ନେହେରୁ ଯୁବ କେନ୍ଦ୍ରର ସଂଯୋଜକ ଜୟଶଙ୍କର ଜୋଶୀ ଯୋଗଦେଇ ଶିଳ୍ପୀମାନଙ୍କ ଅର୍ଥନୈତିକ ଓ ସାମାଜିକ ବିକାଶ ପାଇଁ ଏଭଳି ମେଳା ଆୟୋଜନ ଏକ ଶ୍ରେଷ୍ଠ ଉଦାହରଣ ବୋଲି କହିଥିଲେ। ଏହି ଅବସରରେ ରାମାନୁଜମ ଓ ଅମର ମିଶ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମକୁ ଭରତ ନାୟକ ଓ ଶ୍ୟାମପ୍ରକାଶ ସେନାପତି ସଞ୍ଚାଳନ କରିଥିଲେ। ପ୍ରିୟଦର୍ଶିନୀ ଡ୍ୟାନ୍ସ ଏକାଡେମୀ ପକ୍ଷରୁ ସମ୍ପାଦିକା ନିତୁ ପ୍ରିୟଦର୍ଶିନୀଙ୍କ ନେତୃତ୍ୱରେ ମେଳ ନୃତ୍ୟ ଓ ଶିବ ସୁନ୍ଦର ମିଶ୍ରଙ୍କ ଦ୍ୱାରା ଏକକ ଅଭିନୟ ସଙ୍ଗୀତ ପରିବେଷଣ ହୋଇଥିଲା। କାର୍ଯ୍ୟକ୍ରମ ପରିଚଳନାରେ ବିଦ୍ରୋହ କେଶରୀ ସିଂ, ଦାମୋଦର ଶତପଥୀ, ସଂଗ୍ରାମ କେଶରୀ କାନୁନଗୋ, ବିଶ୍ୱନାଥ ମିଶ୍ର, ହେକ୍ଟର ମିଶ୍ର, ପ୍ରଶାନ୍ତ ସାହୁ, ପୂର୍ଣ୍ଣଚନ୍ଦ୍ର ଓଝା, ରାକେଶ କୁମାର ସାହୁ ପ୍ରମୁଖ ସହଯୋଗ କରିଥିଲେ।

## ଶିବିରରୁ ୧୨୦ ୟୁନିଟ୍ ରକ୍ତ ସଂଗ୍ରହ

ଖୁଣ୍ଟୁଣୀ,(ଡି.ଏନ୍.ଏ.): ଆଠଗଡ଼ ବ୍ଲକ ଅଧୀନ ଗୁରୁଡିଝାଟିଆସ୍ଥିତ ଶ୍ରୀ ଶ୍ରୀ ଧବଳେଶ୍ୱର କଲେଜ ପରିସରରେ ଯୁବ ରେଡ୍‌କ୍ରସ ଦ୍ୱାରା ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅତିଥି ଭାବେ କଲେଜ ଅଧକ୍ଷ ଅଶୋକ କୁମାର ସାମନ୍ତରାୟ ଯୋଗଦେଇ ରକ୍ତଦାନର ମହନୀୟତା ଉପରେ କହିଥିଲେ। ଏହି ଶିବିରରେ ୧୨୦ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା। ଏହି ଅବସରରେ ରକ୍ତଦାତାମାନଙ୍କୁ ମାନପତ୍ର ପ୍ରଦାନ କରାଯାଇଥିଲା। କଲେଜ ଯୁବ ରେଡ୍‌କ୍ରସ ୟୁନିଟ୍‌ର କାଉନସେଲର ଐଶ୍ୱର୍ଯ୍ୟା ପାତ୍ରୋଙ୍କ ସହଯୋଗ ଓ ତୁଷାର କୁମାର ସାହୁଙ୍କ ସଂଯୋଜନାରେ ଶିବିର ପରିଚାଳିତ ହୋଇଥିଲା। କଲେଜର ସମସ୍ତ ଛାତ୍ରୀଛାତ୍ର, ଅଧ୍ୟାପିକା, ଅଧ୍ୟାପକ ଓ କର୍ମଚାରୀମାନେ ଶିବିରରେ ରକ୍ତଦାନ କରିଥିଲେ।

### ସଂକ୍ଷେପରେ

## କ୍ୟାମ୍ପସରେ ଯୁବତୀଯୁବକଙ୍କ ଅସଂଯତ ଭିଡିଓ ଭାଇରାଲ

**ରେଭେନ୍ସା ବିଶ୍ୱବିଦ୍ୟାଳୟ**

**କଟକ ଅଫିସ,୧୩:** ରେଭେନ୍ସା ବିଶ୍ୱବିଦ୍ୟାଳୟ ପରିସରରେ ବୁଧବାର ଏକ ଅଭାବନୀୟ ଦୃଶ୍ୟ ଦେଖିବାକୁ ମିଳିଛି। ବିଶ୍ୱବିଦ୍ୟାଳୟ କ୍ୟାମ୍ପସରେ ଅସଂଯତ ଅବସ୍ଥାରେ ଯୁବତୀଯୁବକଙ୍କ ଏକ ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେଉଛି। ତେବେ ସେମାନେ ଅଧ୍ୟୟନରତ ଛାତ୍ରୀଛାତ୍ର କି ବାହାର ପିଲା ତାହା ସ୍ପଷ୍ଟ ହୋଇପାରି ନାହିଁ। ରେଭେନ୍ସାରେ ଅଣଛାତ୍ର ପ୍ରବେଶକୁ ରୋକିବାକୁ ପଦକ୍ଷେପ ଗ୍ରହଣ କରାଯିବାକୁ ନିଷ୍ପତ୍ତି ହୋଇଥିଲା। ଏହାସତ୍ତ୍ୱେ ଏବେ ଅଣଛାତ୍ରଙ୍କ ପ୍ରବେଶ ବିଭିନ୍ନ ସମୟରେ ଦେଖିବାକୁ ମିଳୁଛି। ଉତ୍ତମ ଶିକ୍ଷା ବ୍ୟବସ୍ଥାକୁ ନେଇ ସୁନାମ ଅର୍ଜନ କରିଥିବା ରେଭେନ୍ସା ଏଭଳି କିଛି ଘଟଣାକୁ ନେଇ ଏବେ ସମାଲୋଚନାର ଶରବ୍ୟ ପାଲଟିଛି। ଏ ସଂକ୍ରାନ୍ତରେ ବିଶ୍ୱବିଦ୍ୟାଳୟର ମିଡିଆ ସେଲ୍ ଅଧକ୍ଷ ଧର୍ମବ୍ରତ ମହାପାତ୍ରଙ୍କୁ ପଚାରିବାରୁ ଏଭଳି ଘଟଣା ତାଙ୍କ ନଜରକୁ ଆସିନାହିଁ ବୋଲି କହିଛନ୍ତି। ଯଦି ଘଟଣାର ସତ୍ୟତା ଥିବା ଜଣାପଡିବ, ତାହେଲେ ଏହା ଏକ ନିନ୍ଦନୀୟ ଘଟଣା। ବିଶ୍ୱବିଦ୍ୟାଳୟରେ ନିୟମିତ ସମୟ ବ୍ୟବଧାନରେ ସୁରକ୍ଷା କର୍ମୀମାନେ କ୍ୟାମ୍ପସ ବୁଲି ଯାଞ୍ଚ କରୁଛନ୍ତି। ତେଣୁ ଏଭଳି ଘଟଣା ଯଦି ଘଟିଥିବ ଯାଞ୍ଚ କରାଯାଇ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ମହାପାତ୍ର କହିଛନ୍ତି।

## ରାଧାକୃଷ୍ଣ ମନ୍ଦିରର ବାର୍ଷିକ ଉତ୍ସବ

**ଫୁଲନଖରା,୧୩(ଡି.ଏନ୍.ଏ.):** କଟକ ସଦର ଥାନା ଅନ୍ତର୍ଗତ ବାଗଧରାପୁରଠାରେ ଥିବା ରାଧାକୃଷ୍ଣ ମନ୍ଦିରର ଷଷ୍ଠ ବାର୍ଷିକ ଉତ୍ସବ ଓ ବିଶ୍ୱଶାନ୍ତି ମହାଯଜ୍ଞର ବୁଧବାର ପୂର୍ଣ୍ଣାହୁତି ହୋଇଛି। ଗତ ରବିବାରଠାରୁ ଆରମ୍ଭ ହୋଇଥିବା ଉତ୍ସବର ବିଭିନ୍ନ ଦିବସରେ କଳସ ଶୋଭାଯାତ୍ରା, ସୂର୍ଯ୍ୟପୂଜା, ଚଣ୍ଡୀପାଠ କରାଯାଇଥିଲା। ଏଥିସହ ପ୍ରତ୍ୟହ ସନ୍ଧ୍ୟାରେ ଭଜନ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା। ବିଶ୍ୱନାଥ ଦାଶ, ରଞ୍ଜିତ ବେହେରା, ହୃଷୀକେଶ ବେହେରା, କରୁଣାକର ବେହେରା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## କଲେଜ ପ୍ରତିଷ୍ଠାତା ସଭ୍ୟଙ୍କ ପରଲୋକ

**କଣ୍ଟାପଡା,୧୩(ଡି.ଏନ୍.ଏ.):** କଣ୍ଟାପଡା ବ୍ଲକ ଅନ୍ତର୍ଗତ ସାଇଲୋ ଗୋବିନ୍ଦପୁର କଲେଜର ପ୍ରତିଷ୍ଠାତା ସଭ୍ୟ ବୃନ୍ଦାବନ ପାତ୍ର(୯୪)ଙ୍କ ବୁଧବାର ସକାଳେ ପରଲୋକ ହୋଇଯାଇଛି। ସେ କିଛିଦିନ ଧରି ବାର୍ଦ୍ଧକ୍ୟଜନିତ ରୋଗରେ ପୀଡିତ ଥିଲେ। ତାଙ୍କ ମୃତ୍ୟୁ ଖବର ଜଣାପଡିବା ପରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ଗୋବିନ୍ଦପୁର ମହାବିଦ୍ୟାଳୟ ସିନିୟର କଲେଜ ଅଧକ୍ଷ ଡ. ଗଗନ ବେଉରା ଓ ଜୁନିୟର କଲେଜ ଅଧକ୍ଷ ଅମିୟ ସାହୁ, ପୂର୍ବତନ କମିଟି ସଭାପତି ଦ୍ୱିଜବର ସାଥିଆଙ୍କ ସମେତ ଛାତ୍ରୀଛାତ୍ର ଓ ଅଧ୍ୟାପିକା, ଅଧ୍ୟାପକ ତାଙ୍କର ଶେଷଦର୍ଶନ କରିଥିଲେ। ଗ୍ରାମ ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା। ବଡପୁଅ ଅଶୋକ ପାତ୍ର ମୁଖାଗ୍ନି ଦେଇଥିଲେ। ଗୋବିନ୍ଦପୁର ଥାନା ଅଧୀନ ମଜୁରାଇ ଗ୍ରାମରେ ବୃନ୍ଦାବନ ଜନ୍ମଗ୍ରହଣ କରିଥିଲେ। ପରେ ସେ ଗୋବିନ୍ଦପୁର କଲେଜ ପ୍ରତିଷ୍ଠାରେ ମୁଖ୍ୟ ଭୂମିକା ଗ୍ରହଣ କରିଥିବାବେଳେ ଅଞ୍ଚଳରେ ଶାନ୍ତିଶୃଙ୍ଖଳା ରକ୍ଷା କରିବା ଓ ବିଭିନ୍ନ ମାମଲାର ଆପୋସ ଫଏସଲା କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ।

# ନାଟ୍ ଟେଷ୍ଟିଂ ଲାବ୍ ସ୍ଥାପନ ଉପରେ ଗୁରୁତ୍ୱ

**ପ୍ରସୂତିଙ୍କୁ ଏଚ୍‌ଆଇଭି ସଂକ୍ରମିତ ରକ୍ତ ଦେବା ମାମଲା**

- ନିର୍ଦ୍ଦିଷ୍ଟ ସତ୍ୟପାଠ ଦେବାକୁ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ
- ମେ' ୧ରେ ପରବର୍ତ୍ତୀ ଶୁଣାଣି



**କଟକ ଅଫିସ, ୧୩**

ଏଚ୍‌ଆଇଭି ସଂକ୍ରମଣ ରୋକିବା ନିମନ୍ତେ ରାଜ୍ୟର ରକ୍ତ ଭଣ୍ଡାରଗୁଡ଼ିକରେ ନ୍ୟୁକ୍ଲିକ୍ ଏସିଡ୍ ଆପ୍ଲିକେଶନ ଟେଷ୍ଟିଂ(ନାଟ୍) ଲାବ୍ ସ୍ଥାପନ କରିବା ଉପରେ ହାଇକୋର୍ଟ ଗୁରୁତ୍ୱାରୋପ କରିଛନ୍ତି। ରାଜ୍ୟର ରକ୍ତଭଣ୍ଡାରଗୁଡ଼ିକରେ କେବେ ନାଟ୍ ଟେଷ୍ଟିଂ ଲାବ୍ ସ୍ଥାପନ କାର୍ଯ୍ୟ ଆରମ୍ଭ ହେବ ଓ କେବେ ଶେଷ ହେବ ସେନେଇ ନିର୍ଦ୍ଦିଷ୍ଟ ଭାବେ ସତ୍ୟପାଠ ମାଧ୍ୟମରେ ତଥ୍ୟ ଦେବାକୁ ରାଜ୍ୟ ସରକାରଙ୍କୁ ହାଇକୋର୍ଟ ବୁଧବାର ନିର୍ଦ୍ଦେଶ ଦେଇଛନ୍ତି। ମୁଖ୍ୟ ବିଚାରପତି ଏସ୍. ମୁରଲୀଧର ଓ ବିଚାରପତି ମୁରାହରି ଶ୍ରୀରମଣଙ୍କ ଖଣ୍ଡପୀଠ ଏ ସମ୍ପର୍କିତ ୨ଟି ମାମଲାର ଶୁଣାଣି କରିଥିଲେ। ଆସନ୍ତା ମେ' ୧ରେ ମାମଲାର ପରବର୍ତ୍ତୀ ଶୁଣାଣି ହେବ।

ଆବେଦନକାରୀ ଅମିତ ଅଭିଜିତ୍ ସାମଲଙ୍କ ମାମଲାରେ ହାଇକୋର୍ଟରେ ୨୦୨୨ ଡିସେମ୍ବର ୨୧ ତାରିଖ ଶୁଣାଣିରେ ଷ୍ଟେଟ୍ ବ୍ଲଡ୍ ଟ୍ରାନ୍ସଫ୍ୟୁଜନ୍ କାଉନସିଲ ନିର୍ଦ୍ଦେଶକଙ୍କ ପକ୍ଷରୁ ଆଗାମୀ ୩ ବର୍ଷ ମଧ୍ୟରେ ନାଟ୍ ଟେଷ୍ଟିଂ ଲାବ୍ ସ୍ଥାପନ କରାଯିବ ବୋଲି କୁହାଯାଇଥିଲା। ବାର୍ଷିକ ୧୦ ହଜାର ୟୁନିଟ୍ ରକ୍ତ ସଂଗ୍ରହ ହେଉଥିବା ରକ୍ତଭଣ୍ଡାରଗୁଡ଼ିକରେ ନାଟ୍ ଟେଷ୍ଟିଂ ଲାବ୍ ସ୍ଥାପନ ପାଇଁ ଦର୍ଶାଯାଇଥିଲା। ହେଲେ ହାଇକୋର୍ଟ ଏହାକୁ ଅଗ୍ରାହ୍ୟ କରିଥିଲେ। ଆଗାମୀ ୩ ମାସ ମଧ୍ୟରେ ଏହି ଲାବ୍ ସ୍ଥାପନ କାର୍ଯ୍ୟ ଆରମ୍ଭ କରାଯାଇ ୧ ବର୍ଷ ମଧ୍ୟରେ ଶେଷ କରିବା ନେଇ ମାର୍ଚ୍ଚ ୧ ତାରିଖ ଶୁଣାଣିରେ ସତ୍ୟପାଠ ଦାଖଲ କରିବାକୁ ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ଅତିରିକ୍ତ ପ୍ରମୁଖ ଶାସନ ସଚିବଙ୍କୁ ନିର୍ଦ୍ଦେଶ ଦେଇଥିଲେ। ତଦନୁସାରେ ରାଜ୍ୟ ସରକାରଙ୍କ ପକ୍ଷରୁ ସତ୍ୟପାଠ ମାଧ୍ୟମରେ ଦର୍ଶାଯାଇଥିଲା ଯେ, ୩ ମାସ ମଧ୍ୟରେ ଲାବ୍ ସ୍ଥାପନ ଆରମ୍ଭ ଓ ୧ ବର୍ଷ ମଧ୍ୟରେ ଶେଷ କରିବା ସମ୍ଭବପର ନୁହେଁ। ସରକାରଙ୍କ ଏଭଳି ତଥ୍ୟକୁ ନେଇ ହାଇକୋର୍ଟ ବିରକ୍ତି ପ୍ରକାଶ କରିବା ସହ ଲାବ୍ ନିର୍ମାଣର ଆରମ୍ଭ ଓ ଶେଷ ସମୟସୀମା ନେଇ ନିର୍ଦ୍ଦିଷ୍ଟ ଭାବେ ସତ୍ୟପାଠ ଦାଖଲ କରିବାକୁ ବୁଧବାର ନିର୍ଦ୍ଦେଶ ଦେଇଛନ୍ତି।

ସେହିପରି ଆଇନଜୀବୀ ପ୍ରବୀର କୁମାର ଦାସଙ୍କ ପକ୍ଷରୁ ଆଗତ ବାଣପୁର ଅଞ୍ଚଳର ଜଣେ ପ୍ରସୂତିଙ୍କୁ ଏଚ୍‌ଆଇଭି ସଂକ୍ରମିତ ରକ୍ତ ଦିଆଯିବା ମାମଲାରେ ପ୍ରତ୍ୟେକ ରକ୍ତଭଣ୍ଡାରରେ ପଲିମର ଚେନ୍ ରିଆକ୍ସନ ଟେଷ୍ଟ (ପିସିଆର) କରି ରକ୍ତ ପରୀକ୍ଷା କରାଯିବାକୁ ପ୍ରାର୍ଥନା କରାଯାଇଥିଲା। ଉପରୋକ୍ତ ମାମଲା ଓ ଏହି ମାମଲାର ଏକତ୍ର ଶୁଣାଣି ପାଇଁ ଫେବୃୟାରୀ ୧ ତାରିଖ ଶୁଣାଣିରେ ହାଇକୋର୍ଟ ନିର୍ଦ୍ଦେଶ ଦେଇଥିଲେ। ଆବେଦନକାରୀ ହାଇକୋର୍ଟଙ୍କ ନିର୍ଦ୍ଦେଶ ମୁତାବକ ସମ୍ପୃକ୍ତ ଏଚ୍‌ଆଇଭି ସଂକ୍ରମିତ ମହିଳାଙ୍କ ସ୍ଥିତି ସଂକ୍ରାନ୍ତରେ ଜଣାଇଥିଲେ। ମହିଳା ଜଣକ ଅନ୍ୟ ଜଣେ ଏଚ୍‌ଆଇଭି ଆକ୍ରାନ୍ତ ପୁରୁଷଙ୍କୁ ୨୦୧୩ ଜୁଲାଇ ୨୧ରେ ଦ୍ୱିତୀୟ ବିବାହ କରି ଏକାଠି ରହୁଥିବା ସତ୍ୟପାଠରେ ଦର୍ଶାଯାଇଥିଲା।

ସୂଚନାଯୋଗ୍ୟ, ସମ୍ପୃକ୍ତା ପୀଡ଼ିତା ମହିଳା ୨୦୧୧ ନଭେମ୍ବରରେ ପ୍ରସବ ପାଇଁ ବାଣପୁର ଡାକ୍ତରଖାନାରେ ଭର୍ତ୍ତି ହୋଇଥିଲେ। କିନ୍ତୁ ତାଙ୍କ ଅବସ୍ଥା ଶୋଚନୀୟ ହେବାରୁ ତାଙ୍କୁ ଖୋର୍ଦ୍ଧା ଡାକ୍ତରଖାନାକୁ ପଠାଇ ଦିଆଗଲା। ସେଠାରେ ତାଙ୍କୁ ୨ ବୋତଲ ରକ୍ତ ଦିଆଯାଇଥିଲା। ପରବର୍ତ୍ତୀ ସମୟରେ ସେ ଅସୁସ୍ଥ ହେବାରୁ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି ହୋଇଥିଲେ। ସେଠାରେ ପରୀକ୍ଷାନିରୀକ୍ଷା ପରେ ୨୦୧୨ ଏପ୍ରିଲରେ ଜଣାପଡ଼ିଲା ଯେ ସେ ଏଚ୍‌ଆଇଭି ସଂକ୍ରମିତ ହୋଇଛନ୍ତି। ଏଥିସହ ତାଙ୍କ ନବଜାତ କନ୍ୟାର ମୃତ୍ୟୁ ଘଟିଥିଲା। ଏହି ଘଟଣାରେ ପୀଡ଼ିତାଙ୍କୁ ୧୦ ଲକ୍ଷ ଟଙ୍କା କ୍ଷତିପୂରଣ ଦିଆଯିବାକୁ ଆବେଦନକାରୀ ପ୍ରବୀର ଦାସ ନିବେଦନ କରିଥିଲେ।



କଟକସ୍ଥିତ ଶୈଳବାଳା ସ୍ୱୟଂଶାସିତ ମହିଳା ମହାବିଦ୍ୟାଳୟ ପରୀକ୍ଷା କେନ୍ଦ୍ରରେ ବୁଧବାର ଛାତ୍ରୀମାନେ ଯୁକ୍ତ ୨ ପରୀକ୍ଷା ଦେଉଛନ୍ତି।

## 'ସଫଳତା ପାଇଁ ଦୃଢ଼ ଇଚ୍ଛାଶକ୍ତି ଆବଶ୍ୟକ'



ବାର୍ଷିକ ଉତ୍ସବରେ ଅତିଥିଙ୍କଠାରୁ ପୁରସ୍କାର ଗ୍ରହଣ କରୁଥିବା ଛାତ୍ର।

**କଟକ ଅଫିସ, ୧୩**

**କଡେଇ ପ୍ରକଳ୍ପ ବିଦ୍ୟାଳୟର ବାର୍ଷିକ ଉତ୍ସବ**

ଟାଙ୍ଗୀ-ଚୌଦ୍ୱାର ବ୍ଲକ ଉଚ୍ଚପଦା ପଞ୍ଚାୟତର କଡେଇ ପ୍ରକଳ୍ପ ଉ.ପ୍ରା. ବିଦ୍ୟାଳୟର ବାର୍ଷିକ ପୁରସ୍କାର ବିତରଣ ଉତ୍ସବ ବୁଧବାର ଅନୁଷ୍ଠିତ ହୋଇଯାଇଛି। କସ୍ତୁରୀ ଚରଣ ଦାଶ ସ୍ମୃତି କମିଟି ଆନୁକୂଲ୍ୟରେ ଆୟୋଜିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ବିଧାୟକ ପ୍ରଶାନ୍ତ କୁମାର ବେହେରା ଯୋଗଦେଇ କହିଥିଲେ, ସଫଳତା ପାଇବା ଲାଗି କଠିନ ପରିଶ୍ରମ, ଆତ୍ମବିଶ୍ୱାସ ଓ ଦୃଢ ଇଚ୍ଛାଶକ୍ତିର ଆବଶ୍ୟକତା ରହିଛି। ଡ୍ରିମ୍ସ ଓ ପଦ୍ମିନୀ କେୟାର ହସ୍ପିଟାଲର ଅଧକ୍ଷ ଡ. ପ୍ରମୋଦ ଚନ୍ଦ୍ର ରଥ କହିଥିଲେ, ଶିଷ୍ଟତା ଓ ନମ୍ରତା ଭଳି ସଦ୍‌ଗୁଣ ବ୍ୟକ୍ତିକୁ ମହାନ କରେ। ଏଥିରେ ସମ୍ମାନିତ ଅତିଥି ଭାବେ ବ୍ଲକ ଅଧକ୍ଷା ମୀନାକ୍ଷୀ ଦାସ, ଉଚ୍ଚପଦା ସରପଞ୍ଚ ପ୍ରଭାସ୍ମିତା ସ୍ୱାଇଁ, ଅତିରିକ୍ତ ମଣ୍ଡଳ ଶିକ୍ଷାଧିକାରୀ ଅରୁନ୍ଧତୀ ମିଶ୍ର, ଶିଳ୍ପୋଦ୍ୟୋଗୀ ପ୍ରଦୀପ୍ତ ଚନ୍ଦ୍ର ରଥ, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଜୟନ୍ତ କୁମାର ନାୟକ, ସିଆର୍‌ସିସି ଦିଲ୍ଲୀପ କୁମାର ବାରିକ, ଅବସରପ୍ରାପ୍ତ କଲୋନେଲ ତ୍ରିଲୋଚନ ଦାଶ, ବିଡ଼ିଓ ଅଧିକାରୀ ବିଶ୍ୱରଞ୍ଜନ ବେହେରା, ଇଂ ମନୋଜ କୁମାର ରଥ ଯୋଗ ଦେଇଥିଲେ। ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଜୟଦେବ ସ୍ୱାଇଁ କାର୍ଯ୍ୟକ୍ରମରେ ପୌରୋହିତ୍ୟ କରିଥିଲାବେଳେ ପ୍ରଧାନ ଶିକ୍ଷୟିତ୍ରୀ ଅନ୍ନପୂର୍ଣ୍ଣା ଦାଶ ବିବରଣୀ ପାଠ କରିଥିଲେ। ଏହି ଅବସରରେ ପଠାଣି ସାମନ୍ତ ଗଣିତ ମେଧାବୃତ୍ତି ପାଇଥିବା ୬ଷ୍ଠ ଶ୍ରେଣୀ ଛାତ୍ର ଆଦର୍ଶ କେଶରୀ ମହାନ୍ତି ଓ ୫ମ ଶ୍ରେଣୀ ବୃତ୍ତି ପାଇଥିବା ଛାତ୍ର ସ୍ୱୟଂଭୁ ଶଙ୍କର ପତିଙ୍କୁ ସମ୍ମାନିତ କରାଯାଇଥିଲା।

## ୬ ଅନ୍ତେବାସୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ

**ରେଭେନ୍ସା ଦୁଇ ଛାତ୍ରଗୋଷ୍ଠୀ ମଧ୍ୟରେ ଗଣ୍ଡଗୋଳ ଘଟଣା**

- ୩ ହଜାର ଟଙ୍କା ଲେଖାଏ ଜରିମାନା

**କଟକ ଅଫିସ,୧୩**

ରେଭେନ୍ସା ବିଶ୍ୱବିଦ୍ୟାଳୟରେ ଦୁଇ ଛାତ୍ରଗୋଷ୍ଠୀ ମଧ୍ୟରେ ଘଟିଥିବା ଗଣ୍ଡଗୋଳ ଘଟଣାରେ ସମ୍ପୃକ୍ତ ଥିବା ଇଷ୍ଟ ହଷ୍ଟେଲର ୬ ଜଣ ଅନ୍ତେବାସୀଙ୍କ ବିରୋଧରେ ବୁଧବାର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ହଷ୍ଟେଲ ୱାର୍ଡେନ ଡ. ପୂର୍ଣ୍ଣେନ୍ଦୁ ପାଢୀ ସେମାନଙ୍କ ଉପରେ ୩ ହଜାର ଟଙ୍କା ଲେଖାଏ ଜରିମାନା କରିଛନ୍ତି। ସେମାନେ ହେଲେ ସତ୍ୟ ପ୍ରକାଶ ସ୍ୱାଇଁ, ତୃପ୍ତି ରଞ୍ଜନ ମହାନ୍ତି, ସୁଧାଂଶୁ ପଣ୍ଡା, ସୁବ୍ରତ କୁମାର ସେଠୀ, କୃଷ୍ଣଚନ୍ଦ୍ର ବଡମୁଣ୍ଡି ଓ ମାତୃ ଆଶିଷ ବେହେରା। ପରବର୍ତ୍ତୀ ସମୟରେ ସେମାନେ କୌଣସି ଗଣ୍ଡଗୋଳ କିମ୍ବା ବିଶୃଙ୍ଖଳା ସୃଷ୍ଟି କଲେ ସେମାନଙ୍କୁ ହଷ୍ଟେଲରୁ ବହିଷ୍କୃତ କରାଯିବ ବୋଲି ଚେତାବନୀ ଦିଆଯାଇଛି।

ସୂଚନାଯୋଗ୍ୟ, ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ସୋମବାର ଦୁଇ ଛାତ୍ରଗୋଷ୍ଠୀ ମଧ୍ୟରେ ଗଣ୍ଡଗୋଳ ଓ ଢେଲାପଥର ମାଡ଼ ହୋଇଥିଲା। ଏଥିରେ ଜଣେ ଛାତ୍ର ଆହତ ହୋଇଥିଲେ। ସମ୍ପୃକ୍ତ ଛାତ୍ରଙ୍କ ଅଭିଭାବକ ମଙ୍ଗଳବାର କୁଳପତି ପ୍ରଫେସର ସଞ୍ଜୟ କୁମାର ନାୟକଙ୍କୁ ଭେଟି ତୁରନ୍ତ ଆକ୍ରମଣକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ଦାବି କରିଥିଲେ। ଏ ନେଇ ଏକ ବୈଠକ କରାଯାଇ ତଦନ୍ତ ଆରମ୍ଭ ହୋଇଥିଲା। ପରେ ସମ୍ପୃକ୍ତ ଅନ୍ତେବାସୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି।

## ୯୦ ମୋବାଇଲ୍ ଜବତ, ୨ ଗିରଫ



**କଟକ ଅଫିସ,୧୩**

**ଆନ୍ତଃରାଜ୍ୟ ମୋବାଇଲ ଚୋରି ଗ୍ୟାଙ୍ଗ ଠାବ**

କଟକ-ଭୁବନେଶ୍ୱର ଦ୍ୱୈତନଗରୀରେ ଆନ୍ତଃରାଜ୍ୟ ମୋବାଇଲ ଫୋନ୍ ଲୁଟେରା ମାତିଛନ୍ତି। ସେମାନେ ଝାଡ଼ଖଣ୍ଡରୁ ଆସି ଓଡ଼ିଶାରେ ରହୁଛନ୍ତି। ବିଭିନ୍ନ ମେଳା, ହାଟରେ ଭିଡ଼ର ସୁଯୋଗ ନେଇ ଲୋକଙ୍କଠାରୁ ନାମୀଦାମୀ କମ୍ପାନୀର ମୋବାଇଲ ଲୁଟ୍ କରୁଛନ୍ତି। ପରେ ସେଗୁଡ଼ିକୁ ରାଜ୍ୟ ତଥା ରାଜ୍ୟ ବାହାରେ ବିକ୍ରି କରି ସହଜରେ ମାଲାମାଲ ହେଉଛନ୍ତି। ଏଭଳି ଏକ ଆନ୍ତଃରାଜ୍ୟ ମୋବାଇଲ୍ ଚୋରି ଗ୍ୟାଙ୍ଗର ୨ ସଦସ୍ୟଙ୍କୁ କ୍ୟାଣ୍ଟନମେଣ୍ଟ ପୋଲିସ ଗିରଫ କରି ବୁଧବାର କୋର୍ଟଚାଲାଣ କରିଛି। ସେମାନେ ହେଲେ ଝାଡ଼ଖଣ୍ଡ ସାହେବଗଞ୍ଜ ଜିଲା ରାଜମହଲ ଥାନା ଅନ୍ତର୍ଗତ ବାବୁପୁରର ଶିବ ମାହାତୋ (୨୯) ଓ ସାହେବଗଞ୍ଜ ଜିଲା ରାଧାନଗର ଥାନା ଅଧୀନ ମନ୍‌ସା ଚଣ୍ଡିର ଅନୀଲ ଚୌହ୍ୱାନ(୨୨)। ସେମାନଙ୍କଠାରୁ ୯୦ଟି ଚୋରା ମୋବାଇଲ୍ ଫୋନ୍ ଜବତ କରାଯାଇଛି।

ଅଭିଯୁକ୍ତ ଦ୍ୱୟ କଟକ ଓ ଭୁବନେଶ୍ୱରର ବିଭିନ୍ନ ମେଳା, ଦୈନିକ ହାଟ ଓ ସ୍ଥାନୀୟ ବଜାରରୁ ମୋବାଇଲ ଫୋନ ଚୋରି କରୁଥିଲେ। ବିଶେଷକରି ଭିଡ଼ ଅଞ୍ଚଳକୁ ସେମାନେ ଟାର୍ଗେଟ କରୁଥିଲେ। ଚୋରା ମୋବାଇଲଗୁଡ଼ିକ ପଶ୍ଚିମବଙ୍ଗ, ବିହାର ସମେତ ଅନ୍ୟାନ୍ୟ ରାଜ୍ୟରେ ବିକ୍ରି କରୁଥିଲେ। ଏଥିପାଇଁ ସେମାନଙ୍କର ଏକ ର୍ୟାକେଟ ମଧ୍ୟ କାର୍ଯ୍ୟ କରୁଛି। ଏସବୁ କାର୍ଯ୍ୟରେ ସେମାନଙ୍କୁ ସହଯୋଗ କରୁଥିବା ଅନ୍ୟ ଦୁଇଜଣ ଭୁବନେଶ୍ୱର ଲକ୍ଷ୍ମୀସାଗର ଥାନା ଅନ୍ତର୍ଗତ ପଣ୍ଡାସାହିରେ ରହୁଥିବା ପୋଲିସ ଜାଣିବାକୁ ପାଇଛି। କ୍ୟାଣ୍ଟନମେଣ୍ଟ ଥାନା ଏଏସ୍‌ଆଇ ଅନୱାର ହୁସେନ ଦୁଇ ଅଭିଯୁକ୍ତଙ୍କୁ ଧରି ତଲାସୀ ନେବାରୁ ସେମାନଙ୍କ ପକେଟରୁ ୪ଟି ଦାମୀ ମୋବାଇଲ ଫୋନ୍ ମିଳିଥିଲା। ପଚରାଉଚରା କରିବାରୁ ଏହା ଚୋରା ମୋବାଇଲ ବୋଲି ଜଣାପଡିଥିଲା। ସେମାନଙ୍କୁ ଗିରଫ ପରେ ଅଧିକ ପଚରାଉଚରା କରାଯିବାରୁ ସେମାନେ ବିଭିନ୍ନ ଜାଗାରୁ ବହୁ ଦାମୀ ଫୋନ୍ ଚୋରି କରି ଶସ୍ତାରେ ଲୋକମାନଙ୍କୁ ବିକୁଥିବା ସ୍ୱୀକାର କରିଥିଲେ। ଉଭୟେ ରହୁଥିବା ଭଡ଼ାଘରେ ପୋଲିସ ଚଢ଼ାଉ କରି ଅନ୍ୟ ମୋବାଇଲ ଫୋନଗୁଡ଼ିକ ଜବତ କରିଥିଲା। ସେମାନଙ୍କ ଆପରାଧିକ କାର୍ଯ୍ୟକଳାପ ନେଇ ଅଧିକ ଖୋଳତାଡ଼ ଜାରି ରହିଥିବା ଅତିରିକ୍ତ ଡିସିପି ସେକ୍ ସରିଫଉଦ୍ଦିନ ସୂଚନା ଦେଇଛନ୍ତି।

## 'ଜୀବନରେ ପୂର୍ଣ୍ଣତା ପାଇଁ ସଦ୍‌ଗୁରୁଙ୍କ ଆଶୀର୍ବାଦ ଅପରିହାର୍ଯ୍ୟ'

**ଚୌଦ୍ୱାର,୧୩(ଡି.ଏନ୍.ଏ.)**

**ଦିବ୍ୟଜୀବନ ସଂଘର ସୁବର୍ଣ୍ଣ ଜୟନ୍ତୀ ସମାରୋହ ଉଦ୍‌ଯାପିତ**

ଚୌଦ୍ୱାର ଦିବ୍ୟଜୀବନ ସଂଘର ସୁବର୍ଣ୍ଣ ଜୟନ୍ତୀସମାରୋହ ବୁଧବାର ଉଦ୍‌ଯାପିତ ହୋଇଯାଇଛି। ଅନୁଷ୍ଠାନର ସଭାପତି ଅଦ୍ୱୈତ କୁମାର ବଳଙ୍କ ଅଧକ୍ଷତାରେ କପାଳେଶ୍ୱରସ୍ଥିତ ଶିବାନନ୍ଦ ଆତ୍ମଜ୍ଞାନ ଆଶ୍ରମ ପରିସରରେ ଆୟୋଜିତ ସମାରୋହରେ ଶ୍ରୀଜଗନ୍ନାଥ ଚେତନାର ଅନ୍ତଃରାଷ୍ଟ୍ରୀୟ ପ୍ରଚାରକ ବାବା ସତ୍ୟାନନ୍ଦ ଦାସ ମହାରାଜ ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଥିଲେ, ମଣିଷ ଜୀବନର ପୂର୍ଣ୍ଣତା ନିମନ୍ତେ ସଦ୍‌ଗୁରୁଙ୍କ ଆଶୀର୍ବାଦ ଆବଶ୍ୟକ। ସେହିପରି ଶିବ ସତ୍ୟାନନ୍ଦ ମହାରାଜ, ପ୍ରବଚକ ମାନସ ରଞ୍ଜନ ସିଂହ, ଲକ୍ଷ୍ମୀଧର ମହାପାତ୍ର ପ୍ରମୁଖ ଯୋଗଦେଇ ଦିବ୍ୟ ଜୀବନ ସଂଘ ଓ ଶିବାନନ୍ଦ ସରସ୍ୱତୀଙ୍କ ସମ୍ପର୍କରେ ବକ୍ତବ୍ୟ ଦେଇଥିଲେ। ସାହିତ୍ୟିକ ଦିବ୍ୟଜ୍ୟୋତି ପାଣି ସ୍ୱାଗତ ଭାଷଣ ଦେଇଥିଲେ। ଉପଦେଷ୍ଟା ଶରତ କୁମାର ଖୁଣ୍ଟିଆ, ଅଚ୍ୟୁତାନନ୍ଦ ପରିଡ଼ା, ସମ୍ପାଦକ ଜୟକୃଷ୍ଣ ପରିଡ଼ା, ଉପସଭାପତି ଜ୍ଞାନ ରଞ୍ଜନ ସ୍ୱାଇଁ, ସଦସ୍ୟ ବିମଳ କୁମାର ବେଉରା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ୭ ଦିନ ଧରି ହୋଇଥିବା ଏହି କାର୍ଯ୍ୟକ୍ରମର ବିଭିନ୍ନ ଦିବସରେ ହରିହାଟ, ଭାଗବତ ପାରାୟଣ ଆଦି ହୋଇଥିଲା।

## ୩ ଶ୍ମଶାନରେ ହରିଶ୍ଚନ୍ଦ୍ର ଯୋଜନାରେ ଶବ ସତ୍କାର ବ୍ୟବସ୍ଥା କରାଯାଉ

**କଟକ ଅଫିସ,୧୩**

ଆର୍ଥିକ ଅନଗ୍ରସର, ଅସହାୟ ଓ ନିରାଶ୍ରୟଙ୍କ ମୃତଦେହ ସତ୍କାର ପାଇଁ ହରିଶ୍ଚନ୍ଦ୍ର ଯୋଜନାରେ କଟକର ୩ ପ୍ରମୁଖ ଶ୍ମଶାନରେ ଆର୍ଥିକ ସହାୟତା ଯୋଗାଇ ଦେବାକୁ ଦାବି ହୋଇଛି। ରାଜ୍ୟ ସରକାର ପୁରୀ ସ୍ୱର୍ଗଦ୍ୱାରରେ ଯେପରି ହରିଶ୍ଚନ୍ଦ୍ର ଯୋଜନାରେ ମୃତଦେହ ସତ୍କାର ପାଇଁ ବ୍ୟବସ୍ଥା କରିଛନ୍ତି ସେହିପରି କଟକର କାଳିଆବୋଦା ମହାଶ୍ମଶାନ, ସତୀଚୌରା ଶ୍ମଶାନ ଓ ଖାନ୍‌ନଗର ସ୍ୱର୍ଗଧାମରେ ଯଥାଶୀଘ୍ର ଏହି ବ୍ୟବସ୍ଥା କରାଯାଉ। ମୋ କଟକ ସୁରକ୍ଷା ମଞ୍ଚ ସମ୍ପାଦକ ଜିତେନ୍ଦ୍ର ସାହୁଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ବୁଧବାର ସିଏମ୍‌ସି ମେୟର ସୁବାସ ସିଂଙ୍କୁ ଭେଟି ଏ ସମ୍ପର୍କରେ ଆଲୋଚନା କରିବା ସହ ଏକ ଦାବିପତ୍ର ପ୍ରଦାନ କରିଥିଲେ। ଦାବିପତ୍ର ପ୍ରଦାନବେଳେ ମଞ୍ଚର ଉପଦେଷ୍ଟା ଲୋକନାଥ ଲେଙ୍କା, ସଭାପତି ଅକ୍ଷୟ ପଣ୍ଡା, ଲୋକନାଥ ଲେଙ୍କା ଓ ବିଶ୍ୱରଞ୍ଜନ ମହାନ୍ତି ଉପସ୍ଥିତ ଥିଲେ।

## ବିଭୁ ହୋତା ପାଇଲେ କିଶୋରୀଚରଣ ପୁରସ୍କାର

**କଟକ ଅଫିସ, ୧୩**

**କଥାକାର କିଶୋରୀଚରଣ ଦାସଙ୍କ ଜୟନ୍ତୀ**

କଥାକାର କିଶୋରୀଚରଣ ଦାସଙ୍କ ୯୯ତମ ଜୟନ୍ତୀ ଉତ୍ସବ କଟକ ଶ୍ରୀରାମଚନ୍ଦ୍ର ଭବନରେ ବୁଧବାର ଅନୁଷ୍ଠିତ ହୋଇଯାଇଛି। କିଶୋରୀଚରଣ ସ୍ମୃତି ସଂସଦ ଆନୁକୂଲ୍ୟରେ ଆୟୋଜିତ ଉତ୍ସବକୁ ସାହିତ୍ୟିକ ଅଧ୍ୟାପକ ବିଶ୍ୱରଞ୍ଜନ ଉଦ୍‌ଘାଟନ କରି କହିଥିଲେ, କିଶୋରୀଚରଣ ଥିଲେ ଭାରତୀୟ ସଂସ୍କୃତି ଓ ପରମ୍ପରାର ସାର୍ଥକ ରୂପକାର। ଅନ୍ତରଙ୍ଗ ଭାବକୁ ଶବ୍ଦ ରୂପ ଦେବାରେ ସେ ଥିଲେ ଅନନ୍ୟ। ସ୍ମୃତି ସଂସଦ ସଭାପତି ଜଷ୍ଟିସ୍ ବିମଳ ପ୍ରସାଦ ଦାସଙ୍କ ଅଧକ୍ଷତାରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟବକ୍ତା ଭାବେ ରେଭେନ୍ସା ବିଶ୍ୱବିଦ୍ୟାଳୟର ସ୍ନାତକୋତ୍ତର ଓଡ଼ିଆ ବିଭାଗ ମୁଖ୍ୟ ଡ. ଜ୍ଞାନୀ ଦେବାଶିଷ ମିଶ୍ର ଯୋଗଦେଇ କହିଥିଲେ, କିଶୋରୀଚରଣଙ୍କ ଗଳ୍ପରେ ଥାଏ ସାମାଜିକ ପ୍ରତିବଦ୍ଧତା। ସାମ୍ପ୍ରତିକ ବିଚାର ଶୈଳୀକୁ ସେ ଭିନ୍ନଭୂମିରେ ପ୍ରକାଶ କରି ପାଠକଙ୍କ ହୃଦୟକୁ ସ୍ପର୍ଶ କରିବାରେ ଅଦ୍ୱିତୀୟ ଶିଳ୍ପୀ। ଏହି ଅବସରରେ ଚଳିତ ବର୍ଷର କିଶୋରୀଚରଣ ପୁରସ୍କାର ତରୁଣ କଥାକାର ବିଭୁ ହୋତାଙ୍କୁ 'ଜହ୍ନପା' ଗଳ୍ପ ପୁସ୍ତକ ପାଇଁ ପ୍ରଦାନ କରାଯାଇଥିଲା। ସ୍ମୃତି ସଂସଦ ସମ୍ପାଦକ ପ୍ରଫେସର ବିଜୟାନନ୍ଦ ସିଂହ ସ୍ୱାଗତ ଭାଷଣ, ତରୁଣ କୁମାର ସାହୁ କାର୍ଯ୍ୟକ୍ରମର ବିବରଣୀ ପ୍ରଦାନ, ଗବେଷକ କମଳ ମାହୁନ୍ତ ପ୍ରାରମ୍ଭିକ ସୂଚନା, ଡ. ଅଭୟ କୁମାର ରାଉତ ମାନପତ୍ର ପାଠ ଓ ସ୍ମୃତି ସଂସଦର ସଦସ୍ୟ ଦୁଷ୍ମନ୍ତ ଦାସ ଧନ୍ୟବାଦ ଦେଇଥିଲେ।



ଉତ୍ସବରେ କଥାକାର ବିଭୁ ହୋତାଙ୍କୁ କିଶୋରୀଚରଣ ପୁରସ୍କାର ପ୍ରଦାନ କରାଯାଉଛି।

## ଯତ୍ନବାନ ହୋଇ ଯାତାୟାତ କଲେ ଦୁର୍ଘଟଣା କମିବ

**କଟକ ଅଫିସ, ୧୩**



ଜିଲାସ୍ତରୀୟ ସଡ଼କ ସୁରକ୍ଷା କମିଟି ବୈଠକରେ ଉପସ୍ଥିତ ଅତିଥିବୃନ୍ଦ।

**ଜିଲାସ୍ତରୀୟ ସଡ଼କ ସୁରକ୍ଷା କମିଟି ବୈଠକ**

- ଜାନୁୟାରୀ ସୁଦ୍ଧା ୫୫ ସଡ଼କ ଦୁର୍ଘଟଣା, ୧୯ ମୃତ
- ୨୮,୩୭୮ ଜଣ ନିୟମ ଉଲ୍ଲଂଘନକାରୀଙ୍କ ନାଁରେ ମାମଲା
- ୧.୯୧ କୋଟି ଜରିମାନା ଆଦାୟ, ୪୭୮୨ ଡ୍ରାଇଭିଂ ଲାଇସେନ୍ସ ରଦ୍ଦ

ଦ୍ରୁତଗତିରେ ଯାନବାହନ ଚଳାଇବା ଦ୍ୱାରା ଦୁର୍ଘଟଣା ଘଟୁଛି। ଫଳରେ ଅକାଳରେ ଅନେକ ମୂଲ୍ୟବାନ ଜୀବନ ଯାଉଛି। ଏଣୁ ଧୀରଗତି-ଜୀବନ ସୁରକ୍ଷିତ ନୀତି ଅବଲମ୍ବନ କରିବା ଆବଶ୍ୟକ। ଏଥିସହ ଗାଡି ଚାଳକ ଓ ରାସ୍ତାରେ ଯାଉଥିବା ପଥଚାରୀ ସମସ୍ତେ ଯତ୍ନବାନ ହୋଇ ଯାତାୟାତ କଲେ କଟକ ଜିଲାକୁ ସଡ଼କ ଦୁର୍ଘଟଣାମୁକ୍ତ କରାଯାଇପାରିବ ବୋଲି ଅତିରିକ୍ତ ଜିଲାପାଳ ପୂର୍ଣ୍ଣଚନ୍ଦ୍ର ମିଶ୍ର କହିଛନ୍ତି।

ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ ପକ୍ଷରୁ ଶୂନ୍ୟ ଦୁର୍ଘଟଣାମୁକ୍ତ ସପ୍ତାହ ପାଳନ ଅବସରରେ ଜିଲାସ୍ତରୀୟ ସଡ଼କ ସୁରକ୍ଷା କମିଟି ବୈଠକ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅତିରିକ୍ତ ଜିଲାପାଳ ମିଶ୍ର ଅଧକ୍ଷତା କରି ଉପରୋକ୍ତ ବିଷୟରେ କହିଥିଲେ। ସେହିପରି ଆଞ୍ଚଳିକ ପରିବହନ ଅଧିକାରୀ ସଞ୍ଜୟ କୁମାର ବେହେରା କହିଥିଲେ, ନିଜ ଜୀବନକୁ ହାଲୁକା ଭାବେ ନ ନେଇ ସଚେତନ ରହି ଗାଡି ଚଳାଇବା ଉଚିତ୍। ବିଶେଷ ଭାବରେ ଗାଡ଼ି ଚଳାଇବା ସମୟରେ ନିଶା ସେବନ ଓ ମୋବାଇଲ ବ୍ୟବହାରରୁ ନିବୃତ୍ତ ରହିବାକୁ ସେ ପରାମର୍ଶ ଦେଇଥିଲେ। ବୈଠକରୁ ମିଳିଥିବା ସୂଚନା ମୁତାବକ, ଚଳିତବର୍ଷ ଜାନୁୟାରୀ ଶେଷ ସୁଦ୍ଧା ୫୫ଟି ସଡ଼କ ଦୁର୍ଘଟଣା ଘଟିଛି। ଏଥିରେ ୧୯ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ୩୬ ଜଣ ଆହତ ହୋଇଛନ୍ତି। ସେହିପରି ସଡ଼କପଥ ନିୟମକୁ ଉଲ୍ଲଂଘନ କରିଥିବା ବ୍ୟକ୍ତିଙ୍କ ନାମରେ ୨୦୨୨ ଏପ୍ରିଲରୁ ୨୦୨୩ ଜାନୁୟାରୀ ପର୍ଯ୍ୟନ୍ତ ମୋଟ ୨୮,୩୭୮ କେସ୍ ରୁଜୁ ହୋଇଛି। ଏହି ବ୍ୟକ୍ତିମାନଙ୍କଠାରୁ ମୋଟ ୧ କୋଟି ୯୧ ଲକ୍ଷ ୭୧ ହଜାର ୭୨୦ ଟଙ୍କା ଜରିମାନା ଆଦାୟ କରାଯିବା ସହ ୪୭୮୨ଟି ଡ୍ରାଇଭିଂ ଲାଇସେନ୍ସକୁ ରଦ୍ଦ କରାଯାଇଛି। ଉକ୍ତ ବୈଠକରେ ସଦର ଉପ ଜିଲାପାଳ କମଲଜିତ ଦାସ, ଟ୍ରାଫିକ ଏସିପି ସୁଶାନ୍ତ କୁମାର ଜେନା, ସିଏମ୍‌ସି ଡେପୁଟି କମିଶନର ଅଜୟ କୁମାର ମହାନ୍ତି, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଲଲାଟେନ୍ଦୁ ମହାପାତ୍ର, ରାଜ୍ୟ ପରିବହନ ପ୍ରାଧିକରଣ ଏନ୍‌ଫୋର୍ସମେଣ୍ଟ ଅଧିକାରୀ ଦେବୀ ପ୍ରସାଦ ପାତ୍ର, ଖବରଦାତା ରମଣୀ ରଞ୍ଜନ ଦାସ, ତ୍ରିଧାରାର ସମ୍ପାଦକ ରଞ୍ଜନ କୁମାର ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ପୂର୍ତ୍ତ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ପ୍ରଦୀପ କୁମାର ମହାନ୍ତି ଧନ୍ୟବାଦ ଦେଇଥିଲେ।

**କଶ୍ମୀରରେ ୩ ମାସ ପରେ ଖୋଲିଲା ସ୍କୁଲ**

୩ ମାସର ଶୀତକାଳୀନ ଛୁଟି ପରେ ବୁଧବାର ଜମ୍ମୁ-କଶ୍ମୀରରେ ସ୍କୁଲ ଖୋଲିଛି। ସ୍ଥାନୀୟ ଅଞ୍ଚଳରେ ଶୀତର ପ୍ରକୋପ କମିଥିବାବେଳେ ଛାତ୍ରାଛାତ୍ରୀଙ୍କ ସ୍କୁଲ ଯିବା ଆସିବାରେ କୌଣସି ଅସୁବିଧା ହେଉ ନ ଥିବା କର୍ତ୍ତୃପକ୍ଷଙ୍କ ତରଫରୁ କୁହାଯାଇଛି। ସହରରେ ଜି-୨୦ ବୈଠକ ଏବଂ ସ୍ମାର୍ଟ ସିଟି ପ୍ରୋଜେକ୍ଟ ପାଇଁ ନିର୍ମାଣ କାର୍ଯ୍ୟ ଚାଲିଥିବାରୁ ସ୍କୁଲ ସମୟକୁ ଆଗୁଆ କରାଯାଇଥିବା କଶ୍ମୀରର ଡିଭିଜନାଲ କମିଶନର ଭି.କେ. ଭିଦୁରି କହିଛନ୍ତି। ତେବେ ସ୍କୁଲ ଖୋଲିବା ନେଇ ଛାତ୍ରାଛାତ୍ର ଖୁସିଥିବା ପ୍ରତିକ୍ରିୟା ଦେଉଛନ୍ତି।



## ସଂକ୍ଷେପରେ

### ବିବାହ ପ୍ରସ୍ତାବରେ ରାଜି ନ ହେବାରୁ ଯୁବତୀଙ୍କୁ ହତ୍ୟା

**ବେଙ୍ଗାଲୁରୁ, ୧।୩:** ବିବାହ ପ୍ରସ୍ତାବରେ ରାଜି ନ ହେବାରୁ ବେଙ୍ଗାଲୁରୁରେ ଯୁବତୀଙ୍କୁ ଛୁରି ଭୁସି ହତ୍ୟା କରିଛନ୍ତି ପ୍ରେମିକ ଦିନାକର। ମୃତା ଲୀନାଙ୍କ ଘର ଆନ୍ଧ୍ର ପ୍ରଦେଶର କାକିନାଡାରେ ହୋଇଥିବାବେଳେ ହତ୍ୟାକାରୀ ଦିନାକର ଶ୍ରୀକାକୁଳମର ବାସିନ୍ଦା। ଦୁହେଁ ଭିନ୍ନ ଜାତିର ହୋଇଥିବାରୁ ଲୀନାଙ୍କ ଘରେ ବିରୋଧ କରିବେ ବୋଲି ସେ ଦିନାକରଙ୍କ ବିବାହ ପ୍ରସ୍ତାବରେ ରାଜି ହୋଇ ନ ଥିଲେ। ଦୀନାକର ଏଥିରେ ରାଗିଯାଇ ଲୀନାଙ୍କ ଶରୀରରେ ଏକାଧିକ ଥର ଛୁରାମାଡ଼ କରି ହତ୍ୟା କରିଥିବା ପୋଲିସ କହିଛି। ଲୀନା ବେଙ୍ଗାଲୁରୁରେ ଚାକିରି କରିଥିଲେ। ଦିନାକରଙ୍କ ସହ ତାଙ୍କର ୫ ବର୍ଷର ପ୍ରେମ ସମ୍ପର୍କ ଥିବା ଜଣାପଡିଛି।

### ଅମାନିଆ ଝିଅକୁ ଜାଳିଦେଲେ ମା’

**ଲକ୍ଷ୍ନୌ, ୧।୩:** ଉତ୍ତରପ୍ରଦେଶ ଅଲିଗଡ଼ସ୍ଥିତ ମହମ୍ମଦପୁର ବଦେରା ଗ୍ରାମରେ ଅମାନିଆ ହେବାରୁ ୫ ବର୍ଷର ଝିଅକୁ ମା’ ଜାଳିଦେଇଥିବା ସାମ୍ନାକୁ ଆସିଛି। ଗୁରୁତର ଆହତ ଅବସ୍ଥାରେ ସୋମବାର ସନ୍ଧ୍ୟାରେ ଝିଅ ବନ୍ଦନାକୁ ଡାକ୍ତରଖାନାକୁ ନିଆଯାଉଥିବାବେଳେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ତେବେ ମଙ୍ଗଳବାର ସ୍ୱାମୀ ଭାନୁ ପ୍ରତାପ ସିଂ ଥାନାରେ ଅଭିଯୋଗ କରିବା ପରେ ଅଭିଯୁକ୍ତ ଆଶା ଦେବୀଙ୍କୁ ପୋଲିସ ଗିରଫ କରିନେଇଛି। ବନ୍ଦନା ଓ ତାଙ୍କ ଭାଇ କୁନାଲ ସୋମବାର ଘର ବାହାରେ ଖେଳୁଥିଲେ। ସନ୍ଧ୍ୟା ହୋଇଯିବାରୁ ଆଶା ସେମାନଙ୍କୁ ଘରକୁ ଆସିବା ପାଇଁ କହିଥିଲେ। କିନ୍ତୁ ମା’ଙ୍କ କଥା ନ ମାନି ସେମାନେ ବାହାରେ ଖେଳିଥିଲେ। ଆଶା ରାଗିଯାଇ ବନ୍ଦନା ଓ କୁନାଲଙ୍କୁ ମାଡ଼ ମାରିଥିଲେ। ଏପରିକି ବନ୍ଦନାଙ୍କ ଉପରେ ସାନିଟାଇଜର ଢାଳି ନିଆଁ ଲଗାଇ ଦେଇଥିଲେ। ବନ୍ଦନା ଜଳି ଯାଇଥିବାବେଳେ ତାଙ୍କୁ ରକ୍ଷା କରିବାକୁ ଯାଇ ଆଶାଙ୍କ ଦୁଇ ହାତ ପୋଡ଼ି ଯାଇଛି।

### ରମେଶ ସିଂ ଅରୋରା କରତାରପୁର କରିଡର ଆମ୍ବାସାଡର



**ଇସ୍‌ଲାମାବାଦ୍, ୧।୩:** ପାକିସ୍ତାନ ପ୍ରଧାନମନ୍ତ୍ରୀ ଶେହବାଜ ଶରିଫ୍ ବିଶ୍ୱର ଶିଖ୍ ତୀର୍ଥଯାତ୍ରୀମାନଙ୍କୁ ଆକର୍ଷିତ କରିବା ପାଇଁ କର୍‌ତାରପୁର କରିଡର ଆମ୍ବାସାଡର ଭାବେ ସର୍ଦ୍ଦାର ରମେଶ ସିଂ ଅରୋରାଙ୍କୁ ନିଯୁକ୍ତି ଦେଇଛନ୍ତି। ବରିଷ୍ଠ ଶିଖ୍ ନେତା ରମେଶ ଅବୈତନିକ ଭାବେ କାର୍ଯ୍ୟ କରିବେ ବୋଲି ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟରୁ ଜାରି ଏକ ବିବୃତିରେ କୁହାଯାଇଛି। ନରୋୱାଲସ୍ଥିତ କର୍‌ତାରପୁର ବାସିନ୍ଦା ରମେଶ ପାକିସ୍ତାନ ମୁସ୍‌ଲିମ୍ ଲିଗ୍ (ଏନ୍) ସଂଖ୍ୟାଲଘୁ ଶାଖାର ସାଧାରଣ ସମ୍ପାଦକ ଅଛନ୍ତି। କରତାରପୁର କରିଡର ଗୁରୁଦ୍ୱାରା ଦରବାର ସାହିବ୍‌ରେ ତାଙ୍କ ପରିବାର ସେବା ପ୍ରଦାନ କରିଆସୁଛି। ପ୍ରକାଶ ଯେ, ୨୦୧୯ ନଭେମ୍ବରରେ ପାକିସ୍ତାନର ତତ୍କାଳୀନ ପ୍ରଧାନମନ୍ତ୍ରୀ ଇମ୍ରାନ୍ ଖାନ୍ ଗୁରୁ ନାନକଙ୍କ ୫୫୦ତମ ଜୟନ୍ତୀ ଅବସରରେ ଏହି କରିଡର ଉଦ୍‌ଘାଟନ କରିଥିଲେ। ୪ କି.ମି. ଲମ୍ବ ବିଶିଷ୍ଟ କର୍‌ତାରପୁର କରିଡରକୁ ଭାରତୀୟ ଶିଖ୍ ଶ୍ରଦ୍ଧାଳୁ ବିନା ଭିଜାରେ ଯାଇଥାନ୍ତି।



ଗ୍ରୀସ୍‌ର ଲାରିସା ସହର ନିକଟରେ ଦୁଇ ଟ୍ରେନ୍ ଧକ୍କା ହେବା ପରେ ଉଦ୍ଧାର କାର୍ଯ୍ୟ ଚାଲିଛି।

# ୨ ଟ୍ରେନ୍ ଧକ୍କା: ୪୦ ମୃତ

**ଲାରିସା, ୧।୩**

- ଗୋଟିଏ ଟ୍ରାକ୍‌ରେ ଧାଉଁଥିଲା ଯାତ୍ରୀବାହୀ ଓ ମାଲବାହୀ ଟ୍ରେନ୍
- ପାସେଞ୍ଜର୍‌ରେ ୩୫୦ ଯାତ୍ରୀ, କାର୍ଗୋ ଟ୍ରେନ୍‌ରେ ୨ କ୍ରିଉ ଥିଲେ
- ଗ୍ରୀସ୍‌ରେ ୩ ଦିନିଆ ଜାତୀୟ ଶୋକ ଘୋଷଣା
- ଇସ୍ତଫା ଦେଲେ ପରିବହନ ମନ୍ତ୍ରୀ

ଗ୍ରୀସ୍‌ର ଲାରିସା ସହର ନିକଟରେ ମଙ୍ଗଳବାର ମଧ୍ୟରାତ୍ରିରେ ଦୁଇଟି ଟ୍ରେନ୍ ମଧ୍ୟରେ ଧକ୍କା ହୋଇଛି। ଏହି ଦୁର୍ଘଟଣାରେ ୪୦ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ୮୫ ଆହତ ହୋଇଛନ୍ତି। ଫଳରେ ମୃତ୍ୟୁସଂଖ୍ୟା ବୃଦ୍ଧି ପାଇବା ଆଶଙ୍କା କରାଯାଉଛି। ଏହାକୁ ଦେଶର ସବୁଠୁ ଘାତକ ଟ୍ରେନ୍ ଦୁର୍ଘଟଣା ବୋଲି କୁହାଯାଉଛି। ଟ୍ରେନ୍ ଦୁର୍ଘଟଣା ପରେ ପରିବହନ ମନ୍ତ୍ରୀ କୋସ୍‌ଟାସ୍ କାରାମାନିଲ୍ସ ମୃତକମାନଙ୍କ ସମ୍ମାନରେ ନିଜ ପଦରୁ ଇସ୍ତଫା ଦେଇଛନ୍ତି। ଦେଶରେ ୩ ଦିନିଆ ରାଷ୍ଟ୍ରୀୟ ଶୋକ ପାଳନ କରିବା ପାଇଁ ସରକାରଙ୍କ ପକ୍ଷରୁ ଘୋଷଣା କରାଯାଇଛି। କାର୍ଗୋ ଟ୍ରେନ୍ ରାତି ୭ଟା ୩୦ରେ ଥେସାଲୋନିରୁ ବାହାରି ଲାରିସାକୁ ଯାତ୍ରା କରୁଥିଲା। ରାଜଧାନୀ ଏଥେନ୍ସଠାରୁ ୩୮୦ କି.ମି. ଉତ୍ତରରେ ଭେଲ୍ ଅଫ୍ ଟେମ୍ପେ ନିକଟରେ ଦୁଇ ଦ୍ରୁତଗାମୀ ଟ୍ରେନ୍



ଜଣେ ଆହତ ଯାତ୍ରୀଙ୍କୁ ହସ୍ପିଟାଲରେ ଚିକିତ୍ସା କରାଯାଉଛି।

ପରସ୍ପରକୁ ଧକ୍କା ଦେବାର କାରଣ ସ୍ପଷ୍ଟ ହୋଇନାହିଁ। ଲାରିସା ଷ୍ଟେଶନ ମାଷ୍ଟରଙ୍କୁ କର୍ତ୍ତବ୍ୟରେ ଅବହେଳା ପାଇଁ ଗିରଫ କରାଯାଇଛି। ପୋଲିସ ତାଙ୍କ ନାମ ପ୍ରକାଶ କରିନାହିଁ। ଏହି ମାମଲାରେ ଅନ୍ୟ ୨ ଜଣଙ୍କୁ ପଚରାଉଚରା ପାଇଁ ଅଟକ ରଖାଯାଇଛି। ସ୍ଥାନୀୟ ସରକାରୀ ଚ୍ୟାନେଲ ଇଟିଆର୍ ଅନୁସାରେ ଦୁର୍ଘଟଣା ପୂର୍ବରୁ ଦୁଇ ଟ୍ରେନ୍‌ର ଘଣ୍ଟାପ୍ରତି ବେଗ ୧୪୦ କି.ମି. ଥିଲା। ଟ୍ରେନ୍ ପରସ୍ପର ସହ ଧକ୍କା ହେବାରୁ ଅନେକ ଯାତ୍ରୀ ଛିଟିକିପଡ଼ି ବାହାରେ ପଡ଼ିଯାଇଥିଲେ। କେତେଜଣଙ୍କ ମୃତଦେହ ଦୁର୍ଘଟଣାସ୍ଥଳରୁ ୩୦-୪୦ ମିଟର ଦୂରରେ ମିଳିଥିବା ଉଦ୍ଧାରକାରୀ ଦଳ କହିଛି। ତାପମାତ୍ରା ଅହେତୁକ ବୃଦ୍ଧି ପାଉଥିବାରୁ ଟ୍ରେନ୍‌ରେ ଥିବା ଲୋକଙ୍କୁ ଚିହ୍ନଟ କରିବାରେ ଅସୁବିଧା ହେଉଥିବା ଫାୟାର ସର୍ଭିସ୍ ମୁଖପାତ୍ର ଭାସିଲିସ୍ ଭର୍‌ଥାକୋୟିଆନିସ୍ କହିଛନ୍ତି। କ୍ରେନ୍ ସହାୟତାରେ ସେନା ପକ୍ଷରୁ ଉଦ୍ଧାର କାର୍ଯ୍ୟ ତ୍ୱରାନ୍ୱିତ କରାଯାଇଛି। ଆହତଙ୍କ ମଧ୍ୟରୁ ୬୬ ଜଣଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ୩୫୦ ଯାତ୍ରୀଙ୍କ ମଧ୍ୟରୁ ଅଧିକାଂଶ ଛାତ୍ରୀଛାତ୍ର ଥିଲେ। ସେମାନେ ଗ୍ରୀସ୍ କାର୍ନିଭାଲରୁ ଫେରୁଥିଲେ। କୋଭିଡ୍-୧୯ ମହାମାରୀଜନିତ ଲକ୍‌ଡାଉନ୍ ଯୋଗୁ ୩ ବର୍ଷ ଧରି ଏହି ଉତ୍ସବ ପାଳନ କରାଯାଇ ନ ଥିଲା। ଗ୍ରୀସ୍ ପ୍ରଧାନମନ୍ତ୍ରୀ କିରିଆକୋସ୍ ମିଟ୍‌ସୋଟାକିସ୍ କହିଛନ୍ତି, ତାଙ୍କ ସରକାର ଆହତଙ୍କୁ ଉଦ୍ଧାର ଓ ମୃତକଙ୍କ ପରିଚୟ ସ୍ପଷ୍ଟ ପାଇଁ ନିଶ୍ଚିତ ଭାବେ ସାହାଯ୍ୟ କରିବେ। ରାଷ୍ଟ୍ରପତି କ୍ୟାଟ୍ରିନା ସକେଲାରୋପୋଉଲୋଉ ମାଲ୍‌ଡୋଭା ଗସ୍ତ କାଟଛାଣ୍ଟ କରିବା ସହ ଦୁର୍ଘଟଣାସ୍ଥଳ ପରିଦର୍ଶନ କରି ମୃତକଙ୍କୁ ଶ୍ରଦ୍ଧାଞ୍ଜଳି ଦେଇଛନ୍ତି। ବୁଧବାରଠାରୁ ଦେଶରେ ୩ ଦିନିଆ ରାଷ୍ଟ୍ରୀୟ ଶୋକ ଦିବସ ପାଳନ କରାଯିବ। ବ୍ରସେଲ୍ସରେ ଥିବା ୟୁରୋପୀୟ କମିଶନ୍ (ଇୟୁ)ର ସମସ୍ତ ଅଫିସରେ ଜାତୀୟ ପତାକାକୁ ଅର୍ଦ୍ଧନମିତ କରାଯିବ। କ୍ୟାଥୋଲିକ୍ ଧର୍ମଗୁରୁ ପୋପ୍ ଫ୍ରାନ୍ସିସ୍ ମୃତକଙ୍କ ପରିବାରକୁ ସମବେଦନା ଜଣାଇଛନ୍ତି।

## ଉହାନ ଲାବ୍‌ରୁ ବ୍ୟାପିଛି କରୋନା

### ଏଫ୍‌ବିଆଇ ପ୍ରଧଙ୍କୁ ଖଣ୍ଡନ କଲା ଚାଇନା

**ୱାଶିଂଟନ୍/ବେଜିଂ, ୧।୩**

ସାରା ବିଶ୍ୱରେ ଲଗାତର ୪ ବର୍ଷ ଧରି କାୟା ବିସ୍ତାର କରିଥିବା କରୋନା ମହାମାରୀ ଚାଇନାରୁ ବ୍ୟାପିଛି ଏବଂ ଏହି ଭୂତାଣୁ ଚାଇନାର ଉହାନ୍ ଲାବ୍‌ରୁ ଲିକ୍ ହୋଇଥିବା ଆମେରିକାର ଫେଡେରାଲ୍ ବ୍ୟୁରୋ ଅଫ୍ ଇନ୍‌ଭେଷ୍ଟିଗେଶନ୍ (ଏଫ୍‌ବିଆଇ) ନିର୍ଦ୍ଦେଶକ ଖ୍ରୀଷ୍ଟୋଫର ରେ’ ଫୋକ୍ସ ନ୍ୟୁଜ୍‌କୁ ମଙ୍ଗଳବାର ଦେଇଥିବା ସାକ୍ଷାତ୍‌କାରରେ କହିଛନ୍ତି। ୱାଲ୍ ଷ୍ଟ୍ରିଟ୍ ଜର୍ନାଲରେ ମଧ୍ୟ ଏ ନେଇ ଖବର ପ୍ରକାଶ ପାଇଛି। କିନ୍ତୁ ହ୍ୱାଇଟ୍ ହାଉସ୍ ପକ୍ଷରୁ କୋଭିଡ୍-୧୯ ନେଇ ମିଳିଥିବା ପ୍ରତିକ୍ରିୟା ଅଲଗା ରହିଛି। ଆମେରିକୀୟ ନ୍ୟାଶନାଲ ସିକ୍ୟୁରିଟି ମୁଖପାତ୍ର ଜନ୍ କିର୍ବି କହିଛନ୍ତି, କୋଭିଡ୍ ମହାମାରୀର ଉତ୍ପତ୍ତିସ୍ଥଳକୁ ନେଇ ସରକାର କୌଣସି ନିର୍ଯାସରେ ପହଞ୍ଚିପାରି ନାହାନ୍ତି। ଅନ୍ୟପକ୍ଷେ ଏଜେନ୍ସିର ଗୋପନୀୟତା ସୂତ୍ରରୁ ଉହାନରୁ ଭୂତାଣୁ ଲିକ୍ ନେଇ ଖ୍ରୀଷ୍ଟୋଫର ଅଧିକ ତଥ୍ୟ ଗଣମାଧ୍ୟମକୁ ଦେଇପାରିବେ ନାହିଁ ବୋଲି ଖ୍ରୀଷ୍ଟୋଫର ପ୍ରତିକ୍ରିୟାରେ କହିଛନ୍ତି।



ତେବେ ଏଫ୍‌ବିଆଇ ନିର୍ଦ୍ଦେଶକଙ୍କ ବୟାନକୁ ବେଜିଂ ଖଣ୍ଡନ କରିଛି। ଚାଇନା ଲାବ୍‌ରୁ କୋଭିଡ୍ ଭୂତାଣୁ ବ୍ୟାପି ନ ଥିବା ଚାଇନା ପକ୍ଷରୁ ବୁଧବାର କୁହାଯାଇଛି। ସେଠାକାର ବହିର୍ବ୍ୟାପାର ମନ୍ତ୍ରଣାଳୟର ମୁଖପାତ୍ର ମାଓ ନିଙ୍ଗ କହିଛନ୍ତି, କୋଭିଡ୍-୧୯ ଭୂତାଣୁର ଉତ୍ପତ୍ତିସ୍ଥଳକୁ ନେଇ ଆମେରିକୀୟ ଇଣ୍ଟେଲିଜେନ୍ସ କମ୍ୟୁନିଟି ରାଜନୀତିକରଣ କରୁଛି। ‘ଲାବ୍ ଲିକ୍ ଥିଓରି’କୁ ଦୋହରାଇ ଆମେରିକା ଚାଇନାର ଅପମାନ କରୁନାହିଁ ବରଂ ନିଜର ବିଶ୍ୱସନୀୟତାକୁ କ୍ଷତି ପହଞ୍ଚାଉଛି ବୋଲି ମାଓ କହିଛନ୍ତି। ଆମେରିକାକୁ ଆମ ତରଫରୁ ଦାବି ରହିବ ଯେ, ବିଜ୍ଞାନ ଓ ସତକୁ ସେ ସମ୍ମାନ କରୁ।

## ତାଇୱାନ୍ ଆକାଶରେ ଚାଇନାର ୧୯ ଯୁଦ୍ଧବିମାନ



**ତାଇପେଇ, ୧।୩**

ତାଇୱାନ୍‌କୁ ଚାଇନା ୧୯ଟି ଯୁଦ୍ଧବିମାନ ଓ ୫ ଜାହାଜ ପଠାଇଛି। ଜେ-୧୦ ଫାଇଟର ଜେଟ୍‌ଗୁଡ଼ିକ ତାଇୱାନ୍‌ର ଏୟାର ଡିଫେନ୍ସ ଆଇଡେଣ୍ଟିଫିକେଶନ୍ ଜୋନ୍‌ରେ ଘୂରି ବୁଲୁଥିବାବେଳେ ଜାହାଜଗୁଡ଼ିକ ତାଇୱାନ୍ ଷ୍ଟ୍ରେଟ୍‌ରେ ଚଳାଚଳ କରୁଛି। ତେବେ ତାଇପେଇ ପକ୍ଷରୁ ଏହାର ଜବାବ ଦିଆଯାଇଥିବା ତାଇୱାନ୍ ପ୍ରତିରକ୍ଷା ମନ୍ତ୍ରଣାଳୟ କହିଛି। ଚାଇନା ଏହି ଦ୍ୱୀପରାଷ୍ଟ୍ରକୁ ନିଜର ଦାବି କରି ଦଖଲ ଉଦ୍ୟମ ଚଳାଇଥିବାବେଳେ ଆମେରିକାର ହସ୍ତକ୍ଷେପ ଉତ୍ତେଜନା ବଢ଼ାଇଛି।

## ଜାଫରଙ୍କ ଘର ଭାଙ୍ଗିଲା ବୁଲ୍‌ଡୋଜର

### ଉମେଶ ପାଲ୍ ହତ୍ୟାକାଣ୍ଡ

- ଜାଫରଙ୍କ ଘରେ ହୋଇଥିଲା ଯୋଜନା
- ମାରଣାସ୍ତ୍ର ଓ ବନ୍ଧୁକ ଜବତ





ପ୍ରୟାଗରାଜସ୍ଥିତ ଚାକିୟାରେ ଥିବା ଜାଫର ଅହମଦଙ୍କ ଘରକୁ ବୁଲ୍‌ଡୋଜରରେ ଭଙ୍ଗାଯାଉଛି।

**ଲକ୍ଷ୍ନୌ, ୧।୩**

ଉତ୍ତର ପ୍ରଦେଶ ପ୍ରୟାଗରାଜରେ ଆଇନଜୀବୀ ଉମେଶ ପାଲଙ୍କ ହତ୍ୟା ଅଭିଯୁକ୍ତ ଜାଫର ଅହମଦଙ୍କ ଘର ବୁଧବାର ନଗର ନିଗମ ପକ୍ଷରୁ ବୁଲ୍‌ଡୋଜର ଲଗାଇ ଭାଙ୍ଗିଦିଆଯାଇଛି। ଜାଫରଙ୍କ ଘରୁ ବନ୍ଧୁକ ସାଙ୍ଗକୁ ବହୁ ମାରଣାସ୍ତ୍ର ପୋଲିସ ଜବତ କରିଛି। ଜେଲରେ ସଜା କାଟୁଥିବା ସମାଜବାଦୀ ପାର୍ଟି ନେତା ଆତିକ ଅହମଦଙ୍କ ଖାସ୍ ସହଯୋଗୀ ହେଉଛନ୍ତି ଜାଫର। ଜାଫରଙ୍କ ଘରେ ଅଭିଯୁକ୍ତମାନେ ଏକାଠି ହୋଇ ଉମେଶ ପାଲ୍‌ଙ୍କୁ ହତ୍ୟା କରିବାର ଯୋଜନା ପ୍ରସ୍ତୁତ କରିଥିବା ପୋଲିସ କହିଛି। ଘଟଣା ପରଠାରୁ ଜାଫର ଫେରାର୍ ଥିବା ଜଣାପଡ଼ିଛି। ବୁଧବାର ଆତିକଙ୍କ ଘରେ ପୋଲିସ ଚଢ଼ାଉ କରିଥିବାବେଳେ ଦୁଇଟି ଦାମୀ କାର୍ ଜବତ କରାଯାଇଛି। ତେବେ ଜାଫରଙ୍କ ଘର ବୁଲ୍‌ଡୋଜର ଲଗାଇ ଭଙ୍ଗାଯିବା ପରେ ଉମେଶ ହତ୍ୟାକାଣ୍ଡରେ ସମ୍ପୃକ୍ତ ଅନ୍ୟ ଅଭିଯୁକ୍ତ ଗୁଡ୍ଡୁ ମୁସ୍‌ଲିମ୍, ନାଫିଜ, ଅର୍ମାନଲ ସଦାକତ ଏବଂ ଘୁଲାମଙ୍କ ଘରେ ବୁଲ୍‌ଡୋଜର ଆକ୍ସନ ନିଆଯିବା ନେଇ ଆଶଙ୍କା ସୃଷ୍ଟି ହୋଇଛି। ସୋମବାର ୟୁପି ପୋଲିସ ଏନ୍‌କାଉଣ୍ଟରରେ ହତ୍ୟାକାଣ୍ଡର ଅନ୍ୟତମ ଅଭିଯୁକ୍ତ ଅର୍ବାଜ୍‌ଙ୍କ ମୃତ୍ୟୁ ଘଟିଛି।

## ଟିକ୍‌ଟକ୍‌କୁ ବ୍ୟାନ୍ କଲା ୟୁରୋପୀୟ ପାର୍ଲାମେଣ୍ଟ



**ବ୍ରସେଲ୍‌ସ, ୧।୩**

ଚାଇନାର ଶର୍ଟ ଭିଡିଓ ଆପ୍ ଟିକ୍‌ଟକ୍‌କୁ ବ୍ୟାନ୍ କଲା ୟୁରୋପୀୟ ପାର୍ଲାମେଣ୍ଟ। ଡେଟା ସୁରକ୍ଷା ଦୃଷ୍ଟିରୁ ପାର୍ଲାମେଣ୍ଟ କର୍ମଚାରୀ ବ୍ୟବହାର କରୁଥିବା ଡିଭାଇସ୍‌ରୁ ଟିକ୍‌ଟକ୍ ଆପ୍ ହଟାଇବା ଲାଗି ୟୁରୋପୀୟ ପାର୍ଲାମେଣ୍ଟ ପକ୍ଷରୁ କର୍ମଚାରୀମାନଙ୍କୁ କୁହାଯାଇଛି। ଗତ ସପ୍ତାହରେ ୟୁରୋପୀୟ ସଂଘ (ଇୟୁ) ପକ୍ଷରୁ ସମାନ ନିର୍ଦ୍ଦେଶ ଦିଆଯାଇଥିଲା। ପାର୍ଲାମେଣ୍ଟ ସଭାପତି ରୋବର୍ଟା ମେଟସୋଲା ଏବଂ ସେକ୍ରେଟାରି ଜେନେରାଲ ଆଲେଜାଣ୍ଡ୍ରୋ ଟିଓଛେଟି ମିଳିତ ଭାବେ ଏହି ନିଷ୍ପତ୍ତି ନେଇଛନ୍ତି। ପାର୍ଲାମେଣ୍ଟ କର୍ମଚାରୀଙ୍କ ମୋବାଇଲ୍ ଫୋନ୍, ଟାବ୍‌ଲେଟ୍ ଏବଂ ଲାପ୍‌ଟପ୍‌ରୁ ଟିକ୍‌ଟକ୍ ଆପ୍ ହଟାଯିବା ଲାଗି ମଙ୍ଗଳବାର ନୋଟିସ ଜାରି କରାଯାଇଛି। ତେବେ ଏହି ନୂଆ ନିୟମ ମାର୍ଚ୍ଚ ୨୦ରୁ ଲାଗୁ କରାଯିବ।

## ୧୧ ମିନିଟ୍ ଚାଲିଲେ ଅକାଳ ମୃତ୍ୟୁ ଭୟ କମିବ

**ଲଣ୍ଡନ, ୧।୩**



ଅକାଳମୃତ୍ୟୁରୁ ନିଜକୁ ସୁରକ୍ଷିତ ରଖିବା ସକାଶେ ପ୍ରତ୍ୟେକ ଦିନ ୧୧ ମିନିଟ୍ ବ୍ୟାୟାମ୍ ବା ଚାଲିବା ଆବଶ୍ୟକ। ଏପରି କରିବା ଦ୍ୱାରା ଅକାଳ ମୃତ୍ୟୁର ଡର ରହିବ ନାହିଁ ବୋଲି ବ୍ରିଟିଶ୍ ଜର୍ନାଲ ଅଫ୍ ସ୍ପୋର୍ଟସ୍‌ମେଡିସିନ୍‌ରେ ଉଲ୍ଲେଖ କରାଯାଇଛି। ଶାରୀରିକ କ୍ରିୟା ଦ୍ୱାରା ହୃଦ୍‌ଜନିତ ରୋଗ, କ୍ୟାନ୍‌ସର ଭଳି ରୋଗକୁ ମଧ୍ୟ ଦୂର କରାଯାଇପାରିବ।

ପ୍ରତି ସପ୍ତାହରେ ୧୫୦ ମିନିଟ୍ ବ୍ୟାୟାମ କରିବା ଶରୀର ପକ୍ଷେ ହିତକାର ବୋଲି ବ୍ରିଟେନ୍‌ର ନ୍ୟାଶନାଲ ହେଲ୍‌ଥ ସର୍ଭିସ୍ (ଏନ୍‌ଏଚ୍‌ଏସ୍) ପକ୍ଷରୁ କୁହାଯାଇଛି। ବିଶେଷଜ୍ଞମାନେ ୩୦ ନିୟୁତ ଲୋକଙ୍କୁ ନେଇ ଏ ସମ୍ପର୍କିତ ଅଧ୍ୟୟନ କରିଛନ୍ତି। ସୁସ୍ଥ ରହିବା ଏବଂ ଦୀର୍ଘାୟୁ ହେବାକୁ ପ୍ରତ୍ୟେକ ବ୍ୟକ୍ତିଙ୍କ ଆଶା ଥାଏ ସେଥିପାଇଁ ୭ ଦିନରେ ୧୫୦ ମିନିଟ୍‌ର ବ୍ୟାୟାମ ନିତାନ୍ତ ଆବଶ୍ୟକ ବୋଲି କେମ୍ବ୍ରିଜ୍ ମେଡିକାଲ୍ ରିସର୍ଚ୍ଚ କାଉନ୍‌ସିଲ (ଏନ୍‌ଆର୍‌ସି)ର ଡା. ସୋରେନ୍ ବ୍ରେଜ୍ କହିଛନ୍ତି। ପ୍ରାରମ୍ଭିକ ସମୟରେ ସପ୍ତାହକୁ ୭୫ମିନିଟ୍ ଏକ୍ସରସାଇଜ୍ ବା ନିୟମିତ ଚାଲିବା ଜରୁରୀ। ଏହାକୁ ଅଭ୍ୟାସ କଲେ ବ୍ୟାୟାମ କରିବାର ସମୟ ମଧ୍ୟ ଟାର୍ଗେଟ୍ ସମୟରେ ପହଞ୍ଚିପାରିବ। ପ୍ରତି ସପ୍ତାହରେ ୧୫୦ ମିନିଟ୍ ଶାରୀରିକ କ୍ରିୟା କରିବା ହେତୁ ପ୍ରତି ୬ ଜଣଙ୍କ ମଧ୍ୟରୁ ଜଣଙ୍କ ଅକାଳ ବିୟୋଗ ଦୂର ହେବ ବୋଲି ଅଧ୍ୟୟନ ରିପୋର୍ଟରେ ଉଲ୍ଲେଖ କରାଯାଇଛି।

## ବୋଲା ଟିନୁବୁ ନାଇଜେରିଆ ରାଷ୍ଟ୍ରପତି



**ଅବୁଜା, ୧।୩:** ନାଇଜେରିଆର ଶାସକ ଅଲ୍ ପ୍ରୋଗ୍ରେସିଭ୍ କଂଗ୍ରେସ (ଏପିସି) ନେତା ବୋଲା ଟିନୁବୁ ଶନିବାର-ରବିବାର ଅନୁଷ୍ଠିତ ରାଷ୍ଟ୍ରପତି ନିର୍ବାଚନରେ ବିଜୟୀ ହୋଇଛନ୍ତି। ଆଫ୍ରିକାର ସବୁଠୁ ଜନବହୁଳ ରାଷ୍ଟ୍ର ନାଇଜେରିଆରେ ଜଣେ ରାଜନୈତିକ ‘ଗଡ୍ ଫାଦର୍’ ଭାବେ ପରିଚିତ ଏହି ୭୦ ବର୍ଷୀୟ ଭେଟେରାନ୍ ବର୍ତ୍ତମାନର ରାଷ୍ଟ୍ରପତି ମୁହମ୍ମଦୁ ବୁହାରିଙ୍କ ସ୍ଥାନ ନେବେ। ଅନ୍ୟପକ୍ଷେ ବିରୋଧୀ ଲେବର୍ ପାର୍ଟି ପ୍ରାର୍ଥୀ ପିଟର ଓବି ସରକାର ଗଢ଼ିବାରେ ସକ୍ଷମ ହୋଇନ ଥିଲେ ହେଁ ଟିନୁବୁଙ୍କ ରାଜ୍ୟ ଲାଗୋସ୍‌ରେ ବିଜୟୀ ହୋଇଛନ୍ତି। ଏକ ମୁସ୍‌ଲିମ୍ ପରିବାରରେ ଜନ୍ମିତ ଟିନୁବୁ ଆମେରିକାରେ ଆକାଉଣ୍ଟାଣ୍ଟ ଭାବେ ତାଲିମ ନେଇ ଅନେକ କମ୍ପାନୀରେ କାର୍ଯ୍ୟ କରିଥିଲେ। ରାଜନୀତିରେ ଯୋଗଦେବା ପରେ ସେ ପ୍ରଥମେ ସିନେଟର୍ ଓ ପରେ ୧୯୯୯- ୨୦୦୭ ପର୍ଯ୍ୟନ୍ତ ଲାଗୋସ୍ ଷ୍ଟେଟ୍ ଗଭର୍ନର ଦାୟିତ୍ୱ ତୁଲାଇଥିଲେ।

## ୭୦୦ ବର୍ଷ ପୁରୁଣା ସିଂହାସନ ସଜଡ଼ା ହେଲା



**ଲଣ୍ଡନ, ୧।୩**

### କିଙ୍ଗ୍ ଚାର୍ଲ୍ସ ୩ୟଙ୍କ ରାଜାଭିଷେକ

ବ୍ରିଟେନ୍‌ର କିଙ୍ଗ୍ ଚାର୍ଲ୍ସ ତୃତୀୟଙ୍କ କରୋନେଶନ୍ କାର୍ଯ୍ୟକ୍ରମ ପାଇଁ ୭୦୦ ବର୍ଷ ପୁରୁଣା ରାଜକୀୟ ସିଂହାସନକୁ ସଜଡ଼ା ଯାଇଥିବା ଲଣ୍ଡନର ୱେଷ୍ଟମିନିଷ୍ଟର ଆବେ ପକ୍ଷରୁ କୁହାଯାଇଛି। ଆସନ୍ତା ମେ ୬ରେ ଆବେଠାରେ କିଙ୍ଗ ଚାର୍ଲ୍ସ ଏବଂ କୁଇନ୍ କନସର୍ଟ କାମିଲାଙ୍କୁ ଆନୁଷ୍ଠାନିକ ଭାବେ ରାଜାଭିଷେକ କରାଯିବ। ପୂର୍ବରୁ ଏହି ସିଂହାସନରେ ବସାଇ କିଙ୍ଗ୍ ହେନେରି ଅଷ୍ଟମ, କୁଇନ୍ ଭିକ୍ଟୋରିଆ, ଏଲିଜାବେଥ୍ ଦ୍ୱିତୀୟଙ୍କ ରାଜାଭିଷେକ କରାଯାଇଥିଲା। କିଙ୍ଗ୍ ଏଡୱାର୍ଡ ପ୍ରଥମଙ୍କ ନିର୍ଦ୍ଦେଶକ୍ରମେ ଏହାର ନିର୍ମାଣ କରାଯାଇଥିଲା।



**ଗୋପାଳଙ୍କ ମାନସିକ ସ୍ଥିତି ଯାଞ୍ଚ ଆବେଦନର ଶୁଣାଣି ଶେଷ**

ବ୍ରଜରାଜନଗର,୧।୩(ଡି.ଏନ.ଏ.): ପୂର୍ବତନ ସ୍ୱାସ୍ଥ୍ୟମନ୍ତ୍ରୀ ନବ କିଶୋର ଦାସ ହତ୍ୟା ମାମଲାରେ କ୍ରାଇମବ୍ରାଞ୍ଚ ପକ୍ଷରୁ ଅଭିଯୁକ୍ତ ଗୋପାଳ ଦାସଙ୍କ ମାନସିକ ସ୍ଥିତି ଯାଞ୍ଚ ଲାଗି କରାଯାଇଥିବା ଆବେଦନର ବୁଧବାର ଝାରସୁଗୁଡ଼ା ଜିଲା ଅଦାଲତରେ ଶୁଣାଣି ହୋଇଛି। ଝାରସୁଗୁଡ଼ା ଅତିରିକ୍ତ ଜିଲା ଜଜ୍ ଏହି ମାମଲାର ଶୁଣାଣି କରି ରାୟ ସଂରକ୍ଷିତ ରଖିଛନ୍ତି। ବେଙ୍ଗାଲୁରୁସ୍ଥିତ ରାଷ୍ଟ୍ରୀୟ ମାନସିକ ସ୍ୱାସ୍ଥ୍ୟ ଓ ସ୍ନାୟୁବିଜ୍ଞାନ ସଂସ୍ଥାନ (ନିମହାନ୍ସ)ରେ ଅଭିଯୁକ୍ତଙ୍କ ମାନସିକ ସ୍ଥିତି ଯାଞ୍ଚ ସକାଶେ ତିନି ସପ୍ତାହ ପାଇଁ ନେବାକୁ କ୍ରାଇମବ୍ରାଞ୍ଚ ପକ୍ଷରୁ ଆବେଦନ କରାଯାଇଥିଲା।

## ସଂକ୍ଷେପରେ

### ମଣ୍ଟୁ ଛୁରିଆଙ୍କ ନାଁରେ ନକଲି ଆଇଡି ଖୋଲି ଟଙ୍କା ଅସୁଲି

**ଦେବଗଡ଼ର ୨ ଗିରଫ**

ସମ୍ବଲପୁର,୧।୩(ବ୍ୟୁରୋ): 'ସମ୍ବଲପୁରିଆ ବାବୁ...' ଗାୟକ ମଣ୍ଟୁ ଛୁରିଆଙ୍କ ନାମରେ ନକଲି ଆଇଡି ଖୋଲି ଟଙ୍କା ଅସୁଲି କରିବା ସହ ଯୁବତୀଙ୍କୁ ପ୍ରେମ ନିବେଦନ କରି ଅଶ୍ଳୀଳ ଭିଡିଓ କରିବା ଅଭିଯୋଗରେ ବୁଧବାର ସମ୍ବଲପୁର ସାଇବର ଥାନା ପୋଲିସ ୨ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେମାନେ ହେଲେ ଦେବଗଡ଼ ଜିଲାର ଜନ୍ମେଜୟ ସାମଲ ଓ ସଭ୍ୟ ସାମଲ। ଏ ନେଇ ସାଇବର ଥାନାରେ ଏକ ମାମଲା ରୁଜୁ କରାଯାଇ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିବା ବୁର୍ଲା ଏସ୍‌ଡିପିଓ ଏସ୍. ଦାଶ ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ ଗତ ଫେବୃୟାରୀ ୨୭ରେ ତାଙ୍କ ନାମରେ ସାମାଜିକ ଗଣମାଧ୍ୟମରେ ଆକାଉଣ୍ଟ ଖୋଲାଯାଇଥିବା ନେଇ ମଣ୍ଟୁ ସାଇବର ଥାନାରେ ଅଭିଯୋଗ କରିଥିଲେ। ଏହାସହ ଯୁବତୀଙ୍କୁ ଆଲବମରେ ଅଭିନୟ କରିବା, ଗୀତା ଗାଇବା ଭଳି ମିଥ୍ୟା ପ୍ରଲୋଭନ ଦେଖାଇ ଠକେଇ କରାଯାଉଛି ବୋଲି ଅଭିଯୋଗରେ ଦର୍ଶାଇଥିଲେ। ଏଭଳି ଠକାମିର ଶିକାର ହୋଇଥିବା ଜଣେ ଯୁବତୀଙ୍କ ସହ ମଣ୍ଟୁଙ୍କ ଭେଟ ହେବା ପରେ ଏହି ଘଟଣା ଜାଣିପାରିଥିଲେ। ତେଣୁ ଏ ଦିଗରେ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସେ ଦାବି କରିଥିଲେ। ସମ୍ବଲପୁର ସାଇବର ପୋଲିସ ତଦନ୍ତ କରି ଅଭିଯୁକ୍ତଙ୍କୁ ଗିରଫ କରିବାରେ ସଫଳ ହୋଇଛି।

### ଏସିଡ୍ ମାଡ଼ ଘଟଣା: ମୃତକଙ୍କ ପିତା, ଆହତଙ୍କୁ ୫ଲକ୍ଷ ଆର୍ଥିକ ସହାୟତା

ବାଲେଶ୍ୱର ଅଫିସ, ୧।୩: ବାଲେଶ୍ୱର ଜିଲା ଆଇନସେବା ପ୍ରାଧିକରଣ ପକ୍ଷରୁ ମୃତ ଏସିଡ୍ ପୀଡ଼ିତା ବନିତା ସିଂଙ୍କ ପିତା କାର୍ତ୍ତିକ ସିଂଙ୍କୁ ୧ଲକ୍ଷ ଟଙ୍କା ଆର୍ଥିକ ସହାୟତା ପ୍ରଦାନ କରାଯାଇଛି। ଏଥିସହିତ ଆହତ ହୋଇଥିବା ବନିତାଙ୍କ ଭାଇ, ଭଉଣୀ ଓ ଭଉଣୀଙ୍କ ଦୁଇ ଶିଶୁଙ୍କୁ ମଧ୍ୟ ୧ ଲକ୍ଷ ଟଙ୍କା ଲେଖାଏଁ ମୋଟ୍ ୫ ଲକ୍ଷ ଟଙ୍କା ପ୍ରଦାନ କରାଯାଇଛି। ବାଲେଶ୍ୱର ସହର ଉପକଣ୍ଠସ୍ଥ ଭୀମପୁରାରେ ଗତ ଫେବୃୟାରୀ ୨୦ ତାରିଖରେ ବନିତା ସିଂଙ୍କୁ ତାଙ୍କ ସ୍ୱାମୀ ଚନ୍ଦନ କୁମାର ରଣା ଏସିଡ୍ ମାଡ଼ କରିଥିଲେ। ପରବର୍ତ୍ତୀ ସମୟରେ ପୀଡ଼ିତା ଚିକିତ୍ସାଧୀନ ଅବସ୍ଥାରେ କଟକ ମେଡିକାଲରେ ପ୍ରାଣ ହରାଇଥିଲେ। ଏହି ସମ୍ବେଦନଶୀଳ ଘଟଣାକୁ ବାଲେଶ୍ୱର ଜିଲା ଆଇନସେବା ପ୍ରାଧିକରଣ ପକ୍ଷରୁ ଗୁରୁତର ଭାବରେ ନିଆଯାଇଥିଲା। ଆଇନସେବା ପ୍ରାଧିକରଣ ଅଧ୍ୟକ୍ଷ ତଥା ଜିଲା ଏବଂ ଦୌରାଜଜ୍ ଅଶାନ୍ତ କୁମାର ଦାସଙ୍କ ନିର୍ଦ୍ଦେଶକ୍ରମେ ପୀଡ଼ିତାଙ୍କ ସ୍ୱାସ୍ଥ୍ୟାବସ୍ଥାର ତଦାରଖ ପାଇଁ ୨ ଜଣ ପାରାଲିଗାଲ ସ୍ୱେଚ୍ଛାସେବୀ ସୁରେଶ ଚନ୍ଦ୍ର ଭୋଳ ଏବଂ ଜିତେନ୍ଦ୍ର ଦାସଙ୍କୁ କଟକ ମେଡିକାଲକୁ ପଠା ଯାଇଥିଲା। ଜିଲା ଆଇନସେବା ପ୍ରାଧିକରଣ ବାଲେଶ୍ୱର ତରଫରୁ ମଧ୍ୟ କଟକ ମେଡିକାଲ କଲେଜ ଅଧୀକ୍ଷକଙ୍କୁ ସମସ୍ତ ପ୍ରକାର ଉନ୍ନତମାନର ଚିକିତ୍ସା ପୀଡ଼ିତାଙ୍କୁ ଯୋଗାଇ ଦେବା ପାଇଁ ପତ୍ର ମାଧ୍ୟମରେ ଅନୁରୋଧ କରାଯାଇଥିଲା। ଜିଲା ଆରକ୍ଷୀ ଅଧୀକ୍ଷକଙ୍କୁ ଦୋଷୀମାନଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ମଧ୍ୟ ଅନୁରୋଧ କରାଯାଇଥିଲା। ଗତ ୨୪ତାରିଖରେ ଜିଲା ଆଇନସେବା ପ୍ରାଧିକରଣ, ବାଲେଶ୍ୱରର ଅଧ୍ୟକ୍ଷ ତଥା ଜିଲାଜଜ୍‌ଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ପୀଡ଼ିତା କ୍ଷତିପୂରଣ ମାସିକ ବୈଠକରେ ଏସିଡ୍ ମାଡ଼ରେ ମୃତ ଓ ୪ ଆହତଙ୍କୁ ୫ ଲକ୍ଷ ଟଙ୍କାର ଆର୍ଥିକ ରାଶି ମଞ୍ଜୁର କରା ଯାଇଥିଲା।

# ବରଗଡ଼ ମୁଖ୍ୟ କେନାଲରେ ଗର୍ତ୍ତ

- ୬ଦିନ ହେଲା ଜମିକୁ ମାଡ଼ୁନି ପାଣି
- ୧.୩୦ଲକ୍ଷ ହେକ୍ଟର ରବିଚାଷ ପ୍ରଭାବିତ
- ଗର୍ତ୍ତ ଖୋଜି ପାଉନି କେନାଲ ବିଭାଗ
- ଅନ୍ଧାରରେ ବାଡ଼ି ବୁଲାଇ ଚାଲିଛି ମରାମତି

**ବରଗଡ଼ ଅଫିସ୍,୧।୩**

ବରଗଡ଼ ମୁଖ୍ୟ କେନାଲ ଚାଷୀଙ୍କ ଜୀବନରେଖା। ଏହି କେନାଲ ଉପରେ ବରଗଡ଼ ସମେତ ପଡ଼ୋଶୀ ସମ୍ବଲପୁର ଏବଂ ସୁବର୍ଣ୍ଣପୁର ଜିଲାର ଚାଷୀମାନେ ନିର୍ଭର କରିଥାନ୍ତି। ତେବେ ବରଗଡ଼ ଜିଲା କମଗାଁ ଏବଂ କଟାପାଲି ମଧ୍ୟରେ ଥିବା ଦନ୍ତା ନଦୀ ଜଳ ପ୍ରବାହ ନିକଟରେ ଏକ ଗର୍ତ୍ତ ଯୋଗୁ ଗତ ୬ଦିନ ହେଲା ବରଗଡ଼ ମୁଖ୍ୟ କେନାଲରେ ଜଳଯୋଗାଣ ବନ୍ଦ ରହିଛି। ଫଳରେ ଏହି କେନାଲ ଉପରେ ନିର୍ଭର କରୁଥିବା ଚାଷଜମିକୁ ପାଣି ମାଡ଼ିପାରୁନାହିଁ। ଏହାଦ୍ୱାରା ବ୍ୟାପକ ରବି ଧାନ ଫସଲ ପ୍ରଭାବିତ ହୋଇଛି। ଏହାକୁ ନେଇ ଚାଷୀ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି।

୮୪ କି.ମି ଦୈର୍ଘ୍ୟ ବିଶିଷ୍ଟ ବରଗଡ଼ ମୁଖ୍ୟ କେନାଲ ବୁର୍ଲା, ବରଗଡ଼ ଏବଂ ବରପାଲି ଡିଭିଜନ ଅଧୀନରେ ରହିଥିବା ବେଳେ ଏହାଦ୍ୱାରା ୧ଲକ୍ଷ ୩୦ ହେକ୍ଟର ଚାଷଜମିକୁ ଜଳଯୋଗାଣ କରାଯାଉଛି। ତେବେ ମୁଖ୍ୟ କେନାଲରେ ଗର୍ତ୍ତ ଯୋଗୁ ଜଳଯୋଗାଣ ବନ୍ଦ ରହିଛି। ବର୍ତ୍ତମାନ ଧାନ ଫସଲକୁ ପାଣି ଆବଶ୍ୟକତା ରହିଛି। ଏଭଳି ସମୟରେ ଚାଷଜମିକୁ ପାଣି ଅଭାବରୁ ଫସଲ ନଷ୍ଟ ହେବ ବୋଲି ଚାଷୀମାନେ ଆଶଙ୍କା ପ୍ରକାଶ କରିଛନ୍ତି। ଚାଷୀନେତା ଶିବ ପ୍ରସାଦ ପ୍ରଧାନ କହିଛନ୍ତି, କେନାଲରେ ଗର୍ତ୍ତ ସୃଷ୍ଟି ହେବା କିମ୍ବା ପାଣି ଯୋଗାଣ ବନ୍ଦ ନେଇ କେନାଲ କର୍ତ୍ତୃପକ୍ଷ ଏପର୍ଯ୍ୟନ୍ତ କିଛି ସୂଚନା ଦେଇ ନ ଥିଲେ। ଚାଷୀମାନେ ଚାଷରେ ରାସାୟନିକ ସାର ପ୍ରୟୋଗ କରିଛନ୍ତି। ଫଳରେ ପାଣିର ଆବଶ୍ୟକତା ରହିଛି। କେନାଲ ବିଭାଗ


ବରଗଡ଼ ମୁଖ୍ୟ କେନାଲରେ ମରାମତି କାର୍ଯ୍ୟ ଚାଲିଛି।

ମରାମତି ନେଇ ସୂଚନା ଦେଇଥିଲେ ଚାଷୀମାନେ ଫସଲରେ ସାର ପ୍ରୟୋଗ କରି ନ ଥାନ୍ତେ। ଏବେ ସାର ପ୍ରୟୋଗ ପରେ ଚାଷଜମିରେ ପାଣି ଅଭାବ ଯୋଗୁ ଫସଲ ନଷ୍ଟ ହେବା ଆଶଙ୍କା ରହିଛି। ସେହିପରି କେଉଁ ସ୍ଥାନରେ ଗର୍ତ୍ତ ହୋଇଛି, ସେହି ନିର୍ଦ୍ଦିଷ୍ଟ ସ୍ଥାନକୁ କେନାଲ ବିଭାଗ ଖୋଜିପାଇ ପାରିନାହାନ୍ତି ଏବଂ ଅନ୍ଧାରରେ ବାଡ଼ି ବୁଲାଇବା ଭଳି ମରାମତି କରୁଛନ୍ତି। ଯଦି ମରାମତି ସଫଳ ନ ହୁଏ, ଚାଷୀଙ୍କ ବ୍ୟାପକ କ୍ଷତି ହେବ ବୋଲି ପ୍ରଧାନ କହିଛନ୍ତି।

କଟାପାଲି ଦଶମତୀ ପାଣିପଞ୍ଚାୟତ ସଭାପତି ମାନସ ରଞ୍ଜନ ଦାଶ କହିଛନ୍ତି, ଗତ ପ୍ରାୟ ୧୫ଦିନ ହେଲା ବରଗଡ଼ ମୁଖ୍ୟ କେନାଲ ଜଳପ୍ରବାହ ନିକଟରେ ଏକ ଗର୍ତ୍ତ ସୃଷ୍ଟି ହୋଇ ପାଣି ନିଷ୍କାସିତ ହୋଇ ନଦୀରେ ମିଶୁଥିଲା। ସେହି ଗର୍ତ୍ତକୁ ବାହାର ପଟୁ ବନ୍ଦ କରି ଦିଆଯାଇଥିଲା। ଗତ ମାସରେ ପ୍ରବଳ ମାତ୍ରାରେ ପାଣି ସେହି ବାଟ ଦେଇ ଚାଲିଯାଉଥିଲା। ଏହାପରେ ମରାମତି କାର୍ଯ୍ୟ ଚାଲିଛି। ଏବେ କେନାଲ ତଳସ୍ତର କଂକ୍ରିଟ କରାଯାଉଛି। ମାତ୍ର ସମ୍ପୃକ୍ତ ସ୍ଥାନର କେନାଲ ବନ୍ଧ (ୱାଲ) ଅତିକମ୍‌ରେ ୬ଫୁଟ କଂକ୍ରିଟ କରାଗଲେ ଏହି ସମସ୍ୟାର ସମାଧାନ ହେବ ବୋଲି ଆଶା କରାଯାଉଛି ବୋଲି ସେ କହିଥିଲେ। ଏ ନେଇ ବରଗଡ଼ କେନାଲ ବିଭାଗର ନିର୍ବାହୀ ଯନ୍ତ୍ରୀ ପାଣିଗ୍ରାହୀଙ୍କୁ ପଚାରିବାରୁ ସେ କହିଥିଲେ, ଯୁଦ୍ଧକାଳୀନ ଭିତ୍ତିରେ କେନାଲ ମରାମତି କାମ ଚାଲିଛି। କେଉଁଠି ଗର୍ତ୍ତ ହୋଇଛି, ସେହି ନିର୍ଦ୍ଦିଷ୍ଟ ସ୍ଥାନ ଚିହ୍ନଟ ହୋଇପାରିନାହିଁ। ସମ୍ପୃକ୍ତ ଅଞ୍ଚଳରେ ସମ୍ଭାବ୍ୟ ସ୍ଥାନକୁ କଂକ୍ରିଟ କରାଯାଉଛି। ଶନିବାର ସୁଦ୍ଧା କେନାଲରେ ଜଳଯୋଗାଣ ସ୍ୱାଭାବିକ ହେବା ଆଶା କରାଯାଉଛି ବୋଲି ସେ କହିଛନ୍ତି।

# ୧୦ ଟଙ୍କାରୁ ଅଧିକ ହେବନି ସଂଗ୍ରହାଳୟ ପ୍ରବେଶ ଶୁଳ୍କ

**ଛାତ୍ରୀଛାତ୍ର, କାରିଗର ଓ ବୁଣାକାରଙ୍କ ପାଇଁ ସମ୍ପୂର୍ଣ୍ଣ ଦେୟମୁକ୍ତ**

**ଭୁବନେଶ୍ୱର,୧।୩ (ବ୍ୟୁରୋ)**

ଓଡ଼ିଶା କଳାର ଭୂମି। ଆମର କଳା, ସଂସ୍କୃତି ସାରା ବିଶ୍ୱରେ ଓଡ଼ିଶାର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛି। ଆମର ଏହି ମହାନ ଐତିହ୍ୟର ସଂରକ୍ଷଣ ଓ ପ୍ରଚାର ପ୍ରସାର ଦିଗରେ ସଂଗ୍ରହାଳୟଗୁଡ଼ିକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଆସିଛି। ଜନସାଧାରଣ, ବିଶେଷ କରି ଯୁବ ସମାଜ, ଛାତ୍ର ସମାଜ ତଥା ପର୍ଯ୍ୟଟକମାନେ ଯେପରି ଆମ କଳା ଓ ସଂସ୍କୃତି ସହିତ ଭଲ ଭାବରେ ପରିଚିତ ହୋଇପାରିବେ, ସେ ଦୃଷ୍ଟିରୁ ରାଜ୍ୟର କୌଣସି ସଂଗ୍ରହାଳୟର ପ୍ରବେଶ ଦେୟ ୧୦ ଟଙ୍କାରୁ ଅଧିକ ନ କରିବା ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବୁଧବାର ନିର୍ଦ୍ଦେଶ ଦେଇଛନ୍ତି। ଏଥିସହ ଛାତ୍ରୀଛାତ୍ର, କାରିଗର ଓ ବୁଣାକାରଙ୍କ ପାଇଁ ସଂଗ୍ରହାଳୟରେ ପ୍ରବେଶ ନିମନ୍ତେ କୌଣସି ଦେୟ ଆଦାୟ କରାଯିବ ନାହିଁ। ରାଜ୍ୟରେ ଥିବା ସଂଗ୍ରହାଳୟଗୁଡ଼ିକ ଯେପରି ଅଧିକ ଲୋକପ୍ରିୟ ହେବ ଓ ପର୍ଯ୍ୟଟକମାନେ ସେଗୁଡ଼ିକ ପରିଦର୍ଶନର ସୁଯୋଗ ପାଇପାରିବେ, ସେ ଦିଗରେ ପଦକ୍ଷେପ ନେବାକୁ ମଧ୍ୟ ମୁଖ୍ୟମନ୍ତ୍ରୀ ଆହ୍ୱାନ ଦେଇଛନ୍ତି। ପୂର୍ବରୁ ରାଜ୍ୟ ସଂଗ୍ରହାଳୟରେ ୧୫ ବର୍ଷ ବୟସ ପର୍ଯ୍ୟନ୍ତ ୧୦ଟଙ୍କା, ୧୫ବର୍ଷରୁ ଊର୍ଦ୍ଧ୍ୱ ବୟସ୍କଙ୍କ ପାଇଁ ୨୦ଟଙ୍କା ଓ ଛାତ୍ରୀଛାତ୍ରଙ୍କ ପାଇଁ ମୁକ୍ତ ଥିଲା। ସେହିପରି କଳାଭୂମିରେ ଟିକେଟ ମୂଲ୍ୟ ୫୦ଟଙ୍କା ଥିବାବେଳେ ଛାତ୍ରୀଛାତ୍ରଙ୍କ ପାଇଁ ୨୦ଟଙ୍କା ଓ ୧୨ବର୍ଷରୁ କମ୍ ପିଲାଙ୍କ ପାଇଁ ଦେୟମୁକ୍ତ ଥିଲା। ଅନ୍ୟପକ୍ଷରେ ଆଞ୍ଚଳିକ ବିଜ୍ଞାନ କେନ୍ଦ୍ରରେ ୨୦ଟଙ୍କା ଓ କଳିଙ୍ଗ ରେଳ ମ୍ୟୁଜିୟମରେ ୨୦ଟଙ୍କାରୁ ଆରମ୍ଭ କରି ବିଭିନ୍ନ ବର୍ଗରେ ୨୦୦ଟଙ୍କା ପର୍ଯ୍ୟନ୍ତ ପ୍ରବେଶ ଶୁଳ୍କ ରହିଛି। କିନ୍ତୁ ଅନୁସୂଚିତ ଜାତି ଓ ଜନଜାତି ସଂଗ୍ରହାଳୟକୁ ନିଃଶୁଳ୍କ ପ୍ରବେଶ ବ୍ୟବସ୍ଥା ଥିଲା।

# ନିକଟତର ହେଲେ ଶୁକ୍ର-ବୃହସ୍ପତି

**ଗ୍ରହ ମିଳନ**




**ଭୁବନେଶ୍ୱର, ୧।୩(ବ୍ୟୁରୋ)**

ବୁଧବାର ସନ୍ଧ୍ୟାରେ ୨ ଉଜ୍ଜ୍ୱଳ ଗ୍ରହ ଶୁକ୍ର ଓ ବୃହସ୍ପତି ଖୁବ୍ ନିକଟତର ଦେଖାଯାଇଥିଲେ। ଗତମାସ ଶେଷ ସପ୍ତାହରେ ସବୁଦିନ ସନ୍ଧ୍ୟାରେ ପ୍ରାୟ ଏକଘଣ୍ଟା ଧରି ଏହି ୨ ଗ୍ରହ ପଶ୍ଚିମ ଆକାଶରେ ଦୃଶ୍ୟମାନ ହେଉଥିଲେ, ଯାହାକୁ ଖାଲି ଆଖିରେ ମଧ୍ୟ ଦେଖିହେଉଥିଲା। ତେବେ ବୁଧବାର ଏହି ଦୁଇ ଗ୍ରହ ଅତି ନିକଟତର ହୋଇଥିଲେ। ଏହା ଏକ ବିରଳ ତଥା ସୁନ୍ଦର ମହାଜାଗତିକ ଦୃଶ୍ୟ। ଓଡ଼ିଶା ସମେତ ଭାରତର ସବୁ ଅଞ୍ଚଳରେ ଯେଉଁଠି ଆକାଶ ମେଘମୁକ୍ତ ରହିଥିଲା ସେଠାରେ ଏହି ଗ୍ରହ ମିଳନ ଦେଖାଯାଇଛି। ଏହି ବିରଳ ଦୃଶ୍ୟ ଦେଖିବା ପାଇଁ ଭୁବନେଶ୍ୱର ପଠାଣି ସାମନ୍ତ ପ୍ଲାନେଟାରିୟମରେ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଥିଲା। ସନ୍ଧ୍ୟା ୬ଟା ୧୫ରୁ ୭ଟା ୩୦ ପର୍ଯ୍ୟନ୍ତ ଟେଲିସ୍କୋପ୍‌ରେ ଦେଖିବା ପାଇଁ ବ୍ୟବସ୍ଥା ହୋଇଥିଲା। ସ୍କୁଲ ପିଲାଙ୍କଠାରୁ ବଡ଼ ପର୍ଯ୍ୟନ୍ତ ପ୍ରାୟ ୨୦୦ ଲୋକ ଏହି ଦୃଶ୍ୟ ଦେଖିଥିଲେ। ଏଥିସହିତ ଅନ୍ୟ ଟେଲିସ୍କୋପ୍‌ରେ ଚନ୍ଦ୍ରକୁ ମଧ୍ୟ ଦେଖିବାର ସୁଯୋଗ ଦିଆଯାଇଥିଲା। ଗୁରୁବାର ଏହି ଗ୍ରହ ଦୁଇଟି ଆହୁରି ଅଧିକ ନିକଟତର ହୋଇଯିବେ ଓ ସନ୍ଧ୍ୟା ୬ଟା ୧୫ରୁ ୭ଟା ୧୫ ପର୍ଯ୍ୟନ୍ତ ପ୍ଲାନେଟାରିୟମରେ ଏହାକୁ ଦେଖିବାର ମଧ୍ୟ ବ୍ୟବସ୍ଥା କରାଯାଇଛି। ତେବେ ଶୁକ୍ରବାରଠାରୁ ଗ୍ରହଦ୍ୱୟ ଧୀରେ ଧୀରେ ଦୂରେଇଯିବେ ବୋଲି ଭୁବନେଶ୍ୱର ପଠାଣି ସାମନ୍ତ ପ୍ଲାନେଟାରିୟମ ଉପନିର୍ଦ୍ଦେଶକ ଡ. ଶୁଭେନ୍ଦୁ ପଟ୍ଟନାୟକ ସୂଚନା ଦେଇଛନ୍ତି।

# ରାଜ୍ୟରେ ସ୍ୱୟଂଚାଳିତ ହେବ ଡ୍ରାଇଭିଂ ଟେଷ୍ଟ

**ଭୁବନେଶ୍ୱର, ୧।୩(ବ୍ୟୁରୋ)**

ରାଜ୍ୟରେ ସ୍ୱୟଂଚାଳିତ ହେବ ଡ୍ରାଇଭିଂ ଟେଷ୍ଟ୍। ଯାନଚାଳନା ବା ଡ୍ରାଇଭିଂ ଲାଇସେନ୍ସ ପ୍ରଦାନ କ୍ଷେତ୍ରରେ ସ୍ୱଚ୍ଛତା ଏବଂ ଦକ୍ଷତାକୁ ଦୃଷ୍ଟିରେ ରଖି ବାଣିଜ୍ୟ ଓ ପରିବହନ ବିଭାଗ ପକ୍ଷରୁ ଏହି ପରୀକ୍ଷା ପଦ୍ଧତି ଲାଗୁ କରାଯିବ। ଏଥିପାଇଁ ବୁଧବାର ଖାରବେଳ ଭବନଠାରେ ଓଡ଼ିଶା ରାଜ୍ୟ ପରିବହନ କର୍ତ୍ତୃପକ୍ଷ ଏବଂ ମେସର୍ସ ଅକ୍ଷରା ନିପୁନ ଜେଭି ମଧ୍ୟରେ ଏକ ଚୁକ୍ତି ସ୍ୱାକ୍ଷରିତ ହୋଇଛି। ବିଭାଗୀୟ ମନ୍ତ୍ରୀ ଟୁକୁନି ସାହୁଙ୍କ ଉପସ୍ଥିତିରେ ଏହି ସ୍ୱାକ୍ଷରିତ କାର୍ଯ୍ୟକ୍ରମ ହୋଇଥିଲା। ଏହି ବ୍ୟବସ୍ଥା ପ୍ରଚଳନ ହେଲେ ଉତ୍ତମ ଓ ଶୃଙ୍ଖଳିତ ଯାନଚାଳକମାନେ ଲାଇସେନ୍ସ ପାଇବେ। ଏହାଦ୍ୱାରା ସଡ଼କ ଦୁର୍ଘଟଣା ହ୍ରାସ ପାଇବ ବୋଲି ମନ୍ତ୍ରୀ କହିଛନ୍ତି। ବିଭାଗୀୟ ସଚିବ ଉଷା ପାଢ଼ୀ କହିଲେ, ଓଡ଼ିଶାର ୮୫ ପ୍ରତିଶତ ବ୍ୟକ୍ତି ସଡ଼କ ପରିବହନ ଉପରେ ନିର୍ଭର କରିଥାନ୍ତି। ସେମାନଙ୍କର ନିରାପତ୍ତା ଦାୟିତ୍ୱ ଡ୍ରାଇଭରଙ୍କ ଉପରେ ନ୍ୟସ୍ତ। ରାଜ୍ୟରେ ସ୍ୱୟଂଚାଳିତ ଯାନଚାଳନା ପରୀକ୍ଷା ପଦ୍ଧତି କାର୍ଯ୍ୟକାରୀ ହେଲେ ଆମେ ଦକ୍ଷ ଯାନଚାଳକ ପାଇପାରିବା। ଏହି ବ୍ୟବସ୍ଥାର ସୁଫଳ ନିଶ୍ଚୟ ସଡ଼କ ସୁରକ୍ଷା



**ରାଜ୍ୟ ପରିବହନ କର୍ତ୍ତୃପକ୍ଷ ଓ ମେସର୍ସ ଅକ୍ଷରା ନିପୁନ ଜେଭି ମଧ୍ୟରେ ଚୁକ୍ତି**

କ୍ଷେତ୍ରରେ ପ୍ରତିଫଳିତ ହେବ ବୋଲି ସେ ଆଶା ପ୍ରକାଶ କରିଥିଲେ। ବର୍ତ୍ତମାନ ଡ୍ରାଇଭିଂ ଲାଇସେନ୍ସ ପାଇବାକୁ ହେଲେ ଆବେଦନକାରୀଙ୍କୁ ମୋଟର ଯାନ ଇନ୍ସପେକ୍ଟରଙ୍କ ଉପସ୍ଥିତିରେ ପରୀକ୍ଷା ଦେବାକୁ ପଡୁଛି। କିନ୍ତୁ ସ୍ୱୟଂଚାଳିତ ପରୀକ୍ଷା ପଦ୍ଧତି କାର୍ଯ୍ୟକାରୀ ହେଲେ ଯାନଚାଳନା ପରୀକ୍ଷା ସମୟରେ ଟ୍ରାକ୍‌ରେ ପ୍ରବେଶଠାରୁ ଆରମ୍ଭ କରି ଏହାର ସମସ୍ତ ପର୍ଯ୍ୟାୟ ଡିଜିଟାଲ ପଦ୍ଧତି ମାଧ୍ୟମରେ ନିର୍ଣ୍ଣୟ କରାଯିବ। ଟ୍ରାକ୍‌ରେ ଫିଟ୍ ହୋଇଥିବା ଡିଜିଟାଲ ଟେଷ୍ଟିଂ ସେନ୍ସରଗୁଡ଼ିକ ଏହା ଉପରେ ନଜର ରଖିବ ଏବଂ ଡ୍ରାଇଭରଙ୍କ ଦକ୍ଷତାକୁ ବିଚାର କରିବ। ସୂଚନା ଓ ପ୍ରଯୁକ୍ତିବିଦ୍ୟାର ସମ୍ପୂର୍ଣ୍ଣ ଉପଯୋଗ କରି ଏହି ପରୀକ୍ଷା ବ୍ୟବସ୍ଥାକୁ ସ୍ୱଚ୍ଛ ଓ ନିର୍ଭୁଲ ଭାବେ କରିବାକୁ ପଦକ୍ଷେପ ନିଆଯାଇଛି। ଏଥିରେ କୌଣସି ମାନବୀୟ ହସ୍ତକ୍ଷେପ ହେବାର ସୁଯୋଗ ନାହିଁ। ପ୍ରଥମ ପର୍ଯ୍ୟାୟରେ ଅନୁଗୋଳ, ବାରିପଦା, ଭଦ୍ରକ, ବଲାଙ୍ଗୀର, ଦେବଗଡ଼, ଢେଙ୍କାନାଳ, ଗଞ୍ଜାମ, ନୟାଗଡ଼, ଫୁଲବାଣୀ, ରାଇରଙ୍ଗପୁର, ରାଉରକେଲା, ସୁନ୍ଦରଗଡ଼, ତାଳଚେର, କେନ୍ଦୁଝର, ମାଲକାନଗିରି, ନୂଆପଡ଼ା, ଭଞ୍ଜନଗର, ନବରଙ୍ଗପୁର ଏବଂ ସୋନପୁର ଆଦି ୧୯ଟି ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ(ଆର୍‌ଟିଓ)ରେ ଏହି ଡ୍ରାଇଭିଂ ପରୀକ୍ଷଣ ଟ୍ରାକ୍ ସ୍ଥାପନ କରାଯିବ। ପର୍ଯ୍ୟାୟକ୍ରମେ ଅନ୍ୟ କାର୍ଯ୍ୟାଳୟଗୁଡ଼ିକରେ ଏହି ବ୍ୟବସ୍ଥା କାର୍ଯ୍ୟକାରୀ ହେବ। ଆବେଦନକାରୀମାନେ ସରକାରୀ ଛୁଟିଦିନଗୁଡ଼ିକରେ ଏହି କେନ୍ଦ୍ରରେ ସ୍ଥିରୀକୃତ ଦେୟ ପ୍ରଦାନ କରି ଯାନ ଚାଳନାର ଅଭ୍ୟାସ କରିବାର ବ୍ୟବସ୍ଥା ମଧ୍ୟ କରାଯାଇଛି। ଏହି ପ୍ରକଳ୍ପକୁ ୧୦ମାସ ମଧ୍ୟରେ ସମ୍ପୂର୍ଣ୍ଣ କରାଯାଇ କାର୍ଯ୍ୟକ୍ଷମ କରିବା ନିମନ୍ତେ ବୁଝାମଣାପତ୍ରରେ ଉଲ୍ଲେଖ କରାଯାଇଛି।

# ରାଜ୍ୟ ସରକାର ଜଣାଇଲେ ସବୁ ପଦ ପୂର୍ଣ୍ଣ

**ଓଏଚ୍‌ଆର୍‌ସି ସଦସ୍ୟ ପଦ ଖାଲି ମାମଲା**

- ମାମଲାର ଅନ୍ତ ଘଟାଇଲେ ହାଇକୋର୍ଟ

**କଟକ ଅଫିସ, ୧।୩**

ଓଡ଼ିଶା ହ୍ୟୁମାନ ରାଇଟ୍‌ସ କମିଶନ(ଓଏଚ୍‌ଆର୍‌ସି)ରେ କୌଣସି ପଦ ଖାଲି ନାହିଁ। କମିଶନ ଅଧ୍ୟକ୍ଷ ଓ ଜଣେ ସଦସ୍ୟଙ୍କୁ ନିଯୁକ୍ତି ଦିଆଯିବା ପରେ ସବୁ ପଦ ଏବେ ପୂର୍ଣ୍ଣ ହୋଇଛି ବୋଲି ରାଜ୍ୟ ସରକାରଙ୍କ ପକ୍ଷରୁ ହାଇକୋର୍ଟଙ୍କୁ ଅବଗତ କରାଯାଇଛି। ହାଇକୋର୍ଟ ମୁଖ୍ୟ ବିଚାରପତି ଏସ୍. ମୁରଲୀଧର ଓ ବିଚାରପତି ମୁରାହରି ଶ୍ରୀରମଣଙ୍କୁ ନେଇ ଗଠିତ ଖଣ୍ଡପୀଠ ବୁଧବାର ଶୁଣାଣି କରି ମାମଲାର ଅନ୍ତ ଘଟାଇଛନ୍ତି। ଶୁଣାଣିବେଳେ ରାଜ୍ୟ ସରକାରଙ୍କ ପକ୍ଷରୁ ସତ୍ୟପାଠ ମାଧ୍ୟମରେ ଦର୍ଶାଯାଇଥିଲା ଯେ, ନୂତନ ନିଯୁକ୍ତି ମାଧ୍ୟମରେ ବିଚାରପତି ଶତ୍ରୁଘ୍ନ ପୂଜାହାରୀ କମିଶନର ଅଧ୍ୟକ୍ଷ ଓ ଅସୀମ ଅମିତାଭ ଦାସ ସଦସ୍ୟ ଭାବେ ଯୋଗ ଦେଇଛନ୍ତି। ଏଥିସହ କମିଶନର ସଦସ୍ୟ ରଘୁବୀର ଦାସଙ୍କ ଇସ୍ତଫା ଗୃହୀତ ହୋଇନାହିଁ। ତେଣୁ ପୂର୍ଣ୍ଣାଙ୍ଗ କମିଶନ ଏବେ କାର୍ଯ୍ୟକାରୀ ରହିଛି ବୋଲି ସରକାରୀ ଓକିଲ ହାଇକୋର୍ଟଙ୍କୁ ଜଣାଇଥିଲେ। ସୂଚନାଯୋଗ୍ୟ, ଓଏଚ୍‌ଆର୍‌ସି ସଦସ୍ୟ ଅସୀମ ଅମିତାଭ ଦାସଙ୍କ ୩ ବର୍ଷୀୟା କାର୍ଯ୍ୟକାଳ ଅଗଷ୍ଟ ୨୧ରେ ଶେଷ ହୋଇଥିଲା। ହେଲେ ଉକ୍ତ ପଦବୀରେ କାହାରିକୁ ନିଯୁକ୍ତି ଦିଆ ନ ଯିବାରୁ ତାହା ଖାଲି ପଡ଼ିଥିଲା। ସଦସ୍ୟ ନିଯୁକ୍ତି ପାଇଁ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେବାକୁ ଆଇନଜୀବୀ ପ୍ରବୀର ଦାସ ହାଇକୋର୍ଟରେ ଏକ ଜନସ୍ୱାର୍ଥ ମାମଲା ଦାଏର କରିଥିଲେ।

# 'ରଥଯାତ୍ରା ପୂର୍ବରୁ ପରିକ୍ରମା ପ୍ରକଳ୍ପ କାମ ସରିବ'

**ମହାପ୍ରଭୁଙ୍କୁ ଦର୍ଶନ କଲେ ମୁଖ୍ୟ ଶାସନ ସଚିବ**

- ଆଲୋଚନା ମାଧ୍ୟମରେ ଶ୍ରୀମନ୍ଦିର ସଂସ୍କାର ପାଇଁ ପଦକ୍ଷେପ ନିଆଯିବ
- ଶ୍ରୀଜଗନ୍ନାଥଙ୍କ ଜମିଜମା ସମସ୍ୟାର ସମାଧାନ ନିମନ୍ତେ ଦୃଷ୍ଟି ଦିଆଯିବ

**ପୁରୀ ଅଫିସ,୧।୩**

ନୂତନ ମୁଖ୍ୟ ଶାସନ ସଚିବ ଭାବେ ଦାୟିତ୍ୱ ନେବା ପରେ ବରିଷ୍ଠ ଆଇଏଏସ୍ ଅଧିକାରୀ ପ୍ରଦୀପ କୁମାର ଜେନା ବୁଧବାର ପୁରୀ ଆସି ଶ୍ରୀମନ୍ଦିରରେ ମହାପ୍ରଭୁଙ୍କୁ ଦର୍ଶନ କରିଛନ୍ତି। ମଧ୍ୟାହ୍ନ ସମୟରେ ମୁଖ୍ୟ ଶାସନ ସଚିବ ଜେନା ସସ୍ତ୍ରୀକ ଆସି ସିଂହଦ୍ୱାର ନିକଟରେ ପହଞ୍ଚିବା ପରେ ଶ୍ରୀମନ୍ଦିର ପ୍ରଶାସନ, ପରିଚାଳନା କମିଟି ସଦସ୍ୟ ଏବଂ ସେବାୟତମାନେ ତାଙ୍କୁ ସ୍ୱାଗତ କରି ପାଛୋଟି ନେଇଥିଲେ। ଦୁହେଁ ବାଇଶି ପାହାଚ ଦେଇ ଶ୍ରୀମନ୍ଦିରକୁ ଯାଇ ଭିତରକାଠ ନିକଟରେ ମହାପ୍ରଭୁଙ୍କୁ ଦର୍ଶନ ଓ ପୂଜାର୍ଚ୍ଚନା କରିଥିଲେ। ପରେ ଭିତର ବେଢ଼ାରେ ଥିବା ପାର୍ଶ୍ୱ ଦେବଦେବୀଙ୍କ ଦର୍ଶନ ସାରି ଆନନ୍ଦବଜାରରେ ମହାପ୍ରସାଦ ସେବନ କରିଥିଲେ। ଏହାପରେ ଶ୍ରୀମନ୍ଦିରରୁ ପ୍ରସ୍ଥାନ କରିଥିଲେ। ଶ୍ରୀମନ୍ଦିର ପ୍ରଶାସନ ଓ ପରିଚାଳନା କମିଟି ସଦସ୍ୟଙ୍କ ପକ୍ଷରୁ ମୁଖ୍ୟ ଶାସନ ସଚିବଙ୍କୁ ମହାପ୍ରଭୁଙ୍କ ଶ୍ରୀଅଙ୍ଗଲାଗି ଖଣ୍ଡୁଆ ପାଟ, ପତିତପାବନ ବାନା ସହ ମାଳମାହାର୍ଦ୍ଦ ପ୍ରଦାନ କରାଯାଇଥିଲା।

ଏହି ଅବସରରେ ମୁଖ୍ୟ ଶାସନ ସଚିବ ଜେନା କହିଛନ୍ତି, ନୂତନ


ମହାପ୍ରଭୁଙ୍କ ଦର୍ଶନ ସାରି ନୂତନ ମୁଖ୍ୟ ଶାସନ ସଚିବ ପ୍ରଦୀପ କୁମାର ଜେନା ଫେରୁଛନ୍ତି।

କାର୍ଯ୍ୟ ଆରମ୍ଭରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଆଶୀର୍ବାଦ ଆବଶ୍ୟକ ହୋଇଥାଏ। ତେଣୁ ଦାୟିତ୍ୱ ନେବା ପରେ କାର୍ଯ୍ୟ ଆରମ୍ଭ କରିବା ପୂର୍ବରୁ ମହାପ୍ରଭୁଙ୍କ ଆଶୀର୍ବାଦ କାମନା କରିଛି। ନିଜ ଦାୟିତ୍ୱକୁ କିଭଳି ସୁଚାରୁରୂପେ ତୁଲାଇବେ ଓ ରାଜ୍ୟବାସୀଙ୍କ ଉନ୍ନତି ପାଇଁ କାମ କରିବେ ସେନେଇ ମହାପ୍ରଭୁଙ୍କ ଆଶିଷ ଭିକ୍ଷା କରିଥିବା ସେ କହିଥିଲେ। ମୁଖ୍ୟମନ୍ତ୍ରୀଙ୍କ ଫୋକସରେ ପୁରୀ ରହିଛି। ପୁରୀକୁ ଦେଶର ଏକ ଶ୍ରେଷ୍ଠ ସହର କରିବା ପାଇଁ ମୁଖ୍ୟମନ୍ତ୍ରୀ ଚେଷ୍ଟା କରୁଛନ୍ତି। ତେଣୁ ପୁରୀରେ ଚାଲିଥିବା ବିଭିନ୍ନ ପ୍ରକଳ୍ପ କାର୍ଯ୍ୟ ଧାର୍ଯ୍ୟ ସମୟରେ ଓ ସଫଳ ଭାବେ ସାରିବାକୁ ସେ ଉଦ୍ୟମ କରିବେ। ରାଜ୍ୟ ସରକାରଙ୍କ ଲକ୍ଷ୍ୟଧାର୍ଯ୍ୟ ଅନୁଯାୟୀ, ଆଗାମୀ ରଥଯାତ୍ରା ପୂର୍ବରୁ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ କାର୍ଯ୍ୟ ସମ୍ପୂର୍ଣ୍ଣ କରାଯିବ। ପୁରୀକୁ ଆସୁଥିବା ଭକ୍ତମାନେ ଯେପରି ସୁଖଦ ଅନୁଭୂତି ନେଇ ଫେରିବେ ସେଥିଲାଗି ସବୁ ପଦକ୍ଷେପ ନିଆଯିବ। ସେହିପରି ଶ୍ରୀମନ୍ଦିର ସଂସ୍କାର କ୍ଷେତ୍ରରେ ବିଭିନ୍ନ ଦିଗ ରହିଛି। ସବୁ ଦିଗ ପ୍ରତି ଆଲୋଚନା କରାଯିବ। ଶ୍ରୀମନ୍ଦିର ପ୍ରଶାସନ, ପରିଚାଳନା କମିଟି ସହ ସମନ୍ୱୟ ରଖାଯାଇ ବିହୀତ ପଦକ୍ଷେପ ନିଆଯିବ। ଶ୍ରୀମନ୍ଦିର ପ୍ରତି ରାଜ୍ୟ ସରକାରଙ୍କ କିପରି ସ୍ୱତନ୍ତ୍ର ଦୃଷ୍ଟି ରହିବ ଓ ଉନ୍ନତି ଲାଗି ସ୍ୱତନ୍ତ୍ର ବ୍ୟବସ୍ଥା ହୋଇପାରିବ ସେ ସମ୍ପର୍କରେ ମୁଖ୍ୟମନ୍ତ୍ରୀଙ୍କ ସହ ଆଲୋଚନା କରାଯିବ। ରାଜ୍ୟର ବିଭିନ୍ନ ସ୍ଥାନରେ ଥିବା ମହାପ୍ରଭୁଙ୍କ ଜମିଜମା ସମସ୍ୟାକୁ ଶୀଘ୍ର ସମାଧାନ କରିବାକୁ ମଧ୍ୟ ପଦକ୍ଷେପ ନିଆଯିବ। ପୁରୀର ବିକାଶ ନେଇ ମୁଖ୍ୟମନ୍ତ୍ରୀ ତାଙ୍କ ସହ ଆଲୋଚନା କରିଥିବା ଓ ପରାମର୍ଶ ଦେଇଥିବା ମୁଖ୍ୟ ଶାସନ ସଚିବ ପ୍ରକାଶ କରିଛନ୍ତି। ସୂଚନାଯୋଗ୍ୟ, ମୁଖ୍ୟ ଶାସନ ସଚିବ ଜେନା ପୂର୍ବରୁ ସଫଳ ଭାବେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଭାବେ ଦାୟିତ୍ୱ ତୁଲାଇ ସାରିଛନ୍ତି।

# ଅଷ୍ଟମ ଶ୍ରେଣୀ ସାହିତ୍ୟ ବହିରେ ଭୁଲ ତଥ୍ୟ

- ସମ୍ବଲପୁରୀ ଭାଷାର ଭୁଖା ନାଟକ ଓ ସିନେମା କୋଶଲି ବୋଲି ଉଲ୍ଲେଖ
- ଆଞ୍ଚଳିକ ଶିକ୍ଷା ନିର୍ଦ୍ଦେଶକଙ୍କୁ ହୀରାଖଣ୍ଡ ସାମ୍ମୁଖ୍ୟର ସ୍ମାରକପତ୍ର

**ସମ୍ବଲପୁର,୧।୩(ବ୍ୟୁରୋ)**

ସମ୍ବଲପୁରୀ ନାଟକ ଓ ସିନେମା ଭୁଖାକୁ କୋଶଲି ଲେଖାଯାଇଥିବାରୁ ହୀରାଖଣ୍ଡ ସାମ୍ମୁଖ୍ୟ ପକ୍ଷରୁ ବୁଧବାର ଦୃଢ଼ ବିରୋଧ କରାଯାଇଛି। ଲୋକପ୍ରିୟ ସମ୍ବଲପୁରୀ ନାଟକ ଓ ସମ୍ବଲପୁରୀ ସିନେମା ଭୁଖାର ରଚୟିତା ହେଉଛନ୍ତି ସମ୍ବଲପୁରୀ ସାହିତ୍ୟ ସାଧକ ଡ. ମଙ୍ଗଳୁ ଚରଣ ବିଶ୍ୱାଳ। ଶିକ୍ଷା ଗବେଷଣା ଓ ପ୍ରଶିକ୍ଷଣ ତଥା ଓଡିଶା ବିଦ୍ୟାଳୟ ଶିକ୍ଷା ପ୍ରାଧିକରଣ ପକ୍ଷରୁ ପ୍ରକାଶିତ ଅଷ୍ଟମ ଶ୍ରେଣୀ ସାହିତ୍ୟ ବହିର ପୃଷ୍ଠା ୯୧ରେ ମଙ୍ଗଳୁ ବିଶ୍ୱାଳଙ୍କ ରଚିତ ସୁନା ନେଉଳ ଏକାଙ୍କିକା ଛାତ୍ରୀଛାତ୍ରଙ୍କୁ ପଢାଯାଉଛି। ମାତ୍ର କ୍ଷୋଭର ବିଷୟ ହେଉଛି, ଏହି ଲେଖାରେ ଲେଖକଙ୍କ ପରିଚୟ ସ୍ତମ୍ଭରେ ତାଙ୍କ ଭୁଖା ନାଟକ ଓ ଚଳଚ୍ଚିତ୍ର କୋଶଲି ଭାଷାରେ ଲିଖିତ ବୋଲି ଉଲ୍ଲେଖ କରାଯାଇଛି। ଏହା ସମ୍ପୂର୍ଣ୍ଣ ଭୁଲ ତଥ୍ୟ ଉପରେ ଆଧାରିତ। ତାଙ୍କ ରଚିତ ଭୁଖା ନାଟକ ଓ ସିନେମା ସମ୍ବଲପୁରୀ ଭାଷା ଭାବରେ ରାଜ୍ୟ ଓ ଜାତୀୟ ସ୍ତରରେ ସ୍ୱୀକୃତି ଲାଭ କରିଛି। ଏପରି କି କେନ୍ଦ୍ରୀୟ ଚଳଚ୍ଚିତ୍ର ପରିଷଦ ଏହାକୁ ସମ୍ବଲପୁରୀ ଚଳଚ୍ଚିତ୍ର ଭାବେ ପ୍ରମାଣପତ୍ର ପ୍ରଦାନ କରିଛି। ଲେଖକଙ୍କ ବିଷୟରେ କିଛି ନ ଜାଣି ତାଙ୍କୁ କୋଶଲି ଭାଷାର ଲେଖକ ବୋଲି ପରିଚୟ ଦେଇ ଆଗାମୀ ଛାତ୍ରୀଛାତ୍ରଙ୍କୁ ଭୁଲ ତଥ୍ୟ ଦେବାର ପ୍ରୟାସକୁ ହୀରାଖଣ୍ଡ ସାମ୍ମୁଖ୍ୟ ଓ ବୁଦ୍ଧିଜୀବୀଙ୍କ ପକ୍ଷରୁ ଦୃଢ଼ ନିନ୍ଦା କରାଯାଇଛି। ତେଣୁ ଯଥାଶୀଘ୍ର ପାଠ୍ୟପୁସ୍ତକରେ ଏହାକୁ ସଂଶୋଧନ କରାଯାଉ ବୋଲି ଦାବି କରାଯାଇଛି। ଏ ନେଇ ବୁଧବାର ହୀରାଖଣ୍ଡ ସାମ୍ମୁଖ୍ୟ ସଭାପତି ଡ. ପରେଶ ଚନ୍ଦ୍ର ଦାନି, ପ୍ରଶାନ୍ତ କୁମାର ମିଶ୍ର, ଅଖିଳ ରଞ୍ଜନ ପଟ୍ଟନାୟକ, ପ୍ରଶାନ୍ତ ପାଢୀଯୋଶୀ, ରାଜେଶ ବେହେରା, ରାଜେନ୍ଦ୍ର କୁମାର ପଣ୍ଡା ପ୍ରମୁଖ ଉଚ୍ଚ ମାଧ୍ୟମିକ ଆଞ୍ଚଳିକ ଶିକ୍ଷା ନିର୍ଦ୍ଦେଶକ ବିକାଶ ଚନ୍ଦ୍ର ପ୍ରଧାନଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। ଏହାସହ ମୁଖ୍ୟମନ୍ତ୍ରୀ ଓ ଗଣଶିକ୍ଷା ମନ୍ତ୍ରୀଙ୍କୁ ମଧ୍ୟ ଏହାର ନକଲ ପ୍ରଦାନ କରାଯାଇଛି।

## ସଂକ୍ଷେପରେ

### ନାବାଳିକାଙ୍କୁ ବଳାତ୍କାର ମାମଲା, ଅଭିଯୁକ୍ତ ଗିରଫ

ନିଶ୍ଚିନ୍ତକୋଇଲି,୧୩(ସ୍ୱ.ପ୍ର.): ସାଲେପୁର ଥାନା ନିଶ୍ଚିନ୍ତକୋଇଲି ବ୍ଲକ ଅଞ୍ଚଳରେ ଘଟିଥିବା ନାବାଳିକା ବଳାତ୍କାର ମାମଲାରେ ପୋଲିସ ଅଭିଯୁକ୍ତଙ୍କୁ ଅଟକ ରଖିଛି। ଏଥିସହ ନାବାଳିକାଙ୍କ ଡାକ୍ତରୀ ମାଇନା କରାଯାଇଛି। ପୋଲିସ ଏହି ଘଟଣାରେ ପୁଙ୍ଖାନୁପୁଙ୍ଖ ତଦନ୍ତ ଜାରି ରଖିଛି। ସୋମବାର ସକାଳେ ଜଣେ ୧୨ ବର୍ଷୀୟା ବାଳିକା ଫୁଲ ତୋଳିବାକୁ ଯାଇଥିଲେ। ନାବାଳିକା ଜଣକ ଫୁଲ ତୋଳିଆଣି ତାଙ୍କ ଘରେ ଛାତ ଉପରେ ଥିବା ଠାକୁର ଘରେ ରଖୁଥିଲେ। ଏହି ସମୟରେ ଯୋଜନାବଦ୍ଧ ଭାବେ ସେହି ଘରକୁ ସ୍ଥାନୀୟ ଅଞ୍ଚଳର ଜଣେ ଯୁବକ ପ୍ରବେଶ କରି ତାଙ୍କୁ ବଳାତ୍କାର କରିଥିବା ଅଭିଯୋଗ ହୋଇଛି। ନାବାଳିକାଙ୍କ ଚିତ୍କାର ଶୁଣି ପରିବାର ଲୋକ ଯାଇ ଗୁରୁତର ଅବସ୍ଥାରେ ତାଙ୍କୁ ଚିକିତ୍ସା ନିମନ୍ତେ ନିଶ୍ଚିନ୍ତକୋଇଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ଏ ସମ୍ପର୍କରେ ନାବାଳିକାଙ୍କ ବାପା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଏ ନେଇ ପୋଲିସ ନଂ. ୬୪/୨୩ରେ ମାମଲା ରୁଜୁ କରିବା ସହ ଅଭିଯୁକ୍ତ ଅକ୍ଷୟ କୁମାର ସ୍ୱାଇଁଙ୍କୁ ଥାନାରେ ଅଟକ ରଖାଯାଇଥିବା ଆଇଆଇସି ଗିରିଜା ନନ୍ଦନ ପଟ୍ଟନାୟକ କହିଛନ୍ତି।

### ନଦୀପଠାରୁ ଅଜଣା ମୃତଦେହ ଜବତ

ନିଶ୍ଚିନ୍ତକୋଇଲି,୧୩(ସ୍ୱ.ପ୍ର.): ନିଶ୍ଚିନ୍ତକୋଇଲି ଥାନା ଅସୁରେଶ୍ୱର ପଞ୍ଚାୟତ କୁଲଗାଁଇଶାଳୋସ୍ଥିତ ଲୁଣା ନଦୀ ପଠାରୁ ବୁଧବାର ଜଣେ ଅଜଣା ବ୍ୟକ୍ତିଙ୍କ ଗଳିତ ମୃତଦେହ ପୋଲିସ ଜବତ କରିଛି। ପୋଲିସ ମୃତଦେହକୁ ବ୍ୟବଚ୍ଛେଦ ନିମନ୍ତେ କଟକ ବଡ଼ ମେଡିକାଲକୁ ପଠାଇଛି। ଲୁଣା ନଦୀରେ ଜଣେ ଅଜଣା ବ୍ୟକ୍ତିଙ୍କ ମୃତଦେହ ଭାସୁଥିବା ଦେଖି ଗ୍ରାମବାସୀ ଥାନାକୁ ଖବର ଦେଇଥିଲେ। ପୋଲିସ ପହଞ୍ଚି ଗଳିତ ମୃତଦେହକୁ ଜବତ କରିଛି। ମୃତବ୍ୟକ୍ତିଙ୍କ ବୟସ ଆନୁମାନିକ ୪୦ ବର୍ଷ ପାଖାପାଖି ହେବ ବୋଲି ପୋଲିସ ଅନୁମାନ କରିଛି। ମୃତ ବ୍ୟକ୍ତିଙ୍କ ଦେହର ବିଭିନ୍ନ ସ୍ଥାନରେ ପୋଡ଼ା ଓ ଫୋଟକା ସୃଷ୍ଟି ହୋଇଥିବା ଦେଖିବାକୁ ମିଳିଛି। ତେବେ ଏହି ବ୍ୟକ୍ତିଙ୍କୁ କେହି ହତ୍ୟା କରି ଆତ୍ମହତ୍ୟାର ରୂପ ଦେବା ନିମନ୍ତେ ନଦୀକୁ ଫିଙ୍ଗି ଦେଇଥିବା ପୋଲିସ ପ୍ରାଥମିକ ତଦନ୍ତରୁ ଜାଣିବାକୁ ପାଇଛି। ଥାନାରେ (ନଂ. ୫/୨୩)ରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଥିବା ଥାନା ଆଇଆଇସି ଚିନ୍ମୟୀ ସାହୁ କହିଛନ୍ତି।

### ମନ୍ଦିର, ବିଗ୍ରହ ପ୍ରତିଷ୍ଠା ଉତ୍ସବ



ମାହାଙ୍ଗା,୧୩(ସ୍ୱ.ପ୍ର.) : ମାହାଙ୍ଗା ବ୍ଲକ ଅନ୍ତର୍ଗତ ବାସୁଦେବପୁର ପଞ୍ଚାୟତ ମା' ନାକେଇଶୁଣୀ ପୀଠରେ ୩ଦିନ ଧରି ଚାଲିଥିବା ନୂତନ ମନ୍ଦିର ଓ ବିଗ୍ରହ ପ୍ରତିଷ୍ଠା ଉତ୍ସବ ଶେଷ ହୋଇଯାଇଛି। ଏହିଅବସରରେ ସୂର୍ଯ୍ୟପୂଜା, ଗୋପୂଜା, ଯଜ୍ଞ କର୍ମ, ମହାପ୍ରଭୁଙ୍କ ଜୀବନ୍ୟାସ, ମନ୍ଦିର ପ୍ରତିଷ୍ଠା, ମନ୍ଦିର ପ୍ରବେଶ, ନବ ଯୌବନ ବେଶ ଦର୍ଶନ ଓ ପୂର୍ଣ୍ଣାହୁତି ଆଦି କାର୍ଯ୍ୟକ୍ରମ ହୋଇଥିଲା। ପ୍ରଭୁ ଶ୍ରୀରାମ, ଲକ୍ଷ୍ମଣ ଓ ସୀତା ଏବଂ ଭକ୍ତ ହନୁମାନଙ୍କ ବିଗ୍ରହ ନୂତନ ମନ୍ଦିରରେ ସ୍ଥାପନ କରାଯାଇଛି। ଉତ୍ସବରେ ସ୍ଥାନୀୟ ଅଞ୍ଚଳର ଶ୍ରଦ୍ଧାଳୁ ଯୋଗଦେଇଥିଲେ। କର୍ତ୍ତା ଭାବେ ପ୍ରମୋଦ କୁମାର ମହାନ୍ତି, ବଟକୃଷ୍ଣ ଖୁଣ୍ଟିଆ, ଗଣେଶ ମହାନ୍ତି, କେଶବ ସାହୁ, ମୃତ୍ୟୁଞ୍ଜୟ ମହାନ୍ତି ପ୍ରମୁଖ ପୂଜା କାର୍ଯ୍ୟରେ ବସିଥିଲେ। ପଣ୍ଡିତ ପ୍ରମୋଦ ପଣ୍ଡା, ଅନନ୍ତ ଗୋପାଳ ଦାଶ, ଜଗବନ୍ଧୁ ଦୀକ୍ଷିତ, ବାବୁଲାଲ ଆଚାର୍ଯ୍ୟ, ବଟକୃଷ୍ଣ ଶତପଥୀ, ନିରଞ୍ଜନ ମିଶ୍ର, ଓମ୍ ପ୍ରକାଶ ଶାସ୍ତ୍ରୀ ପ୍ରମୁଖ ପୂଜା କାର୍ଯ୍ୟ ସମ୍ପାଦନ କରିଥିଲେ। ଏହି ଅବସରରେ ଭଜନ, କୀର୍ତ୍ତନ ସହ ବହୁ ବରିଷ୍ଠ ପ୍ରବଚକ ପ୍ରବଚନ ଦେଇଥିଲେ।

### ଦୋଳ ପାଇଁ ବେଲେଶ୍ୱରୀ ବିମାନ ବାହାରିଲା

ନିଶ୍ଚିନ୍ତକୋଇଲି,୧୩ (ସ୍ୱ.ପ୍ର.) : ନିଶ୍ଚିନ୍ତକୋଇଲି ବ୍ଲକ ପୁରପଲ୍ଲୀରେ ଥିବା ବିଭିନ୍ନ ମଠ ମନ୍ଦିରରୁ ରାଜଦୋଳ ପାଇଁ ରାଧାକୃଷ୍ଣଙ୍କ ସହ ଗୋପାଳ ମହାପ୍ରଭୁଙ୍କ ବିମାନ ଯାତ୍ରା ଆରମ୍ଭ ହୋଇଛି। ବୁଧବାର ଫଗୁ ଦଶମୀ ଠାକୁରଙ୍କ ପୂଜାର୍ଚ୍ଚନା କରାଯାଇ ସୁସଜ୍ଜିତ ବିମାନରେ ଅବସ୍ଥାପିତ କରାଯାଇଛି। ନିଶ୍ଚିନ୍ତକୋଇଲିର ପ୍ରସିଦ୍ଧ ଶକ୍ତିପୀଠ ମା' ବେଲେଶ୍ୱରୀଙ୍କ ପୀଠରୁ ୨ଟି ବିମାନ ବାହାରିଛି। ବିମାନରେ ଚଳିତବର୍ଷ ନୂତନ ରୂପରେଖ ଦିଆଯାଇଛି। ଗ୍ରାମ୍ୟ ପରିଭ୍ରମଣ ସମୟରେ ସ୍ୱତନ୍ତ୍ର ପୂଜା ନୀତିର ନିର୍ଦ୍ଦିଷ୍ଟ କରାଯାଇଛି। ଦଶମୀରେ ପ୍ରଥମ ଭୋଗ ଖାଇ ମହାପ୍ରଭୁ ବିଶ୍ରାମରେ ରହି ଏକାଦଶୀରେ ଗ୍ରାମ ପରିଭ୍ରମଣରେ ଯିବେ ବୋଲି ଠାକୁରଙ୍କ ପରିଚାଳକ କ୍ଷୀରୋଦ ଚନ୍ଦ୍ର ପଣ୍ଡା ସୂଚନା ଦେଇଛନ୍ତି। ଦଶମୀ ତିଥିରେ ମା' ରଙ୍ଗେଶରୀଙ୍କର ମେଳଣ ମଧ ଅନୁଷ୍ଠିତ ହୋଇଯାଇଛି।

# ଢଳେଇ ରାସ୍ତା ନିର୍ମାଣ କାର୍ଯ୍ୟ ନିମ୍ନମାନର ଅଭିଯୋଗ

ନିଶ୍ଚିନ୍ତକୋଇଲି, ୧୩(ସ୍ୱ.ପ୍ର.)

ନିଶ୍ଚିନ୍ତକୋଇଲି ବ୍ଲକ କେନ୍ଦୁପାଟଣା ଜଳ ସମ୍ପଦ ସହକାରୀ ନିର୍ବାହୀ ଯନ୍ତ୍ରୀଙ୍କ ଅଧୀନରେ ୮ ନଂ. ସି-୧ କେନାଲ ବନ୍ଧ ରାସ୍ତା ନିର୍ମାଣ କାର୍ଯ୍ୟ ନିମ୍ନମାନର କରାଯାଉଥିବା ପ୍ରତିବାଦରେ ବୁଧବାର ଗ୍ରାମବାସୀ ଅଧାରୁ କାମକୁ ବନ୍ଦ କରି ଦେଇଛନ୍ତି। ଏହି କେନାଲ ବନ୍ଧକୁ ଢ଼ଳେଇ କରାଯିବା ନିମନ୍ତେ ୩୬ ଲକ୍ଷ ୪୬ ହଜାର ଟଙ୍କା ମଞ୍ଜୁର କରାଯାଇଥିଲା। ଟେଣ୍ଡର ମାଧ୍ୟମରେ ଠିକାଦାର ଚୟନ ହୋଇଥିଲା। ଏହି ରାସ୍ତା ସମ୍ପର୍କରେ ଲୋକଙ୍କୁ କୌଣସି ସୂଚନା ଫଳକ ମାଧ୍ୟମରେ ସୂଚନା ଦିଆ ନ ଯାଇ ଲୋକଙ୍କୁ ଅନ୍ଧାର ଘେରରେ ରଖାଯାଇଥିଲା। ଏହି ରାସ୍ତାଟି ସ୍ଥାନୀୟ ବୁହାଲୋ ଓ ସରପଡ଼ା ପଞ୍ଚାୟତର ଅଂଶ ବିଶେଷ। ଠିକାଦାର ବେଆଇନ ଭାବେ ଏହି ରାସ୍ତାର ମଝି ଅଂଶରୁ ନିର୍ମାଣ କାର୍ଯ୍ୟ ଆରମ୍ଭ କରିଥିଲେ। ଅଟକଳ ଅନୁଯାୟୀ ଏହି ରାସ୍ତା ନିର୍ମାଣ କରାଯାଇ ନାହିଁ। ରାସ୍ତା ନିର୍ମାଣରେ ଅତ୍ୟନ୍ତ ନିମ୍ନମାନର ସାମଗ୍ରୀ ବ୍ୟବହାର କରାଯାଇଥିଲା। ଫଳରେ ରାସ୍ତାର ସ୍ଥାୟିତ୍ୱ ନେଇ ସନ୍ଦେହ ପ୍ରକାଶ ପାଇଥିଲା। ରାସ୍ତା ନିର୍ମାଣ କାର୍ଯ୍ୟ ଶେଷ ନ ହେଉଣୁ



୮ନଂ. ସି-୧ କେନାଲ ବନ୍ଧ ରାସ୍ତା ନିମ୍ନମାନର କରାଯାଇଛି।

**ଗ୍ରାମବାସୀ କାମ ବନ୍ଦ କଲେ**

ନିମ୍ନମାନର କାର୍ଯ୍ୟ ହେତୁ ରାସ୍ତାରେ ଫାଟ ସୃଷ୍ଟି ହୋଇଥିବା ଅଭିଯୋଗ ହୋଇଛି। କୌଣସି ବିଭାଗୀୟ ଅଧିକାରୀ ଏହାର ତଦାରଖ କରୁ ନ ଥିବାର ଅଭିଯୋଗ ହୋଇଛି। ନିମ୍ନମାନର କାର୍ଯ୍ୟ ହେତୁ ସ୍ଥାନୀୟ ଗ୍ରାମବାସୀ ଏହି କାର୍ଯ୍ୟକୁ ସଂଘବଦ୍ଧ ଭାବେ ବିରୋଧ କରିଥିଲେ। ଫଳରେ କାମ ଅଧାରୁ ବନ୍ଦ ରହିଛି। ସେହିପରି ଭାବେ ଠିକାଦାର କେନାଲ ଶଯ୍ୟା ତାଡି ରାସ୍ତା ପାର୍ଶ୍ୱରେ ମାଟି ପକାଉଥିବା ଅଭିଯୋଗ ହୋଇଛି। ରାସ୍ତାକାମ ନିମ୍ନମାନର କରାଯାଉଥିବାରୁ ଏହାର ତଦନ୍ତ କରାଯିବା ନିମନ୍ତେ ବିଜେଡି ନେତା ଜ୍ଞାନରଞ୍ଜନ ଦାସ ଦୃଢ ଦାବି କରିଛନ୍ତି। ନଚେତ୍ ଆଗାମୀ ଦିନରେ ଲୋକେ ବାଧ୍ୟ ହୋଇ ଆନ୍ଦୋଳନାତ୍ମକ ପନ୍ଥା ଅବଲମ୍ବନ କରିବେ ବୋଲି ସେ କହିଛନ୍ତି। ଏ ସମ୍ପର୍କରେ କେନ୍ଦୁପାଟଣା ଜଳ ସମ୍ପଦ ବିଭାଗ ସହକାରୀ ନିର୍ବାହୀ ଯନ୍ତ୍ରୀ ଅକ୍ଷୟ କୁମାର ମଳିକଙ୍କୁ ପଚାରିବାରୁ ଠିକାଦାର କାମ ଛାଡି ପଳାଇଯାଇଥିବାରୁ ସେ ସମ୍ପର୍କରେ କୌଣସି ମତାମତ ଦେଇ ପାରିବେ ନାହିଁ ବୋଲି ସେ କହିଥିଲେ।

# ସାମାଜିକ ଗଣମାଧ୍ୟମରୁ ପ୍ରେମ: ବିବାହକୁ କେନ୍ଦ୍ରକରି ଉତ୍ତେଜନା

ନିଶ୍ଚିନ୍ତକୋଇଲି ୧୩(ସ୍ୱ.ପ୍ର.)

ସାମାଜିକ ଗଣମାଧ୍ୟମରୁ ସୁଦୂର ମହାରାଷ୍ଟ୍ରର ନାଗପୁର ଅଞ୍ଚଳର ଜଣେ ନାବାଳକ ସହ ସାଲେପୁର ଥାନା ନିଶ୍ଚିନ୍ତକୋଇଲି ବ୍ଲକ ଅଞ୍ଚଳର ଜଣେ ନାବାଳିକା ସହ ପ୍ରେମ ସମ୍ପର୍କ କିଛିଦିନ ହେଲା ଗଢି ଉଠିଥିଲା। ପରେ ନାବାଳକ ନାବଳିକାଙ୍କ ବିବାହକୁ କେନ୍ଦ୍ରକରି ଉତ୍ତେଜନା ସୃଷ୍ଟି ହେବାକୁ ନେଇ ପୋଲିସକୁ ନାକେଦମ ହେବାକୁ ପଡିଥିଲା। ଏହି ପ୍ରେମକୁ ନେଇ ଉଭୟେ ବିବାହ କରିବାକୁ ବସିଥିଲେ। ମଙ୍ଗଳବାର ସମ୍ପୃକ୍ତ ନାବାଳକ ଜଣକ ଏଠାରେ ପ୍ରେମିକାଙ୍କ ଘରେ ପହଞ୍ଚିଥିଲେ। ତେବେ ନାବାଳକ ଜଣକ ହିନ୍ଦୁ ଧର୍ମର ହୋଇଥିବାରୁ ଧର୍ମ ପରିବର୍ତ୍ତନ କରାଇ ନାବାଳିକା ସହ ବିବାହ କରିବା ନିମନ୍ତେ ମସୁଧା ଚାଲିଥିଲା। ତେବେ ନାବାଳକ ଓ ନାବାଳିକା ଭିନ୍ନ ଭିନ୍ନ ସମ୍ପ୍ରଦାୟର ହୋଇଥିବାରୁ ଏହି ବିବାହରେ କେତେଜଣ ବ୍ୟକ୍ତି ବାଧକ ସାଜିଥିଲେ। ଏକ ନିର୍ଦ୍ଦିଷ୍ଟ ଦଳର କର୍ମୀମାନେ ଏହି ବିବାହକୁ ତୀବ୍ର ବିରୋଧ କରିଥିଲେ। ଏହି ଘଟଣାକୁ ନେଇ ଦୀର୍ଘ ସମୟ ପର୍ଯ୍ୟନ୍ତ ନାବାଳିକାଙ୍କ ଗାଁରେ ଉତ୍ତେଜନା ପ୍ରକାଶ ପାଇଥିଲା। ଖବରପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ନାବାଳକକୁ ଉଠାଇ ନେଇ କଟକ ଶିଶୁ ସୁରକ୍ଷା ଅଧିକାରୀଙ୍କୁ ହସ୍ତାନ୍ତର କରିଥିବା ଆଇଆଇସି ଗିରିଜା ନନ୍ଦନ ପଟ୍ଟନାୟକ କହିଛନ୍ତି।

# ସମବାୟ ବ୍ୟାଙ୍କିଙ୍ଗ୍ ସେବା, ଋଣ କର୍ମଶାଳା




କର୍ମଶାଳାରେ ପୂର୍ବତନ ବିଧାୟକ ପ୍ରଭାତ କୁମାର ତ୍ରିପାଠୀ ଓ ଅନ୍ୟମାନେ।

ବାଙ୍କୀ,୧୩( ସ୍ୱ.ପ୍ର.)

ବାଙ୍କୀ କେନ୍ଦ୍ର ସମବାୟ ବ୍ୟାଙ୍କ ପକ୍ଷରୁ ଡମପଡ଼ା ବ୍ଲକ ସଭାଗୃହରେ ସମବାୟ ବ୍ୟାଙ୍କିଙ୍ଗ୍ ଓ ଋଣ କର୍ମଶାଳା ବୁଧବାର ଅନୁଷ୍ଠିତ ହୋଇଯାଇଛି। ବ୍ୟାଙ୍କ ସଭାପତି ସୁବାସ ଚନ୍ଦ୍ର ପାଢ଼ୀଙ୍କ ଅଧ୍ୟକ୍ଷତାରେ ପୂର୍ବତନ ବିଧାୟକ ପ୍ରଭାତ କୁମାର ତ୍ରିପାଠୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ସମବାୟ ସମିତି ମାଧ୍ୟମରେ ଚାଷୀଙ୍କ ଉନ୍ନତି ହେବା ସହ ସେମାନେ ନିଜ ଜୀବନର ମାନବୃଦ୍ଧି କରିପାରିବେ ବୋଲି ସେ କହିଥିଲେ। ରାଜ୍ୟ ସରକାରଙ୍କ ସମବାୟ ବିଭାଗର ଅତିରିକ୍ତ ଶାସନ ସଚିବ ପ୍ରଭା ମହାନ୍ତି ମୁଖ୍ୟବକ୍ତା ଭାବେ ଯୋଗଦେଇ ଚାଷୀଙ୍କୁ ଠିକ୍ ଭାବେ ଋଣ ପ୍ରଦାନ, ସାର ବଣ୍ଟନ, ସମିତି ଜରିଆରେ ଖାଉଟି ଦ୍ରବ୍ୟ ବଣ୍ଟନ ଓ ଧାନ ସଂଗ୍ରହ ସମ୍ପର୍କରେ ଅବଗତ କରାଇଥିଲେ। ଉପଜିଲାପାଳ ରଞ୍ଜନ କୁମାର ଜେନା, ନାବାର୍ଡର ଜିଲା ମ୍ୟାନେଜର, ଉପଖଣ୍ଡ ପ୍ରାଣୀ ଅଧିକାରୀ କାର୍ଯ୍ୟକ୍ରମରେ ଯୋଗଦେଇ ଚାଷୀଙ୍କ ଆର୍ଥିକ ଉନ୍ନତି ଓ ଆୟ ବୃଦ୍ଧି ସମ୍ପର୍କରେ କହିଥିଲେ। କେନ୍ଦ୍ର ସମବାୟ ବ୍ୟାଙ୍କ ଅନ୍ତର୍ଗତ ୯୮ଟି ସେବା ସମବାୟ ସମିତିର ସଭାପତି, ସମ୍ପାଦକ, ନିର୍ଦ୍ଦେଶକ ଓ ବ୍ୟାଙ୍କ ପରିଚାଳନା କମିଟିର ସଭ୍ୟମାନେ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ। ବ୍ୟାଙ୍କ ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ଅଭୟ କୁମାର ଲେଙ୍କା ଧନ୍ୟବାଦ ଦେଇଥିଲେ।

# କଟକରେ ନଗର ଭାଜପାର ପ୍ରତିବାଦ ସଭା




ଭାଜପା ଯୁବମୋର୍ଚ୍ଚା କର୍ମୀଙ୍କ ଉପରେ ପୋଲିସର ଆକ୍ରମଣ ପ୍ରତିବାଦରେ ଗୌରୀଶଙ୍କର ପାର୍କଠାରେ କଟକ ନଗର ଜିଲା ଭାଜପା ଯୁବମୋର୍ଚ୍ଚା ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ।

କଟକ ଅଫିସ/ମଙ୍ଗୁଳି-ଜଗତପୁର,୧୩ (ଡି.ଏନ୍.ଏ.)

ରାଜ୍ୟରେ ବିପର୍ଯ୍ୟସ୍ତ ଆଇନଶୃଙ୍ଖଳା ସ୍ଥିତି ପ୍ରତିବାଦରେ ଭାଜପା ଯୁବମୋର୍ଚ୍ଚା ପକ୍ଷରୁ ମଙ୍ଗଳବାର ବିଧାନସଭା ଘେରାଉ କରିବାକୁ ଉଦ୍ୟମ କରାଯାଇଥିଲା। ଏହି ସମୟରେ କମିଶନରେଟ ପୋଲିସ ଓ ଭାଜପା କର୍ମୀ ମୁହାଁମୁହିଁ ହୋଇଥିଲେ। ଏପରି କି ସେଠାରେ ହିଂସା ପରିସ୍ଥିତି ସୃଷ୍ଟି ହୋଇଥିଲା। ଫଳରେ ପୋଲିସ ରାଜ୍ୟ ଯୁବମୋର୍ଚ୍ଚା ସଭାପତି ଇରାଶିଷ ଆଚାର୍ଯ୍ୟଙ୍କ ସହ ୨୨ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା। ଏହାକୁ ବିରୋଧ କରି ବୁଧବାର କଟକ ନଗର ଜିଲାର ଭାଜପା ଯୁବମୋର୍ଚ୍ଚା ସଭାପତି ସତ୍ୟବ୍ରତ ମିଶ୍ରଙ୍କ ନେତୃତ୍ୱରେ ଗୌରୀଶଙ୍କର ପାର୍କଠାରେ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ନଗର ଭାଜପା ସଭାପତି ଲଲାଟେନ୍ଦୁ ବଡୁ ଯୋଗଦେଇ କହିଥିଲେ, ବିହାର ଓ ପଶ୍ଚିମବଙ୍ଗ ରାଜ୍ୟରେ ଯେଭଳି ଗୁଣ୍ଡାରାଜ ଚାଲିଛି ରାଜ୍ୟ ସରକାର ମଙ୍ଗଳବାର ଭୁବନେଶ୍ୱରରେ ସେହିଭଳି ଗୁଣ୍ଡାରାଜ ଚଳାଇଲେ। ତାହା ବିରୋଧରେ କଟକ ସହରର ଯୁବକମାନେ ଅଣ୍ଟା ଭିଡ଼ିଛନ୍ତି। ଗିରଫ କରିଥିବା କର୍ମୀମାନଙ୍କୁ ଖଲାସ, ମିଥ୍ୟା କେସ୍ ପ୍ରତ୍ୟାହାର କରିବାକୁ ସେ ଦାବି କରିଥିଲେ। ଏହିଭଳି ରାଜ୍ୟ ସରକାର ଅତ୍ୟାଚାର ଚଳାଇଲେ ଆଗାମୀ ଦିନରେ ଆନ୍ଦୋଳନ ଆହୁରି ତୀବ୍ର କରାଯିବ ବୋଲି ସେ ଚେତାବନୀ ଦେଇଥିଲେ। ଏହାପରେ ଦଳୀୟ କର୍ମୀମାନେ ମୁଖ୍ୟମନ୍ତ୍ରୀଙ୍କ କୁଶପୁତ୍ତଳିକା ଦାହ କରିଥିଲେ। ଏହି ପ୍ରତିବାଦ ସଭାରେ

**ଭାଜପା ଯୁବମୋର୍ଚ୍ଚା କର୍ମକର୍ତ୍ତାଙ୍କୁ ଗିରଫ ଘଟଣା**

ଦଳୀୟ ନେତା ଭାଗୀରଥି ଦଳାଇ, କର୍ପୋରେଟର ଗଗନ ଓଝା, ନିତାଇ ଚରଣ ନନ୍ଦ, ଚିରଞ୍ଜୀବ ଖଣ୍ଡାୟତରାୟ, ଦୀପକ କାହାଳୀ, ବିଶ୍ୱଜିତ୍ ଦାସ, ଦୀପ୍ତି ରଞ୍ଜନ ପଣ୍ଡା, ସଞ୍ଜୀବ ମହାପାତ୍ର, ରତନ ମହାନ୍ତି, ଦେବାନନ୍ଦ ସିଂ, ମହମ୍ମଦ ସବୀର, ସବ୍ୟସାଚୀ ମହାପାତ୍ର ପ୍ରମୁଖ ସାମିଲ ହୋଇଥିଲେ।

ସେହିପରି ଭାଜପା ଯୁବମୋର୍ଚ୍ଚା କର୍ମକର୍ତ୍ତାଙ୍କ ଉପରେ ପୋଲିସ ଆକ୍ରମଣ କରିବା ପ୍ରତିବାଦରେ କଟକ ଜିଲା ଯୁବମୋର୍ଚ୍ଚା ପକ୍ଷରୁ ବୁଧବାର ସନ୍ଧ୍ୟାରେ ଜଗତପୁର ଗୋଲେଇ ଛକଠାରେ ବିକ୍ଷୋଭ ପ୍ରଦର୍ଶନ ସହ ମୁଖ୍ୟମନ୍ତ୍ରୀଙ୍କ କୁଶପୁତ୍ତଳିକା ଦାହ କରାଯାଇଥିଲା। ଭାଜପା କଟକ ଜିଲା ସଭାପତି ପ୍ରକାଶଚନ୍ଦ୍ର ବେହେରାଙ୍କ ନିର୍ଦ୍ଦେଶକ୍ରମେ ଜିଲା ସମ୍ପାଦକ ଜ୍ଞାନ ରଞ୍ଜନ ପଣ୍ଡାଙ୍କ ନେତୃତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ଜିଲା ଯୁବମୋର୍ଚ୍ଚା ସଭାପତି ଦେବଦତ୍ତ କର, ଉପସଭାପତି ସତୀଶ ରାଉତ, ଅଶ୍ୱିନୀ ସାହୁ, ସାଧାରଣ ସମ୍ପାଦକ ଆକାଶ ପାତ୍ର, ଶୁଭମ ସାହୁ, ପ୍ରମୋଦ ବିଶୋଇ, ତପନ ଲେଙ୍କାଙ୍କ ସମେତ ୫୦ରୁ ଊର୍ଦ୍ଧ୍ୱ କର୍ମୀ ଉପସ୍ଥିତ ଥିଲେ।

## ଜମିବାଡ଼ି ବିବାଦରୁ ମାରପିଟ, ୩ ଜଣଙ୍କୁ କୋର୍ଟ ଚାଲାଣ

ନିଶ୍ଚିନ୍ତକୋଇଲି,୧୩ (ସ୍ୱ.ପ୍ର.)

ନିଶ୍ଚିନ୍ତକୋଇଲି ଥାନା ସରପଡ଼ା ପଞ୍ଚାୟତ ସାଧୁପୁର ଗାଁରେ ଜମିବାଡି ସତ୍ତ୍ୱକୁ ନେଇ ବୁଧବାର ୨ ପରିବାର ମଧ୍ୟରେ ମାରପିଟ ଓ ମରଣାନ୍ତକ ଆକ୍ରମଣ ହୋଇଛି। ପୋଲିସ ଏହି ଘଟଣାରେ ପୃଥକ୍ ପୃଥକ୍ ଭାବେ ୨ଟି ମାମଲା ରୁଜୁ କରିବା ସହ ୩ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ଆଇଆଇସି ଚିନ୍ମୟୀ ସାହୁଙ୍କ ସୂତ୍ରରୁ ପ୍ରକାଶ। କିଛିଦିନ ହେଲା ସାଧୁପୁର ଗାଁର ପ୍ରଦୀପ୍ତ ପଣ୍ଡା ଓ ପ୍ରଫୁଲ୍ଲ ପଣ୍ଡାଙ୍କ ପରିବାର ମଧ୍ୟରେ ଜମି ଜମା ସତ୍ତ୍ୱକୁ ନେଇ ବିବାଦ ଲାଗି ରହିଥିଲା। ପାଇଖାନା ନିର୍ମାଣକୁ କେନ୍ଦ୍ରକରି ୨ ପରିବାର ମଧ୍ୟରେ ବିବାଦ ସୃଷ୍ଟି ହୋଇଥିଲା। ପରିସ୍ଥିତି ଏପରି ହୋଇଥିଲା ଯେ, ୨ ପରିବାର ପରସ୍ପରକୁ ମରଣାନ୍ତକ ଆକ୍ରମଣ କରିଥିଲେ। ଏ ସମ୍ପର୍କରେ ପ୍ରଦୀପ୍ତଙ୍କ ଅଭିଯୋଗକୁ ଭିତ୍ତି କରି ଥାନାରେ ନଂ. ୩୭/୨୩ରେ ମାମଲା ହୋଇଛି। ସେହିପରି ପ୍ରଫୁଲ୍ଲଙ୍କ ସ୍ତ୍ରୀ ପ୍ରେମଲତା, ପୁତ୍ର ଶୁଭ୍ରଜିତ ଓ ପ୍ରଫୁଲ୍ଲଙ୍କ ଅଭିଯୋଗକୁ ଭିତ୍ତିକରି ପ୍ରଦୀପ୍ତଙ୍କ ନାମରେ ନଂ. ୩୮/୨୩ରେ ମାମଲା ରୁଜୁ ହୋଇଛି। ଏହି ୨ଟି ମାମଲାରେ ପୋଲିସ ପ୍ରଫୁଲ୍ଲ, ଶୁଭ୍ରଜିତ ଓ ପ୍ରଦୀପ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ଆଇଆଇସି ଚିନ୍ମୟୀ ସାହୁ କହିଛନ୍ତି।

# ସେମିଫାଇନାଲରେ ପ୍ରତାପ କ୍ଲବ



ରେଫରିମାନଙ୍କ ସହ ଉଭୟ ଦଳର ଖେଳାଳିମାନେ।

ଟିଗିରିଆ,୧୩(ଡି.ଏନ.ଏ.)

**୧୬ ତମ ଫଜୁଲ ସ୍ମାରକୀ ଫୁଟ୍‌ବଲ ଟୁର୍ନାମେଣ୍ଟ**

ଟିଗିରିଆ ବ୍ଲକ ଅନ୍ତର୍ଗତ ପଙ୍କାଳସ୍ଥିତ ଇନ୍ଦିରା ଗାନ୍ଧୀ ମିନିଷ୍ଟାଡିୟମଠାରେ ଯୁବଜ୍ୟୋତି କ୍ଲବ ଦ୍ୱାରା ଆୟୋଜିତ ୧୬ତମ ରାଜ୍ୟ ସ୍ତରୀୟ ଫଜୁଲ ସ୍ମାରକୀ ଫୁଟ୍‌ବଲ ଟୁର୍ନାମେଣ୍ଟରେ ବୁଧବାର କ୍ୱାର୍ଟର ଫାଇନାଲ ମ୍ୟାଚ ହୋଇଥିଲା। ଖେଳରେ ଖୁଣ୍ଟକଟା ଫୁଟ୍‌ବଲ କ୍ଲବକୁ ୩/୦ ଗୋଲରେ ପରାସ୍ତ କରି ପ୍ରତାପ କ୍ଲବ କଟକ ସେମିଫାଇନାଲରେ ପ୍ରବେଶ କରିଛି। ଖେଳର ପ୍ରଥମାର୍ଦ୍ଧର ୨୨ ଓ ୨୭ ତମ ମିନିଟ୍‌ରେ ପ୍ରତାପ କ୍ଲବର ନଂ. ୮ ଖେଳାଳି ବବୁଲୁ ରାଉତ ୨ଟି ଗୋଲ ସ୍କୋର କରିଥିଲେ। ଖେଳର ଦ୍ୱିତୀୟାର୍ଦ୍ଧର ୧୨ ମିନିଟ୍‌ରେ ନଂ. ୧୦ ଖେଳାଳି ଶାନ୍ତନୁ ଦାସ ଗୋଟିଏ ଗୋଲ ସ୍କୋର କରି ଦଳକୁ ୩/୦ ଗୋଲରେ ବିଜୟୀ କରିଥିଲେ। ପରାଜିତ ଖୁଣ୍ଟକଟା ଦଳ କୌଣସି ଗୋଲ କରିବାକୁ ସକ୍ଷମ ହୋଇ ନ ଥିଲା। ଖେଳରେ ମୁଖ୍ୟ ଅତିଥି ଭାବେ ପଙ୍କାଳ ଗ୍ରାମ୍ୟ କମିଟି ସଭାପତି ଅବଦୁଲ ଇସମାଇଲ ଖାଁ, ସମ୍ମାନିତ ଅତିଥି ଭାବେ ମହେବୁବ ଅହମ୍ମଦ ଖାଁ, ଜୈନୁଲ ଆବେଦିନ ଖାଁ ପ୍ରମୁଖ ଯୋଗଦେଇଥିଲେ। ଖେଳକୁ ରେଫରି ଆଲୋକ ଦେଉରୀ ପରିଚାଳନା କରିଥିବାବେଳେ ତାଙ୍କୁ ଲାଇନରେ ଧନେଶ୍ୱର ସରଦାର ଓ ଅଜିତ ଖାଁ ସହଯୋଗ କରିଥିଲେ। ୪ର୍ଥ ରେଫରି ଭାବେ ମହମ୍ମଦ ସୋଲେମାନ କାର୍ଯ୍ୟ ତୁଲାଇ ଥିଲେ। ଗୁରୁବାର ପ୍ରଥମ ସେମିଫାଇନାଲ ମ୍ୟାଚ ଯୁବ ଜ୍ୟୋତି କ୍ଲବ ପଙ୍କାଳ କଟକ ସହ ମା' ଶାରଳା କ୍ଲବ ଗୁଣ୍ଡିଚାପଡ଼ା ଢେଙ୍କାନାଳ ମଧ୍ୟରେ ଖେଳ ଅନୁଷ୍ଠିତ ହେବ ବୋଲି ଆୟୋଜକ ପ୍ରକାଶ କରିଛନ୍ତି।

# ମୁରାରିପୁର ଗ୍ରାମବାସୀଙ୍କୁ ପଟ୍ଟା ବଣ୍ଟନ

ବାଙ୍କୀ,୧୩(ସ୍ୱ.ପ୍ର.): ବାଙ୍କୀ ଉପଖଣ୍ଡ ଅନ୍ତର୍ଗତ ଡମପଡ଼ା ତହସିଲରେ ସରକାରଙ୍କ ଆଦେଶନାମା ଅନୁଯାୟୀ ମୁରାରିପୁର ଗାଁକୁ ଚକୁଳେଶ୍ୱର ରାଜସ୍ୱ ଗ୍ରାମକୁ ବିଭାଜିତ କରାଯାଇ ନୂତନ ରାଜସ୍ୱ ମୌଜାରେ ପରିଣତ କରାଯାଇଛି। ଏହି ଗ୍ରାମବାସୀଙ୍କୁ ବୁଧବାର ପଟ୍ଟା ବଣ୍ଟନ କରାଯାଇଛି। କାର୍ଯ୍ୟକ୍ରମରେ ଉପଜିଲାପାଳ ରଞ୍ଜନ କୁମାର ଜେନା, ତହସିଲଦାର କ୍ଷିତୀଶ ବେହେରା ଉପସ୍ଥିତ ରହି ଗ୍ରାମବାସୀଙ୍କୁ ପଟ୍ଟାବଣ୍ଟନ କରିଥିଲେ। ରାଜସ୍ୱ ଅଧିକାରୀ କ୍ଷୀରୋଦ ବେହେରା, ସେକ୍ସନ ଅଫିସର ପୁଷ୍ପମଞ୍ଜରୀ ନାୟକ, କନିଷ୍ଠ ରାଜସ୍ୱ ସହାୟକ ନିରଞ୍ଜନ ଷଡଙ୍ଗୀ ଓ ଅନ୍ୟ କର୍ମଚାରୀ ପଟ୍ଟା ବଣ୍ଟନ କାର୍ଯ୍ୟରେ ସହଯୋଗ କରିଥିଲେ।



ଜଣେ ବ୍ୟକ୍ତିଙ୍କୁ ପ୍ରଶାସନିକ ଅଧିକାରୀ ପଟ୍ଟା ଦେଉଛନ୍ତି।

## ନନ୍ଦନକାନନରେ ନୂଆ ଉପନିର୍ଦ୍ଦେଶକ

ବାରଙ୍ଗ,୧୩(ଡି.ଏନ୍.ଏ.)

ନନ୍ଦନକାନନରେ ଉପନିର୍ଦ୍ଦେଶକ ଭାବେ ୨୦୧୨ ବ୍ୟାଚର ଜଙ୍ଗଲ ବିଭାଗର ଅଧିକାରୀ ସନତ୍ କୁମାର ଏନ୍ ବୁଧବାର ଦାୟିତ୍ୱ ଗ୍ରହଣ କରିଛନ୍ତି। ସେ ଆଗରୁ ବଣେଇରେ ଡିଏଫ୍‌ଓ ଥିଲେ। ନନ୍ଦନକାନନକୁ ସଜାଡିବାରେ ସେ ମୁଖ୍ୟ ଭୂମିକା ଗ୍ରହଣ କରିବେ ବୋଲି କର୍ମଚାରୀ, ସ୍ଥାନୀୟ ଜନସାଧାରଣ ବିଶ୍ୱାସ ରଖିଛନ୍ତି।

# ବାଙ୍କୀ କ୍ରୀଡ଼ା ସଂସଦ ୧-୦ ଗୋଲରେ ବିଜୟୀ



ଅତିଥି, ରେଫରିମାନଙ୍କ ଗହଣରେ ଖେଳାଳି।

ବାଙ୍କୀ,୧୩(ସ୍ୱ.ପ୍ର.)

**ରାଜ୍ୟସ୍ତରୀୟ ଫୁଟ୍‌ବଲ ଟୁର୍ନାମେଣ୍ଟ**

ବାଙ୍କୀ କ୍ରୀଡ଼ା ସଂସଦ ଆନୁକୂଲ୍ୟରେ ରାଜ୍ୟସ୍ତରୀୟ ଫୁଟ୍‌ବଲ ଟୁର୍ନାମେଣ୍ଟର ୩ୟ ଦିନ ଖେଳ ବାଙ୍କୀ ଆଥ୍‌ଲେଟିକ୍ ଆସୋସିଏଶନ ଓ ପୁରୀ ନୀଳଚକ୍ର ଫୁଟ୍‌ବଲ କ୍ଲବ ମଧ୍ୟରେ କଚେରି ପଡ଼ିଆରେ ବୁଧବାର ଅନୁଷ୍ଠିତ ହୋଇଛି। ଏଥିରେ ଓକିଲ ସଂଘ ସଭାପତି ଶ୍ରୀନିବାସ ମହାପାତ୍ର ଓ ଡମପଡ଼ା ବ୍ଲକ କଂଗ୍ରେସ ସଭାପତି ଅସୀତ ବରଣ ପଟ୍ଟନାୟକ ଅତିଥି ଭାବେ ଯୋଗଦେଇଥିଲେ। ସଞ୍ଜୀବ କୁମାର ଦାସ ରେଫରି ଭାବେ ଖେଳ ପରିଚାଳନା କରିଥିବା ବେଳେ ଚିନ୍ମୟ ପ୍ରଧାନ ଓ ଅମୂଲ୍ୟ ସାମଲ ଲାଇନ୍ସମ୍ୟାନ ଭାବେ କାର୍ଯ୍ୟ କରିଥିଲେ। ବାଙ୍କୀ କ୍ରୀଡ଼ା ସଂସଦ ପୁରୀ ନୀଳାଞ୍ଚଳ ଫୁଟ୍‌ବଲ କ୍ଲବକୁ ୧-୦ ଗୋଲରେ ପରାସ୍ତ କରି ପ୍ରଥମ ସେମିଫାଇନାଲ ପ୍ରବେଶ କରିଛି। ଗୁରୁବାର ଭୁବନେଶ୍ୱର ଗଣ୍ଡରପୁର ଫୁଟବଲ କ୍ଲବ ଓ ନୟାଗଡ଼ ଯଦୁମଣି ଫୁଟ୍‌ବଲ କ୍ଲବ ମଧ୍ୟରେ ଖେଳ ଅନୁଷ୍ଠିତ ହେବ ବୋଲି ଆଥ୍‌ଲେଟିକ୍ ଆସୋସିଏସନ ସମ୍ପାଦକ ସନ୍ତୋଷ କୁମାର ରଣା କହିଛନ୍ତି।

# କଂକ୍ରିଟ ୱାଲ୍ ନିର୍ମାଣକୁ ଗ୍ରାମବାସୀଙ୍କ ବିରୋଧ

ସାଲେପୁର,୧୩(ଡି.ଏନ.ଏ.)

ସାଲେପୁର ବ୍ଲକ ତଥା କିଶୋରନଗର ତହସିଲ ଅଧୀନ ରଟିଲୋ ପଞ୍ଚାୟତସ୍ଥିତ ବିବାଦୀୟ ମହାନଦୀ ଶଯ୍ୟାରେ ପ୍ରଶାସନ ପକ୍ଷରୁ ବେନିୟମ ଭାବେ କଂକ୍ରିଟ ୱାଲ୍ ନିର୍ମାଣ ନେଇ ଅସନ୍ତୋଷ ପ୍ରକାଶ ପାଇବା ସହ ବୁଧବାର ଗ୍ରାମବାସୀ ବିରୋଧ କରିଛନ୍ତି। ଅଭିଯୋଗ ମୁତାବକ, ୨।୯।୨୦୨୧ରେ ଜାତୀୟ ଗ୍ରୀନ ଟ୍ରିବ୍ୟୁନାଲ ଓ ସୁପ୍ରିମକୋର୍ଟଙ୍କର ଆଦେଶ ମୁତାବକ ଆମମାନଙ୍କର ଧର୍ମୀୟ ଭାବନା ଉପରେ କୁଠାରାଘାତ କରାଯାଇ କୋର୍ଟକୁ ସମ୍ମାନ ଜଣାଇ କଡ଼ା ସୁରକ୍ଷାରେ ରଟିଲୋ ଗାଁରେ ଖାତା ନଂ. ୪୩୯ ପ୍ଲଟ ନଂ.୧୬୨୨ରେ ଅବସ୍ଥିତ ଶ୍ରୀପଞ୍ଚମୁଖୀ ହନୁମାନ ମନ୍ଦିରକୁ ଭଙ୍ଗା ଯାଇଥିଲା। ଏପରି କି ସେଠାରେ ଥିବା ଧାନ ଖଳା ଓ ନିର୍ମିତ ଶିଶୁ ଉଦ୍ୟାନକୁ ମଧ୍ୟ ଭଙ୍ଗି ଦିଆଯାଇଥିଲା। କୋର୍ଟଙ୍କର ଆଦେଶ ବଳରେ ସେଠାରୁ ଭାଙ୍ଗି ଥିବା ମନ୍ଦିର, ଶିଶୁ ଉଦ୍ୟାନ ଓ ଧାନ ଖଳାର ଅଂଶ ବିଶେଷକୁ ଅନ୍ୟତ୍ର ପକା ଯାଇଥିଲା। କାରଣ କୋର୍ଟଙ୍କର ବିଚାରରେ ଉକ୍ତ ଜାଗାଟି



ନିର୍ମାଣ କରାଯାଉଥିବା କଂକ୍ରିଟ ୱାଲ୍।

ନଦୀ ଶଯ୍ୟା ଅଟେ। ହେଲେ ଏବେ ସାଲେପୁର ବିଡିଓଙ୍କ ଦ୍ୱାରା ସେଠାରେ ଗର୍ତ୍ତ ଖୋଳାଯାଇ କଂକ୍ରିଟର ୱାଲ ନିର୍ମାଣ କରାଯାଉଛି। ଏହା କିପରି ସମ୍ଭବ ହେଉଛି ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏଥିପୂର୍ବରୁ କୋର୍ଟଙ୍କର ଅନୁମତି ନିଆଯାଇଛି କି ନାହିଁ। ଯଦି ସମତଳରେ ନିର୍ମିତ ଧାନଖଳା ଖୋଳା

**ରଟିଲୋର ବିବାଦୀୟ ମହାନଦୀ ଶଯ୍ୟା**

ଯାଇଥିଲା ତେବେ ଏବେ ସେଠାରେ କଂକ୍ରିଟର ୱାଲ୍ କିପରି କରାଯାଉଛି ବୋଲି ସାମାଜିକ କର୍ମୀ ତ୍ରୈଲୋକ୍ୟ ପଣ୍ଡା ଅଭିଯୋଗ କରିଛନ୍ତି। ଅପରପକ୍ଷେ ସେଠାରେ ନିର୍ମାଣ କରାଯାଉଥିବା କଂକ୍ରିଟ ୱାଲ୍ ଓ ଅନ୍ୟ କାର୍ଯ୍ୟ ତୁରନ୍ତ ବନ୍ଦ କରା ନ ଗଲେ ଗ୍ରାମବାସୀଙ୍କ ପକ୍ଷରୁ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରାଯିବ ବୋଲି ପଣ୍ଡା କହିଛନ୍ତି। ଏଥିସହ କୋର୍ଟଙ୍କର ଆଦେଶକୁ ଅବମାନନା କରାଯାଉଥିବାରୁ ଗ୍ରାମବାସୀ ସର୍ବୋଚ୍ଚ ନ୍ୟାୟାଳୟର ଦ୍ୱାରସ୍ଥ ହେବେ ବୋଲି ସେ ଅଭିଯୋଗ ପତ୍ରରେ ଦର୍ଶାଇଛନ୍ତି। ଏ ସମ୍ପର୍କରେ ସାଲେପୁର ବିଡିଓ ସୂର୍ଯ୍ୟକାନ୍ତ ରାଉତଙ୍କୁ ପଚାରିବାରେ ସେ ସ୍ଥାନକୁ ଆବଦ୍ଧ କରିବା ପାଇଁ ୱାଲ୍ ନିର୍ମାଣ କରାଯାଉଛି। କାରଣ ସେଠାରେ କେହି କିଛି ଯେପରି ନ କରିପାରିବେ। କୋର୍ଟର ନିର୍ଦ୍ଦେଶକୁ ପ୍ରଶାସନ ପକ୍ଷରୁ ଅବମାନନା କରାଯାଇନାହିଁ ବୋଲି ସେ କହିଛନ୍ତି।

ଧରିତ୍ରୀ
DHARITRI
ଭୁବନେଶ୍ୱର, ଗୁରୁବାର, ୨ ମାର୍ଚ୍ଚ, ୨୦୨୩



## ସଂକ୍ଷେପରେ

### ନନ୍ଦନକାନନରେ ନୂଆ ଉପନିର୍ଦ୍ଦେଶକ

ବାରଙ୍ଗ,୧।୩(ଡି.ଏନ୍.ଏ.)- ନନ୍ଦନକାନନରେ ଉପନିର୍ଦ୍ଦେଶକ ଭାବେ ୨୦୧୨ ବ୍ୟାଚର ଜଙ୍ଗଲ ବିଭାଗର ଅଧିକାରୀ ସନତ୍ କୁମାର ଏନ୍ ବୁଧବାର ଦାୟିତ୍ୱ ଗ୍ରହଣ କରିଛନ୍ତି। ସେ ଆଗରୁ ବଣେଇରେ ଡିଏଫ୍ଓ ଭାବେ ସୁପର ରୂପେ ନିଜର ଦାୟିତ୍ୱ ନିର୍ବାହ କରିଥିଲେ। ଅସଜଡା ନନ୍ଦନକାନନକୁ ସଜାଡିବାରେ ସେ ମୁଖ୍ୟ ଭୂମିକା ଗ୍ରହଣ କରିବେ ବୋଲି କର୍ମଚାରୀ ଓ ସ୍ଥାନୀୟ ଜନସାଧାରଣ ବିଶ୍ୱାସ ରଖିଛନ୍ତି। ବିଗତ ଦିନରେ ଟେଣ୍ଡର ଫିକ୍ସିଂ ବିବାଦ, ପର୍ଯ୍ୟଟକମାନଙ୍କୁ ମାରଧର କରିବା, ବେଆଇନ ଭାବେ ପାର୍କିଂ ଆଦାୟ କରିବା, ବସଷ୍ଟାଣ୍ଡର ଉନ୍ନତ ନ ହେବା, ବଦଳି ପରେ ଡାକ୍ତର ସିଟ୍ ନ ଛାଡ଼ିବା ଆଦି ବିବାଦରେ ଛନ୍ଦି ହୋଇପଡିଥିବା ନନ୍ଦନକାନନର ସମ୍ମାନ ଅକ୍ଷୁଣ୍ଣ ରଖିବାରେ ଉଦ୍ୟମ କରିବେ ବୋଲି ଆଶା କରାଯାଉଛି। ତେବେ ପୂର୍ବତନ ଉପନିର୍ଦ୍ଦେଶକ ଡ. ସଞ୍ଜିତ କୁମାର ପଦୋନ୍ନତି ପାଇ ଆଞ୍ଚଳିକ ବନସଂରକ୍ଷକ ଭାବେ ଭୁବନେଶ୍ୱରକୁ ବଦଳି ହୋଇଛନ୍ତି।

### ଏକାଠି ହେଲେ, ପୁରୁଣା ସ୍ମୃତି ମନେପକାଇଲେ

ବାଣପୁର,୧।୩(ଡି.ଏନ୍.ଏ.): କୁମାରାଙ୍ଗସ୍ଥିତ ନୀଳକଣ୍ଠେଶ୍ୱର ବିଦ୍ୟାପୀଠର ୧୯୯୧ମସିହାରେ ଦଶମ ଶ୍ରେଣୀରୁ ଉତ୍ତୀର୍ଣ୍ଣ ହୋଇଥିବା ଛାତ୍ରୀଛାତ୍ରଙ୍କ ଉତ୍ତରାୟଣୀ ମନ୍ଦିରରେ ବନ୍ଧୁମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଉକ୍ତ ସମୟର ଶିକ୍ଷୟିତ୍ରୀଶିକ୍ଷକଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ବାବୁଲି ସାହୁ, ସନ୍ତୋଷ ସାହୁ, ପ୍ରସନ୍ନ ବେହେରାଙ୍କ ସମେତ ବହୁ ଛାତ୍ରୀଛାତ୍ର ପୁରୁଣା ସ୍ମୃତିକୁ ମନେପକାଇଥିଲେ। ଚଳିତ ବର୍ଷଠାରୁ ଯେଉଁ ଛାତ୍ରୀଛାତ୍ର ଦଶମ ଶ୍ରେଣୀରେ ପ୍ରଥମ ସ୍ଥାନ ଅଧିକାର କରିବେ ୫ ହଜାର ଟଙ୍କା, ଦ୍ୱିତୀୟ ସ୍ଥାନ ୩ହଜାର ଏବଂ ତୃତୀୟ ସ୍ଥାନ ୨ହଜାର ଟଙ୍କା ପ୍ରଦାନ କରାଯିବ ବୋଲି ନିଷ୍ପତ୍ତି ହୋଇଛି। ଦୁର୍ଯ୍ୟୋଧନ ସାହୁ, ପ୍ରସନ୍ନ କଳାପାହାଡ଼ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

### ବୋମାମାଡ଼: ୫ ଗିରଫ

ଭୁବନେଶ୍ୱର,୧।୩(ବ୍ୟୁରୋ): : ଜେସିବି ଭଡା ବାବଦକୁ ବାକି ଥିବା ଅଢେଇ ଲକ୍ଷ ଟଙ୍କା ମାଗିବାରୁ ମାଲିକଙ୍କ ସାଙ୍ଗ ଉପରକୁ ବୋମା ମାଡ଼ ହୋଇଛି। ମଙ୍ଗଳବାର ଘଟିଥିବା ଏହି ଘଟଣାରେ ଲକ୍ଷ୍ମୀସାଗର ଥାନା ପୋଲିସ ସଂପୃକ୍ତ ମୁଖ୍ୟ ଅଭିଯୁକ୍ତଙ୍କ ସମେତ ୫ ଜଣଙ୍କୁ ଗିରଫ କରି ବୁଧବାର କୋର୍ଟ ଚାଲାଣ କରିଛି। ସେମାନେ ହେଲେ ବମିଖାଲରେ ରହୁଥିବା ମୁଖ୍ୟ ଅଭିଯୁକ୍ତ ପାରାଦୀପର ପୁନ୍ ଓରଫ୍ ବିଜୟ ଭରତ ମହାପାତ୍ର, ଖୋର୍ଦ୍ଧା ଜିଲାର ଟିନା ଓରଫ୍ ସିଦ୍ଧାନ୍ତ ବେହେରା, ଦିପୁ ଓରଫ୍ ସୁଦିପ୍ତ ସାମନ୍ତରାୟ, ଜଗତ୍‌ସିଂପୁରର ତପୁ ଓରଫ୍ ଶୁଭମ୍ ଦାସ ଓ ବୋଲଗଡର ଦିବ୍ୟଜ୍ୟୋତି ରାଉତ। ଜାମିନ୍ ନାମଞ୍ଜୁର ହେବାରୁ ସମସ୍ତଙ୍କୁ ଜେଲ୍ ହାତକୁ ପଠାଇ ଦିଆଯାଇଛି। ସହଯୋଗୀ ସାଗର ଫେରାର ଥିବାରୁ ତାଙ୍କୁ ଧରିବାକୁ ପୋଲିସ ତନାଘନା ଚଳାଇଛି।

# ଗୃହ ମୁଲତବୀ, ଧାରଣା ଜାରି

ଭୁବନେଶ୍ୱର,୧।୩(ବ୍ୟୁରୋ)


ବିଧାୟକ ମହମ୍ମଦ ମୋକିମ୍ ଓଡ଼ିଶା କୃଷକ ସାଥୀ ସଂଘ କର୍ମକର୍ତ୍ତାଙ୍କ ସହ ଆଲୋଚନା କରୁଛନ୍ତି।

ଆସନ୍ତା ୧୦ ତାରିଖ ପର୍ଯ୍ୟନ୍ତ ବିଧାନସଭା ଗୃହ ମୁଲତବୀ ରହିଥିବା ବେଳେ ଲୋୟର ପିଏମ୍‌ଜିରେ ବିଭିନ୍ନ ସଙ୍ଗଠନ ନିଜ ଦାବି ନେଇ ଧାରଣା ବିକ୍ଷୋଭ ଜାରିରଖିଛନ୍ତି। ବୁଧବାର ଅଲ୍ ଓଡ଼ିଶା ବ୍ୟାଙ୍କ ମିତ୍ର ଆସୋସିଏଶନ ଏବଂ ଓଡ଼ିଶା କଳା ଓ କ୍ରୀଡ଼ା ଶିକ୍ଷକ ମହାସଂଘ, ଓଡ଼ିଶା କୃଷକ ସାଥୀ ସଂଘ ଆଦି ସଂଗଠନ, ନିଖିଳ ଓଡ଼ିଶା ୬୬୨ ବେସରକାରୀ ଅଧ୍ୟାପକ କର୍ମଚାରୀ ସଂଘ ପକ୍ଷରୁ ବିକ୍ଷୋଭ କରାଯାଇଥିଲା। ସିଆଇଟିୟୁ ନେତୃତ୍ୱରେ ଶତାଧିକ ସଂଖ୍ୟାରେ ବ୍ୟାଙ୍କ ମିତ୍ରମାନେ ଧାରଣାରେ ସାମିଲ ହୋଇ ସ୍ଥାୟୀ ନିଯୁକ୍ତି, ମାସିକ ୨୬ ହଜାର ଟଙ୍କା ବେତନ, ବ୍ୟାଙ୍କ ଆକାଉଣ୍ଟ ଜରିଆରେ ଦରମା ପ୍ରଦାନ, ୬ମାସ ମାତୃତ୍ୱକାଳୀନ ଛୁଟି, ମାସିକ ଗସ୍ତ ଖର୍ଚ୍ଚ ୨ହଜାର ଟଙ୍କା, ମୋବାଇଲ ରିଚାର୍ଜ ପାଇଁ ୫୦୦ଟଙ୍କା ପ୍ରଦାନ କରିବା ପାଇଁ ଅଡ଼ି ବସିଛନ୍ତି। ରାଜ୍ୟ ସରକାର ମହିଳା କର୍ମଚାରୀଙ୍କ ବେତନକୁ ୭୫ ପ୍ରତିଶତ ହ୍ରାସ କରିବା ନିନ୍ଦନୀୟ ବୋଲି ସଙ୍ଗଠନର ରାଜ୍ୟ ଉପସଭାପତି ମମତା ଜେନା, ପୁଷ୍ପା ଜେନା ଓ ସମ୍ପାଦିକା ପ୍ରଜ୍ଞା ପାରମିତା କହିଛନ୍ତି। ସେହିପରି ଗଣଶିକ୍ଷା ବିଭାଗ ଅଧୀନ ସର୍ବଶିକ୍ଷା ଅଭିଯାନ ଯୋଜନାରେ ଉଚ୍ଚ ପ୍ରାଥମିକ ବିଦ୍ୟାଳୟଗୁଡ଼ିକରେ ନିଯୁକ୍ତି ପାଇଥିବା ସମସ୍ତ ଚୁକ୍ତିଭିତ୍ତିକ କଳା ଓ କ୍ରୀଡ଼ା ଶିକ୍ଷକଙ୍କୁ ସ୍ଥାୟୀ ନିଯୁକ୍ତି ଆଦି ଓଡ଼ିଶା କଳା ଓ କ୍ରୀଡ଼ା ଶିକ୍ଷକ ମହାସଂଘ ପକ୍ଷରୁ ଦାବି କରାଯାଇଛି। ୫୪୫୨ ଟଙ୍କା ମାସିକ ବେତନରେ ୫ ହଜାର ପ୍ରଶିକ୍ଷକ କାର୍ଯ୍ୟ କରୁଛନ୍ତି। ଚାକିରି ନିୟମିତ କରାଯିବା ସହ ବର୍ଦ୍ଧିତ ହାରରେ ଦରମା ପ୍ରଦାନ ଦାବି ଓ ସର୍ବଶିକ୍ଷା ଅଭିଯାନରେ ଅନୁମୋଦନପ୍ରାପ୍ତ ୮୮୬୬ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ କଳା ଓ କ୍ରୀଡ଼ା ପ୍ରଶିକ୍ଷକଙ୍କୁ ସ୍ଥାୟୀ ନିଯୁକ୍ତି ପ୍ରଦାନ ଆଦି ରହିଥିବା ଆବାହକ ଚନ୍ଦ୍ରଶେଖର ପାଢ଼ୀ, ଦେବୁ ପଟ୍ଟନାୟକ ଓ ଜୀବନଜଗନ ନାୟକ ପ୍ରକାଶ କରିଛନ୍ତି। ଅନ୍ୟପଟେ କୃଷି ଓ କୃଷକଙ୍କ ବିକାଶ ପାଇଁ ୭ ଦଫା ନେଇ ଓଡ଼ିଶା କୃଷକ ସାଥୀ ସଂଘ ଆନ୍ଦୋଳନ ଜାରି ରହିଛି। ଆସନ୍ତା ୧୨ ତାରିଖ ପର୍ଯ୍ୟନ୍ତ ଆନ୍ଦୋଳନରେ ରାଜ୍ୟରୁ ଏହି ଆନ୍ଦୋଳନରେ କୃଷକ ସାଥୀ ସାମିଲ ହେବେ। କଟକ ବିଧାୟକ ମହମ୍ମଦ ମୋକିମ୍ ବୁଧବାର ଆନ୍ଦୋଳନକାରୀଙ୍କୁ ଭେଟି ଦାବିପତ୍ର ଗ୍ରହଣ କରିଛନ୍ତି। ଆଗାମୀ ଦିନରେ ଦାବି ପୂରଣ ନ ହେଲେ ସଂଘ ଚରମ ନିଷ୍ପତ୍ତି ନେବ ବୋଲି ସଭାପତି ଅମୂଲ୍ୟ କର ଚେତାବନୀ ଦେଇଛନ୍ତି। ସେହିପରି କାର୍ଯ୍ୟରତ କୃଷକ ସାଥୀଙ୍କ ମୃତ୍ୟୁ ପରେ ଅଗ୍ରାଧିକାର ଭିତ୍ତିରେ ପରିବାର ସଦସ୍ୟଙ୍କୁ ନିଯୁକ୍ତି, କୃଷି ଭିତ୍ତିକ ଉନ୍ନୟନ କାର୍ଯ୍ୟରେ ଏନ୍‌ଜିଓ ପରିବର୍ତ୍ତେ କୃଷକ ସାଥୀମାନଙ୍କୁ ନିୟୋଜିତ କରିବା ଦାବି ରହିଛି। ୪ ଦଫା ନେଇ ନିଖିଳ ଓଡ଼ିଶା ୬୬୨ ବେସରକାରୀ ଅଧ୍ୟାପକ କର୍ମଚାରୀ ସଂଘ ଫେବୃୟାରୀ ୧୩ରୁ ଆନ୍ଦୋଳକୁ ଓହ୍ଲାଇଥିବାବେଳେ ୨୭ ତାରିଖ ଦିନ ପରୀକ୍ଷା ବର୍ଜନ ନିଷ୍ପତ୍ତି ନେଇଥିଲା। ତେବେ ପରେ ଏହି ନିଷ୍ପତ୍ତିରେ ପରିବର୍ତ୍ତନ କରି ସଂଘର ସଦସ୍ୟମାନେ କର୍ମରେ ଯୋଗଦେଇଛନ୍ତି। ତେବେ ଦାବିପୂରଣ ପାଇଁ ଗାନ୍ଧୀମାର୍ଗରେ ଶାନ୍ତିପୂର୍ଣ୍ଣ ଧାରଣା ଜାରି ରହିବ ବୋଲି ସଂଘ ସଭାପତି ଗୋଲକ ମହାପାତ୍ର ସୂଚନା ଦେଇଛନ୍ତି।

# ଚନ୍ଦକାରେ ଯୁବକଙ୍କୁ ହତ୍ୟା

ଭୁବନେଶ୍ୱର,୧।୩(ବ୍ୟୁରୋ)

**ଜଣେ ଅଟକ,କାରଣ ଅସ୍ପଷ୍ଟ, ପୋଲିସର ଛାନ୍‌ଭିନ୍**

ରାଜଧାନୀ ଉପକଣ୍ଠରେ ବୁଧବାର ଅପରାହ୍ନ ୪ଟାରେ ଏକ ହତ୍ୟାକାଣ୍ଡ ଘଟିଛି। ଚନ୍ଦକା ଥାନା ଅନ୍ତର୍ଗତ ତୁଳସୀଦେଇପୁର ଏକ ଫାର୍ମ ହାଉସରେ ଜଣେ ଯୁବକଙ୍କୁ ଗାମୁଛାରେ ତଣ୍ଟି ଚିପି ହତ୍ୟା କରାଯାଇଛି। ମୃତକ ହେଲେ ଯାଜପୁର ଜିଲା ବରୀ ରାମଚନ୍ଦ୍ରପୁର ଥାନା ଅଞ୍ଚଳର ଦୀପକ କୁମାର ସ୍ୱାଇଁ। ଖବର ପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିଛି। ରାତି ହୋଇଯିବାରୁ ଘଟଣାସ୍ଥଳରେ ମୃତ ଦେହ ପଡ଼ି ରହିଛି। ଗୁରୁବାର ସାଇଣ୍ଟିଫିକ୍ ଟିମ୍ ଘଟଣାସ୍ଥଳରେ ପହଞ୍ଚିବା ପରେ ବ୍ୟବଚ୍ଛେଦ ପାଇଁ ପଠାଯିବ। ଏହି ଘଟଣାରେ ବାପି ଓରଫ ସୁଭେନ୍ଦୁ ଦାସ ନାମକ ଜଣେ ଯୁବକଙ୍କୁ ଅଟକ ରଖି ପୋଲିସ ପଚରାଉଚରା କରୁଥିବା କହିଛି। ହତ୍ୟାର କାରଣ ଜଣାପଡ଼ି ନ ଥିବା ପୋଲିସ ସୂଚନା ଦେଇଛି।

ସୂଚନାନୁସାରେ ମୃତ ଦୀପକ ଓ ଶୁଭେନ୍ଦୁ ଉକ୍ତ ଫାର୍ମ ହାଉସରେ ଇଲେକ୍ଟ୍ରିସିଆନ ଭାବେ କାମ କରି ସେଠାରେ ରୁହନ୍ତି। ଉଭୟଙ୍କ ମଧ୍ୟରେ ମଙ୍ଗଳବାର କୌଣସି କାରଣକୁ ନେଇ ଗଣ୍ଡଗୋଳ ହୋଇଥିଲା। ଯୁକ୍ତିତର୍କ ହେବା ସହ ହାତାହାତି ହେବାରୁ ସ୍ଥାନୀୟ ଲୋକେ ସେମାନଙ୍କୁ ବୁଝାଶୁଝା କରିବା ପରେ ସ୍ଥିତି ଶାନ୍ତ ପଡ଼ିଥିଲା। ବୁଧବାର ଅପରାହ୍ନରେ ମଧ୍ୟ ଉଭୟଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ଏହାର କିଛି ସମୟ ପରେ ଦୀପକଙ୍କ ମୃତଦେହ ଫାର୍ମ ହାଉସରେ ପଡ଼ିଥିବା କିଛି ଲୋକେ ଦେଖି ଆଶ୍ଚର୍ଯ୍ୟ ହୋଇ ଯାଇଥିଲେ। ଏନେଇ ସେମାନେ ଚନ୍ଦକା ଥାନା ପୋଲିସକୁ ଖବର ଦେଇଥିଲେ। ଖବରପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିଥିଲା। ଅନ୍ୟପଟେ ଦୀପକଙ୍କୁ ହତ୍ୟା ସନ୍ଦେହରେ ତାଙ୍କ ପାଖରେ ରହୁଥିବା ସହଯୋଗୀ ବାପିଙ୍କୁ ପୋଲିସ ଅଟକ ରଖିଛି। ଏନେଇ ପୋଲିସ ଆଇପିସି ଦଫା ୩୦୨ରେ ଏକ ମାମଲା (ନଂ ୬୫/୨୩) ରୁଜୁ କରି ଘଟଣାର ଅଧିକ ତଦନ୍ତ ଚଳାଇଛି।

# ୨.୫ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ବ୍ୟବସାୟ


ରାଜ୍ୟସ୍ତରୀୟ ଆଦିବାସୀ ମେଳାର ଉଦ୍‌ଯାପନୀ ଦିବସରେ ଅତିଥିଙ୍କ ଗହଣରେ ଅନ୍ୟମାନେ।

ଭୁବନେଶ୍ୱର,୧।୩(ବ୍ୟୁରୋ)

ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ ପକ୍ଷରୁ ଆଦିବାସୀ ପଡ଼ିଆରେ ଫେବୃୟାରୀ ୨୦ରୁ ଚାଲିଥିବା ରାଜ୍ୟସ୍ତରୀୟ ଆଦିବାସୀ ମେଳା ବୁଧବାର ଶେଷ ହୋଇଛି। ଏଥିରେ ମୋଟ ୨.୫୦ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ବେପାର ହୋଇଛି। ଉଦ୍‌ଯାପନୀ ଦିବସରେ ମୁଖ୍ୟ ଅତିଥି ଭାବେ ବିଭାଗୀୟ ମନ୍ତ୍ରୀ ଜଗନ୍ନାଥ ସାରକା ଯୋଗଦେଇ କହିଛନ୍ତି, ବିକାଶ ସହ ସଂସ୍କୃତିକୁ ଯୋଡି ଉନ୍ନୟନ କାର୍ଯ୍ୟ କରାଗଲେ ଯଥାର୍ଥ ବିକାଶ ସମ୍ଭବ ହୋଇପାରିବ। ଅନ୍ୟତମ ଅତିଥି ଭାବେ ଅନୁସୂଚିତ ଜନଜାତି ବ୍ୟାପାର ଉପଦେଷ୍ଟା ସରୋଜିନୀ ହେମ୍ବ୍ରମ୍, ସଂଖ୍ୟାଲଘୁ ବ୍ୟାପାର ଉପଦେଷ୍ଟା ତାହାରା ଖାତୁନ୍, ଅନ୍ୟାନ୍ୟ ପଛୁଆ ବର୍ଗ ବ୍ୟାପାର ଉପଦେଷ୍ଟା ପୃଥ୍ୱୀରାଜ ସାହୁଙ୍କ ସମେତ ବିଭାଗୀୟ କମିଶନର ରୂପା ରୋଶନ ସାହୁ ଏବଂ ସ୍ୱତନ୍ତ୍ର ଶାସନ ସଚିବ ବିଶ୍ୱରଞ୍ଜନ ସାମ୍ବଲ ତଥା ଓଟିଇଏଲ୍‌ପିର ପ୍ରକଳ୍ପ ନିର୍ଦ୍ଦେଶକ ପି. ଅର୍ଥନାରୀ ଉପସ୍ଥିତ ଥିଲେ। ଏସ୍‌ସିଏସ୍‌ଟିଆର୍‌ଟିଆଇ ନିର୍ଦ୍ଦେଶକ ଇନ୍ଦ୍ରମଣି ତ୍ରିପାଠୀ ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ଜନଜାତି କ୍ଷେତ୍ରରେ କୃତବିଦ୍ୟ ୧୮ଜଣ ପ୍ରତିଭାଧାରୀ ବ୍ୟକ୍ତିବିଶେଷଙ୍କୁ ସମ୍ମାନିତ କରାଯାଇଥିଲା। ସେମାନେ ହେଲେ ଭୀଷ୍ମନାରାୟଣ ଶବର, ପବିତ୍ର ଶବର, ସଦନ ପ୍ରଗଣିଆ, କ୍ଷିତୀଶଚନ୍ଦ୍ର ମାଝୀ, କୁମାରୀ ଜୈମିନୀ ଝାଙ୍କର, କୁଶାଲ ହେମ୍ବ୍ରମ , କୁମୁଦଚନ୍ଦ୍ର ପୁଝାରୀ, ଗୋପୀନାଥ ଶବର, ପ୍ରଦୀପ କହଁର, କ୍ଷୀରେଶ୍ୱରୀ କିଷାନ, ସୁଦାମ ବିଶି, ଦମୟନ୍ତୀ କୁମୁରା, କୁମାରୀ ସଙ୍ଗୀତା ମାଝୀ, ଜୟରାମ ଟୁଡୁ, ଗଣେଶ୍ୱର ହେମ୍ବ୍ରମ, ସନ୍ତୋଷ କୁମାର ସିଂହ, ଦିବ୍ୟରଞ୍ଜନ ଦାସ ଓ ଡ. ରାଜକୁମାର ନାଏକ। ଏଥିସହ ଓଡ଼ିଶା ପ୍ରଶାସନିକ ସେବାରେ କୃତିତ୍ୱ ହାସଲ କରିଥିବା ଏକଲବ୍ୟ ଆଦର୍ଶ ବିଦ୍ୟାଳୟ ସୁନ୍ଦରଗଡ଼ର ୪ଜଣ ପୂର୍ବତନ ଛାତ୍ର ସୂର୍ଯ୍ୟକାନ୍ତ ବରିହା, ସୁନୀତା ଓରାମ୍, କରମ୍ ଓରାମ୍ ଏବଂ ଅଞ୍ଜୁନି କୁଜୁରଙ୍କୁ ସମ୍ମାନିତ କରାଯାଇଥିଲା। ଏକାଡେମୀ ଦ୍ୱାରା ପ୍ରକାଶିତ ପତ୍ରିକା 'ବନଜା' ଉନ୍ମୋଚିତ ହୋଇଥିଲା । ଆଦିବାସୀ ମେଳାରେ ପ୍ରାଚୀନ ଜନଜାତିଙ୍କ ନମୁନା ଘର ପ୍ରଦର୍ଶନରେ ରାୟଗଡ଼ା ଜିଲା ଗୁଣୁପୁରର ଲାଞ୍ଜିଆ ସଉରା ଘର ପ୍ରଥମ, ନୂଆପଡ଼ା ଜିଲା ସୁନାବେଡ଼ାର ଚୁକୁଟିଆ ଭୁଞ୍ଜିଆ ଓ ଜମରଡିହିର ପାଉଡ଼ି ଭୂୟାଁ ଘର ଦ୍ୱିତୀୟ ଏବଂ କନ୍ଧମାଳ ଜିଲା ବେଲଘରର କୁଟିଆ କନ୍ଧ ଘର ତୃତୀୟ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଥିଲା।

## ରଥ କାର୍ଯ୍ୟ ପାଇଁ ବିଶ୍ୱକର୍ମାଙ୍କୁ ନିମନ୍ତ୍ରଣ

### ଶ୍ରୀକପିଳେଶ୍ୱର ଦେବଙ୍କ ଅଶୋକାଷ୍ଟମୀ ରଥଯାତ୍ରା

ନିରାକାରପୁର,୧।୩(ଡି.ଏନ୍.ଏ.)

ଆସନ୍ତା ୨୯ ତାରିଖରେ ଖୋର୍ଦ୍ଧା ଜିଲା ଡିଆ ପଞ୍ଚାୟତସ୍ଥିତ ଶ୍ରୀଶ୍ରୀ କପିଳେଶ୍ୱର ଦେବଙ୍କ ଅଶୋକାଷ୍ଟମୀ ବିଜୟା ରଥଯାତ୍ରା। ଏନେଇ ପ୍ରସ୍ତୁତି ଆରମ୍ଭ ହୋଇଯାଇଛି। ବୁଧବାର କପିଳେଶ୍ୱର ଦେବଙ୍କ ପରିଚାଳନା ବୋର୍ଡ ପକ୍ଷରୁ ରଥ କାର୍ଯ୍ୟ ନିର୍ମାଣ ପାଇଁ ରାମେଶ୍ୱର ପଞ୍ଚାୟତ ମଧୁବନ ଗ୍ରାମର ବିଶ୍ୱକର୍ମାମାନଙ୍କୁ ନିମନ୍ତ୍ରଣ ପତ୍ର ଦିଆଯାଇଛି। ଦୋଳପୂର୍ଣ୍ଣିମୀରେ ଠାକୁରଙ୍କ ରଥଖଳାରେ ଅନୁକୂଳ କରାଯିବା ସହ ସେହିଦିନଠାରୁ ରଥ କାର୍ଯ୍ୟ ଆରମ୍ଭ ହେବ ବୋଲି ଜଣାପଡ଼ିଛି।

## ରାମଚନ୍ଦ୍ରଙ୍କ ବିୟୋଗରେ ସ୍ମୃତିସଭା

ଖୋର୍ଦ୍ଧା ଅଫିସ,୧।୩

ଖୋର୍ଦ୍ଧା ବିଡିଏ କଲୋନୀସ୍ଥିତ ରାମଚନ୍ଦ୍ର ରଥଙ୍କ ବିୟୋଗରେ ଏକ ସ୍ମୃତିଚାରଣ ସଭା ଶିକ୍ଷାବିତ୍ ସତ୍ୟବାଦୀ ବଳିୟାରସିଂହଙ୍କ ସଭାପତିତ୍ୱରେ ଗାୟତ୍ରୀ ମନ୍ଦିରଠାରେ ଅନୁଷ୍ଠିତ ହୋଇଯାଇଛି। ରାମଚନ୍ଦ୍ର ଏକାଧାରରେ ଜଣେ କବି, ପ୍ରାବନ୍ଧିକ, ବେଦ କର୍ମକାଣ୍ଡ ଓ ଯଜ୍ଞାଦି କାର୍ଯ୍ୟରେ ନିପୁଣ ବ୍ୟକ୍ତି ଥିଲେ ବୋଲି ମତପ୍ରକାଶ ପାଇଥିଲା। ପ୍ରଫେସର ଶରତ ଚନ୍ଦ୍ର ମହାପାତ୍ର, ଗୋବିନ୍ଦ ଚନ୍ଦ୍ର ମହାରଣା, ଜଗନ୍ନାଥ କର, ଶ୍ରୀକୃଷ୍ଣ ମହାପାତ୍ର, ରାମଚନ୍ଦ୍ର ମହାପାତ୍ର, ରତ୍ନାକର ବେହେରା, ରମାକାନ୍ତ ବେହେରା, ଇତିଶ୍ରୀ ସାହୁ, ଡ.ବୃନ୍ଦାବନ ପଣ୍ଡା, ଡ.ଚପଳା ପଣ୍ଡା, ସଞ୍ଜୟ ବଳିୟାରସିଂହ, ପ୍ରଫୁଲ୍ଲ ସାମନ୍ତରାୟ, ଅନସୂୟା ସାମନ୍ତରାୟ ପ୍ରମୁଖ ଯୋଗଦେଇ ସ୍ମୃତିଚାରଣ କରିଥିଲେ। ସରୋଜ କୁମାର ରଥ ଧନ୍ୟବାଦ ଦେଇଥିଲେ।

# ୪ରୁ କଳାଭୂମି ମହୋତ୍ସବ




ଭୁବନେଶ୍ୱର,୧।୩(ବ୍ୟୁରୋ)

ଆସନ୍ତା ୪ତାରିଖରୁ ରବୀନ୍ଦ୍ର ମଣ୍ଡପରେ ଆରମ୍ଭ ହେବ କଳାଭୂମି ମହୋତ୍ସବ। ଏଥିରେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିବେ। ଏହି ଅବସରରେ ୩ଜଣଙ୍କୁ କଳାଭୂମି ସମ୍ମାନ ପ୍ରଦାନ କରାଯିବ। ଜନସେବା କ୍ଷେତ୍ରରେ ଡ. ଅଚ୍ୟୁତ ସାମନ୍ତ, ଭାଷା ଓ ସାହିତ୍ୟ ଲାଗି ପ୍ରଦ୍ୟୁମ୍ନ ଶତପଥୀ ଓ ନୃତ୍ୟ ଏବଂ ସଙ୍ଗୀତ କ୍ଷେତ୍ରରେ ଗୁରୁ ରାମହରି ଦାସ ଏହି ସମ୍ମାନ ପାଇବେ। ପୁରସ୍କାର ବାବଦକୁ ପ୍ରତ୍ୟେକଙ୍କୁ ୧୫ହଜାର ଲେଖାଏ ଅର୍ଥରାଶି ପ୍ରଦାନ କରାଯିବ। ୨ଦିନ ଧରି ଚାଲିବାକୁ ଥିବା କାର୍ଯ୍ୟକ୍ରମରେ ସାଂସ୍କୃତିକ ଶାସ୍ତ୍ରୀୟ ନୃତ୍ୟ ସଙ୍ଗୀତର ସନ୍ଧ୍ୟା ମଧ୍ୟ ଆୟୋଜିତ ହେବ। ଯେଉଁଥିରେ ଓଡ଼ିଶା ତଥା ଓଡ଼ିଶା ବାହାରୁ ମଧ୍ୟ ଶାସ୍ତ୍ରୀୟ ଶିଳ୍ପୀମାନେ ଯୋଗଦେବେ। ଏହି ଅବସରରେ ଓସ୍ତାଦ ୱାସିମ ଅହମ୍ମଦ ଖାଁ ଶାସ୍ତ୍ରୀୟ ସଙ୍ଗୀତ, ସମର୍ପଣ କଥକ ନୃତ୍ୟ ସୃଜନର କଳାକାରମାନେ ଓଡ଼ିଶୀ ନୃତ୍ୟ, ହିନ୍ଦୁସ୍ତାନୀ ପଖଜ ଓ ଓଡ଼ିଶୀ ମର୍ଦ୍ଦଳ ଗୁରୁରାଜ ଭକ୍ତରାଜ ଭୋସଲେ ଢୋଲ ମହୁରି ଆଦି ପରିବେଷଣ କରାଯିବ। ଏହାସହ କଳା, ସ୍ଥାପତ୍ୟ ଏବଂ ଟେରାକୋଟା ପ୍ରଦର୍ଶନୀ ଦକ୍ଷ କଳାକାରମାନଙ୍କୁ ନେଇ ପ୍ରଦର୍ଶନୀ କରିବାର ଆୟୋଜନ କରାଯିବ ବୋଲି ବୁଧବାର ଖବରଦାତା ସମ୍ମିଳନୀରେ ଅଧ୍ୟକ୍ଷ ପ୍ରମୋଦ କୁମାର ପତି କହିଛନ୍ତି। ଏହି ସମ୍ମିଳନୀରେ ଶ୍ରୀନିବାସ ଘଟୁଆରୀ ପ୍ରମୁଖ ଉପସ୍ଥିତ ଥିଲେ।

# ପୁଅର ମୃତ୍ୟୁ ପରେ ଚକ୍ଷୁଦାନ କଲେ ପରିବାର

ଡେଲାଙ୍ଗ,୧।୩(ଡି.ଏନ୍.ଏ.)

**ପୋଲିସ ଇଣ୍ଟରଭ୍ୟୁରେ ଅଚେତ ହୋଇପଡ଼ିଥିଲେ**

ଡେଲାଙ୍ଗ ବ୍ଲକ ଅନ୍ତର୍ଗତ ଚାଇଁପୁର ପଞ୍ଚାୟତର ଗୋରଡାପିଢ ଗ୍ରାମର ଅନିଲ ପରିଡା(୨୫)ଙ୍କ ମଙ୍ଗଳବାର ଅକାଳ ବିୟୋଗ ଘଟିଛି। ପରିବାର ଲୋକେ ପୁତ୍ରକୁ ହରାଇଥିବା ବେଳେ ବୁଧବାର ଚକ୍ଷୁଦାନ କରିଛନ୍ତି। ସୂଚନା ଅନୁଯାୟୀ, ଅନିଲ ଭୁବନେଶ୍ୱରସ୍ଥିତ ଓଏସ୍ଏପି କ୍ୟାମ୍ପସରେ ଏକ ଇଣ୍ଟରଭ୍ୟୁ ଦେବାକୁ ଯାଇଥିବା ବେଳେ ୧୬ଶହ ମିଟର ଦୌଡ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ଦୌଡ ପରେ ସେ ହଠାତ୍ ଅଚେତ ହୋଇଯିବା ପରେ ବିଭାଗୀୟ ଅଧିକାରୀମାନେ ତାଙ୍କୁ ଉଦ୍ଧାର କରି ଏକ ଘରୋଇ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସେଠାରେ ଚିକିତ୍ସା ପରେ ସାମାନ୍ୟ ସୁସ୍ଥ ଅନୁଭବ କରିବା ପରେ ତାଙ୍କ ଗଙ୍ଗପଡାସ୍ଥିତ ମାଉସୀ ଘରକୁ ସାଙ୍ଗମାନଙ୍କ ସହାୟତାରେ ଅଣାଯାଇଥିଲା। ସେଠାରେ ଏକ ଘଣ୍ଟା ବିଶ୍ରାମ ନେବା ପରେ ହଠାତ୍ ପୁଣି ଅଚେତ ହୋଇପଡ଼ିଥିଲେ। ସେଠାରୁ ତାଙ୍କ ମା' ଓ ସମ୍ପର୍କୀୟମାନେ ତାଙ୍କୁ କ୍ୟାପିଟାଲ ହସ୍ପିଟାଲ ଓ ପରେ ଏମ୍ସ ହସ୍ପିଟାଲକୁ ସ୍ଥାନାନ୍ତର କରିଥିଲେ। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଗ୍ରୀଷ୍ମପ୍ରବାହ ସମୟରେ ବିଭାଗୀୟ ଅଧିକାରୀଙ୍କ ତ୍ରୁଟିପୂର୍ଣ୍ଣ ଦୌଡ ଯୋଗୁ ଅନିଲଙ୍କ ବିୟୋଗ ଘଟିଥିବା ସ୍ଥାନୀୟ ଜନସାଧାରଣ ନିନ୍ଦା କରିଛନ୍ତି। ଅନିଲ ଏକ ଗରିବ ପରିବାରରେ ଜନ୍ମଗ୍ରହଣ କରିଥିବା ବେଳେ ବିଜ୍ଞାନ ବିଭାଗରେ ସ୍ନାତକୋତ୍ତର ଡିଗ୍ରୀ ହାସଲ କରିଥିଲେ। ତାଙ୍କ ବାପା ଜଣେ ଦିନମଜୁରିଆ ହୋଇଥିବାରୁ ସରକାରୀ ସହାୟତା ପାଇଁ ସ୍ଥାନୀୟ ଜନସାଧାରଣ ଦାବି କରିଛନ୍ତି। ପୁଅ ମୃତ୍ୟୁ ପରେ ଅନିଲଙ୍କ ମା' ଓ ବାପା ପ୍ରସନ୍ନ ପରିଡା ପୁଅର ଚକ୍ଷୁଦାନ ପାଇଁ ନିଷ୍ପତ୍ତି ନେଇ ଦାନ କରିଥିଲେ। ପରେ ପୂର୍ବତନ ସରପଞ୍ଚ ପ୍ରଦ୍ୟୁମ୍ନ ପରିଡାଙ୍କ ଉପସ୍ଥିତିରେ ଚକ୍ଷୁଦାନର ଏକ ପ୍ରମାଣ ପତ୍ର ଖଣ୍ଡଗିରି ଥାନା ଆଇଆଇସି ଦୟାନିଧି ନାୟକଙ୍କଠାରୁ ଗ୍ରହଣ କରିଛନ୍ତି। ପରେ ମୃତଦେହକୁ ଗ୍ରାମ ପରିକ୍ରମା କରାଯାଇ ପୁରୀ ସ୍ୱର୍ଗଦ୍ୱାରରେ ଦାହ କରାଯାଇଛି।

# ନବୀକରଣ ନାଁରେ ନଷ୍ଟ ହେଉଛି ଐତିହ୍ୟ

ଭୁବନେଶ୍ୱର,୧।୩(ବ୍ୟୁରୋ):







**କୋରାପୁଟର ବିଷ୍ଣୁ, ଜୈନ ମନ୍ଦିର**

- ସର୍ଭେ ବେଳେ ଇନ୍‌ଟାକ୍ ଟିମ୍ ନଜରରେ ପଡ଼ିଲା
- ନୂତନ ଢାଞ୍ଚା ପାଇଁ ପୁରାତନ ଶୈଳୀକୁ ଭାଙ୍ଗିଦିଆଯାଉଛି

କୋରାପୁଟର ପ୍ରାଚୀନ ସମୟର ଦୁଇଟି କଳିଙ୍ଗନ ମନ୍ଦିର ନବୀକରଣ ନାଁରେ ନଷ୍ଟ ହେଉଥିବା ଦେଖିବାକୁ ମିଳିଛି। ଜିଲା ମୁଖ୍ୟାଳୟଠାରୁ ପ୍ରାୟ ୪୫ କିଲୋମିଟର ଦୂରରେ ଥିବା କୁନ୍ଦୁରା ବ୍ଲକର ଗୋରହାଣ୍ଡିର ବିଷ୍ଣୁ ମନ୍ଦିର ଏବଂ ଫୁଫୁଗାଁରେ ଥିବା ଜୈନ ମନ୍ଦିରକୁ ରାଜ୍ୟ ପ୍ରତ୍ନତତ୍ତ୍ୱ ବିଭାଗ ଦ୍ୱାରା ନବୀକରଣ କରିବା ନାମରେ ନଷ୍ଟ କରିଦିଆଯାଇଥିବା ଗବେଷଣା ସଂସ୍ଥା ଇନ୍‌ଟାକ୍ ଓଡ଼ିଶା ଟିମ୍ ପକ୍ଷରୁ ଏକ ସର୍ଭେରୁ ଜଣାପଡ଼ିଛି। ବିଷ୍ଣୁ ମନ୍ଦିରଟି ପ୍ରାୟତଃ ଷଷ୍ଠ ଶତାବ୍ଦୀ ସମୟର ହୋଇଥିବା ବେଳେ ସେହି ସମୟରେ ଅଞ୍ଚଳରେ ନାଳା ରାଜବଂଶଙ୍କ ଶାସନ ଚାଲିଥିଲା। ଏହା ପୁଷ୍କର ନାଳା ଦ୍ୱାରା ନିର୍ମିତ ହୋଇଥିବାର ଇନ୍‌ଟାକ ପକ୍ଷରୁ କୁହାଯାଇଛି। ସେହି ସମୟରେ ଏହା ଏକ ରେଖା ଭିମାନ ସହିତ ପ୍ରାରମ୍ଭିକ କଳିଙ୍ଗନ କ୍ରମର ଛୋଟ ମନ୍ଦିର ଥିଲା।

ଇନ୍‌ଟାକର ପ୍ରକଳ୍ପ ସଂଯୋଜକ ତଥା ବିଶିଷ୍ଟ ଐତିହାସିକ ଅନିଲ ଧୀରଙ୍କ ସମେତ ଗବେଷକ ଦୀପକ କୁମାର ନାୟକ, ବିକ୍ରମ ନାୟକ, କୋରାପୁଟର ସଦସ୍ୟ ସଞ୍ଜୀବ ହୋତା, ଏବଂ ଅଜିତ ପାତ୍ରଙ୍କୁ ନେଇ ଗଠିତ ଏକ ଟିମ୍ ନିକଟରେ କୋରାପୁଟରେ ଏକ ଐତିହ୍ୟ ସର୍ଭେ କରିବା ସମୟରେ ଏହା ନଜରକୁ ଆସିଥିଲା। ଜିଲା ପ୍ରଶାସନ ପକ୍ଷରୁ ଉକ୍ତ ୨ମନ୍ଦିରକୁ ସଂରକ୍ଷଣ କରାଯାଇ ମରାମତି ସହ ପୁନରୁଦ୍ଧାର କରାଯାଉଛି। ହେଲେ ଉକ୍ତ ପୁରାତନ ବିଷ୍ଣୁ ମନ୍ଦିରଟି ନଷ୍ଟ ହୋଇଯାଇଥିବା ବେଳେ ନୂତନ ଢାଞ୍ଚାରେ କରିବା ପାଇଁ ପ୍ରାଚୀନ ଗଠନ ଶୈଳୀକୁ ଭାଙ୍ଗି ଦିଆଯାଇଛି। ପୂର୍ବ ମନ୍ଦିରର ସମସ୍ତ ଖୋଦେଇ ଓ ଅଳଙ୍କାର ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଥିଲା। ଯାହାସବୁ ନୂତନ ଶୈଳୀରେ ମନ୍ଦିର ଗଠନ କରାଯାଉଛି, ତାହା ପୂର୍ବ ମନ୍ଦିର ସହିତ କୌଣସି ସମାନତା ରହୁ ନ ଥିଲା। ଏପରିକି ପୁରାତନ ଚତୁର୍ଭୁଜ ବିଷ୍ଣୁ ପ୍ରତିମୂର୍ତ୍ତିକୁ ପୁରାତନ ମନ୍ଦିରରୁ ହଟାଇ ଅବହେଳିତ ଭାବେ ଖୋଲା ସ୍ଥାନରେ ରଖାଯାଇଥିଲା। କେବଳ ଦୁଇଟି ଖୋଦିତ କବାଟ ବ୍ୟତୀତ ଅନ୍ୟ ସାଜସଜ୍ଜା ମୂର୍ତ୍ତି ନଷ୍ଟ ହୋଇଯାଇଛି। ସେହିପରି ବିଶିଷ୍ଟ ଗଜଲକ୍ଷ୍ମୀ ମୂର୍ତ୍ତି ସହିତ କବାଟ ଦ୍ୱାର ପରିତ୍ୟକ୍ତ ଅବସ୍ଥାରେ ପଡ଼ିଛି। ଏଥିସହ କିଛି ପ୍ରାଚୀନ ପଥରଗୁଡ଼ିକୁ ସ୍ଥାନୀୟ ଲୋକ ନେଇଯାଇଥିବା ଜଣାପଡ଼ିଥିଲା। ସେହିଭଳି ବିଷ୍ଣୁ ମନ୍ଦିରଠାରୁ ମାତ୍ର ୩ କି.ମି. ଦୂରରେ ଥିବା ଫୁଫୁଗାଁର ଜୈନ ମନ୍ଦିରରେ ମଧ୍ୟ ଅଧା ମରାମତି ହୋଇଛି। ଏହି ମନ୍ଦିର ମଧ୍ୟ ଏକ ପ୍ରାରମ୍ଭିକ କଳିଙ୍ଗନ ସମୟର, ଯାହାକି ଷଷ୍ଠ-ସପ୍ତମ ଶତାବ୍ଦୀରେ ନିର୍ମିତ ହୋଇଥାଇପାରେ। ଏଠାରେ ମଧ୍ୟ ମୂଳ ଗଠନକୁ ଭାଙ୍ଗି ଦିଆଯାଇଥିବାବେଳେ ପଥର ଖଣ୍ଡଗୁଡ଼ିକ ବିପର୍ଯ୍ୟସ୍ତ ହୋଇପଡ଼ିଛି। ପୁନରୁଦ୍ଧାର ନାମରେ ଉଭୟ ମନ୍ଦିର କିପରି ନଷ୍ଟ ହୋଇଯାଇଛି ତାହା କାର୍ଯ୍ୟରୁ ସ୍ପଷ୍ଟ ଉଲ୍ଲେଖ ହେଉଛି।

ଏ ସମ୍ପର୍କରେ ଇନ୍‌ଟାକ ମୁଖ୍ୟ ସଂଯୋଜକ ଅନିଲ ଧୀର କହିଛନ୍ତି, କୌଣସି ପ୍ରତ୍ନତତ୍ତ୍ୱବିତ୍ କିମ୍ବା ଐତିହ୍ୟ ବିଶେଷଜ୍ଞ ପୁରାତନ ସଂରଚନାକୁ ଭାଙ୍ଗି ସେହି ସ୍ଥାନରେ ଏକ ନୂତନ ନିର୍ମାଣ କରିବେ ନାହିଁ। ଉଭୟ ପୁରାତନ ମନ୍ଦିରଗୁଡିକ ପୁନରୁଦ୍ଧାର ଯୋଗ୍ୟ ଅବସ୍ଥାରେ ଥିଲା ଏବଂ ସେମାନଙ୍କର ମୂଳ ରୂପରେ ସଂରକ୍ଷିତ ହୋଇଥାନ୍ତା। ବାସ୍ତବରେ, ପୁରାତନ ମନ୍ଦିରଗୁଡିକ ଅକ୍ଷୁଣ୍ଣ ରହିବା ଉଚିତ ଏବଂ ନୂତନ ସଂରଚନା ଯେଉଁଠାରେ ଚିତ୍ର, ପ୍ରାଚୀନ ପଥରଗୁଡ଼ିକ ସୁରକ୍ଷିତ ରଖିବା ଆବଶ୍ୟକ। ସେହିଭଳି ଗବେଷକ ଦୀପକ ନାୟକ କୁହନ୍ତି, ଅର୍ଦ୍ଧ-କୁଶଳୀ ବ୍ୟକ୍ତିଙ୍କ ଦ୍ୱାରା ସଂରକ୍ଷଣ କାର୍ଯ୍ୟ କରାଯାଉଛି। ଏହି କାର୍ଯ୍ୟକୁ କୌଣସି ପ୍ରତ୍ନତତ୍ତ୍ୱ ବିଶେଷଜ୍ଞ କରି ନ ଥିବା ଜଣାପଡୁଛି। ଦୁଇଟି ପ୍ରାଚୀନ ପଥର ମନ୍ଦିର ଭାଙ୍ଗିବା ଦୁଃଖଦ ଘଟଣା। ବାସ୍ତବରେ ଯାହା ୧୪ ଶତାବ୍ଦୀରୁ ଅଧିକ ସମୟ ଧରି ବଞ୍ଚି ରହିଥିଲା, ତାହା ସଂରକ୍ଷଣ ନାମରେ ନଷ୍ଟ କରାଯାଉଛି। ଅନ୍ୟପଟେ ସଞ୍ଜୀବ ହୋତା ଏହା ଉପରେ ଏକ ରିପୋର୍ଟ ପ୍ରସ୍ତୁତ କରିଛନ୍ତି ଏବଂ ପୁନରୁଦ୍ଧାର କାର୍ଯ୍ୟ ପାଇଁ କର୍ତ୍ତୃପକ୍ଷଙ୍କୁ ଲେଖିଛନ୍ତି। ଅଜିତ ପାତ୍ର କହିଛନ୍ତି, ଜିଲାର ସମଗ୍ର ଐତିହ୍ୟକୁ ଦଲିଲ କରିବା ପାଇଁ ଇନ୍‌ଟାକର କୋରାପୁଟ ଦଳ ଖୁବ୍‌ଶୀଘ୍ର ଏକ ପ୍ରକଳ୍ପ ଆରମ୍ଭ କରିବ। ସମୃଦ୍ଧ ଜୈନ ସ୍ମାରକୀ ଏବଂ ପ୍ରାଥମିକ ଅବଧି ଐତିହ୍ୟ ସଂରଚନା ଏପର୍ଯ୍ୟନ୍ତ ଠିକ ତାଲିକାଭୁକ୍ତ ହୋଇନାହିଁ। ଏ ନେଇ କୁନ୍ଦୁରା ବିଡିଓ ସନ୍ଧ୍ୟା ସମରଥ କୁହନ୍ତି, କୌଣସି ଐତିହ୍ୟ ନଷ୍ଟ କରିବା ଉଦ୍ଦେଶ୍ୟ ନୁହେଁ। ମନ୍ଦିର ଜରାଜୀର୍ଣ୍ଣ ଅବସ୍ଥାରେ ଥିବାରୁ ଏହାର ନବୀକରଣ କରାଯାଉଛି। ଶ୍ରଦ୍ଧାଳୁଙ୍କ ଭିଡ଼ ହେଉଥିବାରୁ ପୁନରୁଦ୍ଧାର କରିବାକୁ ଅଞ୍ଚଳବାସୀ ଦାବି କରିଥିଲେ ବୋଲି ସେ କହିଛନ୍ତି। ଅନ୍ୟପଟେ ଐତିହାସିକ କିମ୍ବଦନ୍ତୀ ବହନ କରୁଥିବା ଜୈନ ମନ୍ଦିର ଓ ବିଷ୍ଣୁ ମନ୍ଦିର ଭଗ୍ନ ଅବସ୍ଥାରେ ଥିଲା। ଏବେ ପ୍ରଶାସନ ନବୀକରଣ କରୁଛନ୍ତି। କିନ୍ତୁ ଯେପରି ଐତହ୍ୟ, କୀର୍ତ୍ତିରାଜି ନଷ୍ଟ ନ ହେବ ସେଥିପ୍ରତି ଧ୍ୟାନ ଦିଆଯାଉ ବୋଲି ଫୁଫୁଗାଁର ତ୍ରିନାଥ ହରିଜନ କହିଛନ୍ତି।

**ସଂକ୍ଷେପରେ**

## ଆଞ୍ଚଳିକ ଶିକ୍ଷାଦାନ ନେଇ ସଚେତନତା କର୍ମଶାଳା

ପୁରୀ ଅଫିସ, ୧।୩: ଦକ୍ଷତା ବିକାଶ ଏବଂ ଉଦ୍ୟୋଗର ଆଞ୍ଚଳିକ ନିର୍ଦ୍ଦେଶାଳୟ ଆନୁକୂଲ୍ୟରେ ଏବଂ ବୈଷୟିକ ଶିକ୍ଷା ଏବଂ ତାଲିମ ନିର୍ଦ୍ଦେଶାଳୟ ସହଯୋଗରେ ବୁଧବାର ସ୍ଥାନୀୟ ସଂସ୍କୃତି ଭବନରେ ଆଞ୍ଚଳିକ ଶିକ୍ଷାଦାନ ନେଇ ସଚେତନତା କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଭବିଷ୍ୟତ ଭାରତ ପାଇଁ ଯୁବ ଶିଳ୍ପଦ୍ୟୋଗୀଙ୍କୁ ସୁଯୋଗ ଦେବା ସହ ସେମାନଙ୍କ ପାଇଁ ଭିତ୍ତିଭୂମି ପ୍ରସ୍ତୁତ, ଦକ୍ଷ ଓ ପ୍ରଶିକ୍ଷଣ ଲକ୍ଷ୍ୟରେ ଏହି କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ବିଭାଗର ନିର୍ଦ୍ଦେଶିକା ଅନିତା ଶ୍ରୀବାସ୍ତବ, ଉପନିର୍ଦ୍ଦେଶକ ରାମଚନ୍ଦ୍ର ମଣ୍ଡଳ, ବୃନ୍ଦାବନ ଦାସ, ରାଜ୍ୟ ସଂଯୋଜକ ଦେବୀ ପ୍ରସାଦ ମହାନ୍ତି, ଏ.କେ.ପଣ୍ଡା ଏବଂ ବି.ପି.ସାହୁ ପ୍ରମୁଖ ଯୋଗଦେଇଥିଲେ। ସରକାରୀ ଶିଳ୍ପ ତାଲିମ ପ୍ରତିଷ୍ଠାନ, ଜିଲା ଶିଳ୍ପକେନ୍ଦ୍ର ଓ ବିଭିନ୍ନ ବୈଷୟିକ ସଂସ୍ଥାରୁ ପାଠପଢ଼ା ଶେଷ ପରେ ସେମାନଙ୍କ ନିଯୁକ୍ତି ସୁଯୋଗ ସୃଷ୍ଟି ଓ ଅଭିଜ୍ଞତା ବୃଦ୍ଧି ପାଇଁ ଅନ୍ତରୀଣ ତାଲିମ ଦିଆଯିବ ବୋଲି ଅନୁଷ୍ଠାନ ପକ୍ଷରୁ ସୂଚନା ଦିଆଯାଇଛି।

## ନାମଯଜ୍ଞ ଉଦ୍‌ଯାପିତ

ପିପିଲି,୧।୩(ସ୍ୱ.ପ୍ର.)- ପିପିଲି ବ୍ଲକ ତେଇସିପୁର ପଞ୍ଚାୟତ ଅନ୍ତର୍ଗତ ପୋଟଳ ଗ୍ରାମର ଆରାଧ୍ୟା ଦେବୀ ମା' ବିନ୍ଧ୍ୟବାସିନୀ ଓ ଈଶାଣେଶ୍ୱର ମହାଦେବଙ୍କ ପ୍ରାଙ୍ଗଣରେ ପଞ୍ଚଦଶ ବାର୍ଷିକ ଅହୋରାତ୍ର ଅଷ୍ଟପ୍ରହର ନାମଯଜ୍ଞ ବୁଧବାର ଉଦ୍‌ଯାପିତ ହୋଇଯାଇଛି। ପ୍ରତିବର୍ଷ ପରି ବହୁ ଆଡ଼ମ୍ବରରେ ଏହି ଅଷ୍ଟପ୍ରହର ନାମଯଜ୍ଞ ପାଳିତ ହୋଇଥିଲା। ଅହୋରାତ୍ର ନାମଯଜ୍ଞରେ ପାଖ ପଡୋଶୀ ଗ୍ରାମରୁ ୮ଟି ନଦିଆ ମେଳ ୩ଟି ସଂକୀର୍ତ୍ତନ ମଣ୍ଡଳୀ ଭାଗ ନେଇଥିଲେ। ସୋମବାର ଅପରାହ୍ନରେ ଆଦ୍ୟବାସ, ମଙ୍ଗଳବାର ଅଖଣ୍ଡ ନାମ ସଂକୀର୍ତ୍ତନ, ବୁଧବାର ପୂର୍ଣ୍ଣାଙ୍ଗ ନାମ ହୋଇଥିଲା। ଠାକୁରଙ୍କୁ ଗ୍ରାମ ପରିକ୍ରମା କରାଯାଇ ଯମୁନା ସ୍ନାନ କରାଯାଇଥିଲା। ବାବାଜି ଶ୍ରୀଶ୍ରୀ ଲକ୍ଷ୍ମଣ ଦାସ ମହାରାଜ, କର୍ତ୍ତା ରାମଚନ୍ଦ୍ର ପଣ୍ଡା, କର୍ତ୍ତ୍ରୀ ଭାବେ ସଂଯୁକ୍ତା ପଣ୍ଡା, କୁଳପୁରୋହିତ ବାଉରୀବନ୍ଧୁ ପଣ୍ଡା ଗ୍ରାମ ପକ୍ଷରୁ ଏହି କାର୍ଯ୍ୟକ୍ରମରେ ନିୟୋଜିତ ହୋଇଥିଲେ।

## ପ୍ରଧାନ ଶିକ୍ଷକଙ୍କୁ ବିଦାୟ ସମ୍ବର୍ଦ୍ଧନା

ପିପିଲି,୧।୩(ସ୍ୱ.ପ୍ର.)- ପିପିଲି ବ୍ଲକ ସୁନାପଦା ପ୍ରକଳ୍ପ ପ୍ରାଥମିକ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଗଗନ ବିହାରୀ ସ୍ୱାଇଁଙ୍କୁ ବୁଧବାର ବିଦାୟକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ପିପିଲି ଜଇଶପାଟଣା ନିକଟ ଭଗବତୀ ପୀଠ ପ୍ରାଙ୍ଗଣରେ ଆୟୋଜିତ ଏହି ସଭାରେ ପିପିଲି ବ୍ଲକ ଶିକ୍ଷକ ସଂଘର ସଭାପତି ଜୟ ପ୍ରକାଶ ପ୍ରଧାନ ସଭାପତିତ୍ୱ କରିଥିଲେ। ପିପିଲି ବ୍ଲକ ଶିକ୍ଷା ଅଧିକାରୀ ରବି ନାରାୟଣ ନନ୍ଦ, ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ ସାହେବ ପାତ୍ର, ଲକ୍ଷ୍ମୀପ୍ରିୟା ନାୟକ, ବରିଷ୍ଠ କିରାଣି ଶଙ୍କର୍ଷଣ ନାୟକ ଓ ସ୍ଥାନୀୟ ସରପଞ୍ଚ ପ୍ରତିନିଧି ବିନୟ ଦାସ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ଛାତ୍ରବତ୍ସଳ, ଲୋକପ୍ରିୟ ଶିକ୍ଷକ ଭାବେ ସ୍ୱାଇଁଙ୍କ ମଣିଷ ତିଆରି କାରଖାନାର ବଳିଷ୍ଠ ବ୍ୟକ୍ତିତ୍ୱର ପରିଚୟ ସମସ୍ତଙ୍କ ପାଇଁ ସ୍ମରଣୀୟ ହୋଇ ରହିବ ବୋଲି ଅତିଥି କହିଥିଲେ। ଶିକ୍ଷୟିତ୍ରୀ ଶିକ୍ଷକମାନେ ପ୍ରଧାନଶିକ୍ଷକଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଏଥିସହ ପୁରୀ ଜିଲା ପ୍ରାଥମିକ ଶିକ୍ଷକ ସଂଘର ଯୁଗ୍ମ ସମ୍ପାଦକ ଜିତେନ୍ଦ୍ର ନାୟକ, ପିପିଲି ପ୍ରାଥମିକ ଶିକ୍ଷକ ସଂଘର ସଭାପତି ସୁକାନ୍ତ ନାୟକ, ଉପସଭାପତି ରବୀନ୍ଦ୍ର ପଲେଇ, ଶିକ୍ଷକ ନେତା ବିକ୍ରମ ରଥ, ଗୋପାଳ ମଲ୍ଲିକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପାଖରେ ସାପ ଭୟ

ଗୋପ,୧।୩(ଡି.ଏନ୍.ଏ.)


ସ୍ନେକ ହେଲ୍ପଲାଇନ୍ ସଦସ୍ୟ ବ୍ରଜବନ୍ଧୁ ସାହୁ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରୁ ନାଗସାପ ଉଦ୍ଧାର କରିଛନ୍ତି।

ଗୋପ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର କାର୍ଯ୍ୟାଳୟ ପରିସରରେ ଏବେ ସାପ ବୁଲିବାକୁ ନେଇ କର୍ମଚାରୀମାନଙ୍କ ମଧ୍ୟରେ ଭୟର ବାତାବରଣ ସୃଷ୍ଟି ହୋଇଛି। ମଙ୍ଗଳବାର ୨ଟି ନାଗସାପ ସ୍ୱାସ୍ଥ୍ୟକେନ୍ଦ୍ର କର୍ମଚାରୀଙ୍କ ଘରେ ପଶିଥିଲା। ପରେ କାକଟପୁର ଅଞ୍ଚଳର ଜଣେ ସାପ ଧରାଳି ଆସି ୨ଟି ସାପକୁ ଉଦ୍ଧାର କରିଥିଲେ। ପ୍ରକାଶ ଯେ, ଗୋପ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଥିବା ସରକାରୀ କାର୍ଯ୍ୟାଳୟ ନିକଟରେ ଅଳିଆ ଆବର୍ଜନା ଥିବାବେଳେ ସ୍ୱାସ୍ଥ୍ୟକେନ୍ଦ୍ରର ୨ଟି ଗେଟ୍ ସବୁ ସମୟରେ ଖୋଲା ରହିବା ଯୋଗୁ ନିଶାସକ୍ତ ଯୁବକଙ୍କ ଭିଡ ହେଉଛି। ଏପରି କି ଗୋପ ବଜାରକୁ ଆସୁଥିବା ଲୋକେ ଓ ବ୍ୟବସାୟୀମାନଙ୍କ ଗାଡ଼ି ସ୍ୱାସ୍ଥ୍ୟକେନ୍ଦ୍ର ପରିସର ମଧ୍ୟରେ ଅଧିକାଂଶ ସମୟରେ ଲୋକମାନେ ରହିଥିବା ଦେଖିବାକୁ ମିଳୁଛି। ଅପରପକ୍ଷେ ସ୍ୱାସ୍ଥ୍ୟକେନ୍ଦ୍ର କାର୍ଯ୍ୟାଳୟ ପରିସରରେ ପରିସ୍ରା କରୁଥିବାରୁ ଅସ୍ୱାସ୍ଥ୍ୟକର ପରିବେଶ ହେଉଛି। ଅଳିଆ ଗଦା ଯୋଗୁ ସ୍ୱାସ୍ଥ୍ୟକେନ୍ଦ୍ର କାର୍ଯ୍ୟାଳୟ ପରିସରରେ ଏବେ ସାପ ବୁଲିବା ଦେଖିବାକୁ ମିଳୁଛି। ସ୍ୱାସ୍ଥ୍ୟକେନ୍ଦ୍ର କାର୍ଯ୍ୟାଳୟର ସରକାରୀ କର୍ମଚାରୀମାନେ ପରିବାର ସହ ରହୁଥିବା ଯୋଗୁ ଏହି ସାପ ବାହାରିବା ନେଇ ଭୟର ବାତାବରଣ ସୃଷ୍ଟି ହୋଇଛି। ସ୍ନେକ ହେଲ୍ପଲାଇନର ସଦସ୍ୟ ବ୍ରଜବନ୍ଧୁ ସାହୁ ମଙ୍ଗଳବାର ୨ଟି ନାଗସାପକୁ ଧରି ନେଇଥିବା ବେଳେ ଜଣେ ମହିଳା ସ୍ୱାସ୍ଥ୍ୟକର୍ମୀଙ୍କ ଘରେ ପଶିଥିବା ନାଗକୁ ମାରି ଦିଆଯାଇଛି ବୋଲି ଜଣାପଡିଛି। ସବୁ ସମୟରେ ଏହି ସ୍ୱାସ୍ଥ୍ୟ କାର୍ଯ୍ୟାଳୟର ୨ଟି ଗେଟ ଖୋଲା ରହିବା ବେଳେ ଏହାକୁ ବନ୍ଦ କରିବା ଓ ପରିବେଶକୁ ସଫା ରଖିବାକୁ ଦାବି ହେଉଛି।

# ସିନିୟର ସିଡିଓଙ୍କ କାର୍ଯ୍ୟାଳୟ ଘେରିଲେ ରେଲୱେ କର୍ମଚାରୀ



ଇଷ୍ଟକୋଷ୍ଟ ରେଲୱେ କର୍ମଚାରୀ ସଂଘ ଏବଂ ସିଆଇଟିୟୁ ପକ୍ଷରୁ ସିନିୟର ସିଡିଓଙ୍କ କାର୍ଯ୍ୟାଳୟ ଘେରାଉ କରାଯାଇଛି ।

ପୁରୀ ଅଫିସ, ୧।୩:

ଇଷ୍ଟକୋଷ୍ଟ ରେଲୱେ କର୍ମଚାରୀ ସଂଘ ଏବଂ ସିଆଇଟିୟୁ ପକ୍ଷରୁ ବୁଧବାର ଜେଲଭରୋ ଆନ୍ଦୋଳନ ଓ ବିକ୍ଷୋଭ ଅନୁଷ୍ଠିତ ହୋଇଯାଇଛି। ହାଉସ କିପିଙ୍ଗ ଛଟେଇ କର୍ମଚାରୀମାନେ ଦୀର୍ଘ ୩ମାସ ହେବ ସେମାନଙ୍କ ସମସ୍ୟା ନେଇ ସିନିୟର ସିଡିଓଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଉଥିଲେ ମଧ୍ୟ ଏପର୍ଯ୍ୟନ୍ତ ସେମାନଙ୍କ ଦାବି ପୂରଣ କରାଯାଉନାହିଁ। କର୍ମଚାରୀଙ୍କ ଇଏସ୍ଆଇ ଓ ଇପିଏଫ୍ ଜମା କରାଯାଉନାହିଁ। କମ୍ପାନୀ କର୍ତ୍ତୃପକ୍ଷ ଏବଂ ଅସାଧୁ ରେଲୱେ ଅଧିକାରୀମାନେ ମିଶି ୬୦ଜଣ କର୍ମଚାରୀଙ୍କ ତିନି ମାସର କରୋନା ସହାୟତା ପ୍ରାୟ ୨୦ଲକ୍ଷ ଟଙ୍କା ଆତ୍ମସାତ କରିଥିବା ସଂଘ ଅଭିଯୋଗ ଆଣିଛି। ସେହିପରି ନୂତନ କର୍ମଚାରୀଙ୍କୁ ହଟାଇ ପୁରୁଣା କର୍ମଚାରୀଙ୍କୁ ନିଯୁକ୍ତି ଦେବାକୁ ସଂଘ ଦାବି କରିଛି। ଇଷ୍ଟକୋଷ୍ଟ ରେଲୱେ କର୍ମଚାରୀ ୟୁନିୟନର ସଭାପତି ତଥା ସିଆଇଟିୟୁ ଜିଲା ସଭାପତି ଶ୍ରୀକାନ୍ତ ପରିଡ଼ା, ଶ୍ରମିକ ନେତା ଭୀମସେନ ସ୍ୱାଇଁ, ପବିତ୍ର ମୋହନ ଦଳାଇ, ଷ୍ଟାଲିନ ପାଇକରାୟ, ଦେବାଶିଷ ସାମଲ, ରାଜେଶ ମଲ୍ଲିକ, କାହ୍ନୁ ଚରଣ ମଲ୍ଲିକ, ବ୍ରଜ କିଶୋର ଜେନା, ଅନିଲ ନାୟକ, ପ୍ରଭାକର ଜେନା, ଦୀପୁ ହାତୀ ଏବଂ ସୁବାଷ ପ୍ରଧାନ ପ୍ରମୁଖଙ୍କ ନେତୃତ୍ୱରେ କର୍ମଚାରୀମାନେ ସିନିୟର ସିଡିପିଓଙ୍କ କାର୍ଯ୍ୟାଳୟକୁ ପଶିବାକୁ ଉଦ୍ୟମ କରିଥିଲେ। ତେବେ ଆର୍‌ପିଏଫ୍ ଏବଂ ଜିଆର୍‌ପି ଅଧିକାରୀମାନେ ସେମାନଙ୍କୁ ଅଟକାଇଥିଲେ। ଗୁରୁବାର ଏସବୁ ଦାବି ନେଇ ରେଲୱେ ଅଧିକାରୀ ଓ କମ୍ପାନୀ କର୍ତ୍ତୃପକ୍ଷ ଆଲୋଚନା ପାଇଁ ରାଜି ହୋଇଛନ୍ତି। ଏହି ପ୍ରତିଶ୍ରୁତି ପରେ ଆନ୍ଦୋଳନ ସ୍ଥଗିତ ରଖାଯାଇଛି ବୋଲି ସଭାପତି ପରିଜା କହିଛନ୍ତି।

**ଆଲୋଚନା ପାଇଁ କର୍ତ୍ତୃପକ୍ଷ ଦେଲେ ପ୍ରତିଶ୍ରୁତି**

# କପିଳେଶ୍ୱର ବିଦ୍ୟାଳୟରେ ୩ ବରପୁତ୍ରଙ୍କ ପ୍ରତିମୂର୍ତ୍ତି ସ୍ଥାପନ

ଡେଲାଙ୍ଗ,୧।୩(ଡି.ଏନ୍.ଏ.)



ଡେଲାଙ୍ଗ ବ୍ଲକର ଧାନକେରା ପଞ୍ଚାୟତ ଅନ୍ତର୍ଗତ କପିଳେଶ୍ୱର ଉଚ୍ଚ ବିଦ୍ୟାଳୟ ପରିସରରେ ବିଦ୍ୟାଳୟର ବାର୍ଷିକ ଉତ୍ସବ ଅବସରରେ ନେତାଜୀ ସୁଭାଷ ଚନ୍ଦ୍ର ବୋଷ, ଉତ୍କଳ ଗୌରବ ମଧୁସୂଦନ ଦାସ ଓ ଉତ୍କଳମଣି ଗୋପବନ୍ଧୁ ଦାଶ ଙ୍କ ପ୍ରତିମୂର୍ତ୍ତି ସ୍ଥାପନ କରାଯାଇଛି । ଏହି ପରିପ୍ରେକ୍ଷୀରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସତ୍ୟବାଦୀ ଦାଶଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସମାବେଶରେ ପ୍ରଫେସର ଡ. ଅଶୋକ କୁମାର ମହାପାତ୍ର, ଉତ୍କଳ ୟୁନିଭରସିଟିର ଡ. ଶରତ ରଥ, କିଟ୍ ୟୁନିଭରସିଟିର ବିଜ୍ଞାନ ବିଭାଗର ଅଧ୍ୟକ୍ଷ ଚିତ୍ତରଞ୍ଜନ ମିଶ୍ର, ଅତିରିକ୍ତ ଜିଲା ଶିକ୍ଷାଧିକାରୀ ମମତା ମିଶ୍ର, ଜିଲା ପରିଷଦ ସଭ୍ୟା ଦୀପ୍ତିଶ୍ରୀ ରାଉତରାୟ, ସରପଞ୍ଚ ମିନାକ୍ଷୀ ମହାପାତ୍ର, ସମିତିସଭ୍ୟା ଗିତାଲିନ୍ ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ଏହି ପରିପ୍ରେକ୍ଷୀରେ ବିଦ୍ୟାଳୟର ୧୯ଜଣ ବିଦାୟୀ ଓ ପୂର୍ବତନ ଶିକ୍ଷକଙ୍କୁ ମାନପତ୍ର, ଉପଢୌକନ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧନା କରାଯାଇଥିଲା। ଶିକ୍ଷକ ସମୀର ମହାପାତ୍ର ବିଦ୍ୟାଳୟର ବାର୍ଷିକ ବିବରଣୀ ପାଠ କରିଥିବା ବେଳେ ବିଦ୍ୟାଳୟରେ ଥିବା ନଳକୂପ ପାନୀୟ ଅନୁପଯୋଗୀ, ଶୌଚାଳୟ ଅବ୍ୟବସ୍ଥା, ସଭାଗୃହ ଅଭାବ, କ୍ରୀଡା ଏବଂ ହିନ୍ଦୀ ଶିକ୍ଷକ ନ ଥିବା ନେଇ ବାର୍ଷିକ ବିବରଣୀରେ ଦର୍ଶାଇଥିଲେ। ଅତିଥିମାନଙ୍କ ଦ୍ୱାରା ବିଦ୍ୟାଳୟର ମୁଖପତ୍ର 'ସ୍ପନ୍ଦନ' ପୁସ୍ତକ ଉନ୍ମୋଚନ କରାଯାଇଥିଲା। ଶେଷରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

## ନିଯୁକ୍ତି ପରାମର୍ଶ ଶିବିରରେ ନାମ ପଞ୍ଜୀକରଣ କଲେ ୧୧୮ ଛାତ୍ରୀଛାତ୍ର

ଡେଲାଙ୍ଗ,୧।୩(ଡି.ଏନ୍.ଏ.)

ଓଡ଼ିଶା ଦକ୍ଷତା ବିକାଶ ପ୍ରାଧିକରଣ ପକ୍ଷରୁ ଜିଲା ପ୍ରଶାସନ ଓ ଜିଲା ନିୟୋଜନ କାର୍ଯ୍ୟାଳୟର ମିଳିତ ଆନୁକୂଲ୍ୟରେ ବ୍ଲକସ୍ତରୀୟ ନିଯୁକ୍ତି ପରାମର୍ଶ ଶିବିର ସୋମବାର ଡେଲାଙ୍ଗ ବ୍ଲକ ବିଜୁ ପଟ୍ଟନାୟକ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଡେଲାଙ୍ଗ ପଞ୍ଚାୟତ ସମିତି ଅଧ୍ୟକ୍ଷା ବାସନ୍ତୀ ସାହୁ, ଜିଲା ନିୟୋଜନ ଅଧିକାରୀ ପ୍ରଭାତ ବସ୍ତି, ବିଡିଓ ଲାବନ୍ୟେନ୍ଦୁ ମହାନ୍ତି, ଓଏଲ୍ଏମ୍ ପ୍ରୋଜେକ୍ଟ ସଂଯୋଜକ ଅନଙ୍ଗ ସେନ ତାଡ଼ ପ୍ରମୁଖ ଉପସ୍ଥିତ ଥିଲେ। ନିଯୁକ୍ତି ସମ୍ପର୍କରେ ଉପଲବ୍ଧ ସୁବିଧା ସୁଯୋଗ ଓ ୯ଟି ଟ୍ରେଡ୍ ସମ୍ପର୍କରେ ଅତିଥିମାନେ ସବିଶେଷ ତଥ୍ୟ ପ୍ରଦାନ କରିଥିଲେ। ଶିବିରରେ ଆଇଟିଆଇ ପୁରୀ, ବିଜୁ ପଟ୍ଟନାୟକ ଆଇଟିଆଇ କୃଷ୍ଣପ୍ରସାଦ, ସିଆଇପିଇଟି ଭୁବନେଶ୍ୱର, ସରକାରୀ ପଲିଟେକ୍ନିକ୍ ପୁରୀ, ଷ୍ଟର୍ଲିନ୍ ରିସର୍ଟ ପୁରୀ, ସାହି ଏକ୍ସପୋର୍ଟ ପ୍ରାଇଭେଟ ଲିମିଟେଡ୍ ମଞ୍ଚେଶ୍ୱର ପ୍ରଭୃତି ପ୍ରକଳ୍ପ କାର୍ଯ୍ୟକାରିଣୀ ସଂସ୍ଥାର ପ୍ରତିନିଧିମାନେ ଅଂଶଗ୍ରହଣ କରିଥିଲେ। ଡେଲାଙ୍ଗ ବ୍ଲକରୁ ୯୫ ଜଣ ଛାତ୍ରୀ, ୨୩ ଜଣ ଛାତ୍ର ଶିବିରରେ ପଞ୍ଜୀକରଣ କରିଥିବା ଓଏଲଏମ୍ ପ୍ରୋଜେକ୍ଟ ସଂଯୋଜକ ତାଡ଼ ସୂଚନା ଦେଇଥିଲେ। ଛାତ୍ରୀଛାତ୍ରଙ୍କ ପାଇଁ ଆକର୍ଷଣୀୟ ପାଠାଗାର, କମ୍ପ୍ୟୁଟର ଶିକ୍ଷା, କମ୍ୟୁନିକେଶନ ସ୍କିଲ୍, ଡିଜିଟାଲ କ୍ଲାସ୍‌ରୁମ୍, ଛାତ୍ରାବାସର ସୁବିଧା ଥିବାବେଳେ ଅନୁସୂଚିତ ଜାତି ଓ ଜନଜାତି ପିଲାଙ୍କ ପାଇଁ ନାମଲେଖା ସମ୍ପୂର୍ଣ୍ଣ ମାଗଣା, ସୁଦକ୍ଷ ଯୋଜନାରେ ନାମଲେଖା ଓ ଟଙ୍କା ଫେରସ୍ତ ଏବଂ ବୃତ୍ତିର ବ୍ୟବସ୍ଥା, ମାଗଣା ପୋଷାକ, ନିର୍ମାଣ ଶ୍ରମିକଙ୍କ ସନ୍ତାନସନ୍ତତିଙ୍କ ପାଇଁ ବୃତ୍ତିର ବ୍ୟବସ୍ଥା ରହିଥିବା ଶିବିରରେ ଆଲୋଚନା ହୋଇଥିଲା।

# ନାରୀ ସ୍ୱାବଲମ୍ବୀ ହେଲେ ସମାଜ ସମୃଦ୍ଧ ହେବ


ଶିବିରରେ ଅତିଥି ଉଦ୍‌ବୋଧନ ଦେଉଛନ୍ତି।

ସାକ୍ଷୀଗୋପାଳ, ୧।୩(ଡି.ଏନ୍.ଏ./ସ୍ୱ.ପ୍ର.)

**ମହିଳାଙ୍କ ଆତ୍ମନିଯୁକ୍ତି ସଚେତନତା ଶିବିର**

ସତ୍ୟବାଦୀ ବ୍ଲକ ଅନ୍ତର୍ଗତ ଅଳଗୁମ ପଞ୍ଚାୟତର ଯଜ୍ଞାଶରୀ କଲ୍ୟାଣ ମଣ୍ଡପରେ ବୁଧବାର ଗ୍ରାମୀଣ ମହିଳାଙ୍କ ନିମନ୍ତେ ଏକ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ସମ୍ବନ୍ଧୀୟ ଦିନିକିଆ ଆତ୍ମନିଯୁକ୍ତି ସଚେତନତା ଶିବିର ପୁରୀ ଜିଲା ଶିଳ୍ପ କେନ୍ଦ୍ର ସହଯୋଗରେ ଅନୁଷ୍ଠିତ ହୋଇଯାଇଛି। ଏହି ସଚେତନତା ଶିବିରକୁ ବ୍ଲକ ଅଧ୍ୟକ୍ଷ ସୁନୀଲ କୁମାର ପଣ୍ଡା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ସତ୍ୟବାଦୀ ବ୍ଲକ ଶିଳ୍ପ ସମ୍ପ୍ରସାରଣ ଅଧିକାରୀ ସୁରେନ୍ଦ୍ର ଦାସ ଅତିଥି ପରିଚୟ ଓ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ଜିଲା ଶିଳ୍ପ କେନ୍ଦ୍ର ପୁରୀର ସହକାରୀ ପରିଚାଳକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଚେତନତା ଶିବିରରେ ମୁଖ୍ୟ ଅତିଥି ବ୍ଲକ ଅଧ୍ୟକ୍ଷ ପଣ୍ଡା ଏବେ ସମୟ ହେଉଛି ଗ୍ରାମାଞ୍ଚଳର ପ୍ରତେକ ନାରୀ ସ୍ୱାବଲମ୍ବୀ ହେବା ଆବଶ୍ୟକ। ନାରୀ ସମୃଦ୍ଧ ହେଲେ ପରିବାର ଓ ସମାଜର ବିକାଶ ହେବ ବୋଲି ପ୍ରକାଶ କରିଥିଲେ। ସମ୍ମାନିତ ଅତିଥି ରୂପେ ଅଳଗୁମ ସମିତି ସଭ୍ୟା ପୁଷ୍ପାଞ୍ଜଳି ବିଶ୍ୱାଳ, ଦାସବିଦ୍ୟାଧରପୁର ସମିତିସଭ୍ୟା ଶକୁନ୍ତଳା ବେହେରା, ଆଳିସ ସମିତିସଭ୍ୟ ବିପିନ ବେହେରା, ନରେନ୍ଦ୍ରପୁର ସମିତିସଭ୍ୟା ଝରଣା ମଲ୍ଲିକ ଓ ନୂଆ ସୋମେଶ୍ୱରପୁର ସମିତି ସଭ୍ୟା ଜ୍ୟୋତିର୍ମୟୀ ପଣ୍ଡା ପ୍ରମୁଖ ଯୋଗଦେଇଥିଲେ। ପ୍ରଧାନମନ୍ତ୍ରୀ ନିଶ୍ଚିତ କର୍ମନିଯୁକ୍ତି ଯୋଜନା ଓ ଆତ୍ମ ନିଯୁକ୍ତି ନିମନ୍ତେ ରହିଥିବା ସରକାରୀ ଯୋଜନା, ପ୍ରକଳ୍ପ ନିମନ୍ତେ ରହିଥିବା ସରକାରୀ ରିହାତି, ସହାୟତା, ଉତ୍ପାଦନ କେନ୍ଦ୍ର, ସେବା କେନ୍ଦ୍ର, ଧାନ ମିଲ, ଚୁଡା ମିଲ, ପାଉଁଶ ଇଟା, ସିଲେଇ କେନ୍ଦ୍ର ଓ ଜେରକ୍ସ ଦୋକାନ ସମ୍ପର୍କରେ ଯୋଗଦେଇଥିବା ଅତିଥିମାନେ ବିସ୍ତୃତ ସୂଚନା ପ୍ରଦାନ କରିଥିଲେ। ଏହି ଦିନିକିଆ ଶିଳ୍ପ ତାଲିମ ଶିବିରରେ ଶତାଧିକ ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟା ତାଲିମ ନେଇଥିଲେ । ଅଳଗୁମ ସମିତି ସଭ୍ୟା ପୁଷ୍ପାଞ୍ଜଳି ପ୍ରଧାନ କାର୍ଯ୍ୟକ୍ରମ ସଂଯୋଜନା ଓ ପରିଚାଳନା କରିଥିଲେ। ସତ୍ୟବାଦୀ ବ୍ଲକ ଶିଳ୍ପ ସମ୍ପ୍ରସାରଣ ଅଧିକାରୀ ସୁରେନ୍ଦ୍ର ଦାସ ଧନ୍ୟବାଦ ଦେଇଥିଲେ।

# ନାଟ୍ ଟେଷ୍ଟିଂ ଲାବ୍ ସ୍ଥାପନ ଉପରେ ଗୁରୁତ୍ୱ

କଟକ ଅଫିସ, ୧।୩:

**ପ୍ରସୂତିଙ୍କୁ ଏଚ୍ଆଇଭି ସଂକ୍ରମିତ ରକ୍ତ ଦେବା ମାମଲା**

ଏଚ୍ଆଇଭି ସଂକ୍ରମଣ ରୋକିବା ନିମନ୍ତେ ରାଜ୍ୟର ରକ୍ତ ଭଣ୍ଡାରଗୁଡ଼ିକରେ ନ୍ୟୁକ୍ଲିକ୍ ଏସିଡ୍ ଆପ୍ଲିକେଶନ ଟେଷ୍ଟିଂ(ନାଟ୍) ଲାବ୍ ସ୍ଥାପନ କରିବା ଉପରେ ହାଇକୋର୍ଟ ଗୁରୁତ୍ୱାରୋପ କରିଛନ୍ତି। ରାଜ୍ୟର ରକ୍ତଭଣ୍ଡାରଗୁଡ଼ିକରେ କେବେ ନାଟ୍ ଟେଷ୍ଟିଂ ଲାବ୍ ସ୍ଥାପନ କାର୍ଯ୍ୟ ଆରମ୍ଭ ହେବ ଓ କେବେ ଶେଷ ହେବ ସେନେଇ ନିର୍ଦ୍ଦିଷ୍ଟ ଭାବେ ସତ୍ୟପାଠ ମାଧ୍ୟମରେ ତଥ୍ୟ ଦେବାକୁ ରାଜ୍ୟ ସରକାରଙ୍କୁ ହାଇକୋର୍ଟ ବୁଧବାର ନିର୍ଦ୍ଦେଶ ଦେଇଛନ୍ତି। ମୁଖ୍ୟ ବିଚାରପତି ଏସ୍. ମୁରଲୀଧର ଓ ବିଚାରପତି ମୁରାହରି ଶ୍ରୀରମଣଙ୍କ ଖଣ୍ଡପୀଠ ଏ ସମ୍ପର୍କିତ ୨ଟି ମାମଲାର ଶୁଣାଣି କରିଥିଲେ। ଆସନ୍ତା ମେ' ୧ରେ ମାମଲାର ପରବର୍ତ୍ତୀ ଶୁଣାଣି ହେବ।

ଆବେଦନକାରୀ ଅମିତ ଅଭିଜିତ୍ ସାମଲଙ୍କ ମାମଲାରେ ହାଇକୋର୍ଟରେ ୨୦୨୨ ଡିସେମ୍ବର ୨୧ ତାରିଖ ଶୁଣାଣିରେ ଷ୍ଟେଟ୍ ବ୍ଲଡ୍ ଟ୍ରାନ୍ସଫ୍ୟୁଜନ୍ କାଉନସିଲ ନିର୍ଦ୍ଦେଶକଙ୍କ ପକ୍ଷରୁ ଆଗାମୀ ୩ ବର୍ଷ ମଧ୍ୟରେ ନାଟ୍ ଟେଷ୍ଟିଂ ଲାବ୍ ସ୍ଥାପନ କରାଯିବ ବୋଲି କୁହାଯାଇଥିଲା। ବାର୍ଷିକ ୧୦ ହଜାର ୟୁନିଟ୍ ରକ୍ତ ସଂଗ୍ରହ ହେଉଥିବା ରକ୍ତଭଣ୍ଡାରଗୁଡ଼ିକରେ ନାଟ୍ ଟେଷ୍ଟିଂ ଲାବ୍ ସ୍ଥାପନ ପାଇଁ ଦର୍ଶାଯାଇଥିଲା। ହେଲେ ହାଇକୋର୍ଟ ଏହାକୁ ଅଗ୍ରାହ୍ୟ କରିଥିଲେ। ଆଗାମୀ ୩ମାସ ମଧ୍ୟରେ ଏହି ଲାବ୍ ସ୍ଥାପନ କାର୍ଯ୍ୟ ଆରମ୍ଭ କରାଯାଇ ୧ ବର୍ଷ ମଧ୍ୟରେ ଶେଷ କରିବା ନେଇ ମାର୍ଚ୍ଚ ୧ ତାରିଖ ଶୁଣାଣିରେ ସତ୍ୟପାଠ ଦାଖଲ କରିବାକୁ ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ଅତିରିକ୍ତ ପ୍ରମୁଖ ଶାସନ ସଚିବଙ୍କୁ ନିର୍ଦ୍ଦେଶ ଦେଇଥିଲେ। ତଦନୁସାରେ ରାଜ୍ୟ ସରକାରଙ୍କ ପକ୍ଷରୁ ସତ୍ୟପାଠ ମାଧ୍ୟମରେ ଦର୍ଶାଯାଇଥିଲା ଯେ, ୩ମାସ ମଧ୍ୟରେ ଲାବ୍ ସ୍ଥାପନ ଆରମ୍ଭ ଓ ୧ ବର୍ଷ ମଧ୍ୟରେ ଶେଷ କରିବା ସମ୍ଭବପର ନୁହେଁ। ସରକାରଙ୍କ ଏଭଳି ତଥ୍ୟକୁ ନେଇ ହାଇକୋର୍ଟ ବିରକ୍ତି ପ୍ରକାଶ କରିବା ସହ ଲାବ୍ ନିର୍ମାଣର ଆରମ୍ଭ ଓ ଶେଷ ସମୟସୀମା ନେଇ ନିର୍ଦ୍ଦିଷ୍ଟ ଭାବେ ସତ୍ୟପାଠ ଦାଖଲ କରିବାକୁ ବୁଧବାର ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ଆଇନଜୀବୀ ପ୍ରବୀର କୁମାର ଦାସଙ୍କ ପକ୍ଷରୁ ଆଗତ ବାଣପୁର ଅଞ୍ଚଳର ଜଣେ ପ୍ରସୂତିଙ୍କୁ ଏଚ୍ଆଇଭି ସଂକ୍ରମିତ ରକ୍ତ ଦିଆଯିବା ମାମଲାରେ ପ୍ରତ୍ୟେକ ରକ୍ତଭଣ୍ଡାରରେ ପଲିମର ଚେନ୍ ରିଆକ୍ସନ ଟେଷ୍ଟ କରି ରକ୍ତ ପରୀକ୍ଷା କରାଯିବାକୁ ପ୍ରାର୍ଥନା କରାଯାଇଥିଲା। ଉକ୍ତ ମାମଲା ଓ ଏହି ମାମଲାର ଏକତ୍ର ଶୁଣାଣି ପାଇଁ ଫେବୃଆରୀ ୧ ଶୁଣାଣିରେ ହାଇକୋର୍ଟ ନିର୍ଦ୍ଦେଶ ଦେଇଥିଲେ।

# ପରିବେଶ ସମ୍ପର୍କରେ ସଚେତନ ହେଲେ ଛାତ୍ରୀଛାତ୍ର

ପିପିଲି,୧।୩(ସ୍ୱ.ପ୍ର.)

ପୁରୀ ବାଲିଘାଇ ଜଙ୍ଗଲସ୍ଥିତ ମା' ନାରାୟଣୀ ପୀଠ ଜଙ୍ଗଲରେ ପିପିଲି ବ୍ଲକ ମଙ୍ଗଳପୁରଠାରେ ଥିବା ପଦ୍ମାବତୀ ଉଚ୍ଚ ବିଦ୍ୟାପୀଠର ଛାତ୍ରୀଛାତ୍ରଙ୍କ ପାଇଁ ଏକ ପ୍ରାକୃତିକ ଭ୍ରମଣ ଶିବିର ବୁଧବାର ଅନୁଷ୍ଠିତ ହୋଇଯାଇଛି। କେନ୍ଦ୍ର ସରକାରଙ୍କ ଜଙ୍ଗଲ ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ଏବଂ ଓଡ଼ିଶା ସରକାରଙ୍କ ଜଙ୍ଗଲ ବିଭାଗ ଅଧୀନ ସେଣ୍ଟର ଫର୍ ଏନ୍‌ଭାଇରନମେଣ୍ଟ ଷ୍ଟଡିଜ୍ ସହଯୋଗରେ ଏହା ଆୟୋଜିତ ହୋଇଥିଲା। ଏହି ଶିବିରକୁ ସ୍କୁଲ ପ୍ରଧାନଶିକ୍ଷକ ପରିକ୍ଷିତ ବରାଳ ତତ୍ତ୍ୱାବଧାନ କରିଥିଲେ। ଏଥିରେ ବିଦ୍ୟାଳୟ ଓ ଇକୋ କ୍ଲବର ୭୦ଜଣ ଛାତ୍ରୀଛାତ୍ର ଏବଂ ବିଦ୍ୟାଳୟ ଶିକ୍ଷୟିତ୍ରୀ ଶିକ୍ଷକଙ୍କ ସମେତ ବିଦ୍ୟାଳୟ ନୋଡାଲ ଅଧିକାରୀ ସୁବାସ ଚନ୍ଦ୍ର ସାହୁ, ଜଙ୍ଗଲ ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗର ମୁଖ୍ୟ ରିସୋର୍ସ ସଦସ୍ୟ ଜୟନ୍ତ ଜେନା ଏଥିରେ ଯୋଗ ଦେଇଥିଲେ। ପ୍ରକୃତି ସଂରକ୍ଷଣ ଉପରେ ଚିତ୍ରାଙ୍କନ, କୁଇଜ୍, ପରିବେଶଭିତ୍ତିକ ନାଚ, ଗୀତ ଆଦି ପ୍ରତିଯୋଗିତା ହୋଇଥିଲା। ଏଥିସହ ଅତିଥିମାନେ ଛାତ୍ରୀଛାତ୍ରଙ୍କୁ ଔଷଧୀୟ ବୃକ୍ଷ, ଖାଇବା କୋଳିଯୋଗ୍ୟ ବୃକ୍ଷ ଚିହ୍ନଟ, ଜୈବିକ କୀଟନାଶକ, ଜୈବସାର ପ୍ରସ୍ତୁତି, ନର୍ସରୀ ତାଲିମ୍, ପ୍ଲାଷ୍ଟିକ ପୁନଃ ପ୍ରଚଳନ, ବର୍ଜ୍ୟବସ୍ତୁ ପରିଚାଳନା, ମୃତ୍ତିକା ଉର୍ବରତା ରକ୍ଷା ଆଦିର କୌଶଳ ଓ ପ୍ରଣାଳୀର ପ୍ରଦର୍ଶନ କରିଥିଲେ। ଅତିଥି ଭାବେ ଫରେଷ୍ଟ ସେକ୍ସନ ଅଧିକାରୀ ସୁଶାନ୍ତ ମଲ୍ଲିକ ଯୋଗଦେଇ ଜଙ୍ଗଲ ସୁରକ୍ଷା ଏବଂ ଜଙ୍ଗଲ ନିଆଁକୁ କିପରି ଆୟତ୍ତ କରିବା ସେ ନେଇ କୌଶଳ ପ୍ରଦର୍ଶନ କରିଥିଲେ। ସମସ୍ତ ଛାତ୍ରୀଛାତ୍ରଙ୍କୁ ସାର୍ଟିଫିକେଟ୍ ପ୍ରଦାନ କରାଯାଇଥିଲା। ପ୍ରଧାନ ଶିକ୍ଷକ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ। ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



ବାଲିଘାଇ ଜଙ୍ଗଲରେ ଆୟୋଜିତ ପ୍ରାକୃତିକ ଭ୍ରମଣ ଶିବିରରେ ଯୋଗଦେଇଥିବା ଅତିଥି ଏବଂ ପିଲାମାନେ।

# ଦିବ୍ୟାଙ୍ଗ ସ୍ୱାବଲମ୍ବୀ ହେବାକୁ ଚେଷ୍ଟା କରିବା ଆବଶ୍ୟକ


ଅତିଥିଙ୍କ ଗହଣରେ ହୁଇଲ୍‌ଚେୟାର ପାଇଥିବା ଦିବ୍ୟାଙ୍ଗମାନେ।

ପୁରୀ ଅଫିସ, ୧।୩:

**ଆନ୍ତର୍ଜାତିକ ହୁଇଲ ଚେୟାର ଦିବସ ପାଳିତ**

ପୁରୀ ଜିଲା ଦିବ୍ୟାଙ୍ଗ ମହାମଞ୍ଚ ଆନୁକୂଲ୍ୟରେ ଜିଲା ପ୍ରଶାସନ ଓ ସ୍ୱେଚ୍ଛାସେବୀ ସଙ୍ଗଠନ ସାମ୍ମୁଖ୍ୟ 'ଦି ବେଲ୍' ତରଫରୁ ବୁଧବାର ଆନ୍ତର୍ଜାତିକ ହୁଇଲ ଚେୟାର ଦିବସ ପାଳିତ ହୋଇଯାଇଛି। ଲୋକନାଥ ରୋଡସ୍ଥିତ ସିଂହସ୍ଥାନ ମଧୁବୈଶ୍ୟ ସମିତିଠାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲାପାଳ (ପ୍ରଶାସନ) ପ୍ରଦୀପ କୁମାର ସାହୁ ଯୋଗଦେଇ ଦିବ୍ୟାଙ୍ଗମାନଙ୍କୁ ହୁଇଲ୍ ଚେୟାର ବଣ୍ଟନ କରିଥିଲେ। ଜିଲାର ଦିବ୍ୟାଙ୍ଗଙ୍କ ପାଇଁ ଅନେକ ଯୋଜନା ହାତକୁ ନିଆଯିବ ବୋଲି ସେ କହିଥିଲେ। ଏହି ଅବସରରେ ଉପସ୍ଥିତ ଦିବ୍ୟାଙ୍ଗମାନେ ଶ୍ରୀମନ୍ଦିରକୁ କିପରି ସହଜରେ ଯାଇ ମହାପ୍ରଭୁଙ୍କୁ ଦର୍ଶନ କରିପାରିବେ ସେ ବ୍ୟବସ୍ଥା କରିବାକୁ ଅତିରିକ୍ତ ଜିଲାପାଳଙ୍କୁ ନିବେଦନ କରିଥିଲେ। କାର୍ଯ୍ୟକ୍ରମରେ ଅନ୍ୟତମ ଅତିଥି ଭାବେ ଜିଲା ସାମାଜିକ ସୁରକ୍ଷା ଅଧିକାରୀ ଶୁଭ୍ରାଂଶୁ ଶେଖର ମହାରଣା ଯୋଗଦେଇ ପୁରୀରେ ପ୍ରଥମ ଥର ପାଇଁ ଏଭଳି ଦିବସ ପାଳନ କରୁଥିବାରୁ ଅନୁଷ୍ଠାନର କର୍ମକର୍ତ୍ତାଙ୍କୁ ପ୍ରଶଂସା କରିଥିଲେ। ଦିବ୍ୟାଙ୍ଗଙ୍କ ନିଯୁକ୍ତି କ୍ଷେତ୍ରରେ ଜିଲା ଉତ୍ତମ ପ୍ରଦର୍ଶନ କରିଥିବାରୁ ନିକଟରେ ରାଜ୍ୟ ସରକାରଙ୍କ ଦ୍ୱାରା ବେଷ୍ଟ ଏମ୍ପ୍ଲୟର ଆୱାର୍ଡ ପାଇଥିବା ସେ କହିଥିଲେ। ଦିବ୍ୟାଙ୍ଗମାନେ ମନୋବଳ ଦୃଢ଼ କରି କିପରି ସ୍ୱାବଲମ୍ବୀ ହୋଇପାରିବେ ସେଥିପ୍ରତି ପ୍ରଚେଷ୍ଟା କରିବା ଆବଶ୍ୟକ ବୋଲି ସେ କହିଥିଲେ। ମହାମଞ୍ଚର ଆବାହକ ଅଧ୍ୟକ୍ଷ ସିଦ୍ଧାର୍ଥ ରାୟଙ୍କ ସଭାପତିତ୍ୱରେ ସଭା ହୋଇଥିଲା। ଜିଲାର ଦିବ୍ୟାଙ୍ଗଙ୍କୁ ସବୁ ସୁବିଧା ଯୋଗାଇଦେବା ଓ ସୂଚନା ପ୍ରଦାନ ପାଇଁ ଖୁବ୍ ଶୀଘ୍ର ମଞ୍ଚ ତରଫରୁ ଏକ ଆପ୍ ଲଞ୍ଚ କରାଯିବା ବୋଲି ରାୟ ସୂଚନା ଦେଇଥିଲେ। ଏହି ଅବସରରେ ଦିବ୍ୟାଙ୍ଗଙ୍କ ମଧ୍ୟରେ ମ୍ୟୁଜିକ୍ ଚେୟାର୍ ପ୍ରତିଯୋଗିତା କରାଯିବା ସହିତ ଅନୁଷ୍ଠାନ ତରଫରୁ ମହାମଞ୍ଚର ନଗର ସଞ୍ଚାଳକ ପ୍ରଶାନ୍ତ କୁମାର ନାୟକ ଓ ମଧୁବୈଶ୍ୟ ସଂସ୍ଥା ପୁରୀର ସଭାପତି ବିମଳ ପ୍ରସାଦ ସାହୁଙ୍କୁ ସମ୍ମାନିତ କରାଯାଇଥିଲା। କାର୍ଯ୍ୟକ୍ରମକୁ ମହାମଞ୍ଚର ସଙ୍ଗଠନ ସମ୍ପାଦିକା ଗଜଲକ୍ଷ୍ମୀ ରାୟ, ଦି ବେଲ୍ କର୍ମକର୍ତ୍ତା ସୁକାନ୍ତ ପଣ୍ଡା, ରାଜକିଶୋର ପାତ୍ର, ବ୍ରଜକିଶୋର ସାହୁ, ସତ୍ୟ ନାରାୟଣ ସାହୁ, ଦେବରାଜ ଦାସ, ଟିଙ୍କିନା ପ୍ରଧାନ, ବନିତା ଦୀକ୍ଷିତ ଏବଂ ବନିତା ଲେଙ୍କା ପ୍ରମୁଖ ପରିଚାଳନା କରିଥିଲେ।

## ସଂକ୍ଷେପରେ

### ବାରଙ୍ଗରୁ ଚୋରି ଟ୍ରାକ୍ଟର ନୟାଗଡ଼ରୁ ଜବତ, ୨ ଗିରଫ

**ବାରଙ୍ଗ, ୧।୩(ଡି.ଏନ୍.ଏ.):** ବାରଙ୍ଗସ୍ଥିତ ଆନନ୍ଦ ବଜାରରୁ ଚୋରି ହୋଇଥିବା ଟ୍ରାକ୍ଟରକୁ ୩ଦିନ ପରେ ନୟାଗଡ଼ରୁ ଜବତ କରିଛି ବାରଙ୍ଗ ଥାନା ପୋଲିସ। ଏହି ଘଟଣାରେ ସମ୍ପୃକ୍ତ ୨ଜଣଙ୍କୁ ପୋଲିସ ଗିରଫ କରି ବୁଧବାର କୋର୍ଟଚାଲଣ କରିଛି। ସେମାନେ ହେଲେ, ନୟାଗଡ଼ ବୋଡାପଡ଼ା ଗାଁର ପ୍ରଭାତ ଷଣ୍ଢ ଓ ପୁରୁଣା ଘଡୁଆଳ ଗାଁର ଜିତେନ୍ଦ୍ର ଭଟ। ପ୍ରକାଶ ଯେ, ବାରଙ୍ଗ ଥାନା ଅଧୀନ ଶ୍ରୀବନ୍ତପୁର ଗାଁର ସତ୍ୟବ୍ରତ ବଡ଼ଜେନା ଆନନ୍ଦ ବଜାରରେ ଗୃହ ନିର୍ମାଣ ନିମନ୍ତେ ଏକ ଦୋକାନ କରି ବାଲି ଗୋଡି ଆଦି ଯୋଗାଣ କରୁଛନ୍ତି। ତାଙ୍କର ଓଆର୍ ୦୫-ଏଏମ-୪୮୭୩ ନମ୍ବର ଟ୍ରାକ୍ଟରଟି ଏହି କାମରେ ନିୟୋଜିତ କରିବା ସହ ରାତିରେ ଦୋକାନ ଆଗରେ ରଖୁଥିଲେ। ଗତ ୨୫ତାରିଖ ବିଳମ୍ବିତ ରାତିରେ ରଖାଯାଇଥିବା ଟ୍ରାକ୍ଟରକୁ ୨ଜଣ ନେଇଯାଇଥିବାର ୨୬ତାରିଖ ସକାଳେ ଦୋକାନରେ ଲାଗିଥିବା ସିସିକ୍ୟାମେରାରେ ଦେଖିବାକୁ ମିଳିଥିଲା। ଏ ସମ୍ପର୍କରେ ସତ୍ୟବ୍ରତ ଓ ଟ୍ରାକ୍ଟର ଚାଳକ ଟୁଲୁ ସାଏ ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୋଲିସ ନଂ.୬୮/୨୩ରେ ଏକ ମାମଲା ରୁଜୁକରି ତଦନ୍ତ ଆରମ୍ଭ କରିଥିଲା। ଏହି ସମୟ ଭିତରେ ଟ୍ରାକ୍ଟରର ଚାଳକ ଟୁଲୁଙ୍କୁ ନୟାଗଡ଼ର ତାଙ୍କର ଜଣେ ଟ୍ରାକ୍ଟର ଚଳାଉଥିବା ସାଙ୍ଗ ଚୋରି ହୋଇଥିବା ଟ୍ରାକ୍ଟର ଡାଲାକୁ ୬୦ହଜାର ଟଙ୍କା ରେଟକରି ୧୦ହଜାର ଟଙ୍କା ଅଗ୍ରୀମ ଦେଇ କିଣିଥିଲା। ଟ୍ରାକ୍ଟର ନମ୍ବରରୁ ଜାଣି ଟ୍ରାକ୍ଟର ବିକ୍ରି କଥା ନେଇ ଟୁଲୁଙ୍କୁ ପଚାରିଥିଲେ। ତେବେ ଟ୍ରାକ୍ଟର ବିକ୍ରି ନୁହେଁ ଚୋରି ହୋଇଥିବା କଥା ଜାଣିବା ପରେ ଉକ୍ତ ଲୋକଙ୍କୁ ଧରାଇଦେବାକୁ ଟୁଲୁଙ୍କ ସାଙ୍ଗ ପ୍ରତିଶ୍ରୁତି ଦେଇଥିଲେ। ଏ ବିଷୟରେ ଟୁଲୁ ମାଲିକ ସତ୍ୟବ୍ରତ ଓ ପୋଲିସକୁ ଜଣାଇବା ପରେ ନୟାଗଡ଼ର ଏକ କବାଡ଼ିଆକୁ ଟ୍ରାକ୍ଟର ଇଞ୍ଜିନ ବିକ୍ରି କରୁଥିବାବେଳେ ମଙ୍ଗଳବାର ରାତିରେ ପୋଲିସ ହାତରେ ପ୍ରଭାତ ଓ ଜିତେନ୍ଦ୍ର ଧରାପଡିଥିଲେ। ଘଟଣାସ୍ଥଳରୁ ପୋଲିସ ୨ଜଣଙ୍କୁ ଗିରଫ କରିବାସହ ଚୋରି ଟ୍ରାକ୍ଟରକୁ ଜବତ କରିଛି।

### ୪ ସ୍ଥାନରେ ବିଏମ୍‌ସିର ଖୋଲିଲା ଜଳସେବା ଶିବିର

**ଭୁବନେଶ୍ୱର, ୩।୧(ବ୍ୟୁରୋ):** ଭୁବନେଶ୍ୱରରେ ଦିନକୁ ଦିନ ତାପମାତ୍ରା ବଢୁଥିବାରୁ ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ପକ୍ଷରୁ ପ୍ରଶମନ ଜନିତ ପ୍ରସ୍ତୁତି ଆରମ୍ଭ ହୋଇଛି। ଜଳସେବା ଶିବିର ଖୋଲିବା ପାଇଁ ଆଗ୍ରହୀ ସମାଜିକ ସଂଗଠନଗୁଡିକୁ ଅନୁମତି ଦିଆଯାଇଛି। ଏହାସହ ବୁଧବାର ମେୟର ସୁଲୋଚନା ଦାସ ୪ଟି ସ୍ଥାନରେ ଜଳସେବା ଶିବିରର ଉଦ୍‌ଘାଟନ କରିଛନ୍ତି। ଡେପୁଟି ମେୟର ମଞ୍ଜୁଲତା କହଁର, ସ୍ଥାନୀୟ କର୍ପୋରେଟର ଏବଂ ସମ୍ପୃକ୍ତ ସଂସ୍ଥାଗୁଡ଼ିକର ପ୍ରତିନିଧିଙ୍କ ଉପସ୍ଥିତରେ ଏହି ଶିବିରମାନ ଖୋଲାଯାଇଛି। ଚନ୍ଦ୍ରଶେଖରପୁରର ବିଡିଏ କଲୋନୀ, ମଣ୍ଡପ ବସ୍ତି ମୁଖ୍ୟରାସ୍ତା, କେୟାର ହସ୍ପିଟାଲ ନିକଟରେ ଏବଂ ବାଣୀବିହାର ପେଟ୍ରୋଲ୍ ପମ୍ପ ନିକଟରେ ଏହି ଶିବିରଗୁଡ଼ିକ ଖୋଲିଛି। ଭଲ୍ୟୁଣ୍ଟରସ୍ ଫର୍ ସୋସିଆଲ୍ ୱାର୍କର୍ସ ଆଣ୍ଡ ଲାୟଜନିଙ୍ଗ, ମଣ୍ଡପ ବସ୍ତି ଉନ୍ନୟନ ପରିଷଦ, ସୁରକ୍ଷା ଏବଂ ଭୁବନେଶ୍ୱର ଅଟୋ ମହାସଂଘ ସହଯୋଗରେ ଏହି ଜଳସେବା ପ୍ରଦାନ କରାଯିବ। ଗତବର୍ଷ ବିଏମ୍‌ସି ଅଞ୍ଚଳରେ ୧୩୬ଟି ଜଳସେବା ଶିବିର ଖୋଲିଥିବାବେଳେ ଚଳିତବର୍ଷ ଅପେକ୍ଷାକୃତ ଅଧିକ ସଂଖ୍ୟକ ଶିବିର ଖୋଲାଯିବ ବୋଲି ମେୟର ଦାସ କହିଛନ୍ତି। ଏହାସହ ଅଧିକ ସଂଖ୍ୟକ ୱାଟର ଏଟିଏମ୍ ପ୍ରସ୍ତୁତ ରଖିବାକୁ ପିଏଚ୍‌ଡି ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ସବୁ ୱାର୍ଡର ନଳକୁ ମରାମତି ସହ ଜରୁରୀ ସହାୟତା କେନ୍ଦ୍ର, ୟୁଏଚ୍‌ସିକୁ ସଜାଗ ରଖିବାକୁ କୁହାଯାଇଥିବା ଡେପୁଟି କମିଶନର (ଜରୁରୀ ସେବା) ରମେଶ ଚନ୍ଦ୍ର ଜେନା କହିଛନ୍ତି।

### ବିଶ୍ୱଶାନ୍ତି ମହାଯଜ୍ଞ

**ପୁରୁଣା ଭୁବନେଶ୍ୱର, ୧।୩(ଡି.ଏନ୍.ଏ.):** ଲକ୍ଷ୍ମୀନାରାୟଣପୁର-ଦୀନଉଦ୍ଧାରଣ ସ୍ଥିତ ସ୍ୱପ୍ନେଶ୍ୱର ମହାଦେବଙ୍କ ପୀଠରେ ୩୪ ତମ ବିଶ୍ୱଶାନ୍ତି ମହାଯଜ୍ଞ ଆରମ୍ଭ ହୋଇଯାଇଛି। ଅଙ୍କୁରାରୋପଣ, କଳସଯାତ୍ରା, ଚଣ୍ଡି ଆହୁତି ପରେ ଗୁରୁବାର ପୂର୍ଣ୍ଣାହୁତି ହେବ। ସାରଦା ବଲ୍ଲଭ ରଥ ପୌରୋହିତ୍ୟ କରିଥିବା ବେଳେ ବୈକୁଣ୍ଠ ନାଥ ରଥ ଓ ପ୍ରଭାସିନୀ ରଥ କର୍ତ୍ତାକର୍ତ୍ତ୍ରୀ ଭାବେ ଦାୟିତ୍ୱ ତୁଲାଇଥିଲେ। ଆୟୋଜକ ସ୍ୱପ୍ନେଶ୍ୱର ଦେବ ଧର୍ମକ୍ରିୟାନୁଷ୍ଠାନ କମିଟିର ସୁଭାଶିଷ ରଥ, ପ୍ରଶାନ୍ତ ଜେନା, ହେମନ୍ତ କୁମାର ବାରିକ, ପ୍ରଭାତ ଜେନା, ଅଜୟ ପଟ୍ଟଯୋଶୀ, ତ୍ରିନାଥ ଜେନା, ଅନନ୍ତ ପରିଡ଼ା, ଅଞ୍ଜନ ରଥ ପ୍ରମୁଖ ସାମିଲ ଥିଲେ।

# ଗୃହ ମୁଲତବୀ, ଆନ୍ଦୋଳନ ଜାରି

**ଭୁବନେଶ୍ୱର, ୧।୩(ବ୍ୟୁରୋ)**



ଆନ୍ଦୋଳନସ୍ଥଳରେ କୃଷକ ସାଥୀ ସଦସ୍ୟଙ୍କ ସହ ବିଧାୟକ ମହମ୍ମଦ ମୋକିମ ଆଲୋଚନା କରୁଛନ୍ତି।

ଆସନ୍ତା ୧୦ ତାରିଖ ପର୍ଯ୍ୟନ୍ତ ବିଧାନସଭା ଗୃହ ମୁଲତବୀ ରହିଥିବା ବେଳେ ଲୋୟର ପିଏମ୍‌ଜିରେ ବିଭିନ୍ନ ସଙ୍ଗଠନ ନିଜ ଦାବି ନେଇ ଧାରଣା ବିକ୍ଷୋଭ ଜାରିରଖିଛନ୍ତି। ବୁଧବାର ଅଲ୍ ଓଡ଼ିଶା ବ୍ୟାଙ୍କ ମିତ୍ର ଆସୋସିଏଶନ ଏବଂ ଓଡ଼ିଶା କଳା ଓ କ୍ରୀଡ଼ା ଶିକ୍ଷକ ମହାସଂଘ, ଓଡ଼ିଶା କୃଷକ ସାଥୀ ସଂଘ ଆଦି ସଂଗଠନ, ନିଖିଳ ଓଡ଼ିଶା ୬୬୨ ବେସରକାରୀ ଅଧ୍ୟାପକ କର୍ମଚାରୀ ସଂଘ ପକ୍ଷରୁ ବିକ୍ଷୋଭ କରାଯାଇଥିଲା। ସିଆଇଟିୟୁ ନେତୃତ୍ୱରେ ଶତାଧିକ ସଂଖ୍ୟାରେ ବ୍ୟାଙ୍କ ମିତ୍ରମାନେ ଧାରଣାରେ ସାମିଲ ହୋଇ ସ୍ଥାୟୀ ନିଯୁକ୍ତି, ମାସିକ ୨୬ ହଜାର ଟଙ୍କା ବେତନ, ବ୍ୟାଙ୍କ ଆକାଉଣ୍ଟ ଜରିଆରେ ଦରମା ପ୍ରଦାନ, ୬ମାସ ମାତୃତ୍ୱକାଳୀନ ଛୁଟି, ମାସିକ ଗସ୍ତ ଖର୍ଚ୍ଚ ୨ହଜାର ଟଙ୍କା, ମୋବାଇଲ ରିଚାର୍ଜ ପାଇଁ ୫୦୦ଟଙ୍କା ପ୍ରଦାନ କରିବା ପାଇଁ ଅଡ଼ି ବସିଛନ୍ତି। ରାଜ୍ୟ ସରକାର ମହିଳା କର୍ମଚାରୀଙ୍କ ବେତନକୁ ୭୫ ପ୍ରତିଶତ ହ୍ରାସ କରିବା ନିନ୍ଦନୀୟ ବୋଲି ସଙ୍ଗଠନର ରାଜ୍ୟ ଉପସଭାପତି ମମତା ଜେନା, ପୁଷ୍ପା ଜେନା ଓ ସମ୍ପାଦିକା ପ୍ରଜ୍ଞା ପାରମିତା କହିଛନ୍ତି। ସେହିପରି ଗଣଶିକ୍ଷା ବିଭାଗ ଅଧୀନ ସର୍ବଶିକ୍ଷା ଅଭିଯାନ ଯୋଜନାରେ ଉଚ୍ଚ ପ୍ରାଥମିକ ବିଦ୍ୟାଳୟଗୁଡ଼ିକରେ ନିଯୁକ୍ତି ପାଇଥିବା ସମସ୍ତ ଚୁକ୍ତିଭିତ୍ତିକ କଳା ଓ କ୍ରୀଡ଼ା ଶିକ୍ଷକଙ୍କୁ ସ୍ଥାୟୀ ନିଯୁକ୍ତି ଆଦି ଓଡ଼ିଶା କଳା ଓ କ୍ରୀଡ଼ା ଶିକ୍ଷକ ମହାସଂଘ ପକ୍ଷରୁ ଦାବି କରାଯାଇଛି। ୫୪୫୨ ଟଙ୍କା ମାସିକ ବେତନରେ ୫ ହଜାର ପ୍ରଶିକ୍ଷକ କାର୍ଯ୍ୟ କରୁଛନ୍ତି। ଚାକିରି ନିୟମିତ କରାଯିବା ସହ ବର୍ଦ୍ଧିତ ହାରରେ ଦରମା ପ୍ରଦାନ ଦାବି ଓ ସର୍ବଶିକ୍ଷା ଅଭିଯାନରେ ଅନୁମୋଦନପ୍ରାପ୍ତ ୮୮୬୬ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ କଳା ଓ କ୍ରୀଡ଼ା ପ୍ରଶିକ୍ଷକଙ୍କୁ ସ୍ଥାୟୀ ନିଯୁକ୍ତି ପ୍ରଦାନ ଆଦି ରହିଥିବା ଆବାହକ ଚନ୍ଦ୍ରଶେଖର ପାଢ଼ୀ, ଦେବୁ ପଟ୍ଟନାୟକ ଓ ଜୀବନଜଗନ ନାୟକ ପ୍ରକାଶ କରିଛନ୍ତି। ଅନ୍ୟପଟେ କୃଷି ଓ କୃଷକଙ୍କ ବିକାଶ ପାଇଁ ୭ ଦଫା ନେଇ ଓଡ଼ିଶା କୃଷକ ସାଥୀ ସଂଘ ଆନ୍ଦୋଳନ ଜାରି ରହିଛି। ଆସନ୍ତା ୧୨ ତାରିଖ ପର୍ଯ୍ୟନ୍ତ ଆନ୍ଦୋଳନରେ ରାଜ୍ୟରୁ ଏହି ଆନ୍ଦୋଳନରେ କୃଷକ ସାଥୀ ସାମିଲ ହେବେ। ବିଧାୟକ ମହମ୍ମଦ ମୋକିମ୍ ବୁଧବାର ଆନ୍ଦୋଳନକାରୀଙ୍କୁ ଭେଟି ଦାବିପତ୍ର ଗ୍ରହଣ କରିଛନ୍ତି। ଆଗାମୀ ଦିନରେ ଦାବି ପୂରଣ ନ ହେଲେ ସଂଘ ଚରମ ନିଷ୍ପତ୍ତି ନେବ ବୋଲି ସଭାପତି ଅମୂଲ୍ୟ କର ଚେତାବନୀ ଦେଇଛନ୍ତି। ସେହିପରି କାର୍ଯ୍ୟରତ କୃଷକ ସାଥୀଙ୍କ ମୃତ୍ୟୁ ପରେ ଅଗ୍ରାଧିକାର ଭିତ୍ତିରେ ପରିବାର ସଦସ୍ୟଙ୍କୁ ନିଯୁକ୍ତି, କୃଷି ଭିତ୍ତିକ ଉନ୍ନୟନ କାର୍ଯ୍ୟରେ ଏନ୍‌ଜିଓ ପରିବର୍ତ୍ତେ କୃଷକ ସାଥୀମାନଙ୍କୁ ନିୟୋଜିତ କରିବା ଦାବି ରହିଛି। ୪ ଦଫା ନେଇ ନିଖିଳ ଓଡ଼ିଶା ୬୬୨ ବେସରକାରୀ ଅଧ୍ୟାପକ କର୍ମଚାରୀ ସଂଘ ଫେବୃୟାରୀ ୧୩ରୁ ଆନ୍ଦୋଳକୁ ଓହ୍ଲାଇଥିବାବେଳେ ୨୭ ତାରିଖ ଦିନ ପରୀକ୍ଷା ବର୍ଜନ ନିଷ୍ପତ୍ତି ନେଇଥିଲା। ତେବେ ପରେ ଏହି ନିଷ୍ପତ୍ତିରେ ପରିବର୍ତ୍ତନ କରି ସଂଘର ସଦସ୍ୟମାନେ କର୍ମରେ ଯୋଗଦେଇଛନ୍ତି। ତେବେ ଦାବିପୂରଣ ପାଇଁ ଗାନ୍ଧୀମାର୍ଗରେ ଶାନ୍ତିପୂର୍ଣ୍ଣ ଧାରଣା ଜାରି ରହିବ ବୋଲି ସଂଘ ସଭାପତି ଗୋଲକ ମହାପାତ୍ର ସୂଚନା ଦେଇଛନ୍ତି।

## ଆଲୋଚନାଚକ୍ର, କବିତା ପାଠୋତ୍ସବ

**ବାଲିଅନ୍ତା, ୧।୩(ଡି.ଏନ୍.ଏ.)**

ନହରକଣ୍ଟାସ୍ଥିତ ଶ୍ରୀଜୟଦେବ କଲେଜର ଓଡ଼ିଆ ବିଭାଗ ପକ୍ଷରୁ ମଙ୍ଗଳବାର ଏକ ଆଲୋଚନାଚକ୍ର ଓ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ପ୍ରଫେସର ନାରାୟଣ ସାହୁ ଯୋଗଦେଇ ସାରଳା ମହାଭାରତର ସାମାଜିକ ଓ ସାଂସ୍କୃତିକ ଦିଗ, ରଙ୍ଗମଞ୍ଚ ଓ ଓଡ଼ିଆ ନାଟକର କ୍ରମବିକାଶ ଧାରାରେ କୋକୁଆ ଓ ଭୂଖା ନାଟକର ଭାବାଦର୍ଶ ଉପରେ ଆଲୋକପାତ କରିଥିଲେ। ମୁଖ୍ୟ ଅତିଥି ରୂପେ କଲେଜ ଅଧ୍ୟକ୍ଷ ଡ. ପ୍ରଭୁଚରଣ ଗୋଛାୟତ, ସମ୍ମାନିତ ଅତିଥି ଭାବେ ଉପାଧ୍ୟକ୍ଷ ସନ୍ତୋଷ ସେଠୀ ଉପସ୍ଥିତ ଥିଲେ। ଝରଣା ସାହୁଙ୍କ ସଭାପତିତ୍ୱରେ ଆୟୋଜିତ ଏହି ଆଲୋଚନାଚକ୍ରରେ ଡ. ତ୍ରିଲୋଚନ ପ୍ରଧାନ ସ୍ୱାଗତ ଭାଷଣ ଓ ସଂଘମିତ୍ରା ମହାପାତ୍ର ଅତିଥି ପରିଚୟ ପ୍ରଦାନ କରିଥିଲେ। ଅଧ୍ୟାପିକା ସୋନାଲି ସାହୁ ଧନ୍ୟବାଦ ଦେଇଥିଲେ।

# ବିଧାନସଭା ପରିଦର୍ଶନ କଲେ ଓଡ଼ିଶା ପ୍ରଶାସନିକ ସେବା ଶିକ୍ଷାନବିସ




ବିଧାନସଭା ପରିଦର୍ଶନରେ ଆସିଥିବା ଓଡ଼ିଶା ପ୍ରଶାସନିକ ସେବାର ୩୧ ଜଣିଆ ଶିକ୍ଷାନବିସଙ୍କ ସହ ବାଚସ୍ପତି ବିକ୍ରମ କେଶରୀ ଆରୁଖ ଓ ଅନ୍ୟମାନେ।

**ଭୁବନେଶ୍ୱର, ୧।୩(ବ୍ୟୁରୋ)**

ଓଡ଼ିଶା ପ୍ରଶାସନିକ ସେବାର ୩୧ ଜଣିଆ ଶିକ୍ଷାନବିସ ବୁଧବାର ଓଡ଼ିଶା ବିଧାନସଭା ପରିଦର୍ଶନ କରିଛନ୍ତି। ଏହି ଅବସରରେ ସେମାନେ ବିଧାନସଭାର ଗୃହକାର୍ଯ୍ୟ ଏବଂ ଅନ୍ୟାନ୍ୟ ସରକାରୀ କାର୍ଯ୍ୟ ସମ୍ବନ୍ଧରେ ଅବଗତ ହୋଇଛନ୍ତି। ଗୋପବନ୍ଧୁ ପ୍ରଶାସନିକ ତାଲିମ ପ୍ରତିଷ୍ଠାନ ଦ୍ୱାରା ଆୟୋଜିତ ଏହି କାର୍ଯ୍ୟକ୍ରମରେ ଶିକ୍ଷାନବିସମାନେ ବାଚସ୍ପତି ବିକ୍ରମ କେଶରୀ ଆରୁଖ, ଉପବାଚସ୍ପତି ରଜନୀକାନ୍ତ ସିଂଙ୍କୁ ସୌଜନ୍ୟମୂଳକ ସାକ୍ଷାତ୍ କରିଥିଲେ। ଶିକ୍ଷା ନବିସମାନେ ସଫଳତାର ସହ ତାଲିମ ଗ୍ରହଣ କରି ରାଜ୍ୟର ବିକାଶ ପାଇଁ ନିଷ୍ଠାପର ଭାବେ କାର୍ଯ୍ୟ କରିବାକୁ ବାଚସ୍ପତି ପରାମର୍ଶ ଦେଇଥିଲେ। ଅର୍ଥ, ସଂସଦୀୟ ବ୍ୟାପାର, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ନିରଞ୍ଜନ ପୂଜାରୀ, ସରକାରୀ ଦଳ ମୁଖ୍ୟ ସଚେତକ ପ୍ରଶାନ୍ତ କୁମାର ମୁଦୁଲି, ବିଧାନସଭା ସଚିବ ଦାଶରଥୀ ଶତପଥୀ ପ୍ରମୁଖ ଉପସ୍ଥିତ ରହି ଶିକ୍ଷାନବିସମାନେ ରାଜ୍ୟର ଉନ୍ନତି ପାଇଁ ପ୍ରତିବଦ୍ଧତାର ସହ କାର୍ଯ୍ୟ କରିବାକୁ ପରାମର୍ଶ ଦେଇଥିଲେ।

## ‘ଉନ୍ନତ ପ୍ରଣାଳୀ ଚାଷ ଦ୍ୱାରା କୃଷକଙ୍କ ବିକାଶ ସମ୍ଭବ’

**ବାଲିପାଟଣା, ୧।୩(ଡି.ଏନ୍.ଏ.)**

ଉନ୍ନତ ପ୍ରଣାଳୀ ଚାଷ ଦ୍ୱାରା କୃଷକଙ୍କ ବିକାଶ ହୋଇପାରିବ। ସରକାରୀ ବ୍ୟବସ୍ଥାରେ ଚାଷୀଙ୍କ କ୍ଷତି ଭରଣା ପାଇଁ ସମସ୍ତ ବ୍ୟବସ୍ଥା ରହିଛି। ବୁଧବାର ବସନ୍ତମାଳଠାରେ ସମ୍ମିଳିତ ଫାର୍ମର ପ୍ରୋଡୁସର କମ୍ପାନୀ ଲିଃ. ଓ ଉଦ୍ୟାନ କୃଷି ବିଭାଗ ମିଳିତ ଆନୁକୂଲ୍ୟରେ ଆୟୋଜିତ ସିଞ୍ଚନ ପ୍ରଣାଳୀ ସରଞ୍ଜାମ ବଣ୍ଟନ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଯୋଗଦେଇ ବିଭାଗୀୟ ନିର୍ଦ୍ଦେଶକ ରୋହିତ କୁମାର୍ ଲେଙ୍କା ଏହା କହିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ବାଲିପାଟଣା ପଞ୍ଚାୟତ ସମିତି ଅଧ୍ୟକ୍ଷା ହରପ୍ରିୟା ଦାସ, ଜିଲା ପରିଷଦ ସଭ୍ୟ ପବିତ୍ର ପଟେଲ, ସୁକନ୍ୟା ସେଠୀ, ଉଦ୍ୟାନ ବିଭାଗ ଅତିରିକ୍ତ ନିର୍ଦ୍ଦେଶକ ଦେବାଶିଷ ମିଶ୍ର, କୃଷି ବିଜ୍ଞାନ କେନ୍ଦ୍ରର ଡ.ଅଜୟ ଦାସ, ଆଗ୍ରୋ କେନ୍ଦ୍ରର ବିଜୟ ପାଲ, ବ୍ଲକ ଉଦ୍ୟାନ ଅଧିକାରୀ ସୌମ୍ୟାଶ୍ରୀ ମହାରଣା ପ୍ରମୁଖ ଯୋଗଦେଇ ବକ୍ତବ୍ୟ ରଖିଥିଲେ। କିଶୋର ଜେନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ କୈଳାସ ପାତ୍ର ଓ ସୁଦର୍ଶନ ବେହେରାଙ୍କ ସମେତ ଶତାଧିକ ଚାଷୀ ଉପସ୍ଥିତଥିଲେ।

## ‘ଶିକ୍ଷା, ନିଯୁକ୍ତିକୁ ଗୁରୁତ୍ୱ ଦେଉଥିବା ବଜେଟ ସମାଜର ବିକାଶ ଘଟାଇଥାଏ’

**ଭୁବନେଶ୍ୱର, ୧।୩ (ବ୍ୟୁରୋ)**

ଶିକ୍ଷା, ନିଯୁକ୍ତି ଓ ସଶକ୍ତୀକରଣ ଉପରେ ଗୁରୁତ୍ୱ ଦେଉଥିବା ବଜେଟ ସମାଜର ବିକାଶ ସାଧନରେ ସହାୟକ ହୋଇଥାଏ। କୋଭିଡ୍ ସମୟରେ ଓଡ଼ିଶାର ଅର୍ଥନୀତି ଗୁରୁତର ଭାବେ ପ୍ରଭାବିତ ହୋଇଥିଲେ ସୁଦ୍ଧା ବର୍ତ୍ତମାନ ତାର ପୁନରୁତ୍ଥାନ ଘଟିଛି। ତେବେ ଭିତ୍ତିଭୂମିର ବିକାଶ ଘଟାଇବା ଲାଗି ରାଜ୍ୟ ସରକାର ଅଧିକ ପୁଞ୍ଜି ବିନିଯୋଗ କରି ଏବେ ଦୀର୍ଘ ମିଆଦି ଅଭିବୃଦ୍ଧି ପାଇଁ ଲକ୍ଷ୍ୟ ରଖିଛନ୍ତି ବୋଲି ଅର୍ଥନୀତିଜ୍ଞମାନେ ମତବ୍ୟକ୍ତ କରିଛନ୍ତି। ସାମାଜିକ ଓ ଅର୍ଥନୈତିକ ଗବେଷଣା ପ୍ରତିଷ୍ଠାନ ପକ୍ଷରୁ ସ୍ଥାନୀୟ ବୁଦ୍ଧମନ୍ଦିର ପ୍ରେକ୍ଷାଳୟରେ ‘ରାଜ୍ୟ ବଜେଟ-୨୦୨୩: ସାମାଜିକ ଅର୍ଥନୈତିକ ପ୍ରଭାବ’ ଶୀର୍ଷକ ଏକ ବକ୍ତୃତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ମୁଖ୍ୟବକ୍ତା ଭାବେ ନବକୃଷ୍ଣ ଚୌଧୁରୀ ସେଣ୍ଟର ଫର୍ ଡେଭଲପ୍‌ମେଣ୍ଟ ଷ୍ଟଡିଜ୍ ପ୍ରତିଷ୍ଠାନର ପୂର୍ବତନ ନିର୍ଦ୍ଦେଶକ ପ୍ରଫେସର ଡ. ରାଜ କିଶୋର ପଣ୍ଡା ଓ ସମ୍ମାନିତ ଅତିଥି ରୂପେ ଅବସରପ୍ରାପ୍ତ ପ୍ରଶାସକ ସୁରେଶ ଚନ୍ଦ୍ର ମନ୍ତ୍ରୀ ଯୋଗ ଦେଇଥିଲେ। ମୁଖ୍ୟବକ୍ତା ପ୍ରଫେସର ପଣ୍ଡା କହିଲେ, ପଞ୍ଚଦଶ ଅର୍ଥ କମିଶନଙ୍କ ସୁପାରିସ ମୁତାବକ ରାଜ୍ୟ ସରକାର ବିତ୍ତୀୟ ପରିଚାଳନା କରିଛନ୍ତି ଓ ଭିତ୍ତିଭୂମିର ବିକାଶ ସହ ଅଧିକ ପୁଞ୍ଜି ବିନିଯୋଗ କରି ଓଡ଼ିଶାକୁ ଏ ସମୃଦ୍ଧ ରାଜ୍ୟରେ ପରିଣତ କରିବାର ଲକ୍ଷ୍ୟ ରଖିଛନ୍ତି। ସୁରେଶ ଚନ୍ଦ୍ର କହିଲେ, ଓଡିଶା ଭଳି କୃଷିପ୍ରଧାନ ରାଜ୍ୟରେ ଜଳସେଚନ ଉପରେ ଅଧିକ ଗୁରୁତ୍ୱ ଦିଆଯିବା ଆବଶ୍ୟକ। ରାଜ୍ୟ ଅର୍ଥ କମିଶନ୍‌ର ପୂର୍ବତନ ଅଧ୍ୟକ୍ଷ ତଥା ଅବସରପ୍ରାପ୍ତ ପ୍ରଶାସକ ଡ. ରବି ନାରାୟଣ ସେନାପତି ଏଥିରେ ଅଧ୍ୟକ୍ଷତା କରି କହିଲେ, ଲୋକଙ୍କୁ ସଶକ୍ତ ବା କ୍ଷମତାପନ୍ନ କରିବା ଦ୍ୱାରା ଏକ ସୁସ୍ଥ ତଥା ସନ୍ତୁଳିତ ସମାଜ ଗଠିତ ହୋଇପାରିବ। ଏଥି ନିମନ୍ତେ ଉଭୟ ସରକାରୀ ଏବଂ ବେସରକାରୀ କ୍ଷେତ୍ରଗୁଡିକର ଅବଦାନ ରହିବା ଜରୁରୀ। ପ୍ରତିଷ୍ଠାନର ସମ୍ପାଦିକା ତଥା ଅବସରପ୍ରାପ୍ତ ପ୍ରଫେସର ଅନିତା ଦାଶ ସ୍ୱାଗତ ଭାଷଣରେ ବଜେଟର ସାମାଜିକ ଦିଗ ଓ ଜନଜୀବନରେ ତାହାର ପ୍ରଭାବ ସମ୍ପର୍କରେ କହିଥିଲେ। କୋଷାଧ୍ୟକ୍ଷ ଅଜୟ କୁମାର ମହାନ୍ତି ଧନ୍ୟବାଦ ଦେଇଥିଲେ।

# ୩ଦିନିଆ ଓଡ଼ିଶା ଗସ୍ତରେ କେରଳର ପୌର ପ୍ରତିନିଧି

**ଭୁବନେଶ୍ୱର, ୧।୩(ବ୍ୟୁରୋ)**

**ବିଭିନ୍ନ ଉନ୍ନୟନ କାର୍ଯ୍ୟ ଦେଖିବା ସହ ତାଲିମ ନେବେ**

କେରଳର କୋଝିକୋଡ ଏବଂ ପାଲକାଡ ପୌରାଞ୍ଚଳର ୨୧ଜଣ ପ୍ରତିନିଧୀ ଏବଂ ବିଭାଗୀୟ ଅଧିକାରୀ ବୁଧବାରଠାରୁ ୩ଦିନିଆ ଓଡ଼ିଶା ଗସ୍ତରେ ଆସିଛନ୍ତି। ଭାରତ ସରକାରଙ୍କ ଗୃହ ଓ ନଗର ବ୍ୟାପାର ମନ୍ତ୍ରଣାଳୟ ଦ୍ୱାରା ପରିଚାଳିତ ପରିବେଶ ଓ ବିକାଶ କେନ୍ଦ୍ର (ସିଇଡି) ଏକ ଜାତୀୟ ତାଲିମ ସଂସ୍ଥା ଭାବେ ଏହି ଗସ୍ତ କାର୍ଯ୍ୟକ୍ରମର ଆୟୋଜିତ କରିଛି। ଅମୃତ ୨.୦ ଅଧୀନରେ ବ୍ୟକ୍ତିଗତ ଦକ୍ଷତା ବିକାଶ କାର୍ଯ୍ୟକ୍ରମର ଅଂଶ ଭାବେ ଫେବୃୟାରୀ ୨୮ରୁ ମାର୍ଚ୍ଚ ୨ତାରିଖ ପର୍ଯ୍ୟନ୍ତ କେରଳର ନିର୍ବାଚିତ ପୌର ପ୍ରତିନିଧି ଏବଂ କାର୍ଯ୍ୟକର୍ତ୍ତାମାନେ ଭୁବନେଶ୍ୱର, ପୁରୀ ଏବଂ କଟକ ଗସ୍ତରେ ଆସିଛନ୍ତି। ସେମାନେ ଏଠାରେ ସ୍ୱେରେଜ ଏବଂ ସେପ୍ଟେଜ ପରିଚାଳନା, କଠିନ ବର୍ଜ୍ୟବସ୍ତୁ ପରିଚାଳନା, ପାନୀୟ ଜଳଯୋଗାଣ ଭୁବନେଶ୍ୱର, କଟକ ଏବଂ ପୁରୀରେ ସହର ସୌନ୍ଦର୍ଯ୍ୟକରଣ ଏବଂ ଐତିହ୍ୟ ପରିଚାଳନା ଉପରେ ଓଡ଼ିଶା ଦ୍ୱାରା ଗ୍ରହଣ କରାଯାଇଥିବା ସର୍ବୋତ୍ତମ ଅଭ୍ୟାସ ବିଷୟରେ ଜାଣିବାକୁ ଏଠାକୁ ଆସିଛନ୍ତି। ଏହି ଦଳ ବୁଧବାର ଭୁବନେଶ୍ୱରର ସେୱରେଜ ଟ୍ରିଟମେଣ୍ଟ ପ୍ଲାଣ୍ଟ, ସମ୍ପଦ କେନ୍ଦ୍ର (ଏମସିସି, ଏମ୍‌ଆର୍‌ଏଫ୍) ଏବଂ ସ୍ମାର୍ଟ ଜନପଥ ପରିଦର୍ଶନ କରିଥିଲେ ଏବଂ ସେମାନେ ପୁରୀ (ଡ୍ରିଙ୍କ ଫ୍ରମ ଟ୍ୟାପ) ଏବଂ କୋଣାର୍କ ପରିଦର୍ଶନ କରୁଛନ୍ତି। ଗୁରୁବାର କଟକ ପରିଦର୍ଶନ କରିବାକୁ ଦଳ ସ୍ଥିର କରିଛି । ମଙ୍ଗଳବାର ସୁଡା ସମ୍ମିଳନୀ କକ୍ଷରେ ଭୁବନେଶ୍ୱର ମହାନଗର ନିଗମ (ବିଏମସି)ର ମେୟର ସୁଲୋଚନା ଦାସଙ୍କ ସହ ଗସ୍ତରେ ଥିବା ସଦସ୍ୟମାନେ ଆଲୋଚନା କରିଥିଲେ । ସହରୀକରଣର ଆହ୍ୱାନକୁ ଦୂର କରିବା ପାଇଁ ଯୋଜନା ଏବଂ ରଣନୀତି କାର୍ଯ୍ୟକାରୀ କରିବା ପାଇଁ ପୌରସଂସ୍ଥାଗୁଡିକ ସେବା ବିତରଣ ଏବଂ କାର୍ଯ୍ୟ ଯୋଜନା ସ୍ଥିର କରୁଥିବା ସେ କହିଛନ୍ତି । କେରଳ ପ୍ରତିନିଧିଙ୍କୁ ସମ୍ବୋଧିତ କରି ପୌର ନିର୍ଦ୍ଦେଶକ ସଂଗ୍ରାମଜିତ ନାୟକ କହିଛନ୍ତି, ସହରାଞ୍ଚଳର ସଂସ୍ଥାଗୁଡ଼ିକୁ ନେଇ ନିର୍ବାଚିତ ପ୍ରତିନିଧିମାନଙ୍କୁ ତାଲିମ କରିବା ଏବଂ ସେମାନଙ୍କ ମଧ୍ୟରେ ସକାରାତ୍ମକ ପ୍ରେରଣା ସୃଷ୍ଟି କରିବା ଆବଶ୍ୟକ। ଏହି ଅବସରରେ କୋଝିକୋଡ ମେୟର ଡ.ବୀଣା ଫିଲିପ, କେରଳ ପାଲକାଡ ମ୍ୟୁନିସିପାଲିଟିର ଅଧ୍ୟକ୍ଷ ପ୍ରିୟ ଅଜୟାନ, ସିଇଡିର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଏବଂ ବିଏମ୍‌ସିର ଡେପୁଟି ମେୟର ମଞ୍ଜୁଲତା କହଁର ପ୍ରମୁଖ ଉପସ୍ଥିତ ଥିଲେ।

## ପ୍ରାଥମିକ ଶିକ୍ଷକଙ୍କ ପୁଣି ଆନ୍ଦୋଳନ ଚେତାବନୀ

**ଭୁବନେଶ୍ୱର, ୧।୩(ବ୍ୟୁରୋ)**

ପ୍ରାଥମିକ ଶିକ୍ଷା କ୍ଷେତ୍ରରୁ ଚୁକ୍ତିଭିତ୍ତିକ ଶିକ୍ଷକ ନିଯୁକ୍ତି ବାତିଲ କରି ଚୁକ୍ତିରେ ନିଯୁକ୍ତି ପାଇଥିବା କନିଷ୍ଠ ଶିକ୍ଷକଙ୍କୁ ନିୟମିତ କରିବା, ୬ ଓ ୮ ବର୍ଷ କାର୍ଯ୍ୟ କରିଥିବା ଶିକ୍ଷା ସହାୟକଙ୍କ କାର୍ଯ୍ୟକାଳକୁ ମୂଳ ଚାକିରିରେ ଗଣନା ଓ ସମସ୍ତ ପ୍ରାଥମିକ ଶିକ୍ଷକଙ୍କୁ କେନ୍ଦ୍ରୀୟ ହାରରେ ଦରମା ଆଦି ୩ ଦଫା ଦାବି ନେଇ ପୁଣିଥରେ ଆନ୍ଦୋଳନକୁ ଓହ୍ଲାଇବାକୁ ଚେତାବନୀ ଦେଇଛି ମିଳିତ ପ୍ରାଥମିକ ଶିକ୍ଷକ ମହାସଂଘ। ଆସନ୍ତା ୫ ତାରିଖରେ ପ୍ରବାଦପୁରୁଷ ବିଜୁବାବୁଙ୍କ ଜୟନ୍ତୀରେ ମୁଖ୍ୟମନ୍ତ୍ରୀ ଦାବି ପୂରଣ ସମ୍ପର୍କରେ ଘୋଷଣା କରିବାକୁ ମହାସଂଘ ଅନୁରୋଧ କରିଛି। ନଚେତ ମିଳିତ ପ୍ରାଥମିକ ଶିକ୍ଷକ ମହାସଂଘ ବାଧ୍ୟ ହୋଇ ସବୁବର୍ଗର ଶିକ୍ଷକ ଓ ସମସ୍ତ ପ୍ରାଥମିକ ଶିକ୍ଷକ ସଙ୍ଗଠନକୁ ଏକାଠି କରି ଆନ୍ଦୋଳନକୁ ଓହ୍ଲାଇବ ବୋଲି କୁହାଯାଇଛି। ସଂଘ ପକ୍ଷରୁ ବୁଧବାର ଖବରଦାତା ସମ୍ମିଳନୀର ଆୟୋଜନ କରାଯାଇଥିଲା। ମହାସଂଘ ସଭାପତି ମଣ୍ଡଳୀ ସଦସ୍ୟ ରାଜେଶ ମହାନ୍ତି, ସୁଶାନ୍ତ କୁମାର ବେହେରା, ବ୍ରହ୍ମାନନ୍ଦ ମହାରଣା, ସାଧାରଣ ସମ୍ପାଦକ ମଣ୍ଡଳୀ ବିଭୂପ୍ରସାଦ ସାହୁ, ବଙ୍କିମ ଚନ୍ଦ୍ର ସାଗର, ଖଗେନ୍ଦ୍ରନାଥ ପାଲ ପ୍ରମୁଖ ଉପସ୍ଥିତ ରହି ସରକାରଙ୍କ ଟାଳଟୁଳ ନୀତିକୁ ନେଇ କ୍ଷୋଭ ପ୍ରକାଶ କରିବା ସହ ଚେତାବନୀ ଦେଇଛନ୍ତି।

## ପରିଚୟ ଗୃହ ନିର୍ମାଣ ପାଇଁ ହଟିଲା ଜବରଦଖଲ

**ଭୁବନେଶ୍ୱର, ୧।୩(ବ୍ୟୁରୋ)**

ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ(ବିଡିଏ) ପକ୍ଷରୁ ବିଭିନ୍ନ ସ୍ଥାନରୁ ଜବରଦଖଲ ଉଚ୍ଛେଦ କରାଯାଇଛି। ୱାର୍ଡ ନଂ-୪୯ରେ ପରିଚୟ ଗୃହ ନିର୍ମାଣ ହେବାକୁ ଥିବାବେଳେ ଏଥିରେ ଜବର ଦଖଲ ବାଧକ ସାଜିଥିଲା। ଏଣୁ ସମ୍ପୃକ୍ତ ଅଞ୍ଚଳରୁ ବୁଧବାର ବେଆଇନ ଉଚ୍ଛେଦ କରାଯାଇଛି। ସ୍କ୍ୱାଡ୍-୧ ଓ ୨ ଦ୍ୱାରା ପ୍ଲଟ୍ ନଂ-୩୨ର ଆଦର୍ଶ କଲୋନୀରେ ୨ଟି ଆଜବେଷ୍ଟସ୍ ଘର ଏବଂ ୨ଟି ଶୌଚାଳୟକୁ ମାଟିରେ ମିଶାଇ ଦିଆଯାଇଛି। ସେହିପରି ବମିଖାଲ କେନାଲ ରୋଡରେ ମଙ୍ଗଳବାରଠାରୁ ଆରମ୍ଭ ହୋଇଥିବା ଉଚ୍ଛେଦ ପ୍ରକ୍ରିୟାର ଦ୍ୱିତୀୟ ଦିନରେ ଚଣ୍ଡିମାତା କଲୋନି ନିକଟରୁ ଉଚ୍ଛେଦ କରାଯାଇଛି। ସ୍କ୍ୱାଡ୍ ନଂ-୯ ଦ୍ୱାରା ୭ଟି କ୍ୟାବିନ୍, ୨ଟି ଫାଷ୍ଟଫୁଡ୍ ଷ୍ଟଲ, ୬ଟି ଚାଳଘର, ୩ଟି ବେଆଇନ ବର୍ଦ୍ଧିତ ନିର୍ମାଣକୁ ଭାଙ୍ଗି ଦିଆଯାଇଛି।



ଜବରଦଖଲ ଉଚ୍ଛେଦ କରାଯାଉଛି।

# ୯୦ ମୋବାଇଲ୍ ଜବତ, ୨ ଗିରଫ

**କଟକ ଅଫିସ, ୧।୩**

କଟକ-ଭୁବନେଶ୍ୱର ଦ୍ୱୈତନଗରୀରେ ଆନ୍ତଃରାଜ୍ୟ ମୋବାଇଲ ଫୋନ୍ ଲୁଟେରା ମାତିଛନ୍ତି। ସେମାନେ ଝାଡ଼ଖଣ୍ଡରୁ ଆସି ଓଡ଼ିଶାରେ ରହୁଛନ୍ତି। ବିଭିନ୍ନ ମେଳା, ହାଟରେ ଭିଡ଼ର ସୁଯୋଗ ନେଇ ଲୋକଙ୍କଠାରୁ ନାମୀଦାମୀ କମ୍ପାନୀର ମୋବାଇଲ ଲୁଟ୍ କରୁଛନ୍ତି। ପରେ ସେଗୁଡ଼ିକୁ ରାଜ୍ୟ ତଥା ରାଜ୍ୟ ବାହାରେ ବିକ୍ରି କରି ସହଜରେ ମାଲାମାଲ ହେଉଛନ୍ତି। ଏଭଳି ଏକ ଆନ୍ତଃରାଜ୍ୟ ମୋବାଇଲ୍ ଚୋରି ଗ୍ୟାଙ୍ଗର ୨ ସଦସ୍ୟଙ୍କୁ କ୍ୟାଣ୍ଟନମେଣ୍ଟ ପୋଲିସ ଗିରଫ କରି ବୁଧବାର କୋର୍ଟଚାଲାଣ କରିଛି। ସେମାନେ ହେଲେ ଝାଡ଼ଖଣ୍ଡ ସାହେବଗଞ୍ଜ ଜିଲା ରାଜମହଲ ଥାନା ଅନ୍ତର୍ଗତ ବାବୁପୁରର ଶିବ ମାହାତୋ (୨୯) ଓ ସାହେବଗଞ୍ଜ ଜିଲା ରାଧାନଗର ଥାନା ଅଧୀନ ମନ୍ସା ଚଣ୍ଡିର ଅନୀଲ ଚୌହାନ(୨୨)।



ସେମାନଙ୍କଠାରୁ ୯୦ଟି ଚୋରା ମୋବାଇଲ୍ ଫୋନ୍ ଜବତ କରାଯାଇଛି।

ଅଭିଯୁକ୍ତ ଦ୍ୱୟ କଟକ ଓ ଭୁବନେଶ୍ୱରର ବିଭିନ୍ନ ମେଳା, ଦୈନିକ ହାଟ ଓ ସ୍ଥାନୀୟ ବଜାରରୁ ମୋବାଇଲ ଫୋନ ଚୋରି କରୁଥିଲେ। ବିଶେଷକରି ଭିଡ଼ ଅଞ୍ଚଳକୁ ସେମାନେ ଟାର୍ଗେଟ କରୁଥିଲେ। ଚୋରା ମୋବାଇଲଗୁଡ଼ିକ ପଶ୍ଚିମବଙ୍ଗ, ବିହାର ସମେତ ଅନ୍ୟାନ୍ୟ ରାଜ୍ୟରେ ବିକ୍ରି କରୁଥିଲେ। ଏଥିପାଇଁ ସେମାନଙ୍କର ଏକ ର୍‍ୟାକେଟ ମଧ୍ୟ କାର୍ଯ୍ୟ କରୁଛି। ଏସବୁ କାର୍ଯ୍ୟରେ ସେମାନଙ୍କୁ ସହଯୋଗ କରୁଥିବା ଅନ୍ୟ ଦୁଇଜଣ ଭୁବନେଶ୍ୱର ଲକ୍ଷ୍ମୀସାଗର ଥାନା ଅନ୍ତର୍ଗତ ପଣ୍ଡାସାହିରେ ରହୁଥିବା ପୋଲିସ ଜାଣିବାକୁ ପାଇଛି। କ୍ୟାଣ୍ଟନମେଣ୍ଟ ଥାନା ଏଏସ୍‌ଆଇ ଅନୱାର

**ଆନ୍ତଃରାଜ୍ୟ ମୋବାଇଲ ଚୋର ଗ୍ୟାଙ୍ଗ ଠାବ**

ହୁସେନ ଦୁଇ ଅଭିଯୁକ୍ତଙ୍କୁ ଧରି ତଲାସୀ ନେବାରୁ ସେମାନଙ୍କ ପକେଟରୁ ୪ଟି ଦାମୀ ମୋବାଇଲ ଫୋନ୍ ମିଳିଥିଲା। ପଚରାଉଚରା କରିବାରୁ ଏହା ଚୋରା ମୋବାଇଲ ବୋଲି ଜଣାପଡିଥିଲା। ସେମାନଙ୍କୁ ଗିରଫ ପରେ ଅଧିକ ପଚରାଉଚରା କରାଯିବାରୁ ସେମାନେ ବିଭିନ୍ନ ଜାଗାରୁ ବହୁ ଦାମୀ ଫୋନ୍ ଚୋରି କରି ଶସ୍ତାରେ ଲୋକମାନଙ୍କୁ ବିକୁଥିବା ସ୍ୱୀକାର କରିଥିଲେ। ଉଭୟେ ରହୁଥିବା ଭଡ଼ାଘରେ ପୋଲିସ ଚଢ଼ାଉ କରି ଅନ୍ୟ ମୋବାଇଲ ଫୋନଗୁଡିକ ଜବତ କରିଥିଲା। ସେମାନଙ୍କ ଆପରାଧିକ କାର୍ଯ୍ୟକଳାପ ନେଇ ଅଧିକ ଖୋଳତାଡ଼ ଜାରି ରହିଥିବା ଅତିରିକ୍ତ ଡିସିପି ସେକ୍ ସରିଫଉଦ୍ଦିନ ସୂଚନା ଦେଇଛନ୍ତି।

## ଆଜି କ'ଣ କେଉଁଠି

ଭୁବନେଶ୍ୱର
- ସର୍ବଭାରତୀୟ ଇପିଏଫ୍ ଇଣ୍ଡୋର ଏବଂ ଆଥ୍‌ଲେଟିକ୍ ମିଟ୍, କିଟ୍ କ୍ୟାମ୍ପସ୍, ସକାଳ ୮ଟା ୩୦।
- ରାଜ୍ୟସ୍ତରୀୟ ପଲିଟେକ୍‌ନିକ୍ ଏବଂ ଆଇଟିଆଇ ଫେଷ୍ଟ ୨୦୨୨, କଳିଙ୍ଗ ଷ୍ଟାଡିୟମ୍, ପୂର୍ବାହ୍ନ ୧୦ଟା।
- ଓଡ଼ିଶା ରାଜ୍ୟ ମହିଳା ଆୟୋଗର ୩୦ତମ ପ୍ରତିଷ୍ଠା ଦିବସ, ସୂଚନା ଭବନ, ପୂର୍ବାହ୍ନ ୧୦ଟା ୩୦।
- ୭ମ ମେଗା ହ୍ୟାଣ୍ଡଲୁମ୍ ଫେବ୍ ମେଳା, ପ୍ରଦର୍ଶନୀ ପଡ଼ିଆ, ୟୁନିଟ୍-୩, ଅପରାହ୍ନ ୫ଟା।
- ଖଦି ଇଣ୍ଡିଆ ପକ୍ଷରୁ ଖଦି ମହୋତ୍ସବ, ଇଡ୍‌କୋ ପ୍ରଦର୍ଶନୀ ପଡ଼ିଆ, ଅପରାହ୍ନ ୨ଟା।
- ଆରୋହଣର ୩୧ତମ ନିଖିଳ ଉତ୍କଳ ନାଟ୍ୟୋତ୍ସବ, ରବୀନ୍ଦ୍ର ମଣ୍ଡପ, ସନ୍ଧ୍ୟା ୬ଟା ୩୦।

କଟକ
- ଗ୍ୟାସ ମୂଲ୍ୟ ବୃଦ୍ଧି ପ୍ରତିବାଦରେ ବିକ୍ଷୋଭ, ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖ, ପୂର୍ବାହ୍ନ ୧୧ଟା।

## ବିନା ଟିକେଟରେ ରେଳଯାତ୍ରା: ୮୪ ଗିରଫ

**କଟକ ଅଫିସ,୧।୩:** ବେଆଇନ ଭାବେ ରେଳଯାତ୍ରା କରିବା ଅଭିଯୋଗରେ ୮୪ ଜଣଙ୍କୁ ଆରପିଏଫ୍ ବୁଧବାର ଗିରଫ କରିଛି। ସେମାନଙ୍କୁ ସ୍ୱତନ୍ତ୍ର ରେଳବାଇ ମାଜିଷ୍ଟ୍ରେଟଙ୍କ ଅଦାଲତରେ ହାଜର କରାଯାଇ ଜରିମାନା ଆଦାୟ ପରେ ଛାଡ଼ି ଦିଆଯାଇଛି। ସେମାନେ ବିନା ଟିକେଟରେ ସଂରକ୍ଷିତ ବଗିରେ ରେଳଯାତ୍ରା କରିବା, ମହିଳା ଓ ଦିବ୍ୟାଙ୍ଗଙ୍କ ନିମନ୍ତେ ଉଦ୍ଦିଷ୍ଟ କମ୍ପାର୍ଟମେଣ୍ଟରେ ଜବରଦସ୍ତ ଯାତ୍ରା କରିବା, ଫୁଟ୍‌ପ୍ଲେଟ ଉପରେ ଯାତ୍ରା କରିବାରୁ ଆର୍‌ପିଏଫ୍ ପକ୍ଷରୁ ପଦକ୍ଷେପ ନିଆଯାଇଥିବା ସୂଚନା ଦିଆଯାଇଛି।

## ପ୍ରଦୀପ ଅଧ୍ୟକ୍ଷ, ଶାଶ୍ୱତ କୋଷାଧ୍ୟକ୍ଷ

### ଆଇସିଏଆଇ ଭୁବନେଶ୍ୱର ଶାଖାର କର୍ମକର୍ତ୍ତା ଚୟନ

**ଭୁବନେଶ୍ୱର,୧।୩(ବ୍ୟୁରୋ):** ଦି ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଚାର୍ଟାର୍ଡ ଆକାଉଣ୍ଟାଣ୍ଟସ୍ ଅଫ୍ ଇଣ୍ଡିଆ (ଆଇସିଏଆଇ) ଭୁବନେଶ୍ୱର ଶାଖାର ୨୦୨୩-୨୪ ନିମନ୍ତେ ନୂତନ କର୍ମକର୍ତ୍ତା ମନୋନୀତ ହୋଇଛନ୍ତି। ନୂତନ ଅଧ୍ୟକ୍ଷ ଭାବେ ସିଏ ପ୍ରଦୀପ କୁମାର ସାହୁ, ଉପାଧ୍ୟକ୍ଷ ତଥା ଛାତ୍ର ସଂଗଠନ ଅଧ୍ୟକ୍ଷ, ସିଏ ଗଗନ ବିହାରୀ ଦାସ, ସଚିବ ସିଏ ମହେନ୍ଦ୍ର କୁମାର ସାହୁ, କୋଷାଧ୍ୟକ୍ଷ ସିଏ ଶାଶ୍ୱତ ତ୍ରିପାଠୀ, ଏମ୍‌ସି ସଦସ୍ୟ ସିଏ ଜାହ୍ନବୀ ଦେଓ, ସିଏ ଗୌତମ ଲେଙ୍କା ଏବଂ ପୂର୍ବତନ ଚେୟାରମ୍ୟାନ୍ ଓ ଏମସି ସଦସ୍ୟ ସିଏ ରଞ୍ଜନ କୁମାର ପୃଷ୍ଟି ଚୟନ ହୋଇଛନ୍ତି। ନୂତନ ପରିଚାଳନା କମିଟି ସଦସ୍ୟମାନେ ଆଇସିଏଆଇର ସାମଗ୍ରିକ ଉନ୍ନତ ପାଇଁ ସେମାନଙ୍କର କର୍ତ୍ତବ୍ୟ ଏବଂ ଦାୟିତ୍ୱ ତୁଲାଇବା ତଥା ନେସନ ବିଲ୍ଡିଂ ଦିଗରେ ସହଯୋଗ କରିବାରେ ସେମାନଙ୍କର ସର୍ବୋତ୍ତମ ପ୍ରୟାସ ଜାରି ରଖିବେ ବୋଲି ସଂକଳ୍ପ ନେଇଛନ୍ତି।

## ୨ ଆନ୍ତଃରାଜ୍ୟ ଲୁଟେରାଙ୍କ ସମେତ ୩ ଗିରଫ

### ୮ ମୋବାଇଲ ଜବତ

**ଭୁବନେଶ୍ୱର,୧।୩(ବ୍ୟୁରୋ):** ରାଜଧାନୀରେ ବିଭିନ୍ନ ସ୍ଥାନ ଓ ହସ୍ପିଟାଲରୁ ମୋବାଇଲ ଚୋରି କରି କମ ଦାମରେ ବିକ୍ରି କରୁଥିବା ଆନ୍ତଃରାଜ୍ୟ ଲୁଟେରାଙ୍କ ସମେତ ୩ ଜଣଙ୍କୁ ଗିରଫ କରି ବୁଧବାର କୋର୍ଟ ଚାଲାଣ କରିଛି କମିଶନରେଟ ପୋଲିସ । ଖଣ୍ଡଗିରି ଥାନା ପୋଲିସ ଜଣେ ଯୁବକଙ୍କୁ ଗିରଫ କରିଥିବା ବେଳେ ଚନ୍ଦ୍ରଶେଖରପୁର ଥାନା ପୋଲିସ ୨ ଆନ୍ତଃରାଜ୍ୟ ଲୁଟେରାଙ୍କୁ ଧରିବାରେ ସକ୍ଷମ ହୋଇଛି। ସେମାନେ ହେଲେ ଝାଡ଼ଖଣ୍ଡ ରାଜ୍ୟର ରାଜ କୁମାର ଓ ଦେବ କୁମାର ହୋଇଥିବା ବେଳେ ଅନ୍ୟଜଣେ ଖଣ୍ଡଗିରି ଅଞ୍ଚଳର ଆନନ୍ଦ ରାଉତରାଏ ଓରଫ ଜଗା। ଏମାନଙ୍କଠାରୁ ବିଭିନ୍ନ କମ୍ପାନୀର ୮ ଦାମୀ ମୋବାଇଲ ଜବତ କରାଯାଇଛି । ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି ।

## ୧୨୫ କେଜି ଗଞ୍ଜେଇ ଜବତ, ୨ ଗିରଫ

**କଟକ ଅଫିସ,୧।୩:** ଅବକାରୀ ବିଭାଗ ପକ୍ଷରୁ ଟାଙ୍ଗୀ ଟୋଲଗେଟ୍ ନିକଟରେ ବୁଧବାର ଚଢ଼ାଉ କରାଯାଇ ଏକ ବୋଲେରୋ ସହ ୧୨୫ କେଜି ଗଞ୍ଜେଇ ଜବତ କରାଯାଇଛି। ଏଥିରେ ସମ୍ପୃକ୍ତ ୨ ଜଣଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ ଉତ୍ତରପ୍ରଦେଶର ମୋଇନୁଦ୍ଦିନ ଅହମେଦ ଏବଂ ଓମ୍‌ପ୍ରକାଶ ରାଜାଭର। ଜବତ ଗଞ୍ଜେଇର ଆନୁମାନିକ ମୂଲ୍ୟ ପ୍ରାୟ ୧୩ ଲକ୍ଷ ଟଙ୍କା ହେବ। ଡିଏସ୍‌ପି ପ୍ରତାପ ଦାସ, ଆଇଆଇସି ସତ୍ୟଜିତ ଖଟୁଆଙ୍କ ନେତୃତ୍ୱରେଏହି ଚଢ଼ାଉ କରାଯାଇଥିଲା।

# ବେଲ୍ଟ ଛିଡ଼ିଯିବାରୁ ଖସିପଡ଼ିଲା ଡାକୋଟା, ୨ ଆହତ



ଜଣେ ଆହତଙ୍କୁ ଉଦ୍ଧାର କରାଯାଉଛି।




ଡାକୋଟା ବିମାନର ଆବଶ୍ୟକ ମରାମତି ସହ ହାଇଡ୍ରା ଦ୍ୱାରା ଉଠାଯାଉଛି।

**ଭୁବନେଶ୍ୱର, ୧।୩(ବ୍ୟୁରୋ)**

ଭୁବନେଶ୍ୱର ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନବନ୍ଦର ସାମ୍ନାରେ ପ୍ରଦର୍ଶନ ପାଇଁ ଡାକୋଟା ବିମାନର ମରାମତି ସହ ସ୍ଥାପନ କାମ ଚାଲୁଛି। ତେବେ ବୁଧବାର ଅପରାହ୍ନ ୫ଟା ୪୫ରେ କାମ ଚାଲିଥିବାବେଳେ ହାଇଡ୍ରା ବେଲ୍ଟ ଛିଡ଼ିଯିବାରୁ ଡାକୋଟା ବିମାନ ଖସିପଡ଼ିଥିଲା। ଫଳରେ ଏଥିରେ ନିୟୋଜିତ ଦୁଇଜଣ କର୍ମଚାରୀ ଆହତ ହୋଇଥିବା ସୂଚନା ମିଳିଛି। ଜଣଙ୍କ ମୁଣ୍ଡ ଫାଟି ଯାଇଥିବାବେଳେ ଅନ୍ୟ ଜଣେ ସାମାନ୍ୟ ଆହତ ହୋଇଛନ୍ତି। ଉଭୟଙ୍କୁ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଏହି କାର୍ଯ୍ୟରେ ନିୟୋଜିତ ଶ୍ରମିକଙ୍କ ସୂଚନାନୁସାରେ, ଡାକୋଟା ବିମାନର ପଛ ପାର୍ଶ୍ୱ ଅଂଶକୁ ଟେକି ରଖୁଥିବା ହାଇଡ୍ରାର ବେଲ୍ଟ ଛିଡ଼ିଯିବାରୁ ତାହା ଖସି ପଡିଥିଲା। ଫଳରେ ବିମାନର ଉଇଙ୍ଗ୍ ଉପରେ ଠିଆ ହୋଇ କାମ କରୁଥିବା ଦୁଇଜଣ କର୍ମଚାରୀ ତଳକୁ ଖସି ପଡ଼ିଥିଲେ। ଜଣଙ୍କ ମୁଣ୍ଡ ଫାଟି ରକ୍ତ ବାହାରିଥିଲା। ଅନ୍ୟ ଜଣଙ୍କୁ ଆଘାତ ଲାଗିଥିଲା। ସେମାନଙ୍କୁ ହସ୍ପିଟାଲ ନିଆଯିବା ପରେ ଦୁଇଟି ହାଇଡ୍ରା ଏହି କାର୍ଯ୍ୟରେ ନିୟୋଜିତ କରାଯାଇଥିଲା। ଗୋଟିଏ ହାଇଡ୍ରା ବିମାନର ଆଗ ପାର୍ଶ୍ୱକୁ ଓ ଅନ୍ୟଟି ପଛ ପାର୍ଶ୍ୱକୁ ଟେକି ରଖିଥିଲା। ଘଟଣା ସ୍ଥଳରେ ବିମାନ ମରାମତି କରୁଥିବା କମ୍ପାନୀର ଉଚ୍ଚ ଅଧିକାରୀ ପହଞ୍ଚି ତଦାରଖ କରିଥିଲେ। ତେବେ ବିଶେଷ କିଛି ବଡ଼ ଦୁର୍ଘଟଣା ଘଟି ନାହିଁ। ଆହତମାନେ ଚିକିତ୍ସିତ ହୋଇ ଫେରି ଆସିଲେଣି ବୋଲି ଜଣେ ଅଧିକାରୀ କହିଛନ୍ତି।

ସୂଚନାଯୋଗ୍ୟ, କୋଲକାତା ବିମାନବନ୍ଦରରେ ଦୀର୍ଘବର୍ଷ ହେବ ପଡ଼ି ରହି ନଷ୍ଟ ହେଉଥିବା ବିଜୁ ବାବୁଙ୍କ ଡାକୋଟା ବିମାନକୁ ଗତ ଜାନୁୟାରୀ ୧୮ରେ ୩ଟି ଟ୍ରେଲର ସହାୟତାରେ ଭୁବନେଶ୍ୱର ଅଣାଯାଇଥିଲା। ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନ ବନ୍ଦରର ଷ୍ଟେଟ୍ ହ୍ୟାଙ୍ଗରରେ ରଖାଯାଇ ଏହାର ପୁନରୁଦ୍ଧାର କାମ ଆରମ୍ଭ ହୋଇଥିଲା। ଏରୋସ୍ପେସ୍ ରିସର୍ଚ୍ଚ ଆଣ୍ଡ୍ ଡେଭଲପମେଣ୍ଟ ସେଣ୍ଟରର ଏକ ୩୦ଜଣିଆ ଟିମ୍ ଏହି କାମରେ ଲାଗିଛନ୍ତି। ବିମାନର ନଷ୍ଟ ହୋଇଯାଇଥିବା ଅଂଶକୁ ମରାମତି କରାଯାଇଛି। ଏପଟେ ବିମାନବନ୍ଦରର ଟର୍ମିନାଲ-୧ ସମ୍ମୁଖରେ ଲିଜ୍‌ରେ ନିଆଯାଇଥିବା ୧.୧ ଏକର ପରିମିତ ସ୍ଥାନ ମଧ୍ୟ ସଜେଇ ହେଉଛି। ଡାକୋଟା ଛିଡ଼ା ହେବାକୁ ଥିବା ପେଡେଷ୍ଟାଲ ନିର୍ମାଣ ଶେଷ ହୋଇଥିବାବେଳେ ଦର୍ଶକ ଗ୍ୟାଲେରି କାମ ମଧ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ପେଡେଷ୍ଟାଲ ଚତୁଃପାର୍ଶ୍ୱରେ ଲାଇଟ୍ ଲଗାଯିବ। ୫ ତାରିଖ ବିଜୁ ଜୟନ୍ତୀରେ ଡାକୋଟାକୁ ସର୍ବସାଧାରଣଙ୍କ ନିମନ୍ତେ ପ୍ରଦର୍ଶନ ଲାଗି ଉଦ୍‌ଘାଟନ କରାଯିବ।

> **ସ୍ଥାପନବେଳେ ଦୁର୍ଘଟଣା**
> - ୫ ତାରିଖ ବିଜୁ ଜୟନ୍ତୀରେ ଲୋକାର୍ପଣ ହେବ
> - ମରାମତି, ସ୍ଥାପନ କାମ ଜୋର୍‌ସୋରରେ ଚାଲିଛି



ଭୁବନେଶ୍ୱର ରବୀନ୍ଦ୍ର ମଣ୍ଡପରେ ବୁଧବାର ନିଖିଳ ଉତ୍କଳ ନାଟ୍ୟୋତ୍ସବର ଉଦ୍‌ଘାଟନ ଅବସରରେ ପରିବେଷିତ ଗୀତିନାଟ୍ୟ 'ଶ୍ରୀଗଣେଶ'ର ଏକ ଦୃଶ୍ୟ ।

# ନିଖିଳ ଉତ୍କଳ ନାଟ୍ୟୋତ୍ସବ ଆରମ୍ଭ

**ଭୁବନେଶ୍ୱର,୧।୩(ବ୍ୟୁରୋ)**

ଆରୋହଣର ୩୧ତମ ନିଖିଳ ଉତ୍କଳ ନାଟ୍ୟୋତ୍ସବ ବୁଧବାର ରବୀନ୍ଦ୍ର ମଣ୍ଡପରେ ଉଦ୍‌ଘାଟିତ ହୋଇଯାଇଛି। ଏହି ଅବସରରେ ଅତିଥିଭାବେ ପ୍ରମେୟ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ସୁନୀଲ ଦାସ, ବିଶିଷ୍ଟ ଚଳଚ୍ଚିତ୍ର ନିର୍ଦ୍ଦେଶକ ସବ୍ୟସାଚୀ ମହାପାତ୍ର, ଆରୋହଣର ସଭାପତି ଡ. ଶୈଳେଶ୍ୱର ନନ୍ଦ, ସମ୍ପାଦକ ଇଂ ପ୍ରୀତିରଞ୍ଜନ ମିଶ୍ର ପ୍ରମୁଖ ଯୋଗ ଦେଇଥିଲେ। ସନ୍ଧ୍ୟାରେ ଆଶ୍ରୟ ଦି ସେଲଟରର ଦିବ୍ୟାଙ୍ଗ ପିଲାମାନଙ୍କ ଦ୍ୱାରା ସ୍ୱର୍ଗତ ଗୋପାଳ ଛୋଟରାୟଙ୍କ ରଚିତ ଗୀତିନାଟ୍ୟ 'ଶ୍ରୀଗଣେଶ' ଓ ପରେ ୨ୟ ନାଟକ ମହିଳା ଯୋଗକେନ୍ଦ୍ର ମହିଳାମାନଙ୍କ ଦ୍ୱାରା ହାସ୍ୟ ରସାତ୍ମକ ନାଟକ 'ଗହ୍ଲା ପୁନେଇଁରେ ମାଇଁ' ପରିବେଷଣ କରାଯାଇଥିଲା। ଏହି ନାଟକକୁ ନାଟ୍ୟକାର ପୀୟୁଷ ରଞ୍ଜନ ପରିଡ଼ା ରଚନା କରିଥିବାବେଳେ ନିର୍ଦ୍ଦେଶନା ଦେଇଥିଲେ ସତ୍ୟବ୍ରତ ପଣ୍ଡା। ଆଜିକାଲି ସମାଜରେ ଅଧିକାଂଶ ଲୋକ ବିଭିନ୍ନ ସମସ୍ୟାରେ ଜର୍ଜରିତ। ଏହାର ସୁଯୋଗ ନିଅନ୍ତି କେତେଜଣ ଠକ। ଯେଉଁମାନେ ଗହ୍ଲା ପୁନେଇଁରେ ମାଇଁ ଭଳି ଅଯାଚିତ ଭାବରେ ସାହାଯ୍ୟର ହାତ ବଢାନ୍ତି। ସମସ୍ୟାମୁକ୍ତ ପାଇବା ପାଇଁ ବ୍ୟାକୁଳିତ ଲୋକ ସେମାନଙ୍କୁ ବିଶ୍ୱାସ କରିଯାଇଥାନ୍ତି। ଇତି ମଧ୍ୟରେ ସେମାନଙ୍କଠାରୁ ଏହି ଠକମାନେ ବିଭିନ୍ନ ଉପାୟରେ ଅର୍ଥ ଆତ୍ମସାତ୍ କରିଥାନ୍ତି। ଏଭଳି ଠକାମି କରି ଠକମାନେ ଆରାମଦାୟକ ଜୀବନଯାପନ କରିଥାନ୍ତି। କିନ୍ତୁ ପରେ ପରିଣତି କଣ ହୁଏ ଗହ୍ଲା ପୁନେଇଁରେ ମାଇଁ ନାଟକରେ ହାସ୍ୟ ରସାତ୍ମକ ଢଙ୍ଗରେ ଦର୍ଶାଯାଇଛି। ଏହି ଅବସରରେ ବ୍ରଜକିଶୋର ମହାନ୍ତିଙ୍କୁ ଆରୋହଣ ଜୀବନବ୍ୟାପୀ ସାଧନା ସମ୍ମାନ, ଡ. ପ୍ରଶାନ୍ତ କୁମାର ପ୍ରହରାଜଙ୍କୁ ଆରୋହଣ ନାଟ୍ୟ ପ୍ରତିଭା ସମ୍ମାନ ଓ ଅଭିନେତା ଶେଷରବ୍ୟ ନନ୍ଦଙ୍କୁ ସମ୍ମାନିତ କରାଯାଇଥିଲା। ପୀୟୁଷ ରଞ୍ଜନ ପରିଡ଼ା ମଞ୍ଚ ପରିଚାଳନା କରିଥିଲେ ।

> **ବ୍ରଜକିଶୋର ମହାନ୍ତିଙ୍କୁ ଆରୋହଣ ଜୀବନବ୍ୟାପୀ ସାଧନା ସମ୍ମାନ**

## ଶ୍ରୀମନ୍ଦିରରେ ଆଜିଠାରୁ ଦୋଳଯାତ୍ରା ନୀତି

**ପୁରୀ ଅଫିସ, ୧।୩**

ଶ୍ରୀମନ୍ଦିରରେ ପ୍ରସିଦ୍ଧ ଦ୍ୱାଦଶ ଯାତ୍ରା ମଧ୍ୟରୁ ଦୋଳଯାତ୍ରା ଅନ୍ୟତମ। ଶ୍ରୀକ୍ଷେତ୍ରରେ ସାତଦିନ ଧରି ଦୋଳଯାତ୍ରା ପାଳନ ହୁଏ। ପୂର୍ଣ୍ଣିମାର ପାଞ୍ଚଦିନ ପୂର୍ବରୁ ଏହି ଯାତ୍ରା ଆରମ୍ଭ ହୋଇ ପୂର୍ଣ୍ଣିମା ପରଦିନ ଶେଷ ହୋଇଥାଏ। ଫାଲ୍‌ଗୁନ ଶୁକ୍ଳ ପକ୍ଷ ଦଶମୀଠାରୁ ଚତୁର୍ଦ୍ଦଶୀ ମଧ୍ୟରେ ତିଥିକ୍ଷୟ ଥିଲେ ଫାଲଗୁନ ଶୁକ୍ଳ ନବମୀଠାରୁ ଯାତ୍ରା ପାଳନ କରାଯାଏ। ଶ୍ରୀକ୍ଷେତ୍ରରେ ଶ୍ରୀଦେବୀ ଓ ଭୂଦେବୀଙ୍କ ସହିତ ଦୋଳଗୋବିନ୍ଦଙ୍କ ଦୋଳଯାତ୍ରା ପରେ ଏକତ୍ରାବସ୍ଥାନ ହିଁ ସ୍ୱତନ୍ତ୍ରତାକୁ ଚିହ୍ନାଇ ଦିଏ। ଗୁରୁବାର ଫଗୁ ଦଶମୀଠାରୁ ଶ୍ରୀମନ୍ଦିରରେ ଦୋଳଯାତ୍ରା ନୀତି ଆରମ୍ଭ ହେବ। ମହାପ୍ରଭୁଙ୍କ ମଧ୍ୟାହ୍ନ ଧୂପ ସରିବା ପରେ ତିନିବାଡ଼ରେ ମଇଲମ କରାଯାଇ ଠାକୁରମାନଙ୍କୁ ବୋଇରାଣୀ ମାଧାବଳୀ ନୂତନ ପାଟବସ୍ତ୍ର ଲାଗି ହେବ। ସେହିପରି ଠାକୁରଙ୍କୁ ଚାଚେରୀ ବେଶରେ ସଜ୍ଜିତ କରାଯିବ। ଭୂଦେବୀ, ଶ୍ରୀଦେବୀ ଏବଂ ଦୋଳଗୋବିନ୍ଦ ସିଂହାସନକୁ ବିଜେ ହେଲା ପରେ ପଞ୍ଚୋପଚାରରେ ଚାଚେରୀ ଭୋଗ କରାଯିବ। ପାଣି ପଡ଼ିବା ପରେ ପୂଜାପଣ୍ଡା ସାମନ୍ତ, ପତି ମହାପାତ୍ର ଓ ମୁଦିରସ୍ତଙ୍କ ଦ୍ୱାରା ଫଗୁ ଲାଗି ସହ ବନ୍ଦାପନା କରାଯିବ। ମୁଦିରସ୍ତ ସିଂହାସନ ତଳେ ଝିମିରି ଫଗୁ ଅଞ୍ଜଳି ନୀତି ସମ୍ପନ୍ନ କରିବେ। ଆଜ୍ଞାମାଳ ପାଇ ଶ୍ରୀଦୋଳଗୋବିନ୍ଦ, ଭୂଦେବୀ ଓ ଶ୍ରୀଦେବୀ ବିମାନରେ ଜଗନ୍ନାଥ ବଲ୍ଲଭ ମଠକୁ ବିଜେ କରିବେ। ସେଠାରେ ଜଉ ଡାବଖେଳ, ଫଗୁ ବନ୍ଦାପନା, ଶିତଳ ଭୋଗ ସରିବା ପରେ ଠାକୁର ଶ୍ରୀମନ୍ଦିରକୁ ବାହୁଡ଼ା ବିଜେ କରିବେ।

# ଫେବୃୟାରୀରେ କୋଟିଏରୁ ଊର୍ଦ୍ଧ୍ୱ ଟଙ୍କା ଠକିନେଲେ

**ଭୁବନେଶ୍ୱର,୧।୩(ବ୍ୟୁରୋ)**

ଉଦ୍‌ବେଗଜନକ ଭାବେ ବୃଦ୍ଧି ପାଇବାରେ ଲାଗିଛି ସାଇବର ଠକେଇ। ଯେତେ ସଚେତନ କରାଗଲେ ମଧ୍ୟ ଏଥିରେ ରୋକ୍ ଲଗାଯାଇ ପାରୁନାହିଁ। ବୁଧବାର ପ୍ରକାଶ ପାଇଥିବା ସାଇବର ରିପୋର୍ଟ ଅନୁସାରେ, ଗତ ଫେବୃୟାରୀରେ ସାଇବର ଠକ ବିଭିନ୍ନ ଉପାୟରେ କୋଟିଏରୁ ଊର୍ଦ୍ଧ୍ୱ ଟଙ୍କା ଠକି ନେଇଥିବାବେଳେ ପୋଲିସ ୩୨ ଲକ୍ଷରୁ ଅଧିକ ଫେରାଇ ଆଣିବାରେ ସଫଳ ହୋଇଛି। ଭୁବନେଶ୍ୱର ସାଇବର୍ କ୍ରାଇମ ହେଲ୍ପ ଡେସ୍କରେ ଫେବୃୟାରୀ ମାସ ମଧ୍ୟରେ ହେଲ୍ପଲାଇନ ନମ୍ବରରୁ ମୋଟ ୩୩୫ଟି ଅଭିଯୋଗ ଗ୍ରହଣ କରାଯାଇଥିଲା। ସେଥିମଧ୍ୟରୁ ୧୫୦ଟି ୟୁପିଆଇଜନିତ ଓ ୧୦୮ଟି କ୍ରେଡିଟ୍/ଡେବିଟ୍ କାର୍ଡଜନିତ ଅଭିଯୋଗ ରହିଛି । ସେହିପରି ୫୦ଟି ସୋସିଆଲ ମିଡିଆଜନିତ ଅଭିଯୋଗ ଗ୍ରହଣ କରାଯାଇଥିବାବେଳେ ଅନ୍ୟ ଉପାୟରେ ୨୭ଟି ଠକେଇଜନିତ ଅଭିଯୋଗ ଏହି ସାଇବର କ୍ରାଇମ୍ ହେଲ୍ପ ଡେସ୍କ ଗ୍ରହଣ କରିଛି। ଗତ ମାସ ମଧ୍ୟରେ ଭୁବନେଶ୍ୱର ସହରାଞ୍ଚଳ ଜିଲାରେ ବିଭିନ୍ନ ଅଭିଯୋଗ ମାଧ୍ୟମରେ ମୋଟ ୧ କୋଟି ୪୪ ଲକ୍ଷ ୪ ହଜାର ୬୩୧ ଟଙ୍କା ସାଇବର ଠକଙ୍କ ଆକାଉଣ୍ଟକୁ ଯାଇଛି। ଏଥିମଧ୍ୟରୁ ମୋଟ ୫ଟି ମାମଲା ଭୁବନେଶ୍ୱରର ସାଇବର କ୍ରାଇମ୍ ଓ ଅର୍ଥନୈତିକ ଅପରାଧ ଥାନାରେ ପଞ୍ଜୀକୃତ କରାଯାଇଥିଲା। ତ୍ୱରିତ ପଦକ୍ଷେପ ସ୍ୱରୂପ ସାଇବର ଠକଙ୍କ ଆକାଉଣ୍ଟରୁ ମୋଟ ୧୦ ଲକ୍ଷ ୧୩ ହଜାର ୧୭୭ ଟଙ୍କା ଫେରସ୍ତ ଅଣାଯାଇଥିବାବେଳେ ୨୨ ଲକ୍ଷ ୪୯ ହଜାର ୬୫୬ ଟଙ୍କାକୁ ବ୍ଲକ୍ କରାଯାଇପାରିଛି।

> **ସାଇବର ଠକେଇ**



## ୭ରେ ହର୍ବାଲ ହୋଲି

**ଭୁବନେଶ୍ୱର,୧।୩(ବ୍ୟୁରୋ)**

ସ୍ୱପ୍ନା ପତି ଫାଉଣ୍ଡେଶନ ପକ୍ଷରୁ ଚଳିତବର୍ଷ ୧୨ତମ ହର୍ବାଲ ହୋଲି ଆୟୋଜନ କରୁଛି। ଆସନ୍ତା ୭ ତାରିଖରେ ହୋଟେଲ କଳିଙ୍ଗରେ ଅପରାହ୍ନ ୫ଟାରୁ ଆରମ୍ଭ ହୋଇ ରାତି ୧୦ଟା ପର୍ଯ୍ୟନ୍ତ କାର୍ଯ୍ୟକ୍ରମ ରହିଛି। ଏ ବର୍ଷର ବିଶେଷ ଆକର୍ଷଣ ହେଉଛନ୍ତି ବଲିଉଡ ଅଭିନେତ୍ରୀ ଅମ୍ରିତା ରାଓ, ଡିଜେ ଭେନ୍‌ସ ଓ ସ୍ୱପ୍ନା ପତିଙ୍କ ସହିତ ଓଡିଶାର ବହୁ ନାମୀଦାମୀ କଳାକାର ଯୋଗଦେବେ। ହୋଲିରେ ସବୁ ବର୍ଷ ଭଳି ଚନ୍ଦନ, ମୁଲତନ ମିଟି, ଟମାଟୋ ରସ ଆଦିରେ ଖେଳ ହେବ ବୋଲି ବୁଧବାର ଖବରଦାତା ସମ୍ମିଳନୀରେ ଅଭିନେତ୍ରୀ ସ୍ୱପ୍ନା ପତି, ପ୍ରଯୋଜକ ରାଜେଶ ମହାନ୍ତି, ସୂଚନା ଅଧିକାରୀ ଋଷି ପଟ୍ଟନାୟକ, ହର ପ୍ରାସାଦ ମହାପାତ୍ର, ରାକେଶ ମହାନ୍ତି,ମାନସ ଓଝା, ବିଶେଶ୍ୱର ଦାଶ ପ୍ରମୁଖ ଉପସ୍ଥିତ ଥିଲେ।

## ସେଲ୍ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

metroselfie@gmail.com



@ ସୁଧାଂଶୁ



@ ଲିଜା



@ ସୌମ୍ୟ



@ କୁନାଲ



@ ବଳରାମ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟ ବିବେଚିତ ଫଟୋ ପ୍ରକାଶ ପାଇବ।

# ଜୟନାରାୟଣଙ୍କ ଜାମିନ ଖାରଜ ପାଇଁ କୋର୍ଟରେ ପିଟିଶନ

**ଭୁବନେଶ୍ୱର,୧।୩(ବ୍ୟୁରୋ)**

ବିରୋଧୀ ଦଳ ନେତା ଜୟନାରାୟଣ ମିଶ୍ରଙ୍କ ଜାମିନ ଖାରଜ କରିବାକୁ ଭୁବନେଶ୍ୱର ସ୍ୱତନ୍ତ୍ର କୋର୍ଟରେ ଏତଲାକାରୀ ବିମଳ ଭୋଇ ଆବେଦନ କରିଛନ୍ତି। ମାମଲାର ତ୍ୱରିତ ଶୁଣାଣି ପାଇଁ ଆବେଦନକାରୀ ତାଙ୍କ ପିଟିଶନରେ ନିବେଦନ କରିଛନ୍ତି। ଜୟନାରାୟଣ ଜାମିନରେ ଥାଇ ୩ଟି ଗୁରୁତର ଫୌଜଦାରି ମାମଲାରେ ସଂପୃକ୍ତ ଅଛନ୍ତି। ହାଇକୋର୍ଟରୁ ୩ଟି ସର୍ତ୍ତରେ ଜାମିନରେ ଆସିଥିଲେ ମଧ୍ୟ ସେ ସର୍ତ୍ତ ଖୋଲାଖୋଲି ଉଲ୍ଲଂଘନ କରିଛନ୍ତି। ତେଣୁ ଜାମିନ ଖାରଜ ନ ହେଲେ ମାମଲାର ନିରପେକ୍ଷ ତଦନ୍ତ ସମ୍ଭବ ନୁହେଁ ବୋଲି ବିମଳ ତାଙ୍କ ପିଟିଶନରେ ଉଲ୍ଲେଖ କରିଛନ୍ତି।

ପୂର୍ବରୁ ଅର୍ଥାତ୍ ୨୦୧୮ ବିଜେପୁର ଉପନିର୍ବାଚନବେଳେ ଦିଲେଶ୍ୱର ସାହୁ ହତ୍ୟା ମାମଲାରେ ସମ୍ପୃକ୍ତ ଥିବା ନେଇ ଜୟନାରାୟଣଙ୍କ ନାମରେ ଅଭିଯୋଗ ହୋଇଥିଲା। ଏହି ମାମଲାରେ ସେ ଗିରଫ ହୋଇ ୨୦୧୯ରେ ହାଇକୋର୍ଟରୁ ସର୍ତ୍ତମୂଳକ ଜାମିନରେ ମୁକୁଳିଥିଲେ। ୨୦୨୦ରେ ଏହି ମାମଲା ପରିଚାଳନା ପାଇଁ ଭୁବନେଶ୍ୱରରେ ଥିବା ସ୍ୱତନ୍ତ୍ର କୋର୍ଟକୁ ସ୍ଥାନାନ୍ତର ହୋଇଥିଲା।

**ତ୍ରିପୁରା, ନାଗାଲାଣ୍ଡ, ମେଘାଳୟ ଭୋଟ ଗଣତି ଆଜି**

**ନୂଆଦିଲ୍ଲୀ:** ତ୍ରିପୁରା, ନାଗାଲାଣ୍ଡ ଓ ମେଘାଳୟ ବିଧାନସଭାର ମୋଟ ୧୭୮ ଆସନରେ ଭୋଟ ଗଣତି ଗୁରୁବାର କରାଯିବ। ଏହି ୩ ରାଜ୍ୟରେ ଫେବୃଆରୀ ୧୬ରୁ ୨୭ ମଧ୍ୟରେ ନିର୍ବାଚନ ଅନୁଷ୍ଠିତ ହୋଇଥିଲା। ଭାରତର ନିର୍ବାଚନ କମିଶନ (ଇସିଆଇ)ଙ୍କ ନିର୍ଦ୍ଦେଶନାମା ଅନୁସାରେ ସକାଳ ୮ଟାରେ ଗଣତି ଆରମ୍ଭ ହେବ। ୬୦ ଆସନ ବିଶିଷ୍ଟ ନାଗାଲାଣ୍ଡ ବିଧାନସଭାର ଅକୁଲୁଟୋ ନିର୍ବାଚନମଣ୍ଡଳୀରେ ଭାଜପା ପ୍ରାର୍ଥୀ ନିର୍ଦ୍ୱନ୍ଦ୍ୱରେ ଜିତିଥିବାରୁ ରାଜ୍ୟର ଆଉ ୫୯ ଆସନରେ ଭୋଟ ଗ୍ରହଣ କରାଯାଇଥିଲା। ମେଘାଳୟରେ ମଧ୍ୟ ଗୋଟିଏ ଆସନରେ ନିର୍ବାଚନ ହୋଇନାହିଁ।

# ଥମୁନି ଯୁବମୋର୍ଚ୍ଚା-ପୋଲିସ ହାତାହାତି ରାଜନୀତି




ଯୁବ ମୋର୍ଚ୍ଚା କର୍ମୀଙ୍କୁ ପୋଲିସର ଆକ୍ରମଣ ପ୍ରତିବାଦରେ ବୁଧବାର ରାଜ୍ୟ ଭାଜପା ପକ୍ଷରୁ ମାଷ୍ଟରକ୍ୟାଣ୍ଟିନ୍ ଠାରେ ବିକ୍ଷୋଭ।

## ଭାଜପା, ବିଜେଡି ନେତାଙ୍କ ମଧ୍ୟରେ ଟୁଇଟ୍ ଯୁଦ୍ଧ

**ଭୁବନେଶ୍ୱର, ୧।୩(ବ୍ୟୁରୋ)**

ରାଜ୍ୟର ବିପର୍ଯ୍ୟସ୍ତ ଆଇନ ଶୃଙ୍ଖଳା ଏବଂ ନବ ଦାସ ହତ୍ୟାକାଣ୍ଡ ଘଟଣାକୁ ନେଇ ଭାଜପା ଯୁବମୋର୍ଚ୍ଚା ଏବଂ ପୋଲିସ ମଧ୍ୟରେ ହୋଇଥିବା ଖଣ୍ଡଯୁଦ୍ଧକୁ ନେଇ ରାଜନୀତି ଜୋର୍ ଧରିବାରେ ଲାଗିଛି। ଏହି ଘଟଣାରେ ଯୁବମୋର୍ଚ୍ଚା ସଭାପତି ଇରାଶିଷ ଆଚାର୍ଯ୍ୟଙ୍କ ସମେତ ୨୨ ଜଣଙ୍କୁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିବା ପରେ ଭାଜପା ପକ୍ଷରୁ ଏହି ଘଟଣାରେ ଅଧିକ ପ୍ରତିକ୍ରିୟା ପ୍ରକାଶ ପାଇଛି। ବିଧାନସଭା ଭିତରେ ଏବଂ ବାହାରେ ଭାଜପା ଏହି ଘଟଣାରେ ପ୍ରତିବାଦ ଚଳାଇଥିବା ବେଳେ ଉଭୟ ଶାସକ ଏବଂ ବିରୋଧୀ ନେତାଙ୍କ ମଧ୍ୟରେ ଟୁଇଟ୍ ଯୁଦ୍ଧ ମଧ୍ୟ ଆରମ୍ଭ ହୋଇଯାଇଛି। ଗୋଟିଏ ପଟେ ଭାଜପା ନେତାମାନେ ଯୁବମୋର୍ଚ୍ଚା କର୍ମୀଙ୍କୁ ପୋଲିସ ଆକ୍ରମଣ କରୁଥିବାର ଭିଡିଓ ଟୁଇଟ୍ କରୁଥିବା ବେଳେ ଶାସକ ଦଳ ପକ୍ଷରୁ ତାହାର ଓଲଟା ଭିଡିଓ ଛଡ଼ାଯାଉଛି। ଅନ୍ୟପଟେ ବୁଧବାର ସନ୍ଧ୍ୟାରେ ଭାଜପା କର୍ମକର୍ତ୍ତାମାନେ କ୍ୟାପିଟାଲ ଥାନା ବାହାରେ ଧାରଣା ଦେଉଥିବା ବେଳେ ଜିଲା ସଙ୍ଗଠନ ପକ୍ଷରୁ ମାଷ୍ଟରକ୍ୟାଣ୍ଟିନଠାରେ ବିକ୍ଷୋଭ ସହ ମୁଖ୍ୟମନ୍ତ୍ରୀଙ୍କ କୁଶପୁତ୍ତଳିକା ଦାହ କରାଯାଇଛି।

> ■ ରାଜନୈତିକ କାର୍ଯ୍ୟକର୍ତ୍ତା ନୁହେଁ, ଅପରାଧୀ ଭଳି ଆକ୍ରମଣ: ଧର୍ମେନ୍ଦ୍ର
>
> ■ ସୁରକ୍ଷା କର୍ମୀଙ୍କୁ ଲହୁଲୁହାଣ କରିବାର ଅଧିକାର କାହାର ନାହିଁ : ପ୍ରଣବ

ତେବେ ଏହି ଘଟଣାରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଟୁଇଟ୍‌କରି କହିଛନ୍ତି, ରାଜ୍ୟର ବିପର୍ଯ୍ୟସ୍ତ ଆଇନଶୃଙ୍ଖଳା ପ୍ରତିବାଦରେ ଯୁବମୋର୍ଚ୍ଚା ପକ୍ଷରୁ ବିଧାନସଭା ଘେରାଉ ବେଳେ ପୋଲିସର ମାତ୍ରାଧିକ କାର୍ଯ୍ୟାନୁଷ୍ଠାନ ନିନ୍ଦନୀୟ। ଗଣତନ୍ତ୍ରରେ ପ୍ରତିବାଦ କରିବାର ଅଧିକାର ସମସ୍ତଙ୍କର ଅଛି। ଯେଉଁମାନଙ୍କୁ ଆକ୍ରମଣ କରାଯାଇଛି ସେମାନେ ଏକ ରାଜନୈତିକ ଦଳର କର୍ମକର୍ତ୍ତା। ମାତ୍ର ପୋଲିସ ସେମାନଙ୍କୁ ଅପରାଧୀ ଭାବେ ଆକ୍ରମଣ କରିଛି। ଏହା ଚିନ୍ତାଜନକ ବିଷୟ। କେତେଜଣ ପୋଲିସ ଅଧିକାରୀ ଯେଉଁଭଳି ଏକପାଖିଆ ନିଷ୍ପତ୍ତି ନେଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଛନ୍ତି ଏହା ଗଣତନ୍ତ୍ର ପାଇଁ ଶୋଭନୀୟ ନୁହେଁ ବୋଲି ଧର୍ମେନ୍ଦ୍ର କହିଛନ୍ତି।

ଧର୍ମେନ୍ଦ୍ରଙ୍କ ଟୁଇଟର ପ୍ରତିକ୍ରିୟା ରଖି ବିଜେଡି ସାଂଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ ଟୁଇଟ୍ କରି କହିଛନ୍ତି, ଭାଇ ଆପଣଙ୍କ ସାଙ୍ଗରେ ମୁଁ ସମ୍ପୂର୍ଣ୍ଣ ଏକମତ। ଗଣତନ୍ତ୍ରରେ ପ୍ରତିବାଦ କରିବାର ଅଧିକାର ସମସ୍ତଙ୍କର ଅଛି। ହେଲେ ଆତଙ୍କରାଜ ଏବଂ ହିଂସାକାଣ୍ଡ ସୃଷ୍ଟିକରି ସୁରକ୍ଷାକର୍ମୀଙ୍କୁ ଲହୁଲୁହାଣ କରିବାର ଅଧିକାର କାହାରି ନାହିଁ। ଦୟାକରି ସେ ପୋଷ୍ଟ କରିଥିବା ଭିଡିଓଟିକୁ ଦେଖିବା ଲାଗି କହିଛନ୍ତି। ଧର୍ମେନ୍ଦ୍ର ଏହି ଭିଡ଼ିଓ ଦେଖିବା ପରେ ତାଙ୍କ ମତ ବଦଳାଇବେ ବୋଲି ଦୃଢ଼ବିଶ୍ୱାସ ରଖୁଥିବା ପ୍ରଣବ ଉଲ୍ଲେଖ କରିଛନ୍ତି। ତେବେ ଉକ୍ତ ଭିଡିଓରେ ପୋଲିସ କର୍ମଚାରୀଙ୍କୁ ଭାଜପା ଯୁବମୋର୍ଚ୍ଚା ପକ୍ଷରୁ ଆକ୍ରମଣ କରାଯାଉଥିବାର ଭିଡିଓ ରହିଛି।

## କେନ୍ଦ୍ରମନ୍ତ୍ରୀ କାହିଁକି ଚୁପ୍ ରହିଥିଲେ: ବିଜେଡି

**ଭୁବନେଶ୍ୱର, ୧।୩(ବ୍ୟୁରୋ)**

ବିଜେଡି ନେତ୍ରୀ ଶ୍ରୀମୟୀ ମିଶ୍ର ବୁଧବାର ଖବରଦାତା ସମ୍ମିଳନୀରେ କହିଛନ୍ତି, ଆନ୍ଦୋଳନ ନାଁରେ ଯୁବମୋର୍ଚ୍ଚା ଯେଉଁ ଆତଙ୍କରାଜ ସୃଷ୍ଟି କଲା ତାକୁ ରାଜ୍ୟବାସୀ ନିନ୍ଦା କରୁଛନ୍ତି। ସୁରକ୍ଷା କର୍ମୀଙ୍କ ଉପରେ ହଠାତ୍ ଉତ୍କ୍ଷିପ୍ତ ହୋଇ ଆକ୍ରମଣ କରିବା ଗୋଟିଏ କଥା, ହେଲେ ରାଜ୍ୟ ଭାଜପା ପକ୍ଷରୁ ଯୋଜନାବଦ୍ଧ ଆକ୍ରମଣ ହୋଇଥିଲା। ମଙ୍ଗଳବାର ଆକ୍ରମଣ ଏତେ ସାଙ୍ଘାତିକ ଥିଲା ଯେ ଏଥିରେ ୨୧ ଜଣ ପୋଲିସ କର୍ମୀ ଗୁରୁତର ଭାବେ ଆହତ ହୋଇଥିଲେ। ୨ ଜଣଙ୍କୁ କଟକ ରେଫର କରିବାକୁ ପଡ଼ିଛି। ଭାଜପା କର୍ମୀ ଲୋକଦେଖାଣିଆ ଭାବେ ଆହତ ହୋଇଥିବା କହି ହସ୍ପିଟାଲକୁ ଯାଇଥିଲେ। ଜଣେ ବ୍ୟକ୍ତି ନିଜର ରାଜନୈତିକ ସ୍ୱାର୍ଥ ଚରିତାର୍ଥକରିବାକୁ ଏଭଳି ଷଡ଼ଯନ୍ତ୍ର କରୁଛନ୍ତି। ସେ ଯୁବଗୋଷ୍ଠୀଙ୍କୁ ବ୍ୟବହାର କରୁଛନ୍ତି, ସେମାନଙ୍କ ରାଜନୈତିକ ଗୋଟିଚାଳନାରେ ପଡ଼ନ୍ତୁ ନାହିଁ। ସବୁ ପ୍ରସଙ୍ଗରେ ପ୍ରତିକ୍ରିୟା ରଖୁଥିବା କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କାହିଁକି ଏହି ପ୍ରସଙ୍ଗ ଉପରେ ଚୁପ୍ ରହିଥିଲେ ବୋଲି ଶ୍ରୀମୟୀ ପ୍ରଶ୍ନ କରିଛନ୍ତି।

ଭାଜପା ରାଜ୍ୟ ସଭାପତି ସମୀର ମହାନ୍ତି ଏକ ଖବରଦାତା ସମ୍ମିଳନୀରେ କହିଛନ୍ତି, ଆନ୍ଦୋଳନ ଭିଡିଓ ପ୍ରସାରଣ ହେଉଛି ସେଥିରେ ଧଳା ଶାର୍ଟ ପିନ୍ଧା କେତେଜଣ ଯୁବକ ମିଳିତ ଆକ୍ରମଣ କରୁଥିଲେ। ସେମାନେ କିଏ, ସେମାନେ ବିଜେଡି ଗୁଣ୍ଡା ନୁହନ୍ତି ତ। ବିଜେଡି ଗୁଣ୍ଡା ପ୍ରଥମେ ପୋଲିସ ଉପରକୁ ପଥର ଫିଙ୍ଗିଲେ, ଏହାପରେ ପୋଲିସ ଲାଠିଚାର୍ଜ କଲା। ଏହାପରେ ବିଜେଡି ଗୁଣ୍ଡା ପୁଣି ଭାଜପା ଯୁବମୋର୍ଚ୍ଚା କାର୍ଯ୍ୟକର୍ତ୍ତାଙ୍କୁ ଆକ୍ରମଣ କଲେ। ଏହି ଘଟଣାରେ ଥାନାରେ ଏକ ଏତଲା ଦିଆଗଲା। କିନ୍ତୁ ଏଯାଏଁ(ଖବର ଲେଖାହେବା ପର୍ଯ୍ୟନ୍ତ) ମାମଲା ପଞ୍ଜୀକୃତ ହୋଇନାହିଁ। ଏଥିରୁ ସ୍ପଷ୍ଟ ଜଣାପଡୁଛି, ରାଜ୍ୟରେ ଆଇନ ଶୃଙ୍ଖଳା ପରିସ୍ଥିତି କିଭଳି ଅଛି। ସମସ୍ତ ତଥ୍ୟ ପ୍ରମାଣ ଥାଇ ଯଦି ରାଜଧାନୀର କ୍ୟାପିଟାଲ ଥାନାରେ ଏତଲା ଦାୟର ହେଉନାହିଁ ତାହା ସୁସ୍ଥ ଗଣତନ୍ତ୍ର ପ୍ରତି ବିପଦ। ଆଗକୁ ଏ ଆନ୍ଦୋଳନ ଆହୁରି ଜୋର୍‌ଦାର ହେବ ବୋଲି ସମୀର ଚେତାବନୀ ଦେଇଛନ୍ତି। ଅନ୍ୟପଟେ ଭାଜପା ଯୁବମୋର୍ଚ୍ଚା ରାଷ୍ଟ୍ରୀୟ ଉପସଭାପତି ସୁଶ୍ରୀ ଅର୍ପିତା ଅପରାଜିତା ବଡ଼ଜେନା ଖବରଦାତା ସମ୍ମିଳନୀ ଜରିଆରେ କହିଛନ୍ତି, ଏତଲା ଦେବାର ୨୪ ଘଣ୍ଟା ପରେ ମଧ୍ୟ ଏହା ପଞ୍ଜୀକୃତ ନ ହେବା ବିପର୍ଯ୍ୟସ୍ତ ଆଇନଶୃଙ୍ଖଳାର ନଗ୍ନ ଉଦାହରଣ।

> **ପୋଲିସର ପକ୍ଷପାତିତା ଗଣତନ୍ତ୍ର ପାଇଁ ଶୁଭଙ୍କର ନୁହେଁ: ଭାଜପା**

ଅନ୍ୟପଟେ ଭାଜପା ବିଧାୟକ ସୂର୍ଯ୍ୟବଂଶୀ ସୁରଜ କହିଛନ୍ତି, ଯେତେବେଳେ ଶାସକ ଦଳ କୌଣସି ପ୍ରସଙ୍ଗରେ ଅଡୁଆରେ ପଡ଼ି ଉତ୍ତର ରଖିବାର ଆବଶ୍ୟକତା ରଖୁଛି ସେ ସମୟରେ ସେମାନେ ଧର୍ମେନ୍ଦ୍ର ପ୍ରଧାନଙ୍କ କଥା ଉଠାଉଛନ୍ତି। ଭାଜପା କାର୍ଯ୍ୟକର୍ତ୍ତାଙ୍କ ଉପରେ ହୋଇଥିବା ଆକ୍ରମଣରେ ଗୃହ ବିଭାଗ ଦାୟିତ୍ୱରେ ଥିବା ମୁଖ୍ୟମନ୍ତ୍ରୀଙ୍କ ସ୍ପଷ୍ଟୀକରଣ ନ ମାଗି କେନ୍ଦ୍ରମନ୍ତ୍ରୀଙ୍କୁ ବିଜେଡି ମୁଖପାତ୍ର ମାଗିବା ରାଜନୈତିକ ଅପରିପକ୍ୱତାର ପ୍ରମାଣ ବୋଲି ସୂର୍ଯ୍ୟବଂଶୀ କହିଛନ୍ତି।

## ବାଚସ୍ପତି ବିଦ୍ରୋହୀ ଗୋଷ୍ଠୀଙ୍କୁ ଅଯୋଗ୍ୟ ଘୋଷଣା କରିଥିଲେ ଶିନ୍ଦେ ମୁଖ୍ୟମନ୍ତ୍ରୀ ହୋଇପାରି ନ ଥାନ୍ତେ

**ନୂଆଦିଲ୍ଲୀ, ୧।୩**



ଏକନାଥ ଶିନ୍ଦେ

ଶିବସେନା ନେତା ଏକନାଥ ଶିନ୍ଦେ ଓ ତାଙ୍କ ଅନୁଗତ ୩୮ ବିଧାୟକଙ୍କୁ ମହାରାଷ୍ଟ୍ର ବିଧାନସଭା ବାଚସ୍ପତି ଅଯୋଗ୍ୟ ଘୋଷଣା କରିଥିଲେ ସେ ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେଇପାରି ନ ଥାଆନ୍ତେ ବୋଲି ବୁଧବାର ସୁପ୍ରିମକୋର୍ଟ କହିଛନ୍ତି। ଶିନ୍ଦେ ଗୋଷ୍ଠୀ ସୁପ୍ରିମକୋର୍ଟଙ୍କୁ କହିଥିଲେ, ବାଚସ୍ପତି ୩୯ ବିଧାୟକଙ୍କ ସଦସ୍ୟତା ରଦ୍ଦ କରିଥିଲେ ସଂଖ୍ୟାଗରିଷ୍ଠତା ହରାଇଥିବା ମହାବିକାଶ ଅଘାଡ଼ି (ଏମ୍‌ଭିଏ) ସରକାରଙ୍କ ପତନ ହୋଇଥାଆନ୍ତା। ତତ୍କାଳୀନ ମୁଖ୍ୟମନ୍ତ୍ରୀ ଉଦ୍ଧବ ଠାକ୍‌ରେ ଆସ୍ଥାଭୋଟର ସମ୍ମୁଖୀନ ହେବା ପୂର୍ବରୁ ଇସ୍ତଫା ଦେଇଥିଲେ। ଏହା ପୂର୍ବରୁ ଠାକ୍‌ରେ ଗୋଷ୍ଠୀ ସୁପ୍ରିମକୋର୍ଟଙ୍କୁ କହିଥିଲେ, ଶିନ୍ଦେଙ୍କ ନେତୃତ୍ୱରେ ମହାରାଷ୍ଟ୍ରରେ ନୂଆ ସରକାର ଗଠନ ଶୀର୍ଷ ଅଦାଲତଙ୍କ ୨ଟି ରାୟର ଏକ ପ୍ରତ୍ୟକ୍ଷ ଓ ଅବଶ୍ୟମ୍ଭାବୀ ପରିଣାମ। ୨୦୨୨ ଜୁନ୍ ୨୭ରେ ସୁପ୍ରିମକୋର୍ଟ ବିଧାୟକମାନଙ୍କୁ ବାଚସ୍ପତି ଅଯୋଗ୍ୟ ଘୋଷଣା କରିପାରିବେ ନାହିଁ ବୋଲି କହିଥିଲେ। ଏହାର ଦୁଇଦିନ ପରେ ଆସ୍ଥାଭୋଟ କରାଇବା ପାଇଁ ଅନୁମତି ଦେଇଥିଲେ। ଏହି ଦୁଇ ରାୟ ଯୋଗୁ ନ୍ୟାୟପାଳିକା ଓ ବ୍ୟବସ୍ଥାପିକା ମଧ୍ୟରେ ଥିବା ପାରସ୍ପରିକ ସନ୍ତୁଳନ ନଷ୍ଟ ହୋଇଛି। ସିଜେଆଇ ଡି.ୱାଇ ଚନ୍ଦ୍ରଚୂଡ଼ଙ୍କ ଅଧ୍ୟକ୍ଷତାରେ ଗଠିତ ୫ ଜଣିଆ ସାମ୍ବିଧାନିକ ପୀଠ ଶିନ୍ଦେ ଗୋଷ୍ଠୀ ପକ୍ଷରୁ ମାମଲା ପରିଚାଳନା କରୁଥିବା ବରିଷ୍ଠ ଆଇନଜୀବୀ ନୀରଜ କିଷାନ୍ କୌଲଙ୍କୁ କହିଥିଲେ, ଶିନ୍ଦେଙ୍କୁ ରାଜ୍ୟପାଳ ମୁଖ୍ୟମନ୍ତ୍ରୀ ଭାବେ ଶପଥପାଠ କରାଇଥିଲେ। ବାଚସ୍ପତି ଶିନ୍ଦେ ଓ ଅନ୍ୟ ବିଧାୟକମାନଙ୍କ ବିରୋଧରେ ଅଯୋଗ୍ୟ ଘୋଷଣା ପ୍ରକ୍ରିୟା ଆରମ୍ଭ କରି ନ ପାରିବାରୁ ସେ ଗୃହରେ ସଂଖ୍ୟାଗରିଷ୍ଠତାର ପ୍ରମାଣ ଦେଇପାରିଥିଲେ। ୨୦୨୨ ଜୁନ୍ ୨୯ ପରେ ଠାକ୍‌ରେ ନିଜ ସପକ୍ଷରେ ଆବଶ୍ୟକ ସଂଖ୍ୟକ ବିଧାୟକଙ୍କ ସମର୍ଥନ ନ ଥିବା ଜାଣିବା ପରେ ଇସ୍ତଫା ଦେଇଥିଲେ। ଜୁଲାଇ ୪ରେ ଆସ୍ଥାଭୋଟ କରାଯାଇଥିଲା। ଏମ୍‌ଭିଏର ୧୩ ବିଧାୟକ ଅନୁପସ୍ଥିତ ରହିବାରୁ ମେଣ୍ଟରୁ ମାତ୍ର ୯୯ ଭୋଟ ପାଇଥିଲେ। ଭାଜପାର ସମର୍ଥନ ପାଇ ଜୁଲାଇ ୪ରେ ଶିନ୍ଦେ ଆସ୍ଥାଭୋଟରେ ବିଜୟୀ ହୋଇଥିଲେ। ୨୮୮ ସଦସ୍ୟ ବିଶିଷ୍ଟ ଗୃହରେ ଆସ୍ଥାଭୋଟ ପ୍ରସ୍ତାବ ସପକ୍ଷରେ ୧୬୪ ଏବଂ ବିରୋଧରେ ୯୯ ବିଧାୟକ ଭୋଟ ଦେଇଥିଲେ।

## ଜେଲରେ ଗିରଫ କାର୍ଯ୍ୟକର୍ତ୍ତାଙ୍କୁ ଭେଟିଲେ ସମୀର

**ଭୁବନେଶ୍ୱର, ୧।୩(ବ୍ୟୁରୋ)**

ରାଜ୍ୟରେ ବିପର୍ଯ୍ୟସ୍ତ ଆଇନ ଶୃଙ୍ଖଳା ସ୍ଥିତି ପ୍ରତିବାଦରେ ବିଧାନସଭା ଘେରାଉ କରିବାକୁ ଯାଉଥିବା ଭାଜପା ଯୁବମୋର୍ଚ୍ଚା ରାଜ୍ୟ ସଭାପତି ଇରାଶିଷ ଆଚାର୍ଯ୍ୟଙ୍କ ସମେତ ୨୨ ଜଣ ଯୁବ କାର୍ଯ୍ୟକର୍ତ୍ତାଙ୍କୁ ପୋଲିସ ଅଟକ ରଖିବାପରେ ଆଇପିସି ଦଫା ୩୦୭ ଭଳି ବିଭିନ୍ନ ସଙ୍ଗୀନ ଦଫାରେ ଗିରଫ କରି ରାତି ଅଧରେ କୋର୍ଟଚାଲାଣ କରାଯାଇ ଜେଲକୁ ପଠାଇଲା। ମିଛ କେସ୍ କରି କେଉଁ ଭଳି ଭାବେ ଜଣେ ନିର୍ଦ୍ଦୋଷକୁ ଫସେଇ ଜେଲରେ ଭର୍ତ୍ତି କରାଯାଇପାରେ, ତାହା ବିଜେଡି ସରକାରଙ୍କଠାରୁ ଆଉ କିଏ ଭଲ ଭାବେ ଜାଣିନାହାନ୍ତି ବୋଲି ରାଜ୍ୟ ସଭାପତି ସମୀର ମହାନ୍ତି ବୁଧବାର କହିଛନ୍ତି। ଖାରପଡ଼ା ଜେଲରେ ଥିବା ଯୁବ ମୋର୍ଚ୍ଚା ସଭାପତି ଏବଂ ଅନ୍ୟମାନଙ୍କୁ ସଭାପତି ମହାନ୍ତି ବୁଧବାର ଭେଟିଆଲୋଚନା କରିଛନ୍ତି।

## ସିଦ୍ଧାନ୍ତଙ୍କ ବ୍ରହ୍ମପୁର ଗସ୍ତକୁ ନେଇ ପୁଣି ଚର୍ଚ୍ଚା

**ବ୍ରହ୍ମପୁର ଅଫିସ, ୧।୩**

ବ୍ରହ୍ମପୁର ପୂର୍ବତନ ବିଜେଡି ଏମ୍‌ପି ସିଦ୍ଧାନ୍ତ ମହାପାତ୍ରଙ୍କ ଗତ ୨୮ ତାରିଖରେ ଗଞ୍ଜାମ ଜିଲା ଗସ୍ତକୁ ନେଇ ପୁଣି ରାଜନୈତିକ ଚର୍ଚ୍ଚା ଜୋର ଧରିଛି। ଚିକିଟିର ବରିଷ୍ଠ ବିଜେଡି ନେତା ସୁରେନ୍ଦ୍ର ମଣ୍ଡଳଙ୍କ ପୁଅ ବାହାଘର ଭୋଜିରେ ସେ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ସେ ଦୁଇରୁ ୩ ଘଣ୍ଟା ରହିଥିଲେ। ପରେ ସେ ଚିକିଟି ଓ ଦିଗପହଣ୍ଡି ଅଞ୍ଚଳର କେତେକ ବିଜେଡି କର୍ମୀଙ୍କ ସହ ବିଭିନ୍ନ ବିଷୟରେ ଆଲୋଚନା କରିଥିବା ଜଣାପଡିଛି। ସେଠାକାର କେତେକ କର୍ମୀ ସିଦ୍ଧାନ୍ତଙ୍କ ସହ ଫଟୋ ଉଠାଇ ସୋସିଆଲ ମିଡିଆରେ ଛାଡିଛନ୍ତି। ଏହାକୁ ନେଇ ରାଜନୈତିକ ମହଲରେ ବିଭିନ୍ନ ଆଲୋଚନା ହେଉଛି। ଭୁବନେଶ୍ୱର ଫେରିବା ବାଟରେ ଜଗନ୍ନାଥପୁର ଛକ କରୁଣା ଡାକବଙ୍ଗଳାରେ ଛତ୍ରପୁର ନିର୍ବାଚନମଣ୍ଡଳୀର କେତେକ ବିଜେଡି କର୍ମୀଙ୍କ ସହ ବିଭିନ୍ନ ବିଷୟରେ ସିଦ୍ଧାନ୍ତ ଆଲୋଚନା କରିଥିବା ସୂଚନା ମିଳିଛି। ଅପରପକ୍ଷରେ ତାଙ୍କ ଗସ୍ତକୁ ଗୁରୁତ୍ୱ ଦିଆଯାଇଛି। ଆଗାମୀ ନିର୍ବାଚନରେ ସେ ପୁଣି ରାଜନୀତିକୁ ଆସିବାର ଚର୍ଚ୍ଚା ଜୋର ଧରିଛି। ତେବେ ବିଜେଡି ତାଙ୍କୁ ବିଧାନସଭା ନା ଲୋକ ସଭାରୁ ପ୍ରାର୍ଥୀ କରିବ ସେନେଇ ପ୍ରଶ୍ନ ଉଠିଛି।

> **ଚିକିଟିର ଏକ ଭୋଜିରେ ଯୋଗଦେଲେ**

ଫେବୃୟାରୀ ୧୫ ବ୍ରହ୍ମପୁର ଗସ୍ତକୁ ନେଇ ଯେଉଁ ରାଜନୈତିକ ଚର୍ଚ୍ଚା ହୋଇଥିଲା ତାହାକୁ ସିଦ୍ଧାନ୍ତ ଖଣ୍ଡନ କରିଛନ୍ତି। ରମେଶ ଚନ୍ଦ୍ର ଚ୍ୟାଉପଟ୍ଟନାୟକଙ୍କ ନିମନ୍ତ୍ରଣରେ ତାଙ୍କ ଘରକୁ ଯଜ୍ଞ ଦର୍ଶନ ପାଇଁ ଆସିଥିବା ସେ କହିଥିଲେ। ଆଲୋଚନା ପ୍ରସଙ୍ଗରେ ଜିଲା ବିଜେଡି ସଭାପତି ଚ୍ୟାଉପଟ୍ଟନାୟକ ସୂଚାଇଛନ୍ତି, ଆଗାମୀ ନିର୍ବାଚନରେ ଗଞ୍ଜାମର ୫ ରୁ ୬ ନିର୍ବାଚନମଣ୍ଡଳୀରେ ନୂଆ ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତା କରିପାରନ୍ତି। ବର୍ତ୍ତମାନର ବିଧାୟିକା ଓ ବିଧାୟକଙ୍କ ରିପୋର୍ଟକାର୍ଡ ଅନୁଧ୍ୟାନ କରାଯାଉଥିବା ସେ କହିଛନ୍ତି।


**WATCO** No.C-2564:

**OFFICE OF THE CHIEF EXECUTIVE OFFICER**
WATCO, Ground Floor, Unnati Bhawan, H.B. Colony, Satyanagar, Bhubaneswar-751007, Odisha, India, Telefax: - +91-674-2391444
E-mail - mail@watcoodisha.in, md@watcoodisha.in

**INVITATION FOR BID (IFB)**
Bid Identification No. WATCO (W) -46/2022-23 Dtd.01. 03.2023
WATCO No.1218, Date: 01 .03.2023

1. Name of the work :- 1.Shifting of water supply pipelines/ sewerage line/sewerage chamber from Penthakata Chhack to Bhudan via Central School & Achyutananda Ashram Puri".
2. Estimated cost 1) Rs.124.81 Lakh
3. Period of completion :- 06 (Six) Months.
4. Date & time of availability of bid document in the portal :- From 11.00 AM of Dt.06.03.2023 to 5.00 PM of 20.03.2023
5. Last date / time of receipt of bids in the portal :- 5.00 PM of 20.03.2023.
6. Date & time of opening of technical bids :-12.30 PM of 21.03.2023.
7. Name and address of the Officer Inviting Bid :- CEO, WATCO Telefax:- 0674-2391444. E-Mail: mail@watcoodisha.in md@watcoodisha.in
8. The bidders have to participate in ONLINE bidding only.

Further details can be seen from the website www.tendersodisha.gov.in

Sd./- CEO, WATCO
OIPR-13194/11/0079/2223



e-mail: sernb1.ganjam@yahoo.com
GOVERNMENT OF ODISHA
**OFFICE OF THE SUPERINTENDING ENGINEER GANJAM [R&B] DIVISION NO.I, BERHAMPUR**
Phone/Fax: (0680) 2233683, e-mail: sernb1.ganjam@yahoo.com

**INVITATIONS FOR BIDS (IFB) [e-Procurement]**
Bid Identification No. S.E. (R&B)-BAM- 92/2022-23
No.2531//Dated 27.2.2023

**No.B-1309:** The Superintending Engineer, Ganjam (R&B) Division No. I, Berhampur on behalf of Governor of Odisha invites percentage rate bid in double cover system in ONLINE MODE for construction of works detailed below from eligible contractors.

1. Nature of work : Building Works
2. No. of works : 2 (Two) Nos.
3. Tender Paper Cost : Rs.10,000/-
4. Class of Contractor : "B" Class
5. Date & Time of sale & receipt of Bids : From 14.03.2023 10.00 AM to 23.03.2023 up to 4.00 PM
6. Date of Opening of Bid : 24.03.2023 at 11.30 A.M.
7. The Bidders have to participate in ONLINE bidding only. Further details can be seen from the website http://tendersodisha.gov.in.

Sd./- Superintending Engineer
Ganjam (R&B) Division No.I, Berhampur
OIPR-34109/11/0027/2223



**OFFICE OF THE MUNICIPAL COUNCIL, BHADRAK**
Bhadrak, PIN - 756100, Tel. No.: 06784-251519
No. C-2571 E-mail: eobdkmunicipality@gmail.com
No. 1098 Date: 28.02.2023

**QUOTATION CALL NOTICE**

1. Name of the work : Design, Construction, erection and installation of 17 mtr. wide Box Type designable overhead Gantry (Welcome Gate) with retro reflective sign board using 4mm ACP Sheet at entry points of Bhadrak Municipality.
2. Date of sale of bid document : From 10.00 A.M. dtd.03.03.2023 upto 1.00 P.M. of Dt.14.03.2023
3. Last date & time of receipt of bid documents : Upto 12.00 Noon of Dt.18.03.2023
4. Date and time of opening of bid documents : At 12.30 P.M. of Dt.18.03.2023
5. Mode of deposit towards cost of Bid document & EMD : As per detailed quotation call notice
6. Name and address of the Officer Inviting quotation : Executive Officer, Bhadrak Municiaplity, Bhadrak Road

Further details can be had from the website **"www.bhadrakmunicipality.nic.in"** from 10.00 A.M. of Dt.03.03.2023 to 1.00 P.M. of Dt.14.03.2023 or from the Office of the undersigned during office hours on all working days.

OIPR-13152/11/0017/2223 Sd./- Executive Officer, Bhadrak Municipality



See Career Appointment on every Wednesday & Saturday



GOVERNMENT OF ODISHA
**OFFICE OF THE CHIEF CONSTRUCTION ENGINEER JEYPORE (R&B) CIRCLE, JEYPORE**
e-mail ID - supenger_rbjyp@yahoo.co.in, Phone No- 06854 - 231528
No.B-1307: **INVITATIONS FOR BIDS (IFB)**
Bid Identification No. C.C.E.J.C (R&B) - 19/2022-23
No. 936 Date. 27.02.2023

1. Nature of the work : ROAD WORK
2. Total No. of Works : 01 (ONE) No.
3. Estimated cost : Rs. 637.78 Lakhs as per work.
4. Period of completion : 06 (Six) Months .
5. Cost of Bid Document : Rs. 10,000/-.
6. Bid Security (EMD) : Rs. 6,37,800/-
7. Class of Contractor : "A" & "Special" Class as per cl. No. 05 of TCN & according to Financial Eligibility.
8. Date & time of availability of bid Document in the portal : From 10.00 hours of 06.03.2023 to 17.00 hours of 15.03.2023
9. Last date / Time for receipt of bids in the Portal : 17.00 hours of 15.03.2023
10. Opening date of Bid : 10.00 hours of 16.03.2023
11. Name and address of the Officer Inviting Bid : Chief Construction Engineer, Jeypore (R&B) Circle, Jeypore

**Further details can be seen from the e-procurement portal https://tendersodisha.gov.in. Any addendum / corrigendum / cancellation of tender can also be seen in the said website only.**

Sd./- Chief Construction Engineer
Jeypore (R&B) Circle, Jeypore
OIPR-34108/11/0023/2223



**OFFICE OF THE MUNICIPAL COUNCIL, RAIRANGPUR**
Ph. No.: (06794) 222054, Fax: 06794-222054
No. 690 Dt.: 28.02.2023

**QUOTATION CALL NOTICE**

No. C-2568: Sealed quotations in printed forms are invited from the authorized/register firms having required valid certificates i.e. I.T., GST Clearance & PAN Card for supply of the following sanitation materials to Rairangpur Municipality for Office Sanitation use only. The quotations should reach the undersigned on or before 14.03.2023 at 2 P.M. through Speed Post/Registered Post. This office not responsible for any postal delay and no quotations will be entertained beyond the stipulated period. The quotations will be opened on 14.03.2023 at 4 P.M. in the presence of the quotationers or their authorized representatives. The quotation shall be available in our official website i.e. **www.rairangpurmunicipality.org**.
The quotationer should clearly mention all the terms and conditions specifications in their quotations.
No transportation charges will be paid by this office.
The undersigned reserves the rights to reject any or all the quotations without asigning any reason thereof.

| Sl. No. | Items | Rate/Pc. |
|---|---|---|
| 1 | Malaria Oil | Per Ltr. |

Sd./- Executive Officer
Rairangpur Municipality
OIPR-13106/11/0023/2223



GOVERNMENT OF ODISHA
**OFFICE OF THE CHIEF CONSTRUCTION ENGINEER, RURAL WORKS CIRCLE: SUNDARGARH**
AT/PO-SANKARA, SUNDARGARH-770020, E-mail address-serw_sundargarh@yahoo.com
No. Tender Online - RWCCESNG -33 of 2022-23, Letter No.480/Dtd.28.02.2023
No.O-1923: e-Procurement NOTICE

1. Type of the Work : Bridge (BSY)
2. Class of Contractor : As specified in the column-6 of the Annexure
3. Time of Completion : As specified in the column-5 of the Annexure
4. Detail Projects : As per Annexure attached
5. Estimated Cost : As specified in the column-4 of the Annexure
6. Other details :

| Procurement Officer | Bid Identification No. | Availability of Tender online for bidding | | Last Date & Time of Seeking Tender Clarification | Date & Time of Opening of tender | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural Works Circle, Sundargarh | RWC-CESNG-33 of 2022-23 | 06.03.2023 11.00 AM | 27.03.2023 5.00 PM | 24.03.2023 5.00 PM | 28.03.2023 11.00 AM | Will be intimated separately |

Further details can be seen from the website www.tendersodisha.gov.in.

Sd./- Chief Construction Engineer, Rural Works Circle, Sundargarh
OIPR-25133/11/0045/2223



GOVERNMENT OF ODISHA
**OFFICE OF THE CHIEF CONSTRUCTION ENGINEER PHULBANI (R&B) CIRCLE, PHULBANI**
Phone:-06842 254004, Email: sernbphulbani@gmail.com

**INVITATION FOR BIDS (IFB)**
Bid Identification No. CCE_R and B_PLB_13 of 2022-23
No.B-1312: No.375, Dated 28.02.2023

| | | | |
|---|---|---|---|
| 1 | The Chief Construction Engineer, Phulbani (R&B) Circle, Phulbani on behalf of the Governor of Odisha invites percentage rate bid in double cover system in ONLINE MODE for construction of the Building works as detailed in the table below from eligible contractors. | | |
| 2 | Nature of Work | : | Bridge Works |
| 3 | No. of tenders | : | Two Nos. |
| 4 | Tender Cost | : | Rs.10,000/- (through online) only |
| 5 | Class of Contractor | : | B Class & A Class |
| 6 | Date & Time of Sale & receipt of bids | : | 10.00 AM of 15.03.2023 to 5.00 PM of 29.03.2023 |
| 7 | Date of Opening of Bid | : | 11.00 AM of 31.03.2023 |
| 8 | The Bidders shall have to participate in online bidding only. Further details can be seen from the website https://tendersodisha.gov.in. Any addendum/Corrigendum/Cancellation of tender can also be seen in the said website. The authority reserves the right to reject any or all bids without assigning any reason. | | |

Sd./-Chief Construction Engineer
Phulbani (R&B) Circle, Phulbani
OIPR-34129/11/0018/2223



GOVERNMENT OF ODISHA No. A-1206
**DEPARTMENT OF WATER RESOURCES**
**OFFICE OF THE CHIEF ENGINEER & BASIN MANAGER, SUBARNAREKHA & BUDHABALANGA BASIN**
At/P.O.- Laxmiposi, Dist.- Mayurbhanj
Mail Id: cebmsbb2019@gmail.com

**Government of Odisha "e" PROCUREMENT NOTICE**
Bid Identification No. 30/22-23 of CEBM, SBB, Laxmiposi

| | | |
|---|---|---|
| 1 | Name of Work | Restoration and Protection to left Bank of river Subarnarekha near Village Birishpur, Panchughanta and right Bank near Village Gurudaspur and Bazarsol |
| 2 | Estimated Cost | Rs.15,36.36 Lakh |
| 3 | Bid Security/E.M.D. | Rs.15,36,400/- |
| 4 | Period of Completion | 18 (Eighteen) Calendar Months |
| 5 | Class of Contractor | "A" Class & "Special" Class |
| 6 | Date & time of availability of Bid document in the portal | 02.03.2023 at 10.00 A.M. |
| 7 | Last date/time for receipt of bid in the portal | 22.03.2023 upto 5.00 P.M. |
| 8 | Name & address of the O.I.T. | Chief Engineer & Basin Manager, O/o. the CE&BM, Subarnarekha & Budhabalanga Basin, Laxmiposi, Mayurbhanj |

Further details can be seen from the e-Procurement portal **"https://tendersodisha.gov.in"**.

Sd./- Chief Engineer & Basin Manager
Subarnarekha & Budhabalanga Basin,
Laxmiposi, Mayurbhanj
OIPR-32429/11/0019/2223



ଅଧୀକ୍ଷଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ
ଭୁବନେଶ୍ୱର (ରାସ୍ତା ଓ ଗୃହ) ବିଭାଜନ ନଂ.୪, ଭୁବନେଶ୍ୱର
**OFFICE OF THE SUPERINTENDING ENGINEER BHUBANESWAR (R&B) DIVISION NO.IV**
NIRMAN SOUDHA, UNIT-V, BHUBANESWAR
Email ID:eernb4bbsr@gmail.com, Tel-(0674)-2390245

**INVITATIONS FOR BIDS THROUGH e-Procurement**
No.1314, Date:22.02.2023
No.B-1302: Bid Identification No.C.C. (R&B)-04
**e-Procurement Notice No.56 of 2022-23**

| | | |
|---|---|---|
| 1 | Name of the Work | 1 No. Road Work |
| 2 | Total No. of Works | 1 No. Road Work |
| 3 | Estimated Cost | Rs.75,64,172.00 |
| 4 | Class of Contractor (i) | 'B' Class |
| 5 | Period of Completion | 4 (Four) Calendar Months for each work |
| 6 | Type of Tender | Double Cover System |
| 7 | Date & Time of availability of bid document in the portal | From Dt.04.03.2023 to 17.30 hrs of Dt.13.03.2023 |
| 8 | Last Date & Time for Receipt of bids in the portal | Dt.13.03.2023 upto 17.30 hrs. |
| 9 | Opening of Bid through online | Dt.14.03.2023 at 11.30 AM onwards |
| 10 | Name & Address of the Officer inviting Bid | Er. Trinath Behera, Superintending Engineer, Bhubaneswar (R&B) Division No. IV, Bhubaneswar |

Further details can be seen from the e-procurement portal https://tendersorissa.gov.in. The Tender Inviting Authority reserves the right to reject/cancel/modify the tender at any time without assigning any reason thereof. N.B.:Subsequent corrigendum/addendum if required shall be available in the website as indicated above.

OIPR-34090/11/0014/2223 Sd./- Superintending Engineer
BBSR(R&B) Division No.IV, BBSR



**OFFICE OF THE ENGINEER-IN-CHIEF (CIVIL), ODISHA**
NIRMAN SOUDHA, UNIT-V, BHUBANESWAR
E-mail ID: cebuildings_orissa@yahoo.co.in, Tel.: (0674) 2391523
File No. B-IV-H-ALMC-08/2021 (PT.) Lr. No. 8119 Dt. 28th Feb. 2023
No. B-1314 **Invitation for Bids**
**RFP Identification No. C.E. (B) - 59/2022-23**

| | | | |
|---|---|---|---|
| 1. | The Chief Engineer (Buildings), Odisha, Bhubaneswar, on behalf of Governor of Odisha, invites proposal from interested bidders who are empaneled with any Govt. Department or Organization of the Govt. of Odisha for **SELECTION OF AGENCY FOR COMPREHENSIVE FACILITY MANAGEMENT SERVICES (CFMS) FOR (1) SJ MEDICAL COLLEGE & HOSPITAL, PURI, (2) FM MEDICAL COLLEGE & HOSPITAL, BALASORE, (3) VIMSAR, BURLA, (4) GOVT. MEDICAL COLLEGE & HOSPITAL, SUNDARGARH** in double cover system in ONLINE MODE only. The tender document can be downloaded from the website: **www.tenderodisha.gov.in**. | | |
| 2. | Nature of Work | : | Operation and Maintenance Services |
| 3. | No. of Work | : | 04 Nos. |
| 4. | Bid Cost (Online) | : | Rs.10,000/- |
| 5. | Availability of Bid documents in the website | : | From Dt.15.03.2023 to 17.00 hours of Dt.29.03.2023 in **www.tendersodisha.gov.in** (Online mode only) |
| 6. | Date of Pre-Bid Meeting | : | Dt.24.03.2023 at 11.30 A.M. |
| 7. | Date of Opening of Bid | : | Dt.31.03.2023 at 11.30 A.M. |
| 8. | The bidders have to participate in ONLINE bidding only. Further details can be seen from the website: **www.tendersodisha.gov.in**. Any addendum/corrigendum/cancellation of tender can also be seen in the said website only. | | |

Sd./- Chief Engineer (Buildings)
Odisha, Bhubaneswar
OIPR-34117/11/0128/2223

## ଜନ୍ମଦିନର ଶୁଭେଚ୍ଛା

ନାମ: ..............................
ବୟସ: ..............................
ଜନ୍ମ ତାରିଖ: ..............................


ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ରୁଲିଂ ଦାବିରେ ଗୃହ ଚଳାଇଦେଲେନି ବିରୋଧୀ

## ସରିଲା ବଜେଟ ଅଧିବେଶନ ପ୍ରଥମ ପର୍ଯ୍ୟାୟ

### ପୋଲିସ-ଭାଜପା କର୍ମୀ ମୁହାଁମୁହିଁ ପ୍ରସଙ୍ଗ

- ୩୫ ମିନିଟ୍‌ର ଆଲୋଚନା ବି ଫେଲ୍ ହେଲା
- ଦ୍ୱିତୀୟାର୍ଦ୍ଧରେ ମୋଟ ୨୪ ମିନିଟ୍ ଚାଲିଲା ଗୃହ
- ସର୍ବାଙ୍ଗୀନ ବିକାଶ ପାଇଁ ଏହି ବଜେଟ କରାଯାଇଛି: ଅର୍ଥମନ୍ତ୍ରୀ

**ଭୁବନେଶ୍ୱର,୧।୩(ବ୍ୟୁରୋ)**

ବିଧାନସଭା ଦ୍ୱିତୀୟାର୍ଦ୍ଧରେ ବୁଧବାର ଗୃହକାର୍ଯ୍ୟ ଚାଲିପାରି ନାହିଁ। ଭାଜପା ଯୁବମୋର୍ଚ୍ଚା କାର୍ଯ୍ୟକର୍ତ୍ତାଙ୍କ ଉପରେ ପୋଲିସର ଆକ୍ରମଣ ଏବଂ ସେମାନଙ୍କୁ ଗିରଫ ନେଇ ବିରୋଧୀ ରୁଲିଂ ଦାବି କରିଥିଲେ। ବିରୋଧୀଙ୍କ ହଙ୍ଗାମା ଭିତରେ ଗୃହକାର୍ଯ୍ୟ ମାତ୍ର ୨୪ ମିନିଟ୍ ପର୍ଯ୍ୟନ୍ତ ଚାଲିଥିଲା। ତା' ଭିତରେ ଗୃହକୁ ବାଚସ୍ପତି ୩୫ ମିନିଟ୍ ମୁଲତବୀ ରଖିଥିଲେ। ୪ଟା ୫୯ରେ ବିରୋଧୀଙ୍କ ହଙ୍ଗାମା ଭିତରେ ଅର୍ଥମନ୍ତ୍ରୀ ନିରଞ୍ଜନ ପୂଜାରୀ ବଜେଟ ଆଲୋଚନା ଉପରେ ତାଙ୍କ ମନ୍ତବ୍ୟ ରଖିବା ପରେ ଗୃହକାର୍ଯ୍ୟ ଆସନ୍ତା ମାର୍ଚ୍ଚ ୯ ପର୍ଯ୍ୟନ୍ତ ମୁଲତବୀ ଘୋଷଣା କରାଯାଇଛି।

ବିଧାନସଭା ବଜେଟ ଆଲୋଚନା ପୂର୍ବରୁ ବାଚସ୍ପତି ବିରୋଧୀ ଦଳ ମୁଖ୍ୟ ସଚେତକ ମୋହନ ଚରଣ ମାଝିଙ୍କୁ କହିବାକୁ କହିଥିଲେ। ମୋହନ କହିଥିଲେ, ନବ ଦାସ ହତ୍ୟାକାଣ୍ଡ ପରିପ୍ରେକ୍ଷୀରେ ରାଲି ହେବ ବୋଲି ଭାଜପା ୧୦ ଦିନ ପୂର୍ବରୁ ସୂଚନା ଦେଇଥିଲା। ଏନେଇ ସମସ୍ତଙ୍କୁ ଅବଗତ ମଧ୍ୟ କରାଯାଇଥିଲା। ଶାନ୍ତିପୂର୍ଣ୍ଣ ଭାବେ ମଙ୍ଗଳବାର ଯୁବମୋର୍ଚ୍ଚା ଆନ୍ଦୋଳନ କଲା ବେଳେ ଯେଉଁମାନେ ଧଳା, କଳା ପୋଷାକ ଧାରୀ ଆକ୍ରମଣକଲେ ସେସବୁ କ୍ୟାମେରାରେ କଏଦ ହୋଇଛି। ରାଜ୍ୟ ସରକାରଙ୍କ ଗୋଇନ୍ଦା ବିଭାଗ କ'ଣ ଜାଣିନି କିଏ ଅଣ୍ଡା, ଟେକା ପଥର ଫୋପାଡ଼ିଲେ। ଯୁବମୋର୍ଚ୍ଚା ସଭାପତିଙ୍କଠାରୁ ଆରମ୍ଭକରି ଯେଉଁମାନଙ୍କ ହାତରେ କିଛି ନ ଥିଲା ସେମାନଙ୍କୁ ଗିରଫ କରାଯାଇଛି। କ୍ୟାପିଟାଲ ଥାନାରେ ଚିକିତ୍ସା କରାଗଲାନି। ଯୁବମୋର୍ଚ୍ଚା ପକ୍ଷରୁ ଦିଆଯାଇଥିବା ଏତଲା ରଖାଗଲାନି। ଭାଜପା ଏତଲା କାହିଁକି ପଞ୍ଜୀକୃତ କରାଯାଉନି। ଏହା ଉପରେ ତୁରନ୍ତ ରୁଲିଂ ଦେବାକୁ ମୋହନ ବାଚସ୍ପତିଙ୍କ ନିକଟରେ


ବିଧାନସଭାରେ ହଙ୍ଗାମାର ଦୃଶ୍ୟ।

ଦାବି ରଖିଥିଲେ। ହେଲେ ବାଚସ୍ପତି ବଜେଟ ଆଲୋଚନାର ବୁଧବାର ଶେଷ ଦିନ, ତେଣୁ ଗୃହକାର୍ଯ୍ୟରେ ସହଯୋଗ କରିବାକୁ ବିରୋଧୀ ସଦସ୍ୟଙ୍କୁ ଅନୁରୋଧ କରିଥିଲେ। ହେଲେ ବିରୋଧୀ ଦଳର ସଦସ୍ୟମାନେ ଗୃହ ମଧ୍ୟଭାଗକୁ ଆସି ପୋଲିସ ଏବଂ ରାଜ୍ୟ ସରକାର ବିରୋଧରେ ସ୍ଲୋଗାନ ଦେବା ସହ ସାଙ୍ଗରେ ନେଇଥିବା ସରକାର ବିରୋଧୀ ବ୍ୟାନର ଧରି ପ୍ରତିବାଦ କରିଥିଲେ। ବାରମ୍ବାର ଅନୁରୋଧ କରିବା ସହ କଂଗ୍ରେସ ସଦସ୍ୟ ତାରା ପ୍ରସାଦ ବାହିନୀପତି କହିବାକୁ ଚାହିଁବାରୁ ତାଙ୍କୁ ସୁଯୋଗ ଦେଇଥିଲେ। ଏହି ସମୟରେ ଗ୍ୟାସ୍ ଦରବୃଦ୍ଧି କଥା ଉଠାଇ କେନ୍ଦ୍ର ସରକାରଙ୍କ ଉପରେ ବର୍ଷିଥିଲେ। ଏହାପରେ ଶଶିଭୂଷଣ ବେହେରାଙ୍କୁ କହିବାକୁ ବାଚସ୍ପତି କହିଥିଲେ। ଶଶିଭୂଷଣ କହିବା ସହ ବିରୋଧୀ ସେମିତି ହୋହଲ୍ଲା କରିଥିଲେ। ଏହାପରେ ଗୃହ ଶୃଙ୍ଖଳା ପାଇଁ ଯୋଗାଣ ମନ୍ତ୍ରୀ, ସ୍ୱାସ୍ଥ୍ୟମନ୍ତ୍ରୀ, ବିରୋଧୀ ଦଳ ନେତା, କଂଗ୍ରେସ ବିଧାୟକ ଦଳ ନେତା, ଅରୁଣ କୁମାର ସାହୁ, ମୁଖ୍ୟ ସଚେତକ ପ୍ରଶାନ୍ତ ମୁଦୁଲି, ପ୍ରମିଳା ମଲ୍ଲିକଙ୍କୁ ଆଲୋଚନା କରିବା ଲାଗି ଡାକିଥିଲେ। କିପରି ଆଲୋଚନା ମାଧ୍ୟମରେ ଗୃହ କାର୍ଯ୍ୟ ସୁରୁଖୁରୁରେ ଚାଲିବ ସେନେଇ ୪ଟା ୧୬ରୁ ୪ଟା ୩୧ ପର୍ଯ୍ୟନ୍ତ ୧୫ ମିନିଟ୍ ଲାଗି ଗୃହ ମୁଲତବି ହୋଇଥିଲା। ଏହାପରେ ଉପ ବାଚସ୍ପତି ଆସି ଗୃହ କାର୍ଯ୍ୟ ପୁଣିଥରେ ୪ଟା ୩୧ରୁ ୪ଟା ୪୧ ପର୍ଯ୍ୟନ୍ତ ବନ୍ଦ କରିଥିଲେ। ପୁଣିଥରେ ଗୃହ କାର୍ଯ୍ୟ ୪ଟା ୪୧ରୁ ୫୧ ପର୍ଯ୍ୟନ୍ତ ମୁଲତବି ରହିଥିଲା। ଏହାପରେ ଆଲୋଚନା ବିଫଳ ହୋଇଥିଲା। ପୁଣି ବିରୋଧୀ ସଦସ୍ୟ ଗୃହ ମଧ୍ୟ ଭାଗକୁ ଆସି ସମାନ ଦାବିରେ ପ୍ରତିବାଦ କରିଥିଲେ। ଏହି ସମୟରେ କଂଗ୍ରେସ ବିଧାୟକ ଦଳ ନେତା ନରସିଂହ ମିଶ୍ର ନିଜ ଆସନରେ ଠିଆହୋଇ ଏହା ନିୟମ ବିରୋଧୀ ବୋଲି କହିଥିଲେ। ସେ କହିଥିଲେ, ଗୃହରେ ବିରୋଧୀ ହୋହଲ୍ଲା ହେବାବେଳେ ବାଚସ୍ପତି କିପରି ଅନ୍ୟ ଜଣଙ୍କୁ କହିବାକୁ କହୁଛନ୍ତି। ଏହା ନିୟମ ବିରୋଧୀ। ବାଚସ୍ପତି ପୁଣିଥରେ ବିରୋଧୀ ସଦସ୍ୟଙ୍କୁ ନିଜ ସ୍ଥାନରେ ବସିବାକୁ କହିବା ସହ ଅର୍ଥମନ୍ତ୍ରୀ ନିରଞ୍ଜନ ପୂଜାରୀଙ୍କୁ ଉତ୍ତର ଦେବାକୁ କହିଥିଲେ। ମନ୍ତ୍ରୀ ପୂଜାରୀ ତାଙ୍କ ଉତ୍ତରରେ କହିଥିଲେ, ଗତ ୨୪ ତାରିଖରେ ୨୦୨୩-୨୪ ଆର୍ଥିକ ବର୍ଷର ବଜେଟ୍ ଉପସ୍ଥାପିତ କରିଥିଲେ। ୨୬ ତାରିଖରୁ ଏହା ଉପରେ ଆରମ୍ଭ ହୋଇଥିବା ଆଲୋଚନା ଅନ୍ତିମ ପର୍ଯ୍ୟାୟରେ ପହଞ୍ଚିଛି। ଏଥିରେ ଭାଗନେଇଥିବା ବିରୋଧୀ ଏବଂ ଶାସକ ଦଳର ସଦସ୍ୟମାନେ କେତେକ ଗଠନମୂଳକ ପ୍ରସ୍ତାବ ଦେଇଛନ୍ତି। ରାଜ୍ୟରେ ସର୍ବାଙ୍ଗୀନ ବିକାଶ ଲାଗି ସମ୍ବଳର ସୁବିନିଯୋଗ ନିମନ୍ତେ ଏହି ବଜେଟରେ ଅର୍ଥ ବ୍ୟବସ୍ଥା କରାଯାଇଛି ବୋଲି ସେ କହିଛନ୍ତି। ବାଚସ୍ପତି ଗୃହକୁ ୪ଟା ୫୯ ମିନିଟ୍ ସମୟରେ ମାର୍ଚ୍ଚ ୯ ତାରିଖ ପର୍ଯ୍ୟନ୍ତ ମୁଲତବି ଘୋଷଣା କରିଥିଲେ। ବଜେଟ ଅଧିବେଶନର ଦ୍ୱିତୀୟ ପର୍ଯ୍ୟାୟ ମାର୍ଚ୍ଚ ୧୦ରୁ ଏପ୍ରିଲ ୬ ଯାଏ ଚାଲିବ।

# ସ୍ୱାଧିକାର ଭଙ୍ଗ ନୋଟିସ ଦେଲେ ନରସିଂହ

**ଭୁବନେଶ୍ୱର,୧।୩(ବ୍ୟୁରୋ)**

ଗୃହକୁ ଜାଣିଶୁଣି ମିଥ୍ୟା ତଥ୍ୟ ଦିଆଯାଉଛି। ଏହି ଅଭିଯୋଗ ଆଣି କଂଗ୍ରେସ ବିଧାୟକ ଦଳ ନେତା ନରସିଂହ ମିଶ୍ର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ଗୃହ ରାଷ୍ଟ୍ରମନ୍ତ୍ରୀ ତୁଷାରକାନ୍ତି ବେହେରାଙ୍କ ବିରୋଧରେ ବିଧାନସଭାରେ ସ୍ୱାଧିକାର ଭଙ୍ଗ ନୋଟିସ ଦେଇଛନ୍ତି। ଏହି ନୋଟିସକୁ ସ୍ୱାଧିକାର କମିଟିକୁ ପଠାଇବାକୁ ସେ ଦାବି କରିଛନ୍ତି। ଏହି ନୋଟିସକୁ ଅନୁଧ୍ୟାନ କରିବା ପରେ ପଦକ୍ଷେପ ନେବେ ବୋଲି ବାଚସ୍ପତି ବିକ୍ରମ କେଶରୀ ଆରୁଖ କହିଛନ୍ତି।

ନରସିଂହ ମିଶ୍ର ବୁଧବାର ବିଧାନସଭା ଶୂନ୍ୟକାଳରେ କହିଥିଲେ, ଗତ ୨୭ ତାରିଖରେ ନବ ଦାସଙ୍କ ହତ୍ୟାର ତଦନ୍ତ ସଂକ୍ରାନ୍ତରେ ମୁଖ୍ୟମନ୍ତ୍ରୀଙ୍କୁ ପଚରାଯାଇଥିବା ଏକ ପ୍ରଶ୍ନର ଲିଖିତ ଉତ୍ତର ଗୃହ ରାଷ୍ଟ୍ରମନ୍ତ୍ରୀ ବେହେରା ଦେଇଛନ୍ତି। ଏହି ଉତ୍ତରରେ ଅସତ୍ୟ ତଥ୍ୟ ରହିଛି। ଗୃହ ରାଷ୍ଟ୍ରମନ୍ତ୍ରୀ ଯେଉଁ ଲିଖିତ ଉତ୍ତର ରଖିଛନ୍ତି ସେଥିରେ ଉଲ୍ଲେଖ ଅଛି ଯେ ନବ ଦାସଙ୍କ ହତ୍ୟା ମାମଲାର ତଦାରଖ ପାଇଁ ଜଷ୍ଟିସ ଜେ.ପି. ଦାସଙ୍କୁ ନିଯୁକ୍ତି ମିଳିଛି। ଉତ୍ତରପ୍ରଦେଶର ଲଖିମପୁର ଖେରି ଘଟଣାକୁ ଆଧାର କରି ଗୃହ ରାଷ୍ଟ୍ରମନ୍ତ୍ରୀ ତାଙ୍କ ଉତ୍ତରରେ ଦର୍ଶାଇଛନ୍ତି । ମାତ୍ର ଲଖିମପୁର ଖେରି ଘଟଣାର ତଦନ୍ତ ତଦାରଖ ପାଇଁ ବିଚାରପତିଙ୍କ ନିଯୁକ୍ତି ନିମନ୍ତେ ସୁପ୍ରିମକୋର୍ଟ ଜୁଡିସିଆଲ ଅର୍ଡର ଦେଇଛନ୍ତି। କିନ୍ତୁ ଜଷ୍ଟିସ ଜେ.ପି. ଦାସଙ୍କ ନିଯୁକ୍ତି ଜୁଡିସିଆଲ ଅର୍ଡର ନୁହେଁ। ତେଣୁ ଗୃହକୁ ବିଭ୍ରାନ୍ତ କରାଯାଇଛି। ନବ ଦାସ ହତ୍ୟା ଘଟଣାରେ କ'ଣ ଷଡ଼ଯନ୍ତ୍ର ହୋଇଛି ସେ କଥା ପୂର୍ବରୁ ମୁଖ୍ୟମନ୍ତ୍ରୀ କିମ୍ବା ଗୃହ ରାଷ୍ଟ୍ରମନ୍ତ୍ରୀ ବିଧାନସଭାରେ ନିଜର ବୟାନ ରଖିବା ବେଳେ କହି ନ ଥିଲେ। କିନ୍ତୁ ୨୭ ତାରିଖର ଲିଖିତ ଉତ୍ତରରେ ଷଡ଼ଯନ୍ତ୍ର କଥା କୁହାଯାଇଛି । ଏହି ହତ୍ୟା ଘଟଣାରେ କାହାକୁ ସନ୍ଦେହ କରାଯାଉଛି, କେଉଁମାନଙ୍କୁ ସାକ୍ଷୀ କରିଛନ୍ତି ତାହା ଗୃହକୁ ଜଣାନ୍ତୁ ବୋଲି ନରସିଂହ ଦାବି କରିଛନ୍ତି। ଏହାସହିତ ସେ ତାଙ୍କର ନୋଟିସକୁ ସ୍ୱାଧିକାର କମିଟିକୁ ପଠାଇବା ସହ ମୁଖ୍ୟମନ୍ତ୍ରୀ ଓ ଗୃହ ରାଷ୍ଟ୍ରମନ୍ତ୍ରୀଙ୍କ କ୍ଷମାପ୍ରାର୍ଥନା ଦାବି କରିଥିଲେ।

ବିଧାନସଭା ବାହାରେ ବିରୋଧୀ ଦଳ ନେତା ଜୟନାରାୟଣ ମିଶ୍ର କହିଥିଲେ, ନବ ଦାସ ହତ୍ୟା ପ୍ରସଙ୍ଗରେ ମୁଖ୍ୟମନ୍ତ୍ରୀ ଗୃହକୁ ଠିକ୍ ତଥ୍ୟ ଦେଇନାହାନ୍ତି। ସରକାରଙ୍କ ଉତ୍ତର ମଧ୍ୟରେ ସାମଞ୍ଜସ୍ୟ ରହୁନି। ଷଡ଼ଯନ୍ତ୍ର କ'ଣ ରହିଛି ତାହା ମୁଖ୍ୟମନ୍ତ୍ରୀଙ୍କ ଉତ୍ତରରେ ନ ଥିବାବେଳେ ଗୃହ ରାଷ୍ଟ୍ରମନ୍ତ୍ରୀଙ୍କ ଉତ୍ତରରେ ଷଡ଼ଯନ୍ତ୍ର କଥା ଉଲ୍ଲେଖ ଅଛି। କିନ୍ତୁ ଷଡ଼ଯନ୍ତ୍ର ପାଇଁ ଯେଉଁ ଦଫା ଏଫ୍‌ଆଇଆର କପିରେ ରହିବା କଥା ତାହା ଉଲ୍ଲେଖ ହୋଇନି। ଏଥିରୁ ସରକାର ଦ୍ୱନ୍ଦ୍ୱରେ ଥିବା ଭଳି ଲାଗୁଛି। ଅନ୍ୟପକ୍ଷରେ ନରସିଂହଙ୍କ ସ୍ୱାଧିକାର ଭଙ୍ଗ ନୋଟିସ ଉପରେ ପ୍ରତିକ୍ରିୟା ରଖି ଗୃହ ବାହାରେ ବିଜେଡି ବିଧାୟକ ଅରୁଣ ସାହୁ କହିଛନ୍ତି, ନବ ଦାସ ହତ୍ୟା ମାମଲାରେ ରାଜ୍ୟ ସରକାରଙ୍କ ଅନୁରୋଧ ପରେ ଜଷ୍ଟିସ ଜେ.ପି. ଦାସଙ୍କୁ ହାଇକୋର୍ଟ ନିଯୁକ୍ତି ଦେଇଛନ୍ତି । ଏହା ମୁଖ୍ୟ ବିଚାରପତିଙ୍କ ପ୍ରତି ଅସମ୍ମାନ । ତେଣୁ କଂଗ୍ରେସ ବିଧାୟକ ମିଶ୍ର ପ୍ରଥମେ ଏନେଇ କ୍ଷମା ମାଗନ୍ତୁ ବୋଲି ସେ ଦାବି କରିଛନ୍ତି ।


# Classified Everyday
**0674-2580101, 2549949**


REAL ESTATE

**SALE**

**New Cancer Hospital** ନାଇକର, ଜଟଣୀରେ ବର୍ଗଫୁଟ ୩୦୦-୫୦୦ ଜାଗା ବିକ୍ରି ହେଉଛି। **9437621753.** D-73691

Morning Sun Villa Balianta 4k.m. from Hanspal Duplex, price- 55,00,000/- only. 9938137503. D-74818

**ORERA Approved 2BHK Luxurious simplex at Balianta, Bhubaneswar @ 30 lakhs. Construction in full-swing. 9437005434.** D-74824

କଟକ-ଭୁବନେଶ୍ୱର Twincityର ମଧ୍ୟଭାଗରେ ନିର୍ମିତ Grandbazar NH-16 ସମ୍ମୁଖରୁ ଅଳ୍ପ ଦୂରତାରେ ଘରବାରି, ବାସୋପଯୋଗୀ plot ସୁଲଭ ମୂଲ୍ୟରେ କିଣନ୍ତୁ। ଗୃହ ନିର୍ମାଣ କରନ୍ତୁ। 8249422604. D-74822

Gharabari plot for sale Sivasaktinagar (Hanspal) per Sqft.- 2750/-. 7008492511. D-2900

**Bhubaneswar Gita/ Gandhi College/ Cultural University** ପାଖରେ ଥିବା **BDA Housing project** କୁ ଲାଗି **sqft.-650/- plot** କିଣନ୍ତୁ। **9348767829, 9040317195.** D-74814

ଭୁବନେଶ୍ୱର ଜଟଣୀ ଗେଟ୍ 1200 sqft.- 3,60,000/-, ଛତାବର 1200 sqft. - 5,40,000/-, ନକ୍ସା 300/-. 6371569855. D-74821




"Two BHK Garage Ground Floor 1600 sqft. for rent at Laxmisagar. Rent Rs.25,000/-. Contact: 9868656156". D-2859

**Three Rooms, Kitchen, Drawing, Dining, Two Toilets, Two Balcony, Covered Car and Two Wheeler Garage under CCTV Coverage in 2nd Floor of 3 Storey Building in Unit-8 area BBSR Bank PSU IT Executives Preferred Rs.19500 PM. Contact: 6372039533.** D-2899




Newly open health benefits SPA special Offer @ 999 Nayapalli. 7846814019. D-73687

Newly open full body massage ladies and gents. 9861883292. D-74650

Newly opened Capital Ayurvedic SPA, professional trading therapy. Contact me: 9556924059, 7077933109. D-2851

Asribada Panchakarma herbal SPA Kesharimall, Bhubaneswar. Contact: 8926173473. D-74647

**Full Body massage by experience therapist @999 only- 9078484455 (Bhubaneswar).** D-2791

Full body massage, refresh, relaxed by expert lady therapist. 8480939300. D- 2824


BUSINESS

**Contact for Development, Renovation, Maintenance of Ornamental Garden and also for Outdoor, Indoor, Fruit, Flower plants. 7978668914.** D-2848

ଘରେ ବସି Part time matter forwarding କାମ କରି 9000/-ରୁ 36000/- ରୋଜଗାର କରନ୍ତୁ। 8763722330. D-2825

**AFFIDAVIT**

By virtue of an affidavit before the Executive Magistrate, Bhubaneswar, I have changed my name from Dilip Kumar Gochhayat to Dillip Kumar Gochhayat for all future purposes. D-71556

**ପାଠକଙ୍କ ପାଇଁ ସୂଚନା-** କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ଧରିତ୍ରୀ DHARITRI
**Scan & Pay**
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ।
BHIM UPI
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ।

**LEGAL NOTICE**

**NOTICE U/OR. 5, RULE-20 OF C.P.C.**
**IN THE COURT OF THE CIVIL JUDGE (JR. DIVN.), DHENKANAL**
**C.S. No.40/2012**

Sisir Parida and others ... ... Plaintiffs
Versus
Kuna Parida and others ... ... Defendants

Take notice that the present plaintiffs have filed this case against (1) Kuna Parida, aged about 28 years, son of late Kailash Chandra Parida, (2) Meena Parida, aged about 25 years, aged (3) Leena Parida, aged about 22 years, both are D/o. late Kailash Chandra Parida of A.R.C. Housing Board Colony, 2nd Phase, LIG/159, P.O. Charbatia, P.S. Choudwar, Dist. Cuttack and others before the Court of Civil Judge, Junior Division, Dhenkanal for partition of suit schedule land coming under Sabik Khata No.210, Plot No.421 corresponds to Hal Khata No.194 consisting of Hal Plot No.826, 828, 837, 838 and 839 of Mouza-Govindpur, P.S. Sadar, Dist.- Dhenkanal but despite repeated notice you did not appear and avoided for which you are hereby directed to appear in this Court on dtd. 18.03.23 at 10.30 A.M. personally or through your counsel positively, failing which this court will be constrained to proceed in this case in your absence.

**Sd./- By order of this Court**
**Civil Judge (J.D.), Dhenkanal**
D-74048


# ବିଧାନସଭା ହୁଲସ୍ଥୁଲ

- ଭୁଲ୍ ତଥ୍ୟ ପ୍ରତିବାଦରେ କଂଗ୍ରେସର ହଙ୍ଗାମା, ଗୃହ ମୁଲତବୀ
- ଯୁବମୋର୍ଚ୍ଚା କର୍ମୀଙ୍କୁ ପୋଲିସ ଆକ୍ରମଣର ତଦନ୍ତ ଦାବି କଲେ ବିରୋଧୀ ଦଳ ନେତା

**ଭୁବନେଶ୍ୱର,୧।୩(ବ୍ୟୁରୋ)**

ପୂର୍ବତନ ସ୍ୱାସ୍ଥ୍ୟମନ୍ତ୍ରୀ ନବ ଦାସ ହତ୍ୟାକାଣ୍ଡ ପ୍ରତିବାଦ ବେଳେ ମଙ୍ଗଳବାର ଯୁବମୋର୍ଚ୍ଚା କର୍ମୀଙ୍କୁ ପୋଲିସ ଆକ୍ରମଣକୁ ନେଇ ବୁଧବାର ବିଧାନସଭାରେ ଭାଜପା ସଦସ୍ୟମାନେ ପ୍ରବଳ ହଙ୍ଗାମା କରିଛନ୍ତି। ଅନ୍ୟପକ୍ଷରେ ନବ ଦାସ ହତ୍ୟାକାଣ୍ଡରେ ଗୃହରେ ଭୁଲ ତଥ୍ୟ ଦିଆଯାଇଥିବା ଉଲ୍ଲେଖ କରି କଂଗ୍ରେସ ସଦସ୍ୟମାନେ ମଧ୍ୟ ଭାଜପା ସହ ତାଳଦେଇ ପ୍ରବଳ ହୋହଲ୍ଲା କରିଥିଲେ। ବିରୋଧୀଙ୍କ ହଙ୍ଗାମା ଯୋଗୁ ବିଧାନସଭାର ଦିନତମାମ କାର୍ଯ୍ୟକ୍ରମ ବରବାଦ ହୋଇଯାଇଛି।

ବୁଧବାର ପୂର୍ବାହ୍ନ ୧୦ଟା ୩୦ ମିନିଟରେ ଗୃହ କାର୍ଯ୍ୟ ଆରମ୍ଭ ହେବା ମାତ୍ରେ ଭାଜପା ସଦସ୍ୟମାନେ ଯୁବମୋର୍ଚ୍ଚା କର୍ମୀଙ୍କୁ ପୋଲିସ ଆକ୍ରମଣର ପ୍ରତିବାଦ କରିଥିଲେ। ରାଜ୍ୟ ସରକାର ଓ ପୋଲିସ ବିରୋଧରେ ସ୍ଲୋଗାନ ଦେଇଥିଲେ। ନବ ଦାସ ହତ୍ୟା ଘଟଣାରେ ଭୁଲ ତଥ୍ୟ ଦେଇଥିବାରୁ ମୁଖ୍ୟମନ୍ତ୍ରୀ ଓ ଗୃହ ରାଷ୍ଟ୍ରମନ୍ତ୍ରୀ କ୍ଷମା ମାଗନ୍ତୁ ବୋଲି କଂଗ୍ରେସ ସଦସ୍ୟମାନେ ଦାବି କରି ହଙ୍ଗାମା କରିଥିଲେ। ପରିସ୍ଥିତିରେ କୌଣସି ସୁଧାର ନ ଆସିବାରୁ ବାଚସ୍ପତି ବାଧ୍ୟ ହୋଇ ଗୃହକୁ ପୂର୍ବାହ୍ନ ୧୦ଟା ୩୩ ମିନିଟରେ ୧୧ଟା ୩୦ ମିନିଟ ପର୍ଯ୍ୟନ୍ତ ମୁଲତବୀ ଘୋଷଣା କରିଥିଲେ। ଗୃହର ଅଚଳାବସ୍ଥା ଦୂର କରିବାକୁ ବାଚସ୍ପତି ସର୍ବଦଳୀୟ ବୈଠକ ଡାକିଥିଲେ। ମାତ୍ର ତାହା ସଫଳ ହୋଇ ନ ଥିଲା । ପୂର୍ବାହ୍ନ ୧୧ଟା ୫୧ ମିନିଟରେ ଗୃହ କାର୍ଯ୍ୟ ଆରମ୍ଭ ହୋଇଥିଲା। ବାଚସ୍ପତି କଂଗ୍ରେସ ବିଧାୟକ ଦଳ ନେତା ନରସିଂହ ମିଶ୍ରଙ୍କୁ କହିବାକୁ ଅନୁମତି ଦେଇଥିଲେ। ସେ କହିଥିଲେ ଯେ ନବ ଦାସ ହତ୍ୟା ମାମଲାରେ ଗୃହକୁ ବିଭ୍ରାନ୍ତ କରାଯାଇଛି। ମୁଖ୍ୟମନ୍ତ୍ରୀ ଓ ଗୃହ ରାଷ୍ଟ୍ରମନ୍ତ୍ରୀ ଏ ନେଇ କ୍ଷମା ମାଗନ୍ତୁ। ବାଚସ୍ପତି ଏ ନେଇ ରୁଲିଂ ଦିଅନ୍ତୁ ବୋଲି ଦାବି କରିଥିଲେ। ଏଥିସହିତ ଉଭୟଙ୍କ ବିରୋଧରେ ସ୍ୱାଧିକାର ଭଙ୍ଗ ନୋଟିସ ଦେଇଥିଲେ।

ବିରୋଧୀ ଦଳ ନେତା ଜୟନାରାୟଣ ମିଶ୍ର କହିଲେ, ନବ ଦାସ ହତ୍ୟା ତଦନ୍ତକୁ ବିରୋଧ କରି ଭାଜପା ଯୁବମୋର୍ଚ୍ଚା ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଉଥିଲା। କଳା ଓ ଧଳା ପୋଷାକଧାରୀ ବ୍ୟକ୍ତିମାନେ କର୍ମୀମାନଙ୍କୁ ଆକ୍ରମଣ କରି ଲହୁଲୁହାଣ କରି ଦେଇଥିଲେ। ୨୨ ଜଣଙ୍କ ନାମରେ ୩୦୭ ଦଫା ଲଗାଇ ଗିରଫ କରାଯାଇଛି। ଆହତ କର୍ମୀମାନଙ୍କୁ ଡାକ୍ତରଖାନାରେ ଦେଖିବାକୁ ସୁଯୋଗ ଦିଆଗଲା ନାହିଁ। ପୋଲିସଙ୍କୁ ମଧ୍ୟ ଦେଖିବାକୁ ଅନୁମତି ଦିଆଗଲା ନାହିଁ। ଚିକିତ୍ସାରେ ମଧ୍ୟ ପାତରଅନ୍ତର କରାଯାଉଛି। ଯେତିକି ଶକ୍ତି ଭାଜପା କର୍ମୀଙ୍କ ଉପରେ ପ୍ରୟୋଗ କରାଗଲା ଯଦି ନବ ଦାସଙ୍କ କେସ୍‌ରେ ତାହା ଲଗାଯାଇ ଥାଆନ୍ତା ତେବେ ସତ୍ୟ ବାହାରି ପାରିଥାଆନ୍ତା। ପୋଲିସ ଅତ୍ୟାଚାରର ତଦନ୍ତ ହେଉ ବୋଲି ସେ ଦାବି କରିଥିଲେ। ଏହା ପରେ ବାଚସ୍ପତି ବିଜେଡି ସଦସ୍ୟ ଅରୁଣ ସାହୁଙ୍କୁ କହିବାକୁ ସୁଯୋଗ ଦେଇଥିଲେ। ସେ କହିଥିଲେ, ଗଣତନ୍ତ୍ରରେ ପ୍ରତିବାଦ କରିବା ସମସ୍ତଙ୍କର ଅଧିକାର ରହିଛି। ମାତ୍ର ବିକ୍ଷୋଭ ନାଁରେ ଛୁରି, ପଥର, ବୋତଲ ଧରି ଆସିବା କେବଳ ଭାଜପାର ଚରିତ୍ର ବୋଲି କହିଥିଲେ। ଏହାକୁ ପ୍ରତିବାଦ କରି ଭାଜପା ସଦସ୍ୟମାନେ ଗୃହର ମଧ୍ୟଭାଗକୁ ଆସି ହୋହଲ୍ଲା କରିଥିଲେ। କଂଗ୍ରେସ ସଦସ୍ୟମାନେ ମଧ୍ୟ ରୁଲିଂ ଦାବିରେ ପାଟିତୁଣ୍ଡ କରିଥିଲେ। ହଙ୍ଗାମାକୁ ଦେଖି ବାଚସ୍ପତି ବାଧ୍ୟ ହୋଇ ଗୃହକୁ ଅପରାହ୍ନ ୪ଟା ଯାଏ ମୁଲତବୀ ଘୋଷଣା କରିଥିଲେ। ତେବେ ଅପରାହ୍ନରେ ମଧ୍ୟ ଭାଜପା ସଦସ୍ୟମାନେ ଶାନ୍ତ ପଡି ନ ଥିଲେ। ପୋଲିସ ବିରୋଧରେ ତଦନ୍ତ ଦାବି କରି ପ୍ରବଳ ପାଟିତୁଣ୍ଡ କରିଥିଲେ। ଫଳରେ ବାଧ୍ୟ ହୋଇ ବାଚସ୍ପତି ଗୃହକୁ ମାର୍ଚ୍ଚ ୯ ତାରିଖ ଯାଏ ମୁଲତବୀ ଘୋଷଣା କରିଥିଲେ।

# ରବୀନ୍ଦ୍ର ଜାଡେଜାଙ୍କ ରେକର୍ଡ

## ଅନ୍ତର୍ଜାତୀୟ କ୍ରିକେଟରେ ୫,୦୦୦ ରନ ଓ ୫୦୦ ଉଇକେଟ ପୂରଣ



ଇନ୍ଦୋର, ୧।୩ (ପି.ଟି.)

ତାରକା ଅଲ୍‌ରାଉଣ୍ଡର ରବୀନ୍ଦ୍ର ଜାଡେଜା ଅନ୍ତର୍ଜାତୀୟ କ୍ରିକେଟରେ ୫,୦୦୦ ରନ କରିବା ସହ ୫୦୦ ଉଇକେଟ ପୂରଣ କରିଛନ୍ତି। କିମ୍ବଦନ୍ତୀ ଖେଳାଳି କପିଳ ଦେବଙ୍କ ପରେ ଦ୍ୱିତୀୟ ଭାରତୀୟ ଭାବେ ସେ ଏହି କୃତିତ୍ୱର ଅଧିକାରୀ ହୋଇଛନ୍ତି। ୩୪ ବର୍ଷୀୟ ଜାଡେଜା ଅଷ୍ଟ୍ରେଲିଆ ବିପକ୍ଷ ତୃତୀୟ କ୍ରିକେଟ ଟେଷ୍ଟର ପ୍ରଥମ ଦିବସରେ ଟ୍ରାଭିସ ହେଡ୍‌ଙ୍କ ଉଇକେଟ ନେଇ ଏହି ବିରଳ ରେକର୍ଡ କ୍ଲବରେ ସାମିଲ ହୋଇଛନ୍ତି। ଟେଷ୍ଟ କ୍ରିକେଟରେ ଜାଡେଜାଙ୍କର ଏହାଥିଲା ୨୬୦ତମ ଉଇକେଟ। ଏହାକୁ ମିଶାଇ ସେ କ୍ରିକେଟର ୩ଟି ଫର୍ମାଟରେ ୫୦୦ ଉଇକେଟ ପୂରଣ କରିଥିଲେ। ସେ ଏପର୍ଯ୍ୟନ୍ତ ୧୭୧ଟି ଦିନିକିଆ ଖେଳି ୧୮୯ଟି ଉଇକେଟ ନେଇଥିବାବେଳେ ଟି୨୦ ଅନ୍ତର୍ଜାତୀୟରେ ୬୪ ମ୍ୟାଚରୁ ୫୧ ଡିସମିଶାଲ୍ସ କରିଛନ୍ତି। ଜଣେ ନିର୍ଭରଯୋଗ୍ୟ ଖେଳାଳିଭାବେ ଜାଡେଜା ଭାରତକୁ ଅନେକ ଘଡ଼ିସନ୍ଧି ପରିସ୍ଥିତିରୁ ଉଦ୍ଧାର କରିଛନ୍ତି। ଟେଷ୍ଟ କ୍ରିକେଟରେ ଏବେ ସେ ସ୍ଥିର ପ୍ରଦର୍ଶନ ଦେବାରେ ସକ୍ଷମ ହୋଇଛନ୍ତି। ଟେଷ୍ଟରେ ସେ ୩୬.୮୮ ଆଭରେଜରେ ୨,୬୧୯ ରନ କରିଛନ୍ତି। ଗତ ୧୨ ମାସ ମଧ୍ୟରେ ସେ ୨ଟି ଏବଂ ଓଭରଅଲ୍ ୩ଟି ଶତକ ହାସଲ କରିଛନ୍ତି। ଏହା ମଧ୍ୟରେ କ୍ୟାରିୟର ଶ୍ରେଷ୍ଠ ୧୭୫* ସାମିଲ। ସେହିପରି ୧୭୧ ଦିନିକିଆରେ ସେ ୩୨.୬୨ ଆଭରେଜରେ ୨,୪୪୭ ଏବଂ ୬୪ଟି ଟି୨୦ରେ ୨୪.୦୫ ଆଭରେଜରେ ୪୫୭ ରନ ସ୍କୋର କରିଛନ୍ତି। ୧୯୮୩ ବିଶ୍ୱକପ ବିଜୟୀ ଭାରତୀୟ ଦଳର ଅଧିନାୟକ କପିଳ ଦେବ ଦେଶର ପ୍ରଥମ ଖେଳାଳିଭାବେ ଏହି ରେକର୍ଡର ଅଧିକାରୀ ହୋଇଥିଲେ। ସେ ୧୩୧ ଟେଷ୍ଟ ଏବଂ ୨୨୫ ଦିନିକିଆରୁ ଯଥାକ୍ରମେ ୪୩୪ ଓ ୨୫୩ ଏହିପରି ୬୮୭ଟି ଉଇକେଟ ନେଇଥିଲେ। ସେହିପରି ବ୍ୟାଟିଂରେ କପିଳ ଟେଷ୍ଟରେ ୮ ଶତକ ଓ ୨୭ ଅର୍ଦ୍ଧଶତକ ସହ ୩୧.୦୫ ଆଭରେଜରେ ୫,୨୪୮ ରନ ଏବଂ ଦିନିକିଆରେ ୧ ଶତକ ଏବଂ ୧୪ ଅର୍ଦ୍ଧଶତକ ସହ ୨୩.୦୯ ଆଭରେଜରେ ୩,୭୮୩ ରନ ସ୍କୋର କରିଥିଲେ। ୧୯୮୩ ବିଶ୍ୱକପରେ ସେ ଜିମ୍ବାୱେ ବିପକ୍ଷରେ ୧୭୫ ରନ୍ କରି ଅପରାଜିତ ରହିଥିଲେ।

ଜାଡେଜା ଓ କପିଳଙ୍କ ବ୍ୟତୀତ ଏହି କ୍ଲବରେ ସାମିଲଥିବା ବିଦେଶୀ ଖେଳାଳିମାନେ ହେଲେ ଦକ୍ଷିଣ ଆଫ୍ରିକାର ଜ୍ୟାକ୍ସ କାଲିସ (୨୫,୫୩୪ ରନ, ୫୭୭ ଉଇକେଟ), ଶନ୍ ପୋଲକ (୭,୩୮୬ ରନ, ୮୨୯ ଉଇକେଟ), ପାକିସ୍ତାନର ଇମ୍ରାନ ଖାଁ (୭,୫୧୬ ରନ, ୫୪୪ ଉଇକେଟ), ୱାସିମ ଆକ୍ରମ (୬,୬୧୫ ରନ୍, ୯୧୬ ଉଇକେଟ), ଶାହିଦ ଆଫ୍ରିଦୀ (୧୧,୧୯୬ ରନ, ୫୪୧ ଉଇକେଟ), ଇଂଲଣ୍ଡର ସାର୍ ଇଆନ ବୋଥାମ (୭,୨୩୨ ରନ, ୫୨୮ ଉଇକେଟ), ଶ୍ରୀଲଙ୍କାର ଚାମିଣ୍ଡା ଭାସ୍ (୫,୧୧୪ ରନ, ୭୫୫ ଉଇକେଟ), ନ୍ୟୁଜିଲାଣ୍ଡର ଡାନିଏଲ ଭିଟ୍ଟୋରୀ (୬,୯୮୯ ରନ, ୬୬୭ ଉଇକେଟ) ଓ ବାଂଲାଦେଶର ଶାକିବ ଅଲ୍ ହାସନ (୧୩,୪୪୫ ରନ, ୬୫୩ ଉଇକେଟ)।

## ଅଶ୍ୱିନ ୧ ନମ୍ବର

**ଦୁବାଇ, ୧।୩(ପି.ଟି.):** ଆଇସିସି ପକ୍ଷରୁ ବୁଧବାର ପ୍ରକାଶିତ ର୍‍ୟାଙ୍କିଂ ତାଲିକାରେ ଭାରତୀୟ ଅଫ୍ ସ୍ପିନର ରବିଚନ୍ଦ୍ରନ ଅଶ୍ୱିନ୍ ଏକ ନମ୍ବରରେ ପହଞ୍ଚିଛନ୍ତି। ଇଂଲଣ୍ଡର ପେସ୍ ବୋଲର ଜେମ୍ସ ଆଣ୍ଡରସନଙ୍କୁ ହଟାଇ ଅଶ୍ୱିନ ଏହି ସଫଳତା ହାସଲ କରିଛନ୍ତି। ଦିଲ୍ଲୀ ଟେଷ୍ଟରେ ଅଶ୍ୱିନ୍ ୬ ଉଇକେଟ ଅକ୍ତିଆର କରିଥିବା ବେଳେ ଦୁଇଟି ସ୍ଥାନ ଉପରକୁ ଉଠିଛନ୍ତି। ଅନ୍ୟ ପକ୍ଷରେ ଇଂଲଣ୍ଡ ଅନ୍ତିମ ଟେଷ୍ଟ ମ୍ୟାଚରେ ନ୍ୟୁଜିଲାଣ୍ଡ ନିକଟରୁ ପରାସ୍ତ ହୋଇଥିଲା। ଆଣ୍ଡରସନଙ୍କ ପ୍ରଦର୍ଶନ ଏତେଟା ଖାସ ନଥିବା ବେଳେ ତାଙ୍କୁ ହଟାଇ ଏକ ନମ୍ବର ସ୍ଥାନ ଅଳଙ୍କୃତ କରିଛନ୍ତି ଅଶ୍ୱିନ। ୩୬ ବର୍ଷୀୟ ଅଶ୍ୱିନ ୬ ବର୍ଷ ପରେ ଏକ ନମ୍ବର ସ୍ଥାନକୁ ଫେରିଛନ୍ତି। ପ୍ରଥମ ଥର ପାଇଁ ୨୦୧୫ରେ ଅଶ୍ୱିନ ଏକ ନମ୍ବର ସ୍ଥାନ ଅଳଙ୍କୃତ କରିଥିଲେ। ୨୦୧୭ରେ ଶେଷ ଥର ପାଇଁ ଅଶ୍ୱିନ ଏକ ନମ୍ବର ସ୍ଥାନ ହାସଲ କରିଥିଲେ। ଉଲ୍ଲେଖଯୋଗ୍ୟ ଯେ, ଆଣ୍ଡରସନ୍ ଏକ ସପ୍ତାହ ତଳେ ପ୍ୟାଟ୍ କୁମିନ୍ସଙ୍କୁ ପଛରେ ପକାଇ ଏକ ନମ୍ବର ଟେଷ୍ଟ ବୋଲର ହୋଇଥିଲେ। ଅଶ୍ୱିନ୍ ୮୬୯ ରେଟିଂ ପଏଣ୍ଟ ପାଇଥିବା ବେଳେ ଆଣ୍ଡରସନ୍ ୮୬୪ ରେଟିଂ ପଏଣ୍ଟ ପାଇଛନ୍ତି। ଦିଲ୍ଲୀ ଟେଷ୍ଟରେ ୧୦ ଉଇକେଟ ନେଇଥିବା ରବୀନ୍ଦ୍ର ଜାଡେଜା ମଧ୍ୟ ବୋଲିଂ ତାଲିକାରେ ୮ ନମ୍ବର ସ୍ଥାନରେ ପହଞ୍ଚିଛନ୍ତି। ଜାଡେଜା ଓ ଅଶ୍ୱିନ୍ ଅଲରାଉଣ୍ଡର ତାଲିକାରେ ପ୍ରଥମ ଦୁଇ ସ୍ଥାନରେ ରହିଛନ୍ତି।

# ହରମନ୍‌ପ୍ରୀତ୍ ମୁମ୍ବାଇ ଇଣ୍ଡିଆନ୍ସ ଅଧିନାୟିକା

## ଓମେନ୍ସ ପ୍ରିମିୟର ଲିଗ୍



ହରମନପ୍ରୀତ କୌର

ମୁମ୍ବାଇ, ୧।୩(ପି.ଟି.)

ଓମେନ୍ସ ପ୍ରିମିୟର ଲିଗ୍ (ଡବ୍ଲ୍ୟୁପିଏଲ୍)ର ଆଗାମୀ ସଂସ୍କରଣ ପାଇଁ ହରମନପ୍ରୀତ୍ କୌରଙ୍କୁ ଅଧିନାୟିକା ଘୋଷଣା କରାଯାଇଛି। ବୁଧବାର ଭାରତୀୟ ଦଳର ଅଧିନାୟିକାଙ୍କୁ ମୁମ୍ବାଇ ଏହାର ଅଧିନାୟକ ଭାବରେ ନିଯୁକ୍ତି ଦେଇଛି। ନିକଟରେ ପ୍ରଥମ ମହିଳା ଖେଳାଳି ଭାବରେ ହରମନପ୍ରୀତ୍ ୧୫୦ତମ ଟି୨୦ ମ୍ୟାଚ୍ ଖେଳିବାର ସୌଭାଗ୍ୟ ହାସଲ କରିଥିଲେ। ଗତମାସରେ ଅନୁଷ୍ଠିତ ନିଲାମୀରେ ହରମନ୍‌ପ୍ରୀତଙ୍କୁ ୧.୮ କୋଟି ଟଙ୍କାରେ କିଣିଥିଲା ମୁମ୍ବାଇ। ଚଳିତ ଶନିବାରରୁ ମୁମ୍ବାଇର ଡି ୱାଇ ପାଟିଲ ଓ ବ୍ରାବୋର୍ଣ୍ଣ ଷ୍ଟାଡିୟମରେ ଡବ୍ଲ୍ୟୁପିଏଲ୍ ଆରମ୍ଭ ହେବ। ହରମନପ୍ରୀତ୍ ଅଧିନାୟିକା ଭାବେ ଭାରତକୁ ଅନେକ ମ୍ୟାଚରେ ଜିତାଇଛନ୍ତି। ଚାର୍ଲୋଟ ଏଡୱାର୍ଡସ ଓ ଝୁଲଣ ଗୋସ୍ୱାମୀଙ୍କ ସହଯୋଗରେ ସେ ମୁମ୍ବାଇକୁ ସଫଳତା ଦେବେ ବୋଲି ଫ୍ରାଞ୍ଚାଇଜି ପକ୍ଷରୁ କୁହାଯାଇଛି। ହରମନପ୍ରୀତଙ୍କ ନେତୃତ୍ୱରେ ଭାରତ ମହିଳା ଟି୨୦ ବିଶ୍ୱକପର ଫାଇନାଲରେ ପ୍ରବେଶ କରିଥିବା ବେଳେ ଅଷ୍ଟ୍ରେଲିଆ ନିକଟରୁ ୫ ରନ୍‌ରେ ପରାଜିତ ହୋଇଥିଲା। ଏହା ପୂର୍ବରୁ ଚାର୍ଲୋଟ ଏଡୱାର୍ଡ୍ସ(ମୁଖ୍ୟ କୋଚ୍), ଝୁଲଣ ଗୋସ୍ୱାମୀ(ବୋଲିଂ କୋଚ୍, ମେଣ୍ଟର), ଦେବିକା ପାଲଶିକର (ବ୍ୟାଟିଂ କୋଚ୍) ଓ ଲିଡିଆ ଗ୍ରୀନ୍‌ୱେଙ୍କୁ ଫିଲ୍ଡିଂ କୋଚ୍ ଭାବରେ ନିଯୁକ୍ତ କରାଯାଇଛି। ବେଥ୍ ମୁନିଙ୍କ ଗୁଜରାଟ ଜାଏଣ୍ଟ୍ସ ବିପକ୍ଷରେ ଶନିବାର ଉଦ୍‌ଘାଟନୀ ମ୍ୟାଚ୍ ଖେଳିବ ମୁମ୍ବାଇ।

# ଫାଇନାଲରେ ମେଘାଳୟ, କର୍ଣ୍ଣାଟକ

## ସନ୍ତୋଷ ଟ୍ରଫି

**ରିୟାଧ, ୧।୩:** ୭୬ତମ ସନ୍ତୋଷ ଟ୍ରଫି ଫାଇନାଲରେ ପ୍ରବେଶ କରିଛନ୍ତି ମେଘାଳୟ ଓ କର୍ଣ୍ଣାଟକ। ବୁଧବାର ଅନୁଷ୍ଠିତ ପ୍ରଥମ ସେମି ଫାଇନାଲରେ ପଞ୍ଜାବକୁ ୨-୧ରେ ପରାସ୍ତ କରିଥିଲା। ରିୟାଧର କିଙ୍ଗ ଫହାଦ ଅନ୍ତର୍ଜାତୀୟ ଷ୍ଟାଡିୟମରେ ଖେଳାଯାଇଥିବା ମ୍ୟାଚର ୧୬ ତମ ମିନିଟରେ ପଞ୍ଜାବର ପରମଜିତ ପ୍ରଥମ ଗୋଲ ସ୍କୋର କରିଥିଲେ। ମ୍ୟାଚର ୩୭ ତମ ମିନିଟରେ ମେଘାଳୟ ପକ୍ଷରୁ ୱାନ୍‌ବୋକ୍ଲାଙ୍ଗ ଲିଙ୍ଗଖୋଇ ମ୍ୟାଚକୁ ବରାବର ସ୍ଥିତିକୁ ଆଣିଥିଲେ। ନିର୍ଦ୍ଧାରିତ ସମୟରେ ମ୍ୟାଚ୍ ୧-୧ରେ ରହିବା ପରେ ଇଞ୍ଜୁରୀ ଟାଇମରେ ଶିନ୍ ଶୋକଟୁଙ୍ଗଙ୍କ ଗୋଲରେ ପ୍ରଥମ ଥର ଫାଇନାଲରେ ପ୍ରବେଶ କରିଥିଲା ମେଘାଳୟ। ସେହିପରି ଦ୍ୱିତୀୟ ସେମିରେ କର୍ଣ୍ଣାଟକ ୩-୧ ଗୋଲରେ ସର୍ଭିସେସକୁ ପରାସ୍ତ କରିଛି। ବିକାଶ ଥାପା ୪୦ ତମ ମିନିଟରେ ପ୍ରଥମ ଗୋଲ ଦେଇ ସର୍ଭିସେସକୁ ଆଗୁଆ କରିଥିଲେ। ଏହାର ୬ ମିନିଟ ମଧ୍ୟରେ ରବିନ୍ ଯାଦବ(୪୨) ଓ ପି ଅଙ୍କିତ(୪୫+୧) ଦୁଇଟି ଗୋଲ ସ୍କୋର କରିଥିଲେ। ଦ୍ୱିତୀୟାର୍ଦ୍ଧର ୭୭ତମ ମିନିଟରେ ବଦଳ ଖେଳାଳି ଏମ୍ ସୁନୀଲ କୁମାର ସ୍କୋର କରିବା ସହିତ କର୍ଣ୍ଣାଟକ ଫାଇନାଲରେ ପ୍ରବେଶ କରିଥିଲା।

# ଡୋପିଂ ମାମଲା: ଐଶ୍ୱର୍ଯ୍ୟା ବାବୁ ୪ ବର୍ଷ ବାସନ୍ଦ



ଟ୍ରିପଲ ଜମ୍ପର ଐଶ୍ୱର୍ଯ୍ୟା ବାବୁ।

ନୂଆଦିଲ୍ଲୀ, ୧।୩(ପି.ଟି.)

ନିଷିଦ୍ଧ ଡ୍ରଗ୍ସ ସେବନ ମାମଲାରେ ଦୋଷୀ ସାବ୍ୟସ୍ତ ଟ୍ରିପଲ ଜମ୍ପର ଐଶ୍ୱର୍ଯ୍ୟା ବାବୁଙ୍କୁ ୪ ବର୍ଷ ବାସନ୍ଦ କରାଯାଇଛି। ବୁଧବାର ନ୍ୟାଶନାଲ ଆଣ୍ଟି ଡୋପିଂ ଏଜେନ୍ସି (ନାଡା) ପକ୍ଷରୁ ଏହି ବାସନ୍ଦାଦେଶ ଘୋଷଣା କରାଯାଇଛି। ୨୫ ବର୍ଷୀୟା ଐଶ୍ୱର୍ଯ୍ୟା ଓ ଧାବିକା ଏସ୍ ଧନଲକ୍ଷ୍ମୀ ବର୍ମିଂହାମ ରାଜ୍ୟଗୋଷ୍ଠୀ କ୍ରୀଡା ପୂର୍ବରୁ ଡୋପ୍ ଟେଷ୍ଟରେ ବିଫଳ ହୋଇଥିଲେ। ନାଡା ପକ୍ଷରୁ ଐଶ୍ୱର୍ଯ୍ୟାଙ୍କ ନମୁନା ପରୀକ୍ଷଣ ପାଇଁ ନିଆଯାଇଥିଲା। ଜୁନ୍ ୨୦୨୨ରେ ଚେନ୍ନାଇରେ ଅନୁଷ୍ଠିତ ଜାତୀୟ ଚାମ୍ପିୟନଶିପରେ ୧୪.୧୪ ମିଟରର ଟ୍ରିପଲ ଜମ୍ପ ସହିତ ସେ ଜାତୀୟ ରେକର୍ଡ ପ୍ରତିଷ୍ଠା କରିଥିଲେ। ଏହି ଚାମ୍ପିନଶିପରେ ନିଆଯାଇଥିବା ନମୂନା ପଜିଟିଭ୍ ଆସିଥିଲା। ଐଶ୍ୱର୍ଯ୍ୟାଙ୍କ ନମୂନାରୁ ନିଷିଦ୍ଧ ଆନାବୋଲିକ୍ ଷ୍ଟେରଏଡ ଓଷ୍ଟାରିନ୍ ମିଳିଥିଲା। ସିଲେକ୍ଟିଭ୍ ଆଣ୍ଡ୍ରୋଜେନ୍ ରିସେପ୍ଟର ମଡ୍ୟୁଲେଟର (ସ୍ରାମ) ବର୍ଗର ଏହି ନିଷିଦ୍ଧ ଡ୍ରଗ ତାଙ୍କ ନମୂନାରେ ରହିଥିଲା। ପ୍ରଦର୍ଶନରେ ଉନ୍ନତି ଆଣିବା ପାଇଁ ଏଭଳି ଡ୍ରଗ୍ ବ୍ୟବହାର କରାଯାଏ। ପ୍ରଥମ ରିପୋର୍ଟ ଆସିବା ପରେ ତାଙ୍କୁ ୬ ମାସର ପ୍ରୋଭିଜନାଲ ବାସନ୍ଦାଦେଶ ପ୍ରଦାନ କରାଯାଇଥିଲା। ବାସନ୍ଦାଦେଶର ନୋଟିସ୍ ମିଳିବା ପରେ ଐଶ୍ୱର୍ଯ୍ୟା ଫେବୃୟାରୀ ୧୩ରୁ ମାର୍ଚ୍ଚ ୬ ତାରିଖ ମଧ୍ୟରେ ଏହା ବିରୋଧରେ ଅପିଲ୍ କରିପାରିବେ।

## ଦକ୍ଷିଣ ଆଫ୍ରିକା ୧୭୯ ରନ୍‌ରେ ଆଗୁଆ

**ସେଞ୍ଚୁରିଅନ୍, ୧।୩:** ସେଞ୍ଚୁରିଅନର ସୁପରସ୍ପୋର୍ଟ ପାର୍କରେ ୱେଷ୍ଟଇଣ୍ଡିଜ ବିପକ୍ଷ ପ୍ରଥମ ଟେଷ୍ଟର ୧୭୯ ରନରେ ଆଗୁଆ ରହିଛି ଦକ୍ଷିଣ ଆଫ୍ରିକା। ପ୍ରଥମ ଇନିଂସରେ ୱେଷ୍ଟଇଣ୍ଡିଜ୍ ୨୧୨ ରନରେ ଅଲଆଉଟ ହେବା ପରେ ଦକ୍ଷିଣ ଆଫ୍ରିକା ଦ୍ୱିତୀୟ ଇନିଂସ ଖେଳ ଆରମ୍ଭ କରି ୪ ଉଇକେଟ ହରାଇ ୪୯ ରନ୍ କରି ୧୭୯ ରନରେ ଅଗ୍ରଣୀ ରହିଛି। ୱେଷ୍ଟଇଣ୍ଡିଜ୍ ଇନିଂସ ଆରମ୍ଭ କରି ମାତ୍ର ୨୧୨ରେ ଅଲଆଉଟ ହୋଇଥିଲା। ରେମନ୍ ରେଫର ସର୍ବାଧିକ ୬୨ ରନ୍ କରିଥିଲେ। ଦକ୍ଷିଣ ଆଫ୍ରିକା ପକ୍ଷରୁ ଆନରିଚ୍ ନୋର୍ଜେ ୫ ଉଇକେଟ ନେଇଥିଲେ। ୧୩୦ ରନରେ ଆଗୁଆ ରହିବା ପରେ ଖେଳ ଆରମ୍ଭ କରି ଦକ୍ଷିଣ ଆଫ୍ରିକା ୪୯ ରନରେ ୪ ଉଇକେଟ ହରାଇଛି। ଏଡେନ ମାରକ୍ରମ ୩୫ ରନରେ ବ୍ୟାଟିଂ କରୁଛନ୍ତି। ଆଲଜାରି ଯୋଶେଫ୍ ଦୁଇ ଉଇକେଟ ନେଇଥିବା ବେଳେ କେମାର ରୋଚ୍ ଓ ଜାସନ ହୋଲ୍ଡର ଗୋଟିଏ ଲେଖାଏ ଉଇକେଟ ନେଇଛନ୍ତି।



ଇନ୍ଦୋରର ହୋଲ୍‌କାର କ୍ରିକେଟ ଷ୍ଟାଡିୟମରେ ବୁଧବାର ମ୍ୟାଚ୍ ଅଫିସିଆଲ୍‌ଙ୍କ ଉପସ୍ଥିତିରେ ଟିମ୍ ଇଣ୍ଡିଆର ପ୍ରଥମ ଟେଷ୍ଟ ଅଧିନାୟକ ସି.କେ.ନାଇଡୁଙ୍କ ପ୍ରତିମୂର୍ତ୍ତିକୁ ଅନାବରଣ କରୁଛନ୍ତି ଭାରତର ରୋହିତ ଶର୍ମା ଓ ଅଷ୍ଟ୍ରେଲିଆର ଷ୍ଟିଭେନ ସ୍ମିଥ୍।

# ଜଷ୍ଟ ଫୋଣ୍ଟାଇନଙ୍କ ପରଲୋକ

## ୧୯୫୮ ବିଶ୍ୱକପରେ ରେକର୍ଡ ୧୩ ଗୋଲ୍



ପ୍ୟାରିସ୍, ୧।୩(ପି.ଟି.)

ଫ୍ରାନ୍ସର ପ୍ରସିଦ୍ଧ ଫୁଟବଲର ଜଷ୍ଟ ଫୋଣ୍ଟାଇନ୍‌ଙ୍କ ୮୯ ବର୍ଷ ବୟସରେ ପରଲୋକ ଘଟିଛି। ଫୋଣ୍ଟାଇନଙ୍କ ପୂର୍ବତନ କ୍ଲବ ରିମ୍ସ ପକ୍ଷରୁ ବୁଧବାର ଏହା ଘୋଷଣା କରାଯାଇଛି। ୧୯୫୮ ସଂସ୍କରଣର ବିଶ୍ୱକପ୍ ଖେଳିବାର ସୁଯୋଗ ପାଇଥିବା ଫୋଣ୍ଟାଇନ୍ ଦେଇଥିଲେ ୧୩ଟି ଗୋଲ୍। ମାତ୍ର ଗୋଟିଏ ସଂସ୍କରଣ ବିଶ୍ୱକପ ଖେଳି ସର୍ବାଧିକ ଗୋଲ ସ୍କୋରରଙ୍କ ତାଲିକାରେ ଚତୁର୍ଥ ସ୍ଥାନରେ ରହିଛନ୍ତି ଫୋଣ୍ଟାଇନ୍। ଉଲ୍ଲେଖଯୋଗ୍ୟ ଯେ, ମରକ୍କୋରେ ଜନ୍ମିତ ଫୋଣ୍ଟାଇନ୍ ପ୍ରଥମ ପସନ୍ଦର ଖେଳାଳି ଭାବରେ ଫ୍ରାନ୍ସ ଦଳରେ ସ୍ଥାନ ପାଇନଥିଲେ। ଶେଷ ମିନିଟରେ ତାଙ୍କୁ ଦଳରେ ସାମିଲ କରାଯାଇଥିବା ବେଳେ ଆଉ ଜଣଙ୍କ ଠାରୁ ମାଗି ଆଣିଥିବା ଜୋତାରେ ସେ ଏହି କରିସ୍ମା ଦେଖାଇଥିଲେ। ଏହି ଫରୱାର୍ଡ ଖେଳାଳି ଜଣଙ୍କ ସ୍ୱିଡେନ ବିଶ୍ୱକପରେ ସମସ୍ତଙ୍କ ମନୋରଞ୍ଜନ କରିଥିଲେ। ଏପରିକି ବିଶ୍ୱକପରେ ଅଭ୍ୟାସ କରିବା ବେଳେ ତାଙ୍କ ଜୋତା ଛିଡିଯିବା କାରଣରୁ ଅନ୍ୟ ଜଣଙ୍କ ଠାରୁ ମାଗି ଆଣିଥିବା ଜୋତାରେ ସେ ଖେଳିଥିଲେ। ପଶ୍ଚିମ ଜର୍ମାନୀ ବିପକ୍ଷ ତୃତୀୟ ସ୍ଥାନ ମ୍ୟାଚରେ ସେ ୪ ଗୋଲ ସ୍କୋର କରିଥିଲେ। ଫୁଟବଲ ବିଶ୍ୱକପ ଇତିହାସରେ ମିରୋସ୍ଲାଭ କ୍ଲୋଜେ ସର୍ବାଧିକ ୧୬ ଗୋଲ ସ୍କୋର କରିଥିବା ବେଳେ ଏଥିପାଇଁ ସେ ୪ଟି ସଂସ୍କରଣ ଖେଳିଛନ୍ତି। ଫୋଣ୍ଟାଇନ୍ ନିଜ କ୍ୟାରିୟରରେ ୨୧୩ ମ୍ୟାଚ୍ ଖେଳି ୨୦୦ ଗୋଲ ସ୍କୋର କରିଥିବା ବେଳେ ଫ୍ରାନ୍ସ ପାଇଁ ୨୧ ମ୍ୟାଚରୁ ୩୦ ଗୋଲ ସ୍କୋର କରିଛନ୍ତି। ମାର୍ଚ୍ଚ ୧୯୬୦ରେ ଗୋଡ ଭାଙ୍ଗିବା କାରଣରୁ ଫୋଣ୍ଟାଇନ୍ ମାତ୍ର ୨୮ ବର୍ଷ ବୟସରେ ଫୁଟବଲରୁ ଅବସର ଘୋଷଣା କରିଥିଲେ।

## ପ୍ରଥମ ଦିନିକିଆ ଜିତିଲା ଇଂଲଣ୍ଡ

**ଢାକା, ୧।୩:** ଦାଉିଡ ମଲନଙ୍କ ଅପରାଜିତ ଶତକ ବଳରେ ପ୍ରଥମ ଦିନିକିଆରେ ବାଂଲାଦେଶକୁ ୩ ଉଇକେଟରେ ପରାସ୍ତ କରିଛି ଇଂଲଣ୍ଡ। ଶେରେ ବାଙ୍ଗଲା ଷ୍ଟାଡିୟମରେ ପ୍ରଥମେ ବ୍ୟାଟିଂ କରି ଘରୋଇ ଦଳ ୪୭.୨ ଓଭରରେ ୨୦୯ ରନରେ ଅଲଆଉଟ ହୋଇଥିଲା। ଜବାବରେ ୪୮.୪ ଓଭରରେ ୭ ଉଇକେଟ ହରାଇ ଇଂଲଣ୍ଡ ମ୍ୟାଚ୍ ଜିତି ନେଇଥିଲା। ନଜମୋଲ ହୋସେନ୍ ଶନ୍ତୋ ସର୍ବାଧିକ ୫୮ ରନ୍ କରିଥିଲେ। ଇଂଲଣ୍ଡର ଡାୱିଡ ମଲନ ଧୈର୍ଯ୍ୟପୂର୍ଣ୍ଣ ଶତକ ହାସଲ କରିଥିଲେ। ୧୪୫ ବଲ ଖେଳି ୮ ଚୌକା ଓ ୪ ଛକା ମାରିବା ସହିତ ସେ ୧୧୪ ରନ୍ କରିଥିଲେ।

**ସଂକ୍ଷିପ୍ତ ସ୍କୋର**

ବାଂଲାଦେଶ ୪୭.୨ ଓଭରରେ ୨୦୯/୧୦ (ନଜମୁଲ ହୋସେନ୍ ଶନ୍ତୋ-୫୮, ମହମ୍ମଦୁଲ୍ଲା-୩୧, ତାମିମ ଇକବାଲ-୨୩, ଜୋଫ୍ରା ଆର୍ଚର-୨/୩୭, ମାର୍କ ଉଡ୍-୨/୩୪, ମୋଇନ୍ ଅଲୀ-୨/୩୫)। ଇଂଲଣ୍ଡ ୪୮.୪ ଓଭରରେ ୨୧୨/୭ (ଡାୱିଡ୍ ମଲନ୍-୧୧୪*, ୱିଲ୍ ଜ୍ୟାକ୍ସ-୨୪, ଆଦିଲ ରଶିଦ୍-୧୭*, ତାଇଜୁଲ୍ ଇସଲାମ-୩/୫୪, ମେହିଦୀ ହସନ ମିରାଜ-୨/୩୫, ଟାସ୍କିନ୍ ଅହମଦ-୧/୨୬)।

# ଇରାନୀ କପ୍‌ରେ ଜୟସ୍ୱାଲଙ୍କ ଦ୍ୱିଶତକ

ଗ୍ୱାଲିୟର, ୧।୩

ଗ୍ୱାଲିୟରର କ୍ୟାପଟେନ୍ ରୁପ୍ ସିଂ ଷ୍ଟାଡିୟମରେ ଖେଳା ଯାଇଥିବା ଇରାନୀ କପ୍ ମୁକାବିଲାରେ ଅବଶିଷ୍ଟ ଭାରତ ଏକ ବୃହତ ସ୍କୋର ଆଡକୁ ଅଗ୍ରସର ହେଉଛି। ୨୦୨୧-୨୨ ସିଜନର ରଣଜୀ ଟ୍ରଫି ଚାମ୍ପିୟନ ମଧ୍ୟପ୍ରଦେଶ ଓ ଅବଶିଷ୍ଟ ଭାରତ ମଧ୍ୟରେ ଅନୁଷ୍ଠିତ ମ୍ୟାଚରେ ପ୍ରଥମ ଦିନର ଖେଳ ଶେଷ ସୁଦ୍ଧା ଅବଶିଷ୍ଟ ଭାରତ ୩ ଉଇକେଟ ହରାଇ ୩୮୧ ରନ୍ ସଂଗ୍ରହ କରିଛି। ଯଶସ୍ୱୀ ଜୟସ୍ୱାଲ ୨୧୩ ଓ ଅଭିମନ୍ୟୁ ଈଶ୍ୱରନ୍ ୧୫୪ ରନ୍‌ର ଇନିଂସ ଖେଳିଥିଲେ। ଦ୍ୱିତୀୟ ଉଇକେଟରେ ଉଭୟ ଖେଳାଳି ୩୭୧ ରନ୍ ଯୋଡିଥିଲେ। ଟସ୍ ଜିତି ଅବଶିଷ୍ଟ ଭାରତ ଅଧିନାୟକ ମୟଙ୍କ ଅଗ୍ରୱାଲ ପ୍ରଥମେ ବ୍ୟାଟିଂ ନିଷ୍ପତ୍ତି ନେଇଥିଲେ। ଭାରତୀୟ ଦଳକୁ ଡାକରା ସୁଯୋଗ ଅପେକ୍ଷାରେ ରହିଥିବା ମୟଙ୍କ ମାତ୍ର ୨ ରନ୍ କରି ଆଭେଶ ଖାନଙ୍କ ବଲରେ ଆଉଟ ହୋଇଥିଲେ। ତେବେ ଅଭିମନ୍ୟୁ ଈଶ୍ୱରନ ଓ ଯଶସ୍ୱୀ ଜୟସ୍ୱାଲ ଦ୍ୱିତୀୟ ଉଇକେଟରେ ୩୭୧ ରନ୍ ଯୋଡିଥିଲେ। ଦ୍ୱିଶତକୀୟ ଇନିଂସରେ ଜୟସ୍ୱାଲ ୨୫୯ ବଲ୍ ଖେଳି ୩୦ ଚୌକା ଓ ୩ ଛକା ମାରିଥିଲେ। ଅନ୍ୟ ପକ୍ଷରେ ଈଶ୍ୱରନ୍ ୨୪୦ ବଲ୍ ଖେଳି ୧୭ ଚୌକା ଓ ୨ ଛକା ମାରିଥିଲେ। ଉଭୟ ଖେଳାଳି ୪୯୧ ବଲର ସମ୍ମୁଖୀନ ହୋଇ ଏହି ଭାଗୀଦାରି କରିଥିଲେ। ମ୍ୟାଚ୍‌ର ୮୫ ତମ ଓଭରରେ ଲଗାତାର ବଲରେ ଉଭୟ ଖେଳାଳି ପ୍ୟାଭିଲିୟନ୍ ଫେରିଥିଲେ। ଓଭରର ଚତୁର୍ଥ ବଲରେ ଜୟସ୍ୱାଲ ବୋଲ୍ଡ ହୋଇଥିବା ବେଳେ ପରବର୍ତ୍ତୀ ବଲରେ ରନ୍‌ଆଉଟ ହୋଇ ପ୍ୟାଭିଲିୟନ୍ ଫେରିଥିଲେ ଈଶ୍ୱରନ୍। ଯଶସ୍ୱୀ ଜୟସ୍ୱାଲ ଅପେକ୍ଷାକୃତ ଆକ୍ରମଣାତ୍ମକ ଢଙ୍ଗରେ ବ୍ୟାଟିଂ କରିଥିବା ବେଳେ ଈଶ୍ୱରନ୍ ଆଙ୍କର ଭୂମିକା ନିଭାଇଥିଲେ। ଷ୍ଟମ୍ପ ଅପସାରଣ ବେଳକୁ ସୌରଭ କୁମାର (୦) ଓ ବାବା ଇନ୍ଦ୍ରଜିତ୍(୩) କ୍ରିଜରେ ଉପସ୍ଥିତ ରହିଥିଲେ। ମଧ୍ୟପ୍ରଦେଶ ପକ୍ଷରୁ ସଫଳ ବୋଲର ଭାବେ ଆଭେଶ ଖାନ୍ ଦୁଇଟି ଉଇକେଟ ନେଇଥିଲେ। ଅଧିନାୟକ ହିମାଂଶୁ ମନ୍ତ୍ରୀ ୭ ଜଣ ବୋଲରଙ୍କୁ ନିୟୋଜିତ କରିଥିଲେ ମଧ୍ୟ ଏହାର ସୁଫଳ ମିଳିନଥିଲା।

- ■ ଅବଶିଷ୍ଟ ଭାରତ ୩୮୧/୩
- ■ ଜୟସ୍ୱାଲ-ଈଶ୍ୱରନଙ୍କ ୩୭୧ ରନ୍ ଭାଗୀଦାରି

**ସଂକ୍ଷିପ୍ତ ସ୍କୋର**

ଅବଶିଷ୍ଟ ଭାରତ- ୮୭ ଓଭରରେ ୩୮୧/୩ (ଯଶସ୍ୱୀ ଜୟସ୍ୱାଲ-୨୧୩, ଅଭିମନ୍ୟୁ ଈଶ୍ୱରନ୍-୧୫୪, ଆଭେଶ୍ ଖାନ୍-୨/୫୧)।)



ଦ୍ୱିଶତକ ହାସଲ ପରେ ଯଶସ୍ୱୀ ଜୟସ୍ୱାଲ।

**ଶେୟାର ବଜାରରେ ଉତ୍ସାହ**

**ନୂଆଦିଲ୍ଲୀ:** କ୍ରମାଗତ ୮ ଦିନ ପରେ ଶେୟାର ବଜାର କାରବାରରେ ପରିବର୍ତ୍ତନ ଘଟିଛି। ଏପରିକି ଚଳିତ ସପ୍ତାହର ୩ୟ କାର୍ଯ୍ୟଦିବସ (ଷ୍ଟକ୍‌ବଜାର)ର ଫଳାଫଳ ଅନୁଯାୟୀ ଶେୟାର ବଜାରରେ ଉତ୍ସାହ ପରିଲକ୍ଷିତ ହୋଇଛି। ଫଳରେ ବୁଧବାର ଶେୟାର ବଜାରର କାରବାର ଶେଷ ସୁଦ୍ଧା ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍‌ଇ)ର ସେନ୍‌ସେକ୍ସ ୪୪୯(୪୪୮.୯୬) ପଏଣ୍ଟ ବୃଦ୍ଧି ଘଟି ୫୯,୪୧୧(୫୯,୪୧୧.୦୮) ଅଙ୍କରେ କାରବାର ବନ୍ଦ କରିଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍‌ଏସ୍‌ଇ) ର ନିଫ୍ଟି-୫୦ରେ ମଧ୍ୟ ୧୪୭ (୧୪୬.୯୫) ପଏଣ୍ଟ ବଢ଼ି ୧୭,୪୫୧ (୧୭,୪୫୦.୯୦) ଅଙ୍କରେ କାରବାର ବନ୍ଦ ହୋଇଥିଲା।

# ଫେବୃୟାରୀରେ ୧.୪୯ ଲକ୍ଷ କୋଟିର ଜିଏସ୍‌ଟି ସଂଗ୍ରହ

- ଗତବର୍ଷ ଅପେକ୍ଷା ୧୨% ଅଧିକ ଟିକସ ଆଦାୟ
- କ୍ରମାଗତ ୧୨ ମାସ ଲାଗି ୧.୪ ଲକ୍ଷ କୋଟିର ଟିକସ ସଂଗ୍ରହ




**ନୂଆଦିଲ୍ଲୀ, ୧।୩**

ଦେଶର ଅର୍ଥନୀତିକୁ ସଶକ୍ତ କରିବା ପାଇଁ ସରକାର ଟିକସ ଆଦାୟକୁ ଗୁରୁତ୍ୱ ଦେଉଛନ୍ତି, ଯାହାର ପ୍ରତିଫଳ ଦେଶର ସାମଗ୍ରୀ ଓ ସେବା ଟିକସ (ଜିଏସ୍‌ଟି) ଆଦାୟରେ ପ୍ରତିଫଳିତ ହେଉଛି। ଏପରିକି ୨୦୨୩ ଫେବୃୟାରୀର ଜିଏସ୍‌ଟି ସଂଗ୍ରହ ସମ୍ପର୍କରେ ବୁଧବାର ଅର୍ଥ ମନ୍ତ୍ରଣାଳୟ ପକ୍ଷରୁ ବିସ୍ତୃତ ସୂଚନା ପ୍ରଦାନ କରାଯାଇଛି। ବିଶେଷକରି ଚଳିତ ବର୍ଷ ଫେବୃୟାରୀରେ ଦେଶର ଜିଏସ୍‌ଟି ସଂଗ୍ରହ ୧.୪୯ (୧,୪୯,୫୭୭) ଲକ୍ଷ କୋଟି ଟଙ୍କାରୁ ଅଧିକ ଟିକସ ଆକାରରେ ସଂଗ୍ରହ କରାଯାଇଛି। ଅପରପକ୍ଷରେ ୨୦୨୨ ଫେବୃୟାରୀରେ ଦେଶର ଜିଏସ୍‌ଟି ସଂଗ୍ରହ ୧.୩୩ ଲକ୍ଷ କୋଟି ଟଙ୍କା ରହିଥିଲା। ଏପରିକି ଗତ ବର୍ଷ ଫେବୃୟାରୀରେ ସଂଗୃହୀତ ଜିଏସ୍‌ଟି ରାଜସ୍ୱ ଅପେକ୍ଷା ଚଳିତ ବର୍ଷ ଫେବୃୟାରୀର ଟିକସ ସଂଗ୍ରହ ପ୍ରାୟ ୧୨% ଅଧିକ ବୋଲି ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ଉଲ୍ଲେଖଯୋଗ୍ୟ,୨୦୨୩ ଫେବୃୟାରୀରେ ସଂଗୃହୀତ ମୋଟ ଜିଏସ୍‌ଟି ରାଜସ୍ୱ ୧,୪୯,୫୭୭ ଲକ୍ଷ କୋଟି ରହିଥିବା ବେଳେ ସେଥିମଧ୍ୟରୁ କେନ୍ଦ୍ରୀୟ ଟିକସ (ସିଜିଏସ୍‌ଟି) ୨୭,୬୬୨ କୋଟି ଟଙ୍କା ଥିଲାବେଳେ ରାଜ୍ୟ ଜିଏସ୍‌ଟି (ଏସ୍‌ଜିଏସ୍‌ଟି) ୩୪,୯୧୫ କୋଟି ଟଙ୍କା ରହିଛି। ସେହିଭଳି ଆଇଜିଏସ୍‌ଟି ବାବଦରେ ୭୫,୦୬୯ କୋଟି (ସାମଗ୍ରୀ ଆମଦାନୀରେ ୩୫,୬୮୯ କୋଟି ଟଙ୍କା ଅନ୍ତର୍ଭୁକ୍ତ ) ଏବଂ ସେସ୍ ବାବଦରେ ୧୧,୯୩୧ ଟଙ୍କା କୋଟି (ସାମଗ୍ରୀ ଆମଦାନୀ ଉପରେ ୭୯୨ କୋଟି ଟଙ୍କା ସାମିଲ)ର ଟିକସ ଆଦାୟ କରାଯାଇଛି। ସେହିପରି ସରକାର ସିଜିଏସ୍‌ଟିକୁ ୩୪,୭୭୦ କୋଟି ଟଙ୍କା ଏବଂ ନିୟମିତ ସମାଧାନ ଭାବେ ଆଇଜିଏସ୍‌ଟିରୁ ଏସ୍‌ଜିଏସ୍‌ଟିକୁ ୨୯,୦୫୪ କୋଟି ଟଙ୍କା ଦେବାକୁ ସ୍ଥିର କରିଛନ୍ତି ବୋଲି ଅର୍ଥ ମନ୍ତ୍ରଣାଳୟ ବିଜ୍ଞପ୍ତିରୁ ସୂଚନା ମିଳିଛି। ସୂଚନାଯୋଗ୍ୟ, କ୍ରମାଗତ ୧୨ ମାସ ଲାଗି ଜିଏସ୍‌ଟି ସଂଗ୍ରହ ୧.୪ ଲକ୍ଷ କୋଟି ରହିଥିବା ବେଳେ ଓଡ଼ିଶାରୁ ଚଳିତ ବର୍ଷ ଫେବୃୟାରୀରେ ୪୫୧୯ କୋଟି ଟଙ୍କାର ଟିକସ ସଂଗ୍ରହ କରାଯାଇଛି। ଗତ ବର୍ଷ ଏହି ସମୟରେ ଏହାର ପରିମାଣ ୪୧୦୧ ଥିଲା ଯାହା ଚଳିତ ବର୍ଷ ୧୦% ବୃଦ୍ଧି ପାଇଛି ବୋଲି ଅର୍ଥ ମନ୍ତ୍ରଣାଳୟ ବିଜ୍ଞପ୍ତିରେ ଉଲ୍ଲେଖ କରାଯାଇଛି। ଚଳିତ ଆର୍ଥିକ ବର୍ଷରେ ୩ୟ ଥର ପାଇଁ ଜିଏସ୍‌ଟି ସଂଗ୍ରହ ୧.୫ ଲକ୍ଷ କୋଟି ଟଙ୍କା ପାରକରିଥିବା ଜଣାପଡ଼ିଛି।

## ନୂତନ ବିମାନ କିଣିପାରେ ଆକାଶ ଏୟାର

**ନୂଆଦିଲ୍ଲୀ, ୧।୩:** ଦେଶର ପ୍ରମୁଖ ଘରୋଇ ବିମାନ ସେବା ପ୍ରଦାନକାରୀ କମ୍ପାନୀ ଆକାଶ ଏୟାର ନୂତନ ବିମାନ କ୍ରୟ କରିପାରେ ବୋଲି କୁହାଯାଉଛି। ଏପରିକି କମ୍ପାନୀ ଚଳିତ ମାସରେ ଏକ ବଡ଼ ଆକାରରେ ବିମାନ ଅର୍ଡର ଦେବାକୁ ଯୋଜନା କରୁଛି ବୋଲି ଚର୍ଚ୍ଚା ହେଉଛି। ଏ ସମ୍ପର୍କରେ କମ୍ପାନୀର ସିଇଓ ବିନୟ ଦୁବେ କହିଛନ୍ତି, ଖୁବ୍‌ଶୀଘ୍ର କମ୍ପାନୀ ଶତାଧିକ ଏୟାରକ୍ରାଫ୍ଟ ଅର୍ଡର ଦେବ। ଏହା ସହ ଏୟାରଲାଇନ୍ସର ଇଣ୍ଟରନ୍ୟାଶନାଲ ପ୍ଲାନ୍ ବିଷୟରେ ବିସ୍ତୃତ ସୂଚନା ଦେଇଛନ୍ତି। ସେହିଭଳି କମ୍ପାନୀ ୨୦୨୩ ଶେଷ ସୁଦ୍ଧା ଅନ୍ତର୍ଜାତୀୟ ସେବା ଆରମ୍ଭ କରିବ। ସୂଚନାଯୋଗ୍ୟ, କମ୍ପାନୀ ୧୦୦ରୁ ଊର୍ଦ୍ଧ୍ୱ ପ୍ରିମିୟମ୍ ବିମାନ କ୍ରୟ ପାଇଁ ଏକ ବହୁରାଷ୍ଟ୍ରୀୟ ବିଦେଶୀ କମ୍ପାନୀ ସହ ଆଲୋଚନା କରୁଥିବା ଜଣାପଡ଼ିଛି। ସେହିଭଳି ନିକଟରେ କମ୍ପାନୀ ନୂଆ ବିମାନ କିଣିବା ପରିପ୍ରେକ୍ଷୀରେ ୩୦୦ ପାଇଲଟ୍ ଏବଂ ୩୫୦୦ କ୍ରିୟୁ ମେମ୍ବର ନିଯୁକ୍ତି ପାଇଁ ପ୍ରକ୍ରିୟା ଆରମ୍ଭ କରିଥିବା ଜଣାପଡ଼ିଛି।

## ସିଆଇଆଇ ସହ ଜେଏସ୍‌ଏଲ୍‌ର ବୁଝାମଣାପତ୍ର ସ୍ୱାକ୍ଷର




**ନୂଆଦିଲ୍ଲୀ, ୧।୩**

ଜିନ୍ଦଲ ଷ୍ଟେନ୍‌ଲେସ୍ ଲିମିଟେଡ୍ (ଜେଏସ୍‌ଏଲ୍) ଏବଂ କନଫେଡେରେଶନ ଅଫ୍ ଇଣ୍ଡିଆନ ଇଣ୍ଡଷ୍ଟ୍ରି (ସିଆଇଆଇ) ମଧ୍ୟରେ ଏକ ଦ୍ୱିପାକ୍ଷିକ ବାଣିଜ୍ୟିକ ବୁଝାମଣାପତ୍ର (ଏମ୍‌ଓୟୁ) ନିକଟରେ ସ୍ୱାକ୍ଷର ହୋଇଯାଇଛି। ବିଶେଷକରି କ୍ରମକ୍ଷୟକୁ ଦୂରକରିବା ଏବଂ କ୍ଷୟକ୍ଷତିର ପ୍ରଭାବ ବିଷୟରେ ସଚେତନତା ସୃଷ୍ଟି କରିବା ଉଦ୍ଦେଶ୍ୟରେ ଏହି ଏମ୍‌ଓୟୁ ହୋଇଥିବା ଜଣାପଡିଛି। ଏପରିକି ନୀତି ଆୟୋଗ ଓ ଜବାହରଲାଲ ନେହେରୁ ବିଶ୍ୱବିଦ୍ୟାଳୟର କୁଳପତି ଡ. ଭି.କେ.ସାରସ୍ୱତ,ଇସ୍ପାତ ମନ୍ତ୍ରଣାଳୟର ଅତିରିକ୍ତ ସଚିବ ରୁଚିକା ଗୋବିଲ, ଜେଏସ୍‌ଏଲ୍‌ର ପରିଚାଳନା ନିର୍ଦ୍ଦେଶକ ଅଭ୍ୟୁଦୟ ଜିନ୍ଦଲ ଏବଂ ସିଆଇଆଇ-କୋରୋସନ ମ୍ୟାନେଜମେଣ୍ଟ କମିଟିର ଅଧ୍ୟକ୍ଷ ଡ. କାମାଚି ମୁଦାଲିଙ୍କ ଉପସ୍ଥିତିରେ ଉକ୍ତ ଏମ୍‌ଓୟୁ ଜେଏସ୍‌ଏଲ୍‌ର ନିର୍ଦ୍ଦେଶକ ବିଜୟ ଶର୍ମା ଏବଂ ସିଆଇଆଇର ନିର୍ବାହୀ ନିର୍ଦ୍ଦେଶକ ଓ ହେଡ୍ ସିଆଇଆଇ ସେଣ୍ଟର ଅଫ୍ ଏକ୍ସଲେନ୍ସ ଫର୍ କମ୍ପିଟେଟିଭ୍‌ନେସ୍ ପିକେନ୍ଦର ପଲ୍ ସିଂହଙ୍କ ମଧ୍ୟରେ ଉକ୍ତ ବୁଝାମଣାପତ୍ର ସ୍ୱାକ୍ଷର କରାଯାଇଛି। ଏହି ଏମ୍‌ଓୟୁ ପାଇଁ ଜିନ୍ଦଲ ଷ୍ଟେନ୍‌ଲେସ୍ ୨କୋଟିରୁ ଅଧିକ ପ୍ରାରମ୍ଭିକ କର୍ପସ ପାଣ୍ଠି ସ୍ଥିର କରାଯାଇଛି। ଜେଏସ୍‌ଏଲ୍‌ର ପରିଚାଳନା ନିର୍ଦ୍ଦେଶକ ଅଭ୍ୟୁଦୟ ଜିନ୍ଦଲ କହିଛନ୍ତି, କ୍ରମକ୍ଷୟ ଆମ ଜୀବନର ସମସ୍ତ ବର୍ଗକୁ ପ୍ରଭାବିତ କରିଥାଏ। ଏପରିକି ଭିତ୍ତିଭୂମି ନିରାପତ୍ତା ଏବଂ ପୁଞ୍ଜି ବିନିଯୋଗର କ୍ଷତିଠାରୁ ଆରମ୍ଭକରି ଅପରିଷ୍କାର ଓ ପ୍ରଦୂଷଣ ପର୍ଯ୍ୟନ୍ତ। ବିଶେଷକରି ଆକଳନ ଅନୁଯାୟୀ ପ୍ରତିବର୍ଷ କ୍ରମକ୍ଷୟ ଭାରତର ଜିଡିପିର ପ୍ରାୟ ୪% ଖର୍ଚ୍ଚ କରିଥାଏ।

## ରାଜ୍ୟରେ ବ୍ୟବସାୟିକ ସମ୍ପ୍ରସାରଣ କରିବ ଶ୍ୟାମ ଷ୍ଟିଲ୍

**ନୂଆଦିଲ୍ଲୀ, ୧।୩**

SHYAM STEEL
flexi STRONG TMT REBAR

ପ୍ରାଇମେରି ଟିଏମ୍‌ଟି ବାର୍‌ର ଉତ୍ପାଦନକାରୀ ତଥା ନିର୍ମାତା ଶ୍ୟାମ ଷ୍ଟିଲ୍ ଓଡ଼ିଶାରେ ଡିଲର ବିତରଣ ନେଟ୍‌ୱର୍କ ସମ୍ପ୍ରସାରଣ ସହ ବ୍ୟବସାୟିକ କାର୍ଯ୍ୟକଳାପରେ ଅଭିବୃଦ୍ଧି ଘଟାଇବାକୁ ଯୋଜନା କରିଥିବା ଜଣାପଡ଼ିଛି। ଏପରିକି କମ୍ପାନୀ ପାଇଁ ଓଡ଼ିଶା ଅନ୍ୟତମ ପ୍ରମୁଖ୍ୟ ବଜାର ହୋଇଥିବା ବେଳେ ଉକ୍ତ ବ୍ରାଣ୍ଡ ଓଡ଼ିଶା ବଜାରରେ ପ୍ରାଇମେରି ଟିଏମ୍‌ଟି ବାର୍ ଶ୍ରେଣୀର ଅଗ୍ରଣୀ ହେବାକୁ ଲକ୍ଷ୍ୟ ରଖିଛି। ବିଶେଷକରି ରାଜ୍ୟରେ କମ୍ପାନୀର ୮୫୦ ଡିଲର ବିତରଣ ନେଟ୍‌ୱର୍କ ରହିଛି ଏବଂ ଏହା ନୂତନ ଅଞ୍ଚଳରେ ନିଜର ଉପସ୍ଥିତି ବୃଦ୍ଧି କରିବାକୁ ସକ୍ରିୟ ପଦକ୍ଷେପ ଗ୍ରହଣ କରୁଛି। ସେହିଭଳି କମ୍ପାନୀ ଓଡ଼ିଶାର ଉତ୍ତର ଓ ପୂର୍ବଭାଗରେ ମଜଭୁତ ଉପସ୍ଥିତି ରଖିଥିବା ବେଳେ ପଶ୍ଚିମ ଓ ଦକ୍ଷିଣରେ ସମ୍ବଲପୁର, ଝାରସୁଗୁଡ଼ା, ରାଉରକେଲା, ସୁବର୍ଣ୍ଣପୁର, ରାୟଗଡ଼ା, ଗଜପତି, କୋରାପୁଟ, ମାଲକାନଗିରି ଆଦି ଜିଲାରେ ନିଜର ବ୍ୟବସାୟିକ କାର୍ଯ୍ୟକଳାପ ସମ୍ପ୍ରସାରଣ କରିବା ଉପରେ ଦୃଷ୍ଟି ନିବଦ୍ଧ କରୁଛି। ଏପରିକି ରାଜ୍ୟରେ ଶ୍ୟାମ ଷ୍ଟିଲ୍‌ର ମଜଭୁତ ଲଜିଷ୍ଟିକ୍ସ ନେଟ୍‌ୱର୍କ ରହିଛି, ଯାହା ଆବଶ୍ୟକ ଉତ୍ପାଦଗୁଡ଼ିକର ନିରନ୍ତର ଯୋଗାଣ ସୁନିଶ୍ଚିତ କରୁଛି।

ଏ ସମ୍ପର୍କରେ ଶ୍ୟାମ ଷ୍ଟିଲ୍‌ର ଡାଇରେକ୍ଟର ଲଳିତ ବେରିୱାଲା କହିଛନ୍ତି, ଓଡିଶା ବଜାରରୁ ଆମେ ବହୁତ ଭଲ ଗ୍ରହଣୀୟତା ପାଇଛୁ ଏବଂ ରାଜ୍ୟରେ ଆମର ଡିଲରଶିପ ନେଟ୍‌ୱର୍କ ଏବଂ ବ୍ୟବସାୟିକ କାର୍ଯ୍ୟକଳାପ ପୁନଃ ପରିବ୍ୟାପ୍ତ କରିବାରେ ମଧ୍ୟ ଲକ୍ଷ୍ୟ ରଖିଛୁ।

## ଟାଟା ମୋଟର୍ସର ଆର୍‌ଭିଏସ୍‌ଏଫ୍ ଶୁଭାରମ୍ଭ

**ନୂଆଦିଲ୍ଲୀ, ୧।୩**



ଦେଶର ପ୍ରମୁଖ ଅଟୋମୋବାଇଲ କମ୍ପାନୀ ଟାଟା ମୋଟର୍ସର ସ୍ୱତନ୍ତ୍ର ଅଭିଯାନ ରିସାଇକେଲ ୱିଥ୍ ରେସ୍ପେକ୍ଟ (ଆର୍‌ଇ.ଡବ୍ଲୁଆଇ.ଆର୍‌ଇ) ବା ସମ୍ମାନର ସହ ପୁନଃଚକ୍ରଣର ଶୁଭାରମ୍ଭ ହୋଇଯାଇଛି। ଏପରିକି ଟାଟା ମୋଟର୍ସର ସ୍ୱୀକୃତି ପ୍ରାପ୍ତ ଡିଲର ରାଜସ୍ଥାନର ଜୟପୁର ଗଙ୍ଗାନଗରର 'ବାହାନ ଉଦ୍ୟୋଗ ପ୍ରାଇଭେଟ ଲିମିଟେଡ୍' ଆନୁକୂଲ୍ୟରେ କମ୍ପାନୀର ପ୍ରଥମ ପଞ୍ଜୀକୃତ ଯାନ ରଦ୍ଦୀକରଣ ସୁବିଧା (ଆର୍‌ଭିଏସ୍‌ଏଫ୍) ର ଉଦ୍‌ଘାଟନ କରାଯାଇଛି। ଏହି ଅବସରରେ କେନ୍ଦ୍ର ସଡ଼କ ପରିବହନ ଏବଂ ରାଜପଥ ମନ୍ତ୍ରୀ ନୀତିନ ଗଡକରୀ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଏହାର ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଉଭୟ କମ୍ପାନୀର ବହୁ ବରିଷ୍ଠ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ। ବିଶେଷକରି ଏହି ଅତ୍ୟାଧୁନିକ ସୁବିଧା ବାର୍ଷିକ ୧୫,୦୦୦ ଯାନର କ୍ଷମତା ରଖିଛି। ଏପରିକି ସରକାରଙ୍କ ନୂଆ ନିୟମ ଅନୁଯାୟୀ କାର୍ଯ୍ୟକାଳ ଶେଷ ହୋଇଯାଇଥିବା ଯାନର ନିରାପଦ ତଥା ସ୍ଥାୟୀ ବିଖଣ୍ଡନ ପାଇଁ ବିଶ୍ୱସ୍ତରୀୟ ପରିବେଶ ଅନୁକୂଳ ପ୍ରକ୍ରିୟା ଅନୁସରଣ କରିଥାଏ। ସେହିଭଳି ଏଠାରେ ସବୁ ବ୍ରାଣ୍ଡର କାର୍ଯ୍ୟକାଳ ଶେଷ ହୋଇଯାଇଥିବା ଯାତ୍ରୀବାହୀ ଏବଂ ବାଣିଜ୍ୟିକ ଯାନର ରଦ୍ଦୀକରଣ କରିବାକୁ ଉଭୟ ସଂସ୍ଥା ଦ୍ୱାରା ଏହା ବିକଶିତ ଏବଂ ସଞ୍ଚାଳିତ ହୋଇଥାଏ।

ଏ ସମ୍ପର୍କରେ ଟାଟା ମୋଟର୍ସର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଗିରୀଶ ୱାଘ କହିଛନ୍ତି, ଟାଟା ମୋଟର୍ସରେ ଗତିଶୀଳତାକୁ ଅଧିକ ସବୁଜ ଏବଂ ସ୍ଥାୟୀ କରିବା ପାଇଁ ଏହାର ପ୍ରତ୍ୟେକ ବିଭବକୁ ପରୀକ୍ଷା କରିବାକୁ ଆମେ ପ୍ରତିଶ୍ରୁତିବଦ୍ଧ ।

## ଏଚ୍‌ଡିଏଫ୍‌ସି ଲାଇଫ୍‌ର ନୂତନ ଉତ୍ପାଦ ଉନ୍ମୋଚିତ

**ନୂଆଦିଲ୍ଲୀ, ୧।୩**

ଦେଶର ପ୍ରମୁଖ ଜୀବନ ବୀମା କମ୍ପାନୀ ଏଚ୍‌ଡିଏଫ୍‌ସି ଲାଇଫ୍‌ର ନୂତନ ଉତ୍ପାଦ 'ଗ୍ୟାରେଣ୍ଟେଡ୍ ଇନ୍‌କମ୍ ବୀମା ଯୋଜନା'ର ଉନ୍ମୋଚନ ସମ୍ପର୍କରେ ଘୋଷଣା କରାଯାଇଛି। ଉକ୍ତ ଯୋଜନା ଗ୍ୟାରେଣ୍ଟି, ନିୟମିତ ଟିକସମୁକ୍ତ ସୁବିଧା ଏବଂ ସୁନିଶ୍ଚିତ ମୃତ୍ୟୁକାଳୀନ ସୁବିଧା ପ୍ରଦାନ କରୁଛି। ବିଶେଷକରି ଗ୍ରାହକଙ୍କୁ ଏଚ୍‌ଡିଏଫ୍‌ସି ଲାଇଫ ନିୟମିତ ଭାବେ ଏଭଳି ଉତ୍ପାଦ ପ୍ରଦାନ କରିବାକୁ ଉଦ୍ୟମ କରୁଛି, ଯାହା ବୀମାଧାରୀଙ୍କ ଜୀବନର ବିଭିନ୍ନ ସ୍ତରର ଆବଶ୍ୟକତା ପୂରଣ କରିବ। ଏପରିକି କମ୍ପାନୀ ଉକ୍ତ ବୀମା ଯୋଜନା ସହ ଗ୍ରାହକମାନଙ୍କୁ ଏକ ଆର୍ଥିକ ପାଣ୍ଠି ଗଠନ କରିବାର ସୁଯୋଗ ପ୍ରଦାନ କରୁଛି, ଯାହା ସେମାନଙ୍କ ପାଇଁ ନିୟମିତ ଓ ସୁନିଶ୍ଚିତ ଆୟ ଜରିଆରେ ସହାୟକ ହେବ। ଏଚ୍‌ଡିଏଫ୍‌ସି ଲାଇଫ୍‌ର ମୁଖ୍ୟ-ପ୍ରଡକ୍ଟସ୍ ଆଣ୍ଡ ସେଗ୍‌ମେଣ୍ଟସ ଅନୀଶ ଖାନ୍ନା କହିଛନ୍ତି, ଏଚ୍‌ଡିଏଫ୍‌ସି ଲାଇଫ୍‌ରେ ଆମେ ଆମ ପଲିସିଧାରକ ଓ ସେମାନଙ୍କ ପ୍ରିୟଜନଙ୍କ ଆର୍ଥିକ ସୁରକ୍ଷାକୁ ନିଶ୍ଚିତ କରିବାକୁ ଲକ୍ଷ୍ୟ ରଖିଛୁ। ଜୀବନ ବୀମା ଏକ ଉତ୍ପାଦ ବର୍ଗ ଭାବେ ସୁରକ୍ଷା ଓ ଦୀର୍ଘସ୍ଥାୟୀ ସଞ୍ଚୟର ଦ୍ୱୈତ ସୁବିଧା ପ୍ରଦାନ କରୁଛି। ଏଚ୍‌ଡିଏଫ୍‌ସି ଲାଇଫ୍ ଗ୍ୟାରେଣ୍ଟେଡ୍ ଇନ୍‌କମ୍ ବୀମା ଯୋଜନା ରିଟର୍ନ ଓ ଅନିଶ୍ଚିତ ଭବିଷ୍ୟତ ସମୟରେ ପଲିସିଧାରକଙ୍କୁ ସୁରକ୍ଷା ପ୍ରଦାନ କରିବାର ଗ୍ୟାରେଣ୍ଟି ଦେଉଛି।

## ଏସ୍‌ବିଆଇ ପକ୍ଷରୁ ସିଣ୍ଡିକେଟେଡ୍ ସାମାଜିକ ଋଣ ପ୍ରଦାନ

**ନୂଆଦିଲ୍ଲୀ, ୧।୩**

ଭାରତୀୟ ଷ୍ଟେଟ୍ ବ୍ୟାଙ୍କ (ଏସ୍‌ବିଆଇ) ପକ୍ଷରୁ ନିକଟରେ ୧ବିଲିୟନ୍ ଡଲାରର ସିଣ୍ଡିକେଟ୍ ଋଣ ପ୍ରଦାନ କରାଯାଇଛି। ଏସ୍‌ବିଆଇ ପାଇଁ ଏହା ଏକ ଗୁରୁତ୍ୱପୂର୍ଣ୍ଣ କାରବାର ବୋଲି କୁହାଯାଉଛି। କାରଣ ଏହା ହେଉଛି ଏସୀୟ ପ୍ରଶାନ୍ତ ମହାସାଗରୀୟ ଅଞ୍ଚଳର ସର୍ବବୃହତ୍ ଇଏସ୍‌ଜି ଋଣ ହୋଇଥିବା ବେଳେ ବିଶ୍ୱସ୍ତରରେ ୨ୟ ସର୍ବବୃହତ୍ ସାମାଜିକ ଋଣ ପ୍ରଦାନ ଭାବେ ପରିଗଣିତ ହେଉଛି। ପୁନଶ୍ଚ ଏହା ହେଉଛି ଏସ୍‌ବିଆଇର ପ୍ରଥମ ସାମାଜିକ ଋଣ ଏବଂ ଗତ ୫ ବର୍ଷ ଭିତରେ ପ୍ରଥମ ସିଣ୍ଡିକେଟେଡ୍ ଋଣ। ଏହି ୧ବିଲିୟନ ପାଣ୍ଠିକୁ ଏମ୍‌ଏଲ୍‌ଏବି,ଏମ୍‌ୟୁଏଫ୍‌ଜି ବ୍ୟାଙ୍କ ଓ ତାଇପେଇ ଫୁବନ କମର୍ସିଆଲ୍ ବ୍ୟାଙ୍କ କୋ ଲିମିଟେଡ୍ ଜରିଆରେ ଯୋଗାଡ଼ କରାଯାଇଛି। ଏମ୍‌ୟୁଏଫ୍‌ଜି ଏହି କାରବାରର ଲିଡ୍ ସାମାଜିକ ସଂଯୋଜକ ହୋଇଥିବା ବେଳେ ଏମ୍‌ୟୁଏଫ୍‌ଜି ଓ ତାଇପେଇ ଫୁବନ କମର୍ସିଆଲ୍ ବ୍ୟାଙ୍କ ଯୁଗ୍ମ ସାମାଜିକ ଋଣ ସଂଯୋଜକ।

ଏ ସମ୍ପର୍କରେ ଏସ୍‌ବିଆଇର ଅଧ୍ୟକ୍ଷ ଦୀନେଶ ଖାରା କହିଛନ୍ତି, ଏକ ଦାୟିତ୍ୱବାନ ଅର୍ଥନୈତିକ ସଂସ୍ଥା ଭାବେ ଆମେ ପରିବେଶ,ସାମାଜିକ ଓ ଗଭର୍ନାନ୍ସ (ଇଏସ୍‌ଜି) ପ୍ରଥାର ଉଚ୍ଚମାନକ ବ୍ୟବସାୟ ପରିଚାଳନା କରିବାକୁ ପ୍ରତିବଦ୍ଧ ରହିଛୁ। ଏପରିକି ଆମର ଦୀର୍ଘମିଆଦୀ ସଫଳତା କେବଳ ବ୍ୟାଙ୍କର ଆର୍ଥିକ ପ୍ରଦର୍ଶନ ଉପରେ ନୁହେଁ ବରଂ ପରିବେଶ, ସମାଜ ଏବଂ ଅଂଶୀଦାରଙ୍କ ଉପରେ ସକାରାତ୍ମକ ପ୍ରଭାବ ପକାଇବା ଲାଗି ଥିବା ଦକ୍ଷତା ଉପରେ ଆମେ ଆମର ବିଶ୍ୱାସ ଜାରି ରଖିଛୁ।

## ନାଲ୍‌କୋ ପକ୍ଷରୁ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର

**ଭୁବନେଶ୍ୱର, ୧।୩**

ଭାରତ ସରକାରଙ୍କ ଖଣି ମନ୍ତ୍ରଣାଳୟ ଅଧୀନ ନବରତ୍ନ ଉଦ୍ୟୋଗ ନ୍ୟାଶନାଲ ଆଲୁମିନିୟମ କମ୍ପାନୀ ଲିମିଟେଡ୍ (ନାଲ୍‌କୋ) ଏବଂ ସାମାଜିକ ଅନୁଷ୍ଠାନ ନାଲ୍‌କୋ ମହିଳା ସମିତିର ମିଳିତ ସହଯୋଗରେ ଏକ ରକ୍ତଦାନ ଶିବିରର ଆୟୋଜନ କରାଯାଇଥିଲା। ବିଶେଷ କରି 'ଆଜାଦୀ କା ଅମୃତ ମହୋତ୍ସବ' ପାଳନ ଅବସରରେ ତଥା ଆଗାମୀ ଅନ୍ତଃରାଷ୍ଟ୍ରୀୟ ମହିଳା ଦିବସ ଉପଲକ୍ଷେ ସ୍ଥାନୀୟ ନାଲ୍‌କୋନଗରଠାରେ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଆୟୋଜିତ ହୋଇଯାଇଛି। ଏହି ଅବସରରେ କମ୍ପାନୀର ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ଶ୍ରୀଧର ପାତ୍ର ରକ୍ତଦାନ ଶିବିରକୁ ନାଲ୍‌କୋ ମହିଳା ସମିତିର ସଭାପତି ସସ୍ମିତା ପାତ୍ରଙ୍କ ଉପସ୍ଥିତିରେ ଉଦ୍‌ଘାଟନ କରିଥିଲେ। ଏହି ପରିପ୍ରେକ୍ଷୀରେ ନାଲ୍‌କୋ କର୍ମଚାରୀଙ୍କ ସମେତ କମ୍ପାନୀର ବିଭିନ୍ନ ବିଭାଗରେ କାର୍ଯ୍ୟରତ ଠିକା କର୍ମଚାରୀ ଓ ପରିବାରବର୍ଗ ଉତ୍ସାହର ସହ ଅଂଶଗ୍ରହଣ କରିଥିଲେ। ସେହିଭଳି କଟକ ସ୍ଥିତ କେନ୍ଦ୍ରୀୟ ରେଡ୍‌କ୍ରସ ରକ୍ତଭଣ୍ଡାର ସହଯୋଗରେ ସମୁଦାୟ ୬୮ ୟୁନିଟ୍ ରକ୍ତ ସଂଗୃହୀତ ହୋଇଥିବା ଜଣାପଡିଛି।



ରକ୍ତଦାନ ଶିବିର ଅବସରରେ ରକ୍ତଦାତାଙ୍କ ଗହଣରେ ନାଲ୍‌କୋର ଅଧିକାରୀ ଓ ଅନ୍ୟମାନେ ଉପସ୍ଥିତ ଅଛନ୍ତି।

## ମାର୍ଚ୍ଚ ୨୩ରେ ସର୍କଲସ୍ତରୀୟ ଡାକ ଅଦାଲତ

**ଭୁବନେଶ୍ୱର, ୧।୩**

ଭାରତୀୟ ଡାକର ଓଡ଼ିଶା ସର୍କଲ ପକ୍ଷରୁ ଚଳିତ ବର୍ଷ ମାର୍ଚ୍ଚ ୨୩ ତାରିଖ (ଗୁରୁବାର) ପୂର୍ବାହ୍ନ ୧୧ଘଟିକା ସମୟରେ ମୁଖ୍ୟ ମହାଡାକପାଳଙ୍କ କାର୍ଯ୍ୟାଳୟ ଭୁବନେଶ୍ୱରଠାରେ ୧୨୮ତମ ସର୍କଲସ୍ତରୀୟ ଡାକ ଅଦାଲତ ଅନୁଷ୍ଠିତ ହେବ। ଉକ୍ତ ଡାକ ଅଦାଲତ ତ୍ରୈମାସିକ ଭାବେ ଡିଭିଜନ ତଥା ସର୍କଲସ୍ତରରେ ପ୍ରତି ବର୍ଷ ମାର୍ଚ୍ଚ, ଜୁନ୍, ସେପ୍ଟେମ୍ବର ଓ ଡିସେମ୍ବରରେ ଆୟୋଜିତ ହୋଇଥାଏ। ଏପରିକି ଜନସାଧାରଣ ସେମାନଙ୍କର ଅଭିଯୋଗଗୁଡ଼ିକ ପ୍ରଥମେ ଡିଭିଜନସ୍ତରୀୟ ଡାକ ଅଦାଲତରେ ଉପସ୍ଥାପିତ କରିବେ। ଯଦି ସେଠାରୁ ସେମାନେ ସନ୍ତୋଷଜନକ ସମାଧାନ ପାଇବାରେ ଅସମର୍ଥ ହୁଅନ୍ତି,ତା'ହେଲେ ସମ୍ପୃକ୍ତ ଅଭିଯୋଗକାରୀ ସର୍କଲସ୍ତରୀୟ ଡାକ ଅଦାଲତରେ ସେମାନଙ୍କର ଅଭିଯୋଗଗୁଡ଼ିକ ଉପସ୍ଥାପିତ କରିପାରିବେ। ଏଥିପାଇଁ ଡାକଘର କାରବାର ସମ୍ବନ୍ଧୀୟ ଅଭିଯୋଗକୁ ୩କିତା କରିବା ସହ ସମ୍ପୃକ୍ତ ଡାକଘର ରସିଦ୍ ବା ପ୍ରମାଣପତ୍ର ଓ ଅଭିଯୋଗର ବିବରଣୀ ଏବଂ ଅଭିଯୋଗକାରୀଙ୍କ ନାମ ଆଉ ସମ୍ପୂର୍ଣ୍ଣ ଡାକ ଠିକଣା ସହ ସମ୍ପୃକ୍ତ ଡିଭିଜନର ଡାକଘର ସୁପରିଣ୍ଟେଣ୍ଡେଣ୍ଟ କିମ୍ବା ସହାୟକ ପୋଷ୍ଟ ମାଷ୍ଟର ଜେନେରାଲ (ଜନ ଅଭିଯୋଗ) ଚିଫ୍ ପୋଷ୍ଟମାଷ୍ଟର ଜେନେରାଲଙ୍କ କାର୍ଯ୍ୟାଳୟ ଓଡ଼ିଶା ସର୍କଲ ଭୁବନେଶ୍ୱର-୭୫୧୦୦୧ ଠିକଣାରେ ୨୦୨୩ ମାର୍ଚ୍ଚ ୨୦ ତାରିଖ ସୁଦ୍ଧା ପହଞ୍ଚିବା ଆବଶ୍ୟକ ବୋଲି କୁହାଯାଇଛି। ସେହିଭଳି ଡାକସେବା ଅସମ୍ବନ୍ଧିତ ଅଭିଯୋଗ ନ ପଠାଇବାକୁ ପରାମର୍ଶ ଦିଆଯାଉଛି। ଅପରପକ୍ଷରେ ଉପରୋକ୍ତ ସମୟ ସୀମା ପରେ ମିଳିଥିବା ଅଭିଯୋଗଗୁଡ଼ିକ ବିଚାରକୁ ନିଆଯିବ ନାହିଁ।

# ଫୁରସତ

## ଭାରତୀୟ ବଧୂ ବେଶ ଧାରଣ କରି ପାକ୍ ଅଭିନେତ୍ରୀ ଟ୍ରୋଲ୍



**ଇସ୍‌ଲାମାବାଦ**

ନିକଟରେ ପାକିସ୍ତାନୀ ଅଭିନେତ୍ରୀ ଉସ୍‌ନା ଶାହାଙ୍କ ବିବାହ ହାମଜା ଆମିନଙ୍କ ସହ ହୋଇଯାଇଛି। ଦୁହିଁଙ୍କର ବିବାହ ଫଟୋ ଏବେ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି। ତେବେ ସେଥିରେ ଅଭିନେତ୍ରୀ ଉସ୍‌ନା ଏକ ସୁନ୍ଦର ଲାଲ ବ୍ରାଇଡାଲ୍ ଲେହେଙ୍ଗା ପିନ୍ଧିଥିବାବେଳେ ଆମିନ ଶେରୱାନି ପିନ୍ଧିଥିବା ନଜରକୁ ଆସିଛନ୍ତି। ଏଥିପାଇଁ ସୋସିଆଲ ମିଡିଆ ବ୍ୟବହାରକାରୀ ଉସ୍‌ନାଙ୍କୁ ଭାରତୀୟଙ୍କ ଭଳି ବଧୂ ବେଶ ଧାରଣ କରିଥିବାରୁ ଟ୍ରୋଲ୍ କରିଛନ୍ତି। ଅଭିନେତ୍ରୀଙ୍କ ଏକ ଡ୍ୟାନ୍ସ ଭିଡିଓରେ ଜଣେ ୟୁଜର ଲେଖିଛନ୍ତି, ପାକିସ୍ତାନୀଙ୍କ ନିଜସ୍ୱ ସଂସ୍କୃତି, ଧର୍ମ ରହିଛି। ତେବେ ପାକିସ୍ତାନୀ ହୋଇ ଭାରତୀୟ ସଂସ୍କୃତି ଅନୁସରଣ କରିବା ବନ୍ଦ କରନ୍ତୁ। ଅନ୍ୟ ଜଣେ ଲେଖିଛନ୍ତି, ମୁସଲମାନଙ୍କ ଧର୍ମରେ ଏପରି ପୋଷାକ ପିନ୍ଧିବାକୁ ଅନୁମତି ନାହିଁ। ଏପରି ଭାରତୀୟଙ୍କ ଭଳି ବଧୂ ବେଶ ଧାରଣ କରି ଭାରତୀୟ ସଂସ୍କୃତିକୁ ଅପମାନ କରନ୍ତୁ ନାହିଁ। ତେବେ ଏହାର ମନ୍ତବ୍ୟରେ ଉସ୍‌ନା ରବିବାର ତାଙ୍କ ଇନ୍‌ଷ୍ଟାଗ୍ରାମ୍‌ରେ ଏକ ଫଟୋ ପୋଷ୍ଟ କରି ଲେଖିଛନ୍ତି, 'ମୁଁ ପିନ୍ଧିଥିବା ବିବାହ ପୋଷାକ ମୋ ପସନ୍ଦର। ଏହା ମତେ ଭଲ ଲାଗୁଛି। ଅନ୍ୟମାନଙ୍କୁ କାହିଁକି ଏହା ଖରାପ ଲାଗୁଛି।' ସେ ଏଥିସହ ଲେଖିଛନ୍ତି, ବିନା ନିମନ୍ତ୍ରଣରେ ତାଙ୍କ ବିବାହ ଉତ୍ସବକୁ ଆସିଥିବା ଫଟୋଗ୍ରାଫରଙ୍କୁ ଧନ୍ୟବାଦ ଜଣାଇଛନ୍ତି।

## ଦାମୀ କାର୍‌ରେ ଆସି ଫୁଲଗଛ ଚୋରି

**ଚଣ୍ଡିଗଡ଼:** ହରିୟାଣାର ଏକ ଘଟଣା ଏବେ ସୋସିଆଲ ମିଡିଆରେ ବେଶ୍ ଭାଇରାଲ ହେବାରେ ଲାଗିଛି। ଯେଉଁଥିରେ କି ଜଣେ ବ୍ୟକ୍ତି ତାଙ୍କ ଦାମୀ କାର୍‌ରେ ଆସି ଫୁଲଗଛ ଚୋରି କରୁଥିବା ଦେଖିବାକୁ ମିଳିଛି। ଯାହା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି। ତେବେ ଚଳିତବର୍ଷ ହରିୟାଣାର ଗୁରୁଗ୍ରାମରେ ଜି-୨୦ ବୈଠକର ଆୟୋଜନ କରାଯାଉଛି। ସେଠାରେ ଅତିଥିଙ୍କୁ ସ୍ୱାଗତ କରିବାକୁ ଅନେକ ଫୁଲଗଛ ସଜ୍ଜା ଯାଇଛି। କିନ୍ତୁ କିଛି ଲୋକ ଏହି ଫୁଲଗଛକୁ ଚୋରି କରିନେଉଥିବା ଭିଡିଓ ସାମ୍‌ନାକୁ ଆସିଛି। ସେଥିରେ କିଛି ଲୋକ ଏକ ଦାମୀ କାର୍‌ରେ ଆସି ଫୁଲଗଛ ଚୋରି କରୁଥିବା ଭିଡିଓ ଭାଇରାଲ ହେବାରେ ଲାଗିଛି। ଭିଡିଓ ଭାଇରାଲ ପରେ ସେଠାକାର ପୋଲିସ ଥାନାରେ ସେନେଇ ଏକ ମାମଲା ରୁଜୁ ହୋଇଥିବା ଜଣାପଡିଛି।

## ଲଦାଖରେ ହିମାଳୟାନ୍ ବିରାଡ଼ି ଠାବ



**ଲେହ:** ଭାରତୀୟ ଫରେଷ୍ଟ ଅଫିସର ପରଭିନ୍ କଶୱାନ୍ ନିକଟରେ ସୋସିଆଲ ମିଡିଆରେ ଏକ ଫଟୋ ଶେୟାର କରିଛନ୍ତି। ସେଥିରେ ଏକ ବିଲୁପ୍ତପ୍ରାୟ ପ୍ରାଣୀ ଦେଖିବାକୁ ମିଳିଛି। ସେହି ଜୀବ ବିରାଡ଼ିଙ୍କ ପ୍ରଜାତିର ହୋଇଥିବା ଜଣାପଡୁଛି। ହେଲେ ତା'ର ମୁନିଆ କାନ ରହିଛି। ଶରୀରର ରଙ୍ଗ ଧୂସର ହୋଇଥିବାବେଳେ ଭିଡିଓଟି ଲଦାଖ ବୋଲି ଫରେଷ୍ଟ ଅଫିସର କହିଛନ୍ତି। ଏହି ଭିଡିଓକୁ ଲଦାଖର ବାଲ୍ଟି କମ୍ୟୁନିଟିର ପ୍ରଥମ ଗାୟିକା ସେରିନି ଫାତିମା ଶୁଟ୍ କରିଥିବା ଜଣାପଡ଼ିଛି। ତେବେ ସେହି ପ୍ରାଣୀର ନାମ ଜଣାପଡି ନ ଥିବାବେଳେ କେତେକେ ଏହାକୁ ହିମାଳୟାନ ବିରାଡ଼ି ପ୍ରଜାତିର ବନ୍ୟପ୍ରାଣୀ ବୋଲି କହିଛନ୍ତି। ସେହି ଅଞ୍ଚଳରେ ଏହି ପ୍ରାଣୀକୁ ନୂଆ ଭାବେ ଦେଖିବାକୁ ମିଳିଥିବା ଜଣାପଡିଛି। ଉକ୍ତ ଅଞ୍ଚଳରେ ଥିବା କୁକୁର ଉକ୍ତ ପ୍ରାଣୀକୁ ଦେଖି ଭୋକୁଥିବା ଭିଡିଓରେ ଦେଖିବାକୁ ମିଳିଛି। ରିପୋର୍ଟ ଅନୁସାରେ, ହିମାଳୟାନ ବିରାଡ଼ି ପ୍ରଜାତିର ବନ୍ୟପ୍ରାଣୀ ମଧ୍ୟମଧରଣର ଓ ସେମାନଙ୍କ ଲାଞ୍ଜ ଛୋଟ। ସେହିପରି ପ୍ରାଣୀ ଉତ୍ତର ଆମେରିକା, ଏସିଆ ଏବଂ ୟୁରୋପରେ ଦେଖିବାକୁ ମିଳିଥାନ୍ତି। ତେବେ ଏମାନେ ଭାରତରେ ଦେଖିବାକୁ ମିଳି ନ ଥାନ୍ତି।

## ଦୀପିକାଙ୍କ ସହ ଏକାଠି ନଜର ଆସିବେ କ୍ୟାଟ୍ରିନା



**ମୁମ୍ବାଇ:** ବଲିଉଡ୍‌ର ୨ ଅଭିନେତ୍ରୀ ଦୀପିକା ପାଦୁକୋନ୍ ଏବଂ କ୍ୟାଟ୍ରିନା କୈଫ୍‌ଙ୍କ ପାଇଁ ଦର୍ଶକଙ୍କ ଅନେକ କ୍ରେଜ୍ ରହିଛି। ତେବେ ଏବେ ଉଭୟଙ୍କୁ ଏକାଠି ଦେଖିବାକୁ ମିଳିବ। ରପୋର୍ଟ ଅନୁଯାୟୀ, ୟଶରାଜ୍ ଫିଲ୍ମ 'ସ୍ପାଏ ୟୁନିଭର୍ସ'ରେ ଦୁହେଁ ଏକାଠି ନଜର ଆସିବେ। ତେବେ ବର୍ତ୍ତମାନ ନିର୍ମାତା ଦୁଇ ଅଭିନେତ୍ରୀଙ୍କୁ ନେଇ କିଛି ବଡ଼ କରିବାକୁ ଯାଉଛନ୍ତି। ସ୍ପାଏ ୟୁନିଭର୍ସରେ ମହିଳା ଆଧାରିତ ମୁଭିର ଅଭାବ ରହିଛି। ଏହି ୨ ଅଭିନେତ୍ରୀଙ୍କୁ ନେଇ ୟଶରାଜ୍ ଫିଲ୍ମ ଏହି ଅଭାବକୁ ପୂରଣ କରିବାକୁ ଚେଷ୍ଟା ଚଳାଇଛି। ନିକଟରେ ଚଳଚ୍ଚିତ୍ର ଲେଖକ ଶ୍ରୀଧର ରାଘବନ୍ ଗଣମାଧ୍ୟମକୁ କହିଛନ୍ତି, ଦୀପିକା ଏବଂ କ୍ୟାଟ୍ରିନା ଫିଲ୍ମ ନିର୍ଦ୍ଦେଶକ ଆଦିତ୍ୟ ଚୋପ୍ରାଙ୍କ ସ୍ପାଏ ୟୁନିଭର୍ସ ଫିଲ୍ମରେ ଏକାଠି ଦେଖିବାକୁ ମିଳିବେ। ସେମାନେ ଏକ ମହିଳା ଭିତ୍ତିକ ସ୍ପାଏ ଚଳଚ୍ଚିତ୍ର ନିର୍ମାଣ କରିବାକୁ ଯୋଜନା ରଖିଛନ୍ତି।

# ଏବେ ବି ମନେପଡ଼େ ହାପି ନ୍ୟୁ ଇୟର


ଅଙ୍କିତା

ହାପି ନ୍ୟୁ ଇୟରକୁ କେହି କ'ଣ କେବେ ଭୁଲିପାରେ ? କାରଣ ଏହି ଦିନକୁ ସମଗ୍ର ବିଶ୍ୱରେ ବେଶ୍ ଆନନ୍ଦ ଉତ୍ସାହର ସହ ସ୍ୱାଗତ କରାଯାଇଥାଏ । ହେଲେ ଏଠାରେ ଯେଉଁ ହାପି ନ୍ୟୁ ଇୟର କଥା କୁହାଯାଉଛି ତାହା ଅଲଗା । ଏହାର ସମ୍ପର୍କ ମନୋରଞ୍ଜନ ଜଗତ ସହ ରହିଛି । ହଁ, ଏହା ହେଉଛି ଏକ ହିନ୍ଦୀ ସିନେମାର ଟାଇଟଲ, ଯାହାର ମୁଖ୍ୟ ଭୂମିକାରେ ଶାହରୁଖ୍ ଖାଁ ଅଭିନୟ କରିଥିଲେ । ଏହାର କାଷ୍ଟିଂ ସମୟର ଘଟଣାକୁ ଭୁଲିପାରୁନାହାନ୍ତି ଅଙ୍କିତା ଲୋଖାଣ୍ଡେ । କଥା କ'ଣ କି, କୋରିଓଗ୍ରାଫର-କମ୍-ନିର୍ଦ୍ଦେଶକ ଫରହା ଖାଁଙ୍କ ନିର୍ଦ୍ଦେଶିତ ଏହି ଫିଲ୍ମରେ ନାୟିକା ସାଜିବାକୁ ପ୍ରଥମେ ଅଙ୍କିତା ଲୋଖାଣ୍ଡେଙ୍କୁ ଅଫର ଦିଆଯାଇଥିଲା । କିନ୍ତୁ କିଛିଦିନ ପରେ ଚକ ଏମିତି ଓଲଟିଗଲା ଯେ ଦେଖିଲାବେଳକୁ ଅଙ୍କିତାଙ୍କୁ କାଷ୍ଟିଂରୁ ଆଉଟ୍ କରିଦିଆଯାଇଛି । ତାଙ୍କ ସ୍ଥାନରେ ଦୀପିକା ପାଦୁକୋନ୍‌ଙ୍କୁ ନିଆଯାଇଥିଲା । 'ଯେତେବେଳେ ମୋତେ ଏହି ଅଫରଟି ମିଳିଥିଲା ସେତେବେଳେ ମୁଁ ଏତେ ଖୁସି ହୋଇଯାଇଥିଲି ଯେ ତାହାକୁ ବର୍ଣ୍ଣନା କରିପାରିବି ନାହିଁ । ହେଲେ ପରେ ମୋତେ କାଷ୍ଟିଂରୁ କାହିଁକି ବାଦ୍ ଦିଆଗଲା ତାହା ମୁଁ ଏବେ ବି ଜାଣିପାରୁନି ।' ଅଙ୍କିତାଙ୍କ ଅଭିନୀତ ହିନ୍ଦୀ ସିନେମା 'ସ୍ୱତନ୍ତ୍ର ବୀର୍ ସବରକର' ଚଳିତବର୍ଷ ମେ' ୨୬ରେ ରିଲିଜ ହେବ । ଏଥିରେ ତାଙ୍କର ନାୟକ ସାଜିଛନ୍ତି ରଣଦୀପ ହୁଡା ।

# ପ୍ରିୟଙ୍କାଙ୍କ ପାଇଁ...

କିଆରା ଆଡ୍‌ୱାନୀ ବଲିଉଡ୍‌ରେ ନିଜ ଆକ୍ଟିଂ କ୍ୟାରିୟରକୁ ଆଗେଇ ନେଉଛନ୍ତି । ପୁଣି ନିକଟରେ ଅଭିନେତା ସିଦ୍ଧାର୍ଥ ମାଲ୍‌ହୋତ୍ରାଙ୍କ ସହ ତାଙ୍କର ବିବାହ ସମ୍ପନ୍ନ ହୋଇସାରିଛି । ଅଭିନୟ ଦୁନିଆରେ ପାଦ ଥାପିବା ପଛରେ ଜଣଙ୍କର ଅବଦାନକୁ ସେ ଏବେ ବି ସ୍ମରଣ କରନ୍ତି । ଏ ନେଇ ସେ କାହାକୁ ଶ୍ରେୟ ଦିଅନ୍ତି ଜାଣନ୍ତି ? ପ୍ରିୟଙ୍କା ଚୋପ୍ରା । ଏ ବିଷୟରେ କିଆରା କହନ୍ତି, 'ଥରେ ମୁଁ ପ୍ରିୟଙ୍କା ଅଭିନୟ କରିଥିବା 'ଅଞ୍ଜାନା ଅଞ୍ଜାନୀ' ଶୁଟିଂ ସେଟ୍‌କୁ ଯାଇଥାଏ । ସେଠାରେ ତାଙ୍କର କେଇପଦ କଥା ମୋତେ ଅଭିନୟକୁ କ୍ୟାରିୟର କରିବାକୁ ବାଧ୍ୟ କରିଥିଲା । ଏ ନେଇ ତାଙ୍କୁ ଯେତେ ଧନ୍ୟବାଦ ଦେବି ତାହା କମ୍ ହେବ ।' କିଆରାଙ୍କ ଅଭିନୀତ ପ୍ରଥମ ସିନେମା ଥିଲା 'ଫୁଗ୍‌ଲି' । ଫିଲ୍ମଟି ଅବଶ୍ୟ ବକ୍ସ ଅଫିସ୍‌ରେ ଫ୍ଲପ୍ ସାବ୍ୟସ୍ତ ହୋଇଥିଲା । ହେଲେ ସେଥିରେ ଭାଙ୍ଗିପଡ଼ି ନ ଥିଲେ କିଆରା । ଏପର୍ଯ୍ୟନ୍ତ ସେ ଅଭିନୟ କରିଥିବା ପ୍ରମୁଖ ସିନେମାଗୁଡ଼ିକ ହେଲା- 'ଏମ୍.ଏସ୍. ଧୋନି-ଦ ଅନ୍‌ଟୋଲ୍ଡ ଷ୍ଟୋରି', 'କବୀର ସିଂ', 'ଗୁଡ୍‌ନ୍ୟୁଜ୍', 'ଇନ୍ଦୁ କି ଜୱାନୀ', 'ଭୁଲ୍ ଭୁଲେୟାଁ-୨' ଏବଂ 'ଗୋବିନ୍ଦା ନାମ ମେରା' । ଅନ୍ୟପକ୍ଷରେ କାର୍ତ୍ତିକ ଆର୍ଯ୍ୟନ ଏବଂ କିଆରା ଅଭିନୀତ 'ସତ୍ୟପ୍ରେମ କି କଥା' ଚଳିତବର୍ଷ ଜୁନ୍ ୨୯ରେ ରିଲିଜ୍ ହେବାର ଯୋଜନା ରହିଛି ।


କିଆରା

## ଅପେରା ହାଲ୍‌ଚାଲ୍

# ରାଜ୍ କରୁଛନ୍ତି ସୁବାସ

ଜଲିଉଡ୍‌ର ଅନ୍ୟତମ ଅଲ୍‌ରାଉଣ୍ଡର ସୁବାସ ବେହେରାଙ୍କୁ ନେଇ ଚର୍ଚ୍ଚା । ଚଳିତ ବର୍ଷ ସେ ଅଭିନୟ କରିଥିବା ନାଟକଗୁଡିକ ତାଙ୍କ କ୍ୟାରିୟରକୁ ବେଶ୍ ମାଇଲେଜ୍ ଦେଇଛି । ବିଶେଷ ଭାବରେ ଏଥର ଖଣ୍ଡଗିରି ମେଳାରେ ତାଙ୍କ ଅଭିନୀତ ତଥା ଅପେରା ସୂର୍ଯ୍ୟମନ୍ଦିରର 'ଗୁମୁରି ଗୁମୁରି କାହାଣୀ କାନ୍ଦେ' ଦର୍ଶକାଦୃତ ହୋଇଥିଲା । ଗଣେଶ ରାଉତଙ୍କ ରଚନା ଏବଂ ଗୁରୁ ପ୍ରସାଦ ମିଶ୍ରଙ୍କ ନିର୍ଦ୍ଦେଶନା ସହ ସୁବାସଙ୍କ ନିଖୁଣ ଅଭିନୟ ନାଟକଟିକୁ ସଫଳତାର ଶୀର୍ଷରେ ପହଞ୍ଚାଇବାରେ ସକ୍ଷମ ହୋଇଥିଲା । ଏ ନେଇ ସୁବାସ କୁହନ୍ତି, 'ଅପେରା ଜଗତରେ ଦେଖୁ ଦେଖୁ ୨୮ ବର୍ଷ ଅତିକ୍ରାନ୍ତ ହୋଇଗଲାଣି । ମଡର୍ନ ଅପେରାର ନାଟକ 'ବାହା ଦେବି ତୋତେ ରଜା ପୁଅକୁ' ପାଖରୁ ମୋର ଇନିଂସ୍ ଆରମ୍ଭ । ୟା ଭିତରେ ମୁଁ ଯେଉଁ ନାଟକଗୁଡିକରେ ଅଭିନୟ କରିଛି ଏବଂ ସଫଳତା ପାଇଛି ତାହା ସମ୍ଭବ ହୋଇଛି କେବଳ ଦର୍ଶକମାନଙ୍କ ପାଇଁ । ଆସନ୍ତାକାଲି(ମାର୍ଚ୍ଚ ୩)ଗୌରୀ ଗଣନାଟ୍ୟ ପରିବେଷିତ ଏବଂ ମୁଁ ଅଭିନୟ କରିଥିବା ସୁପରହିଟ୍ ନାଟକ 'ବାଜିବ ଲୋ ସାହାନାଇ' ଓଡ଼ିଆ ସିନେମା ଭାବେ ରିଲିଜ୍ ହେଉଛି-ଯାହା ଏକ ଖୁସିର ବିଷୟ ।' ଚଳିତ ବର୍ଷ ସୂର୍ଯ୍ୟମନ୍ଦିରର ପରିବେଷିତ 'ଭୁଲିଯା ଯାହା ଭୁଲ୍ ହୋଇଛି' ଏବଂ 'ଯମ ଯନ୍ତ୍ରଣା' ମଧ୍ୟ ସୁବାସଙ୍କ ଜଲିଉଡ୍ କ୍ୟାରିୟର ପାଇଁ ଶୁଭପ୍ରଦ ସାବ୍ୟସ୍ତ ହୋଇଛି ।


ସୁବାସ

— ପରଦାରେ ଦ୍ୱିମୁଖୀ ଲଢ଼େଇ —


'ବାପା ସୁପରମ୍ୟାନ୍' ଫିଲ୍ମର ଏକ ଦୃଶ୍ୟରେ ସୁପ୍ରିୟା-ସିଦ୍ଧାନ୍ତ-ଶୁଭମ

# ବାପା ସୁପରମ୍ୟାନ୍ ବନାମ ବାଜିବ ଲୋ ସାହାନାଇ

ଆସନ୍ତାକାଲି ଅର୍ଥାତ୍ ଚଳିତ ମାସ ୩ ତାରିଖରେ ଦୁଇଟି ଓଡ଼ିଆ ସିନେମା ପରଦା ଉପରକୁ ଆସୁଛି । ଏହି ଫିଲ୍ମଦ୍ୱୟର ଟାଇଟଲ ରହିଛି 'ବାଜିବ ଲୋ ସାହାନାଇ' ଏବଂ 'ବାପା ସୁପରମ୍ୟାନ୍' । ନବାଗତ ପ୍ରଯୋଜକ ଜନ୍ମେଜୟ ଡଗରାଙ୍କ ପ୍ରଯୋଜିତ ତଥା ଜଲିଉଡ୍‌ର ଆଗଧାଡ଼ିର ନାଟ୍ୟକାର ତଥା ନିର୍ଦ୍ଦେଶକ ଆଶୁତୋଷ ମହାପାତ୍ରଙ୍କ ନିର୍ଦ୍ଦେଶନାରେ ନିର୍ମିତ ହୋଇଛି 'ବାଜିବ ଲୋ ସାହାନାଇ' । ସମାନ ଟାଇଟଲବିଶିଷ୍ଟ ଏବଂ ସୁପରହିଟ୍ ଅପେରା ନାଟକକୁ ଚଳଚ୍ଚିତ୍ର ରୂପ ଦିଆଯାଇଛି । ଏହାର ନିର୍ଦ୍ଦେଶନା ଦେବା ସହ କାହାଣୀ ଏବଂ ଚିତ୍ରନାଟ୍ୟ ରଚନା କରିଛନ୍ତି ନିଜେ ଆଶୁତୋଷ । ଆର୍‌ଜେଡି ଆର୍ଟସ ବ୍ୟାନରରେ ଏହି ଫିଲ୍ମରେ ସମ୍ବିତ୍, ଅମ୍ଳାନ କୁମାର, ଝିଲିକ୍, ରାଇମୋହନ, ଅଶ୍ରୁମୋଚନ ମହାନ୍ତି, ଆଶୁତୋଷ, ଭୂପତି ତ୍ରିପାଠୀ, ସୁମନ, ପ୍ରତିଭା ପଣ୍ଡା, ଜୟୀରାମ ସାମଲ ଏବଂ ଅପେରା ଅଭିନେତା ହୃଷୀକେଶ ମିଶ୍ର ଅଭିନୟ କରିଛନ୍ତି । ଗୀତଗୁଡ଼ିକୁ ସ୍ୱର ଦେଇଛନ୍ତି ଅମୃତାଂଶୁ-ତାପସ । ଅନ୍ୟପକ୍ଷରେ ଓମ୍‌କାର ଏଣ୍ଟରଟେନ୍‌ମେଣ୍ଟ ବ୍ୟାନରରେ ଏବଂ ରଶ୍ମିପ୍ରଭା ପାଣିଙ୍କ ପ୍ରଯୋଜନାରେ ପ୍ରସ୍ତୁତ ହୋଇଛି 'ବାପା ସୁପରମ୍ୟାନ୍' । ଏହାର କାହାଣୀ, ଚିତ୍ରନାଟ୍ୟ ସହ ସଂଳାପ ରଚନା କରିଛନ୍ତି ପ୍ରିୟବ୍ରତ ପଣ୍ଡା । ଗୁରୁ ଶତପଥୀଙ୍କ ରଚିତ ଗୀତଗୁଡ଼ିକୁ ସ୍ୱରରେ ସଜାଇଛନ୍ତି ସୌମିତ୍ରୀ ପଲାଇ । ଫିଲ୍ମଟିର ନିର୍ଦ୍ଦେଶନା ଦେଇଛନ୍ତି ଓଲିଉଡ୍‌ର ଆଗଧାଡ଼ିର ନିର୍ଦ୍ଦେଶକ ସୁଧାଂଶୁ ମୋହନ ସାହୁ । ଏହି ଫିଲ୍ମର ଟାଇଟଲ ଭୂମିକାରେ ସିଦ୍ଧାନ୍ତ ମହାପାତ୍ରଙ୍କୁ ଦେଖିବାକୁ ମିଳିବ । ତାଙ୍କ ବ୍ୟତୀତ ସୋଫିଆ ଆଲାମ୍, ଶମ୍ଭୁ ହୋତା, ସୁପ୍ରିୟା, ପ୍ରକାଶ, ପ୍ରଜ୍ଞା, ଶୁଭ୍ରାଂଶୁ ଏବଂ ଶିଶୁ କଳାକାର ଶୁଭମ୍ ପଣ୍ଡା, ତ୍ରିଶା, ରିଷିକ ଏବଂ ତେଜ୍ ମଧ୍ୟ ଅଭିନୟ କରିଛନ୍ତି । ତେବେ ଗୋଟିଏ ତାରିଖରେ ପରଦା ଉପରକୁ ଆସୁଥିବା ଏହି ଫିଲ୍ମଦ୍ୱୟ ଦର୍ଶକଙ୍କୁ କେତେ ପ୍ରଭାବିତ କରୁଛି, ତାହା ଦେଖିବାକୁ ବାକି ରହିଲା ।


'ବାଜିବ ଲୋ ସାହାନାଇ' ଫିଲ୍ମରେ ଅମ୍ଳାନ-ଝିଲିକ୍

# ବଡ଼ ବ୍ରେକ୍‌କୁ ଅପେକ୍ଷା

ମଡେଲିଂ ଜଗତରେ ପାଦ ଦେବା ପରେ ଅଭିନୟ ପ୍ରତି ତାଙ୍କର ଆଗ୍ରହ ସୃଷ୍ଟି ହୋଇଥିଲା । ତା'ପରେ ସେ ସ୍ୱର୍ଗତ ଅଜିତ ଦାସଙ୍କ ନାଟ୍ୟାନୁଷ୍ଠାନ 'ଅଜିତ'ରେ ଆକ୍ଟିଂ ଶିକ୍ଷା କରିବା ସହିତ କେତେକ ଥିଏଟର ନାଟକ ଏବଂ ଚଳଚ୍ଚିତ୍ରରେ ଅଭିନୟ କରିସାରିଛନ୍ତି । ସେ ହେଲେ ବିଭାସ । ତାଙ୍କ ଅଭିନୀତ ସିନେମାଗୁଡିକ ହେଲା, 'ମନର ମାନସୀ' , 'ଏ ଦିଲ୍ ତତେ ଦେଲି', 'ଜଙ୍ଗଲରାଜ୍' ଏବଂ ରିଲିଜ ଅପେକ୍ଷାରେ ଥିବା 'ମିଶ୍ରି' । ନିଜ କ୍ୟାରିୟର ସମ୍ପର୍କରେ ବିଭାସ କୁହନ୍ତି, 'ଅଜିତ୍ ସାର୍‌ଙ୍କ ପ୍ରେରଣା ହିଁ ମୋତେ ଆଜି ଏପର୍ଯ୍ୟନ୍ତ ଆଣିବାରେ ସକ୍ଷମ ହୋଇଛି । ସେ ସିନା ଆମକୁ ଛାଡ଼ି ଚାଲିଯାଇଛନ୍ତି, ହେଲେ ସେ ସବୁବେଳେ ମୋ ପାଖରେ ଅଛନ୍ତି । ବର୍ତ୍ତମାନ ସୁଦ୍ଧା ମୁଁ ଭିନ୍ନ ଭିନ୍ନ ଭୂମିକାରେ ଅଭିନୟ କରିସାରିଛି, ହେଲେ ବଡ଼ ପରଦାରେ ଏକ ବଡ଼ ତଥା ଦମ୍‌ଦାର ବ୍ରେକ୍ ଅପେକ୍ଷାରେ ଅଛି ।' ତେବେ ସିନେମାରେ ଆଗକୁ ବିଭାସ କି କମାଲ୍ କରୁଛନ୍ତି, ତାହା ଦେଖିବାକୁ ବାକି ରହିଲା ।


ବିଭାସ

# ବୱାଲ

କଥାରେ ଅଛି, ପୁରୁଷଙ୍କ ସଫଳତା ପଛରେ ନାରୀର ହାତ ଥାଏ । ଠିକ୍ ସେମିତି ଏକ ନିପଟ ମଫସଲରେ ରହୁଥିବା ଯୁବକର ଆଖିରେ ଆଖିଏ ସ୍ୱପ୍ନ । ସେ ନିଜ ଜୀବନରେ ସଫଳତା ହାସଲ କରିବାକୁ ଚାହୁଁଛି । ଗାଁରୁ ସହରକୁ ଯିବା ପରେ ସେଠାରେ ଜଣେ ସୁନ୍ଦରୀ ସଂସ୍ପର୍ଶରେ ଆସିଛି । ତା' ସହ ଭେଟ ହେବା ପରେ ଯୁବକ ମନରେ ଧାରଣା ଆସିଛି ଯେ, ଏହି ଯୁବତୀ ହିଁ ତାକୁ ହାତଧରି ସଫଳତାର ରାସ୍ତାରେ ନେଇଯାଇପାରିବ । ଆଉ ଏଭଳି ଏକ କାହାଣୀକୁ ନେଇ ନିର୍ମିତ ହୋଇଛି ହିନ୍ଦୀ ସିନେମା 'ବୱାଲ' । ନିତେଶ ତିୱାରୀଙ୍କ ନିର୍ଦ୍ଦେଶିତ ଏହି ଫିଲ୍ମରେ ବରୁଣ ଧାୱନଙ୍କ ଅପୋଜିଟ୍‌ରେ ଅଛନ୍ତି ଜାହ୍ନବୀ କପୁର । ଫିଲ୍ମଟି ଚଳିତ ବର୍ଷ ଏପ୍ରିଲ ୭ରେ ପରଦା ଉପରକୁ ଆସିବ ।


ଜାହ୍ନବୀ

## ଛୋଟ ପରଦା

# ସୁନା ଝିଅ

ଅନ୍ୟତମ ଲୋକପ୍ରିୟ ଚ୍ୟାନେଲ ଜୀ-ସାର୍ଥକରେ ବର୍ତ୍ତମାନ ପ୍ରସାରିତ ହେଉଛି ମେଗା ଧାରାବାହିକ 'ସୁନା ଝିଅ' । ଏହାର ଦମ୍‌ଦାର କାହାଣୀ ଏବଂ ଗୌରୀଶଙ୍କର ଦାସଙ୍କ ବଳିଷ୍ଠ ନିର୍ଦ୍ଦେଶନା ଧାରବାହିକଟିକୁ ଦର୍ଶକାଦୃତ କରିବାରେ ସକ୍ଷମ ହୋଇଛି । ସଫଳତାର ଗୋଟିଏ ପରେ ଗୋଟିଏ ପାହାଚ ଚଢୁଥିବା ଏହି ଧାରାବାହିକର ୨୪୩ତମ ଏପିସୋଡ୍ ପ୍ରାସାରିତ ହୋଇସାରିଛି । ଏଭଳି ସଫଳତା ପରେ ଜୀ ସାର୍ଥକ ଚ୍ୟାନେଲର ମୁଖ୍ୟ ପ୍ରତୀକ ସିଲ୍ କହନ୍ତି, 'କଳାକାରଙ୍କ ଅଭିନୟ, ନିଖୁଣ ନିର୍ଦ୍ଦେଶନା ଏବଂ ଦର୍ଶକଙ୍କ ଭଲପାଇବା ଏହି ଧାରାବାହିକଟିକୁ 'ଓଡ଼ିଶାର ସୁନା ଝିଅ' ଭାବରେ ପରିଚିତ କରାଇପାରିଛି । ଓଡ଼ିଶାରେ ମନୋରଞ୍ଜନ କ୍ଷେତ୍ରରେ ଜୀ ସାର୍ଥକ ସବୁବେଳେ ନମ୍ବର ୱାନ୍ ରହିଆସିଛି ଏବଂ ଏହି ଧାରାକୁ ବଜାୟ ରଖିବାକୁ ଉଦ୍ୟମ ମଧ୍ୟ ଜାରି ରହିବ ।' 'ସୁନା ଝିଅ' ହେଉଛି ଆମ ଓଡ଼ିଆ ଘରର ଏକ ନିଛକ କାହାଣୀ । ମା'ର ସୁରକ୍ଷା ଓ ସମ୍ମାନ ପାଇଁ କିଭଳି ଝିଅ ନିଜକୁ ପ୍ରସ୍ତୁତ କରିଛି ତାହା ଏହି ମେଗା ଧାରାବାହିକରେ ଦେଖିବାକୁ ମିଳିଛି । ଉକ୍ତ ଧାରାବାହିକଟି ସୋମବାରରୁ ଶନିବାର ସନ୍ଧ୍ୟା ୭ଟା ୩୦ରେ ପ୍ରସାରିତ ହେଉଛି । ଗୌରୀଶଙ୍କର ଦାସ ଏବଂ ରୋହିତ ଗାନ୍ଧୀଙ୍କ ପ୍ରଯୋଜିତ ଏହି ଧାରାବାହିକର ପ୍ରମୁଖ ଭୂମିକାରେ ଅର୍ପିତା, ଏଲି, ଚନ୍ଦନ, ମାନସ, ଅଙ୍କିତା, ପ୍ରେମ, ଅମର, ଅନନ୍ଦିତା, ମାମାଲି ପ୍ରମୁଖ କଳାକାର ଅଭିନୟ କରିଛନ୍ତି ।


ଅଙ୍କିତା-ମାନସ

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. R.N. 21326/74 Postal Regd. No. BN/42/21-23. ଭୁବନେଶ୍ୱର, ଗୁରୁବାର, ମାର୍ଚ୍ଚ ୨/୨୦୨୩ Bhubaneswar, Thursday, March 2/ 2023

# ଭାରତର ବ୍ୟାଟିଂ ବିପର୍ଯ୍ୟୟ

**ତୃତୀୟ ଟେଷ୍ଟ**

- ଟିମ୍ ଇଣ୍ଡିଆ ପ୍ରଥମ ଇନିଂସ ୧୦୯ରେ ଶେଷ
- ଅଷ୍ଟ୍ରେଲିଆ: ୧୫୬/୪

ଇନ୍ଦୋର, ୧।୩

ହୋଲକାର କ୍ରିକେଟ ଷ୍ଟାଡିୟମରେ ବୁଧବାର ଆରମ୍ଭ ହୋଇଥିବା ଅଷ୍ଟ୍ରେଲିଆ ବିପକ୍ଷ ତୃତୀୟ କ୍ରିକେଟ ଟେଷ୍ଟରେ ଭାରତ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇ ପ୍ରଥମ ଇନିଂସରେ ମାତ୍ର ୧୦୯ ରନରେ ଅଲ୍‌ଆଉଟ ହୋଇଛି। ଅଷ୍ଟ୍ରେଲିଆର ୩ ସ୍ପିନର ମାଥ୍ୟୁ କନେମନ, ନାଥାନ ଲିୟନ ଓ ଟଡ୍ ମର୍ଫି ଘରୋଇ ଦଳର ବିପର୍ଯ୍ୟୟ ଘଟାଇଛନ୍ତି। ଅନ୍ୟପକ୍ଷରେ ପ୍ରଥମ ଦିବସ ଖେଳ ଶେଷ ବେଳକୁ ଅଷ୍ଟ୍ରେଲିଆ ୪ ଉଇକେଟ ହରାଇ ୧୫୬ ରନ ସଂଗ୍ରହ କରିଛି। ଅର୍ଥାତ୍ ୬ ଉଇକେଟ ସୁରକ୍ଷିତ ଥାଇ ଅଷ୍ଟ୍ରେଲିଆ ୪୭ ରନରେ ଅଗ୍ରଣୀଲାଭ କରିଛି। ପୂର୍ବ ୨ଟି ଟେଷ୍ଟ ଅଢ଼େଇ ଦିନରେ ଶେଷ ହୋଇଥିବାବେଳେ ଏଥର ମଧ୍ୟ ତାହାର ପୁନରାବୃତ୍ତି ଘଟିବା ସମ୍ଭାବନା ଦେଖା ଦେଇଛି।

## କନେମନଙ୍କ ପ୍ରଥମ ୫ ଉଇକେଟ

ଟସ୍ ଜିତି ଭାରତ ବ୍ୟାଟିଂ ନିଷ୍ପତ୍ତି ନେଇଥିଲା। ମାତ୍ର ପିଚ୍‌ରୁ ମିଳିଥିବା ଟର୍ନ ଓ ବାଉନ୍ସରୁ ଅଷ୍ଟ୍ରେଲିଆ ସ୍ପିନରମାନେ ଭରପୂର ଫାଇଦା ଉଠାଇବାରୁ ଭାରତ ଇନିଂସ ଭୁଶୁଡ଼ି ପଡ଼ିଥିଲା। ବିରାଟ କୋହଲି ସର୍ବାଧିକ ୫୨ ବଲ୍‌ର ସମ୍ମୁଖୀନ ହୋଇପାରିଥିଲେ ଏବଂ ୨୨ ରନ କରିଥିଲେ। ଲୋକେଶ ରାହୁଲଙ୍କ ସ୍ଥାନରେ ସାମିଲ ହୋଇଥିବା ଶୁବମନ ଗିଲ୍ ୨୧ ରନ କରିବାକୁ ସକ୍ଷମ ହୋଇଥିଲେ। ନିୟମିତ ବ୍ୟବଧାନରେ ଉଇକେଟ ପଡ଼ି ଚାଲିବାରୁ ଭାରତ ଇନିଂସ ମାତ୍ର ୩୩.୨ ଓଭର ଟିଷ୍ଠିଥିଲା। ରବୀନ୍ଦ୍ର ଜାଡେଜାଙ୍କୁ ବ୍ୟାଟିଂ କ୍ରମରେ ଉପରେ ପଠାଇବାର ନିଷ୍ପତ୍ତି ଫାଇଦା ଦେବା ବଦଳରେ କ୍ଷତି ପହଞ୍ଚାଇଥିଲା। ସେ ୫ ନମ୍ବରରେ କ୍ରିଜ୍‌କୁ ଆସିଥିଲେ ହେଁ ମାତ୍ର ୪ ରନ କରିବାକୁ ସକ୍ଷମ ହୋଇଥିଲେ। ଅଷ୍ଟ୍ରେଲିଆ ପକ୍ଷରୁ କ୍ୟାରିୟରର ଦ୍ୱିତୀୟ ଟେଷ୍ଟ ଖେଳୁଥିବା ମାଥ୍ୟୁ କନେମନ ପ୍ରଥମଥରପାଇଁ ୫ ଉଇକେଟ ସଫଳତା ପାଇଥିଲେ। ସେ ଅଧିନାୟକ ରୋହିତ ଶର୍ମା(୧୨)ଙ୍କ ସମେତ ଗିଲ୍, ଶ୍ରେୟସ ଆୟାର (୦), ରବିଚନ୍ଦ୍ରନ ଅଶ୍ୱିନ (୩) ଓ ଉମେଶ ଯାଦବ (୧୭)ଙ୍କ ଉଇକେଟ ନେଇ ନିଜ ସ୍ପେଲ୍‌କୁ ସ୍ମରଣୀୟ କରିଥିଲେ। ଅନ୍ୟତମ ସ୍ପିନର ନାଥାନ ଲିୟନ ୩ଟି ଓ ଟଡ୍ ମର୍ଫି ଗୋଟିଏ ଉଇକେଟ ନେଇଥିଲେ।


ଉଇକେଟ ନେବାପରେ ମାଥ୍ୟୁ କନେମନ(ବାମରୁ ଦ୍ୱିତୀୟ)ଙ୍କୁ ସାଥୀ ଖେଳାଳିଙ୍କ ବଧେଇ।

**ତୃତୀୟ ଦୃଷ୍ଟାନ୍ତ**

ଇନ୍ଦୋରର ହୋଲକାର ଷ୍ଟାଡିୟମ ପିଚ୍‌ରେ ଭାରତ ଦୁଇ ସ୍ପିନର ରବିଚନ୍ଦ୍ରନ ଅଶ୍ୱିନ ଓ ରବୀନ୍ଦ୍ର ଜାଡେଜାଙ୍କ ମାଧ୍ୟମରେ ବୋଲିଂ ଓପନ କରିଥିଲା। ଭାରତୀୟ ଟେଷ୍ଟ ଇତିହାସରେ ତୃତୀୟ ଥରପାଇଁ ଏହା ଦେଖିବାକୁ ମିଳିଥିଲା।

**୧୯୬୩-୬୪:** ଏମ୍.ଏଲ୍. ଜୟସୀମା-ସଲିମ ଦୁରାନୀ ବନାମ ଇଂଲଣ୍ଡ, କାନପୁର।
**୨୦୧୨-୧୩:** ରବିଚନ୍ଦ୍ରନ ଅଶ୍ୱିନ- ପ୍ରଜ୍ଞାନ ଓଝା ବନାମ ଇଂଲଣ୍ଡ, ମୁମ୍ବାଇ।
**୨୦୨୨-୨୩:** ରବିଚନ୍ଦ୍ରନ ଅଶ୍ୱିନ- ରବୀନ୍ଦ୍ର ଜାଡେଜା ବନାମ ଅଷ୍ଟ୍ରେଲିଆ, ଇନ୍ଦୋର।

## ଖ୍ୱାଜାଙ୍କ ଅର୍ଦ୍ଧଶତକରେ ଅଷ୍ଟ୍ରେଲିଆ ଦୃଢ଼

ଭାରତ ଇନିଂସ ଶେଷ ହେବାପରେ ପଡ଼ିଆକୁ ଓହ୍ଲାଇଥିବା ଅଷ୍ଟ୍ରେଲିଆ ଯଦିଓ ୧୨ ରନରେ ଓପନର ଟ୍ରାଭିସ ହେଡ୍‌ଙ୍କ ଉଇକେଟ ହରାଇଥିଲା ତେବେ ଦ୍ୱିତୀୟ ଉଇକେଟରେ ଉସମାନ ଖ୍ୱାଜା ଓ ମାର୍ନସ ଲାବୁସେନଙ୍କ ୯୬ ରନର ଭାଗୀଦାରି ବଳରେ ଅଗ୍ରଣୀ ହାସଲ କରି ନେଇଥିଲା। ଲାବୁସେନ ୩୧ ରନକରି ଆଉଟ ହୋଇଥିବାବେଳେ ଖ୍ୱାଜା ଅର୍ଦ୍ଧଶତକ ହାସଲ କରି ଅଷ୍ଟ୍ରେଲିଆ ସ୍ଥିତିକୁ ମଜଭୁତ କରିଥିଲେ। ସେ ଦୃଢ଼ତାର ସହ ୧୪୭ଟି ବଲ୍ ଖେଳି ୪ ଚୌକା ସହାୟତାରେ ୬୦ ରନ ସ୍କୋର କରିଥିଲେ। ଏହି ଟେଷ୍ଟରେ ଅଧିନାୟକ ଦାୟିତ୍ୱ ତୁଲାଉଥିବା ଷ୍ଟିଭେନ ସ୍ମିଥ ୨୬ ରନ କରିଥିଲେ। ଭାରତ ପକ୍ଷରୁ ୪ଟି ଯାକ ଉଇକେଟ ରବୀନ୍ଦ୍ର ଜାଡେଜା ଅକ୍ତିଆର କରିଥିଲେ। ଚଳିତ ସିଜନରେ ଚମତ୍କାର ଫର୍ମରେ ଥିବା ଜାଡେଜା ବ୍ୟାଟିଂରେ ବିଫଳ ହୋଇଥିଲେ ହେଁ ବୋଲିଂରେ ଦକ୍ଷତା ଦେଖାଇଛନ୍ତି।

**ସଂକ୍ଷିପ୍ତ ସ୍କୋର**

ଭାରତ ପ୍ରଥମ ଇନିଂସ: ୧୦୯/ଅଲ୍‌ଆଉଟ (ବିରାଟ କୋହଲି-୨୨, ଶୁବମନ ଗିଲ-୨୧, ମାଥ୍ୟୁ କନେମନ-୫/୧୬, ନାଥାନ ଲିୟନ-୩/୩୫, ଟଡ୍ ମର୍ଫି-୧/୨୩)। ଅଷ୍ଟ୍ରେଲିଆ ପ୍ରଥମ ଇନିଂସ: ୧୫୬/୪ (ଉସମାନ ଖ୍ୱାଜା-୬୦, ମାର୍ନସ ଲାବୁସେନ-୩୧, ଷ୍ଟିଭେନ ସ୍ମିଥ-୨୬, ରବୀନ୍ଦ୍ର ଜାଡେଜା-୪/୬୩)।

## ଇନ୍ଦୋର ଟେଷ୍ଟ ପ୍ରଥମ ଦିବସର ମୁଖ୍ୟାଂଶ

- ରୋହିତ ଶର୍ମା ପ୍ରଥମ ଓଭରରେ ୨ ଥର ଆଉଟ ହେବା ସ୍ଥିତିରେ ଥିଲେ ମଧ୍ୟ ଅଷ୍ଟ୍ରେଲିଆ ରିଭ୍ୟୁ ନେଇ ନ ଥିଲା। ତଥାପି ରୋହିତ ବଡ଼ ସ୍କୋର କରିପାରି ନ ଥିଲେ।
- ରବୀନ୍ଦ୍ର ଜାଡେଜାଙ୍କୁ ବ୍ୟାଟିଂ କ୍ରମରେ ଉପରେ ପଠାଇବା ନିଷ୍ପତ୍ତି ବୁମେରାଂ ସାଜିଥିଲା।
- କ୍ରମାଗତ ବ୍ୟବଧାନରେ ଉଇକେଟ ପତନ ଯୋଗୁ ଭାରତ ଇନିଂସ ୪୪/୪, ୮୮/୮ ଓ ୧୦୯ରେ ଶେଷ ହୋଇ ଯାଇଥିଲା।
- ମାଥ୍ୟୁ କନେମନ ପ୍ରଥମଥରପାଇଁ ୫ ଉଇକେଟ ସଫଳତା ପାଇଥିଲେ।
- ମାର୍ନସ ଲାବୁସେନ ଖାତା ଖୋଲିବା ପୂର୍ବରୁ ଜାଡେଜାଙ୍କ ବଲ୍‌ରେ ବୋଲ୍ଡ ହୋଇଥିଲେ, ମାତ୍ର ଏହା ନୋ-ବଲ ଥିଲା।
- ଦ୍ୱିତୀୟ ଉଇକେଟରେ ଖ୍ୱାଜା ଓ ଲାବୁସେନଙ୍କ ଭାଗୀଦାରି ଚଳିତ ସିରିଜରେ ଅଷ୍ଟ୍ରେଲିଆ ପାଇଁ ସର୍ବାଧିକ ଥିଲା।
- ଷ୍ଟମ୍ପ ପ୍ରତ୍ୟାହୃତ ହେବାପାଇଁ ୬ ଓଭର ବାକିଥିବାବେଳେ ବିପଜ୍ଜନକ ଷ୍ଟିଭ୍ ସ୍ମିଥଙ୍କୁ ଆଉଟ କରି ଜାଡେଜା ଘରୋଇ ଦଳ ପାଇଁ ଆଶ୍ୱସ୍ତି ଆଣିଥିଲେ।
- ଭାରତ ଆବେଦନ କରିଥିବା ୩ଟି ଯାକ ରିଭ୍ୟୁ ହରାଇଥିଲା। ୩ଟି ଯାକ ରିଭ୍ୟୁ ଜାଡେଜାଙ୍କ ବୋଲିଂରେ ହିଁ ହୋଇଥିଲା।

# କଳିଙ୍ଗରେ ଫାୟାର ଆର୍ମ ଟ୍ରେନିଂ ପ୍ରୋଗ୍ରାମ


ଫାୟାର ଆର୍ମ ଟ୍ରେନିଂ ସାର୍ଟିଫିକେଟ ପ୍ରୋଗ୍ରାମରେ କୃତକାର୍ଯ୍ୟ ପ୍ରଶିକ୍ଷାର୍ଥୀମାନେ କର୍ମକର୍ତ୍ତାଙ୍କ ସହ।

ଭୁବନେଶ୍ୱର, ୧।୩ (କ୍ରୀଡ଼ା ପ୍ରତିନିଧି)

କଳିଙ୍ଗ ଷ୍ଟାଡିୟମର ୫୦ ମିଟର ଫାୟାର ଆର୍ମ ଶୁଟିଂ ରେଞ୍ଜରେ ଫାୟାର ଆର୍ମ ଟ୍ରେନିଂ ସାର୍ଟିଫିକେଟ ପ୍ରୋଗ୍ରାମ ଅନୁଷ୍ଠିତ ହୋଇଯାଇଛି। ସପ୍ତମ ବ୍ୟାଚ୍‌ରେ ମୋଟ ୨୫ ପ୍ରଶିକ୍ଷାର୍ଥୀ ସଫଳତାର ସହ ଉତ୍ତୀର୍ଣ୍ଣ ହୋଇ ପ୍ରମାଣପତ୍ର ହାସଲ କରିଛନ୍ତି। ଓଡ଼ିଶା ରାଇଫଲ ସଂଘର ଯୁଗ୍ମ ସମ୍ପାଦକ ତଥା ଆଇଏସ୍ଏସ୍ଏଫ୍ ଓ ଏନ୍ଆଇଏସ୍ କୋଚ୍ ଆଶିଷ ନାୟକ ପ୍ରଶିକ୍ଷଣ ଦେଇଥିଲେ। ୩ ଦିନିଆ ଶିବିରରେ ଶୁଟରମାନଙ୍କୁ ରାଇଫଲ, ପିସ୍ତଲ, ଶଟ୍‌ଗନ୍ ସମ୍ବନ୍ଧୀୟ ଜ୍ଞାନ, ବ୍ୟବହାର ବିଧି, ସୁରକ୍ଷା ନିୟମ, ବନ୍ଧୁକର ଯତ୍ନ ଏବଂ ଏହାର ଚାଳନା ସମ୍ପର୍କରେ ପ୍ରଶିକ୍ଷଣ ଦିଆଯାଇଥିଲା। କୃତକାର୍ଯ୍ୟ ପ୍ରଶିକ୍ଷାର୍ଥୀଙ୍କୁ ଓଡ଼ିଶା ରାଇଫଲ ସଂଘର ସମ୍ପାଦକ ହରିପ୍ରସାଦ ପଟ୍ଟନାୟକ ପ୍ରମାଣପତ୍ର ପ୍ରଦାନ କରିଥିଲେ। ସଫଳ ପ୍ରଶିକ୍ଷାର୍ଥୀମାନେ ହେଲେ ଆକାଶ ଦେମ୍ଭେଲେ, ପରବେଜ ଅଲୀ ଖାଁ, ଆନନ୍ଦ ଅଗ୍ରୱାଲ, ପ୍ରଫୁଲ୍ଲ ପ୍ରଧାନ, ଜିଗର ନାୟକ, ସୁବାସ ଚନ୍ଦ୍ର ପଟେଲ, ରାଜେଶ ନାୟାର, ଦୀପକ ବେହେରା, ସୂର୍ଯ୍ୟ ପ୍ରକାଶ ଶର୍ମା, ଅରବିନ୍ଦ କୁମାର ମିଶ୍ର, ଶକ୍ତି ରଞ୍ଜନ ପାଣି, ଅଶୋକ ଶତପଥୀ, ଅବିନାଶ ଛାପୋଳିଆ, ସୌରାଂଶୁ ରାଉତ, ପ୍ରୀତି ରଞ୍ଜନ ଦାସ, ଦେବାଶିଷ ତ୍ରିପାଠୀ, ସୁଦାମ ଖୁଣ୍ଟିଆ, ରୁଦ୍ର ପ୍ରସାଦ ନନ୍ଦ, ନବ କିଶୋର ପୃଷ୍ଟି, ବିଭୁ ପ୍ରସାଦ ପତି, ପ୍ରଦୀପ ପରିଡ଼ା, ଭୀମସେନ ପୋଲାଇ, ଯଶଲୋକ ଭୁଟିଆ ରାଏ, ତ୍ରିଭୁବନ ବାଗ୍ ଓ ସାରଦା ପ୍ରସାଦ ପଟ୍ଟନାୟକ।




1-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ